ନଭେମ୍ବର ୨୦୧୮ • ୩୦ ଟଙ୍କା

ଆମ ମାଟିର ସ୍ୱର





New Product
HDPE Pipes
SAVE WATER!
WATER IS LIFE.
Agriculture / Irrigation / Industries / Domestic
Ohm PVC Pipes
Ohm
PVC
HDPE
Pipes & Fittings
"An ISO 9001:2008 Certified Company"
OHM PIPES PVT.LTD.
PLOT NO-D-7,8,49&50, SOMANATHPUR IID CENTRE,
BALASORE-765019, ODISHA, Ph. No : +919238100443

RNI Title Code : ODIODI 07916

# ରେବତୀ
## ଆମ ମାଟିର ସ୍ୱର

# REBATI AMA MATIRA SWARA

*(a family feature monthly odia magazine on life & literature)*

ପ୍ରଥମ ବର୍ଷ : ଦ୍ୱିତୀୟ ସଂଖ୍ୟା, ନଭେମ୍ବର, ୨୦୧୮ ■ Vol-1, Issue-2, November, 2018



ମାର୍ଗଦର୍ଶକ | Advisor
ଇଂ. ରବୀନ୍ଦ୍ର କୁମାର ଜେନା | **Er. Rabindra Kumar Jena**



ସମ୍ପାଦିକା | Editor
ଶ୍ରୀମତୀ ସୁବାସିନୀ ଜେନା | **Mrs. Subasini Jena**

ଆରାଧ୍ୟ
**ଫକୀରମୋହନ ସେନାପତି**
କଥାସମ୍ରାଟ ଓ ବ୍ୟାସକବି

■

ଉପଦେଷ୍ଟା
**ଡକ୍ଟର ପ୍ରହ୍ଲାଦ ଚରଣ ମହାନ୍ତି**
ବିଶିଷ୍ଟ ଶିକ୍ଷାବିତ୍ ଓ ସାହିତ୍ୟିକ

■

ସହଯୋଗୀ ସମ୍ପାଦକ
**କୃଷ୍ଣ କୁମାର ମହାନ୍ତି**

■

**ଅଳଂକରଣ ବିଭାଗ**


- ଚିତ୍ରକଳା : ଡ. ରଂଜନ ମଲ୍ଲିକ
- ଲେ-ଆଉଟ୍ : ଦିଲ୍ଲୀପ କୁମାର ସେଣ
- ଫଟୋଗ୍ରାଫର : ତାପସ ରାଉତ
- ଅକ୍ଷର : ନିରଞ୍ଜନ ସାହୁ
- ରେବତୀ ନାମାଙ୍କନ : ଶିଳ୍ପୀ ଶଶିକାନ୍ତ ରାଉତ

■

**ସମ୍ପାଦକୀୟ କାର୍ଯ୍ୟାଳୟ** | **Editorial Office**
ସମ୍ପାଦିକା : ରେବତୀ | Editor : **Rebati Ama Matira Swara**
ଓ.ଟି. ରୋଡ୍, ବାଲେଶ୍ୱର | O.T. Road, Balasore
ପିନ୍- ୭୫୬୦୦୧ | Pin - 756001, Odisha
ଫୋନ୍ : ୯୪୩୭୦୮୦୦୦୩ | Phone : 9437080003
୭୦୦୮୮୪୫୯୨୦ | 7008845920
E-mail : rebati.rebati2018@gmail.com

## ‘ରେବତୀ’ ଗଳ୍ପକୁ ସ୍ଥାନିତ କରନ୍ତୁ

● ବାଲେଶ୍ୱରରୁ ପ୍ରକାଶିତ ‘ରେବତୀ’ ସ୍ୱନକ୍ଷତ୍ର ସଂଖ୍ୟାର ପଢ଼ିବାର ସୁଯୋଗ ପାଇଲି । ଅଭିନନ୍ଦନ ଏଭଳି ଏକ ପତ୍ରିକା ପୁଣି କମ୍ ଦାମରେ ପ୍ରସ୍ତୁତ କରିଛନ୍ତି । ସମ୍ପାଦିକା ସୁବାସିନୀ ଜେନାଙ୍କୁ ସେଥି ନିମନ୍ତେ ଅଭିନନ୍ଦନ ଜଣାଉଛି । ସର୍ବାଙ୍ଗ ସୁନ୍ଦର କରିବା ଓ ସବୁପ୍ରକାରର ପାଠକ/ପାଠିକାଙ୍କ ରୁଚି ଅନୁଯାୟୀ ପରିବେଷଣ କରିବାର ପ୍ରୟାସ ହୋଇଛି ।




ବାଙ୍କୀର ବାଦ୍‌ଶା ଫିଚର୍ ଖୁବ୍ ଭଲଲାଗିଲା । ‘ନବପ୍ରଭାତ’ ସହ ଦେବ୍ରାଜ୍ ଲେଙ୍କାଙ୍କ ଖଟିରେ ମୁଁ ବି ଥିଲି ଏକଦା ।

ଯେହେତୁ ଫକୀରମୋହନଙ୍କ ପ୍ରଥମ ଗଳ୍ପ ତଥା ଓଡ଼ିଆ ସାହିତ୍ୟର ପ୍ରଥମ ଗଳ୍ପ ‘ରେବତୀ’ ନାଁରେ ଏ ପତ୍ରିକା ନାମିତ ହୋଇଛି, ସ୍ୱନକ୍ଷତ୍ର ସଂଖ୍ୟାରେ ସେହି ଚର୍ଚ୍ଚିତ ଗଳ୍ପ ‘ରେବତୀ’ ସ୍ଥାନ ପାଇଥିଲେ ବୋଧହୁଏ ଆହୁରି ଭଲ ହୋଇଥାନ୍ତା । ରେବତୀ ଗଳ୍ପ ସହିତ ତାର ପୃଷ୍ଠଭୂମି ଝିଅମାନଙ୍କର ପାଠପଢ଼ା ଓ ଅନ୍ଧବିଶ୍ୱାସକୁ ନେଇସୁନ୍ଦର ଆଲେଖ୍ୟ ରହିପାରିଥାନ୍ତା । ଆଶା ଆଗାମୀ ଦିନରେ ଏ ସମ୍ପର୍କରେ ଚିନ୍ତା କରିବେ । ଯଦି ସମ୍ଭବ ପ୍ରତିସଂଖ୍ୟାରେ ୧୨୦ବର୍ଷ (ରେବତୀ୧୮୯୮) ଭିତରେ ରେବତୀକୁ ନେଇ ଯେତେ ଗଳ୍ପ ଲେଖାଯାଇଛି ତାର ଗୋଟିଏ ଗୋଟିଏ ଗଳ୍ପ ପ୍ରତିସଂଖ୍ୟାରେ ଦିଅନ୍ତୁ । ଏହା ନିଶ୍ଚିତ ଭାବରେ ‘ରେବତୀ’ ପତ୍ରିକାର ନାମକରଣ ସହିତ ଏହାର ସ୍ଥିତି ଓ ଭିତ୍ତିକୁ ସୁଦୃଢ଼ ଓ ଆକର୍ଷଣ କରିବ ।

ରେବତୀର ପୃଷ୍ଠା ସଂଖ୍ୟା ୮୩ରେ ପ୍ରକାଶିତ ‘ବାରିପଦାର ବୁଦ୍ଧ’ ଆଲେଖ୍ୟ ପ୍ରତି ମୋ ମନରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସଂପୃକ୍ତ ଗୀତିକବି କେମିତି ବୁଦ୍ଧ ହେଲେ ? ଉଭୟ ଲେଖକ ଓ ସମ୍ପାଦକ ଏ ସମ୍ପର୍କରେ ଲେଖିବା, ଚିନ୍ତା କରିବା ଉଚିତ୍ ଥିଲା । ସେ ଜଣେ ଆଧୁନିକ କବି ଓ ଓଡ଼ିଆ ଚଳଚ୍ଚିତ୍ରରେ ଗୀତ ଲେଖନ୍ତି । ତାଙ୍କ ପ୍ରତିଭା ପ୍ରତି ମୋର ସମ୍ମାନ ଅଛି । ତାଙ୍କୁ ବାରିପଦାର ଗୁଲ୍‌ଜାର କି ବାରିପଦାର ହସରତ ଜୟପୁରୀ କୁହାଯାଇପାରେ । କିନ୍ତୁ ବୁଦ୍ଧ, ଗାନ୍ଧୀ, ନେହେରୁ, ଯୀଶୁ ପ୍ରଭୃତିଙ୍କ ଭଳି ମହାନ ପୁରୁଷଙ୍କ ସହିତ ତୁଳନା କଲାବେଳେ ଶହେବାର ଚିନ୍ତା କରିବା ଦରକାର । ପୁଣିଥରେ ଧନ୍ୟବାଦ ଓ ଶୁଭେଚ୍ଛା, ଦୀର୍ଘଜୀବନ କାମନା କରୁଛି ଜନ୍ମ ନେଇଥିବା ରେବତୀ ପାଇଁ ।

**ଡକ୍ଟର କବିତା ବାରିକ,** ସହଯୋଗୀ ପ୍ରଫେସର
ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ, ବାରିପଦା

**ଆମ ଉତ୍ତର : ‘ରେବତୀ’ ଗଳ୍ପ ସମେତ ଏଯାବତ୍ ‘ରେବତୀ’କୁ ନେଇ ଲେଖାଯାଇଥିବା ଗଳ୍ପମାନ ଆମେ ପ୍ରତି ସଂଖ୍ୟାରେ ଗୋଟିଏ ଲେଖାଏଁ ପ୍ରକାଶ କରିବାର ଯୋଜନା ରଖିଛୁ । ମାସ ଜାନୁଆରି ୨୦୧୯ ଠାରୁ ଏହା ଆରମ୍ଭ ହେବ । ବୁଦ୍ଧର ପ୍ରୟୋଗ ଆମେ ତୁଳନାତ୍ମକ ଢଙ୍ଗରେ କରିନାହୁଁ । ଏହାକୁ ବୁଦ୍ଧି, ଜ୍ଞାନ ବା ବିଦିତ ଅର୍ଥରେ ବୁଝିଲେ ମନରେ ଦ୍ୱିଧା ରହିବ ନାହିଁ । ପ୍ରତ୍ୟେକଙ୍କର ଚିନ୍ତାଧାରା, ବିଚାରବୋଧ ଏବଂ ଭାବନା ଭିନ୍ନ ଭିନ୍ନ ହୋଇଥାଏ ଏବଂ ସେସବୁ ପ୍ରତି ଆମର ଯଥେଷ୍ଟ ସମ୍ମାନବୋଧ ରହିଛି ।**

## ଷ୍ଟଲ୍‌ରେ ଝଲସୁଛି ‘ରେବତୀ’

● ମାଗାଜିନ୍ ଷ୍ଟଲ୍‌ରେ ଝଲସି ଉଠୁଛି ‘ରେବତୀ ଆମ ମାଟିର ସ୍ୱର’ । ଦେଖିଲା କ୍ଷଣି କିଣି ଆଣିଲି ଘରକୁ । ସୁନ୍ଦର ଗଳ୍ପ, କବିତା ଓ ଫିଚର୍ ପ୍ରଭୃତିରେ ପରିପୂର୍ଣ୍ଣ ଆଜିର ରେବତୀ । ପ୍ରଥମଥର ପାଇଁ ଗୋଟିଏ ପତ୍ରିକାରେ କଭର୍ ଫଟୋଗ୍ରାଫି କରିବାକୁ ମୋତେ ସୁଯୋଗ ଦେଇଥିବାରୁ ମୁଁ ରେବତୀ ମେଡ଼ିଆ ହାଉସ୍ ପାଖରେ କୃତଜ୍ଞ । ଆଶା କରୁଛି ଆଗାମୀ ଦିନରେ ମୁଁ ମୋର ଏହି ପ୍ରବୃତ୍ତିକୁ ଆହୁରି ପାଠକାଭିମୁଖୀ କରିପାରିବି ।

**ତାପସ ରାଉତ**
ଭୁବନେଶ୍ୱର

## ‘ବିଜୟା’ର ଅଭାବ ପୂରଣ କରିବ ‘ରେବତୀ’



● ‘ଆମ ସମୟର ରେବତୀ’ ଦେଖିବା ପରେ ନ ଲେଖି ରହିପାରୁନାହିଁ । ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରଫେସର କୃଷ୍ଣଚନ୍ଦ୍ର ପ୍ରଧାନଙ୍କ ସୌଜନ୍ୟରୁ ଜାଣିଥିଲି ଏ ପତ୍ରିକାର ପରିକଳ୍ପନା କଥା । ଏବେ ମୁଦ୍ରିତ ରୂପରେ ପତ୍ରିକାଟି ଦେଖି ବିସ୍ମିତ ହେଉଛି । ବିସ୍ମିତ ହେଉଛି ଏତେ ସୁଶୋଭିତ ପତ୍ରିକାର ମୂଲ୍ୟ ମାତ୍ର ୩୦ଟଙ୍କା ଦେଖି । ‘ବିଜୟା’ ପରେ ଏଭଳି ଏକ ଫିଚର୍ ପତ୍ରିକାର ଆବଶ୍ୟକ ଥିଲା ଓଡ଼ିଶାରେ । ପ୍ରଥମ ସଂଖ୍ୟାରୁ ଜାଣି ହେଉଛି ପତ୍ରିକାଟି ସେ ଆବଶ୍ୟକତା ପୂରଣ କରିବ । ସାମଗ୍ରିକ ଭାବେ ବଡ଼ ଆକର୍ଷଣୀୟ ହୋଇଛି ‘ରେବତୀ ଆମ ମାଟିର ସ୍ୱର’ । ଚିର ଅମଳିନ ବ୍ୟାସକବିଙ୍କ ସୃଷ୍ଟି ‘ରେବତୀ’ । ସେହି ନାମକୁ ଯୋଡ଼ିଥିବା ପତ୍ରିକା ଦୀର୍ଘଜୀବୀ ହେଉ । ଆହୁରି ଆକର୍ଷକ ହେଉ । ସୁମନାସ ସହ ।

**ଡକ୍ଟର ଗୌରିଦାସ ପ୍ରଧାନ**
ବିମଳ ହୋତା ଗଳି, ବୁଢ଼ାରଜା, ସମ୍ବଲପୁର

## ସାରସ୍ୱତ ଚିନ୍ତା ଓ ଚେତନାର ସ୍ୱର

● ରେବତୀ ଯେପରି ଫକୀରମୋହନଙ୍କ ସୃଜନ ଦିଗନ୍ତକୁ ଉଦ୍‌ଭାସିତ କରିଥିଲା, ଠିକ୍ ସେହିପରି ଏହି ‘ରେବତୀ ଆମ ମାଟିର ସ୍ୱର’ ଓଡ଼ିଆର ସାରସ୍ୱତ ଚିନ୍ତା ଓ ଚେତନାକୁ ବିସ୍ତୃତ କରିବ ବୋଲି ମୋର ଆଶା । ପତ୍ରିକା ସହ ସମ୍ପୃକ୍ତ ସମସ୍ତଙ୍କୁ ମୋର ଶୁଭେଚ୍ଛା ।

**ଜ୍ୟୋତି ନନ୍ଦ,** ବିଶିଷ୍ଟ କଥାକାର, ଭୁବନେଶ୍ୱର

## ଲୁକ୍କାୟିତ ଅନେକ କଥା ଜାଣିହେଲା

● ‘ରେବତୀ’ ଉପରେ କ’ଣ ବା ମତାମତ ଦେଇପାରିବି । ସେଦିନ ତାକୁ ହାତରେ ଛୁଇଁବା ମାତ୍ରେ ତା’ର ସୁଗଠିତ ଅସ୍ତିତ୍ୱକୁ ଅନୁଭବ କରି ସର୍ବପ୍ରଥମେ କପାଳରେ ସ୍ପର୍ଶ କରିବା ସଙ୍ଗେ ସଙ୍ଗେ, ତା’ର ସୁସ୍ଥ-ନିରାମୟ ସୁଦୀର୍ଘ ଜୀବନ ଓ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ପ୍ରଭୁ ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ପ୍ରାର୍ଥନା ଜଣାଇଥିଲି । ‘ରେବତୀ’ର ମୁଖବନ୍ଧ ସମ୍ପାଦକୀୟ ଠାରୁ ଆରମ୍ଭ କରି ସନ୍ନିବେଶିତ ଗଳ୍ପ ଓ କବିତା ସମେତ ବୟୋଜ୍ୟେଷ୍ଠ କଥାଶିଳ୍ପୀ ଦେବ୍ରାଜ ଲେଙ୍କା, ଯଶସ୍ୱୀ କବି ଜୟନ୍ତ ମହାପାତ୍ର, ଗାୟିକା ଅନ୍ତରା ଚକ୍ରବର୍ତ୍ତୀ, ଅଭିନେତ୍ରୀ ଲେସ୍‌ଲି, ଗୀତିକାର ନିମାଇଁ ମହାନ୍ତି, ଶ୍ୱେତା ରାଉତଙ୍କ ‘ଚୁଡ଼ିର ଚମକ୍’, ଦେବଯାନୀ ଦାସଙ୍କ ‘ପୋଟଳର ଔଷଧୀୟ ଗୁଣ’, ‘ବିଜୁ ବାବୁଙ୍କ ବସାଘର’ ଇତ୍ୟାଦି ଫିଚର୍‌ମାନଙ୍କ ମଧ୍ୟରୁ ଲୁକ୍କାୟିତ ଅନେକ କଥା ଜାଣିବାକୁ ମିଳିଲା । ଆଗାମୀ ଭବିଷ୍ୟତରେ ଅନ୍ୟ ସଂଖ୍ୟାମାନଙ୍କରୁ ଆହୁରି ଅନେକ ଉପାଦେୟ ଲେଖା ପଢ଼ିବାକୁ ଯେ ମିଳିବ ଏ ଆଶା ଓ ବିଶ୍ୱାସ ରଖୁଛି । ତେବେ ମୁଦ୍ରଣଗତ ତ୍ରୁଟି କିଛି ରହିଯାଇଛି, ଯାହା ମନେହୁଏ ପ୍ରୁଫ ଦେଖା କାର୍ଯ୍ୟ ସମ୍ପାଦନ କରିଥିବା ବ୍ୟକ୍ତି-କର୍ତ୍ତବ୍ୟରେ ଅବହେଳା କରିଛନ୍ତି । ପ୍ରଥମ ସଂଖ୍ୟା ଯେହେତୁ ଏପରି ସାମାନ୍ୟ ସାମାନ୍ୟ ତ୍ରୁଟି କିଛି ରହିବା ସ୍ୱାଭାବିକ୍ ମଧ୍ୟ ।




**ଅରୁଣ ଖିଲାର**
ଆଦମପୁର, ନଳାଙ୍ଗ, ଭଦ୍ରକ

## ସୂଚୀପତ୍ର

୧ମ ବର୍ଷ ୨ୟ ସଂଖ୍ୟା । ନଭେମ୍ବର ୨୦୧୮ ।

ରେବତୀ
ଆମ ମାଟିର ସ୍ୱର




ଭ୍ରମଣ କାହାଣୀ ୨୮
ବର୍ଣ୍ଣାଢ୍ୟ ବାଂଲାଦେଶ



ମୋ-ବାପା ୧୫
ଗୁହାଳପଡ଼ାର ଗୁମର

ଏଇ ପାଠାଗାର କହେ ୬୬
ମେଲ୍‌ବର୍ନ୍‌ର ମହକ

ସ୍ଥାନ-କାଳ-ପାତ୍ର ୨୦
ଜନଜାତିର ଜହ୍ନରାତି







ଛାୟାଚିତ୍ର ୧୦୦
ଅର୍ଚ୍ଚିତାଙ୍କ ମନକଥା



ରୋଷେଇଶାଳ ୯୨
ଦକ୍ଷିଣ ଓଡ଼ିଶାର ଚାରୁ

ରୂପ-ରାଗ ୯୮
ତ୍ୱଚା ପରିଚର୍ଯ୍ୟା



- **ସଂପାଦକୀୟ** : ଆଜିର ଜୀବନଚର୍ଯ୍ୟା... ସୁବାସିନୀ ଜେନା ୦୬
- **ଘଟଣା ଚରିତ୍ର** : ପଦ୍ମଜଙ୍କ ପ୍ରେମ ତପନ ମହାପାତ୍ର ୦୭
- **ମାନନୀୟେଷୁ** : ମଗ୍ନତାର ମଙ୍ଗଳାଚରଣ ଗୌରିଦାସ ପ୍ରଧାନ ୧୧
- **ମୋ-ବାପା** : ଗୁହାଳପଡ଼ାର ଗୁମର ଈପ୍‌ସିତା ଷଡ଼ଙ୍ଗୀ ୧୫
- **ସ୍ଥାନ-କାଳ-ପାତ୍ର** : ଜନଜାତିର ଜହ୍ନରାତି ଦେବପ୍ରିୟ ପ୍ରିୟଦର୍ଶୀ ଚକ୍ର ୨୦
- **ମନେପଡ଼େ** : ଅପାଶୋରା ଅମୃତା ପ୍ରବାସିନୀ ମହାକୁଡ଼ ୨୪
- **ଭ୍ରମଣ-କାହାଣୀ** : ବର୍ଣ୍ଣାଢ୍ୟ ବାଂଲାଦେଶ ଅଜିତ ପାତ୍ର ୨୮
- **ପଛ-ଝର୍କା** : ରାଜନୀତିର ରେଖାଚିତ୍ର ନେତାଜୀ ଅଭିନନ୍ଦନ ୩୫
- **କଥା-କାହାଣୀ -୧** : ଦୂର ବହୁଦୂର ଅନୀଲ କୁମାର ପାଢ଼ୀ ୩୯
- **କଥା-କାହାଣୀ -୨** : ନାରୀ ମୂର୍ତ୍ତି ସୃଷ୍ଟିଶ୍ରୀ ନାଏକ ୪୨
- **ନଦନଦୀ** : ଗୋବରୀର ଗାଥା ପାର୍ଥ ସାରଥୀ ରାଉତ ୪୭
- **ଅନୁଶୀଳନ-୧** : କାଉଲ୍ କେଉଁଠି କ୍ଷୀରୋଦ ଚନ୍ଦ୍ର ବେହେରା ୫୦
- **ପଞ୍ଚତନ୍ତ୍ର କାହାଣୀ** : ମୁର୍ଖ ପଣ୍ଡିତ କଥା ପଣ୍ଡିତ ବିଷ୍ଣୁ ଶର୍ମା ୫୨
- **କବି-କବିତା-୧** : ସୁହାସିନୀ କିଏ ? ସୁଚେତା ମିଶ୍ର ୫୪
- **କବି-କବିତା-୨** : ଶାଢ଼ି କାହିଁକି ? ଚିରଶ୍ରୀ ଇନ୍ଦ୍ରସିଂ ୫୬
- **ସମକାଳ କବିତା** : ବିଘଟଣ ପ୍ରତିଭା ଶତପଥୀ ୫୮
  - : ନଜରବନ୍ଦୀ ଭାରତ ମାଝୀ ୫୮
  - : ଗିଲାସେ ଗୀତ; ଓ ଖରାଖୁରା ଶ୍ରୀଦେବ ୫୯
  - : ମତେ କରନାହିଁ ହତ୍ୟା ନିରାକାର ଦାସ ୬୦
  - : ସୁଯୋଗ ଉତ୍ପଳ ମହାନ୍ତି ୬୦
- **ସା-ରେ-ଗା-ମା** : ପ୍ରଣବଙ୍କ ପୃଥିବୀ ବିଜୟ କୁ. ମହାନ୍ତି ୬୨
- **ଏଇ ପାଠାଗାର କହେ** : ମେଲ୍‌ବର୍ନ୍‌ର ମହକ ଲକ୍ଷ୍ମୀକାନ୍ତ ତ୍ରିପାଠୀ ୬୬
- **ଅନୁଶୀଳନ-୨** : ମାନସିଂହଙ୍କ ମାନସାଙ୍କ ଦିଲ୍ଲୀପ କୁ. ସ୍ୱାଇଁ ୭୧
- **ଅନୁଶୀଳନ-୩** : ଶକ୍ତିଙ୍କ ସୃଜନାଙ୍କ ଶକ୍ତି ମହାନ୍ତି ୭୮
- **ପର୍ଯ୍ୟଟନ** : ରାଣୀପୁର ଝରିଆଲ ସଂଜୟ କୁ. ମିଶ୍ର ୮୩
- **ଏଇ ମୋର ଗାଁ** : ରାମେଶ୍ୱରପୁରର... ଶୈଳବାଳା ମହାପାତ୍ର ୮୭
- **ରୋଷେଇଶାଳ** : ଦକ୍ଷିଣ ଓଡ଼ିଶାର ଚାରୁ ମୀନା ସ୍ୱାଇଁ ୯୨
- **ସ୍ୱାସ୍ଥ୍ୟ-ଚର୍ଚ୍ଚା** : ସରୋଜିନୀଙ୍କ ସ୍ୱାସ୍ଥ୍ୟଶାଳା ଡାକ୍ତର ସରୋଜିନୀ ଷଡ଼ଙ୍ଗୀ ୯୪
- **ରୂପ-ରାଗ** : ଶୀତରେ ତ୍ୱଚା ପରିଚର୍ଯ୍ୟା ପ୍ରତ୍ୟାଶା ପ୍ରିୟମ୍ବଦା ୯୮
- **ଛାୟାଚିତ୍ର** : ଅସାମାନ୍ୟା ଅର୍ଚ୍ଚିତା କୃଷ୍ଣ କୁମାର ମହାନ୍ତି ୧୦୦
- **ଶେଷକଥା** : ସାହିତ୍ୟରେ ରକ୍ଷଣଶୀଳତା କୃଷ୍ଣ କୁମାର ମହାନ୍ତି ୧୦୬


ସମ୍ପାଦିକା : **ସୁବାସିନୀ ଜେନା**
Editor : **Subasini Jena**

Published, Owned and edited by :
**Mrs. Subasini Jena**, Mansingh Bazar, Motiganj, Balasore, Pin : 756003, Odisha and Printed on behalf of **Rebati Media House Pvt. Ltd.**, Balasore at Print-Tech Offset Press, Bhubaneswar

ମୂଲ୍ୟ : **୩୦ ଟଙ୍କା ମାତ୍ର** Price : INR **30/-** Only

ମଲାଟ ଫଟୋ : **ସୁଶ୍ରୀ ସ୍ୱାଗତିକା ଜେନା (କଲ୍‌କୀ କୃଷ୍ଣ)**
ମଲାଟ ମଡେଲ୍ : **ଲିପ୍‌ସିତା ପରମଗୁରୁ**
ଉଚ୍ଚତା : **୫ ଫୁଟ୍ ୨ ଇଞ୍ଚ୍**
ଶିକ୍ଷା : **ହୋଟେଲ୍ ମ୍ୟାନେଜ୍‌ମେଣ୍ଟ୍ ଛାତ୍ରୀ ଆଇ.ଆଇ.ଏଚ୍.ଏମ୍, ଭୁବନେଶ୍ୱର**
ବୃତ୍ତି : **ମଡେଲିଂ**
କଷ୍ଟ୍ୟୁମ୍ ଓ ମେକ୍‌ଅପ୍ : **କଲ୍‌କୀ**
ସ୍ଥାନ : **ଡେରାଶ୍ ବନ୍ୟପ୍ରାଣୀ ରେଞ୍ଜ୍**



# ଆଜିର ଜୀବନଚର୍ଯ୍ୟା ଓ ପ୍ରଯୁକ୍ତି ବିଜ୍ଞାନର ପ୍ରଭାବ

ଆଧୁନିକ ଏଇ ସମୟ ସମଗ୍ର ମାନବଜାତିକୁ ଦେଇଛି ଅନେକ କିଛି ନୂତନତ୍ୱ । ଏକ ବିକଶିତ ଏବଂ ଅତ୍ୟାଧୁନିକ ସମୟ ଖଣ୍ଡରେ ବଞ୍ଚୁଥିବା ଆଜିର ମଣିଷ ପାଖରେ ସମୟ ନାହିଁ । ନିଜ ପାଇଁ, ଆତ୍ମୀୟସ୍ୱଜନ ପାଇଁ, ସାଙ୍ଗସାଥୀ ପାଇଁ କି ନିଜର ପ୍ରିୟତମ ମଣିଷଟି ପାଇଁ ବି । ସମୟ ସହିତ ସେମାନଙ୍କ ପାଖରୁ ଖସିଯାଇଛି ଆହୁରି ଅନେକ କିଛି । ମନରେ ନାହିଁ ସ୍ଥିରତା । ନିଜକୁ ଆତ୍ମସମୀକ୍ଷା କରିବା ପାଇଁ ମଧ୍ୟ ଆଗ୍ରହ ନାହିଁ । ତା'ହେଲେ କ'ଣ ଆଧୁନିକ ଜୀବନଚର୍ଯ୍ୟା ଏବଂ ପ୍ରଯୁକ୍ତିର ଅପବ୍ୟବହାର ଆଜିର ମଣିଷକୁ ଠେଲି ଦେଇଛି ଅସ୍ଥିରତା ଆଡ଼କୁ ? କାହିଁକି ପ୍ରକୃତିର ଶୋଭା ମୁଗ୍ଧ କରୁନାହିଁ ପ୍ରତ୍ୟେକ ମଣିଷକୁ ? କାହିଁକି କୋଇଲିର କୁହୁରେ କି ଶିଶିରର ବିନ୍ଦୁ ବିନ୍ଦୁ ଆଲିଙ୍ଗନରେ ଓଦା ଏ ମାଟିର ବାସ୍ନାରେ ବିଭୋର ହେଉନାହିଁ ଆଜିର ମଣିଷ ? କାହିଁକି ମନର ସ୍ୱାଭାବିକ ଛନ୍ଦ ଆଜି ଅପହୃତ ? ଏସବୁର ଉତ୍ତର ଖୋଜିଲେ ଆମକୁ ବୋଧେ ସେଇ ଆଧୁନିକ ସମାଜ ପାଖରେ ଅଟକି ଯିବାକୁ ହେବ । କାରଣ ବିକାଶର ପ୍ରଖର ସ୍ରୋତରେ ଆକ୍ରାମାକ୍ରା ମଣିଷ ସମାଜ ଏତେ ବେଶୀ ଆତ୍ମକୈନ୍ଦ୍ରିକ ଓ ସ୍ୱାର୍ଥାନ୍ୱେଷୀ ହୋଇପଡ଼ିଛି ଯେ, ସେଠି ମୂଲ୍ୟବୋଧ, ନୈତିକତା ଓ ମାନବିକତା ଖୋଜିବା କେବଳ ଏକ ପ୍ରହେଳିକା ପରି ମନେହେବ ।

**ପ୍ରଥମ ଦୃଶ୍ୟ**

ଦଙ୍ଗା ପରି କିଛି ଗୋଟାଏ ଘଟିଯିବାର ପରବର୍ତ୍ତୀ ସମୟ । ସହର ଜନଶୂନ୍ୟ । ଦୋକାନ ବଜାର ବନ୍ଦ୍ । କେବଳ ପୋଲିସ୍ ଆଉ ପୋଲିସ୍ । ମହିଳା ଓ ପୁରୁଷ ପୋଲିସ୍‌ର ଛାଉଣୀ ଭିତରେ ସହର ସତେକି ଭିଜୁଛି ଅଦ୍‌ଭୂତ ଏକ ନିରବତାର ବର୍ଷାରେ ! କର୍ତ୍ତବ୍ୟରତ ପୋଲିସ୍‌ମାନଙ୍କ ମଧ୍ୟରୁ ନବେ ଭାଗ ପୋଲିସ୍ ଗଛମୂଳ-ଚଉତରା କି ବସିବା ଯୋଗ୍ୟ କିଛି ଆସ୍ଥାନରେ ଧାଡ଼ିକି ଧାଡ଼ି ବସିଛନ୍ତି । ସମସ୍ତଙ୍କ ମଥା ତଳକୁ ଝୁଙ୍କିଛି । ନା, ସେମାନେ ତନ୍ଦ୍ରାଚ୍ଛନ୍ନ ନୁହଁନ୍ତି । ସେମାନଙ୍କ ହାତରେ ଗୋଟେ ଗୋଟେ ସାଢ଼େ ପାଞ୍ଚ ଇଞ୍ଚ୍ ସ୍କ୍ରିନ ବାଲା ସ୍ମାର୍ଟ ଫୋନ ଆଉ ସ୍କ୍ରିନ୍ ଉପରେ ସାଇଁ ସାଇଁ ଚାଲୁଛି ଆଙ୍ଗୁଠି- ଟଚ୍ ସ୍କ୍ରିନର କିମିଆଁ । ବେକ ବଙ୍କା, ଅଣ୍ଟା ବଙ୍କା ଏବଂ ମନ ବି ଅନ୍ୟମନସ୍କ । କର୍ତ୍ତବ୍ୟ ଘରେ କବାଟ ଦର ଆଉଜା ।

**ଦ୍ୱିତୀୟ ଦୃଶ୍ୟ**

ଲମ୍ବା ଟ୍ରେନ୍ ଦ୍ରୁତ ଗତିରେ ସମୟର ଛାତି ଚିରି ଆଗେଇ ଚାଲିଛି । ଟ୍ରେନ୍ ଛୁଟିବାର ପ୍ରଚଣ୍ଡ ଶବ୍ଦ ଭିନ୍ନ ଆଉ ସବୁ ଶବ୍ଦ ଯେମିତି ନିଷ୍ପ୍ରାଣ । ନିଃଶବ୍ଦ । ଆରେ, ଟ୍ରେନ୍ ଭିତରେ କ'ଣ ମଣିଷ ନାହାନ୍ତି ? ଯାତ୍ରୀମାନେ କ'ଣ ଘୁମେଇ ପଡ଼ିଛନ୍ତି ? କିନ୍ତୁ ନା । ଭ୍ରମ ଭାଙ୍ଗିଯାଏ ଯେବେ ଦେଖାଯାଏ ଯେ ପ୍ରତ୍ୟେକ ଯାତ୍ରୀ ହାତରେ ଗୋଟେ ଲେଖାଏଁ ସ୍ମାର୍ଟ ଫୋନ୍ । ମୁଣ୍ଡ ନୁଏଁଇ ଯେପରି ସମସ୍ତେ ସ୍ମାର୍ଟଫୋନ ସହ ଆଳାପରେ ମଗ୍ନ । କିଛି ଯାତ୍ରୀଙ୍କ କାନରେ ହେଡ୍‌ଫୋନ୍ ଆଉ ଆଖିପତା ବନ୍ଦ୍ ।


ଏ ଯେଉଁ ଦୁଇଟି ଦୃଶ୍ୟ ଦେଖାଇଲି ଆପଣମାନଙ୍କୁ, ଏସବୁ ଦୃଶ୍ୟ ସର୍ବତ୍ର । କେବଳ ଶୀତତାପ ନିୟନ୍ତ୍ରିତ ଟ୍ରେନ୍ କି ବସ୍‌ରେ ନୁହେଁ, ଆପଣ ସାଧାରଣ ଭିଡ଼ ବସ୍ କି ଲୋକାଲ୍ ଟ୍ରେନ୍‌ରେ ମଧ୍ୟ ଏ ଦୃଶ୍ୟକୁ ଦେଖୁଥିବେ । ଦୁଇ ଚକିଆ ଯାନ ଚାଳକର କାନରେ ବି ହେଡ୍‌ଫୋନ୍ ଏବଂ ତୂରୀୟ ଆନନ୍ଦରେ ମଗ୍ନ ଏ ମଣିଷ । ଏହାର ପରିଣତି ସତରେ କ'ଣ ? ବିନାଶ ନା ବିକାଶ ?

ଉପରୋକ୍ତ ଦୃଶ୍ୟଗୁଡ଼ିକରୁ ଗୋଟିଏ କଥା ମନକୁ ଆସୁଛି । ଦେଶ ଏବେ ଧ୍ୟାନଯୋଗରେ ବ୍ୟସ୍ତ । ତେତ୍ରିଶ୍ କୋଟି ଦେବତାଙ୍କ ପରି ଶହେ ତେତ୍ରିଶ୍ କୋଟି ଜନତା ଆମର । ସମସ୍ତେ ଯେପରି ବିକାଶର ମନ୍ତ୍ରରେ ଦୀକ୍ଷିତ ଏବଂ ଶାନ୍ତିକାମୀ ମଣିଷ ପରି ଭୟଙ୍କର ଭାବେ ନିରବ । ପାଟିରେ ଶବ୍ଦ ନାହିଁ । ମନରେ ଆବେଗ ନାହିଁ । ଧ୍ୟାନ କେନ୍ଦ୍ରିତ ସମୟର ଆବିଷ୍କାର ପାଖରେ । ଜୀବନ ପ୍ରତି, ନିଜ ପ୍ରତି, ନିଜର ପ୍ରିୟପରିଜନ ପ୍ରତି ଏ ଅମନଯୋଗିତା, ମଣିଷକୁ ସତରେ ନେଉଛି କୁଆଡ଼େ ? ଆସନ୍ତୁ, ମିଳିତ ସ୍ୱରରେ ଆମେ ସମସ୍ତେ ଏ କଥାକୁ ଘଡ଼ିଏ ଭାବିବା ।

**'ରେବତୀ ଆମ ମାଟିର ସ୍ୱର'**ର ପ୍ରଥମ ସଂଖ୍ୟାକୁ ସାରା ଓଡ଼ିଶାରୁ ପ୍ରଚୁର ସମର୍ଥନ ମିଳିଛି । ଆପଣମାନେ ସମସ୍ତେ ବେଶ୍ ପସନ୍ଦ କରିଛନ୍ତି, ଭଲପାଇଛନ୍ତି ଓ ତାର ଦୀର୍ଘ ଜୀବନ କାମନା କରିଛନ୍ତି । ଏଥିପାଇଁ ଆପଣମାନଙ୍କୁ, ଓଡ଼ିଶାର ଅଗଣିତ ପାଠକପାଠିକାଙ୍କୁ ଏବଂ ଲେଖକଲେଖିକାଙ୍କୁ ମୋର ଅଶେଷ କୃତଜ୍ଞତା ।



ସମ୍ପାଦିକା



"ତା' ପରେ ପରେ ମୁଁ ଲକ୍ଷ୍ୟ କରିଛି ସେ ଝିଅଟି ମୋତେ ଯେଉଁଠି ଦେଖେ ହସିଦିଏ । ନମସ୍କାରଟିଏ ପକାଏ । ସେ ହସ ସହିତ ନମସ୍କାରକୁ ମୁଁ ମିଶାଇ ପାରିନଥିଲି ଅନେକଦିନ ଯାଏଁ । ଏ କଣ ପ୍ରେମ ?"

# ପଦ୍ମଜଙ୍କ ପ୍ରେମ

# ପଦ୍ମଜଙ୍କ ପ୍ରେମଜୀବନ




**ତପନ ମହାପାତ୍ର**
ଶ୍ରୀବିହାର, ଟିକିଘର, ଖୋର୍ଦ୍ଧା-୭୫୨୦୫୫
ଫୋନ୍ : ୯୪୩୮୦୧୨୨୮୬


ଫଟୋ ସୌଜନ୍ୟ : ଲେଖକ ଓ କୃଷ୍ଣ କୁମାର ମହାନ୍ତି

ଜଣେ ମଣିଷର ଅଙ୍ଗେ ଲିଭା ସତକଥାକୁ ଅନେକ ସମୟରେ ଲୋକମାନେ ବୁଝିପାରନ୍ତି ନାହିଁ । ସତକଥା ବି ଅନେକେ ଶୁଣିବାକୁ ଚାହାନ୍ତି ନାହିଁ । ଶୁଣିଲେ ବି କିମ୍ଭୁତକିମାକାର ଭାବେ ବୁଝିବେ । ପରିହାସ କରିବେ ।

'ଆଲମ୍ବବିଲମ୍ବ' ଗଳ୍ପରେ ଏକଥା କହିଥିବା କଥାକାର, ଔପନ୍ୟାସିକ ପଦ୍ମଜପାଳଙ୍କୁ ମୋର କିନ୍ତୁ ଶୁଣିବାରେ ପ୍ରବଳ ଆଗ୍ରହ ।

ମୋ ଗଳ୍ପ ସାହିତ୍ୟର ପ୍ରେରଣା, ମୋ ଜୀବନ ଦର୍ଶନର ପ୍ରଭାବୀ ପୁରୁଷ ସେ ।

ତାଙ୍କ କଥା ଶୁଣି ପରିହାସ କରିବା ଅବା କିମ୍ଭୁତକିମାକାର ଭାବିବାକୁ ଜୁ କାହିଁ ମୋର ?

କିଏ ବୁଝୁ ବା ନବୁଝୁ ଶୁଣୁ ବା ନଶୁଣୁ ମୁଁ ବ୍ୟଗ୍ର ହୋଇ ଶୁଣେ । ବୁଝେ । କାହା କାହା ପାଖରେ ଶୁଣାଇ ଦେବାକୁ ବି ଚାହେଁ ତାଙ୍କର ବିରଳ ଅନୁଭବକୁ । ଅଥଚ ମୁଁ କୋଉ ଶୁଣାଇ ପାରିଛି ? କେବଳ ନିଜ ଭିତରେ ନିଜେ ସାଇତିଛି । ସ୍ମୃତି କରି ରଖିଛି ନିଜ ଛାତି ତଳେ । ଭାବୁଛି; କାହାକୁ ଶୁଣାଇବି ? କିଏ ଶୁଣିବ ? ସେପରି ଅନୁରାଗୀ କିଏ ?

ଏ ଆଲେଖ୍ୟ ତେଣୁ ସେହି ପଦ୍ମଜ-ପ୍ରେମୀ ବିରଳ ଅନୁରାଗୀମାନଙ୍କ ଉଦ୍ଦେଶ୍ୟରେ ସମର୍ପିତ ।

୨୦୧୫ ମସିହା ।

କୁମାର ପୂର୍ଣ୍ଣମୀର ଜହ୍ନଭରା ରାତି ।

ଖୋର୍ଦ୍ଧାଠାରୁ କିଛି ଦୂର; ନାଲିପଡ଼ା ଅର୍ଜୁନପୁର ରାସ୍ତା;

କାଜୁ ଜଙ୍ଗଲ ଘେରା ପିଚୁ ସଡ଼କର ଶଙ୍ଖ ଉପରେ ଆମେ ବସିଥାଉ ।

'ମହଲ' ପତ୍ରିକା ସମ୍ପାଦକ ବଂଶୀଧର ରାଉତଙ୍କ ଭାଷାରେ ଗଳ୍ପମୟ ପୁରୁଷ ପଦ୍ମଜ ପାଳ, ଚାହିଁଥାନ୍ତି ଆକାଶ ଆଡ଼କୁ ।

କେମିତି କେଜାଣି, ତୁଣ୍ଡରୁ ଖସିଗଲା ପ୍ରଶ୍ନଟାଏ ପଚାରିଦେଲି: ସାର୍ ଆପଣଙ୍କ ପ୍ରଥମ ପ୍ରେମୋପଲବ୍ଧି ?




ନିଜ ଘର 'ଚର୍ଯ୍ୟାୟୁଧ'
ସାମ୍ନାରେ ପଦ୍ମଜ ପାଳ

ଆମ ସମ୍ପର୍କ ଯେମିତି ନିବିଡ଼ ସେମିତି ଅନ୍ତରଙ୍ଗ । ତେବେ ଏମିତି ପ୍ରଶ୍ନ ତାଙ୍କୁ କେବେ ପଚାରି ପାରିବି ମୁଁ ଭାବି ନଥିଲି । ପଚାରି ସାରିଲିଣି ଯେତେବେଳେ କରିବି କ'ଣ ?

ସେ ସେମିତି ଆକାଶ ଆଡ଼କୁ ଚାହିଁଥାନ୍ତି; କିଛି ବି ଉତ୍ତର ନଦେଇ ।

ସାର୍ ଖରାପ ଭାବିଲେ କି ? କ୍ରୋଧ କଲେ କି ? 'ପାତାଳ ସିଂର କ୍ରୋଧ' ପରି ।

ତାଙ୍କ ସହିତ କଥାବାର୍ତ୍ତା କଲାବେଳେ ମୋର ମନେ ପଡ଼ିଯାଏ ତାଙ୍କର ଗୋଟେ ଗୋଟେ ଗଳ୍ପ । ସମୟ, ସ୍ଥାନ, ପରିବେଶ ଅନୁଯାୟୀ କେବେ କେବେ ଚରିତ୍ର ।

ସାର୍ ତଥାପି ନିରବ ।

ମୁଁ ଦୁଃଖୀ ଦୁଃଖୀ ।

ଠିକ୍ ଏଇ ସମୟରେ, ଜହ୍ନ ତଳେ ତଳେ ଚକ୍କର କାଟୁଥିବା ଗୋଟେ ପକ୍ଷୀକୁ ଦେଖି ସେ ପଚାରିଦେଲେ: "କେଉଁ ପକ୍ଷୀ ଏ ? ନାଁ କ'ଣ ?"

ମୋ ପ୍ରଶ୍ନଟା ତାଙ୍କୁ ଅଡୁଆରେ ପକାଇଛି, ଯେଉଁଥିପାଇଁ ସେ ପ୍ରସଙ୍ଗ ବଦଳାଇବାକୁ ଚାହୁଁଛନ୍ତି ଭାବି ମୁଁ ବି ଗୋଟେ ସୁଯୋଗ ପାଇଗଲି ହାଲ୍‌କା କରିବାକୁ । କହିଦେଲି: ସବୁଠୁ ସୁନ୍ଦର ପକ୍ଷୀ ଏ । ଯେଉଁ ପକ୍ଷୀଟାକୁ ସୋରି ଅସୁନ୍ଦର କହିଦେବାରୁ ନାଗା ତଣ୍ଡି ଚିପି ମାରି ଦେଇଥିଲା । ସେଇ ପକ୍ଷୀ ଏ ।

ଆପଣଙ୍କ ଗଳ୍ପ ପକ୍ଷୀ ଏବେ ପୁନର୍ଜନ୍ମ ପାଇ ଉଡୁଛି ଆମ ଆଗରେ ।

ସେ କଥା ଯୋଡ଼ିଲେ, "ହଁ, ହୋଇପାରେ ଏ ସେଇ ପକ୍ଷୀ । ସବୁଠୁ ସୁନ୍ଦର ପକ୍ଷୀ । ତେବେ ସୌନ୍ଦର୍ଯ୍ୟର ସଂଜ୍ଞା କ'ଣ ତପନ ? ମୁଁ ଭାବେ ନିଜ ଦୃଷ୍ଟିଭଙ୍ଗୀ, ବିଚାରକୁ ନେଇ ଆଧାରିତ ସୌନ୍ଦର୍ଯ୍ୟର ସଂଜ୍ଞା । ଜଣେ ଯାହାକୁ ସବୁଠୁ ସୁନ୍ଦର କହେ ହୁଏତ ତାହା କାହା ପାଇଁ ହୋଇପାରେ ଖୁବ୍ ଅସୁନ୍ଦର । କିନ୍ତୁ ମୋତେ ଲାଗେ ଏ ପୃଥିବୀ ସୌନ୍ଦର୍ଯ୍ୟମୟ । ପ୍ରେମମୟ । ଯିଏ ଯାହା ସହ କଥା ହେଉଛି; ଯିଏ ଯାହାକୁ ମନଦେଇ ଶୁଣୁଛି, ସବୁଇ ପ୍ରେମ । ଫିଜିକ୍ସ, କେମେଷ୍ଟ୍ରି ବି ପ୍ରେମ । ବିକ୍ରି କରିବା, ଗାଳି କରିବା, ଇଟା ପାରିବା କି ମୂର୍ତ୍ତି କରିବା ସବୁ ପ୍ରେମ । ପ୍ରେମଟା ଗୋଟେ ଫ୍ଲାସ୍ ପରି । କେମିତି ଅକସ୍ମାତ ଆସିଯାଏ । ବୁଝିହୁଏନି କି ବୁଝାଇ ହୁଏନି । ପ୍ରେମ ଏକ ବିସ୍ଫୋରଣ । ପ୍ରେମର ଶହ ଶହ ମୁଖ । ଯାହାକୁ ମନେ ପକାଇଲେ ସବୁ ସ୍ମୃତି । କିନ୍ତୁ ସବୁ ସ୍ମୃତି ପ୍ରେମ ନୁହେଁ । ସତ କହିଲେ ପ୍ରେମ କ'ଣ କେଜାଣି ? ଅଥଚ ମୁଁ ଲେଖିଛି ବହୁତ କଥା । ଯାହା ଅନ୍ୟମାନେ ପ୍ରେମ ବୋଲି କୁହନ୍ତି । ସତରେ ଏ ବୟସରେ ବି ମୁଁ ପ୍ରେମର ସଂଜ୍ଞା ପାଇନି । ଅଥଚ ଏବେ ପ୍ରେମ କହିଲେ ଆଉ କିଛି ନାହିଁ, କେବଳ ସେକ୍ସ ।

ଜଗତସିଂହପୁର କଲେଜରେ ମୁଁ ଥାଏ ।

ସେଦିନ ପିଲାମାନେ ଅଡ଼ି ବସିଲେ । କହିଲେ ସାର୍ ଆଜି କ୍ଲାସରେ ପଢ଼ାଯିବ ନାହିଁ । ଆମେ ଆପଣଙ୍କୁ କିଛି ପ୍ରଶ୍ନ ପଚାରିବୁ । ତା' ଉତ୍ତର ହିଁ ହେବ ଆଜିର ପଢ଼ା ।

ପିଲାମାନଙ୍କ ଆଗ୍ରହ ହେତୁ ମୁଁ କହିଲି ଠିକ୍ ଅଛି ପଚାର ।

ଗୋଟେ ଝିଅ ଥିଲା ବହୁତ ସୁନ୍ଦର । ପଚାରିଲା; ସାର୍ । ପ୍ରେମ କହିଲେ ଆପଣ କ'ଣ ବୁଝନ୍ତି ?

ମୁଁ କହିଲି; ଜାଣେନା ।

ଝିଅଟା ମୋତେ ବୁଝି ପାରିଲାନି । ପ୍ରଶ୍ନ କଲା: ସାର୍ ଆପଣ ଏତେ ବଡ଼ ଲେଖକ । ପ୍ରେମ କ'ଣ ଜାଣନ୍ତିନି ? ଆପଣ ମିଛ କହୁଛନ୍ତି ।

ନା'ରେ । ମୁଁ ମିଛ କାହିଁକି କହିବି । ସତ ହିଁ କହୁଛି ପ୍ରେମ କ'ଣ ମୁଁ ଜାଣିନି ।

ନା'ସାର୍ ମିଛ । ଆପଣତ ବହୁତ ପ୍ରେମ ଗପ ଲେଖିଛନ୍ତି ।

ହଁ ଲେଖିଛି । କିନ୍ତୁ ପ୍ରେମ କହିଲେ କ'ଣ ମୁଁ ବୁଝିନି ।

ଝିଅଟା ତଥାପି ଅବିଶ୍ୱାସ କଲା । ତା'ସହିତ କ୍ଲାସଟା ସାରା ପିଲା ବି ସେଇ ଏକାକଥା କହିଲେ । ମୁଁ ଯାହା ନିଜେ ବୁଝିନି ତାକୁ ପିଲାଙ୍କୁ ବୁଝାଇବି କ'ଣ ? ସେମାନେ ଅଡ଼ି ବସିଲେ । ମୋର କେତେଟା ଗପର ନାଁ ନେଇ କହିଲେ ସାର୍ ଏତ ସଂପୂର୍ଣ୍ଣ ପ୍ରେମ ଗଳ୍ପ ।

ତାଙ୍କୁ କ'ଣ ବୁଝାଇବି ? ସେଇ ଏକାକଥା । ପ୍ରେମର ସଂଜ୍ଞା କ'ଣ ଜାଣିନି । କହିଲେ ସେମାନେ ଆହୁରି ଅବିଶ୍ୱାସ କରିବେ ଭାବି ତାଙ୍କୁ ବୁଝାଇଦେଲି । ଯଦି ସେ ଗପକୁ ପ୍ରେମ ଗପ କହୁଛ ତେବେ ପ୍ରେମ କ'ଣ ପଚାରୁଛ କାହିଁକି ? ତମେତ ବେଶ୍ ବୁଝିଛ । ସେଦିନର କ୍ଲାସ୍ ଏମିତି ପ୍ରେମ ପ୍ରେମ ହୋଇ ସରିଲା, କିନ୍ତୁ ମୁଁ ବୁଝାଇ ପାରିଲିନି କି ସେମାନେ ବି ବୁଝିଲେନି । କିନ୍ତୁ ତା'ପରେ ପରେ ମୁଁ ଲକ୍ଷ୍ୟ କରିଛି ସେ ଝିଅଟା ମୋତେ ଯେଉଁଠି ଦେଖେ ହସିଦିଏ । ନମସ୍କାରଟାଏ ପକାଏ । ସେ ହସ ସହିତ ନମସ୍କାରକୁ ମୁଁ ମିଶାଇ ପାରିନଥିଲି ଅନେକ ଦିନଯାଏ ।



▲ପଦ୍ମଜପାଳଙ୍କ ସହ ତପନ ମହାପାତ୍ର

"ତପନ ତମେ କହିଲ, ସେ ହସ, ନମସ୍କାର, ପ୍ରେମ ନା ଭକ୍ତି ? ଭକ୍ତି ନା ପ୍ରେମ ? କେତେ ସାମଞ୍ଜସ୍ୟ ଅସାମଞ୍ଜସ୍ୟ ବି ! ଆଉ ତମେ ଯେଉଁ ପଚାରୁଛ ପ୍ରଥମ ପ୍ରେମୋପଲବ୍ଧି, ତମକୁ କ'ଣ କହିବି ?''

ସାର୍ ଖରାପ ଭାବି ନାହାନ୍ତି । ବରଂ ତାଙ୍କର ଗଳ୍ପ ଆକ୍ରାନ୍ତ ୩/୪ ପରି ସେ ଆକ୍ରାନ୍ତ ଥିଲେ ମୁଁ ବୁଝିପାରିଲି । ସତରେ ପ୍ରେମକୁ ନେଇ ଏତେ ଦ୍ୱନ୍ଦ୍ୱରେ ଥିବା ବ୍ୟକ୍ତିଙ୍କ ଠାରୁ ମୁଁ ଆଉ କ'ଣ ଶୁଣିବାକୁ ଚାହିଁବି । ?

ମୋର ମନେ ପଡୁଥିଲା ତାଙ୍କ ଗଳ୍ପ 'ଆଲମ୍ବିଳମ୍ବ'ର କିଛି ଧାଡ଼ି । ମୁଁ ଜାଣୁଥିଲି- ସେ କେବେ କିଛି କହିପାରିବେ ନାହିଁ କି ଶୁଣି ପାରିବେ ନାହିଁ । ତଥାପି ତାଙ୍କୁ ନେଇ ଛନ୍ଦି ହୋଇପଡୁଥିଲି । ଖୋଲି ହୋଇଯାଉଥିଲି । ସେବି ସେସବୁ ମୁହୂର୍ତ୍ତରେ ଦିଶୁଥାନ୍ତି ଗୋଟେ ଫୁଲ ଫୁଟିବାର ଲଗ୍ନଭଳି । ଗୋଟେ ଦୂରନ୍ତ ସଙ୍ଗୀତର ମଧୁର ଝଙ୍କାର ଭଳି ଆକର୍ଷଣୀୟ ସେଇ ସ୍ୱର । ମୋତେ ଅଥୟ କରି ଦେଇଥିଲା । ମୁଁ ଯେପରି ସଞ୍ଚାରିତ ହୋଇଯାଉଥିଲି- କିଛି ଗୋଟାଏ ଗୋପନ କଥା ଶୁଣିବାକୁ । ଶୁଣାଇବାକୁ ।''

ଏ ଗପର ଧାଡ଼ିମାନଙ୍କ ପରି ମୁଁ କିଛି ଗୋଟାଏ ଗୋପନ କଥା ଶୁଣିବାକୁ ଅଥୟ ହୋଇପଡୁଥିଲି । ଅଥଚ ସେ ନିରବ । କଥାଟା ଦୋହରାଇବାକୁ ମୁଁ ବି ଉଚିତ ମଣୁନଥିଲି । କିନ୍ତୁ ଶୁଣିଦେବାକୁ ମୋର ପ୍ରବଳ ଆଗ୍ରହ ।

ସେ ଆଗ୍ରହ ହେତୁ ମୁଁ ପଚାରିଦେଲି; ତାଙ୍କ କଥା କହି । "ସାର୍ । ବ୍ୟକ୍ତିଗତ ଜୀବନରେ ଏ ଅନୁଭବ ନଥିଲେ ଏମିତି ଧାଡ଼ି କ'ଣ ସମ୍ଭବ ? ହୁଏତ ଲେଖକ ପାଇଁ କିଛି ଅସମ୍ଭବ ନୁହେଁ । ସବୁ କଥାକୁ ଯେ ଲେଖକଟିଏ ଅନୁଭବ କରିଥିବ ତା'ର ବି କିଛି ମାନେ ନାହିଁ । ତେବେବି...''

ଜହ୍ନ ତଳୁ ପକ୍ଷୀଟା ଅଦୃଶ୍ୟ ହୋଇଯାଇଥିଲା କେତେବେଳୁ, ସାର୍ କିନ୍ତୁ ସେମିତି ଆକାଶ ଆଡ଼କୁ ଚାହିଁଥାନ୍ତି । କହୁଥାନ୍ତି ମୋତେ ।



▲ସପତ୍ନୀକ ପଦ୍ମଜ ପାଳ

ଆମର ନବମ ଶ୍ରେଣୀ । ଆମ ସାଙ୍ଗରେ ପଢୁଥିଲା ଝିଅଟାଏ । ଦେଖିବାକୁ ଖୁବ୍ ସୁନ୍ଦର । ଏତେ ସୁନ୍ଦର ଯେ ଆମେ ତିନି ଚାରିଜଣ ସାଙ୍ଗ ସେ ସମୟରେ ତାକୁ ବାହା ହେବାକୁ ଇଚ୍ଛା କରିଥିଲୁ । ଏକାଠି ହେଲେ ତାରି କଥା ପକାଉଥିଲୁ । ସେତେବେଳର ପ୍ରବଳ ଛୁଆଁଛୁତି ବାରଣ ସତ୍ତ୍ୱେ ତା ଜାତି ଭୁଲି ତାକୁ ବାହାହେବାକୁ ଆମେ ଆମ ଭିତରେ ପ୍ରତିଯୋଗିତା କରିବସିଲୁ ।

କିନ୍ତୁ କରିବୁ କ'ଣ ? କିଏ କେଉଁ ବାଟ ବାଛିଲେ କେଜାଣି ମୁଁ କିନ୍ତୁ ଗୋଟେ ବାଟ ସ୍ଥିର କରିନେଲି । ଏହା ମୋ ଲାଗି ସମ୍ଭବ ହେବ ଯଦି ଠାକୁରେ ଚାହିଁବେ ।

ଆମ ଗାଁ ମୁଣ୍ଡରେ ଗୋଟେ ଅଶ୍ୱତ୍ଥଗଛ । ତା' ମୂଳରେ ମହାଦେବଙ୍କ ମନ୍ଦିର । ଦିନେ ମେଞ୍ଚେ ଫୁଲ ନେଇ, ଘରୁ ପଇସା ଲୁଚାଇ ମନ୍ଦିରକୁ ଚାଲି । ଭାଇନାଙ୍କୁ ପଇସା ଦେଇ ଜଳଲାଗି କଲି । ଫୁଲ ଚଢ଼ାଇଲି । ବିଶ୍ୱାସ ଥିଲା, ଯଦି ସେ ଚଢ଼ାଫୁଲରୁ ଫୁଲଟିଏ ଖସିଲା ତେବେ ମୁଁ ସଫଳ ହେବି । ମୁଁ ସେମିତି ସେ ଫୁଲକୁ ଚାହିଁ ଗୋଟିଏ ଜାଗାରେ ଅଧଘଣ୍ଟା ପ୍ରାୟ ଛିଡ଼ା ହେଲି । ଗୋଟିଏ ବି ଫୁଲ ଖସିଲାନି । କ'ଣ କରିବି ? ନିରାଶ ହୋଇ ଫେରିଲି । ଭାଇନା ଉପରେ ମନେମନେ ବି ବିରକ୍ତ ହେଲି; ତାକୁ ପୂଜା ଆସେନି ।

ଥରେ ସେ ଭାଇନା ଆମ ଘରକୁ ଆସିଥାଏ । ଘରୁ ଚାଉଳ, ପରିବା, ପଇସା ଦିଆ ହେଉଥାଏ । ସେଦିନଠୁ ମୁଁ ତା' ଉପରେ ଏତେ ରାଗି ଯାଇଥାଏ ଯେ ତାକୁ ଦେଖୁ ଦେଖୁ କହିଦେଲି ଏଙ୍କୁ କାହିଁକି ଏସବୁ ଦେଉଛ ? ଏଙ୍କୁତ ପୂଜା ଆସୁନି ।

ମୋ କଥାରେ ଭାଇନା ଏତେ ରାଗିଗଲା ଯେ ଚାଉଳ, ପରିବା ନନେଇ ପଳାଇ ଯାଉଥିଲା । ତା' ରାଗ ଦେଖି ବାପା ମୋ ଉପରେ ବିରକ୍ତ ହେଲେ । ଭାଇନାଙ୍କୁ ବୁଝାଇଲେ, ପିଲାଟା କଥା ଧରନ୍ତୁନି କହି । ଅଥଚ ମୋ ଉପରେ ଏତେ ସବୁର ପ୍ରଭାବ କିଛି ବି ପଡ଼ିନଥିଲା । ମୁଁ ସ୍ଥିର ନିଶ୍ଚିତ ଥିଲି ଭାଇନାକୁ ପୂଜା ଆସୁନି । ପୂଜା ଆସୁଥିଲେ ଫୁଲ କାହିଁକି ପଡ଼ିଲାନି ?

ସାର୍ ନିରବ ହୋଇଗଲେ । ଟିକେ ପରେ ପୁଣି ଯୋଡ଼ିଲେ, "ସତରେ ସେଦିନ ଫୁଲ ପଡ଼ିଥିଲେ ମୋ ଭାଗ୍ୟ ଯେ କ'ଣ ହୋଇଥାନ୍ତା ପରବର୍ତ୍ତୀ ସମୟରେ ମୁଁ ଭାବିଲି ।

କାହିଁକି ?

ପଚାରିଲି ମୁଁ ।


"ସେତେବେଳକୁ ତା'ର ଦୁର୍ନାମ ଖୁବ୍ ବଢ଼ିଯାଇଥିଲା । ସେ ବି କାହା ସାଙ୍ଗରେ ପଳାଇଲା । ମାତ୍ର ସେ ଏତେ ସୁନ୍ଦରୀ ଥିଲା ଯେ ସେ ଯାହା ପାଖକୁ ଆସିଲା ସମସ୍ତେ ଚୁପ୍ ।'' ସାର୍ ଚୁପ୍ ପଡ଼ିଗଲେ । ମାତ୍ର, ମୁଁ ଶୁଣିବାକୁ ଏତେ ଉତ୍କଣ୍ଠିତ ଥିଲେ ଯେ ସାର୍ ଚୁପ୍ ରୁହନ୍ତୁ ମୁଁ ଚାହୁଁନଥିଲି ।

ରାତି ବେଶି ହୋଇନି ।

ଜହ୍ନ କିରଣଟା ସୁହାଉଥିଲା ଖୁବ୍ ।

ସାର୍ ଏମିତି ଆଉ କିଛି କହନ୍ତେ କି ?

## ବହି ବିଚାର





- ପୁସ୍ତକର ନାମ: **ସେତୁ ଓ ସାଇକଲ୍**
- ସ୍ରଷ୍ଟାଙ୍କ ନାମ : **ଚିତ୍ତରଞ୍ଜନ ଚିରଞ୍ଜିତ**
- ପ୍ରକାଶକଙ୍କ ନାମ : **ତୀରତରଙ୍ଗ ପ୍ରକାଶନ, ଭୁବନେଶ୍ୱର-୨୪**
- ମୂଲ୍ୟ : **୧୫୦/-**



ସମୟର ଚିତ୍ରକୁ ଧରି ରଖିଥିବା ସାଇକଲ୍ କେବଳ ମାତ୍ର ପ୍ରତୀକ ନୁହେଁ, ସେ ହୋଇପାରେ ଏକ ବାପାର ଆଦର୍ଶଗତ ବିଚାର । ସେ ହୋଇପାରେ ଜୀବନର ଅନ୍ତର୍ଦାହ । କିଛି ବି ହୋଇପାରେ ଏ 'ସାଇକଲ୍' । ଏ ପ୍ରକାର ଏକ ଶୀର୍ଷକକୁ ନେଇ ଆମ ସମୟର କଥାଶିଳ୍ପୀ ଚିତ୍ତରଞ୍ଜନ ଚିରଞ୍ଜିତ ରଚନା କରିଛନ୍ତି ଯେଉଁ ଉପନ୍ୟାସ, ତା'ର ପୁସ୍ତକ ରୂପ 'ସେତୁ ଓ ସାଇକଲ୍' ତୀରତରଙ୍ଗ ପ୍ରକାଶନ, ଭୁବନେଶ୍ୱର ଦ୍ୱାରା ପ୍ରକାଶିତ ହୋଇ ଆମର ହସ୍ତଗତ ହୋଇଛି । ଦୁଇଟି ଉପନ୍ୟାସକୁ ନଇ ଏ ସଂକଳନ । ଗୋଟିଏ ଉପନ୍ୟାସ 'ସେତୁ' ଏବଂ ଅନ୍ୟଟି 'ସାଇକଲ୍' । ଉଭୟ ଉପନ୍ୟାସରେ ପାଠକ ପାଇବେ ଚିତ୍ତରଞ୍ଜନଙ୍କ ଶିଳ୍ପରୂପ, ଅର୍ଥାତ୍ ଜୀବନର ପୃଷ୍ଠଭୂମିରୁ ସାଉଁଟି ଆଣି ନାନାବିଧ ଯନ୍ତ୍ରଣା ଓ ଅସହାୟତାକୁ ପ୍ରମୂର୍ତ୍ତ କରିବାର କ୍ଷମତା ରଖୁଥିବା କାହାଣୀ ।

ଦୁଇଟି ଯାକ ଉପନ୍ୟାସ ବୟାନ୍ କରୁଛି ମୁକ୍ତିକାମୀ ମଣିଷର କଥା । 'ସାଇକଲ୍'ରେ ଯେଉଁ ଜିଜ୍ଞାସା ଟିକକ ରହିଛି, ସେଥିରେ ଶିଳ୍ପାୟନର ଦୁଇଟି ପାର୍ଶ୍ୱକୁ ଔପନ୍ୟାସିକ ଚିତ୍ରାୟିତ କରିଛନ୍ତି । ଶିଳ୍ପ ପ୍ରତିଷ୍ଠା ଦ୍ୱାରା ବିକଶିତ ସ୍ଥାନର ଜନୈକ ବିସ୍ଥାପିତ ମଣିଷଟି ଭିତରେ ଥିବା ଛୋଟ ଏକ ଇଚ୍ଛା କ'ଣ ପୂରଣ ହୁଏ ? ହୋଇପାରେ ? ଏହାର ଉତ୍ତର ହିଁ 'ସାଇକଲ୍' । ଉପନ୍ୟାସରେ ଅନୁଭବର ସାନ୍ଦ୍ରତା ଓ ଭାଷା ପ୍ରୟୋଗରେ ଥିବା ଶୃଙ୍ଖଳା ଉଲ୍ଲେଖନୀୟ । 'ସେତୁ'ରେ ରହିଛି ପରସ୍ପର ସହ ଯୋଡ଼ିହେବା ପାଇଁ ନଦୀ-ମଣିଷଙ୍କ ପ୍ରତିବାଦ ଆଉ ଜୀବନକୁ ଜିଇଁବାର ଏକ ଆର୍ତ୍ତସ୍ୱର । ଉଭୟ ଉପନ୍ୟାସରେ କାରୁଣ୍ୟ ହେଉଛି ଏକ ସଶକ୍ତ ଧାରା, ବାନ୍ଧି ରଖିବାର । ଆଶା କରାଯାଏ, ଏ ଉପନ୍ୟାସ ଗ୍ରନ୍ଥଟି ପାଠକ ମହଲରେ ଆଦର ଲାଭ କରିବ ।

# ମଗ୍ନତାର ମଙ୍ଗଳାଚରଣ



ପଶ୍ଚିମ ଓଡ଼ିଶାର ପୂର୍ବାଶା ସେ । ପିତାପାଲିର ପଦ୍ମ । ସାହିତ୍ୟ ତାଙ୍କର ସାରଥୀ । ସଂଘର୍ଷ ଓ ସଂଗ୍ରାମର ସେ ହେଲେ ସୁବର୍ଣ୍ଣ ସାକ୍ଷର । ବାରଡୁମୁରୀର ବିରଳତମ ବ୍ୟକ୍ତିତ୍ୱ କବି ମଙ୍ଗଳୁଚରଣ ବିଶ୍ୱାଳ । ଗାଁ ମାଟିର ମମତାରେ ବନ୍ଧା ତାଙ୍କ ଜୀବନ ଓ ସାହିତ୍ୟ । ତାଙ୍କ ସାଧନା ଓ ଜୀବନର ଯାତ୍ରା ଆମର ପ୍ରତିବେଦନ ।

# ମାଟିର ମଣିଷ ମଙ୍ଗଳୁଚରଣ



**ଡକ୍ଟର ଗୌରିଦାସ ପ୍ରଧାନ**

ଫଟୋ ସୌଜନ୍ୟ : ଲେଖକ

ଗାଁ ଛାଡ଼ି ସହରମୁହାଁ ହେବାର ସଉକ୍ ଯେ କରିନାହାନ୍ତି, ଗାଁ-ମା'କୁ ଛାଡ଼ି ଯିବାକୁ ହେବ ବୋଲି ଯେ ସରକାରୀ ମହାବିଦ୍ୟାଳୟରେ ଅଧ୍ୟାପକ ହୋଇନାହାନ୍ତି, ଗାଁ'ର ଗାରିମା ଗାଇବାରେ ଯେ ଗାଲୁଆ ହୋଇନାହାନ୍ତି, ଗାଁ ମଣିଷଙ୍କ କଥା କହିବାରେ ଯାହାଙ୍କ ସାହିତ୍ୟ ଅକୃପଣ ସେ ସାହିତ୍ୟ ସାଧକ ମଂଗଲୁଚରଣ ବିଶ୍ୱାଳ ।

ଗାଁରେ ହିଁ ତାଙ୍କ ଜୀବନଯାପନ, ଜୀବିକାର୍ଜନ, ସାହିତ୍ୟ ସର୍ଜନ, ପଠନପାଠନ । ଗାଁରେ ହିଁ ରହି ସୃଜିଛନ୍ତି ୧୨ଟି କବିତାସଂକଳନ, ୮ଟି ଗଳ୍ପ ସଂକଳନ, ୩ଟି ଉପନ୍ୟାସ, ୫ଟି ଶିଶୁ ସାହିତ୍ୟ, ୬ଟି ପ୍ରବନ୍ଧ ସଂକଳନ, ୪ଟି ଆକାଶବାଣୀ ନାଟକ, ୧୩ଟି ସମ୍ବଲପୁରୀ ନାଟକ, ୨ଟି ଆତ୍ମଜୀବନୀ ଜୀବନୀ, ୨ଟି ଅନୁବାଦ ଗ୍ରନ୍ଥ । ଗାଁରେ ହିଁ ରହି ସେ କ୍ଷେପିଛନ୍ତି ବାରଡ଼ୁମୁରିରୁ ବାଲେଶ୍ୱର ଯାଏ, ପିତାପାଲିରୁ ନୂଆଁଦିଲ୍ଲୀ ଯାଏ, ସମ୍ବଲପୁରରୁ ରାଜସ୍ଥାନର ଉଦୟପୁର ଯାଏ ।

ଯେତେବେଳେ ପ୍ରାୟ ସାହିତ୍ୟିକ ସହରବାସୀ ବୋଲି ସମାଲୋଚକମାନେ ସମାଲୋଚନା କରନ୍ତି ସେତେବେଳେ ବିରଳତମ ଉଦାହରଣ ମଂଗଲୁଚରଣ ।

ଏହାଙ୍କୁ ଭେଟିବାକୁ ହେଲେ ଆମକୁ ଯିବାକୁ ହେବ ବାରଡ଼ୁମୁରି । ଜନ୍ମମାଟି ପିତାପାଲି ହୀରାକୁଦ ଜଳ ଭଣ୍ଡାରରେ ବୁଡ଼ି ଯିବାରୁ ବିସ୍ଥାପିତ ହୋଇ ଏଠି ରହୁଛନ୍ତି ମଂଗଲୁଚରଣ୧୯୫୬ରୁ । ବାରଡ଼ୁମୁରି ଯିବା ପାଇଁ ବାଟ ସମ୍ବଲପୁର-ଧନୁପାଲି-ସିନ୍ଦୁରପଙ୍କ-ପରମାଣପୁର-ନୂଆଁମୁଣ୍ଡା-ବାରଡ଼ୁମୁରି । ସମ୍ବଲପୁରରୁ ବାରଡ଼ୁମୁରିକୁ ଯାଇ ହେବ ସାଇକେଲରେ / ବାଇକ୍‌ରେ / ବସ୍‌ରେ / ନିଜ ବ୍ୟବସ୍ଥାରେ । ୨୫ କି.ମି. ବାଟ ଯାଇ ହେବ ଘଣ୍ଟାଏରୁ କମ୍ ସମୟରେ । ବାରଟି ପଡ଼ାର ଗାଆଁ ବାରଡ଼ୁମୁରିର କୁଲତାପଡ଼ାରେ ଏହାଙ୍କ ଘର । ପଡ଼ାକୁ ଢୁକୁଣୁ ଢୁକୁଣୁ ଦେଖି ହେବ । ଦେଖିଲେ ମନେ ହେବ ଧାଡ଼ିରେ ଛିଡ଼ା ସ୍କୁଲଘର । ଘର ସାମ୍ନାରେ ବଉଳ ଗଛ । ଘର ବାରଣ୍ଡାରେ ବସି ଦେଖି ହୁଏ ପର୍ବତିଆ ସବୁଜିମା । ବୋଧେ ପ୍ରଲମ୍ବିତ ଝରଘାଟି-ଗଡ଼ପାଟିର । ଏହି ଠିକଣାରେ ଭେଟି ହେବ ନିରବ ସାଧକ ମଂଗଲୁଚରଣଙ୍କୁ ।

ଏହି ଘର ସାହିତ୍ୟର ପ୍ରତିଟି ପ୍ରବିଧାରେ ଲେଖିବାକୁ ଶ୍ରୀ ବିଶ୍ୱାଳଙ୍କୁ ଯେମିତି ପରିବେଶ ଦେଇଛି ସେମିତି ରାଜ୍ୟର ସବୁ ପ୍ରାନ୍ତର ସାହିତ୍ୟ ସଂସ୍କୃତିପ୍ରେମୀଙ୍କ ପାଖକୁ ଚିଠି ଲେଖିବାର ଅବସର ଦେଇଛି । ଏ ଘର ଠିକଣାରେ ଚିଠି ଆସୁଛି ଯେମିତି ଚିଠି ଯାଉଛି ସେମିତି । ୧୮ ଜୁନ୍ ୨୦୧୮ ଯାଏଁ ଏ ଘରୁ ଯାଇଥିବା ଚିଠି ସଂଖ୍ୟା ୧୧,୭୩୩ । ଏ ଚିଠିମାନେ ଯାଇଛନ୍ତି କବି ଲେଖକମାନଙ୍କ ପାଖକୁ, ପତ୍ରପତ୍ରିକା ସଂପାଦକମାନଙ୍କ ପାଖକୁ, ସାହିତ୍ୟପ୍ରେମୀମାନଙ୍କ ପାଖକୁ, ଗବେଷକମାନଙ୍କ ପାଖକୁ, ମଂଗଲୁ ପ୍ରେମୀମାନଙ୍କ ପାଖକୁ । ସୁବ୍ୟବସ୍ଥିତ ହୋଇ ରହିଛି ଏ ଚିଠିମାନଙ୍କର ସୂଚନା ଏକ ପୃଥୁଳକାୟ ଡ଼ାଏରୀରେ । କେବେ ଯାଇଛି, କାହା ପାଖକୁ ଯାଇଛି, କେଉଁ ପ୍ରସଙ୍ଗରେ ଯାଇଛି ଆଦି ତଥ୍ୟ ରହିଛି ଡ଼ାଏରୀରେ ।

ଚିଠି ଯେପରି ଯାଇଛି ମଂଗଲୁଚରଣଙ୍କ ପାଖରୁ ଚିଠି ସେପରି ଆସିଛି ଏହାଂକ ପାଖକୁ । ଚିଠି ଆସିଛି - କବି ରମାକାନ୍ତ ରଥ, ପ୍ରାଜ୍ଞ ମନୋଜ ଦାସ, କବି ବ୍ରଜନାଥ ରଥ, ସୁଶିକ୍ଷକ ବଙ୍କିମଚନ୍ଦ୍ର ମହାରଣା, ନାଟ୍ୟକାର କାଳୀଚରଣ ପଟ୍ଟନାୟକ, କବି ବିନୋଦଚନ୍ଦ୍ର ନାୟକ, କବି ରାଜେଂଦ୍ର କିଶୋର ପଂଡ଼ା, କବି ଚିନ୍ତାମଣି ବେହେରା ଆଦି ଅନେକ ଅନେକ ଦିଗଗଜମାନଙ୍କ ପାଖରୁ । ପୁଣି ମୁଗ୍ଧ ପାଠକ, ପତ୍ରିକା ସଂପାଦକ, ଅନୁଜ କବି ଲେଖକ, ଅଗ୍ରଜ କବି ଲେଖକ, ସମକାଳର କବି ଲେଖକ, ସାହିତ୍ୟ ସଂସ୍କୃତିସଂପନ୍ନ ଅନୁଷ୍ଠାନମାନଙ୍କ ପାଖରୁ ।

ଚିଠି ଯେମିତି ଆସିଛି ବାରଡ଼ୁମୁରି ଘରକୁ କବି, ଲେଖକ, ସାହିତ୍ୟିକମାନେ ସେମିତି ଆସିଛନ୍ତି ବାରଡ଼ୁମୁରି ଘରକୁ । ଆସିଛନ୍ତି ପଶ୍ଚିମଓଡ଼ିଶାର ଅନେକ ସାହିତ୍ୟ ସଂସ୍କୃତିପ୍ରେମୀ । ଏମାନଙ୍କ ପରି ଆସିଛନ୍ତି ମଂଗଲୁଚରଣଙ୍କ ଘରକୁ ପ୍ରଖ୍ୟାତ ସାହିତ୍ୟିକ ନୀଳଶୈଳ ସ୍ରଷ୍ଟା ସୁରେନ୍ଦ୍ର ମହାନ୍ତି, ବାଲେଶ୍ୱରରୁ କବି ବ୍ରଜନାଥ ରଥ, କବି ସମାଲୋଚକ ସୌରୀନ୍ଦ୍ର ବାରିକ, ଓଡ଼ିଶା ସାହିତ୍ୟ ଏକାଡ଼େମୀର ସଭାପତି ହରିହର ମିଶ୍ର, ତତ୍କାଳୀନ ସଂପାଦକ ଅଶ୍ୱିନୀ ମିଶ୍ର, ଆକାଶବାଣୀ, ଦୂରଦର୍ଶନର ପ୍ରମୁଖ ପଦାଧିକାରୀ, ଶିଶୁ ସାହିତ୍ୟିକ ମନୀନ୍ଦ୍ର ମହାନ୍ତି ପ୍ରମୁଖ ।

ଏହି ଘରୁ ସେ ସଂପୃକ୍ତ ହୋଇଛନ୍ତି କଟକ ଆକାଶବାଣୀ ସହ ୧୯୬୨ରୁ, ସମ୍ବଲପୁର ଆକାଶବାଣୀ ସହ ୧୯୬୩ରୁ । କାମ କରିଛନ୍ତି ପରମାଣପୁର ହାଇସ୍କୁଲର ପ୍ରଧାନଶିକ୍ଷକ ଭାବରେ, ପାଞ୍ଚ ବର୍ଷ ପାଇଁ ଓଡ଼ିଶା ସରକାରଙ୍କ ଶିଶୁ ସାହିତ୍ୟ ସମିତି ସଭ୍ୟ ଭାବରେ, ପାଠ୍ୟ ପୁସ୍ତକ ପ୍ରଣୟନ କମିଟି ସଭ୍ୟ ଭାବରେ, ମାଧ୍ୟମିକ ଶିକ୍ଷାବୋର୍ଡ଼ ସିଲାବସ୍ ପ୍ରସ୍ତୁତିରେ ।

ଏହାଙ୍କ ଜୀବନଲିପି ଜଣାଏ ଆଜନ୍ମ ଗ୍ରାମବାସୀ ହେଲେ ସୁଦ୍ଧା ବିଶ୍ୱର ବିବିଧ ବିବର୍ତ୍ତନ ସହ ଜଣେ ନିଜକୁ ସାମିଲ କରିପାରେ ; ଅନୁକୂଳ ପ୍ରତିକୂଳ ନିରପେକ୍ଷରେ ମୂଲ୍ୟବାନ ମୁହୂର୍ତ୍ତ ସବୁର ସୁବିନିଯୋଗ ସଫଳତାର ପଥରେ ଅଗ୍ରସର କରାଇପାରେ ; କର୍ମସ୍ଥଳୀ ଯେଉଁଠି ଥାଉନା କାହିଁକି, ଯାହା ହେଉନା କାହିଁକି ନିରଳସ ସଶ୍ରଦ୍ଧ କର୍ମ ସଂପାଦନ ସଦ୍‌କର୍ମୀକୁ ସମାଜ ସମକ୍ଷରେ ପ୍ରତିଷ୍ଠିତ କରିପାରେ ; କାର୍ଯ୍ୟଧାରା ଭିତରେ ସୃଜନାତ୍ମକ ଚିନ୍ତାର ବିନିଯୋଗ ସାଧାରଣ ମଣିଷକୁ ମଧ୍ୟ ଅସାଧାରଣ କରିପାରେ ।

ଏହାଙ୍କ ଉପରେ ଗବେଷଣାତ୍ମକ ଗ୍ରନ୍ଥ "ସାହିତ୍ୟ ସାଧକ ମଂଗଲୁଚରଣ"ର ଉନ୍ମୋଚକ ଭାବରେ ଯୋଗ ଦେଇ ବିଶିଷ୍ଟ କବି ରାଜେଂଦ୍ର କିଶୋର ପଂଡ଼ା କହନ୍ତି - "ବିସ୍ଥାପନ ମଂଗଲୁଚରଣଙ୍କୁ ସୃଷ୍ଟିଶୀଳ କରିଛି । ସଂଘର୍ଷକୁ ସାମ୍ନା କରିବାକୁ ସାହସ ଦେଇଛି । ସେ ଜଣେ ଭଲ ମଣିଷ ହେବା ସହିତ ଭଲ ଶିକ୍ଷକ ହୋଇପାରିଛନ୍ତି । X X X X X । ମଂଗଲୁଚରଣ ସରଳ, ନିରାଡ଼ମ୍ବର ଜୀବନ ବିତାଉଥିବା ବେଳେ ସବୁବେଳେ ପ୍ରଚାର ଠାରୁ ଦୂରେ ରହି ଆସିଛନ୍ତି । ଅବହେଳା ଭିତରେ ଗତି ସାହିତ୍ୟିକର ନିୟତି । ଏହି ଅବହେଳା ହିଁ ସାହିତ୍ୟିକକୁ ଅଧିକରୁ ଅଧିକ ସୃଜନଶୀଳ



କରିଥାଏ ।  ଏହା ମଂଗଳୁଚରଣଙ୍କ କ୍ଷେତ୍ରରେ ପ୍ରତିପାଦିତ ହୋଇଛି ।”

ଏହି ସୃଜନଶୀଳ ମଣିଷ ଜଣଙ୍କୁ ଆପଣ କାହିଁକି ଲେଖନ୍ତି ଭଳି ପ୍ରଶ୍ନ କଲେ ଉତ୍ତରରେ ସେ କହନ୍ତି “ଆପଣା ଭିତରକୁ ବାହାର କରିବାକୁ ଏ ଅଧମ ଲେଖେ । ଗୋଟିଏ ‘ଗଭୀରତା’ର ଖୋଜ୍‌ରେ ଏ ଅଧମ  ଲେଖେ । ମଣିଷ ହେବାକୁ ଏ ଅଧମ ଲେଖେ । ଦୃଢ଼ ନଥିବା ‘ମୋହ’ରୁ ମୁକ୍ତି ପାଇବା ପାଇଁ ଏ ଅଧମ ଲେଖେ ।”

ଏଭଳି ନିଜକୁ ଅଧମ କହି କହି ଏ ଯାବତ୍ ଲେଖି ଆସିଥିବା ଲେଖକ ‘ହଜିଲା ଦିନ’ ପରି ବିରଳ ଆତ୍ମଜୀବନୀ ଦେବାରେ ଯେପରି ଅନନ୍ୟ, ‘ଭୁଖା’ ପରି କ୍ଲାସିକ୍ ନାଟକ ଦେବାରେ ସେପରି ଅନନ୍ୟ ।

ଏହାଙ୍କ ଚରିତ୍ରମାନେ ଆସନ୍ତି ନିତିଦିନିଆ ଜୀବନରୁ, ପାଖ ପଡ଼ୋଶୀରୁ, ଗାଆଁ ଗହଳିରୁ, ନିହାତି ଦେହାତିରୁ । ଆଗରୁ ସାହିତ୍ୟରେ ଭେଟି ନଥିବା ଚରିତ୍ରମାନଙ୍କୁ ପାଠକ ଭେଟେ ଏହାଙ୍କ ସାହିତ୍ୟରେ । ଭେଟେ ଟୁରୀକୁ, ରୁଗୁଡ଼ାବାଲୀକୁ, ମୁହୁରିଆ ଅଏଁଠାକୁ, ବୁଢ଼ା ରିକ୍‌ସାବାଲା ଲଏଖନକୁ, ବୁଡ଼ି ବିସ୍ଥାପିତ ପଧାନ ବୁଢ଼ୀକୁ, କଷ୍ଟୁକୁ, ଗାଁ ଛାଡ଼ି ସହରକୁ ଘୁଡ଼କା ନାଚ ଦେଖାଇବାକୁ ଆସିଥିବା ଛାଲ ଛଏଲୀ ଆଦିଙ୍କୁ ।

ସମ୍ବଲପୁରୀ ନାଟକ ଲେଖି ବହୁ ଖ୍ୟାତି ଅର୍ଜନ କରିଥିବା ମଂଗଳୁରରଣ ନାଟକ ପାଇଁ କଥାବସ୍ତୁ ସଂଗ୍ରହ ପରିପ୍ରେକ୍ଷୀରେ କହନ୍ତି – “ଲୋକ ମୋ ଚଉକତି ସାଲୁବାଲୁ । ତାଙ୍କଠି ନାଟକ ପାଇଁ ପ୍ରଚୁର ଖୋରାକ୍ । ସେ ସବୁ ମହୁଲ ଫୁଲ ପରି ଗୋଟାଇ ପାରିଲେ ତ ? ମୁଁ ଲୋକଙ୍କ ଆଖିକୁ ପଢ଼େ । କଥା ଶୁଣେ । ଜୀବନ ଜିଇଁବାର ତରିକାକୁ ନିଘା ରଖେ । ସେମାନେ ଆପଣା ଛାଏଁ ନାଟକ ଭିତରକୁ ପଶି ଆସନ୍ତି ।”

ଏହାଙ୍କ ସମ୍ବଲପୁରୀ ନାଟକ ‘ଭୁଖା’ ଚଳଚ୍ଚିତ୍ରରେ ରୂପାନ୍ତରିତ ହୋଇ ଯେପରି ସଫଳତା ଅର୍ଜିଛି ସେପରି ବିଦେଶ ମାଟିରେ ପୁରସ୍କୃତ ହୋଇଛି । ସମ୍ବଲପୁର ବିଶ୍ୱବିଦ୍ୟାଳୟ ଓଡ଼ିଆ ସାହିତ୍ୟ ଅଧ୍ୟୟନ କରୁଥିବା +୩ ପିଲାଂକ ପାଇଁ ଏହା କୋର୍ସରେ ରଖିଛି । ଏହାଙ୍କ ‘ସୁନା ନେଉଳ’, ‘ପାହାଡ଼ର ଡାକ’, ‘ଅଶୋକ’ ଭଳି ଏକାଙ୍କିକା ବିଭିନ୍ନ ଶ୍ରେଣୀରେ ପାଠ୍ୟ ହୋଇଛି ।

୧୯୫୮ରେ ପ୍ରକାଶିତ ପ୍ରଥମ କବିତା ସଂକଳନ ‘ଦରିଆପାରିର କବିତା’ଠାରୁ ଆରମ୍ଭ କରି ଏଯାବତ୍ ପ୍ରକାଶିତ ସମସ୍ତ କୃତିକୁ ନେଇ ପ୍ରସ୍ତୁତ ହୋଇଛି “ମଂଗଳୁ ଚରଣ ରଚନାବଳୀ” । ପଶ୍ଚିମଓଡ଼ିଶା ବିକାଶ ପରିଷଦର ସୌଜନ୍ୟରେ । ପାଞ୍ଚ ଖଣ୍ଡରେ ପ୍ରକାଶିତ “ମଂଗଳୁ ଚରଣ ରଚନାବଳୀ”ରେ ରହିଛି ୩,୧୨୮ ପୃଷ୍ଠାର ସର୍ଜନାଲିପି । ଏତେ ସଂଖ୍ୟାରେ ଓ ଏତେ ଦିଗରେ ସୃଜନ କର୍ମରେ ସଂପୃକ୍ତ ଲେଖକ ପରମ ପରିତୃପ୍ତି ଅର୍ଜିଛନ୍ତି କି ପ୍ରଶ୍ନର ଉତ୍ତରରେ କହନ୍ତି –


“ଲେଖକର ପରମ ପରିତୃପ୍ତି ନ ଥାଏ । ପାଇବି କଉଁଠୁ । ଅତୃପ୍ତ ରହିବା ହିଁ ତ ଲେଖକୀୟ ଲକ୍ଷଣ । ପ୍ରାର୍ଥିତ ସେଇ ପରମ ତୃପ୍ତି ଟିକକ ପାଇଗଲେ ଆଉ ଲେଖକ ହେବି କିଆଁ ? ଜନମରୁ ଜଳିବା ଯାଏଁ ବଞ୍ଚି ଜାଣିଲେ ଅନୁଭୂତି ମିଳେ ।”

ଏଭଳି ଅନୁଭୂତି ଅର୍ଜୁଥିବା ମଂଗଳୁଚରଣଙ୍କ ନିଦ ଭାଂଗେ ବ୍ରାହ୍ମମୁହୂର୍ତ୍ତରେ । ନିତ୍ୟକର୍ମ ସମାପନ ପରେ ଆରମ୍ଭ ହୋଇଯାଏ ପଢ଼ାପଢ଼ି । ଥାକରୁ ଟାଣିଲେ ଯଉ ଗୋଟାକ ହାତରେ ପଡ଼େ ସେ ପଠନୀୟ । ବହି ହଉ କି ପତ୍ର ପ୍ରତିକା ଯେଉଁ ଦିନ ଯାହା ମିଳେ ସେଇଠି କରନ୍ତି ତାରିଖ ସହ ଦସ୍ତଖତ । ସେହି ତାରିଖ ଜଣାଏ ସେହି ବହିଟି ପଢ଼ିବା ପାଳି କେବେ ଆସିବ । ନିହାତି ସଜରିଆ କାଠ ଟେବୁଲଟି ଓ କାଠ ଚୌକିଟି ସବୁବେଳେ ପ୍ରସ୍ତୁତ ହୋଇ ଥାଆନ୍ତି ତାଂକୁ ଆସ୍ଥାନ ଦେବା ପାଇଁ । ସେଇଠି ବସି ଗଲେ ଆରମ୍ଭ ହୋଇଯାଏ ପଢ଼ା । ପାଖରେ ଥାଏ କଲମଟିଏ ।

ଯେଉଁଠି ଯାହା ଆବଶ୍ୟକ ମନେ ହେଲା ଟିପା ହେବ । ଗାର ପଡ଼ିବ । ବିଚାର ଯୋଡ଼ା ହେବ । ଯେଉଁଠି ସେ ଦିନର ପଢ଼ା ସରିବ ସେଠି ସମୟ ସହ ଦସ୍ତଖତ ରହିବ । ଏଭଳି ପଠନ କଳାର ଅଧିକାରୀ ଆଗେ ଦିନ ପିଛା ପଢୁଥିଲେ ୨୦୦ ପୃଷ୍ଠା ଯାଏଁ । ୮୫ ବର୍ଷ ବୟସ ହେଲାରୁ ପଠନ ପରିମାଣ କମି ଆସିଛି ୧୦୦ ପୃଷ୍ଠାକୁ । ଏଭଳି ଜଣେ ବିରଳ ପାଠକଙ୍କୁ ଭଲ ପାଠକ ହେବାର କଳା କ’ଣ ବୋଲି ପଚାରିଲେ କହନ୍ତି – “ପଢ଼ିବା ପାଇଁ ଏକାଗ୍ରତା ଥିବା ଜରୁରୀ । ଯେଉଁ ଭାଷାର ବହି ପଢୁଛନ୍ତି, ସେହି ଭାଷାରେ ଜ୍ଞାନ ଥିବା କଥା । ଏହା ବାହାରେ ଚଟି ବହିରୁ ନେଇ ବଡ଼ ବହି ଯାଏଁ

## ମଂଗଳୁଚରଣଙ୍କୁ ପ୍ରଦତ୍ତ ଶ୍ରଦ୍ଧା ଓ ସମ୍ମାନ

- ଦେଶାତ୍ମବୋଧ ଗୀତ ପାଇଁ ତା.୩୧.୧୦.୧୯୫୭ରେ (୧୮୫୭ର ଶତାବ୍ଦୀ ସ୍ମରଣ ଅବସରରେ) ଓଡ଼ିଶା ସରକାରଙ୍କ ଘରୋଇ ବିଭାଗ ଦ୍ୱାରା ସମ୍ମାନିତ ।
- ଶିକ୍ଷା ଓ ସମାଜ କଲ୍ୟାଣ ବିଭାଗ, ଭାରତ ସରକାରଙ୍କ ଦ୍ୱାରା ‘କଟକ ଚିନ୍ତା ବାଇମୁଣ୍ଡି କି’ ଗଳ୍ପ ସଂକଳନ ପାଇଁ ତା.୧୦.୩.୧୯୭୩ରେ ପୁରସ୍କୃତ ।
- ପୁରୀ ଜିଲ୍ଲା ସ୍କୁଲ, ପୁରୀ ଠାରେ ଶିକ୍ଷକତା ପାଇଁ ତା.୫.୧.୧୯୮୩ରେ ସମ୍ମାନିତ ।
- ଭାରତର ରାଷ୍ଟ୍ରପତି ଡ. ଶଙ୍କର ଦୟାଲ ଶର୍ମାଙ୍କ ଠାରୁ ଶିକ୍ଷକତା ପାଇଁ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତି ତା.୫.୯.୧୯୯୪ରେ ।
- ଓଡ଼ିଶା ସାହିତ୍ୟ ଏକାଡ଼େମୀ, ଭୁବନେଶ୍ୱର ଦ୍ୱାରା ସାମୂହିକ ସାହିତ୍ୟ ସାଧନା ପାଇଁ ସମ୍ବର୍ଦ୍ଧନା ତା. ୧୯.୬.୨୦୦୦ରେ ।
- ଫକୀର ମୋହନ ସାହିତ୍ୟ ପରିଷଦ, ବାଲେଶ୍ୱରଙ୍କ ଦ୍ୱାରା ଫକୀର ମୋହନ ସାହିତ୍ୟଶ୍ରୀ ପୁରସ୍କାର ପ୍ରାପ୍ତି ତା.୧୪.୧.୨୦୦୨ରେ ।
- ବରି ହାଇସ୍କୁଲ, ବରି, ବାଲେଶ୍ୱର ଦ୍ୱାରା ସମର୍ପିତ ଶିକ୍ଷକତା ପାଇଁ ସମ୍ମାନିତ ତା.୧୫.୧.୨୦୦୨ରେ ।
- ଓଡ଼ିଶା ସାଂସ୍କୃତିକ ସମାଜ, ସମ୍ବଲପୁର ଦ୍ୱାରା ଶିକ୍ଷକତା ପାଇଁ ସମ୍ମାନିତ ତା. ୧୦.୧୨.୧୯୯୪ରେ ।
- ସମ୍ବଲପୁର ମାଧ୍ୟମିକ ଶିକ୍ଷକ ସଂଘ ଦ୍ୱାରା ସମ୍ମାନିତ ତା.୦୩.୦୩.୧୯୯୬ରେ ।
- ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଜ୍ୟୋତିବିହାର, ବୁର୍ଲା ଦ୍ୱାରା “ଭରତଚନ୍ଦ୍ର ନାୟକ ସ୍ମୃତି ସମ୍ମାନ” ତା. ୧୨.୮.୨୦୦୫ରେ ।
- ନିଖିଳ ଉତ୍କଳ ଶିକ୍ଷକ ମହାସଂଘ, ଭୁବନେଶ୍ୱର ଦ୍ୱାରା କୃତୀ ଶିକ୍ଷକ ସମ୍ମାନ ପ୍ରଦାନ ତା.୦୨.୧୦.୨୦୦୮ରେ ।
- ସମ୍ବଲପୁର ବିଶ୍ୱବିଦ୍ୟାଳୟ ଦ୍ୱାରା ସମ୍ମାନ ସୂଚକ ଡି.ଲିଟ୍ ଡିଗ୍ରୀ ପ୍ରଦାନ ତା. ୧୪.୭.୨୦୧୨ରେ ।



## ଏମିତି କିଛି ସମୟ ସୂଚୀ ମଂଗଲୁଚରଣଙ୍କୁ ଜାଣିବା ପାଇଁ

■ **୪.୫.୧୯୩୫ :**
ଏବେ ହୀରାକୁଦ ଜଳଭଣ୍ଡାରରେ ନିମଜ୍ଜିତ ପିତାପାଲି ଗାଁରେ ମଂଗଲୁଚରଣଙ୍କ ଜନ୍ମ ପିତା ୰ଶ୍ରୀବତ୍ସ ବିଶ୍ୱାଳ ମାତା ୰ଭଗବତୀ ବିଶ୍ୱାଳ

■ **୧୯୫୧ :**
ଝାରସୁଗୁଡ଼ା ମନମୋହନ ମି.ଇ. ସ୍କୁଲର ଛାତ୍ର ଥିବା ସମୟରେ କବିତା ପୁସ୍ତିକା 'ଅଇଲା ବସନ୍ତ ଫେରି' ପ୍ରକାଶନ, ପ୍ରକାଶକ - ଛାତ୍ରବଂଧୁ ଧ୍ରୁବରାଜ ନାଏକ

■ **୧୯୫୫:**
ମାମୁଁଙ୍କ ଝିଅ ଶୈଳବାଳାଙ୍କୁ ବିବାହ

■ **୧୯୫୬ :**
ହୀରାକୁଦ ନଦୀବନ୍ଧ ଯୋଜନାରେ ପିତାପାଲି ଗାଁ ବୁଡ଼ି ଯାଉଥିବାରୁ ନୂତନ ବାସସ୍ଥାନ ପାଇଁ 'ବାରଡ଼ୁମୁରି'କୁ ଯାତ୍ରା

■ **୨୪ ଜୁନ୍ ୧୯୫୭ :**
ଶ୍ରୀପୁରା ଏମ୍.ଇ. ସ୍କୁଲରେ ପ୍ରଧାନ ଶିକ୍ଷକ ଭାବରେ ଯୋଗଦାନ

■ **୧୯୫୮ :**
ପ୍ରଥମ କବିତା ସଂକଳନ 'ଦରିଆ ପାରିର କବିତା' ପ୍ରକାଶନ

■ **୧୩.୫.୧୯୬୪ :**
ପରମାଣପୁର ହାଇସ୍କୁଲରେ ପ୍ରଧାନଶିକ୍ଷକ ଭାବରେ ଯୋଗଦାନ

■ **୧୯୬୫ :**
ଉତ୍କଳ ବିଶ୍ୱବିଦ୍ୟାଳୟରୁ ଘରୋଇ ପରୀକ୍ଷାର୍ଥୀ ଭାବରେ ଓଡ଼ିଆରେ ଏମ୍.ଏ.

■ **୧୯୬୫ ରୁ ୧୯୭୫ :**
ଓଡ଼ିଆ ଶିଶୁ ସାହିତ୍ୟ ସମିତିର ସଭ୍ୟ

■ **୧୯୭୧ ରୁ ୧୯୯୫ :**
ଓଡ଼ିଶା ମାଧ୍ୟମିକ ଶିକ୍ଷା ବୋର୍ଡ଼ ସହ ସଂପୃକ୍ତି, ପାଠ୍ୟ ପୁସ୍ତକ ପ୍ରଣୟନ ସିଲାବସ୍ ପ୍ରସ୍ତୁତି ଆଦିରେ

■ **୨୧.୧୧.୧୯୮୩ :**
ରାଉରକେଲା ଲୋକନାଟକ ମହୋତ୍ସବରେ ସୃଷ୍ଟି ନାଟ୍ୟ ସଂସ୍ଥା, ସମ୍ବଲପୁର ଦ୍ୱାରା ମଙ୍ଗଲୁଚରଣଙ୍କ ନାଟକ 'ଭୁଖା' ମଞ୍ଚସ୍ଥ ଓ ପ୍ରଭୂତ ସଫଳତା ଅର୍ଜନ । କବି ମଂଗଲୁଚରଣଙ୍କ ଭିତରୁ ନାଟ୍ୟକାର ମଂଗଲୁଚରଣଙ୍କ ଉନ୍ମେଷ

■ **୫.୯.୧୯୯୪ :**
ଶିକ୍ଷକତା ପାଇଁ ରାଷ୍ଟ୍ରପତିଙ୍କ ଦ୍ୱାରା ନୂଆଦିଲ୍ଲୀ ଠାରେ ସମ୍ମାନ ପ୍ରଦାନ

■ **୩୧.୫.୧୯୯୫ :**
ପରମାଣପୁର ହାଇସ୍କୁଲରୁ ପ୍ରଧାନଶିକ୍ଷକ ପଦବୀରୁ ଅବସର ଗ୍ରହଣ

■ **୮.୪.୨୦୧୮ :**
ପାଂଚଖଣ୍ଡରେ ପ୍ରକାଶିତ 'ମଙ୍ଗଲୁଚରଣ ରଚନାବଳୀ'ର ଲୋକାର୍ପଣ

■ **୯.୪.୨୦୧୮ :**
ମଂଗଲୁଚରଣଙ୍କ ସାମଗ୍ରିକ ସାହିତ୍ୟ କୃତି ଉପରେ ସର୍ବ ପ୍ରଥମ ପିଏଚ୍.ଡି. ଗ୍ରନ୍ଥ 'ସାହିତ୍ୟ ସାଧକ ମଂଗଲୁଚରଣ'ର ଲୋକାର୍ପଣ

ସମସ୍ତଙ୍କୁ ସମାନ ଧୈର୍ଯ୍ୟରେ ପଢ଼ିବାର ଶ୍ରଦ୍ଧା ଥିବା କଥା ।"

ଏମିତି ଧୈର୍ଯ୍ୟ ନେଇ ପଢ଼ାପଢ଼ି ଲେଖାଲେଖି କରୁଥିବା ମଂଗଲୁଚରଣଙ୍କ ପାଖକୁ ଲୋକ ଆସିବାରେ ତିଥି ଅତିଥି ନଥାଏ । ଆସନ୍ତି ବନ୍ଧୁବାନ୍ଧବେ, ପ୍ରିୟ ପାଠକେ, ସାହିତ୍ୟ ରସିକେ, ପତ୍ରିକା ସଂପାଦକେ ଭଳି ଆଉ ଅନେକେ । ସମସ୍ତଙ୍କ ପାଇଁ ଖୋଲା ରହିଥାଏ ତାଙ୍କ ଦୁଆର । ଯେ ଆସିଲା ତାକୁ ସ୍ୱାଗତ । ୧୧ଟା ୨୦ରେ ସ୍ନାନ ପରେ ଦିବା ଭୋଜନ । ସାମାନ୍ୟ ବିଶ୍ରାମ । ରେଡ଼ିଓ ଶୁଣିବା, ଟିଭିରେ କିଛି ପସନ୍ଦର କାର୍ଯ୍ୟକ୍ରମ ଦେଖିବା, ପଢ଼ାପଢ଼ି କରିବାରେ କଟେ ଦି'ପହର । ଅପରାହ୍ନରେ ପୁଣି ଥାଏ ଚିରାଚରିତ କାମ ସାହିତ୍ୟ ସେବା ।

ଏସବୁ ଭିତରେ ପାରିବାରିକ ଜୀବନ, ସାମାଜିକ ଜୀବନ, ସାଂସ୍କୃତିକ ଜୀବନରେ ବଡ଼ ବ୍ୟବସ୍ଥିତ ମଂଗଲୁଚରଣ । ସେ ସୃଜନ ଜୀବନରେ ଯେପରି ବ୍ୟବସ୍ଥିତ ପାରିବାରିକ ଜୀବନରେ ବି ସେପରି । ରହନ୍ତି ବାରଡ଼ୁମୁରିରେ ୩ ପୁଅ ପରିବାର ସହ । ଏକ ମାତ୍ର ଝିଅକୁ କେବେଠୁ ବାହା ଦେଇଛନ୍ତି । ତାଙ୍କ ସହ ରହନ୍ତି ପତ୍ନୀ ଶୈଳବାଳାଙ୍କ ସମେତ ୧୬ ଜଣିଆ ପୁଅବୋହୂ ନାତିନାତୁଣୀ ପଣନାତି ପଣ ନାତୁଣୀର ପରିବାର । ଆଜୀବନ ଗ୍ରାମୀଣ ହେବା ଯେପରି ତାଂକର ବୈଶିଷ୍ଟ୍ୟ ବିଶାଳ ପରିବାରର ପରିବେଷ୍ଟନୀରେ ଘରେ ରହିବା ସେପରି ବୈଶିଷ୍ଟ୍ୟ । ବୁଡ଼ି ପିତାପାଲି ଗାଁ ଘରକୁ ଯେପରି ଝୁରି ହୁଅନ୍ତି ବାରଡ଼ୁମୁରି ଘରକୁ ସେପରି ଘେରି ରହନ୍ତି । ଏହି ଘର ସଂପର୍କରେ କହିଲା ବେଳେ କହନ୍ତି ।

"ଏଇ ତ ଘର । ଏଠି ଜନମ, ଏଠି ମରଣ । ମୋ ଅଜା ଧରେଇ ଦେଇଥିଲେ ଏମିତି ଏକ ଘର ମୋ' ବାପାଙ୍କୁ । ମୋ' ବାପା ତାଙ୍କ ସାଇତା ଘର ମୋତେ ଧରେଇ ଦେଇ କୁଆଡ଼େ ଛୁ' । ମୁଁ ପୁଅକୁ ଏ ଘର ଧରେଇ ଦେବାର ଲଗନ କେବେ ଆସିବ, କେଜାଣି ?"

ଏମିତି ଗାଁ ଘରେ ରହି ଆସୁଥିବା ମଂଗଲୁ ଯୋଡ଼ି ହୋଇଥାନ୍ତି ସାରା ଅଂଚଳର ସାହିତ୍ୟ ସହିତ ।

ସେ ଯେମିତି ପଢ଼ନ୍ତି ରାଜେଂଦ୍ର କିଶୋର ପଂଡ଼ାଙ୍କ 'ଅନ୍ୟା', ସେମିତି ପଢ଼ନ୍ତି 'ହେରିପୋଟର୍', ସେମିତି ପଢ଼ନ୍ତି ଡକ୍ଟର ଜିଭାଗୋ । ପ୍ରଗତିଶୀଳ ସାହିତ୍ୟ କଥା କହିଲା ବେଳେ ଯେମିତି ରବି ସିଂଙ୍କୁ କହନ୍ତି ସେମିତି ଲଇଡ଼ାର ଈଶ୍ୱର ନାୟକଙ୍କୁ ମଧ୍ୟ ଉଦ୍ଧାର କରନ୍ତି ।

ପାଖ ମଣିଷଠୁ ଦୂରର ମଣିଷ ଯାଏ ସମସ୍ତଙ୍କୁ ଶ୍ରଦ୍ଧାରେ ମନେ ପକାଉଥିବା ମଂଗଲୁ ଚରଣ ମଣିଷପଣିଆର ଅଭ୍ୟୁଦୟ ହିଁ ତାଂକ ସାହିତ୍ୟରୁ ଖୋଜନ୍ତି । ଏହାଙ୍କ ସାହିତ୍ୟରେ ମାଟି-ମନସ୍କତାର ଚିତ୍ର ଯେପରି ଦୃଶ୍ୟମାନ ହୁଏ ସେପରି ଅତୀତ ପ୍ରବଣତାର ପ୍ରଭାବ ଅନୁଭୂତ ହୁଏ ।

ଗ୍ରହଣଶୀଳ, ସମଦୃଷ୍ଟି ସଂପନ୍ନ, ସମ୍ବେଦନଶୀଳ, ଜୀବନବାଦୀ, ପ୍ରତିକ୍ରିୟାଶୀଳ ମଂଗଲୁଚରଣଙ୍କୁ ତାଙ୍କ ସାହିତ୍ୟରେ ଯେମିତି ଭେଟି ହୁଏ, ଠିକ୍ ସେମିତି ବାରଡ଼ୁମୁରି ଘରେ ବି ଭେଟି ହୁଏ ।

ଘର ଭିତରେ ବୁଲିଲେ ଦେଖି ହୁଏ ଶ୍ରଦ୍ଧାରେ ସଜ୍ଜିତ ପାଠାଗାରକୁ, ଶତାଧିକ ସାହିତ୍ୟ ସଂସ୍କୃତି ସଂପନ୍ନ ଅନୁଷ୍ଠାନ ଦେଇଥିବା ମାନପତ୍ରକୁ । ଜିଲ୍ଲା ଭିତରୁ, ଜିଲ୍ଲା ବାହାରୁ, ରାଜ୍ୟ ଭିତରୁ, ରାଜ୍ୟ ବାହାରୁ ଏତେ ଶ୍ରଦ୍ଧା ସମ୍ମାନ ଜଣେ ଗ୍ରାମୀଣ ସ୍ରଷ୍ଟା ପାଇଛନ୍ତି ତା'ର ନମୁନା ଝୁଲୁଥିବା ମାନପତ୍ରମାନଙ୍କରୁ ଦେଖି ହୁଏ ।

ଅବଶ୍ୟ ଏ ଯାଏଁ ସେ ସଠିକ୍ ଆଲୋଚିତ ବୋଲି କହି ହେବ ନାହିଁ । ଓଡ଼ିଆ ସାହିତ୍ୟର ଇତିହାସକାରମାନେ ମଂଗଲୁଚରଣଙ୍କ ସ୍ଥାନ ସଠିକ୍ ନିରୂପଣ କରିଛନ୍ତି ବୋଲି କହିହେବ ନାହିଁ । କେଉଁକାଳରୁ ସାହିତ୍ୟର ସବୁ ପ୍ରବିଧାରେ ପ୍ରତିଭାର ବିନିଯୋଗ କରିଥିବା ଲେଖକର ଯଥାଯୋଗ୍ୟ ଆକଳନ ହୋଇଛି ବୋଲି କହି ହେବ ନାହିଁ । ତଥାପି ସାହିତ୍ୟର ସାନ୍ନିଧ୍ୟରେ ସେ ସଦାକାଳ ସାହିତ୍ୟିକ ।

ସହର ନଗର ଠାରୁ ଦୂରରେ, ନିପଟ ମଫସଲରେ, ଆତ୍ମବିଜ୍ଞାପନର ବିକଳପଣ ଠାରୁ ଦୂରରେ ନିରବ ସାଧକ ସେ : ଶ୍ରୀ ମଂଗଲୁ ଚରଣ ବିଶ୍ୱାଳ ।

**ବୁଢ଼ାରଜା, ସମ୍ବଲପୁର**
**ଫୋନ୍ : ୯୪୩୭୭୩୭୨୯୪**

# ଗୁହାଳପଡ଼ାର ଗୁମର



କବି ବଂଶୀଧର ଷଡ଼ଙ୍ଗୀ



# କାହାଣୀ ପରି କିଛି



**ଈପ୍ସିତା ଷଡ଼ଙ୍ଗୀ**

ଫଟୋ ସୌଜନ୍ୟ : ଲେଖିକା

**ଯୁବପିଢ଼ିର କବି ଈପ୍ସିତା ଷଡ଼ଙ୍ଗୀ, ତାଙ୍କ ବାପା ପ୍ରସିଦ୍ଧ ଓଡ଼ିଆ କବି ବଂଶୀଧର ଷଡ଼ଙ୍ଗୀଙ୍କୁ ଜଣେ ବାପା, ଜଣେ କବି ଓ ଜଣେ ମଣିଷ ହିସାବରେ ଯେମିତି ଅନୁଭବିଛନ୍ତି ତା'ର ଏକ ଅନ୍ତରଙ୍ଗ ଆଲେଖ୍ୟ ଏଠାରେ ଉପସ୍ଥାପିତ । ପ୍ରତିଥର ଆମେ ଜଣେ ଜଣେ ବାପାଙ୍କ ସମ୍ପର୍କରେ ତାଙ୍କ ସନ୍ତାନସନ୍ତତିଙ୍କ ମୁହଁରୁ ଶୁଣାଇବୁ ଏପରି କାହାଣୀମାଳା ।**

▼ ୧୯୭୦ରେ ବାହାଘର ପରେ ପରେ କବି ବଂଶୀଧର ଷଡ଼ଙ୍ଗୀ ଓ ତାଙ୍କ ପତ୍ନୀ କବିତା



କାହାଣୀ ପରି ଲାଗିପାରେ କିନ୍ତୁ କଥାସବୁ ସତ । ଆଠମାସର ଶିଶୁଟିଏ କୋଠିଘରେ ଶୋଇଥାଏ । ନାଗସାପଟିଏ ଆସି ଧୀରେକିନା ତା' ମୁଣ୍ଡ ଉପରେ ଫଣା ଟେକି ଅଟକିଯାଏ; ତା'ପରେ ସେ ତା'ର ଚାଲିଯାଏ । ଏ ଘଟଣାଟି ଶିଶୁଟିର ମା' ଆଖିରେ ପଡ଼ିଯାଏ, ସେ ଗୋଟେ ଚିତ୍କାର କରି ଅଚେତ ହୋଇ ଯାଆନ୍ତି ।

ତା'ପରେ । ଘର ଗୋଟାକ ଯାକ ଲୋକ ଏକାଠି । ନାଗସାପଟି କୋଠିଘର ଚଟାଣ ତଳେ ଥିବା ଏକ କ୍ଷୁଦ୍ର ଘରେ ପଶିଯାଏ । ସେଇଟି ଭୂତଳ(Underground) ଘରଟିଏ, ଧାନ, ଚାଉଳ, ହଣ୍ଡା, ବଡ଼ ବଡ଼ ହାଣ୍ଡିରେ ଭରା । ସାପଟି ଏବେ ରହିଲା କେଉଁଠି ଠଉରେଇବା ଭାରି କଷ୍ଟ । ଭାରତ ସ୍ୱାଧୀନ ହେବାର ୧୦ବର୍ଷ ପୂର୍ବର ଘଟଣା । ଟେକ୍ନୋଲୋଜି କି ସାପକୁ ନେଇ କିଛି ଗବେଷଣା ବୋଲି କିଛିର ସୁବିଧା ନଥାଏ ସେ ସମୟରେ, ସେ ଗାଁଟିରେ । ନିରୀହ ସରଳ ସ୍ତ୍ରୀଲୋକଟି ଜିଦ୍ କରେ କୋଠି ଘର ଭଙ୍ଗା ନହେଲା ଯାଏଁ ପୁଅକୁ ନେଇ ସେ ସେଠି ରହିବନି । "ସାପ ଆଖିରେ ପୁଅ ଚେହେରା ଅଛି । ସେ ଖୋଜି ଖୋଜି କାଳେ ପୁଣି ଆସିବ ! ସାତଘରେ କେହି ବଞ୍ଚିନାହାନ୍ତି... ମୋ ପୁଅକୁ ମୁଁ ଏମିତି ଏଠି ରଖିବିନି ।" ବାପଘରକୁ ନେଇ ଚାଲିଗଲା ମା'ଟି । କୋଠିଘର ଭଙ୍ଗା ହେଲା । ସରଳ ଅଥଚ ପ୍ରବଳ ଜିଦ୍‌ଖୋର ସ୍ତ୍ରୀଲୋକଟିକୁ ବୁଝାଗଲା- ଏବେ ସାପ ନାହିଁ । କୋଠିଘର ଭଙ୍ଗା ହେବା ଦିନ ସାପୁଆ କେଳାକୁ ଡକା ହୋଇଥିଲା । ସେ ସାପକୁ ନେଇ ଯାଇଛି । ବ୍ୟସ୍ତ ହୁଅନା । ନାଗସାପ ମୁଣ୍ଡ ଉପରେ ଫଣା ଟେକିଛି ମାନେ ତୋ ପୁଅ ରାଜା ହେବ । ମା'ଟି ଏସବୁ କିଛି ବୁଝୁନଥିଲା ।

ହଁ, ଜୀବନର ଐଶ୍ୱର୍ଯ୍ୟ, ଚାକଚକ୍ୟ, ସମ୍ପଦ ଏସବୁରେ ରାଜା କି ନା, ସେ କିନ୍ତୁ ତାଙ୍କ ଜୀବନରେ ସମ୍ରାଟ୍ । ନିଜ ଜୀବନର ଅସୁଲ୍ ସବୁକୁ ସ୍ଥିର କରିସାରି, ସେଇ ଅସୁଲ୍‌କୁ ଧରି ବଞ୍ଚୁଥିବା ମଣିଷ, ମଣିଷ, କବିତା ପାଇଁ ଓଡ଼ିଶୀ ସାହିତ୍ୟ ଏକାଡ଼େମୀ, ସାହିତ୍ୟ ଏକାଡ଼େମୀ ପୁରସ୍କାର ପ୍ରାପ୍ତ କବି ବଂଶୀଧର ଷଡ଼ଙ୍ଗୀ । ତାଙ୍କର କାହାଣୀ ଇଏ । କବିତା ପରି ଜୀବନକୁ ବଞ୍ଚୁଥିବା, ଜୀବନରେ କବିତାକୁ ଭୋଗୁଥିବା ମଣିଷଟିଏର କାହାଣୀ ଇଏ । ଏଇଠୁ ଆରମ୍ଭ ।

ଖୋର୍ଦ୍ଧା ସହର ଠାରୁ ପ୍ରାୟ ଆଠ କିଲୋମିଟର ଦୂରରେ ଏକ ଛୋଟ ଗାଁ । ରାୟରଙ୍ଗ । କେହି କେହି ତାକୁ ରାହାଡଙ୍ଗ ନାମରେ ବି ଡାକନ୍ତି । ପାଖରେ ଏକ ବଡ଼ଗାଁ ବାଜପୁର । ରାୟରଙ୍ଗ ଗାଁଟିରେ ସଂପୂର୍ଣ୍ଣ ଭାବରେ ବ୍ରାହ୍ମଣ ଘର ବସବାସ କରନ୍ତି । ଏ ଗାଁଟି ତିନିବାଡ଼ । ଗାଁର ପୂର୍ବପଟ ତଥା ଶେଷମୁଣ୍ଡରେ ଠାକୁର ଚନ୍ଦ୍ରଶେଖର ଓ ପଶ୍ଚିମ ପାଖରେ, ଅର୍ଥାତ୍ ପଶୁପରୀ ଗ୍ରାମ ଠାକୁରାଣୀ ଚଣ୍ଡୀ । କୁହାଯାଏ ଦୁଇ ଠାକୁର ଠାକୁରାଣୀ ଗାଁଟିକୁ ଜଗିକରି ରହିଥାଆନ୍ତି । ତାଙ୍କରି ଛତ୍ରଛାୟା ତଳେ ସବୁ ପରିବାର । ଗାଁକୁ ପଶିବା ପୂର୍ବରୁ ଜାତୀୟ ରାଜପଥ ଦାଢ଼ରେ ପଡ଼େ ଜେନାମଣିଙ୍କ ଛୋଟ ମନ୍ଦିର । ଚୁଆ, ଚନ୍ଦନ, ସିନ୍ଦୂର ଗୋଳା ପଥର ମୂର୍ତ୍ତିର ସ୍ୱରୂପ ଜଣା ପଡ଼େନି । ହନୁମାନଙ୍କ ପରି ପ୍ରତେ ହୁଅନ୍ତି । ସେ ଠାକୁର କି ଠାକୁରାଣୀ ଜଣାନାହିଁ ଆଜି ପର୍ଯ୍ୟନ୍ତ କାହାକୁ । ତାଙ୍କ ପାଖରେ ଚାରେଣାର ଗଞ୍ଜେଇ ଯାଚିଲେ, ସବୁ ପ୍ରାର୍ଥନା ପୂରଣ ହେଇଯାଏ । ଏଇ ଗାଁରେ ଗୋଟିଏ ପରିବାର-ଦୁଇ ଭାଇ- କରୁଣାକର ଷଡଙ୍ଗୀ ଓ ଅର୍ଜ୍ଜୁନ ଷଡ଼ଙ୍ଗୀ । କରୁଣାକର ଷଡ଼ଙ୍ଗୀଙ୍କର ଚାରିପୁଅ- ପରିକ୍ଷିତ, ଯଦୁମଣି, ଭିକାରୀ ଓ ରାଜକିଶୋର । ଅର୍ଜ୍ଜୁନ ଷଡ଼ଙ୍ଗୀ ନିଃସନ୍ତାନ, କରୁଣାକରଙ୍କ ଦ୍ୱିତୀୟ ପୁତ୍ର ଯଦୁମଣି ଷଡ଼ଙ୍ଗୀ, ଅର୍ଜ୍ଜୁନ ଷଡ଼ଙ୍ଗୀଙ୍କ ଘରକୁ ପୁଅ ହୋଇ ଆସନ୍ତି ତାଙ୍କ ମୃତ୍ୟୁ ପରେ । ଯଦୁମଣି ଷଡ଼ଙ୍ଗୀଙ୍କର ଚାରିପୁଅ । ବଂଶୀଧର ଷଡ଼ଙ୍ଗୀ, ନବକିଶୋର, ବିଜୟ ଓ ସଞ୍ଜୟ । ପରିକ୍ଷିତ ଷଡ଼ଙ୍ଗୀ ନିଃସନ୍ତାନ ଥିବାରୁ ବଂଶୀଧରଙ୍କୁ ସେ ପୁଅ କରି ନେଇ ଯାଆନ୍ତି । ଏକାଘର, ଗୋଟିଏ ଅଗଣା; ମାତ୍ର ପୁଅ ପତ୍ରରେ ବଂଶୀଧର, ପରିକ୍ଷିତଙ୍କ ଦାୟାଦ ହୋଇଯାଆନ୍ତି । ବଂଶୀଧର ଘଟଣାକ୍ରମେ ମୂଳ ବଂଶକୁ ଫେରିଆସନ୍ତି । ଗାଁରେ ଗୋଟିଏ ବାଡ଼, ଏଇ ସାତଘର । ଏ ସାତଘରେ ନନା ଅତ୍ୟନ୍ତ ଗେଲବସରରେ ବଢ଼ିଥିଲେ ।

ସେତେବେଳେ ନନା ବଂଶୀଧର ଷଡ଼ଙ୍ଗୀଙ୍କ ନନା, କକେଇ, ଦଦେଇ ସମସ୍ତେ



'ଧଉଳି ମୁହଁ'ରେ (ତାପଙ୍ଗ ରେଳଷ୍ଟେସନ ପୂର୍ବରୁ ଏ ସ୍ଥାନଟି ପଡ଼େ) ଥିବା ସଂସ୍କୃତ ଟୋଲ୍‌ରେ ପଢ଼ାପଢ଼ି କରିଥିଲେ । ବ୍ରାହ୍ମଣ ପରିବାର । ଗାଁ ଦିଅଁଙ୍କୁ ପୂଜା କରନ୍ତି । ଚାଷବାସରୁ ଯାହା ରୋଜଗାର ହୁଏ ସେଥିରେ ପରିବାର ଚଳେ । ଅର୍ଜ୍ଜୁନ ଷଡ଼ଙ୍ଗୀ ଭଜନ, ଗୀତ ଆଦି ଲେଖାଲେଖି କରୁଥିଲେ । ସେତେବେଳେ ପାଲା, ସାହିତ୍ୟ, ସଂସ୍କୃତି ଓ ମନୋରଂଜନ ଏ ତିନୋଟିର ସମ୍ମିଶ୍ରଣ ଥିଲା । ପାଲା ଗାୟକ ବା ମୁଖ୍ୟ, ଅର୍ଜ୍ଜୁନ ଷଡ଼ଙ୍ଗୀଙ୍କ ଠାରୁ ପାଲା ପାଇଁ ଗୀତ ନେଇ ପରିବେଷଣ କରନ୍ତି । ନନାଙ୍କ ପ୍ରେରଣା ଦାତା ବୋଧହୁଏ ଅର୍ଜ୍ଜୁନ ଷଡ଼ଙ୍ଗୀ ଥିଲେ । ମାଇନର୍ ସ୍କୁଲରେ ପଢ଼ିବା ସମୟରୁ ହାତରେ ଲେଖି ସାଙ୍ଗ ସାଥୀମାନେ ଗୋଟିଏ ପତ୍ରିକା ପ୍ରକାଶ କରୁଥିଲେ । ବାଜପୁର ସ୍କୁଲରେ ନନା ପାଠପଢ଼ିଥିଲେ ମାଇନର୍ ଯାଏଁ, ମାନେ ସପ୍ତମ ଶ୍ରେଣୀ ଯାଏଁ । ତୃତୀୟ ଶ୍ରେଣୀରୁ ସ୍କୁଲ୍‌ର ଏକ ଘରେ ନନା ଓ ତାଙ୍କ ତିନି ଚାରିଜଣ ସାଙ୍ଗ ରାତିରେ ଏକାଠି ରହିଯାଆନ୍ତି । ସାଙ୍ଗରେ ଯାଇଥାଏ ଲଣ୍ଠନ, କିରୋସିନି, ଚୁଡ଼ା, ଗୁଡ଼, ଗାମୁଛା, ବହିବସ୍ତାନୀ ଓ ତାଳ । ଅର୍ଜ୍ଜୁନ ଷଡ଼ଙ୍ଗୀଙ୍କ ପାଲା ସଙ୍ଗୀତ



◀ କବିକନ୍ୟା ଇପ୍‌ସିତା ଷଡ଼ଙ୍ଗୀ



▲ଗୋଦାବରିଶ ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ (୨୬-୦୭-୧୯୬୫) : ମହାପାତ୍ର ନୀଳମଣି ସାହୁ, ବେଣୁଧର ରାଉତ, ହରେକୃଷ୍ଣ ମହତାବ, କମଳଲୋଚନ ମହାନ୍ତି, ଶାନ୍ତନୁ ଆଚାର୍ଯ୍ୟ, ରାଜକିଶୋର ମହାନ୍ତି, ସତ୍ୟ ମହାପାତ୍ର, ଅଖିଳମୋହନ ପଟ୍ଟନାୟକ, ଅସୀମ ବସୁ ଓ ଅନ୍ୟମାନଙ୍କ ସହ କବି ବଂଶୀଧର ଷଡ଼ଙ୍ଗୀ (ବସିଥିବା ଭଙ୍ଗୀରେ ବାମରୁ ଦ୍ୱିତୀୟ)

ନନାଙ୍କୁ ପ୍ରଭାବିତ କରିଥାଏ । ଶନିବାର ଦିନ ହେଡ୍‌ମାଷ୍ଟର ତାଙ୍କ ଘରକୁ ପଳାଇ ଯାଆନ୍ତି । ତା'ପରେ ନନା ଏ ସାଙ୍ଗମାନଙ୍କୁ ନେଇ ଆରମ୍ଭ କରିଦିଅନ୍ତି ପାଲା କରିବା । ସିଏ ମୁଖ୍ୟ ଗାୟକ, ସାଙ୍ଗ ଚାରିଜଣ ପାଳିଆ । ଛାଞ୍ଚୁଣୀ ହେଇଯାଏ ଚଅଁର । ଗାମୁଛା ସବୁ ଠେକା ହୁଏ । ଏମିତି ଚାଲେ ମଜା । ନୂଆ ହେଡ୍‌ମାଷ୍ଟର ଆସିଥା'ନ୍ତି ସ୍କୁଲ୍‌କୁ । ସେ ବି ସେମିତି ଶନିବାର ଦିନ ଯାଇ ସୋମବାର ସକାଳୁ ସକାଳୁ ସ୍କୁଲ୍‌ରେ ପହଞ୍ଚି ଯାଆନ୍ତି । ଗୋଟେ ଥର, ହଠାତ୍ ସାର୍ ରବିବାର ସନ୍ଧ୍ୟାବେଳକୁ ସ୍କୁଲ୍‌ରେ ପହଞ୍ଚି ଯାଆନ୍ତି । ଏମାନେ କବାଟ କିଳି କ୍ଲାସ୍‌ରୁମ୍‌ରେ ପାଲା କରୁଥା'ନ୍ତି । ଝରକାପଟେ ଏ ଦୃଶ୍ୟ ଦେଖି କବାଟ ଖୋଲିବା ପାଇଁ ଇଶାରା କରନ୍ତି । ନନା ସାର୍‌ଙ୍କୁ ଦେଖିଦେଇ ଘର କୋଣରେ ଗୁଡ଼ାହୋଇ ଥୁଆ ହୋଇଥିବା ମସିଣା ପଛପଟେ ଲୁଚିଯାଇଥାନ୍ତି । ସାଙ୍ଗମାନେ ପାହାରେ ପାହାରେ ଖାଇବା ପରେ ସାର୍ ନନାଙ୍କୁ ଖୋଜନ୍ତି । "ସେ ଗାଏବ୍ । ଟୋକା ଗଲା କୁଆଡ଼େ ?" ସାଙ୍ଗମାନଙ୍କ ଭିତରୁ ଜଣେ କିଏ ମସିଣାଟିକୁ ଆଡ଼େଇ ଦିଏ । ନନାଙ୍କୁ ଜାକିଜୁକି ବସିଥିବାର ଦେଖି ସାର୍ ଆଉ ବାଡ଼େଇବେ କ'ଣ, ହସି ଦେଇ ଚାଲିଗଲେ ।

ମାଇନର୍ ପରେ, ନନା ହାଇସ୍କୁଲ୍ ପାଠପଢ଼ା ପାଇଁ ବିଜେବି ସ୍କୁଲ୍, ଖୋର୍ଦ୍ଧାରେ ନାମ ଲେଖାନ୍ତି । ପ୍ରଥମ ବର୍ଷ, ମାନେ ଅଷ୍ଟମ ଶ୍ରେଣୀର ପାଠପଢ଼ାଟି ଜଣେ ସଂପର୍କୀୟଙ୍କ ଘରେ ବିତେ । ନବମ ଶ୍ରେଣୀ ଠାରୁ ଏକାଦଶ ଶ୍ରେଣୀ ଯାଏଁ ସେ ସେଇ ସ୍କୁଲ୍‌ରେ ହଷ୍ଟେଲ୍‌ରେ ରହି ପଢ଼ନ୍ତି । ପାଠପଢ଼ା, କବିତା, ମଉଜମସ୍ତି ସହ ନନାଙ୍କର ଏକ ବଡ଼ ସଉକ ଫିଲ୍ମ ଦେଖି ଯିବା । ହସି ହସି ନନା ଯେବେ ତାଙ୍କ ଫିଲ୍ମ ଦେଖିଯିବାର ଅନୁଭୂତି କୁହନ୍ତି, ସେ ଯେମିତି ତେର ଚଉଦ ବର୍ଷର କିଶୋରଟିଏ ହେଇଯାଆନ୍ତି । ତାଙ୍କ ମୁହଁର ହସ ଏବଂ ଚମକ୍ ଦେଖିବା ପରି ।

ସନ୍ଧ୍ୟାବେଳେ ହାଫ୍ ପ୍ୟାଣ୍ଟ୍ ପିନ୍ଧି, ପ୍ୟାଣ୍ଟ୍ ଉପରେ ଗାମୁଛାଟିଏ ଢାଙ୍କି, ତାଳଟିଏ ଧରି (ସାର୍ଟଟିଏ ତାଳ ଭିତରେ ଥାଏ) ନିତ୍ୟକ୍ରମ ସାରି ଶୌଚ ହେଇ ଫେରିବେ ବୋଲି ସାର୍‌ଙ୍କ ଠାରୁ ଅନୁମତି ନେଇ ଯାଆନ୍ତି । ତାଳ ଭିତରେ ଗାମୁଛା ପୂରେଇ କିଆବୁଦା ମୂଳେ ରଖା ହୁଏ । ସାର୍ଟଟି ପିନ୍ଧି ଆଉ ୩/୪ ଜଣ ସାଙ୍ଗଙ୍କ ସହ ଯାତ୍ରା ଆରମ୍ଭ ହୁଏ ଜଟଣୀ ଯାଏଁ । ସେତେବେଳେ ଖୋର୍ଦ୍ଧାରେ ସାଇକେଲ୍ ଭଡ଼ାରେ ମିଳୁଥାଏ । ଦୁଇଜଣରେ ଗୋଟିଏ ସାଇକେଲ୍, ଏମିତି ଦୁଇଟି ସାଇକେଲ୍‌ରେ ମାଡ଼ନ୍ତି ଜଟଣୀ ସିନେମା ହଲ୍ । ସେତେବେଳେ ସ୍ଥାୟୀ ସିନେମାଘର ନିର୍ମିତ ହୋଇନଥାଏ ଖୋର୍ଦ୍ଧାରେ । ଅନେକ ସମୟରେ ଭ୍ରାମ୍ୟମାଣ ଗୋଷ୍ଠୀ ଆସି ସାମୟିକ ସିନେମା ହଲ୍‌ର ବ୍ୟବସ୍ଥା କରନ୍ତି । ଏହା ଯାତ୍ରାପାର୍ଟି ପରି ଏଠି ସେଠିକୁ ସ୍ଥାନ ପରିବର୍ତ୍ତନ କରିପାରୁଥାଏ । ଖୋର୍ଦ୍ଧାର ଏଇଠୁ ସିନେମା ଦେଖି ଦେଖି ଏହା ଗୋଟିଏ ନିଶାରେ ପରିଣତ ହୋଇ ସାରିଥାଏ । ମଜାର କଥା ହେଲା, ସେ ସ୍କୁଲ୍‌ର ଜଣେ ଦି'ଜଣ ଶିକ୍ଷକ ବି ଏ ହଲ୍ ସବୁକୁ ସିନେମା ଦେଖିବା ପାଇଁ ଆସନ୍ତି । ଏଣୁ ନନା ଓ ତାଙ୍କ ସାଙ୍ଗସାଥୀମାନେ ସିନେମା ଆରମ୍ଭ ହେବା ପରେ ପହଞ୍ଚନ୍ତି । ଅନ୍ଧାରରେ ଶିକ୍ଷକମାନେ ଏମାନଙ୍କୁ ଦେଖି




ପାରିବେ ନାହିଁ ବୋଲି; ଏବଂ ସେମିତି ମଧ୍ୟାନ୍ତର ହେବା ପୂର୍ବରୁ ସେଇ ଅନ୍ଧାରରେ ବାହାରକୁ ଚାଲି ଆସନ୍ତି । ପୁଣି ହଲ୍ ଅନ୍ଧାର ହେଲେ ଭିତରକୁ ଯାଆନ୍ତି । ଏମିତି ଲୁଚକାଳି ଖେଳ ଭିତରେ ନନା ଅସଂଖ୍ୟ ଫିଲ୍ମ ଦେଖିଛନ୍ତି । 'ବୈଜୁବାଓରା'ରେ ଭାରତ ଭୂଷଣଙ୍କ ଠାରୁ ଆରମ୍ଭ କରି ଅଶୋକ କୁମାର, ଭି. ଶାନ୍ତାରାମ୍, ଦେବୀକାରାଣୀ, ସକୀଲା, ମହୀପାଲ୍, ଇସୁଫ୍, ରାଜ୍‌କପୁର୍, ଦେବାନନ୍ଦ୍ ଆଦି ଅନେକଙ୍କ ଚଳଚ୍ଚିତ୍ର ଦେଖି ଫେରନ୍ତି ।

ମୋର ମନେଅଛି, ଆମ ପିଲାବେଳେ, ଯେବେ କେବଳ ଡିଡି-୧ ଚ୍ୟାନେଲ୍ ଥିଲା, ଏମିତି ପୁରୁଣା ଫିଲ୍ମ ଦେଲେ, ନିଦରେ ନଶୋଇ ସେସବୁ ଦେଖିବାକୁ ଚେଇଁ ରଖନ୍ତି । ଏଥିସହିତ ଯାବତୀୟ ବିବରଣୀ ଯେମିତି ଗୀତ କୋଉ ଫିଲ୍ମର, କିଏ ଲେଖିଛନ୍ତି, କିଏ ତା'ର ସଙ୍ଗୀତ ନିର୍ଦ୍ଦେଶକ, କିଏ ଅଧାରୁ ଛାଡ଼ି ଦେଲେ ସଙ୍ଗୀତ ନିର୍ଦ୍ଦେଶନା ଦେବା ଇତ୍ୟାଦି । ତାଙ୍କ ସ୍ମୃତିଶକ୍ତି ପ୍ରଖର ଏବଂ କଳାତ୍ମକତାକୁ ଅନୁଭବ କରିବାର ନଜର ବି ।

ବେଳେବେଳେ ନନା ରୁଷନ୍ତି । ଘରେ, ଜେଜେମା'ଙ୍କ ଉପରେ । ଜେଜେମା' ଓ ଜେଜେବାପାଙ୍କ ଉପରେ ଥାଏ ଅଭିମାନ । ସବୁବେଳେ କୁହନ୍ତି, ମୁଁ ତ ବଡ଼ପୁଅ । ମତେ ପୁଅ କରି କାହିଁକି ଦଦେଇଙ୍କୁ ଦେଇ ଦେଲ !" ସପ୍ତମ ଶ୍ରେଣୀ ପରେ ଯେବେ ବିଜେବି ହାଇସ୍କୁଲ୍‌ରେ ନନାଙ୍କ ପଢାଜୀବନ ଆରମ୍ଭ ହୁଏ, ମୂଳଦୁଆ ପଡ଼େ ଏକ ନିଆରା ମଣିଷ ଏବଂ ଏକ ନିଆରା ବ୍ୟକ୍ତିତ୍ୱ ଭାବରେ ଜୀବନ ଜିଇଁବାର... । ସେଠିକାର ଶିକ୍ଷକମାନେ ନନାଙ୍କ ଜୀବନ ଓ ସାହିତ୍ୟିକ ଜୀବନ ଗଢ଼ିବାରେ ଖୁବ୍ ସହାୟକ ଥିଲେ । ଅନୁକୂଳ ପରିବେଶ, ବିରାଟ ଲାଇବ୍ରେରୀ, ହରିକୃଷ୍ଣ ସାର୍ (ପ୍ରଧାନ), ମୁରଲୀଧର ସାର୍ ଓ ପ୍ରଧାନଶିକ୍ଷକ ଦିବ୍ୟସିଂହ ସାର୍ (ପଟ୍ଟନାୟକ) । ଦିବ୍ୟସିଂହ ପଟ୍ଟନାୟକ, ବରେଣ୍ୟ କବି ଅନନ୍ତ ପଟ୍ଟନାୟକଙ୍କ ଶ୍ୱଶୁର ଓ ବିଶିଷ୍ଟ କବି ଅମରେଶ ପଟ୍ଟନାୟକଙ୍କ ଅଜା । ଏମାନଙ୍କ ତତ୍ତ୍ୱାବଧାନ ଓ ବ୍ୟକ୍ତିତ୍ୱ ଅନେକ ମାତ୍ରାରେ ପ୍ରଭାବିତ କରିଥିଲା ନନାଙ୍କ କାବ୍ୟ-ଜୀବନକୁ । 'ଅବକାଶ', ସ୍କୁଲ୍‌ର ବାର୍ଷିକ ମୁଖପତ୍ର । ସେଥିରେ ନନାଙ୍କ କବିତା, କ୍ଷୁଦ୍ରଗଳ୍ପ ଆଦି ପ୍ରକାଶ ପାଇଥିଲା । ହରିକୃଷ୍ଣ ସାର୍ ପଢ଼ି କିଛି କିଛି ସଜାଡ଼ିବା ପାଇଁ ପ୍ରସ୍ତାବ ବି ଦେଇଥିଲେ । ଇଂରାଜୀ କବିତାସବୁ ପଢ଼ିବା ବେଳେ, ନନା ତାଙ୍କ ସାଙ୍ଗମାନଙ୍କୁ ଓଡ଼ିଆରେ ବୁଝେଇ ଦେଉଥିଲେ । ସାଙ୍ଗମାନେ କହୁଥିଲେ, ଏସବୁକୁ ଓଡ଼ିଆରେ ଲେଖି ଦେଉନୁ କବିତା ପରି; ସେଇଠୁ ନନାଙ୍କର କବିତା ଅନୁବାଦ କରିବା ଆରମ୍ଭ ହୁଏ ।

ମୌଳିକ କବିତା ଓ ଅନୁଦିତ କବିତା ସବୁ ମାଷ୍ଟର ବଂଶୀଧର, କୁମାର ବଂଶୀଧର ନାଁରେ ପ୍ରକାଶ ପାଏ 'ମୀନାବଜାର', 'ଶିଶୁ ରାଇଜ' ଇତ୍ୟାଦିରେ । ନନା ପ୍ରକାଶ ପାଇଥିବା ପତ୍ରିକା ଓ ଖବରକାଗଜ ଗୁଡ଼ିକ ନେଇ ଆସନ୍ତି ଓ ସାଇତିକି ରଖିଦିଅନ୍ତି ଘରେ । ହଷ୍ଟେଲ୍‌ରେ ରହୁ ଥାଆନ୍ତି । ହଠାତ୍ ଦିନେ ଘରେ ବହିଥାକରେ ସାଇତିଥିବା କାଗଜକୁ ଖୋଜିବା ବେଳକୁ ପାଆନ୍ତି ନାହିଁ ।




ସପରିବାର କବି : (୧୯୯୬ ପୂର୍ବ) କବିଙ୍କ ତିନି କନ୍ୟା ପାରମିତା, ମୋନାଲିସା ଓ ଇପ୍‌ସିତା, ପୁତ୍ର ଦେବାଶିଷ୍ ଓ କବି ପତ୍ନୀ କବିତା ଷଡ଼ଙ୍ଗୀ



ଖୋଜୁ ଖୋଜୁ ସାନ ଭଉଣୀମାନେ କୁହନ୍ତି, ଆମେ ସେ ଖବରକାଗଜ ଗୁଡ଼ିକୁ ଖାତା ଓ ବହିର ମଲାଟ କରିଦେଇଛୁ । ବହିସବୁ ମୁକ୍ତ ହୁଅନ୍ତି ମଲାଟରୁ ଓ ନନା କିଛି କବିତାକୁ ଉଦ୍ଧାର କରିପାରନ୍ତି ।

ନନାଙ୍କ ଜେଜେବାପା କରୁଣାକର ଷଡ଼ଙ୍ଗୀ । ନନା କୁହନ୍ତି, ସେ ଦେଖିବାକୁ ଚାଣକ୍ୟଙ୍କ ପରି । ବ୍ରାହ୍ମଣ ଗୁରୁମାନଙ୍କ ପରି ଠିକ୍ । ସୁନା ରଙ୍ଗର ଦେହ, ଔଜ୍ଜ୍ୱଲ୍ୟ, ଥନ୍ତଲପେଟ, ଲଣ୍ଡାମୁଣ୍ଡର ପଛପଟେ ଗୋ ଖୋଜ ପରି ଚୁଳ । ସଫା ଧଳା ପଇତାରେ ତାଙ୍କ ଦେହର ଚମକ, ଯେମିତି ଦେହରୁ ଏଇନେ ଘିଅ ଖସି ପଡ଼ିବ । ଖୁବ୍ ଉଦାର, ସରଳ । ସଂସ୍କୃତ ନୀତିଶାସ୍ତ୍ର, ଚାଣକ୍ୟଙ୍କ ନୀତିବାଣୀ ପିଲାମାନଙ୍କୁ କଥାଛଳରେ କହୁଥାଆନ୍ତି । ଶୋଇ ରୁହନ୍ତି ତାଙ୍କ ଖଟ ଉପରେ । ନନା ଓ ତାଙ୍କ ଭାଇମାନେ ବଦମାସୀ କରି ସେ ଶୋଇଥିବା ବେଳେ ତାଙ୍କୁ କେତେବେଳେ କେଞ୍ଚି ଦିଅନ୍ତି, କେତେବେଳେ ଚୁମୁଟି ଦିଅନ୍ତି । ରାଗନ୍ତିନି । କୁହନ୍ତି, "ବଗୁଲିଆ ଗୁଡ଼ାକ କିରେ... । ଦେବି ଏ ବାଡ଼ିରେ ପାହାରେ ଯେ... ।" ସେତେବେଳେ ବ୍ରାହ୍ମଣ ପରିବାରରେ କୁକୁଡ଼ା ମାଂସ ଖାଇବା ବା ଘରକୁ ପଶିବା ନିଷେଧ ଥିଲା । ନନା, କକୁ ଗାଁ ଲେଖାରେ ମାମୁଁ- ଏମିତି କିଛି ମିଶି ଯୋଜନା କଲେ କୁକୁଡ଼ା ମାରି ତା' ମାଂସ ଚାଖିବା ପାଇଁ । ଖବରଟି କରୁଣାକରଙ୍କ କାନରେ ପଡ଼ିଗଲା । ସେ ଯଦୁମଣି ଷଡ଼ଙ୍ଗୀ (ନନାଙ୍କ ନନା)ଙ୍କୁ ଭର୍ତ୍ସନା କରିବାରେ, ଯଦୁମଣି, ନନାଙ୍କୁ ଭୋଜି ଜାଗାରୁ ଠାବ କରିନେଲେ । ଗାଁ ଶେଷ ମୁଣ୍ଡ ପୋଖରୀରେ ବୁଡ଼େଇ ବୁଡ଼େଇ ଘରକୁ ଆଣିଲେ । ଛୋଟପିଲା ନନାଙ୍କ ଅଭିଯୋଗ ଥିଲା, ଖାଲି ମତେ କାଇଁ ଏ ଦଣ୍ଡ । କରୁଣାକର ଷଡ଼ଙ୍ଗୀ କହିଲେ, "ତୁ ବଡ଼ ଭାଇ । ସାନମାନଙ୍କୁ ତୁ ମନା କରିବା କଥା । ମାର୍ଗଦର୍ଶନ କରିବା କଥା । ଏଇଟି ତୋର ଭୁଲ୍ । ଏଣୁ ଦଣ୍ଡ ପାଇବା ପାଇଁ ତତେ ହିଁ ବାଛିଲି ।"




▲ସାଙ୍ଗମାନଙ୍କ ସହ ଆଇଏ ପଢୁଥିବାବେଳେ କବି ବଂଶୀଧର ଷଡ଼ଙ୍ଗୀ, ପ୍ର. ଗଣେଶ୍ୱର ମିଶ୍ର ଓ ବରିଷ୍ଠ ସାମ୍ବାଦିକ ପ୍ରଶାନ୍ତ ପଟ୍ଟନାୟକ

"ତୁ ବଡ଼ । ସାନମାନଙ୍କୁ ମାର୍ଗଦର୍ଶନ କରିବା ତୋର ଦାୟିତ୍ୱ..." - ଏଇ ଶିକ୍ଷାଟିକୁ ନନା ଜୀବନର ବ୍ରତ କରିନେଲେ ଯେମିତି ।


ଗୁହାଳପଡ଼ା
ନିମାପଡ଼ା
ପୁରୀ-୭୫୨୧୦୬
ଫୋନ୍ : ୯୮୬୧୩୪୫୬୫୮


## ବହିବିଚାର






●ପୁସ୍ତକର ନାମ: **ଭରତବର୍ଷ** ●ସ୍ରଷ୍ଟାଙ୍କ ନାମ : **ଭରତ ବେହେରା**
●ପ୍ରକାଶକଙ୍କ ନାମ : **ପାଦଟୀକା, କଲ୍ୟାଣୀନଗର, କଟକ** ●ମୂଲ୍ୟ : **୩୫୦/-**

ଜନଜୀବନର ଯାତନା ହେଉଛି କବି ଭରତ ବେହେରାଙ୍କ କବିତାର ଭୂମି । ମଣିଷର ଦୁଃଖ, ଯାତନା ଓ ସଂଘର୍ଷମୟ ଜୀବନ ତାଙ୍କୁ ଦିଏ ରାଶି ରାଶି କବିତାର ଖିଅ । ବଞ୍ଚିତ ଓ ନିଷ୍ପେଷିତ ମଣିଷର ମର୍ମବେଦନା ତାଙ୍କ କବିତାର ଅନ୍ତଃସ୍ୱର । ସେ ନିଜକୁ ସେଇ ଦୁଃଖୀ ମଣିଷଙ୍କ ଭିତରୁ ଜଣେ ବୋଲି ଭାବି, ଅନୁଭବନ୍ତି ସମକାଳର ପୀଡ଼ା ଓ ଶୋଷଣ । 'ଭରତବର୍ଷ' ପୁସ୍ତକଟିରେ ଅଛି ତାଙ୍କର ୧୫୧ଟି ସ୍ୱନିର୍ବାଚିତ କବିତା । କୁହୁଳା ଭୂଇଁ, ପକ୍ଷ ପରାଗ, ମୁଦ୍ରିତ ମହକ, ଉଲ୍ଲଙ୍ଗ ଉପବୃତ୍ତି, ପରାର୍ଥପାଦ, ଏ ମାଟି ମୌନାବତୀ, ଆବରଣ, ଅଜ୍ଞାତ ଅନ୍ଧାର କବିତା ସଂକଳନରୁ ଏସବୁ କବିତା ଚୟନ କରିଛନ୍ତି କବି । କାବ୍ୟମୋଦୀ ପାଠକଙ୍କୁ 'ଭରତବର୍ଷ' ଦେଇ ପାରିବ ଭରତ ବେହେରାଙ୍କ ପ୍ରକୃତ ପ୍ରଗତିଶିଳୀୟ କାବ୍ୟ ଚେତନାର ସ୍ପନ୍ଦନ ।


## ବହିବିଚାର





●ପୁସ୍ତକର ନାମ: **ଦୃଶ୍ୟାନ୍ତର** ●ସ୍ରଷ୍ଟାଙ୍କ ନାମ : **ରବିନାରାୟଣ ଦାଶ**
●ପ୍ରକାଶକଙ୍କ ନାମ : **ଓଡ଼ିଶା ବୁକ୍ ଏମ୍ପୋରିୟମ୍, କଟକ-୭୫୩୦୦୨**
●ମୂଲ୍ୟ : **୧୨୦/-**

ପାରିବାରିକ ଜୀବନର ଦ୍ୱନ୍ଦ୍ୱ, ସଂଘାତ ଓ ସଂଶୟକୁ ନେଇ ଗପ ଲେଖୁଥିବା ରବିନାରାୟଣ ଦାଶଙ୍କ 'ଦୃଶ୍ୟାନ୍ତର' ସଂକଳନଟିରେ ରହିଛି ସମୁଦାୟ ୧୫ଟି ଗଳ୍ପ । ଶୀର୍ଷକ ଗଳ୍ପଟି ବହିର ପ୍ରଥମ ଗପ ଭାବେ ସ୍ଥାନିତ । ଖୁବ୍ ଚମତ୍କାର ଆରମ୍ଭ ଓ ଗତିଶୀଳ ବର୍ଣ୍ଣନା ଭିତରେ ଗପର ପରିଣତି ପାଠକକୁ ବାନ୍ଧି ରଖିପାରିବ । ଗପରେ ଥିବା ଗୋଟେ 'ଦ୍ୱନ୍ଦ୍ୱ' ହିଁ କବିତା ଲେଖୁଥିବା ପ୍ରଶାନ୍ତକୁ ଶେଷ ଯାଏଁ ଅଶାନ୍ତ କରି ରଖିଛି । ଏଥିରେ ଥିବା ଗପଗୁଡ଼ିକରେ ଅଛି ମଧ୍ୟବିତ୍ତୀୟ ମହକ ସାଙ୍ଗକୁ ଆଜିର ପରିବର୍ତ୍ତିତ ଜୀବନଚର୍ଯ୍ୟାର ବୈଚିତ୍ର୍ୟ । ଜୀବନର ଜଟିଳତା ଓ ଜୀବନାନୁଭବର କଥା ହିଁ ଗପଗୁଡ଼ିକୁ ବେଶୀ ସୁପାଠ୍ୟ କରିଛି ।



# ଜନଜାତିର ଜହ୍ନରାତି

## ଉଦାହରଣ ସୃଷ୍ଟିକାରୀ ତିନିଜଣ ମହିଳାଙ୍କ ସଫଳ ସଂଗ୍ରାମର କାହାଣୀ

# ଜନଜାତିର ତିନି ମହିୟସୀ



**ଦେବପ୍ରିୟ ପ୍ରିୟଦର୍ଶୀ ଚକ୍ର**

ଫଟୋ ସୌଜନ୍ୟ : ଲେଖକ

**ଜନଜାତିର ତିନି ମହିୟସୀ ମହିଳା ସୁମନି ଝୋଡ଼ିଆ, କମଳା ପୂଜାରୀ ଓ ଚନ୍ଦ୍ରମା ବାଲିଆଙ୍କ କାର୍ଯ୍ୟ ଓ କୀର୍ତ୍ତି ଆଜି ସର୍ବବିଦିତ । ସେମାନଙ୍କୁ ଭେଟି ଆମର ଏ ପ୍ରତିବେଦନ ।**

କୋରାପୁଟ୍‌ର ଏକ ହୋଟେଲ । ସମୟ ପୂର୍ବାହ୍ନ । ଅବକାଶ ଥିଲା ସାହିତ୍ୟ ସମାବେଶ । ସମାବେଶକୁ ପ୍ରବେଶ କଲେ ତିନି ମହିଳା । ସେମାନେ ହେବେ ସମ୍ବର୍ଦ୍ଧିତ । ଜନଜାତିର ଏ ତିନି ମହିଳାଙ୍କ ଆଡ଼କୁ ଦୃଷ୍ଟି ସଂପ୍ରସାରିତ ହେଲା ଅନ୍ୟମାନଙ୍କର । ସେ ତିନି ମହିଳାଙ୍କ ବେଶଭୂଷା ଥିଲା ବେଶ୍ ସାଧାରଣ । ତିନିହେଁ ଗୋଇଠି ଉପରକୁ ଟେକି ପିନ୍ଧିଥିଲେ ସୂତାଶାଢ଼ି । ଛାତିରେ ପଡ଼ିଥିଲା ଗୋଟିଏ ଲେଖାଏଁ ଗାମୁଛା । ନାକରେ ଝୁଲୁଥିଲା ଗୁଣା । ବାହୁରେ ଚିତା । ହାତରେ ଗୋଟିଏ ଲେଖା ଜରିଅଖାର ବ୍ୟାଗ୍ । ଜନଜାତିର ଏହି ତିନିମହିଳାଙ୍କ ଉପସ୍ଥିତିରେ ଚଳଚଂଚଳ ହୋଇଉଠିଲା ପରିବେଶ । ଏମାନେ କିଏ ? **ସୁମନି ଝୋଡ଼ିଆ, କମଳା ପୂଜାରୀ ଓ ଚନ୍ଦ୍ରମା ବାଲିଆ ।**

ପ୍ରଚୁର ନିଷ୍ଠା ଓ ଅଧ୍ୟବସାୟ ବଳରେ ତିନିଜଣଯାକ ବିଭିନ୍ନ କ୍ଷେତ୍ରରେ ସୃଷ୍ଟି କରି ପାରିଛନ୍ତି ସଫଳତାର ସ୍ୱକୀୟ କାହାଣୀ । ସେମାନେ ଆଜି ଅପରିଚିତ ନୁହଁନ୍ତି ବରଂ ଅନ୍ୟମାନଙ୍କ ପାଇଁ ଆଦର୍ଶ ଓ ବନ୍ଦନୀୟା । ସୁମନି-କମଳା-ଚନ୍ଦ୍ରମା, ସଫଳତାର ଗୋଟିଏ ଗୋଟିଏ ଚମକପ୍ରଦ ନାଁ । ଜନଜାତିର ଅନ୍ୟ ମହିଳାଙ୍କ ପରି ଧରାବନ୍ଧା ଜୀବନରେ ସେମାନେ ହଜିଯାଇ ନାହାନ୍ତି । ବରଂ ସବୁ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ନିଜ ପାଇଁ ପରିଚୟ ସୃଷ୍ଟି କରିଛନ୍ତି । **ସୁମନି ଝୋଡ଼ିଆ** ଆଦିବାସୀ ସମାଜର ରକ୍ଷାକର୍ତ୍ତ୍ରୀ, **କମଳା ପୂଜାରୀ** ବିରଳ ବିହନ ସଂରକ୍ଷଣ ଓ ଜୈବିକ କୃଷି ପଦ୍ଧତିର ଧାତ୍ରୀ ଏବଂ **ଚନ୍ଦ୍ରମା ବାଲିଆ** ଆଦିବାସୀ ଲୋକସଂଗୀତର ଗାୟିକା ।

## ତେଜସ୍ୱିନୀ ସୁମନି

"ମଦ ଆମକୁ ଧ୍ୱଂସ କରିଦେବାକୁ ବସିଲାଣି । ଆମେ ତଳିତଳାନ୍ତ ହେଇଗଲୁଣି । ସୁନାଗହଣା ଗଲା, ଜମିବାଡ଼ି ଗଲା, ସବୁକିଛି ଚାଲିଯିବାକୁ ବସିଲାଣି । ଆମ ମରଦମାନେ ମଦ ପିଉଛନ୍ତି । ଘରକୁ ଆସି ଝଗଡ଼ା କରୁଛନ୍ତି, ମାଡ଼ପିଟ୍ କରୁଛନ୍ତି । ବିଷାକ୍ତ ମଦ ପିଇ ଜୀବନ ଯାଉଛି, ପରିବାର ଉଜୁଡ଼ି ଯାଉଛି । ଦେଶୀ ମଦ ବିକିବାକୁ ତୁ କାହିଁକି ଲାଇସେନ୍ସ ଦେଉଛୁ । ଆମ ମୁଖ୍ୟମନ୍ତ୍ରୀ ରହିବାର ତୋର ଅଧିକାର ନାହିଁ ।" ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କୁ ଏଭଳି କଡ଼ା ଭର୍ତ୍ସନା କରିଥିବା ମହିଳା ଜଣକ ହେଉଛନ୍ତି ସୁମନି ଝୋଡ଼ିଆ । ୧୯୯୧ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁବାବୁ ରାୟଗଡ଼ା ଜିଲ୍ଲା ପରିଦର୍ଶନରେ ଯାଇଥାନ୍ତି । କାଶୀପୁର ବ୍ଲକ୍ ସିରିଗୁଡ଼ା ଗାଁରେ ବିଜୁବାବୁଙ୍କୁ ଘେରି ଏଭଳି ଦୃପ୍ତସ୍ୱରରେ ନିଜର କ୍ଷୋଭକୁ ବ୍ୟକ୍ତ କରଥିଲେ ସୁମନି ।

ଅଶିକ୍ଷିତା ଆଦିବାସୀ ମହିଳା ସୁମନିଙ୍କ ନିର୍ଭୀକତା ଓ ବ୍ୟକ୍ତିତ୍ୱ ବିଜୁବାବୁଙ୍କୁ ମୁଗ୍ଧ କରେ । ସେଇ ମୁହୂର୍ତ୍ତରେ ବିଜୁବାବୁ ମଦ ବିରୋଧୀ ଆନ୍ଦୋଳନ ଓ ଆଦିବାସୀଙ୍କ ଉନ୍ନୟନ କାର୍ଯ୍ୟ ପାଇଁ ସୁମନିଙ୍କୁ ନିଜର ପରାମର୍ଶଦାତା ଭାବେ ନିଯୁକ୍ତ କରିବାକୁ ନିଷ୍ପତ୍ତି ନିଅନ୍ତି । ସୁମନିଙ୍କୁ ବିଜୁବାବୁ ଦିଅନ୍ତି ସ୍ୱତନ୍ତ୍ର ପୋଲିସ୍ ଅଧିକାରୀର କ୍ଷମତା । ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ସୁମନିଙ୍କ ପରାମର୍ଶରେ କାମ କରିବାକୁ ସରକାରୀ ନିର୍ଦ୍ଦେଶନାମା ଜାରି କରନ୍ତି । ରାତାରାତି ସୁମନି ପାଲଟି ଯାଆନ୍ତି ଖବରର ଶିରୋନାମା । ମଦ ବିରୋଧୀ ଆନ୍ଦୋଳନର ମାସ୍କଟ୍ ଭାବେ ସୁମନିଙ୍କ ପ୍ରସିଦ୍ଧି ସାରା ଦେଶରେ ଖେଳିଯାଏ ।

ସୁମନିଙ୍କ ପାଇଁ ମଦବିରୋଧୀ ଆନ୍ଦୋଳନର ମଙ୍ଗ ଧରିବା ଏତେ ସହଜ ନଥିଲା । ଏ ରାସ୍ତା ସହଜ ନଥିଲା ବରଂ ଥିଲା ବନ୍ଧୁର । ଆଦିବାସୀ ମହିଳାଙ୍କୁ ସଚେତନ କରି ମଦ ବିରୋଧୀ ଆନ୍ଦୋଳନ ପାଇଁ ସଂଗଠିତ କରିବା ଆଦୌ ଗୋଟିଏ ଦିନର କାର୍ଯ୍ୟ ନଥିଲା । ଏଥିପାଇଁ ସୁମନିଙ୍କୁ ଅନେକ କଷ୍ଟ ସ୍ୱୀକାର କରିବାକୁ ପଡ଼ିଛି । ପୁରୁଷକୈନ୍ଦ୍ରିକ ସମାଜକୁ ମୁକାବିଲା କରିବାକୁ ତାଙ୍କୁ ବହୁ ପ୍ରତିଦାନ ଦେବାକୁ ପଡ଼ିଛି ।

ଆଦିବାସୀ ଇଲାକାରେ ଦେଶୀ ମଦ ହଜାର ହଜାର ପରିବାରକୁ ଉଜାଡ଼ି ଦେଇଥିଲା । ମେହନତ୍‌ର ପଇସା ଘରେ ପଶିବା ବଦଳରେ ମଦଭାଟିରେ ପଶିବାରୁ ଭୋକଉପାସରେ ଅନେକ ପରିବାରର ଜୀବନ ଯାଉଥିଲା । ତଥାପି ସେମାନେ ଏ କୁଅଭ୍ୟାସକୁ ଛାଡ଼ିବାକୁ ନାରାଜ୍ । ଏ କ୍ଷେତ୍ରରେ ମଦ-ରାକ୍ଷସକୁ ନିପାତ କରିବା ସୁମନିଙ୍କ ପାଇଁ ଥିଲା ଏକ କଡ଼ା ଆହ୍ୱାନ । ସ୍ଥାନୀୟ ମହିଳାଙ୍କୁ ସଂଗଠିତ କରି ସୁମନି ଆରମ୍ଭ କରନ୍ତି ମଦ ବିରୋଧୀ ଆନ୍ଦୋଳନ । ରାୟଗଡ଼ାର ବିଭିନ୍ନ ଦେଶୀ ମଦଭାଟି ଆଗରେ ମହିଳାଙ୍କୁ ଧରି ପିକେଟିଂ ଆରମ୍ଭ କରି ଦିଅନ୍ତି । ମଦଭାଟିରେ ପଶି ଗ୍ୟାଲେନ୍ ଗ୍ୟାଲେନ୍ ମଦକୁ ନଷ୍ଟ କରିଦିଅନ୍ତି ସୁମନିଙ୍କ ମଦ ବିରୋଧୀ ବାହିନୀ । କ୍ରମଶଃ ସୁମନିଙ୍କୁ ସମର୍ଥନ କରନ୍ତି ସ୍ଥାନୀୟ ଲୋକେ । ମଦ ମାଫିଆଙ୍କ ବ୍ୟବସାୟରେ ସବୁଠୁ



ବଡ଼ ପ୍ରତିବନ୍ଧକ ସାଜନ୍ତି ସୁମନି । ବହୁବାର ସୁମନିଙ୍କ ଉପରେ ମରଣାନ୍ତକ ଆକ୍ରମଣର ଯୋଜନା ହୋଇଛି କିନ୍ତୁ ସବୁଥର ସେ ବର୍ତ୍ତି ଯାଇଛନ୍ତି । ସୁମନିଙ୍କ ବିରୋଧରେ ବହୁସଂଖ୍ୟାରେ ଫୌଜଦାରୀ ମାମଲା ହେଇଛି, ବହୁବାର ସେ ମଧ୍ୟ କୋର୍ଟରେ ଚକ୍କର କାଟିଛନ୍ତି । ଶେଷରେ ସୁମନିଙ୍କ ଉଦ୍ୟମ ସଫଳ ହୋଇଛି । ଦେଶୀ ମଦ ପ୍ରସ୍ତୁତି, ବିକ୍ରି କମିଛି, ଆଗ ଅପେକ୍ଷା ଆଦିବାସୀମାନେ ଦେଶୀମଦ ପିଇ ପାରିବାରିକ ବିଶୃଙ୍ଖଳାରୁ ବିରତ ହୋଇଛନ୍ତି ।

ଖାଲି ମଦ ବିରୋଧୀ ଆନ୍ଦୋଳନ ନୁହେଁ ସୁମନିଙ୍କ ନେତୃତ୍ୱରେ ନବେ ଦଶକରୁ ଆରମ୍ଭ ହୋଇଛି ଆଦିବାସୀ ମହିଳାଙ୍କୁ ନେଇ ସ୍ୱୟଂ ସହାୟକ ଗୋଷ୍ଠୀ । ଯାହାର ନାଁ 'ପ୍ରଗତି ମହିଳା ମଣ୍ଡଳ' । ଜଙ୍ଗଲରୁ ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ କରି ବିକ୍ରିବଟା ମାଧ୍ୟମରେ ବେଶ୍ ଦୁଇ ପଇସା ପାଇ ଆଦିବାସୀ ମହିଳାମାନେ ଆତ୍ମନିର୍ଭରଶୀଳ ହୋଇ ପାରିଛନ୍ତି ।

ସୁମନିଙ୍କ ଉଲ୍ଲେଖନୀୟ କାର୍ଯ୍ୟର ସ୍ୱୀକୃତି ସ୍ୱରୂପ ୨୦୦୩ରେ କେନ୍ଦ୍ର ସରକାର ତାଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରନ୍ତି । ପୁରସ୍କାର ବାବଦକୁ ମିଳିଥିବା ଅର୍ଥରାଶିକୁ ନିଜେ ନରଖି ଆଦିବାସୀ ଝିଅଙ୍କ କଲ୍ୟାଣ ପାଇଁ ସେ ବିନିଯୋଗ କରିଛନ୍ତି । ସୁମନିଙ୍କ ଆତ୍ମଜୀବନୀ 'ମୁଇଁ ସୁମନି କହୁଛେ' ପ୍ରକାଶ ପାଏ ୨୦୦୫ ମସିହାରେ । ଏହାକୁ ପ୍ରକାଶ କରିଛନ୍ତି ଭୁବନେଶ୍ୱରର ଶିକ୍ଷାସନ୍ଧାନ ସଂସ୍ଥା । 'ସୁମନି ସ୍ପିକ୍ସ' ନାଁରେ ଏହା ଇଂରାଜୀରେ ମଧ୍ୟ ଅନୁଦିତ ହୋଇଛି । ନିଜର ବଂଶଧର, ଆଦିବାସୀ ଜନଜୀବନ, ତୃଣମୂଳ ସ୍ତରରେ ତାଙ୍କର କାର୍ଯ୍ୟଧାରାକୁ ଏଥିରେ ବର୍ଣ୍ଣନା କରିଛନ୍ତି ସୁମନି ।

ଆଜି ବୟସର ଅପରାହ୍ଣରେ ସେଇ ସ୍ଫୂର୍ତ୍ତି ଓ ନିଷ୍ଠାର ସହ ସେ ଆଦିବାସୀଙ୍କ ବିକାଶ ପାଇଁ କାର୍ଯ୍ୟରତ । ସୁମନି ଝୋଡ଼ିଆଙ୍କ ଜନ୍ମ ଜାତକର କୌଣସି ପ୍ରମାଣ ନାହିଁ । ସେ ସ୍କୁଲ୍‌ର ଏରୁଣ୍ଡି ବନ୍ଧ ମାଡ଼ି ନାହାନ୍ତି । ତାଙ୍କର ଲକ୍ଷ୍ୟ ପଥରେ ଅଶିକ୍ଷା କେବେ ବି ଅନ୍ତରାୟ ହୋଇନି । ବରଂ ସେ ପାଲଟିଛନ୍ତି ସମାଜ ସଂସ୍କାରର ପଥିକୃତ






ବ୍ୟକ୍ତିତ୍ୱ । ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ୍ ଶିରିଗୁଡ଼ା ଗାଁର ଏହି ଉଦ୍ଦାମ ମହିଳା ଜଣକ ଆଜି ବି ନିଜର ଶାଣିତ ସ୍ୱରକୁ ନେଇ ମୁଖର । ମଦ ବିରୋଧୀ ଆନ୍ଦୋଳନ, ଲଘୁ ବନଜାତ ଦ୍ରବ୍ୟ ଉପରେ ଆଦିବାସୀଙ୍କ ଅଧିକାର, ଶିଳ୍ପ ନାଁରେ ଘରୋଇ କମ୍ପାନୀକୁ ଆଦିବାସୀଙ୍କ ଜମି ହସ୍ତାନ୍ତର ବିରୋଧରେ ଏବେ ବି ତାଙ୍କର ଲଢେଇ ଜାରି ରହିଛି ।

## କମଳା ପୂଜାରୀ: କୃଷିର ପୂଜାରିଣୀ

ଆଜିର ଦିନରେ ହାଇବ୍ରିଡ୍ ଧାନ ବିହନ ମାୟାରେ ଚାଷୀମାନେ ପଡ଼ିଥିଲା ବେଳେ କୃଷିବିଜ୍ଞାନୀଙ୍କ ପାଇଁ ସେ ପାଲଟିଛନ୍ତି ପ୍ରେରଣାର ଉତ୍ସ । ନିଜସ୍ୱ ଉଦ୍ୟମରେ ଶହେଟି ବିରଳ ଧାନ ବିହନ ସଂରକ୍ଷଣ କରି ସେ ଦୃଷ୍ଟାନ୍ତ ସୃଷ୍ଟି କରିଛନ୍ତି । ଜନଜାତିର ଏହି ମହିୟସୀ ଜଣକ ହେଉଛନ୍ତି କୋରାପୁଟ ପାତ୍ରପୁଟ ଗାଁର କମଳା ପୂଜାରୀ । ଖାଲି ବିହନ ସଂରକ୍ଷଣ ନୁହେଁ ସାର ଓ କୀଟନାଶକ ବିହୀନ ଜୈବିକ କୃଷି ପଦ୍ଧତିର ପ୍ରସାର ପାଇଁ ନିଜକୁ ସମର୍ପିତ କରିଛନ୍ତି କମଳା ।

ପାରମ୍ପରିକ ପ୍ରଣାଳିରେ ବିନା ରସାୟନ ପ୍ରୟୋଗରେ ୧୫ବର୍ଷ ହେଲା ସେ ଧାନ ବିହନକୁ ସଂରକ୍ଷିତ କରି ରଖିଛନ୍ତି । କମଳା ସଂରକ୍ଷଣ କରିଥିବା ବିରଳ ଧାନ ବିହନ ମଧ୍ୟରେ ରହିଛି କଳାଜିରା, ହଳଦୀଗଣ୍ଡି, ଝିଳି, ଲଦିଆରି, ଉମରିଆଚୁଡ଼ି, ଲଲତା, ଘଂଟିଆ, ବାରପକା ଇତ୍ୟାଦି ।

କମଳାଙ୍କ ପାରଦର୍ଶିତାକୁ ପ୍ରଥମେ ଆବିଷ୍କାର କରନ୍ତି ବିଶିଷ୍ଟ କୃଷିବିଜ୍ଞାନୀ ଏମ୍.ଏସ୍ ସ୍ୱାମୀନାଥନ୍ । ପରବର୍ତ୍ତୀ ସମୟରେ କମଳାଙ୍କୁ ବିଶ୍ୱସମୁଦାୟରେ ପରିଚିତ କରିବାରେ ସ୍ୱାମୀନାଥନଙ୍କର ବଡ଼ ଅବଦାନ ଥିବା ଜଣାଯାଏ । ଜୟପୁରରେ ପ୍ରତିଷ୍ଠିତ ଏମ୍.ଏସ୍. ସ୍ୱାମୀନାଥନ୍ ରିସର୍ଚ୍ଚ ଫାଉଣ୍ଡେସନ୍‌ରୁ ପ୍ରଶିକ୍ଷଣ ପାଇଛନ୍ତି କମଳା । ପ୍ରଶିକ୍ଷଣ ପାଇବା ପରେ ନିଜ ଅଂଚଳର ଲୋକମାନଙ୍କୁ ଜୈବିକ ପ୍ରଣାଳୀ ଚାଷ ସମ୍ପର୍କରେ ସଚେତନ କରିଥିଲେ । ଫଳସ୍ୱରୂପ ଆଜିକା ତାରିଖରେ ପାତ୍ରପୁଟ ଓ ଆଖପାଖ ଗାଁରେ ଜଣେ ବି ଚାଷୀ କୀଟନାଶକ କି ସାର ଚାଷକାର୍ଯ୍ୟରେ ବ୍ୟବହାର କରୁନାହାନ୍ତି । ସମସ୍ତେ ଜୈବ କୃଷି ପଦ୍ଧତିକୁ ଆପଣାଇ ନେଇଛନ୍ତି । ଏବେ ମହୁଲି, ବାଲିଗୁଡ଼ା, ବାଲିଆ ଓ କମ୍ଭାରପଡ଼ା ଆଦି ଗାଁର ମହିଳାଙ୍କୁ ଏକାଠି କରି ଜୈବିକ ପଦ୍ଧତି ଚାଷର ବିକାଶ ପାଇଁ ସେ କାର୍ଯ୍ୟ କରୁଛନ୍ତି ।

୨୦୦୨ରେ ଦକ୍ଷିଣ ଆଫ୍ରିକାର ଜୋହାନ୍‌ବର୍ଗରେ ଜୈବ କୃଷି ପଦ୍ଧତି ସମ୍ପର୍କିତ କର୍ମଶାଳାରେ ଭାଗ ନେବାର ସୌଭାଗ୍ୟ ପାଆନ୍ତି କମଳା । ସାରା ବିଶ୍ୱର କୃଷି ବିଜ୍ଞାନୀଙ୍କ ଦ୍ୱାରା କମଳାଙ୍କ କୃତିତ୍ୱ ଉଚ୍ଚ ପ୍ରଶଂସିତ ହୁଏ । ୨୦୦୨ରେ ଦକ୍ଷିଣ ଆଫ୍ରିକାରେ କମଳାଙ୍କୁ ମିଳେ ସମ୍ମାନଜନକ ଇକ୍ୱେଟର୍ ଇନିସିଏଟିଭ୍ ଆୱାର୍ଡ ଓ ୨୦୦୩ରେ ନୂଆଦିଲ୍ଲୀରେ 'କୃଷି ବିଶାରଦ ସମ୍ମାନ' । ୨୦୦୪ରେ ମୁଖ୍ୟମନ୍ତ୍ରୀ ପ୍ରଦାନ କରନ୍ତି 'ରାଜ୍ୟ କୃଷି ସମ୍ମାନ' ।

କମଳାଙ୍କ ସଂପର୍କରେ ସବୁଠୁ ଉଲ୍ଲେଖନୀୟ କଥା ହେଲା, ନିକଟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କୁ ରାଜ୍ୟ ଯୋଜନା ବୋର୍ଡର ସଦସ୍ୟ ଭାବେ ମନୋନୀତ

କରିଛନ୍ତି । ସାଧାରଣତଃ ରାଜ୍ୟ ଯୋଜନା ବୋର୍ଡର ସଦସ୍ୟ ଭାବେ ରାଜନୈତିକ ବ୍ୟକ୍ତିଙ୍କୁ ଥଇଥାନ କରାଯାଇଥାଏ, ମୁଖ୍ୟମନ୍ତ୍ରୀଙ୍କ ଏହି ପଦକ୍ଷେପ ସମସ୍ତଙ୍କୁ ଆଶ୍ଚର୍ଯ୍ୟାନିତ କରିଥିଲା । ଏହି ଘୋଷଣା ପରେ କମଳାଙ୍କ ପ୍ରତିକ୍ରିୟା ଥିଲା, "ମୁଖ୍ୟମନ୍ତ୍ରୀଙ୍କ ଏହି ଘୋଷଣା ସଂପର୍କରେ ମୁଁ ଗଣମାଧ୍ୟମରୁ ଜାଣିବାକୁ ପାଇଲି । ଏଭଳି ସମ୍ମାନଜନକ ସରକାରୀ ପଦବୀ ପାଇବାକୁ ମୁଁ କେବେ ସ୍ୱପ୍ନରେ ସୁଦ୍ଧା ଭାବିନଥିଲି । ଆମ ଅଂଚଳର ଗାଁଗୁଡ଼ିକରେ କେମିତି ଶୁଦ୍ଧ ପାନୀୟ ଜଳ ମିଳି ପାରିବ ଏନେଇ ମୁଁ ଯଥାସାଧ୍ୟ ଉଦ୍ୟମ କରିବି ।" ଖାଲି ସେତିକି ନୁହେଁ ଓଡ଼ିଶା କୃଷି ବିଜ୍ଞାନ ବିଶ୍ୱବିଦ୍ୟାଳୟ (ଓୟୁଏଟି)ର ଏକ ଛାତ୍ରୀନିବାସ କମଳା ପୂଜାରୀଙ୍କ ନାଁରେ ନାମିତ ହୋଇଛି ।

ସ୍ୱାମୀଙ୍କର ଦେହାନ୍ତ ପରେ ଦୁଇପୁଅ ଓ ଗୋଟିଏ ଝିଅକୁ ନେଇ ୬୨ବର୍ଷିୟା କମଳାଙ୍କର ସଂସାର ଚାଲିଛି । କୃଷି ବିଜ୍ଞାନରେ ବିପ୍ଳବ ରଚିଥିବା କମଳାଙ୍କର ରହିବା ପାଇଁ ଏ ପର୍ଯ୍ୟନ୍ତ ପକ୍କା ଘରଟିଏ ନାହିଁ, ଯାହାକି ସବୁଠୁ ବଡ଼ ବିଡ଼ମ୍ବନା ।



## କୋଇଲିର ନାଁ ଚନ୍ଦ୍ରମା ବାଲିଆ



ସଂଗୀତ ପାଇଁ ଭାଷା କେବେ ପ୍ରତିବନ୍ଧକ ସାଜେନା । ସାଂଗୀତିକତା ଓ ଗୀତର ଅନ୍ତଃସ୍ୱର ହିଁ ଶ୍ରୋତାର ମନକୁ କିଣିନିଏ । ସେ ଯେଉଁ ଭାଷାର ଗୀତ ହେଉନା କାହିଁକି ଯଦି ତନ-ମନର ସହ ଗାୟନ କରାଯାଏ, ତାହା ଛୁଇଁଯାଏ କୋଟି ହୃଦୟକୁ । ଏକଥାକୁ ଚରିତାର୍ଥ କରିଥିବା ମହିଳା ଜଣକ ହେଉଛନ୍ତି **ଚନ୍ଦ୍ରମା ବାଲିଆ** । ପାଠ ପଢ଼ିନାହାନ୍ତି କିନ୍ତୁ ଶହ ଶହ ପଦାବଳୀ ତାଙ୍କର କଣ୍ଠସ୍ଥ । ଯେକୌଣସି ପ୍ରସଙ୍ଗଟିଏ ଦିଅ ସଙ୍ଗେ ସଙ୍ଗେ ମନରୁ ଫାନ୍ଦି ସେ ଗାଇ ପାରିବେ ଗୀତ । ଆଦିବାସୀ ଭୂମିଆ ସଂପ୍ରଦାୟର ଏହି ମହିଳାଙ୍କୁ କିଏ କହେ ଗୀତ କୁଡ଼ିଆଣି ଚନ୍ଦ୍ରମା ତ ଆଉ କିଏ କହେ ଦେଶିଆ ଭାଷାର ଚାରଣ କବି ।


କୋଇଲିର ସ୍ୱର ଆଉ କୋଇଲିର ହୃଦୟ ନେଇ ଜୀବନ ଜିଉଁଥିବା ଚନ୍ଦ୍ରମା ବୁଢ଼ୀ ବୟସରେ ବି ବେଶ୍ ଲାଜବତୀ । କଥାବାର୍ତ୍ତାରେ ନୁହେଁ ଗୀତକୁ ନେଇ ସେ ସବୁବେଳେ ମୁଖର । ଗୀତକୁ ନେଇ ତାଙ୍କର ଜୀବନ ।

କୋରାପୁଟ୍ ଜିଲ୍ଲା କୁନ୍ଦ୍ରା ବ୍ଲକ୍ ଗୁଣ୍ଡାଳ ଗାଁରେ ୧୯୪୯ରେ ଜନ୍ମିତ ଚନ୍ଦ୍ରମା ସତେ ଯେମିତି ସଂଗୀତ ପାଇଁ ହିଁ ଜନ୍ମ ହୋଇଥିଲେ । ବାପା ଲଛମନ କାନ୍ଦଲିଆଙ୍କର ଲୋକ ସଂଗୀତରେ ଥିଲା ଗଭୀର ଅଭିରୁଚି । ପ୍ରତି ସଞ୍ଜରେ ବଣଡଙ୍ଗରରୁ ଫେରି କ୍ଳାନ୍ତି ଦୂର ପାଇଁ ଲଛମନ ଘର ଅଗଣାରେ ବସି ଗୀତ ଗାଉଥିଲେ । ଶିଶୁ ଚନ୍ଦ୍ରମା ବାପାଙ୍କ ସହ ପାଳି ଧରୁଥିଲେ । ଝିଅର ଆଗ୍ରହ ଦେଖି ବାପା ଲଛମନ କ୍ରମେ ତାଙ୍କୁ ସଂଗୀତ ଶିକ୍ଷା ଦେଲେ । ବୟସ ପନ୍ଦର ବର୍ଷ ହେଲା ବେଳକୁ କିଶୋରୀ ଚନ୍ଦ୍ରମାଙ୍କର କଣ୍ଠସ୍ଥ ହୋଇ ସାରିଥିଲା ବହୁ ଦେଶିଆ ଲୋକ ଗୀତ ।

ପରେ ଡମ୍ବରୁ ବାଲିଆଙ୍କ ହାତ ଧରି ସଂସାର ଆରମ୍ଭ କରନ୍ତି ଚନ୍ଦ୍ରମା । ଗୁଣ୍ଡାଳ ଗାଁରୁ ଆସି ମାଝୀଗୁଡ଼ାରେ ରହନ୍ତି । ହେଲେ ସଂସାର ଜଞ୍ଜାଳରେ ଥମିଯାଏନି ସଂଗୀତ-ଯାତ୍ରା । ସ୍ୱାମୀ ଡମ୍ବରୁଙ୍କ ସମର୍ଥନରେ ତାଙ୍କର ସଂଗୀତ ଯାତ୍ରା ଆହୁରି ବ୍ୟାପ୍ତ ହୁଏ । କୋରାପୁଟ୍‌ରେ ବୁଲି ବୁଲି ଆରମ୍ଭ ହୁଏ ସଂଗୀତ ପରିବେଷଣ ଆଉ ତା'ପରେ ପ୍ରତିଭା ବ୍ୟାପିଯାଏ ଭବାନୀପାଟଣା-ବଲାଙ୍ଗୀର ଦେଇ ଭୁବନେଶ୍ୱର ଯାଏଁ । ଦୀର୍ଘ ୫୦ବର୍ଷ ଧରି ଦେଶିଆ ଭାଷାରେ ଗୀତ ଗାଇ ଆସୁଛନ୍ତି ଚନ୍ଦ୍ରମା । ତାଙ୍କ ଗୀତ ପ୍ରତି ଲୋକଙ୍କ ଆଦର ତାଙ୍କ ପାଇଁ ସବୁଠୁ ବଡ଼ ପୁରସ୍କାର ବୋଲି ସେ କହନ୍ତି । କୋରାପୁଟ ଲୋକ ମହୋତ୍ସବ 'ପରବ'ରେ ପ୍ରଥମେ ସମ୍ମାନିତ ହୁଅନ୍ତି ଚନ୍ଦ୍ରମା । ଜିଲ୍ଲା ସଂସ୍କୃତି ପରିଷଦ କୋରାପୁଟ ପକ୍ଷରୁ ତାଙ୍କୁ ମିଳେ ଭବ୍ୟ ସମ୍ବର୍ଦ୍ଧନା ।୨୦୦୨ରେ ଚନ୍ଦ୍ରମାଙ୍କ ପ୍ରତିଭାକୁ ରାଜ୍ୟ ସରକାର ଚିହ୍ନନ୍ତି । ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ ପକ୍ଷରୁ ମିଳେ ଶ୍ରେଷ୍ଠ ଆଦିବାସୀ ଗାୟିକା ପୁରସ୍କାର । ଓଡ଼ିଶା ସଂଗୀତ ନାଟକ ଏକାଡେମୀ ଦ୍ୱାରା ଆୟୋଜିତ ଡଙ୍ଗରନାଚ ଉତ୍ସବରେ ଆଦିବାସୀ ସଂଗୀତ ସାନ୍ ପରିବେଷଣ କରି ଉଚ୍ଚ ପ୍ରଶଂସିତ ହୁଅନ୍ତି ଚନ୍ଦ୍ରମା ।

ବୟସର ଅପରାହ୍ନରେ ଚନ୍ଦ୍ରମାଙ୍କ ସ୍ୱର ନିଥର ହୋଇନି । ନିଜେ ଗାଇବା ସହ ଦେଶିଆ ସଂଗୀତର ପ୍ରସାର ଓ ସଂରକ୍ଷଣ ନିମନ୍ତେ ନୂଆପିଢ଼ିଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି ଚନ୍ଦ୍ରମା । ଚନ୍ଦ୍ରମା ଗାଉଥିବା ଗୀତର ରେକର୍ଡ ଏ ପର୍ଯ୍ୟନ୍ତ ଉପଲବ୍ଧ ହୋଇପାରିନି । ସୁଖର କଥା, ଚନ୍ଦ୍ରମା ଗାଇଥିବା ଦେଶିଆ ରାମାୟଣ ପୁସ୍ତକ ଆକାରରେ ଖୁବ ଶୀଘ୍ର ପ୍ରକାଶ ପାଇବାକୁ ଯାଉଛି ।

# ଅପାଶୋରା ଅମୃତା



# ଅମୃତାଙ୍କୁ ମୁଁ ଯେମିତି ଜାଣେ



**ପ୍ରବାସିନୀ ମହାକୁଡ଼**

ଫଟୋ ସୌଜନ୍ୟ : ଗୁଗୁଲ୍

**ପ୍ରସିଦ୍ଧ ଭାରତୀୟ ଲେଖିକା ଅମୃତା ପ୍ରୀତମ୍ ଉଭୟ ପଞ୍ଜାବୀ ଓ ହିନ୍ଦୀ ଭାଷାରେ ଲେଖିଛନ୍ତି । ଜଣେ ବିଖ୍ୟାତ କବି, ଔପନ୍ୟାସିକା ଏବଂ ପ୍ରାବନ୍ଧିକା ଭାବରେ ତାଙ୍କର ପରିଚୟ ଅମ୍ଳାନ । ୩୧ ଅଗଷ୍ଟ ୧୯୧୯ରେ ଜନ୍ମଗ୍ରହଣ କରିଥିବା ଅମୃତା ୩୧ ଅକ୍ଟୋବର ୨୦୦୫ରେ ୮୬ ବର୍ଷ ବୟସରେ ମୃତ୍ୟୁବରଣ କରନ୍ତି । ୧୦୦ରୁ ଊର୍ଦ୍ଧ୍ୱ ପୁସ୍ତକର ସ୍ରଷ୍ଟା ଏଇ ଲେଖିକାଙ୍କ ସହିତ ଓଡ଼ିଆ କବି ପ୍ରବାସିନୀ ମହାକୁଡ଼ଙ୍କର ଥିଲା ଅନ୍ତରଙ୍ଗ ସମ୍ପର୍କ । ସେଇ ସମ୍ପର୍କରୁ ଖିଏ ।**

ଅମୃତା ପ୍ରୀତମ୍ – ଏଇ ନାଁରେ ଗୋଟେ ସୌନ୍ଦର୍ଯ୍ୟ ଅଛି, ଲାଳିତ୍ୟ ଅଛି । ଅଛି ଏକ ଶିହାରଣ । ଭାରତୀୟ ସାହିତ୍ୟର ଏକ ଉଚ୍ଚାଙ୍ଗ ଉଚ୍ଚାରଣ । ସୌନ୍ଦର୍ଯ୍ୟ ଓ ପ୍ରଜ୍ଞାର ଏକ ଅଦ୍ଭୁତ ସମନ୍ୱୟ । ତାଙ୍କ ସାନ୍ନିଧ୍ୟ ପାଇବାର ସୌଭାଗ୍ୟ ମୋର ହୋଇଥିଲା । ଏଥିପାଇଁ ପ୍ରଥମେ ତ ମୁଁ ନନ୍ଦିନୀ ଶତପଥି, ଜେ.ପି. ଦାସ ଓ ଆର୍‌ଲିନ୍ ଜାଇଡ୍‌ଙ୍କୁ ମୋର ବିନମ୍ରତା ଜଣାଉଛି । ଦ୍ୱିତୀୟରେ ଅନୁବାଦ ସାହିତ୍ୟକୁ । ଯଦି ମୋ କବିତା ଇଂରାଜୀ ଅନୁଦିତ ହେଇ ଏକ ସଙ୍କଳନରେ ସ୍ଥାନ ପାଇ ନଥାନ୍ତା, ତାହେଲେ ହୁଏତ ଅମୃତାଙ୍କୁ ଆଉ କେଉଁ ମାଧ୍ୟମରେ ଭେଟି ଥାଆନ୍ତି । ଅମୃତାଙ୍କ କିଛି କବିତା ଖୁସ୍‌ବନ୍ତ୍ ସିଂଙ୍କ ସମ୍ପାଦନାରେ ବାହାରୁଥିବା 'ଇଲ୍ୟୁଷ୍ଟ୍ରେଟେଡ୍ ଉଇକ୍ଲି'ରୁ ପଢ଼ିଥିଲି । କେଉଁଠି ପଢ଼ିଥିଲି 'କରମାବାଲୀ' । ପଢ଼ିଥିଲି 'ଡକ୍ଟର ଦେବ୍' ଉପନ୍ୟାସ । ତାଙ୍କ ଫଟୋ ଦେଖି ମୁଗ୍ଧ ହୋଇଛି । ସତେଇଶ୍ ବର୍ଷ ବିତିଗଲାଣି ଯା' ଭିତରେ । ମନେହେଉଛି ଏଇ ସତେଇଶ୍ ମିନିଟ୍ ତଳେ ତାଙ୍କୁ ଭେଟି ଆସିଥିଲି । ଏତେ ଜୀବନ୍ତ ଅମୃତା ମୋ ଭିତରେ । ମୁଁ ବଞ୍ଚିଥିବା ଯାଏ ରହିଥିବେ । ଯେମିତି ମୋ ଚିନ୍ତା-ଚେତନାରେ ମାଆପଣ ପାଇଁ ମୋ ମା', ମଦର ଟେରେସା ସେବାପଣ ପାଇଁ, ଶ୍ରୀମା ଦିବ୍ୟପଣ ପାଇଁ, ମହାରାଣୀ ଗାୟତ୍ରୀ ଦେବୀ ନିଜ ସୁନ୍ଦରପଣ ପାଇଁ ସବୁବେଳେ ରହି ଆସିଛନ୍ତି, ସେମିତି ରହିବେ ଅମୃତା ପ୍ରୀତମ୍ । ଆହୁରି ଅନେକ ମହିୟସୀ ପ୍ରତିଭାମୟୀ ନାରୀ ମୋତେ ଆଚ୍ଛନ୍ନ କରି ରଖିଛନ୍ତି । ସମସ୍ତଙ୍କ ଠୁ କିଛି ନା କିଛି ପ୍ରତ୍ୟକ୍ଷ ନହେଲେ ପରୋକ୍ଷରେ କିଛି ନା କିଛି ପାଇଛି ।

ଡିସେମ୍ବରର ଗୋଟେ ବର୍ଷା-ମୁଖର ସନ୍ଧ୍ୟାରେ ଅମୃତାଙ୍କ ସହ ଦେଖା ହୋଇଥିଲା ଇଣ୍ଡିୟା ଇଣ୍ଟର୍‌ନ୍ୟାସନାଲ୍ ସେଣ୍ଟର୍ ନୂଆଦିଲ୍ଲୀରେ । କବିତା ପାଠ ପରେ ତାଙ୍କ ସହ କଥାବାର୍ତ୍ତା ଓ ତାଙ୍କ ଘରକୁ ଯିବା ପାଇଁ ନିମନ୍ତ୍ରଣ । ଧୀରେ ଧୀରେ ସମ୍ପର୍କ ବଢ଼ିଲା । ଯେତେଥର ଦିଲ୍ଲୀ ଗଲି କିଛି ନା କିଛି  କାମରେ ଅମୃତାଙ୍କୁ ଭେଟିବା ପାଇଁ ଆଗରୁ ସ୍ଥିର କରି ନେଇଥାଏ । ହଁ ମୋ ସହ ତାଙ୍କର କେମିତି କେଜାଣି ଅନ୍ତରଙ୍ଗତା ଗଢ଼ି ଉଠିଲା ଜାଣେନି ତେବେ ତାଙ୍କୁ ଭେଟିବାକୁ ମୋ ପାଖରେ ସମୟର କୌଣସି କଟକଣା କି ବାରଣ ନଥିଲା । ଯେକୌଣସି ସମୟରେ ପହଞ୍ଚି ଯାଉଥିଲି, ଫୋନ୍ ନକରି । କେବେ ଏକା ତ କେବେ କୌଣସି ସାହିତ୍ୟିକ ବନ୍ଧୁ, ବାନ୍ଧବୀଙ୍କୁ ନେଇ । ଥରେ ବଙ୍ଗଳାର ପ୍ରସିଦ୍ଧ ଲେଖିକା ଓ ସମାଜସେବୀ ଜୟା ମିତ୍ର କହିଲେ, "ପ୍ରବାସିନୀ ! ମୁଁ ଟିକିଏ ଅମୃତା ପ୍ରୀତମ୍‌ଙ୍କୁ ଭେଟିବାକୁ ଚାହୁଁଛି । ଶୁଣିଲି ତୁମର ତାଙ୍କ ସହ ଭଲ ସମ୍ପର୍କ ।" ତାଙ୍କୁ ହଁ କଲି । ସିଏ ଓ ମୁଁ ରାଜସ୍ଥାନ ଭବନରେ ରହୁଥାଉ । ଅମୃତାଙ୍କ ଘରକୁ ଗଲୁ । ଚିହ୍ନା ପରିଚୟ ହେଲା । ଜୟା ଦିଦି ହଜାରେ ଟଙ୍କା ଓ ବଙ୍ଗଳାରେ ସିଏ ଅନୁବାଦ କରିଥିବା ଗୋଟେ ବହିର ଦୁଇଟା କପି ଦେଲେ । ବଡ଼ ସଙ୍କୋଚରେ କହିଲେ ଯେ ଅନୁମତି ନେଇନଥିଲେ । ଅମୃତା କେବଳ ହସିଲେ, କିଛି କହିଲେନି । ଇମ୍‌ରୋଜ୍ କହିଲେ, "ବୁଝିଲୁ ପ୍ରବାସିନୀ ! ତୋ ଅମ୍ମୀର ସାତଟା ବହି ପାକିସ୍ତାନରେ



ବହୁତ ଭଲ ବିକ୍ରି ହେଉଛି । ଅମୃତାଙ୍କୁ ସେମାନେ ଜଣେଇ ନାହାନ୍ତି । ତିନି ଚାରିଟା ବହିର କେତେଟା ସଂସ୍କରଣ ବି ସରିଲାଣି ।" ଏକଥା ସେମାନଙ୍କୁ ସାରା ସରୁଫ୍‌ତା କହିଥିଲେ । ପ୍ରସିଦ୍ଧ ପାକିସ୍ତାନୀ କବୟିତ୍ରୀ, ଯିଏ ମାତ୍ର ତିରିଶ ବର୍ଷ ବୟସରେ ଆତ୍ମହତ୍ୟା କରି ଦେଇଥିଲେ । ତାଙ୍କର ଅମୃତା ଓ ଇମ୍‌ରୋଜ୍‌ଙ୍କ ସହ ଗଭୀର ଆତ୍ମୀୟତା ଥିଲା । ସାରାଙ୍କ ମୃତ୍ୟୁରେ ଅମୃତା ଅନେକ ଦିନ ଯାଏ ଦୁଃଖୀ ଓ ଉଦାସୀ ରହିଲେ ଓ ତା'ପରେ ସାରାଙ୍କ ଜୀବନୀ ଲେଖିଲେ 'ଏକ୍ ଥି ସାରା' । ସେ ବହିଟା ପଢ଼ିଲା ବେଳେ ମୋ ଲୁହରେ ବହିର କିଛି ପୃଷ୍ଠା ଓଦା ହୋଇ ଯାଇଥିଲା । ଅମୃତା କମ୍ କଥା କୁହନ୍ତି । ଇମ୍‌ରୋଜ୍ ବେଶି । ତାଙ୍କୁ ଭେଟିବାକୁ ଆସୁଥିବା ବିଭିନ୍ନ ବର୍ଗର ବୁଦ୍ଧିଜୀବୀଙ୍କୁ ଅମୃତା ପ୍ରାୟ ଦୂରେଇ ରହୁଥିଲେ । ଇମ୍‌ରୋଜ୍ ବହୁତ କଥା ହୁଅନ୍ତି ।

ଥରେ କହିଲେ, "ଜାଣିଛୁ, ଥରେ ମୋ ଜେଜେମା କହିଲା ଅମୃତାଙ୍କୁ ଦେଖିବ । ନେଇ କରି ଗଲି । ଇୟେ ସାର୍ଟ ପ୍ୟାଣ୍ଟ ପିନ୍ଧିଥାଏ । ଜେଜେମା ତା' ଓଠ ନାକ, ଚିବୁକ ଛୁଇଁଲା ଓ କହିଲା- କୁଡ଼ି(ଝିଅ) ବହୁତ ସୁନ୍ଦର ହେଇଥିବ ।" ଇମ୍‌ରୋଜ୍‌ଙ୍କୁ ଥରେ ତାଙ୍କ ଘର କଥା ପଚାରିଲି । କହିଲେ, "ପାକିସ୍ତାନ କାହିଁକି ଯିବି ? ମୋ ଘରକୁ ଯାଇ କବାଟ ବାଡ଼େଇବି ତ କେହି ମୁସଲମାନ୍ ଆସି କବାଟ ଖୋଲିବ । ସେ ଘର ଆମର ହେଇ ରହିଲା କେଉଁଠି ?" ଥରେ ଥରେ କଥା କହିଲା ବେଳେ ଅମୃତା ତକିଆକୁ ସଜେଇ ଆଉ ଟିକିଏ ସହଜ ହେଇ ଆଉଜି ଯାଆନ୍ତି ତାଙ୍କର ସଫେଦ୍ ପଲଙ୍କରେ । ମୁଁ ତାଙ୍କ ହାତକୁ ଆଉଁସି ଦେଉଥାଏ । ସିଏ ସିଗ୍ରେଟ୍ ପିଉଥାନ୍ତି କେବେ ଚାନ୍‌ସେଲର୍ ତ ଆଉ କେବେ 'ଜୈସାଲିମାର୍ ହାଲ୍‌କା ବାସ୍ନାର ସିଗ୍ରେଟ୍ । ଦୁନିଆଁଯାକର କଥା କୁହେ ମୁଁ । ସିଏ ଶୁଣନ୍ତି, ହସନ୍ତି । ମଝିରେ ମଝିରେ ଇମ୍‌ରୋଜ୍ ଲେମନ୍‌ଟି ନେଇ ଆସନ୍ତି । ଅମୃତାଙ୍କର ଗୋଟେ ବଡ଼ ଗୁଣ ଥିଲା କାହାକୁ ସମାଲୋଚନା ନ କରିବା । ସହିଷ୍ଣୁତା କ'ଣ ତାହା ଅମୃତା ହିଁ ଜାଣିଥିଲେ । ଗୋଟେ ସମୟ ଏମିତି ବି ଥିଲା ଯଦି ଅମୃତା କବିତା ପଢ଼ିବା ପାଇଁ ବିଦେଶ ଯାଉଥାନ୍ତି ତ କିଛି ଲେଖକଙ୍କ ପତ୍ନୀ ସ୍ୱାମୀମାନଙ୍କୁ ଛାଡ଼ିବାକୁ କୁଣ୍ଠାବୋଧ କରୁଥିଲେ କାରଣ ଅମୃତା ଯାଉଛି ! ଆଉଥରେ ସିଏ କୌଣସି ହିନ୍ଦୀ ଶବ୍ଦର ଅର୍ଥ ଖୋଜି ପାଇଲେନି, ବନ୍ଧୁ ହରିବଂଶ ରାୟବଚ୍ଚନଙ୍କୁ ଏକଥା କହିବାରୁ ସିଏ ଗୋଟେ ଅଭିଧାନ ପଠେଇ ଦେଇଥିଲେ । ଯେଉଁଥିରେ ଲେଖାଥିଲା – ଦୁନିଆଁର ସବୁତକ ଭଲଶବ୍ଦ ସହ- ଅମୃତାଙ୍କୁ । ଷାଠିଏ ଦଶକ ଅମୃତାଙ୍କ ଜୀବନର ସବୁଠୁ ଘଡ଼ିସନ୍ଧି ମୁହୂର୍ତ୍ତ ଥିଲା । ସ୍ୱାମୀଙ୍କ ଠୁ ଅଲଗା ହୋଇଯିବାର ନିଷ୍ପତ୍ତି, ପ୍ରେମିକ ବିଶିଷ୍ଟ ଗୀତିକାର ସାହିର୍ ଲୁଧିଓ୍ୱାନବୀଙ୍କର ସାପ୍ତାହିକୀ 'ବ୍ଲିଜ୍'ରେ ଗାୟିକା ସୁଧା ମାଲହୋତ୍ରାଙ୍କ ସଂପର୍କ ଓ ଉଭୟଙ୍କର ଫଟୋ ସହ ଲେଖା- ଭିତରେ ଭିତରେ ଭାଙ୍ଗି ପଡୁଥିଲେ ଅମୃତା । ଆତ୍ମହତ୍ୟା କରିବା କଥା ବି ଚିନ୍ତା କରୁଥିଲେ । ଜୀବନର ସବୁଠୁ ଉଦାସୀ କବିତା ସିଏ ଏଇ ସମୟରେ ହିଁ ଲେଖିଥିଲେ । ତାଙ୍କ ଅବସ୍ଥା ଏମିତି ହେଲା ଯେ ବନ୍ଧୁମାନଙ୍କ ପରାମର୍ଶରେ ଜଣେ ସାଇକିଆଟ୍ରିଷ୍ଟଙ୍କ ଚିକିତ୍ସାରେ ସିଏ ରହିଲେ ଓ ପୁଣିଥରେ ନିଜର ମାନସିକ ଶକ୍ତି ଫେରି ପାଇଲେ । ତାଙ୍କ ଜୀବନ ଓ ସାହିତ୍ୟ ଅବଚେତନର, ସଚେତନତାର, ସାହସ ଓ ଏକାକୀତ୍ୱର ତଥା ପ୍ରେମର କଥାକୁ କେନ୍ଦ୍ର କରି ଗଢ଼ି ଉଠିଥିଲା । ମାନସିକ ସ୍ତରରେ ବି ଆଶ୍ୱସ୍ତି ଅନୁଭବ କଲେ । ନିଜକୁ ନିଜେ କହୁଥିଲେ- "ଲୁକ୍ ଏ ବିଟ୍ ହାଇୟର୍ ।" ଜୀବନର ସମସ୍ତ ପରାଜୟ ଏବଂ କଷ୍ଟର ଉର୍ଦ୍ଧ୍ୱକୁ ଉଠି ଅମୃତା ଦେଖିବାକୁ ଚେଷ୍ଟା କଲେ ନିଜର କୃତିକୁ, ନିଜ କବିତା, ନିଜ କାହାଣୀ, ନିଜ ଉପନ୍ୟାସର ଦୁନିଆଁକୁ ।

ଅମୃତାଙ୍କ ପ୍ରଥମ ପୁସ୍ତକ ୧୯୩୬ ମସିହାରେ ପ୍ରକାଶ ପାଇଥିଲା । ଏଥିରେ ଖୁସି ହେଇ କପୁରତାଲାର ମହାରାଜା ଆଶୀର୍ବାଦ ସହ ତାଙ୍କ ପାଖକୁ ଦୁଇ ଶହ ଟଙ୍କା ପଠେଇଥିଲ । କିଛିଦିନ ପରେ ବାଭାର ମହାରାଣୀ ତାଙ୍କ ବହିର ପ୍ରଶଂସା କରି ଗୋଟେ ଶାଢ଼ି ପାର୍ସଲ କରି ପଠେଇଥିଲେ । ଏଇ ଦୁଇଟିଯାକ ଜିନିଷ ଡାକରେ ଆସିଥିଲା । ଆଉ ଦିନେ ଡାକବାଲା ଆସିଲା । ଅମୃତାଙ୍କ ପିଲାମନ । ସେଇଭଳି କିଛି ଆସିଥିବ ଭାବି ଡାକବାଲାକୁ ପଚାରିଦେଲେ- "ଆଜି ବି କ'ଣ ଉପହାର ଆସିଛି ?" ତାଙ୍କୁ ଚାହିଁ ତାଙ୍କ ବାପାଙ୍କ କପାଳରେ ଯେଉଁ କୁଞ୍ଚିତରେଖା ଦେଖା ଦେଇଥିଲା, ତାକୁ ଅମୃତା ସାରା ଜୀବନ ଭୁଲିପାରି ନଥିଲେ ଯେ ସେଇ ଗୋଟିଏ ବାକ୍ୟ କହି ସିଏ କେତେ ଛୋଟ ହୋଇଗଲେ । ଏମିତି କାମନା କରିବା ଅନୁଚିତ । ବାପାଙ୍କର ସେଇ ଚାହାଁଣୀ ସାରା ଜୀବନ ଅମୃତାଙ୍କର ମନେରହିଲା ଏବଂ ନିଜକୁ ନିଜେ ଅପମାନିତ କରିବାରୁ ରକ୍ଷା ପାଇଗଲେ ।

ସେମିତି ଅମୃତାଙ୍କ ବାହାଘର କଥା । ପୁଅଘର ଯଉତୁକ କଥା ଉଠେଇଲେ । ତାଙ୍କ ମାଆଙ୍କର ଜଣେ ସାଙ୍ଗ ତାଙ୍କର କିଛି ଗହଣା ଦେଲେ । କିନ୍ତୁ ଖବର ମିଳିଲା ଯେ ପୁଅ ଘରର କିଛି ଡିମାଣ୍ଡ ନାହିଁ । ଭଦ୍ର ମହିଳା ଜଣକ ନିଜ ଗହଣାତକ ଫେରେଇ ଦେଲେ । କିନ୍ତୁ ଅମୃତାଙ୍କର ମନେ ରହିଲା ଯେ ଆଜି ବି ମଣିଷ ପଣିଆ, ମାନବିକତା ବଞ୍ଚି ରହିଛି । ଅମୃତା କହୁଥିଲେ : ସିଏ କହିପାରି ନଥିବା କଥା ଯାହା ନିରବରେ ରହିଯାଇଛି ଆଗାମୀ ପିଢ଼ିର ଲେଖକର କଲମ ମୁନରେ ତାହା ନିଶ୍ଚୟ ଫୁଟି ଉଠିବ ।

ଅମୃତା ଏବଂ ସାହିର୍ ଲୁଧିଓ୍ୱାନବୀଙ୍କ ବନ୍ଧୁତ୍ୱ, ପ୍ରେମ ଥିଲା ନିରବ ସୌନ୍ଦର୍ଯ୍ୟର ଏକ ସୁନ୍ଦର ପ୍ରତୀକ । ସ୍ୱାମୀଙ୍କ ଠୁ ଅଲଗା ହୋଇଯାଇଥିଲେ ଏକ ଅମାୟିକ ଓ ସମ୍ମାନଜନକ ବାସ୍ତବତାର ପରିସ୍ଥିତିରେ । ଇମ୍‌ରୋଜ୍‌ଙ୍କ ସହ ତାଙ୍କର ଜୀବନକୁ, ସଫଳତାକୁ ବୁଝିବାକୁ ଅନେକ ସାହିତ୍ୟିକ ଚେଷ୍ଟା କରିଛନ୍ତି, କିନ୍ତୁ ପାରିନାହାନ୍ତି । ଅମୃତାଙ୍କ ଶୋଇବା ଘରର ଝର୍କା ସେପଟେ ବହୁତ ବଡ଼ ଗଙ୍ଗଶିଉଳି ଗଛ ଥିଲା । ଜନ୍ମାଷ୍ଟମୀ ଠୁ ଶେଫାଳି ଫୁଲ ଫୁଟେ ବୋଲି ଅମୃତା ମୋତେ ଥରେ କହିଥିଲେ । ତାଙ୍କ ଝର୍କା ଦେଇ ଶେଫାଳିର ବାସ୍ନା ଘର ଭିତରକୁ ଆସେ । ମୁଁ ବି ଦିଲ୍ଲୀରେ ଥିଲାବେଳେ ଶୋଇବା ଘରର ଝର୍କା ସେ ପାଖେ ଗଙ୍ଗଶିଉଳି ଗଛଟେ ଲଗେଇଥିଲି । ଫୁଲ ଯେଉଁବର୍ଷ ଗଛରେ ଭର୍ତ୍ତି ହେଇଗଲା ଚାହିଁଲି ସେ ଗଛକୁ ଓ ଅମୃତାଙ୍କୁ କହିବାକୁ

## ଅମୃତା ପ୍ରୀତମ୍‌ଙ୍କ କବିତା


### ଆଦି ପୁସ୍ତକ

ମୁଁ ଥିଲି ଆଉ ବୋଧେ ତୁ ବି...
ବୋଧେ ଏକ ନିଃଶ୍ୱାସର ଦୂରତ୍ୱରେ ଠିଆ
ବୋଧେ ଅନୁଭବର ଏକ ମୋଡ଼ରେ ଚାଲୁଛି
କିନ୍ତୁ ସେ ତ ପୁରା ଐତିହାସିକ ସମୟର କଥା

ଇୟେ ତୋର ଆଉ ମୋର ଅସ୍ତିତ୍ୱ ଥିଲା
ଯିଏ ଦୁନିଆର ଆଜି ଭାଷା ହେଲା
ମୁଁ ର ପରିଚୟ ହେଲେ ଅକ୍ଷର
ତୋର ପରିଚୟ ହେଲେ ଅକ୍ଷର
ଆଉ ସେମାନେ ଆଦି ଭାଷାର ଆଦି ପୁସ୍ତକ ଲେଖିଲେ

ଇୟେ ମୋର ଆଉ ତୋର ମିଳନ ଥିଲା
ଆମେ ପଥରର ଶେଯରେ ଶୋଇଲେ
ଆଉ ଆଖି, ଓଠ, ଆଙ୍ଗୁଳି, ପଦ
ମୋର ଆଉ ତୋ' ଦେହର ଅକ୍ଷର
ଆଉ ସେମାନେ
ସେଇ ଆଦି ପୁସ୍ତକର ଅନୁବାଦ କଲେ...

ଋଗ୍ ବେଦର ରଚନା ତ ବହୁତ ପରର କଥା ।



ଚାହୁଁଥିଲି, "ଅମ୍ମୀ ! ମୁଁ ବି ଆପଣଙ୍କ ପରି ଶେଫାଳି ଫୁଲର ବାସ୍ନାରେ ମୁଗ୍ଧ ହେଉଛି ବାରମ୍ବାର ।" କିନ୍ତୁ ଏ କଥା ଶୁଣିବାକୁ ସିଏ ନଥିଲେ, ବର୍ଷକ ଆଗରୁ ଏ ଦୁନିଆରୁ ବିଦାୟ ନେଇ ସାରିଥିଲେ ।

ଅମୃତାପ୍ରୀତମ ଥିଲେ ତାଙ୍କ ସମସାମୟିକମାନଙ୍କ ଠୁ ଭିନ୍ନ । ଗଣମାଧ୍ୟମକୁ ସେ କମ୍ ସାକ୍ଷାତକାର ଦେଇଛନ୍ତି । ଏମିତିକି ଇମ୍ରୋଜଙ୍କୁ କହିଥିଲେ- "ମୋ ମୃତ୍ୟୁ ଖବର ମିଡ଼ିଆକୁ ଦେବନି ।" ତାଙ୍କର ଗୋଟେ ବଡ଼ ଗୁଣ ଥିଲା ଯୁବ ସାହିତ୍ୟିକଙ୍କୁ ଉତ୍ସାହିତ କରିବା, ସେମାନଙ୍କ ଲେଖାକୁ ପଢ଼ିବା । ପଞ୍ଜାବୀରେ ପ୍ରକାଶିତ 'ନାଗମଣି' ପତ୍ରିକାର ସିଏ ଥିଲେ ସମ୍ପାଦିକା, ଯାହା ଚାଳିଶ ବର୍ଷରୁ ବେଶି ସମୟ ଯାଏଁ ପ୍ରକାଶିତ ହେଉଥିଲା । ଅମୃତା ଓ ଇମ୍ରୋଜ୍- ଏକ ଅନନ୍ୟ ଯୁଗଳବନ୍ଦୀ । ଜଣେ ସାହିତ୍ୟିକ ଆଉ ଜଣେ ଚିତ୍ରଶିଳ୍ପୀ । ଉଭୟେ ଉଚ୍ଚକୋଟୀର ସ୍ରଷ୍ଟା । ଇମ୍ରୋଜ୍ ଏବେ କବିତା ଲେଖୁଛନ୍ତି ।

ଗୋଟେ ଘଟଣା ମନେ ପଡୁଛି । ଦିନେ ମୁଁ ପହଞ୍ଚିଲା ବେଳକୁ ଘରେ ଥମ୍ ଥମ୍ ପରିବେଶ । ମୁଁ ଫେରି ଆସୁଥିଲି । ମୋତେ ଇମ୍ରୋଜ୍ ଡାକିଲେ । ଇମ୍ରୋଜ୍ ଡାକିଲେ- "ବସ । ଆଜି ଦେବଦାସ ଆସିଥିଲା ।"

"ଦେବଦାସ କିଏ ?" ମୁଁ ପଚାରିଦେଲି । "ଆରେ ଜାଣିନୁ ଗୋଆର ସେଇ ପିଲା ଯାହାକୁ ତୋ ସ୍ୟାଣ୍ଡିଦିଦିର ଝିଅ ପସନ୍ଦ କରିଥିଲା ।"

ହଁ ଅମୃତା ଜଣକୁ ପୁଅ କରିଥିଲେ ସ୍ୟାଣ୍ଡିଦିଦି । ତାଙ୍କୁ ଅମୃତା ବହୁତ ଭଲ ପାଉଥିଲେ । ସିଏ ବାହା ହେଇ ଦିଲ୍ଲୀରେ ରହନ୍ତି । ତାଙ୍କୁ ତିନିଥର ମାତ୍ର ଭେଟିଛି । ତାଙ୍କରି ଝିଅ ଗୋଆରେ କ'ଣ ଗୋଟେ ମ୍ୟାନେଜମେଣ୍ଟ କୋର୍ସ କରୁଥାଏ । ଯେଉଁ ପୁଅ ସହ ତାର ବନ୍ଧୁତ୍ୱ ଥିଲା, ସେମାନଙ୍କ ଭିତରେ କ'ଣ ହେଲା ତାକୁ ଛାଡ଼ି ଆଉ ଜଣଙ୍କୁ ବାହାହେବ ବୋଲି ଜିଦ୍ ଧରିଛି । ଏକଥା ଶୁଣି ବିଚରା ଦେବଦାସ ଆସି ଦିଲ୍ଲୀରେ ହାଜର୍ । ତାକୁ ବୁଝାଶୁଝା କରି ଇମ୍ରୋଜ ପଠେଇ ଦେଇଥିଲେ । ତା'ପରେ କ'ଣ ହେଲା ମୁଁ ଆଉ ଜାଣିନି । ତାଙ୍କ ବୋହୂ ଅଳକା ଭାବୀଙ୍କ ସହ ଅନେକଥର ଦେଖା ହେଇଛି । ପୁଅ ନବରାଜଙ୍କ ସହ ଅଳ୍ପ କେତେଥର । ସେମାନେ ଗ୍ରାଉଣ୍ଡ୍ ଫ୍ଲୋର୍‌ରେ ରହୁଥିଲେ । ନବରାଜ୍ ଡକ୍ୟୁମେଣ୍ଟାରୀ ଫିଲ୍ମ ତିଆରି କରୁଥିଲେ । କିଛିବର୍ଷ ତଳେ ତାଙ୍କୁ କେହି ହତ୍ୟା କରିଦେଇଛି ଶୁଣି ବହୁତ ମନ କଷ୍ଟ ହେଉଥିଲା ।

ଅମୃତା ନିଜେ ଅନେକ ବର୍ଷ ଯାଏ ବଗିଚାର ଯତ୍ନ ନେଉଥିଲେ । ଗଛରେ ପାଣି ଦେଉଥିଲେ । ଅମୃତା ଅଳ୍ପ ବା କମ୍ କଥା ହେଉଥିଲେ । କିନ୍ତୁ ଯାହାବି ସୀମିତରେ କହୁଥିଲେ ଶୁଣିବାକୁ ଭଲ ଲାଗୁଥିଲା । ତାଙ୍କ ମତରେ ଲେଖକର ନିଜର ଆବଶ୍ୟକତା ହେଉଛି- ଗୋଟିଏ ବାସ୍ତବତାରୁ ଆଉ ଏକ ବାସ୍ତବତାରେ ପହଞ୍ଚିବାର ପ୍ରକ୍ରିୟା । ସବୁ କଳା ନିର୍ମାଣରୁ ପ୍ରତିନିର୍ମାଣ ଅନ୍ୟ ଏକ ନାମ । ଲେଖକର ଗଳ୍ପ, କବିତା, ଉପନ୍ୟାସରେ ପାଠକ ଓ ଲେଖକ ପରସ୍ପରର ସାମ୍ନା କରନ୍ତି । ଲେଖକର ଭାବ ପାଠକ ଭିତରେ ସଂଚରି ଯାଏ । ନାରୀର ଅଧିକାର, ତାର ଅସ୍ମିତା, ଅସ୍ତିତ୍ୱ କଥା ସିଏ ଅଶୀବର୍ଷ ତଳୁ କହିଥିଲେ । 'କାଦମ୍ବରୀ' ଫିଲ୍ମ ତାଙ୍କ ଉପନ୍ୟାସ "ଧରତୀ, ସାଗର୍ ଔର୍ ସିପିଆଁ' ଉପରେ ଆଧାରିତ । 'ପିଂଜରା' ଉପନ୍ୟାସ ମଧ୍ୟ ଫିଲ୍ମ ହେଇଛି । ତାଙ୍କ ଗଳ୍ପ, ଉପନ୍ୟାସର ଚରିତ୍ରମାନଙ୍କର ତାଙ୍କ ପ୍ରତି ସ୍ନେହ ବି ତାଙ୍କର ବଡ଼ ସମ୍ପଦ ବୋଲି ସିଏ କହିଛନ୍ତି । ଅମୃତା ଗୀତ ଶିଖିଥିଲେ, କିଛିଦିନ ପାଇଁ ନାଚ ବି (କିନ୍ତୁ ଷ୍ଟେଜ୍‌ରେ ନାଚିବା ପାଇଁ ଘରୁ ଅନୁମତି ପାଇଲେନି) ଲାହୋର୍ ରେଡ଼ିଓ ଷ୍ଟେସନ୍‌ରେ ଅନେକଥର ଗିଟାର୍ ବଜେଇଛନ୍ତି । ଦିଲ୍ଲୀ ଆକାଶବାଣୀରେ ବାର ବର୍ଷ ଧରି ଘୋଷିକା ଭାବେ କାମ କରିଥିଲେ । ଟେନିସ୍ ତାଙ୍କର ପ୍ରିୟ ଖେଳ । ସାଇକେଲ୍ ଚଳେଇ କରୋଲ୍‌ବାଗ୍‌ରୁ ସବୁଦିନ ଆକାଶବାଣୀ ଯାଉଥିଲେ । ଏକ ପରିପୂର୍ଣ୍ଣ ଜୀବନ ନିଜ ଇଚ୍ଛାରେ ବଞ୍ଚିଥିଲେ ଅମୃତା ।

ଅମୃତା ! ଶେଷ ବେଳକୁ ଦୁଇ ମନର ଅବସ୍ଥା ସହଜ ସ୍ୱାଭାବିକ ହେଇଯାଇଛି । ତୁମେ ଚାହିଁଥିଲ ଏବେ ଖୁସି ଖୁସିରେ ଏଇ ଦୁନିଆଁରୁ ବିଦାୟ ନେବାକୁ । ତୁମର ଇଚ୍ଛା ଥିଲା ତୁମ ଶବ ନିକଟରେ ଇମ୍ରୋଜ୍ ତୁମ ପ୍ରିୟ କଲମକୁ ରଖିବେ । ତୁମ ସୃଷ୍ଟିକୁ, ତୁମ ପ୍ରେମକୁ, ତୁମ ସୁନ୍ଦରତାକୁ, ତୁମକୁ ପ୍ରଣାମ କରୁଛି 'ପ୍ରବାସିନୀ', ଯେଉଁ ନାଁକୁ ଓ ଯାହାକୁ ତୁମେ ଖୁବ୍ ବେଶି ଭଲ ପାଉଥିଲ ଗୋଟେ ନିଆରା ନାଆଁ ବୋଲି ।

ଷ୍ଟେସନବଜାର, ଢେଙ୍କାନାଳ-୭୫୯୦୦୧
ଫୋନ୍ : ୮୭୬୩୯୭୧୧୨୬






# ବର୍ଣ୍ଣାଢ୍ୟ ବାଂଲାଦେଶ

# ମୋ' ସ୍ୱପ୍ନର ଦେଶ
# ବାଂଲାଦେଶ



**ଅଜିତ ପାତ୍ର**

ଫଟୋ ସୌଜନ୍ୟ : ଲେଖକ

**ବାଂଲାଦେଶ ପରିଭ୍ରମଣ ପରେ ନିଜର ଭ୍ରମଣ ଅନୁଭୂତିରେ ଲେଖକ ତୋଳି ଧରିଛନ୍ତି ସେ ଦେଶର ସାହିତ୍ୟ, ସଂସ୍କୃତି ଓ ଜନମାନସର ନାନାକଥା ।**

▼ ବାଂଲାଦେଶର ଖ୍ୟାତିମାନ୍ ଶିଶୁ ସାହିତ୍ୟିକ ହୁମାୟୂନ୍ କବୀର୍ ଢାଲୀ, ଜନୈକା କବୀ ଓ କଥାକାର ଜାମାଲ୍ ରେଜାଙ୍କ ସହ ଲେଖକ




କାର୍‌ଟି ମନ୍ଥର ଗତିରେ ଆଗେଇ ଚାଲିଛି । ମୁଁ ଡ୍ରାଇଭର୍‌କୁ ଏହା କହିରଖିଛି । ଆମେ ଚାଲିଛୁ ମୋ' ସ୍ୱପ୍ନର ଦେଶ ବାଂଲାଦେଶର ସୀମା ଆଡ଼କୁ । ସାଥିରେ ଅଛନ୍ତି କୋଲ୍‌କାତାର କିଛି ବନ୍ଧୁ । ସେମାନଙ୍କ ଭିତରୁ ମାନିକ୍‌ଦା' (ମାନିକ୍ ଦେ) ମୋର ପୂର୍ବ ପରିଚିତ । ଜଣେ କବି, ଲେଖକ ଓ 'ଚୋଖ୍' ନାମକ ଏକ ସାହିତ୍ୟ ପତ୍ରିକାର ସମ୍ପାଦକ ।

ଫେବ୍ରୁଆରୀର ଏକ ଅପରାହ୍ନ । ଦେହରେ ବାଜୁଛି ଅଳ୍ପ ଅଳ୍ପ ଶୀତୁଆ ପବନର ସ୍ପର୍ଶ । ରାସ୍ତାର ଦୁଇ ପାର୍ଶ୍ୱରେ ପ୍ରାଚୀନ ଓ ବିଶାଳକାୟ ବୟସ୍କ ବୃକ୍ଷମାନେ ସତେ ଯେପରି ସ୍ୱାଗତ ମୁଦ୍ରାରେ । ଜାଣି ହେଉନି ଠିକ୍‌ରେ କି ଗଛ ସେସବୁ । ସର୍ବାଙ୍ଗରେ ନାନାପ୍ରକାର ଅର୍କିଡର ସର୍ପିଳ ଛନ୍ଦ । ମନର କଥା ଯେପରି ଜାଣିଗଲେ କାର୍ ଚାଳକ । କହିଲେ, ଏ ଯେତେକ ଦେଖୁଛନ୍ତି ସବୁଯାକ ଶିଶୁଗଛ । ବର୍ଷେ ତଳେ ଝଡ଼ ଓ ପବନରେ କେତୋଟି ଗଛ ଉପୁଡ଼ି ଯାଇଥିଲା । କୌଣସି ଗଛର ଚେର ସେମିତି ସତେଜ ଅବସ୍ଥାରେ ନାହିଁ । ଏହି ଅର୍କିଡ଼ମୟ ଗଛମାନଙ୍କର ଫାଙ୍କରେ ଦିଶୁଥିବା ନୀଳ ଆକାଶ ସତେକି ଲମ୍ବି ଯାଇଛି ବାଂଲାଦେଶର ଦିଗନ୍ତ ଯାଏଁ ।

ଏହା ଭିତରେ ଆମେ ପହଞ୍ଚି ସାରିଥିଲୁ ବନଗାଁଓରେ, ଆମ ଦେଶର ସୀମା । ସୀମାରକ୍ଷୀଙ୍କ ଟହଲ୍ ରାସ୍ତାସାରା ମୁଁ ଦେଖି ଆସୁଥିଲି । ଚାହିଁଲେ ଏମାନେ ପାସ୍‌ପୋର୍ଟ ବା ଆମର ଜିନିଷପତ୍ରକୁ ପରୀକ୍ଷା କରି ଦେଖିପାରନ୍ତି ।

ମୋ' ପାଖରେ କୌଣସି ଡଲାର୍ ନଥାଏ । ମୁଁ ଭାରତୀୟ ଟଙ୍କାକୁ ବାଂଲାଦେଶର ଟାକାରେ ରୂପାନ୍ତରିତ କରିନେଲି । ଭାରତୀୟ ଶହେ ଟଙ୍କା ବଦଳରେ ବାଂଲାଦେଶର ଶହେ ସତେଇଶ୍ ଟାକା ମିଳିଥାଏ । ମନି ଏକ୍ସଚେଞ୍ଜର କୌଣସି କାଗଜପତ୍ର ମଧ୍ୟ ଦେବାକୁ ରାଜି ନୁହନ୍ତି । କ'ଣ ଆଉ କରାଯାଏ । ସେତେବେଳକୁ ମାନିକ୍‌ଦା, "ଅଜିତ୍ ଦା ଆସୁନ୍" କହି ଆଗେଇ ଗଲେଣି କିଛିବାଟ । ମୁଁ ବି ମୋ' ଲଗେଜ୍ ଧରି ଆଗେଇଲି । ପକେଟ୍‌ରୁ ପାସ୍‌ପୋର୍ଟ ବାହାର କରି ଲାଇନ୍‌ରେ ଛିଡ଼ା ହେଲି । ଭାରତୀୟ ଇମିଗ୍ରେଶନ୍ ଅଫିସର୍ ମୋ' ପାସ୍‌ପୋର୍ଟରେ ପ୍ରସ୍ଥାନ ତାରିଖ ୧୬ ଫେବୃଆରୀ ୨୦୧୮ ବୋଲି ମୋହର ଲଗାଇଲେ । ମୁଁ ଲଗେଜ୍‌କୁ ଧରି ଦୁଇ ଦେଶର ସୀମା ବାହାରେ ଥିବା ମଝି ଜାଗାଟିରେ ଛିଡ଼ା ହୋଇ ଟିକେ ନିଃଶ୍ୱାସ ନେଲି । ଏହି ସ୍ଥାନଟି କେଉଁ ଦେଶର – ଏହା ଭାବି ହସିଲି, ମୃଦୁ ।

ବାଂଲାଦେଶର ଇମିଗ୍ରେଶନ୍ ଅଫିସର୍ ମୋର ପରିଚିତ ଜଣକର ମୋବାଇଲ ନଂବର ମାଗିଲେ । ମୁଁ ସଙ୍ଗେ ସଙ୍ଗେ ମୋ' ବନ୍ଧୁ ବାଂଲାଦେଶର ବିଶିଷ୍ଟ ଶିଶୁ ସାହିତ୍ୟିକ ହୁମାୟୂନ କବୀର ଢାଲିଙ୍କ ନମ୍ବରଟି ଦେଲି । ଲଗେଜ୍ କଷ୍ଟୋମ୍‌ରେ ସାମାନ୍ୟ ପରୀକ୍ଷା ପରେ ବାଂଲାଦେଶରେ 'ପ୍ରବେଶ' ବୋଲି ଲଗାଯାଇଥିବା ପାସ୍‌ପୋର୍ଟଟି ଯତ୍ନ ସହକାରରେ ରଖି ମୋ' ସ୍ୱପ୍ନର ଦେଶ ବାଂଲାଦେଶର ମାଟିକୁ ଛୁଇଁଲି । ଦୁଇ ଦେଶର ସୀମା ପାରିହେବାରେ ମୁଁ ଯେତିକି ହଇରାଣ ହେବି ବୋଲି ଶୁଣିଥିଲି ତାହା ଘଟିଲା ନାହିଁ । ଦୁଇଦେଶ ଭିତରେ ସୌହାର୍ଦ୍ଦ୍ୟର ଏକ ହାଲ୍‌କା ବାସ୍ନା ଥିବା ପରି ମୋତେ ଲାଗିଲା ।

ଘରେ ଚିନ୍ତାରେ ଥିବେ, ଖବର ଦେବା ଉଚିତ । ପକେଟ୍‌ରୁ ମୋବାଇଲ୍ ଫୋନଟି ବାହାର କଲି ସତ କିନ୍ତୁ ନେଟ୍‌ୱର୍କ ନାହିଁ । ଟିକେ ଚିନ୍ତାରେ ପଡ଼ିଲି । ମାନିକ୍‌ଦା' ସେତେବେଳକୁ ଆମେ କେଉଁ କମ୍ପାନୀର ବସ୍‌ରେ ଯିବା ତାହା ବ୍ୟବସ୍ଥା କରି ଡାକ ପକେଇଲେଣି । ଏଠି ସବୁ ବସ୍ କମ୍ପାନୀର ଯାତ୍ରୀ ବିଶ୍ରାମ ଗୃହ ଗୁଡ଼ିକ ବେଶ୍ ଭଲ । ଚାରି ପାଞ୍ଚଟି ରୁମ୍ । ୱାଶ୍‌ରୁମ୍, ଟଏଲେଟ୍, ବଡ଼ ବଡ଼ ସୋଫା ସହିତ ସେଠି ଲଗେଜ୍ ରଖିବା ବି ନିରାପଦ ।

ମୁଁ ତିନି ଚାରିଟି ଦୋକାନ ଅତିକ୍ରମ କରି ଗୋଟେ ମୋବାଇଲ୍ ରିଚାର୍ଜ ଦୋକାନରେ ଯାଇ ବାଂଲାଦେଶର ସିମ୍ ମାଗିଲି ଯେ ବିନା ପରିଚୟ-ପତ୍ରରେ ଦେବାକୁ ରାଜି ହେଲାନି ଦୋକାନୀ । କ'ଣ କରିବି ଭାବୁଛି, ଦୋକାନୀ ଜଣକ ବୋଧେ ମୋ ବିବଶତାକୁ ଠଉରେଇ ପାରିଲା କି କଣ, ରାଜି ହେଲା ଅଳ୍ପ କିଛି ବେଶି ଅଧିକ ଟଙ୍କା ବିନିମୟରେ । ଏବେ ମୋ' ସାମ୍ନାରେ ଚିରସବୁଜିମା ଭରା ବାଂଲାଦେଶ୍ ଆଉ ତାର ସତେଜ୍ ପବନର ଏକ ଅନ୍ତରଙ୍ଗ ଆମନ୍ତ୍ରଣ ।

ଆମେ ସମସ୍ତେ ମିଶି କିଛି କିଛି ଖାଇନେଲୁ । ବିଶାଳକାୟ ଭଲ୍‌ଭୋ ବସ୍ ଆସି

ଆମ ପ୍ରତୀକ୍ଷାଳୟ ସାମ୍ନାରେ ଛିଡ଼ା ହେଲା । ସେମାନେ ଆମ ଲଗେଜ୍ ସବୁରେ ଠିକଣାର ଟେଗ୍ ଲଗାଇ ଠିକ୍ଠାକ୍ରେ ରଖିଦେଲେ, କିଏ କେଉଁଠି ଓହ୍ଲାଇବେ ବୁଝି । ବସ୍ ଚାଲିବା ଆରମ୍ଭ କଲା । ପତଳା ଅନ୍ଧାର ଭିତରେ ମୋ ମନ ବି ଦୌଡ଼ିବାକୁ ଆରମ୍ଭ କଲା । ବସ୍ର ଝର୍କା ବାହାରେ ସେଇସବୁ ବିଶାଳ ଗଛ ନିରବରେ ଛିଡ଼ା ହୋଇ ଆମ ବସ୍କୁ ଯେପରି ସ୍ୱାଗତ କରୁଛି । ଏମାନେ ଯେମିତି ଜାଣନ୍ତିନି ଦେଶଦେଶାନ୍ତରର କଥା ।

ମୁଁ ଏଠି ଶୋଇବାକୁ ଆସି ନାହିଁ । ବସ୍ ତା' ନିଜସ୍ୱ ଏକ ତେଲପମ୍ପରେ ଛିଡ଼ା ହେଲା ।ଏଠି ଡିଜେଲ୍ ଲିଟର୍ ପ୍ରତି ୬୫ଟଙ୍କା ୧୦ପଇସା । ବସ୍ ପୁଣି ଚାଲିଲା । ରାତି ବୋଧେ ବାରଟା । ମୁଁ ଜାଣିଥିଲି ଢାକା ଯିବାକୁ ହେଲେ ଫେରୀଘାଟ ପାରେଇବା ନିଧାର୍ଯ୍ୟ । ବସ୍ରୁ ଓହ୍ଲେଇ ସମସ୍ତେ କେମିତି ଆଗ ଫେରିଘାଟରେ ପହଞ୍ଚିବେ, ସେଇ ଠେଲାପେଲା ।ମୋ ଆଖିରେ ନିଦ ନଥାଏ । ସ୍ୱପ୍ନର ଦେଶ ବାଂଲାଦେଶ୍କୁ ଦେଖିବାକୁ ଆସିଛି । ନିଦ ଆସିବ କୁଆଡୁ ? ଦେଖୁଥାଏ ଜାହାଜ ସବୁ ଭାସି ଭାସି ଚାଲିଛି ପଦ୍ମାନଦୀର ବୁକୁରେ । ଯିବା ଆସିବା ଚାଲିଛି ମାଲ୍ବାହୀ ଗାଡ଼ି, ଯାତ୍ରୀ ଯାନକୁ ନିଜ ପିଠିରେ ବୋହି ଏପାରିରୁ ସେପାରିକୁ, ସେପାରିରୁ ଏପାରିକୁ । ସର୍ଚ୍ଚ ଲାଇଟ୍ ବି ପଡୁଥାଏ । ଆମ ବସ୍ ସହିତ ଆହୁରି ବିଶାଳକାୟ ସାତଟି ବସ୍ ଧାଡ଼ି ହୋଇ ଛିଡ଼ା ହେଲେ ଜାହାଜ ଉପରେ । ଜାହାଜର ଡେକ୍ରେ ଫଳବାଲା, ଅଣ୍ଡାବାଲା, ମିକ୍ସଚର୍ ବାଲାଙ୍କ ଦୋକାନ । ପ୍ରାୟ ପଇଁଚାଳିଶ୍ ମିନିଟ୍ କି ଏକ ଘଣ୍ଟାର ଜଳଯାତ୍ରା । ଆକାଶରେ ଅମାବାସ୍ୟା ପରର ବହଳ ଅନ୍ଧାର । ମିଂଜି ମିଂଜି ତାରାମାନେ ସତେ ଅବା ଆଖିମିଟିକା ମାରୁଛନ୍ତି । ପଦ୍ମାର ବିସ୍ତିର୍ଣ୍ଣ ଜଳରାଶିକୁ ଛୁଇଁ ପବନ ବି ହେମାଳ । ନା ମୁଣ୍ଡରେ ଟୋପିଟି ପିନ୍ଧିଲେ କ୍ଷତି ନାହିଁ । ଦେହ ଅସୁସ୍ଥ ହେଲେ ସବୁ ମାଟି ହେଇଯିବ । ଜାହାଜର କ୍ୟାବିନ୍‌ଟି ଚାରି ତଳ ବିଶିଷ୍ଟ । କ୍ୟାବିନ୍ର ଦ୍ୱିତୀୟ ମହଲାରେ ଅଛି ରଙ୍ଗବେରଙ୍ଗ ଆଲୁଅରେ ସୁସଜ୍ଜିତ ରେଷ୍ଟୋରାଁ । କିଛି ଟିକେ ପିଆଯାଉ । ରାତି ଏବେ ଦୁଇଟା ପଇଁଚାଳିଶ । ସରୁ ସିଡ଼ି ଦେଇ ଉପରକୁ ଉଠିଲି । ଏହି ପଦ୍ମା ବି ଗଙ୍ଗାନଦୀର ଏକ ମୁଖ୍ୟ ଶାଖା, ବାଂଲାଦେଶରେ ପ୍ରବାହିତ ହେବା ବେଳେ ଏହାର ନାଆଁ ପଦ୍ମା ।

ଢାକାରେ ଅପେକ୍ଷା କରୁଥିଲେ ହୁମାୟୂନ୍ଦା' । ବାଂଲା ଏକାଡ଼େମୀ, ଢାକାର ତପନ ବାଗଚି, କବି ଓ ଲେଖକ । ସେ ଆମ ପାଇଁ ଓୟାରୀର ନାରିନ୍ଦା ରୋଡ୍ ଉପରେ ଅବସ୍ଥିତ 'ଶ୍ରୀଶ୍ରୀ ମାଧ୍ୱ ଗୌଡ଼ୀୟ ମଠ'ରେ ରହିବା ପାଇଁ ବ୍ୟବସ୍ଥା କରି ରଖିଥିଲେ । ଏ ମଠ ୧୯୨୧ ମସିହାରେ ସ୍ଥାପିତ ଓ ଏହାର ପ୍ରତିଷ୍ଠାତା ହେଉଛନ୍ତି ଆଚାର୍ଯ୍ୟ ଜଗତ୍‌ଗୁରୁ । ସେଇ ସମୟରେ ଏଠି ଶ୍ରୀବ୍ୟାସ୍ ପୂଜା ମହୋତ୍ସବ ଚାଲୁଥିବାରୁ ମଠରେ ଭକ୍ତମାନଙ୍କର ସମାଗମ ଗହଳି ବଢେଇ ଦେଇଥିଲା । ଆମେ ପାଞ୍ଚ ମହଲାରେ ଜଣେ ଜଣେ ଗୋଟେ ଗୋଟେ ବଡ଼ ରୁମ୍ ପାଇଲୁ । ବଡ଼ବଡ଼ ବେଡ୍ । ପରିଷ୍କାର ବି । ହୁଏତ ଆମକୁ ହିନ୍ଦୁ ଭାବି, ରହିବା ପାଇଁ, ଖାଇବା ପାଇଁ ସୁବିଧା ହେବ ଭାବି ଏ ପ୍ରକାର ବ୍ୟବସ୍ଥା କରିଥିଲେ । ପରେ ଜାଣିଲି ସେମାନେ ଜାଣନ୍ତି ଓଡ଼ିଶାର ଲୋକ ଭାରି ଧର୍ମ ପରାୟଣ ମଣିଷ, କୋଲ୍‌କାତାରୁ ହେଲେ ଏତେ ଭାବିନଥାନ୍ତେ ।

ଫେବ୍ରୁଆରୀ ମାସ ଯାକ 'ଗ୍ରନ୍ଥମେଳା' ଉଦ୍ଦେଶ୍ୟରେ ମୁଁ ଏଠାକୁ ଆସିଛି । ତପନ ବାବୁ ଆମନ୍ତ୍ରଣ ଜଣାଇଛନ୍ତି, ୨୧ ଫେବ୍ରୁଆରୀ ବିଶ୍ୱ ଭାଷା ଦିବସରେ ବାଂଲା ଏକାଡ଼େମୀରେ କବିତା ପଢ଼ିବାକୁ ହେବ । ମୁଁ ଏ ଆମନ୍ତ୍ରଣକୁ ହତାଦର କରିବି କେମିତି !

ମୁଁ ଠିକ୍ କଲି, ମୁଁ ଢାକା ଛାଡ଼ି କୁଆଡ଼େ ଯିବିନାହିଁ । ଏଥର ଆସିଛି ପୁସ୍ତକ ମେଳା ପାଇଁ ତ ଏଇଠି କଟେଇବି । ଏମିତିରେ ଢାକାର ବାହାରେ ପ୍ରକୃତିର ଅପୂର୍ବ ସୌନ୍ଦର୍ଯ୍ୟ ଭରି ରହିଛି । ଚିର ହରିତ୍, ନଦନଦୀ ଭରା ଏହି ବାଂଲାଦେଶ୍ । କକ୍ସବଜାରର ବିଚ୍ ବିଶ୍ୱର ଏକ ଅନ୍ୟତମ ସୌନ୍ଦର୍ଯ୍ୟ ମଣ୍ଡିତ ଉପକୂଳ ।

ଭାବିଲି କେତେ କ'ଣ ଦେଖିବି । ଐତିହାସିକ ସୌଧ ଭାବରେ ଲାଲ୍‌ବାଗ୍ କିଲ୍ଲା, ଏହେସାନ୍ ମଞ୍ଜିଲ୍, ଜାତୀୟ ସଂଗ୍ରହାଳୟ, ତିନି ନେତାର ମାଜାର୍, କେନ୍ଦ୍ରୀୟ ଶହୀଦ ମିନାର୍ ତ ନିଶ୍ଚୟ । ଏହାଛଡ଼ା ଧାନମଣ୍ଡି-୩୨ରେ ଥିବା ବାଂଲାଦେଶର ଜାତିର ଜନକ ଶେଖ୍ ମୁଜିବୁର୍ ରହେମାନ୍‌ଙ୍କ ଘର ବୁଲିଯିବାକୁ ତ ପଡ଼ିବ । ଯିବି ପୁଣି ବଲ୍ଧା ଗାର୍ଡେନ, ଶାହବାଗ୍ ଗାର୍ଡେନ୍, ହିନ୍ଦୁ ମନ୍ଦିର ଭିତରେ ଆଦି ଢାକେଶ୍ୱରୀ ମନ୍ଦିର, କାଳୀ ମନ୍ଦିର ଆଉ କିଛି ମଠକୁ ।

ଜାଣିଲି ବଲ୍ଧା ଗାର୍ଡେନ ମୁଁ ରହୁଥିବା ମଠରୁ ମାତ୍ର ପାଞ୍ଚ ମିନିଟ୍‌ର ବାଟ, ବାହାରି ପଡ଼ିଲି । ଢାକା ଗୋଟେ ପ୍ରବଳ ଜନବହୁଳ ସହର । ଏଠି ଟାଉନ୍ ବସ୍‌ରେ ଯଦି ପାଞ୍ଚ ଟଙ୍କାର ଟିକଟ୍ କାଟି ଟ୍ରାଫିକ୍ ଜାମ୍‌ରେ ପଡ଼ଇବା ଅପେକ୍ଷା ଅଧିକ ଦେଇ ରିକ୍ସାରେ ଯିବା ଭଲ ।

ଓୟାରୀ ଛକରେ ପହଞ୍ଚିବା ବେଳକୁ ରିକ୍ସାର ସୁଅ । ରିକ୍ସା ହୁଡ୍‌ସବୁ ରଙ୍ଗବେରଙ୍ଗର କପଡ଼ା ଆଉ ଭିନ୍ନ ଭିନ୍ନ ପ୍ରକାର ରଙ୍ଗୀନ ଚୁମ୍‌କି ଦ୍ୱାରା ସଜା ଯାଇଛି । ମନେପଡ଼ିଗଲା ଆମ ପିପିଲିର ଚାନ୍ଦୁଆ କଥା । ମୁଁ ଲୋଭ ସମ୍ବରଣ କରି ନପାରି ଅଗତ୍ୟା ଏକ ରିକ୍ସାରେ ଚଢ଼ିଲି । ଏହେସାନ୍ ମଞ୍ଜିଲ୍ ଅଷ୍ଟାଦଶ ଶତାବ୍ଦୀରେ ନବାବ୍ ଆବଦୁଲ ଗଣିଙ୍କ ଦ୍ୱାରା ସ୍ଥାପିତ । ଏଠି ଦୁଇଟି ସୌଧ୍ୱଧ୍ୟ ରହିଛି । ଗୋଲାପି ରଙ୍ଗର ବିଶାଳକାୟ ହଲ୍‌ମାନଙ୍କରେ ପ୍ରଦର୍ଶନ ନିମନ୍ତେ ରହିଛି ନବାବ୍ ଓ ବେଗମ୍‌ମାନଙ୍କର ରୁଚିପୂର୍ଣ୍ଣ ଆସବାବପତ୍ର । ଦଲିଲ୍, ଅସ୍ତ୍ରଶସ୍ତ୍ର । ଖାସ୍ କରି ନବାବ୍, ବେଗମ୍‌ଙ୍କ ତୈଳଚିତ୍ର ଥିଲା ଆକର୍ଷଣର କେନ୍ଦ୍ର । ଦଳଦଳ ସ୍କୁଲ୍ କଲେଜ ପୁଅଝିଅମାନେ ବୁଲୁଥାନ୍ତି ଦଳବାନ୍ଧି । ବାଂଲାଦେଶ୍ ମୁସ୍‌ଲିମ୍ ରାଷ୍ଟ୍ର ହୋଇଥିଲେ ମଧ୍ୟ ଏଠି ଦେଖିଲି କୌଣସି ଝିଅ କିମ୍ବା ମହିଳାମା ବୁର୍ଖା ପରିହିତା ନୁହନ୍ତି । ଆଧୁନିକ ପରିଧାନରେ ଝଲମଲ୍ କରୁଛନ୍ତି ସେମାନେ । ମୁଁ ଗୋଟେ ଝିଅକୁ କହିଲି, "ପ୍ଲିଜ୍ ଏକ୍‌ଟା ଛବି ତୁଲେ ଦାଓ ।" ସେ ଅବଶ୍ୟ ମୋର କିଛି ଫଟୋ ଉଠେଇ ଦେଇ ମତେ ପଚାରିଲା, "କୋଲ୍‌କାତା ଥେକେ ଏସେଛେନ୍ !" ମୁଁ କହିଲି, "ନା । ଓଡ଼ିଶା ଥେକେ ।"

ଲାଲ୍‌ବାଗ୍ କିଲ୍ଲାଟି ମଧ୍ୟ ଗୋଲାପି ରଙ୍ଗର । ଏହି ଗୋଟେ ଅସମାପ୍ତ ଦୁର୍ଗ ।୧୬୭୮ ମସିହାରେ ଆଉରଙ୍ଗଜେବ୍‌ର ପୁତ୍ର ମହମ୍ମଦ ଆଜମ୍‌ଶାହ ଏହି ଦୁର୍ଗର ନିର୍ମାଣ କାର୍ଯ୍ୟ ଆରମ୍ଭ କରାଇଥିଲେ । ଦୁର୍ଗର ଚାରିପାଖରେ ଉଚା ଉଚା ପାଚେରୀ । ମଝିରେ ଗୋଟେ କୃତ୍ରିମ ପୁଷ୍କରିଣୀ । ଦୁଇଟି ସୌଧ ଦୂରରେ । ମଝି ମଝିରେ ରାସ୍ତା ସବୁ ସରଳ ରେଖାରେ ମିଶିଛି । ଯୁଆଡ଼େ ଅନେଇଲେ ଗୋଲାପ ବଗିଚା, ସବୁଜ ଘାସର ଗାଲିଚା । ପାଚେରୀ କଡ଼ରେ କିଲ୍ଲାର ଭଗ୍ନାବଶେଷ । ମୁଁ ଏକ ସୌନ୍ଦର୍ଯ୍ୟ



ବାଂଲାଦେଶର ପ୍ରଖ୍ୟାତ କବି ନିର୍ମଲେନ୍ଦୁ ଗୁଣଙ୍କ ସହିତ ଲେଖକ ଶ୍ରୀ ପାତ୍ର



▲ଅଧ୍ୟାପିକା ଓ ସାଂସଦ ଅପୁ ଉକିଲଙ୍କ ସହ



▲ପ୍ରଖ୍ୟାତ ଚିତ୍ରଶିଳ୍ପୀ ଧ୍ରୁବ ଏଷ୍‌ଙ୍କ ସହ



▲ଦୁଃସାହସିକ ଲେଖିକା ଇର୍‌ସାତ୍ ଜାହାନ୍ ଉର୍ମୀଙ୍କ ସହ



▲ ଲେଖିକା ରୋକ୍‌ସାନା ପାରଭୀନ୍ ଓ ଜର୍ମାନ୍ ପ୍ରବାସୀ କବି ନାଜମୁନ୍ନେସା ପିୟାରୀ (ବିଖ୍ୟାତ କବି ଶହୀଦ କାଦରୀଙ୍କ ପ୍ରଥମ ସ୍ତ୍ରୀ)ଙ୍କ ସହ



ମଣ୍ଡିତ ସୌଧ ପାଖକୁ ଗଲି । ଏହାରି ଭିତରେ ରହିଛି ପରୀ ବିବିଙ୍କ ସମାଧି ।

ସମୟ ସରି ଆସୁଛି । ପାଖରେ ରହିଛି ଆଦି ଢାକେଶ୍ୱରୀ ମନ୍ଦିର । ନଦେଖି ଫେରିହେବନି । ସେନ୍ ବଂଶର ରାଜା ବଲ୍ଲାଲ ସେନ ଜଙ୍ଗଲ ଭିତରେ ଦେବୀ ଦୁର୍ଗାଙ୍କ ମୂର୍ତ୍ତିଟି ସ୍ୱପ୍ନାଦେଶରେ ପାଇଥିଲେ । ଏହା ୧୨ଶ ଶତାବ୍ଦୀର କଥା । ବଲ୍ଲାଲ ସେନ ଏକ ଭବ୍ୟ ମନ୍ଦିର ନିର୍ମାଣ କରି ଦେବୀ ଦୁର୍ଗାଙ୍କୁ ସ୍ଥାପନ କଲେ । ଆଜି ଆଦିଢାକେଶ୍ୱରୀ ମନ୍ଦିରଟି ବାଂଲାଦେଶର ଜାତୀୟ ମନ୍ଦିରର ମାନ୍ୟତା ପାଇଛି । ମନ୍ଦିର ସାମ୍ନାରେ ଅଛି ପୋଲିସ୍ କ୍ୟାମ୍ପ । ଦେଶ-ବିଦେଶର ଦର୍ଶନାର୍ଥୀଙ୍କ ଭିଡ଼ ଲାଗି ରହିଛି । ପାଖରେ ଆଉ ଏକ ପକ୍କା ପ୍ୟାଣ୍ଡେଲ୍‌ରେ ଦୁର୍ଗାପୂଜା ଅନୁଷ୍ଠିତ ହୁଏ । ବାଂଲାଦେଶ୍‌ର ହିନ୍ଦୁମାନେ ଏହି ମୃତ୍ତିକା ନିର୍ମିତ ମୂର୍ତ୍ତି ସବୁକୁ ବିସର୍ଜନ ନକରି ବର୍ଷସାରା ପୂଜାଅର୍ଚ୍ଚନା କରନ୍ତି । ଏମିତି ବହୁ ଜାଗାରେ ଦେଖିଲି । ଆଜି ଆଦି ଢାକେଶ୍ୱରୀ ମନ୍ଦିରରେ ଯେଉଁ ଦୁର୍ଗା ମୂର୍ତ୍ତିଟି ରହିଛି ଏହା ସେହି ମୂର୍ତ୍ତି ନୁହଁ । ଭାରତ ବିଭାଜନ ସମୟରେ ସେ ମୂର୍ତ୍ତିକୁ ପୂଜାରୀମାନେ କୋଲ୍‌କାତାକୁ ନେଇ ଆସିଥିଲେ । ସେବେ ଠୁ ସେ କୋଲ୍‌କାତାର କୁମ୍ଭାରଟୋଲିରେ ଆଦି ଢାକେଶ୍ୱରୀ ମନ୍ଦିରରେ ପୂଜା ପାଉଛନ୍ତି ।

ହୁମାୟୁନ୍‌ଦା' ମଝିରେ ମଝିରେ ଫୋନ୍ କରି ବୁଝୁଥାନ୍ତି, "ଏଖନ୍ କୋଥାୟ ?" ଏବେ ଫୋନ କରି ଡାକିଲେ, "ଚଲେ ଆସୁନ୍ । ଧ୍ରୁବଦା'ର୍ ସଙ୍ଗେ ଆମ୍‌ରା ଅପେକ୍ଷା କରଛି ଆପ୍‌ନି ଏଲେ ଲାଞ୍ଚ୍ କର୍‌ବୋ ।" ସେ ଅପେକ୍ଷା କରିଛନ୍ତି ମୁଁ ଫେରିଲେ ଶିଘ୍ର, ଧ୍ରୁବଦା'ଙ୍କ ସହ ମିଶି ସାଙ୍ଗରେ ମଧ୍ୟାହ୍ନ ଭୋଜନ କରିବା ।

ଧ୍ରୁବଦା', ଚିତ୍ରଶିଳ୍ପୀ ଧ୍ରୁବ ଏଷ୍ । ପ୍ରଚ୍ଛଦ ଶିଳ୍ପୀ ଭାବେ ଖ୍ୟାତ । ଜଣେ ସାହିତ୍ୟିକ ମଧ୍ୟ । ଅମର ଏ ଗ୍ରନ୍ଥମେଳାରେ ଯଦି ଚାରିହଜାର ବହି ପ୍ରକାଶିତ ହୋଇଥାଏ, ତେବେ ଧ୍ରୁବଦା' ଆଙ୍କିଥିବେ ତିନି ହଜାରରୁ ଊର୍ଦ୍ଧ୍ୱ ପ୍ରଚ୍ଛଦ । ଢାକାରୁ ପ୍ରକାଶିତ ମୋର ତିନୋଟି ବହିର ପ୍ରଚ୍ଛଦ ଶିଳ୍ପୀ ବି ଧ୍ରୁବଦା' । ଖୁବ୍ ଭଲ ମଣିଷ ।

ପହଞ୍ଚିବା ମାତ୍ରେ ଧ୍ରୁବଦା ମତେ ହାତ ବଢ଼ାଇ ଆଲିଙ୍ଗନ କଲେ । ତାଙ୍କ ପାଖରେ ମୁଁ ଛିଡ଼ା ହୋଇଥିବା ଅବସ୍ଥାରେ ହିଁ ହୁମାୟୁନ୍‌ଦା' କ୍ଲିକ୍ କଲେ ଫଟୋ ।

ଧ୍ରୁବଦା'ଙ୍କ ଅଫିସ୍ ଆଉ ସମୟ ପ୍ରକାଶନର ଅଫିସ୍ ପାଖାପାଖି । ମନେପଡ଼ିଲା ୨୦୦୯ରେ ସମୟ ପ୍ରକାଶନରୁ ସରୋଜିନୀ ସାହୁଙ୍କ 'ପକ୍ଷୀବାସ' ଉପନ୍ୟାସଟି ମୋ' ଅନୁବାଦରେ ପ୍ରକାଶ ପାଇଥିଲା । କାଚଘେରା ଅତ୍ୟାଧୁନିକ ଅଫିସ୍ । ସୁଉଚ୍ଚ ଓ ଶୋଭନୀୟ ।

ମୁଁ ହୁମାୟୁନ୍‌ଦା'ଙ୍କ ସହିତ ଅଛି ପୁରାନା ପଲ୍‌ଟନ୍‌ନରେ । ଏଠାରୁ ପୁସ୍ତକ ମେଳା ବେଶି ଦୂର ନୁହେଁ । ମତେ ହୁମାୟୁନ୍‌ଦା' ଗୋଟେ ରିକ୍ସାରେ ବସାଇ ରିକ୍ସାବାଲାକୁ ବୁଝାଇ ଦେଲେ ମତେ କେଉଁଠି ଓହ୍ଲାଇବ । ମୁଁ ମନେମନେ କହିଲି, "ବ୍ୟସ୍ତ ହେବାର କିଛି ଦରକାର ନାହିଁ । ଦିନେ ତ ବାଂଲାଦେଶ୍ ଅଖଣ୍ଡ ଭାରତ ବର୍ଷ ଭିତରେ ଥିଲା ଆଉ ବାଂଲାଭାଷା ତ ମୋ' ଜିଭ ଅଗରେ । ବାଂଲାଦେଶର ଯେଉଁ ଇଲାକାର ଭାଷା କହିଲେ ମଧ୍ୟ ମୋତେ ବୁଝିବାକୁ କୌଣସି ଅସୁବିଧା ନାହିଁ ।"

ସେତେବେଳକୁ କବି ଓ ଲେଖକ ଲାବନ୍ୟ ଲିଲି, ରୋକ୍‌ସାନା ପାରଭୀନ୍ ସାଥୀ, ନାସ୍‌ରୀନ୍ ଇସ୍‌ଲାମ୍, ଲାବନ୍ୟକାନ୍ତା ଫୋନ୍ କରୁଥାନ୍ତି, "କବିଦା କୋଥାୟ ?"

ଏତେ ପାଠକ ନା ଦର୍ଶକ? ଚାଲିଛନ୍ତି ଯେ ଚାଲିଛନ୍ତି । ମୁଁ ବି ଭିଡ଼ ଠେଲି ହୁମାୟୁନ୍‌ଦା'ଙ୍କ ନିର୍ଦ୍ଦେଶ ଅନୁଯାୟୀ ଚାଲିଲି । ଲାବଣ୍ୟଲିଲି ମୋ' ଅପେକ୍ଷାରେ ସୋହରା ଓୟାଦୀ ପଡ଼ିଆର ପୁସ୍ତକ ମେଳାର ଗେଟ୍ ପାଖରେ ଅପେକ୍ଷା କରିଥାନ୍ତି । ସାମ୍ନାସାମ୍ନି ଦୁଇ ଭାଗରେ ବହି ମେଳାଟି ବିଭକ୍ତ । ମଝିରେ ଗୋଟେ ପିଚୁ ରାସ୍ତା । ଅବଶ୍ୟ ଏ ସମୟରେ ରାସ୍ତାଟି ବନ୍ଦ ରଖା ଯାଇଛି । ମେଳା ପରିସର ଓ ରାସ୍ତାରେ ବହୁ ସଂଖ୍ୟକ ପୁରୁଷ ଆଉ ମହିଳା ପୋଲିସ୍ ମୁତୟନ । ମେଳାର ପ୍ରବେଶ ପଥରେ ଇଲେକ୍‌ଟ୍ରୋନିକ୍ ଚେକ୍‌ଗେଟ୍ ଲାଗିଛି । ଭିତରେ ବା କ'ଣ ହେଉଛି । ଏତେ ଭିଡ଼ ଭିତରେ ଖୋଜାଖୋଜି ହୋଇ ଲାବନ୍ୟ ଲିଲିଙ୍କ ସହିତ ଦେଖା ପାଇଲି । କବି ନିଜ ସୌନ୍ଦର୍ଯ୍ୟରେ ବି କମ୍ ନୁହଁନ୍ତି । ଆବେଗ ଜର୍ଜର ସ୍ୱରରେ ଅଭିବାଦନ ଜଣାଇ କହିଲେ, "ଅଜିତ୍‌ଦା' ଆପ୍‌ନାର୍ ସଙ୍ଗେ ଦେଖାହବେ ଭାବ୍‌ତେଇ



ପାରିନି !" ପୃଥିବୀ ଆଜି ବିଶ୍ୱଗ୍ରାମରେ ପରିଣତ । ଦେଖା ହେବ ହିଁ ହେବ । କିନ୍ତୁ କିଛି ଭଲ ମଣିଷଙ୍କ ସହିତ ଦେଖାହେବା ବଡ଼କଥା । ସେ ତାଙ୍କ ସହିତ ମୋର ଓ ତାଙ୍କ ବାନ୍ଧବୀଙ୍କ କିଛି ଫଟୋ ନେଲେ । ମୋ' ବହି କିଣି ମୋ'ଠାରୁ ଅଟୋଗ୍ରାଫ୍ ବି ନେଲେ । ତାପରେ କଫି ପିଇବାର ଅନ୍ତରଙ୍ଗ ଅନୁରୋଧ । ମନା କରିବାର ଯୁ' କାହିଁ ?

ଏହି ବହିମେଳାର ଷ୍ଟଲ୍‌ସବୁ ଦେଖିବାକୁ ନିଆରା । ବିଭିନ୍ନ ଆକୃତି ଓ ଡିଜାଇନ୍‌ର ଷ୍ଟଲ୍‌ସବୁ । କେଉଁ କେଉଁ ଷ୍ଟଲ୍ ତ ଲାଗୁଥିଲା ଯେମିତି ତିନି ମହଲା ଶପିଙ୍ଗ୍ ମଲ୍ । ଜାଣିଲି, ଏଠି ବାଂଲା ଏକାଡ଼େମୀର ଆବେଦନ ଅନୁଯାୟୀ ଜାଗା ନିର୍ଦ୍ଦିଷ୍ଟ ହୋଇଥାଏ । ଏଥର ବହିର ଷ୍ଟଲ୍ ସଂଖ୍ୟା ୬୭୦ଟି, ଲିଟିଲ୍ ମାଗାଜିନ୍‌ର ୧୫୦ଟି ଆଉ ବିଭିନ୍ନ ସାମାଜିକ ପ୍ରତିଷ୍ଠାନର ବେଶ୍ କିଛି ଷ୍ଟଲ୍ ରହିଛି । ମୁଁ କେବେ ଭାବି ନଥିଲି ଏହା କେବଳ ଦେଶୀୟ ପୁସ୍ତକ ମେଳା । ଏ ମେଳାରେ ବିଦେଶୀ ଲେଖକଙ୍କ ବହି ରଖିବାର ଅନୁମତି ନାହିଁ । ମୁଁ ଖୋଜି ଖୋଜି ଶେଷରେ ପହଞ୍ଚିଲି ହୁମାୟୂନ୍‌ଦା' ଏ ବର୍ଷ ନୂଆ କରି ଗଢ଼ିଥିବା ପ୍ରକାଶନ ସଂସ୍ଥା 'ଅନ୍ୱୟ' ପ୍ରକାଶନର ଷ୍ଟଲ୍‌ରେ । ହୁମାୟୂନ୍‌ଦାଙ୍କ ସ୍ତ୍ରୀ ପ୍ରକାଶିକା । ଗୁଲ୍‌ଶାନା ଆରା ବାବ୍‌ଲୀ । ମୁଁ ତାଙ୍କୁ କେତେବେଳେ ବୌଦି ତ କେତେବେଳେ ଭାବୀ ବୋଲି ଡାକେ । ସେ ଆଗରୁ ଜାଣି ସାରିଥିଲେ ମୁଁ ଆସିଛି । ମୋ ଲାଗି ଅଳ୍ପ କିଛି ଖାଇବା ଘରୁ ଧରି ଆସିଥିଲେ ସେ ।

ଏ ବର୍ଷ 'ଅନ୍ୱୟ' ପ୍ରକାଶନରୁ ମୋ' ବାଂଲା ଅନୁବାଦରେ ସଂଗ୍ରାମ ଜେନାଙ୍କ କବିତା ସଂକଳନ 'ସାଁଝ୍ ବେଲାର୍ ସମୁଦ୍ର' ପ୍ରକାଶ ପାଇଛି । ମୋ' ବହି ଉପରେ ମୋ' ହାତର ସ୍ନେହଭରା ସ୍ପର୍ଶ । ଅନୁଭବ କଲି ଏକ ଅପୂର୍ବ ଶିହରଣ ।

ଲାବଣ୍ୟକାନ୍ତା ଆସି ପହଞ୍ଚିଲେ 'ଅନ୍ୱୟ'ର ଷ୍ଟଲରେ । ଗଲାବର୍ଷ ସେ 'ବାଂଲା ପ୍ରକାଶ'ର ଷ୍ଟଲ୍‌ରେ ଆସି ପ୍ରତିଦିନ ହୁମାୟୂନ୍‌ଦା'ଙ୍କ ଠାରୁ ମୋ' ଆସିବାର ଖବର ରଖୁଥିଲେ ।

ରୋକ୍‌ସାନା ପାର୍‌ଭିନ୍ ସାଥୀଙ୍କ ଫୋନ୍, "ଅଜିତ୍ ଦା କୋଥାୟ ?" ଲାବନ୍ୟକାନ୍ତାଙ୍କୁ ସାଙ୍ଗରେ ନେଇ ପହଞ୍ଚିଲି ତାଙ୍କ ପାଖରେ । ଉଷୁମ୍ ଅଭିବାଦନ । ତାଙ୍କ ବନ୍ଧୁବାନ୍ଧବଙ୍କ ସହିତ ପରିଚୟ କରାଇ ଦେଲେ । ଆଶ୍ଚର୍ଯ୍ୟ ! ଏଠି କୌଣସି ଝିଅ କିମ୍ବା ମହିଳାଙ୍କୁ ବୁର୍ଖାରେ ଦେଖିଲି ନାହିଁ । ମୁଁ ଗୋଟେ ଅନ୍ୟ ଦେଶର ମଣିଷ, ଭିନ୍ନ ଧର୍ମାବଲମ୍ବୀ କିନ୍ତୁ ଏମାନେ ତ ବେଫିକର୍ ମୋ' ସହ ମେଳାରେ ଥିବା ସାନ ସାନ ବେଞ୍ଚରେ ବସି ଗପ କରୁଛନ୍ତି । କଫି ଷ୍ଟଲ୍‌ରୁ କଫି ଆଣି ପିଆଉଛନ୍ତି । ବାଂଲାଦେଶର ମଣିଷମାନେ ବନ୍ଧୁବାନ୍ଧବଙ୍କୁ ଏତେ ଭଲପାଆନ୍ତି ଯେ ଏଠାକୁ ନଆସି କଳ୍ପନା କରିହେବ ନାହିଁ । ରୋକ୍‌ସାନା ପାର୍‌ଭୀନ୍ ସାଥୀ ସବୁଦିନ ଆସୁଥିଲେ । କାହାକୁ ନା କାହାକୁ ଧରି ମୋ' ସହ ଫଟୋ ଉଠାଉଥିଲେ । ସେ ଜଣେ ଭଲ ଲେଖକ, ମିରପୁର ବିଶ୍ୱବିଦ୍ୟାଳୟର ବାଂଲା ବିଭାଗର ଅଧ୍ୟାପକ । ଲାବଣ୍ୟକାନ୍ତା

▼ଭାଷା ଦିବସରେ ସହସ୍ର ନାରୀଙ୍କ ମୁଖମଣ୍ଡଳରେ ବାଂଲା ବର୍ଣ୍ଣମାଳା ଅଙ୍କିତ





▲ଐତିହ୍ୟମଣ୍ଡିତ ଶ୍ରୀଶ୍ରୀ ଢାକେଶ୍ୱରୀ ଜାତୀୟ ମନ୍ଦିର

ହିନ୍ଦୁ, ତେଣୁ ସେ ସଦାବେଳେ ମତେ ପାଖେ ପାଖେ ରଖୁଥିଲେ । ପାଖରେ ଥିବା କାଳୀମନ୍ଦିରକୁ ମତେ ନେଇଗଲେ । କାଳୀ ମନ୍ଦିରରେ ବହୁ ସଂଖ୍ୟକ ହିନ୍ଦୁମାନଙ୍କର ଭିଡ଼ । ଗୋଟେ ଇସ୍‌ଲାମିକ୍ ରାଷ୍ଟ୍ରରେ ଏମାନେ ଏହିସବୁ ସ୍ଥାନରେ ଏକାଠି ହୋଇ ନିଜର ମନୋବଳକୁ ବଢ଼ାନ୍ତି । ମୁଁ ଭାବୁଛି ଦିନେ ତ ଏହା ଅଖଣ୍ଡ ଭାରତ ଥିଲା । ଆଜି ଏଠି ହିନ୍ଦୁମାନେ ମାଇନରିଟି ।

ବାଂଲାଦେଶର ଜାତୀୟ ସଂଗ୍ରହାଳୟ ବୁଲିଲି । ବାଂଲାଦେଶର ଜାତିର ପିତା ଶେଖ୍ ମୁଜିବର ରହେମାନ୍‌ଙ୍କ ନେତୃତ୍ୱରେ ଯୁଦ୍ଧର ଚିତ୍ରସବୁ ଦେଖିଲେ ଦେହ ଶିହରିତ ହୁଏ । ଏହି ସଂଗ୍ରହାଳୟଟି ଦେଖିବାର ଅଛି । ପୃଥିବୀର ବହୁ ଚିତ୍ରଶିଳ୍ପୀଙ୍କ ଚିତ୍ର ଏଠାରେ ରହିଛି । ସକାଳେ ଯାଇଥିଲି ବଲ୍‌ଧା ଗାର୍ଡ଼େନ । ତିରିଶ ଟଙ୍କା ଦେଇ ଭିତରେ ପ୍ରବେଶ କରି ହୁମାୟୂନ୍‌ଦା'ଙ୍କୁ ଫୋନ୍ କଲି, "ଏଠି କ'ଣ ଦେଖିବି ? ଏଡ଼ିକି ଟିକିଏ ଗାର୍ଡ଼େନ !" ସେ ମତେ ବୁଝାଇଲେ । ମୁଁ ଅବଶ୍ୟ ନେଟ୍ ସର୍ଚ୍ଚ ନ କରି ଆସିଛି । ଗାର୍ଡ଼େନଟି ସାନ କିନ୍ତୁ ଏଠି ପୃଥିବୀର ବିରଳ ପ୍ରଜାତିର ବହୁ ପ୍ରକାର ସାନ-ବଡ଼ ଗଛ, ଫୁଲଗଛ, ଅର୍କିଡ଼, ଲତାଗୁଳ୍ମ ରହିଛି । ଗୋଟେ କୋଣରେ ପୁଷ୍କରିଣୀଟେ ଅଛି । ପୁଷ୍କରିଣୀଟି ମୋଜାଇକ୍ ପଥରର କଂକ୍ରିଟ୍‌ରେ ସୁସଜ୍ଜିତ । ବସିବା ପାଇଁ ବଡ଼ବଡ଼ ମୋଜାଇକର ଚେୟାର । ସେଥିରେ ଗଛ, ଫୁଲ ଅଙ୍କା ହୋଇଛି । ଏହି ଶଙ୍ଖନାଦ-ପୁଷ୍କରିଣୀରେ କ୍ୟାମୋଲିୟା, ସୁବର୍ଣ୍ଣ ଅଶୋକ, ଆଫ୍ରିକାନ୍ ଟିଉଲିପ୍ ଠୁ ଆରମ୍ଭ କରି ଦେଶ-ବିଦେଶର ୧୮,୦୦୦ ପ୍ରଜାତିର ଉଦ୍ଭିଦ ରହିଛି । ଏହି ବଲ୍‌ଧା ଗାର୍ଡ଼େନଟିକୁ ୧୯୦୯ ମସିହାରେ ବଲ୍‌ଧା ଇଷ୍ଟେଟ୍‌ସ୍‌ର ବିଶିଷ୍ଟ ଉଦ୍ଭିଦ ପ୍ରେମୀ ନରେନ୍ଦ୍ର ନାରାୟଣ ରାୟ ଚୌଧୁରୀ ସ୍ଥାପନା କରିଥିଲେ । ଏଠି ବିଶ୍ୱକବି ରବୀନ୍ଦ୍ରନାଥ ଶେଷଥର ପାଇଁ ବାଂଲାଦେଶ ଆସିଥିବା ବେଳେ ଜୟ ହାଉସ୍‌ରେ ୧୯୨୬ ମସିହାରେ ଗୋଟିଏ ରାତି ରହିଥିଲେ । ଏଇଠି ହିଁ କ୍ୟାମେଲିୟା ଫୁଲର ସୌନ୍ଦର୍ଯ୍ୟରେ ବିମୋହିତ ହୋଇ ତାଙ୍କର ପ୍ରସିଦ୍ଧ କବିତା 'କ୍ୟାମିଲିୟା' ଲେଖିଥିଲେ ଯାହା ତାଙ୍କର 'ପୁନଶ୍ଚ' କାବ୍ୟଗ୍ରନ୍ଥରେ ସଙ୍କଳିତ ।

ଚାହୁଁ ଚାହୁଁ ଫେବୃଆରୀ କୋଡ଼ିଏ ହେଇଗଲା । ପରଦିନ ଏଠି ଭାଷା ଦିବସରେ ଯୋଗ ଦେଇ ମୁଁ ରାତିରେ ଫେରିବି ସ୍ୱଦେଶ । ଯେତେ ଦେଖିଲେ ବି କ'ଣ ଶେଷ ହୁଏ । ସକାଳୁ ସକାଳୁ ବାହାରି ପଡ଼ିଲି ଧାନମଣ୍ଡି-୩୨ । ସେଠି ବାଂଲାଦେଶର



▲୨୧ ଫେବୃଆରୀ ଭାଷା ଦିବସ ଉପଲକ୍ଷେ ସୁସଜ୍ଜିତ ଶହୀଦ୍ ମିନାର

ଜାତୀୟ ପିତା ଶେଖ ମୁଜିବୁର ରହେମାନ୍‌ଙ୍କ ନିବାସ ସ୍ଥାନଟି ଦେଖିବାର ଇଚ୍ଛା। ପୃଥିବୀର ଯେତେ ବଡ଼ ନେତା ବା ଯିଏ ବି ବାଂଲାଦେଶ୍‌କୁ ଆସିଛନ୍ତି ଏଠିକାର ମାଟିକୁ ଛୁଇଁ ଯାଇଛନ୍ତି। ଏହା ହେଉଛି ସେହି ପୂଣ୍ୟମାଟି ଯେଉଁଠି ମୁଜିବୁର୍‌ଙ୍କ ପରିବାରକୁ ହତ୍ୟା କରାଯାଇଥିଲା। ଯେତେବେଳେ ବାଂଲାଦେଶ ପାକିସ୍ତାନର ଅଂଶ ଥିଲା ଅର୍ଥାତ୍ ଏହା ଥିଲା ପୂର୍ବ ପାକିସ୍ତାନ ଏବଂ ବର୍ତ୍ତମାନର ପାକିସ୍ତାନ ସେତେବେଳେ ପଶ୍ଚିମ ପାକିସ୍ତାନରୁ ଶାସନ କରା ଯାଉଥିଲା। ବାଂଲାଦେଶରେ ଉର୍ଦ୍ଦୁ ଭାଷାକୁ ରାଷ୍ଟ୍ରୀୟ ଭାଷା ରୂପେ ପ୍ରଚଳନ କରିବାର ଭୁଲ୍ ନିଷ୍ପତ୍ତି ବାଂଲାଦେଶ୍‌ରେ ସୃଷ୍ଟି କରିଥିଲା ଜନ ଆନ୍ଦୋଳନ। ୧୯୫୨ ମସିହା। ଏକ ବଡ଼ ଧରଣର ଯୁଦ୍ଧ ହେଲା ମୁଜିବୁର୍ ରହେମାନ୍‌ଙ୍କ ନେତୃତ୍ୱରେ। ଲକ୍ଷ ଲକ୍ଷ ବାଂଲପ୍ରେମୀ ନାଗରିକଙ୍କୁ ପାକିସ୍ତାନୀ ସେନା ଦିନରାତି ଘରେ ପଶି ଗୁଳି କରି ମାରିବାକୁ ଲାଗିଲେ ଓ ଝିଅ-ବୋହୁଙ୍କୁ ଧର୍ଷଣ ସହିତ ହତ୍ୟା କଲେ। ଅବଶେଷରେ ଭାରତର ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ନେତୃତ୍ୱରେ ଭାରତୀୟ ସେନା ବାଂଲାଦେଶ୍‌କୁ ସ୍ୱାଧୀନ କରାଇବାରେ ସହାୟକ ହେଲେ। ଯଦି ଶେଖ୍ ମୁଜିବୁର ରହେମାନଙ୍କ ପରି ବାଂଲାଭାଷା ପ୍ରେମିକ ନେତା ସେ ଦେଶରେ ଜନ୍ମ ଗ୍ରହଣ କରିନଥାନ୍ତେ କେବେ ବି ବାଂଲା ଭାଷା ଭିତ୍ତିକ ବାଂଲାଦେଶ ନିର୍ମାଣ ହୋଇନପାରିଥାନ୍ତା। ସ୍ୱାଧୀନ ବାଂଲାଦେଶର ପ୍ରଧାନମନ୍ତ୍ରୀର ଦାୟିତ୍ୱରେ ଥିବା ବେଳେ କୁଚକ୍ରୀମାନେ ୧୬୭୫ ମସିହା ୧୫ ଅଗଷ୍ଟ ଭୋର୍‌ରେ ସେନାବାହିନୀର ଦଳେ ସୈନିକ ମୁଜିବୁର୍‌ଙ୍କ ବାସସ୍ଥାନଟିକୁ ଘେରାଉ କରି ମୁଜିବୁର ଓ ତାଙ୍କ ସ୍ତ୍ରୀ, ପୁତ୍ର, ଦୁଇ ପୁତ୍ରବଧୂ, ତାଙ୍କ ଭାଇଙ୍କୁ ମିଶାଇ ୨୦ଜଣଙ୍କ ନୃଶଂସ ଭାବରେ ହତ୍ୟା କଲେ। ମୁଜିବୁର୍‌ଙ୍କ ଦୁଇ କନ୍ୟା ଜର୍ମାନିରେ ଥିଲେ। ବର୍ତ୍ତି ଗଲେ। ଆଜି ତାଙ୍କର ସେହି କନ୍ୟାରତ୍ନ ଶେଖ୍ ହାସିନା ବାଂଲାଦେଶର ପ୍ରଧାନମନ୍ତ୍ରୀ।

କେତେ ସାଧାରଣ ଗୋଟେ ଘର, ଆସବାବପତ୍ର, କେତେ ସାଧାରଣ ଭାବେ ଶେଖ ମୁଜିବୁର ଜୀବନ ନିର୍ବାହ କରୁଥିଲେ। ଏବେ ବି ସେହି ଘରର ଆସବାବ ପତ୍ର, କାନ୍ଥର ବିଭିନ୍ନ ଜାଗାରେ ଗୁଳିବିଦ୍ଧ ଚିହ୍ନ ଅବିକଳ। ମୋ' ଆଖିରୁ ସ୍ୱତଃ ଦୁଇ ବୁନ୍ଦା ଲୁହ ଗଡ଼ି ଆସି ସେଇ ରକ୍ତିଭିଜା ମାଟିରେ ମିଶିଗଲା। ସେଠି ଥିବା ଡାଏରୀରେ ଲେଖିଲି : ଭାରତ ସହ ମୈତ୍ରୀର ସହାବସ୍ଥାନ ଅତୁଟ ରହୁ। ତାପରେ ସେଠୁ ମୁଁ କେତେବେଳେ କେମିତି ବାହାରିଛି ଜାଣେନା।

ଢାକାରେ ବସ୍ ଅପେକ୍ଷା ରିକ୍ସା ହିଁ ଭଲ। ଅଗତ୍ୟା ରିକ୍ସାରେ ଉଠିଲି। ପ୍ରବଳ ଗହଳିକୁ ଆଡ଼େଇ ରିକ୍ସା ମତେ ପହଞ୍ଚାଇଲା ହୁମାୟୁନ୍‌ଦା'ଙ୍କ ପାଖରେ। ଧନ୍ୟବାଦ ରିକ୍ସାବାଲାକୁ। ଏମାନେ ନଥିଲେ...।

ହୁମାୟୁନ୍‌ଦା' କହିଲେ, "ଦେଖେ ଏଲେନ୍, ଆମି ଓଖାନେ ଯେତେ ପାରିନା। ଅନେକ୍ କଷ୍ଟ ଲାଗେ।"

ବହିମେଳା ପାଖରେ ଶହିଦ ମିନାର। କିନ୍ତୁ ହୁମାୟୁନ୍‌ଦା' ମତେ କହିଥିଲେ ଠିକ୍ ସମୟରେ ଦେଖାଇବେ ବୋଲି। ଆମେ ଆଉ ଗୋଟେ ରିକ୍ସାରେ ଉଠିଲୁ। ଅପରାହ୍ନର ମ୍ଳାନ ଆଲୁଅ ସାଙ୍ଗକୁ ଥଣ୍ଡା, ଥଣ୍ଡା ପବନ। ଦଳ ଦଳ ହୋଇ ଲୋକେ ଚାଲୁଛନ୍ତି ଶହିଦ ମିନାର ଆଡ଼କୁ। ଏ ଦେଶର ଲୋକଙ୍କର ଜାତୀୟତା ପ୍ରୀତି ଏତେ ବେଶି ଯେ ନଦେଖିଲେ ବୁଝି ହେବ ନାହିଁ। କିଛି ସମୟ ପରେ ଦୂରରେ ରିକ୍ସା ଥମିଲା। ଆମେ ବି ଚାଲିଲୁ ଜନସ୍ରୋତରେ। ଶହିଦ ମୀନାରର ରାସ୍ତାଟି ଚିତ୍ରଶିଳ୍ପୀ ମାନଙ୍କର ବଡ଼ବଡ଼ ତୂଳୀରେ ଚିତ୍ରାୟିତ ହୋଉଛି। ସେହି ଚିତ୍ରାୟିତ ରାସ୍ତା ଉପରେ ହୁମାୟୁନ୍‌ଦା' ମତେ ବସାଇ ଫଟୋ ଉଠାଇଲେ। ଆମେ ପୁଣି ଆସିଲୁ ବହିମେଳାକୁ। କେତେଜଣଙ୍କ ସାଙ୍ଗରେ ହୁମାୟୁନ୍‌ଦା ପରିଚୟ କରାଇଲେ। ଟି.ଭି. ଚ୍ୟାନେଲ ବାଲାଙ୍କୁ କହିଲେ, "ଅଜିତ୍‌ଦା ଓଡ଼ିଶା ଥେକେ ଏସେଛେନ୍। ସାକ୍ଷାତ୍‌କାର୍ ନିନ୍।" ସଙ୍ଗେ ସଙ୍ଗେ ଚାରୋଟି ଟି.ଭି. ଚ୍ୟାନେଲ୍ 'ନିଉଜ୍ ଆଇ', 'ଆର୍‌ଟିଭି', 'ଚାନାଲ୍ ଲାଇନ୍' ସାକ୍ଷାତକାର ନେବା ଆରମ୍ଭ କଲେ। ଦାଦା ଆପ୍‌ନି ବାଂଲା ବୁଝେନ୍?" ମୁଁ ବାଂଲାରେ ସାକ୍ଷାତ୍‌କାର ଦେବାକୁ ଆରମ୍ଭ କଲି।

ଗୁଲଶାନ ଆରା ବାବଲୀ ଭାଉଜ ମତେ ଡାକି କହିଲେ କବି ନିର୍ମଳେନ୍ଦୁ ଗୁଣ ମେଳାକୁ ଆସିଛନ୍ତି। ବାଂଲାଦେଶର ପ୍ରଖ୍ୟାତ କବି ନିର୍ମଳେନ୍ଦୁ ଗୁଣ। ବାବ୍‌ଲୀ ଭାଉଜ କହିଲେ, "ଚାଲନ୍ତୁ ମୁଁ ତାଙ୍କ ସହିତ ପରିଚୟ କରାଇ ଦେବି।" ଅବଶ୍ୟ ଆଗରୁ ସେ ମୋତେ ଜାଣନ୍ତି ମୁଁ ହୁମାୟୁନ୍‌ଦା'ଙ୍କ କେତେଗୁଡ଼ିଏ ବହି ଓଡ଼ିଆରେ ଅନୁବାଦ କରିଛି। ଏମିତିରେ ମତେ ଏ ଦେଶର ଅନେକ ଲେଖକ ଜାଣନ୍ତି। ୨୦୦୭ ମସିହାରୁ ଏ ଦେଶର ପ୍ରମୁଖ ପତ୍ରପତ୍ରିକାରେ ଲେଖି ଆସୁଛି ମୁଁ। ହୁମାୟୁନ୍‌ଦା'ଙ୍କ 'ଅନ୍ୱୟ' ଦ୍ୱାରା ପ୍ରକାଶିତ ବହି 'ପୁରୁଷନାମା'ର ଲେଖିକା ଇଶରାତ ଜାହାନ ଉର୍ମିଙ୍କ ସହିତ ଦେଖା ହେଲା। ସେ ଗୋଟେ ସାହସିକ କାମ କରିଛନ୍ତି। 'ପୁରୁଷନାମା' ବହିଟି ବାଂଲାଦେଶରେ ପ୍ରବେଶ ଅଧିକାରରୁ ବଞ୍ଚିତ ତସଲିମା ନାସରିନଙ୍କୁ ଉତ୍ସର୍ଗ କରି। ଏ ବହୁତ ବଡ଼ ସାହସିକତାର କାମ। ସେ ମୋ' ବହି ନେଲେ। ତାଙ୍କ ସହିତ ଫଟୋ ଉଠାଇଲି। ଏହି ବହି ଉତ୍ସର୍ଗର ପୋଷ୍ଟଟି ତସଲିମା ନାସରନ ତାଙ୍କ

▼ଅଧ୍ୟାପିକା ଓ ଲେଖିକା ରୋକ୍‌ସାନା ପାରଭିନ୍ ଓ ତାଙ୍କ ସାଥୀଙ୍କ ସହ ଢାକା ପୁସ୍ତକମେଳା ପରିସରରେ ଲେଖକ ଶ୍ରୀ ପାତ୍ର



ଫେସ୍‌ବୁକ୍‌ରେ ଦେଇଥିଲେ ଓ ଆଶ୍ଚର୍ଯ୍ୟ ହୋଇଥିଲେ ।

ହୁମାୟୂନ୍‌ଦା ମତେ ଛାଡ଼ି ପୁଣି ପ୍ରେସ୍‌କୁ ଚାଲି ଯାଇଥିଲେ । ମତେ ଫୋନ୍ କଲେ, “ଅଜିତ୍‌ଦା ଚଲେ ଆସୁନ ।” ମୁଁ ଗଲି । ପ୍ରେସ୍‌କୁ ଆସିଛନ୍ତି ହୁମାୟୂନ୍‌ଦା’ଙ୍କ ବନ୍ଧୁ, ଲେଖକ, ଅଧ୍ୟାପକ, ସାଂସଦ ଅପୁ ଉକିଲ୍ । ସେ ବର୍ତ୍ତମାନ ବାଂଲାଦେଶ ଆଓୟାଶୀ ଯୁବ ମହିଳା ଲିଗ୍‌ର ସାଧାରଣ ସମ୍ପାଦକ ଆଉ ସର୍ବୋପରି ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କ ପାଖଲୋକ । ସେ ତାଙ୍କର ରାଜନୀତି କ୍ୟାରିୟର ସ୍ମୃତି-ବିଜଡ଼ିତ ଖବର କାଗଜ କଟିଂ ଆଉ ଫଟୋ ବହୁଳ ବହିଟିର ଶେଷ ସାଜସଜ୍ଜା ଦେଖିବାକୁ ଆସିଛନ୍ତି । ଏ ଲେଖିକାଙ୍କୁ ପାଖରେ ପାଇ ଖୁବ୍ ଆନନ୍ଦ ଅନୁଭବ ହେଲା । ରାତି ଏଗାର । ମତେ ବହୁତ ଇ ଭଲ ଲାଗୁଥିଲା ଅପୁ ଉକିଲ୍ ପରି ଜଣେ ବାଂଲାଦେଶର ଶାସନ କ୍ଷମତାରେ ଥିବା ବଳିଷ୍ଠ ନାରୀ ମୋ’ ଖାତିରରେ ସେହି ପ୍ରେସ୍‌ରେ ଗୋଟେ ନୈଶଭୋଜି ଦେଲେ ଏବଂ ହୁମାୟୂନ୍‌ଦା’ଙ୍କ ପରିବାର ସହ ଆମେ ୧୫ଜଣ ଏକାଠି ଭୋଜନ କଲୁ ।

ଆଜି ରାତି ୧୨ ପରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ଅପୁଦି ଯିବେ ଶହିଦ ମୀନରକୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବାକୁ । ଗୋଟେ ଟେମ୍ପୋରେ ହୁମାୟୂନ୍‌ଦା’ ତାଙ୍କ ପରିବାର ସହ ମତେ ଓୟାରୀର ମଠରେ ଛାଡ଼ି ତାଙ୍କ ବସାକୁ ଗଲେ ।

ମୋ’ ବହୁ ଆକାଂକ୍ଷିତ ବିଶ୍ୱଭାଷା ଦିବସ ଆଜି । ୨୧ ଫେବୃଆରୀ । ବାଂଲାଦେଶର ନାଗରିକମାନେ ଭାଷା ପାଇଁ ପ୍ରଥମ ୧୯୫୨ ମସିହାରେ ଯେଉଁମାନେ ଶହୀଦ ହେଇଥିଲେ, ସେମାନଙ୍କର ରକ୍ତରଞ୍ଜିତ ମାଟିରେ ଢାକା ମେଡ଼ିକାଲ କଲେଜର ବାହାର ପ୍ରାଙ୍ଗଣରେ ସେଇ ଶହିଦ ମୀନାରଟିକୁ ଆଜି ଆମେ ଦେଖୁଛୁ । ପ୍ରାତଃସ୍ନାନ ସମାପନ ପରେ ପହଞ୍ଚିଲି । ଶାନ୍ତି ଶୃଙ୍ଖଳାବଦ୍ଧ ଭାବରେ ନାରୀପୁରୁଷ ଏକାଠି ହୋଇ ଶହିଦ ମୀନାର ଆଡ଼େ ଚାଲୁଛନ୍ତି । ସମସ୍ତଙ୍କ ହାତରେ ପୁଷ୍ପଗୁଚ୍ଛ । ସମସ୍ତେ ଭାବବିହ୍ୱଳ । ଅଥଚ ନିରବ । ବାଂଲାଦେଶର ମୁସ୍‌ଲିମ୍ ଝିଅମାନେ ଗୋରୀ ଆଉ ଦେଖିବାକୁ ଭାରି ସୁନ୍ଦର । କଳା ଶାଢ଼ି ପିନ୍ଧି ଦିଶୁଥାନ୍ତି ଆକର୍ଷଣୀୟା ।

ମୁଁ ଏବେ ବାଂଲା ଏକାଡ଼େମି ଯିବି । ସ୍ୱରଚିତ କବିତା ପାଠ ଅଛି । ବିଦେଶରୁ ଆସିଥିବା କବିଙ୍କ ନାଆଁ ଆଗରେ ମୁଁ ମୋ’ ବାଂଲା କବିତା ସଂକଳନ, ‘ରାତ୍ ମୋହନାୟ ଏସୋ’ରୁ ‘କାଁଟାତାର୍’ କବିତାଟି ପଢ଼ିଲି । ବହୁତ କବିଙ୍କ ସାଙ୍ଗେ ନୂଆ କରି ପରିଚୟ ହେଲା ।

ହଜାର ହଜାର ଲୋକ ବାହାରୁ ପୁଷ୍ପଗୁଚ୍ଛ ଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ ପୂର୍ବକ ଫେରୁଛନ୍ତି । ମୁଁ ବିଶେଷ ବ୍ୟବସ୍ଥାରେ ଶହିଦ ମୀନାରରେ ଯେତେଟା ପାଖକୁ ଯାଇ ହୁଏ ମୋ’ର ଧଳାହଳଦି ରଙ୍ଗ ମିଶ୍ରିତ ଫୁଲତୋଡ଼ା ଦେଇ ଆଖି ବନ୍ଦ୍ କରି ଶହୀଦମାନଙ୍କ ସ୍ମରଣ ପୂର୍ବକ ପ୍ରଣାମ ଜଣାଇଲି । ଶହିଦ ମୀନାର ପାଖକୁ ସମସ୍ତେ ଜୋତା ଖୋଲି ଯାଉଛନ୍ତି ।

ମେଳାରେ ପହଞ୍ଚିଛନ୍ତି ବିଶେଷକରି ମତେ ଦେଖା କରିବା ପାଇଁ ଶରୀୟତପୁର

▼ ବାଂଲାଦେଶ ଗ୍ରନ୍ଥମେଳାର ମୁଖ୍ୟ ପ୍ରବେଶ ଦ୍ୱାର





▲୨୧ ଫେବୃଆରୀ ଭାଷାଶହୀଦ୍‌ଙ୍କ ପ୍ରତି ଲେଖକ ଶ୍ରୀ ପାତ୍ରଙ୍କ ଶ୍ରଦ୍ଧାଞ୍ଜଳି

ଜିଲ୍ଲାରୁ ଦଶଘଣ୍ଟା ପଥ ଅତିକ୍ରମ କରି କବି ଓ ଲେଖକ ମୋ. ଆସାଦୁଜ୍ଜମାନ । ସେ ଶରୀୟତପୁର ଜିଲ୍ଲାର ଡିଷ୍ଟ୍ରିକ୍ଟ ଇନ୍‌ଟେଲିଜେଣ୍ଟ୍ ଅଫିସର୍, ଜାତିସଂଘ ପୁରସ୍କାର ପ୍ରାପ୍ତ ଏବଂ ବର୍ତ୍ତମାନ ବାଂଲାଦେଶ ଚେସ୍ ପ୍ଲେୟାର୍ସ ଏସୋସିଏଶନର ଭାରପ୍ରାପ୍ତ ସଭାପତି, ଆନ୍ତର୍ଜାତିକ ରେଟେଡ଼ ଦାବା ଖେଳାଳି । ତାଙ୍କ ସହିତ ଉଷ୍ମ ଆଲିଙ୍ଗନ ପରେ ସେ ମୋ ବହି କିଣିଲେ । ମୁଁ ଶୁଭେଚ୍ଛାର ଦୁଇପଦ ଲେଖିଦେଲି ବହିରେ ।

ଧିରେ ଧିରେ ସଞ୍ଜ ନଇଁ ଆସୁଛି । ଆଜି ପବନ ଟିକେ ଉଷ୍ମ । ଗ୍ରୀଷ୍ମ ଆସିବାର ଆଭାଷ । ରୁକ୍‌ସାନା ସାଥୀ ମତେ ନେଇ ପରିଚୟ କରାଇଲେ ଉତ୍ତର ଆଧୁନିକ ବାଂଲା କବିତାର ପ୍ରଖ୍ୟାତ କବି ଶହିଦ କାଦରୀଙ୍କ ପ୍ରଥମ ସ୍ତ୍ରୀ ମାଜମୁନ୍ନେସଙ୍କ ସହ । ସେ ଜଣେ କବି, ସାମ୍ବାଦିକ, ମାନବାଧିକାର କର୍ମୀ ଏବଂ ଜର୍ମାନୀ ପ୍ରବାସୀ ।


ସମସ୍ତେ ମତେ ଶେଷଥର ପାଇଁ କିଛି ଖୁଆଇବେ ବୋଲି ଅନୁରୋଧ କଲେ । ଲାବଣ୍ୟକାନ୍ତାକୁ ବର୍ଷେ ତଳେ କଥା ଦେଇଥିଲି ତାଙ୍କ ଠାରୁ ଚାହା ପିଇବି ବୋଲି । କିନ୍ତୁ ସେ କଥା ରହିଗଲା । ତାଙ୍କୁ ଆଶ୍ୱାସନା ଦେଲି ଏହି କପେ ଚାହା ମତେ ପୁଣି ବାଂଲାଦେଶକୁ ନେଇ ଆସିବ । ସେ ଗୋଟେ ଦୀର୍ଘ ନିଃଶ୍ୱାସ ପକାଇ କହିଲେ, “ଲାବନ୍ୟକାନ୍ତା ବେଁଚେ ଥାକ୍‌ଲେ ତବେ ।” ସମସ୍ତେ ଆମେ ଅନିର୍ଦ୍ଦିଷ୍ଟ ପଥର ଯାତ୍ରୀ । ମୁଁ ବା କ’ଣ ଉତ୍ତର ଦେବି !

ମଠରୁ ବିଦାୟ ନେଲି । ଏ ମଠ ଏଇ କେତେଦିନ ମୋତେ ଆଶ୍ରୟ ଦେଇଥିଲା । ଏବେ ତାକୁ ଛାଡ଼ି ଯିବାକୁ ହେବ । ବିଦାୟ ଦେବାକୁ ଆତିଛନ୍ତି ହୁମାୟୂନ୍‌ଦା’ଙ୍କ ପୂରା ପରିବାର । ମୋ ଆଖି ଛଳଛଳ ହୋଇ ଉଠିଲା । ଦେଖିଲି ହୁମାୟୂନ୍‌ଦା’ ବି ଆଖି ପୋଛୁଥିଲେ । ବିଦାୟ ବାଂଲାଦେଶ୍, ବିଦାୟ ।

**ଶାସନ, ବହଡ଼ାଗୋଡ଼ା, ପୂର୍ବ ସିଂହଭୂମ**
**ଝାଡ଼ଖଣ୍ଡ-୮୩୨୧୦୧**
**ଫୋନ:୯୮୬୧୬୨୯୭୦୨**

# ରାଜନୀତିର ରେଖାଚିତ୍ର

ଓଡ଼ିଶାକୁ ନେଇ ଓଡ଼ିଆ ? ନା ଓଡ଼ିଆଙ୍କୁ ନେଇ ଓଡ଼ିଶା ? କାହାର ଓଡ଼ିଶା ? କେବେଠୁ ଓଡ଼ିଶା ? ଝର୍କା ଖୋଲି ପଛକୁ ଚାହିଁଲେ ଆଖି ପାଏନି । କାଇଁ କେତେ ହଜାର ବର୍ଷ ତଳର ଇତିହାସ । ଆମେ ଆମ ଗୌରବଜ୍ୱଳ ଇତିହାସକୁ ନେଇ ଗର୍ବ କରୁଛୁ, ଛାତି ଫଉଲଉଛୁ, ଇତିହାସ ଉପରେ ଆଉଜି ଦମ୍ଭର ସହ ଠିଆ ହଉଛୁ; ଅଥଚ କେବେ ଆମେ ନିରେଖି ଦେଖିଛୁ କି ଆମ ଅତୀତକୁ, ଓଲଟେଇଛୁ କି ତା'ର ଅନାଲୋଚିତ ଅଧ୍ୟାୟମାନଙ୍କୁ । ଇତିହାସ, ଯାହା କେବଳ ରାଜା-ରାଜୁଡ଼ାଙ୍କ କୀର୍ତ୍ତିକଳାପ ନୁହେଁ କି, ବିଜୟ-ପରାଜୟର ଦସ୍ତାବିଜ୍ ନୁହେଁ । ଇତିହାସ ଯାହା ଲୋକମାନଙ୍କର, ଲୋକମାନଙ୍କୁ ନେଇ; ନିଜର ପରିଚୟ ଓ ଅସ୍ତିତ୍ୱ ପାଇଁ ମାଟି-ମଣିଷମାନଙ୍କ ସଂଗ୍ରାମ ଓ ସଂଘର୍ଷର କାହାଣୀ । ସମୟ ଆସିଛି ପଛକୁ ଫେରି ଚାହିଁବାର । ସାଉଁଟିବାକୁ ସେଇ ଅପାସୋରା ଚରିତ୍ରମାନଙ୍କୁ ଯେଉଁମାନେ ନିଜର ସର୍ବସ୍ୱ ଜଳାଞ୍ଜଳି ଦେଇ ଗଢ଼ିଛନ୍ତି ଆମ ଜାତିକୁ, କାନ୍ଧରେ ବୋହିଛନ୍ତି ତା'ର ପରିଚୟକୁ । କଥାକାର ଓ ସ୍ତମ୍ଭକାର ନେତାଜୀ ଅଭିନନ୍ଦନଙ୍କ 'ରାଜନୀତିର ଓଡ଼ିଶା' ଏକ ଅଭିନବ ପ୍ରୟାସ ଲୋକଙ୍କୁ କେନ୍ଦ୍ରରେ ରଖି ଅତୀତ ଓଡ଼ିଶାର ସମାଜ-ସଂସ୍କୃତି-ରାଜନୀତିର ଗତିପଥ ନିର୍ଣ୍ଣିତ କରିବା ଦିଗରେ । ସୁଦୀର୍ଘ ଇତିହାସର ଯାତ୍ରାପଥରେ ଅନନ୍ତ କାଳଧରି ବାଟ ଚାଲୁଥିବା ଓଡ଼ିଆ ଓ ଓଡ଼ିଶାକୁ ନେଇ ଏ ଅନ୍ତରଙ୍ଗ ଲୋକ-ଗାଥା ଧାରାବାହିକ ଭାବେ ପରଷି ଦେଉଛୁ ।



# ରାଜନୀତିର ଓଡ଼ିଶା

**॥ ଭାଗ-୨॥**



**ନେତାଜୀ ଅଭିନନ୍ଦନ**

ଫଟୋ ସୌଜନ୍ୟ : ଗୁଗୁଲ୍

**ସତରେ କ'ଣ ପ୍ରଭୁ ଜଗନ୍ନାଥଙ୍କ ପ୍ରତି ହୋଇଥିବା ଅପମାନର ପ୍ରତିଶୋଧ ନେବା ପାଇଁ ପୁରୁଷୋତ୍ତମ କାଞ୍ଚି ଅଭିଯାନ କରିଥିଲେ ଓ ସେଠାକାର ରାଜାଙ୍କୁ ପରାସ୍ତ କରି କର୍ଣ୍ଣାଟ ରାଜକୁମାରୀ ପଦ୍ମାବତୀଙ୍କୁ ନେଇ ଆସିଥିଲେ ନିଜର ରାଣୀ କରି !**

ଧପାକ୍ ଧପାକ୍ ମାଡ଼ିଚାଲିଥିଲା ହାତୀମାନଙ୍କ ପଟୁଆର । ବିଶାଳ, ବିପୁଳ, ବିରାଟ ପଟୁଆର ।

ଦେଖିଲେ ଆଖି ପାଉନଥିଲା ।

ପାଞ୍ଚ, ଦଶ କି ଶହେ ଦି'ଶ ନୁହେଁ । ହଜାର ହଜାର ହାତୀ ।

ସେମାନଙ୍କ ହୁଙ୍କାରରେ ଦୋହଲି ଯାଉଥିଲା ରଣକ୍ଷେତ୍ର ।

ଶତ୍ରୁମାନେ ଅଚିରେ ଛତ୍ରଭଙ୍ଗ ଦେଉଥିଲେ ।

ଯୁଦ୍ଧ ଆରମ୍ଭ ହେଉ ନ ହେଉଣୁ ସରିଯାଉଥିଲା; ଆଉ ଜିତୁଥିଲା ଓଡ଼ିଶା । ଗୁଳି-ଗୋଳା, କମାଣ-ବାରୁଦ ନଥିବା ଯୁଗରେ ଗଜମାନେ ହିଁ ଲଢ଼େଇ ସମ୍ଭାଳୁଥିଲେ; ଯୁଦ୍ଧରେ ହାର-ଜିତ୍ ସେଇମାନଙ୍କ ଦକ୍ଷତା ଉପରେ ନିର୍ଭର କରୁଥିଲା ।

ଓଡ଼ିଶା ପାଖରେ ଥିଲା ଲଢୁଆ, ବଳଶାଳୀ, ଯୁଦ୍ଧନିପୁଣ ଗଜମାନଙ୍କ ବିଶାଳ ବାହିନୀ । ଯାହାଙ୍କୁ ନେଇ ଓଡ଼ିଶା ସଦର୍ପେ ଶତ୍ରୁମାନଙ୍କୁ ସାମ୍ନା କରୁଥିଲା ଯୁଦ୍ଧ ଭୂଇଁରେ ।

ଗଜବାହିନୀର ଅଧୀଶ୍ୱର - ଗଜପତି; ଓଡ଼ିଶାର ମଉଡ଼ମଣି ବା ସର୍ବସ୍ୱୀକୃତ ସମ୍ରାଟ । ସୂର୍ଯ୍ୟବଂଶୀ କପିଳେନ୍ଦ୍ରଦେବ ଏହି ଉପାଧି ଗ୍ରହଣ କରିବା ପରେ, ତାଙ୍କ ପରିବର୍ତ୍ତୀ ରାଜାମାନେ ଏହାକୁ ନିଜ ନାମ ସହିତ ଯୋଡ଼ିବାରେ ଆଦୌ କୁଣ୍ଠା କରିନଥିଲେ । କାରଣ 'ଗଜପତି' କେବଳ ମାତ୍ର ଏକ ସାମରିକ ଉପାଧି ନଥିଲା, ଥିଲା ବୃହତ୍ତର ରାଜନୈତିକ ଓ ଧାର୍ମିକ ସ୍ୱୀକୃତିର ପରିଚାୟକ । ଜଗନ୍ନାଥଙ୍କୁ ନିଜ ଘର-ପରିବାର ଏବଂ ସର୍ବୋପରି ରାଜ୍ୟର ମୁରବି ବୋଲି ମାନୁଥିବା ଓଡ଼ିଆଏ ଜଗନ୍ନାଥଙ୍କ ସ୍ୱକ୍ଷେତ୍ର ଶ୍ରୀକ୍ଷେତ୍ରକୁ ନିୟନ୍ତ୍ରଣ କରୁଥିବା ଗଜପତି ରାଜାଙ୍କୁ ମଧ୍ୟ ସର୍ବୋଚ୍ଚ ଶାସକ ବା ସମ୍ରାଟର ମର୍ଯ୍ୟାଦା ଦେଇଥିଲେ । ସେବେଠାରୁ ଆଜି ପର୍ଯ୍ୟନ୍ତ ଜଗନ୍ନାଥ ଓ ଗଜପତି ପରସ୍ପରଠାରୁ ଅଭିନ୍ନ ଏବଂ ପରସ୍ପର ପାଇଁ ଅନୁପୂରକ ରହିଆସିଛନ୍ତି । ଯାହାଙ୍କ ପାଖରେ ପ୍ରଭୁ ଜଗନ୍ନାଥ, ସିଏ ସମଗ୍ର ଓଡ଼ିଶାର ।

× × × × ×

୧୪୩୫ରୁ ୧୫୩୩ ।

ସୂର୍ଯ୍ୟବଂଶୀ ଗଜପତିମାନଙ୍କ ଶାସନର ଏଇ କାଳଖଣ୍ଡ ଥିଲା ଓଡ଼ିଶା ଇତିହାସର ଏକ ଗୌରବୋଜ୍ଜ୍ୱଳ ଅଧ୍ୟାୟ ।

ପ୍ରଥମେ କପିଳେନ୍ଦ୍ର ଦେବ, ପରେ ତାଙ୍କ ପୁଅ ପୁରୁଷୋତ୍ତମ ଦେବ ଏବଂ ଶେଷରେ ତାଙ୍କ ପୁଅ ପ୍ରତାପରୁଦ୍ର ଦେବ । ଏକାଦିକ୍ରମେ ଏଇ ତିନି ଜଣ ଶାସକ ଶହେ ବର୍ଷ ଧରି ଶାସନ କରିଥିଲେ ଓଡ଼ିଶାକୁ ।

ଏ ସମୟ ଆଦୌ ସହଜ ନଥିଲା ଓଡ଼ିଶା ପାଇଁ ।

ଏକ ସ୍ୱାଧୀନ ସାମାଜ୍ୟ ଭାବରେ ନିଜର ଅସ୍ତିତ୍ୱ ବଜାୟ ରଖିବା ଥିଲା ସବୁଠୁ ବଡ଼ ପରୀକ୍ଷା ଗଜପତି ଶାସକଙ୍କ ପାଇଁ ।

ସାମ୍ରାଜ୍ୟର ପରିଧି ସଂକୁଚିତ ହେବାରେ ଲାଗିଥିଲା; ଅର୍ଥନୀତିର ସ୍ୱାସ୍ଥ୍ୟ ଭଲ ନଥିଲା; ଆଉ ବିଜୟନଗର, ବାମନୀ, ମାଲୱାର ଭଳି ରାଜ୍ୟମାନଙ୍କଠାରୁ ଆକ୍ରମଣର ଭୟ ସବୁବେଳେ ଲାଗି ରହିଥିଲା ।

ହେଲେ, ଏସବୁ ପ୍ରତିକୂଳତା ସତ୍ତ୍ୱେ ପରାକ୍ରମର ଅନ୍ତ ନଥିଲା । ବିଶାଳ ଗଜବାହିନୀର ସୁପରିଚାଳନା କରି କପିଳେନ୍ଦ୍ର ଦକ୍ଷିଣରେ ରାଜମହେନ୍ଦ୍ରି, କୋଣ୍ଡାବିଡୁ, ଗୁଣ୍ଟୁର ଓ ତେଲେଙ୍ଗାନା ଭଳି ରାଜ୍ୟ ଜୟ କରିଥିଲେ ଏବଂ ଓଡ଼ିଶାକୁ ସର୍ବଭାରତୀୟ ସ୍ତରରେ ଏକ ଅତ୍ୟନ୍ତ ଶକ୍ତିଶାଳୀ ରାଜ୍ୟ ଭାବରେ ପ୍ରତିଷ୍ଠିତ କରେଇଥିଲେ । ଏକ ପରାକ୍ରମୀ ଜାତି ଭାବରେ ଓଡ଼ିଶାର ଖ୍ୟାତି ଦିଗ୍‌ବିଦିଗ ବ୍ୟାପ୍ତ ହୋଇଥିଲା । କପିଳେନ୍ଦ୍ରଙ୍କୁ ମିଳିଥିଲା 'ଗଜପତି, ଗୌଡ଼େଶ୍ୱର, ନବକୋଟି କର୍ଣ୍ଣାଟ କଳବର୍ଗେଶ୍ୱର'ର ଉପାଧି । କପିଳେନ୍ଦ୍ରଙ୍କ ସଫଳତା ପଛରେ ତାଙ୍କ ସାମରିକ ଦକ୍ଷତା ଯେତିକି ଥିଲା, ତା'ଠୁ ଅଧିକ ଥିଲା କୂଟନୈତିକ କଳା ଓ କୌଶଳ । "ରାଜ୍ୟ ବିସ୍ତାର ପାଇଁ କେତେବେଳେ ସେ ଧର୍ମ ଆଧାରରେ ପଡ଼ୋଶୀ ରାଜ୍ୟ ସହ ମେଣ୍ଟ କରିଥିଲେ ତ ଆଉ କେବେ ଧାର୍ମିକ ଆଧାରକୁ ଅଣଦେଖା କରି ସୁଲତାନଙ୍କ ସହ ବନ୍ଧୁତା କରିଥିଲେ ।" ଧର୍ମ ଅପେକ୍ଷା ଓଡ଼ିଆ ଜାତିର ଅସ୍ମିତା ଓ ପରିଚୟ ତାଙ୍କ ପାଇଁ ସର୍ବୋପରି ଥିଲା ।

ସବୁଠୁ ବଡ଼ କଥା ହେଲା, କପିଳେନ୍ଦ୍ରଦେବଙ୍କ ସମୟରେ ହିଁ ପ୍ରଥମଥର ପାଇଁ ଓଡ଼ିଆଭାଷାକୁ ସରକାରୀ ଭାଷାର ମାନ୍ୟତା ମିଳିଲା । ରାଜାନୁଶାସନ ମାନ ଓଡ଼ିଆ ଭାଷାରେ ପ୍ରକାଶିତ ହେଉଥିଲା । ଶୂଦ୍ରମୁନି ସାରଳାଙ୍କ 'ମହାଭାରତ' ପରେ ସାହିତ୍ୟ ବ୍ରାହ୍ମଣଙ୍କ ଏକଚାଟିଆ ଅଧିକାରରୁ ମୁକ୍ତ ହୋଇ ଲୋକଙ୍କ ପାଖରେ ପହଞ୍ଚିଲା । ଘରେ ଘରେ, ଗାଁ ଗାଁରେ ପହଞ୍ଚିଲା । ସାହିତ୍ୟ ସତସତିକା ସାହିତ୍ୟ ଲୋକଙ୍କର ଭାଜନ ହେଲା । ଲୋକଙ୍କ ହୃଦୟକୁ ଛୁଇଁଲା । ଏ ଥିଲା ଓଡ଼ିଶାରେ ଜନକୈନ୍ଦ୍ରିକ ସାଂସ୍କୃତିକ ନବଜାଗରଣର ଆଦ୍ୟ ପର୍ବ ।

ସିଂହାସନକୁ ନେଇ ସାମ୍ରାଜ୍ୟ ।

ସାମ୍ରାଜ୍ୟକୁ ନେଇ ସମ୍ରାଟ ।

ସିଂହାସନ ଓ ସାମ୍ରାଜ୍ୟ ପାଇଁ ସଂଗ୍ରାମ ।

୧୪୬୮ରେ କପିଳେନ୍ଦ୍ରଙ୍କ ମୃତ୍ୟୁ ପରେ ଓଡ଼ିଶାରେ ବି ସିଂହାସନ ପାଇଁ ଲଢ଼େଇ ହେଲା ।

ପୁଅ ପୁଅଙ୍କ ଭିତରେ ଲଢ଼େଇ । ଭାଇ ଭାଇଙ୍କ ଭିତରେ ଲଢ଼େଇ । ବଡ଼ପୁଅ ହମ୍ୱୀର ଦେବ ଓ କପିଳେନ୍ଦ୍ରଙ୍କ ଦ୍ୱାରା ଉତ୍ତରାଧିକାରୀ ଭାବେ ମନୋନୀତ ପୁରୁଷୋତ୍ତମ ଦେବଙ୍କ ମଧ୍ୟରେ ଲଢ଼େଇ ।

ଚାରି ବର୍ଷ ଧରି ଚାଲିଲା ଘମାଘୋଟ ଲଢ଼େଇ ।

ଶେଷରେ ପୁରୁଷୋତ୍ତମ ଜିତିଲେ ଓ ଶାସନ ସମ୍ଭାଳିଲେ । ବାପା କପିଳେନ୍ଦ୍ରଙ୍କ ଭଳି ସେ ବି ଥିଲେ ଦକ୍ଷ ଓ ପରାକ୍ରମୀ ।

ତାଙ୍କରି ସମୟରେ ଦକ୍ଷିଣରେ ଓଡ଼ିଶା ସାମ୍ରାଜ୍ୟର ସୀମାରେଖା ବଢ଼ି ବଢ଼ି ଚାଲିଲା ।

ପୁରୁଷୋତ୍ତମଙ୍କ ସମୟରେ ହିଁ ପ୍ରଖ୍ୟାତ କାଞ୍ଚି ଅଭିଯାନ, ଯାହା ଆଜି ବି ଆମ ସ୍ମୃତିରେ ସଯତ୍ନେ ସଂଜୀବିତ ।

ସତରେ କ'ଣ ପ୍ରଭୁ ଜଗନ୍ନାଥଙ୍କ ପ୍ରତି ହୋଇଥିବା ଅପମାନର ପ୍ରତିଶୋଧ ନେବା ପାଇଁ ପୁରୁଷୋତ୍ତମ କାଞ୍ଚି ଅଭିଯାନ କରିଥିଲେ ଓ ସେଠାକାର ରାଜାଙ୍କୁ ପରାସ୍ତ କରି କର୍ଣ୍ଣାଟ ରାଜକୁମାରୀ ପଦ୍ମାବତୀଙ୍କୁ ନେଇ ଆସିଥିଲେ ନିଜର

ରାଣୀ କରି !

ସତରେ କ'ଣ ଏମିତି ଏକ ଅଭିଯାନ ହୋଇଥିଲା, ଯାହାର ନେତୃତ୍ୱ ନେଇଥିଲେ ସ୍ୱୟ ପ୍ରଭୁ ଜଗନ୍ନାଥ ଓ ବଳଭଦ୍ର; ସତରେ କ'ଣ ସେମାନେ ବାଟରେ ମାଣିକ ଗଉଡୁଣୀଠୁ ଦହି ଖାଇ ମୂଲ୍ୟ ସ୍ୱରୂପ ରତ୍ନ ମୁଦି ଦେଇଥିଲେ, ନା ଏହା ତୁଚ୍ଛା ମନଗଢ଼ା ଏକ ଉପାଖ୍ୟାନ !

କିଛି ଐତିହାସିକଙ୍କ ମତରେ ଏହା ସମ୍ପୂର୍ଣ୍ଣ କାଳ୍ପନିକ, ଯେଉଁଥିରେ ଆଦୌ ସତ୍ୟତା ନାହିଁ । ଅନ୍ୟପକ୍ଷରେ ପ୍ରଭାତ ମୁଖାର୍ଜୀଙ୍କ ଭଳି ବିଶିଷ୍ଟ ଐତିହାସିକ ଏହାକୁ ପୂରାପୂରି ସତ ମଣନ୍ତି । ଅନ୍ୟ କିଛି ଗବେଷକଙ୍କ ମତରେ, ଛେରା ପହଁରା ନୀତି ଆରମ୍ଭ କରିବା ପାଇଁ ଏବଂ ଏହାକୁ ସାମାଜିକ ସ୍ୱୀକୃତି ଦେବା ପାଇଁ ହିଁ କାଞ୍ଚି ଅଭିଯାନ ଓ ମାଣିକ ଗଉଡୁଣୀ କାହାଣୀ ସୃଷ୍ଟି କରାଯାଇଥିଲା । ପୁରୁଷୋତ୍ତମ ଦେବ ଛେରା ପହଁରା ନୀତି ଆରମ୍ଭ କରି ଜଗନ୍ନାଥଙ୍କ ସେବକ ଭାବରେ ନିଜକୁ ସମର୍ପିଥିଲେ ଏବଂ ଯୁଦ୍ଧ ହେଉ କି ଶାନ୍ତି, ସବୁ ସମୟରେ ପ୍ରଭୁ ଶ୍ରୀଜଗନ୍ନାଥ ହିଁ ରାଷ୍ଟ୍ରର ସର୍ବୋଚ୍ଚ କର୍ତ୍ତା ବୋଲି ଧାରଣାକୁ ଆନୁଷ୍ଠାନିକ ସ୍ୱୀକୃତି ଦେଇଥିଲେ । ଏଇ ଛେରା ପହଁରା ନୀତି ହିଁ ଗଜପତି ଓ ଜଗନ୍ନାଥଙ୍କ ମଧ୍ୟରେ ଥିବା ଆବେଗିକ ସମ୍ପର୍କକୁ ଆଉରି ସୁଦୃଢ଼ କରିଥିଲା ଓ ଅନ୍ୟପକ୍ଷରେ ଶାସକଙ୍କ ବିରୋଧରେ ସମ୍ଭାବ୍ୟ ବିଦ୍ରୋହାର ଆଶଙ୍କାକୁ ବି ସବୁଦିନ ପାଇଁ ପ୍ରତିହତ କରିପାରିଥିଲା ।

କିଏ ଜାଣେ, କାହା କଥା ସତ ଆଉ କାହା କଥା ମିଛ ।

ଇତିହାସର ତଥ୍ୟ ଗୋଟେ ପଟେ ତ ଲୋକଙ୍କ ଭକ୍ତି, ଆବେଗ ଓ ବିଶ୍ୱାସ ଅନ୍ୟ ପଟେ ।

ଆଜି ବି ମାଣିକ ଗଉଡୁଣୀ ପୂଜା ପାଉଛି ଏବଂ କଳା ଧଳା ଘୋଡ଼ାରେ ଜଗନ୍ନାଥ-ବଳଭଦ୍ର ବୀର ଦର୍ପରେ ଯୁଦ୍ଧ ଭୂଇଁକୁ ଯାଉଥିବାର ଚିତ୍ର ଓ କାହାଣୀ ପିଢ଼ି ପରେ ପିଢ଼ି ଆମ ଭିତରେ ଦର୍ପ ଓ ଦମ୍ଭ ଭରୁଛି ।

ଯଦି ପୁରୁଷୋତ୍ତମଦେବ ନିଜ ଆଧିପତ୍ୟକୁ ସୁଦୃଢ଼ କରିବା ପାଇଁ ଧର୍ମ ପ୍ରଚାରକମାନଙ୍କ ସହାୟତାରେ କାଞ୍ଚି ଅଭିଯାନ ଆଖ୍ୟାନକୁ ଜନମାନସରେ ସତ୍ୟ ବୋଲି ପ୍ରତିଷ୍ଠିତ କରେଇ ପାରିଥିଲେ, ତା'ର ଶ୍ରେୟ ତାଙ୍କ ରାଜନୈତିକ ବୁଦ୍ଧିକୁ ଯେତିକି ଯିବ, ତା'ଠୁ ଅଧିକ ଯିବ ତାଙ୍କ ସାହିତ୍ୟିକ ପ୍ରତିଭାକୁ ।

ପୁରୁଷୋତ୍ତମ ଦେବ ସମ୍ରାଟ ଥିଲେ, କବି ମଧ୍ୟ ଥିଲେ ।

ଶାସନ ସମ୍ଭାଳିବାରେ ତାଙ୍କର ଯେତିକି ମନ ଥିଲା, ତା'ଠୁ ଅଧିକ ଆଗ୍ରହ ଥିଲା ସାହିତ୍ୟ ସାଧିବାରେ ।

'ହାରାବଳୀ', 'ତ୍ରିକାଣ୍ଡ ଶେଷ', 'ଅଭିନବ ଗୀତଗୋବିନ୍ଦ', 'ନାମ ମାଳିକା' ଭଳି ସଂସ୍କୃତ ଗ୍ରନ୍ଥ ସବୁ ରଚିଥିଲେ ପୁରୁଷୋତ୍ତମ ।

× × × × × × ×

ପୁରୁଷୋତ୍ତମଙ୍କ ଜଣେ ମାତ୍ର ପୁତ୍ର ଥିଲେ ପ୍ରତାପରୁଦ୍ର । ୧୪୯୬ରେ ପିତାଙ୍କ ମୃତ୍ୟୁ ପରେ ସେ ଶାସନଗାଦି ସମ୍ଭାଳିଲେ ।

ଉତ୍ତରରେ ଗଙ୍ଗାନଦୀଠୁ ଦକ୍ଷିଣରେ ବିସ୍ତୃତ ସାମ୍ରାଜ୍ୟକୁ ଶତ୍ରୁମାନଙ୍କ ଆକ୍ରମଣରୁ ରକ୍ଷା କରିବା ଥିଲା ପ୍ରତାପରୁଦ୍ରଙ୍କ ସମ୍ମୁଖରେ ସବୁଠୁ ବଡ଼ ଆହ୍ୱାନ ।

ହେଲେ ନା ସମୟ ଅନୁକୂଳ ଥିଲା ନା ଭାଗ୍ୟଦେବୀ ସଦୟ ଥିଲେ ପ୍ରତାପରୁଦ୍ରଙ୍କ ଉପରେ ।


ବଙ୍ଗ ଆଡୁ ନବାବ ହୁସେନ ଶାହଙ୍କ ଆକ୍ରମଣ, ସେପଟେ ଦକ୍ଷିଣରୁ ବିଜୟନଗରର ପରାକ୍ରମୀ ରାଜା କୃଷ୍ଣଦେବ ରାୟଙ୍କ ଘନ ଘନ ଆକ୍ରମଣ ।

ହୁସେନ୍‌ଙ୍କୁ ଘଉଡ଼ଉ ଘଉଡ଼ଉ, କୃଷ୍ଣଦେବ ପଶି ଆସୁଥିଲେ ରାଜ୍ୟ ଭିତରକୁ । ଆଉ ଦୁର୍ଗ ପରେ ଦୁର୍ଗ ଅଧିକାର କରି ନେଉଥିଲେ ।

ଯୁଦ୍ଧ ପରେ ଯୁଦ୍ଧ । ଆଉ ସବୁ ଯୁଦ୍ଧରେ ପରାଜୟ ।

ଓଡ଼ିଶା ହରେଇ ବସିଲା ଉଦୟଗିରି, କୋଣ୍ଡାଭିଡୁ ଭଳି ଦୁର୍ଗ । କେତେ କେତେ ସେନାପତି, ରାଣୀ, ପଦାଧିକାରୀ ବନ୍ଦୀ ହୋଇ ହାମ୍ପିର ବନ୍ଦୀଶାଳାରେ ନିକ୍ଷେପିତ ହେଲେ । ସୀମାନ୍ତର କେତେ କେତେ ଗାଁ, ନଗର ଛାରଖାର ହୋଇଗଲେ । ଅପମାନର ଜ୍ୱାଳାରେ ଜର୍ଜରିତ ହୋଇ ପ୍ରତାପରୁଦ୍ରଙ୍କ ପୁତ୍ର ରାଜକୁମାର ବୀରଭଦ୍ର ଆତ୍ମହତ୍ୟା କଲେ ।

ପ୍ରତାପରୁଦ୍ର ଯେତେ ଯେତେ ଥର ନିଜର ହୃତ ସାମ୍ରାଜ୍ୟ ଓ ଗୌରବ ଫେରିପାଇବାକୁ ଚେଷ୍ଟା କଲେ, ସବୁଥର ତାଙ୍କୁ ନିରାଶା ଓ ପରାଜୟର ସମ୍ମୁଖୀନ ହେବାକୁ ପଡ଼ିଲା ।



ଶେଷରେ ବାଧ ହୋଇ ପ୍ରତାପରୁଦ୍ରଙ୍କୁ ଶାନ୍ତିଚୁକ୍ତି ସ୍ୱାକ୍ଷର କରିବାକୁ ପଡ଼ିଲା କୃଷ୍ଣଦେବଙ୍କ ସହ ୧୫୧୯ରେ ଏବଂ ନିଜର ସୁନ୍ଦରୀ ଓ ବିଦୂଷୀ କନ୍ୟା ଜଗନ୍‌ମୋହିନୀଙ୍କୁ ବୃଦ୍ଧ କୃଷ୍ଣଦେବଙ୍କ ପାଖରେ ସମର୍ପି ଦେବାକୁ ପଡ଼ିଲା ।

ଏହା ଆଦୌ ଶୁଭପରିଣୟ ନଥିଲା । ଥିଲା ଏକ ଅତ୍ୟନ୍ତ ବେଦନାଦାୟକ ଚୁକ୍ତି । କ୍ଷମତା ଓ ପରାକ୍ରମ ଆଗରେ ଦୁର୍ବଳ ଓ ପଦାନତର ଅସହାୟ ଆତ୍ମ-ସମର୍ପଣ ।

ମୃତ୍ୟୁବେଳକୁ ପ୍ରତାପରୁଦ୍ରଦେବ ଥିଲେ ସମ୍ପୂର୍ଣ୍ଣ ନିଃସ୍ୱ ଓ ନିଃସଙ୍ଗ ।

ସେ ହାରିଯାଇଥିଲେ ସମୟ ଓ ଭାଗ୍ୟ ଆଗରେ, ଆଉ ହରେଇ ଦେଇଥିଲେ ସବୁକିଛି; ସାମ୍ରାଜ୍ୟ, ପରିବାର ଓ ସମ୍ମାନ ।

ବାପା ପୁରୁଷୋତ୍ତମ ଓ ଜେଜେ କପିଳେନ୍ଦ୍ରଙ୍କ ପରି ପ୍ରତାପରୁଦ୍ର କ'ଣ କୁଶଳୀ ଯୋଦ୍ଧା ନଥିଲେ ? ତାଙ୍କର ସାମରିକ, ରାଜନୈତିକ, କୂଟନୈତିକ ଦକ୍ଷତା କ'ଣ ଊଣା ଥିଲା ? ନା ଭାଗ୍ୟଦେବୀ ତାଙ୍କ ସପକ୍ଷରେ ନଥିଲେ ?

ଇତିହାସର ବହୁ ଘଟଣା ଓ ଚରିତ୍ରମାନଙ୍କୁ ତଉଲିବାବେଳେ, ଭାଗ୍ୟ ଓ ନିୟତିର ଭୂମିକା ନେଇ ପ୍ରଶ୍ନ ଉଠେ, ଯାହାର ଉତ୍ତର ନ ଥାଏ କାହା ପାଖରେ ।

**ପଞ୍ଚସଖା ଓ ଶ୍ରୀଚୈତନ୍ୟ**

ସାମ୍ରାଜ୍ୟ ଛିଡ଼ିବାରେ ଲାଗିଥିଲା, ହେଲେ ଭକ୍ତି ଓ 'ପରମ'କୁ ନେଇ ଉଦ୍‌ବେଳନ ବଢ଼ିବାରେ ଲାଗିଥିଲା ।

ଓଡ଼ିଶାର ସାଂସ୍କୃତିକ ଜୀବନରେ ଏ ଥିଲା ଏକ ଅଦ୍‌ଭୂତ ଓ ଅଭୂତପୂର୍ବ ସମୟ । ପଞ୍ଚସଖାଙ୍କ ସମୟ ।

ପଞ୍ଚସଖା - ଜଗନ୍ନାଥ ଦାସ, ବଳରାମ ଦାସ, ଅଚ୍ୟୁତାନନ୍ଦ ଦାସ, ଯଶୋବନ୍ତ ଦାସ ଓ ଅନନ୍ତ ଦାସ - ନୂଆ ଧାର୍ମିକ-ସାଂସ୍କୃତିକ ଆନ୍ଦୋଳନର ଉଦ୍‌ଗାତା ଥିଲେ ।

ସେମାନେ ବ୍ରାହ୍ମଣ ନଥିଲେ କି ପଣ୍ଡିତ ନ ଥିଲେ । ବରଂ ବ୍ରାହ୍ମଣ-କ୍ଷତ୍ରିୟ କବଳିତ ସମାଜରେ ସେମାନେ ନିଜକୁ ଶୂଦ୍ର ବା ଈଶ୍ୱରଙ୍କ ଦାସ ବୋଲି ଅଭିହିତ କରି ଶୂଦ୍ରଭାବକୁ ହିଁ ଭଗବତ ସାଧନାର ଶ୍ରେଷ୍ଠଭାବ ବୋଲି ଘୋଷଣା କରିଥିଲେ ।

ସେମାନଙ୍କ ଯୋଗେ ଧର୍ମ ଓ ସଂସ୍କୃତିର ନୂଆ ବ୍ୟାଖ୍ୟା ତିଆରି ହେଲା । "ପଞ୍ଚସଖା ରାମାୟଣ, ହରିବଂଶ, ଭାଗବତ, ଭଗବଦ୍‌ଗୀତାକୁ ଓଡ଼ିଆରେ ଲେଖିଲେ । କେବଳ ସଂସ୍କୃତରୁ ଅନୁବାଦ କଲେ ନାହିଁ; ଓଡ଼ିଆରେ ଲେଖିଲେ । ଏପରି କରି ବୃହତ୍ତର ଭାରତୀୟ ସଂସ୍କୃତିର ଶରୀର ପରି ହୋଇ ରହି ଆସିଥିବା ଶାସ୍ତ୍ରଗୁଡ଼ିକର ଗନ୍ତାଘରକୁ ସେମାନେ ସମସ୍ତଙ୍କ ଲାଗି ଖୋଲିଦେଲେ । ଧର୍ମ ଓ ସଂସ୍କୃତି ସଚଳ ହେବାକୁ ଆରମ୍ଭ କଲା । ଧର୍ମର ସଂଜ୍ଞା ବଦଳିଲା, ଶାସ୍ତ୍ରର ସଂଜ୍ଞା ବଦଳିଲା ।"

ପଞ୍ଚସଖାଙ୍କ ସାହିତ୍ୟର ଭାଷା ସାଧାରଣ ଲୋକ ବୁଝିପାରିଲା ଭଳିଆ ଭାଷା ଥିଲା । ସେଥିରେ ଶବ୍ଦ, ଅଳଙ୍କାର, ଉପମା, ରୂପକଳ୍ପର ଆଡ଼ମ୍ବର ନଥିଲା କି ଅବୋଧ ତତ୍ତ୍ୱର ସମ୍ଭାର ନଥିଲା । ନିରୁତା ଭକ୍ତିରସରେ ଜୁବୁବୁବୁ ସେ ସାହିତ୍ୟରେ ସେମାନଙ୍କ ନିଜସ୍ୱ ସାଧନାର ସାର ଥିଲା, ନିଃସର୍ତ୍ତ ସମର୍ପଣର ଭାବ ଥିଲା । ଜାତି,





ବର୍ଣ୍ଣ ନିର୍ବିଶେଷରେ ମଣିଷକୁ ମଣିଷ ସହ ଯୋଡ଼ିବା ପାଇଁ ଏକ ଅହ୍ୱାନ ଥିଲା, ସମାଜ ପ୍ରତି ଏକ ଆଲୋଡ଼ନକାରୀ ଆବେଦନ ମଧ୍ୟ ରହିଥିଲା । ପଞ୍ଚସଖା ଜାତି ମାନୁନଥିଲେ, ଜାତି ଆଧାରରେ ପ୍ରଚଳିତ ଛୁଆଁ-ଅଛୁଆଁ ଭେଦଭାବକୁ ବି ମାନୁନଥିଲେ । ଭକ୍ତି ଓ ସଂହତିଭିତ୍ତିକ ଐକ୍ୟପୂର୍ଣ୍ଣ ସମାଜ ଗଢ଼ିବା ସେମାନଙ୍କର ଲକ୍ଷ୍ୟ ଥିଲା । ପଞ୍ଚସଖା ଓ ସେମାନଙ୍କ ସାହିତ୍ୟ ଜରିଆରେ ପଞ୍ଚଦଶ ଶତାବ୍ଦୀରେ ଏକ ସାମାଜିକ ବିପ୍ଳବର ସୂତ୍ରପାତ ହୋଇଥିଲା, ନିରବରେ ଓ ବିନା ଉପଦ୍ରବରେ ।

ଏହି ସାମାଜିକ ବିପ୍ଳବର ଲୋକପ୍ରିୟତା ପରବର୍ତ୍ତୀ ସମୟରେ ଶ୍ରୀଚୈତନ୍ୟଙ୍କ ଆଗମନ ଓ ଭକ୍ତି ଆନ୍ଦୋଳନ ପାଇଁ କ୍ଷେତ୍ର ପ୍ରସ୍ତୁତ କରିଥିଲା । ବଙ୍ଗଦେଶର ନବଦ୍ୱୀପରେ ଜନ୍ମିତ ଶ୍ରୀଚୈତନ୍ୟ କେବଳ ମାତ୍ର ଜଣେ ଧର୍ମ ପ୍ରଚାରକ ବା ସାଧକ ନଥିଲେ, ଥିଲେ ଏକ ଅନନ୍ୟ ଆଲୋଡ଼ନ, ଏକ ଅନବଦ୍ୟ ଆହ୍ୱାନ, ଏକ ମୁକ୍ତ ବାତାୟନ, ଯାହା ଦେଇ ଖୋଲା ପବନ ପଶିଆସିଲା ଓଡ଼ିଆମାନଙ୍କ ସ୍ଥାଣୁ ଜୀବନକୁ ।

ସେମାନେ ପାଗଳ ହେଲେ, ମତୁଆଲା ହେଲେ, ଉଚ୍ଛନ୍ନ ହେଲେ ।

ଘର-ଦ୍ୱାର, ଜୀବନ-ଜଞ୍ଜାଳ ଛାଡ଼ି ସେମାନେ ଧାଇଁଲେ ଶ୍ରୀଚୈତନ୍ୟଙ୍କ ପଛରେ । ଏକ ଅଭୂତ ଆବେଗରେ, ପରମ ଆବେଗରେ 'ହରେ କୃଷ୍ଣ ହରେ କୃଷ୍ଣ, କୃଷ୍ଣ କୃଷ୍ଣ ହରେ ହରେ' ଧ୍ୱନିରେ ଓଡ଼ିଶାର ଗାଁ ଗଣ୍ଡା ପ୍ରକମ୍ପିତ ହୋଇଉଠିଲା । ଯୁଆଡ଼େ ଯୁଆଡ଼େ ଶ୍ରୀଚୈତନ୍ୟ ତାଙ୍କ ସଂକୀର୍ତ୍ତନ ମଣ୍ଡଳୀ ନେଇ ଗଲେ, ପିଲାଠୁ ବୁଢ଼ା ଯାଏଁ ତାଙ୍କ ପଛେ ପଛେ ଧାଇଁଲେ ।

ପ୍ରଭୁଙ୍କୁ ପାଇବାକୁ ହେଲେ କୌଣସି ପଣ୍ଡିତ କି ପୁରୋହିତର ଆବଶ୍ୟକତା ନାହିଁ, ସିଧାସଳଖ ନିଷ୍ଠାର ସହ ନିଜକୁ ସମ୍ପୂର୍ଣ୍ଣ ସମର୍ପିଦେଲେ, ସେ ଅବଶ୍ୟ ମିଳିବେ । ଭକ୍ତିର ବିକଳ୍ପ ଶାସ୍ତ୍ର କି ଧର୍ମ ନୁହେଁ, କେବଳ ସ୍ୱଚ୍ଛ ହୃଦୟଟିଏ ଲୋଡ଼ା ।

ଭକ୍ତି ସମୁଦ୍ରରେ ଓଡ଼ିଆଏ ବୁଡ଼ିଲେ, ଉଠିଲେ ।

ବଡ଼ଦାଣ୍ଡ ଦୁଲୁକିଲା । ଶ୍ରୀମନ୍ଦିର ଦୁଲୁକିଲା ।

ଖୋଲିଗଲା ଦୁଆର, ଦିଶିଗଲା ନୂଆବାଟ ।

ସମସ୍ତେ ପାଲଟିଲେ ପରମ ବୈଷ୍ଣବ ।

ରହୁ ରହୁ ଶ୍ରୀଚୈତନ୍ୟ ପୁରୀରେ ରହିଗଲେ ସତର ବର୍ଷ । ୧୫୩୩ରେ ପୁରୀରେ ତାଙ୍କର ଦେହାବସାନ ଘଟିଲା । ଅବଶ୍ୟ ତାଙ୍କ ମୃତ୍ୟୁର ଅସଲ କାରଣ ଓ ପରିସ୍ଥିତି ଏଯାଏଁ ଅନୁଦ୍‌ଘାଟିତ ହୋଇ ରହିଛି । ଭେଦ ହୋଇପାରିନି ସେ ରହସ୍ୟ ଏଯାଏଁ ।

**ଆସିଷ୍ଟାଣ୍ଟ ପ୍ରଫେସର, ରାଜନୀତି ବିଜ୍ଞାନ**
**ରେଭେନ୍ସା ବିଶ୍ୱବିଦ୍ୟାଳୟ**
**କଟକ-୩**
**ମୋବାଇଲ୍ - ୯୦୪୦୦୦୩୧୨୩**
netajeeabhinandan@gmail.com

# ଦୂର ବହୁଦୂର




**କାହାଣୀ ପଛର କାହାଣୀ**

ତ୍ରିକୋଣୀୟ ଚରିତ୍ରରେ ଆରମ୍ଭ ଏ ଗଳ୍ପ ଚତୁର୍ଥ ଚରିତ୍ର ଗ୍ରହଣ କରିବା ସଙ୍ଗେ ସଙ୍ଗେ ମୋଡ଼ ବଦଳେଇ ଦେଇଛି । ବାପା ଦିବାକର, ମା' ଜଗାବୋଉ ଏବଂ ପୁଅ ଜଗନ୍ନାଥଙ୍କ ଜୀବନରେ ବୋହୂଟିଏ ଆସିବା ପରେ ପରେ ସମ୍ପର୍କ 'ଜିଓ ସମ୍ପର୍କ'ରେ ରୂପାନ୍ତରିତ ହୋଇଯାଇଛି । ଏ ଗଳ୍ପରେ କେହି ଆକ୍ଷେପର ଶିକାର ନୁହଁନ୍ତି । ଡିଜିଟାଲ୍ ସମ୍ପର୍କର ଗୋଟିଏ ମିଛ ସାନ୍ତ୍ୱନା ହେଉଛି ଭିଡ଼ିଓ କଲିଙ୍ଗ୍ । ଏହା ଲାଇଭ୍ ବୋଲି ଆଧୁନିକ ପରିବାର ବିଶ୍ୱାସ କରିପାରେ, ହେଲେ ପ୍ରକୃତରେ ଏହା କଣ ! କେବଳ ମନକୁ ବୁଝେଇନେବା କଥା । ସ୍ପର୍ଶରେ, ନିକଟତର ହେବାରେ ଯେଉଁ ବିପୁଳ ଆତ୍ମୀୟତା ଥାଏ ତାହା ଏହି ଭିଡ଼ିଓ କଲିଙ୍ଗ୍ ଭିତରେ ନଥାଏ । ଦିବାକରର ଘର ପ୍ରତିଷ୍ଠାରେ ବୋହୂର ସୁଦୂର ବାଙ୍ଗାଲୋରରୁ ଯଜ୍ଞକୁ ନମସ୍କାର କରି ନିଜ ଉପସ୍ଥିତିର ସୂଚନା ଦେବା ଏକ ବ୍ୟର୍ଥ ପ୍ରୟାସ । ପୃଥିବୀ ଧୀରେ ଧୀରେ ଏକ ବୁଝାମଣାରେ ପରିଣତ ହେବାରେ ଲାଗିଛି । ଚଳିଯିବା ଓ ଚଳେଇ ନେବାର ଆଦତ୍ ପରିବାରର ବିଧିବଦ୍ଧ ଧାରଣାକୁ ବଦଳେଇ ଦେଇଛି । ଉପଭୋକ୍ତାର ଏ ଦୁନିଆରେ ସମୟର ଅଭାବ, ସମୟକୁ ଛୋଟ ଛୋଟ ଖଣ୍ଡରେ ବାଣ୍ଟି ସମସ୍ତଙ୍କ ଭାଗରେ ଟିକେ ଟିକେ ପକେଇବାର ଉଦ୍ୟମ ହୁଏତ ଏହି ବାୟୋଲୋଜିକାଲ୍ ଜୀବନକୁ ସାର୍ଥକ କରିପାରେ, ହେଲେ ଏହା ଏକ ସାମୂହିକ-ସାଂସ୍କୃତିକ ଜୀବନ ହୋଇ ପାରିବନି । ଗଳ୍ପର ଶେଷ ଭାଗରେ ମୁଖାଗ୍ନି ଦେବାର ସେହି ଅଭିନବ ପ୍ରୟାସର କଳ୍ପନା ମଣିଷକୁ ରତ୍ନରେ ପରିଣତ କରିବାକୁ ଯଥେଷ୍ଟ । ଏହି କରୁଣ ଚିତ୍ର ମୁଁ ଦେଖିଛି ଏବଂ ଶୁଣିଛି ମଧ୍ୟ । ଏହା ହିଁ ମୋ ଗପ ପଛର ଗପ ।




## ଅନୀଲ କୁମାର ପାଢ଼ୀ

**ବରିଷ୍ଠ ଅଧ୍ୟାପକ, ଇଂରାଜୀ ବିଭାଗ**
**ସାରାଂଶ, ପ୍ଲଟ ନଂ ୧୭୯/୨୧୨୯**
**କଲ୍ୟାଣୀ ନଗର, ପାତ୍ରପଡ଼ା, ଭୁବନେଶ୍ୱର-୧୯**
**ଫୋନ୍ : ୯୪୩୭୨୧୫୯୦୦**


ଲୁହାର ଛୋଟ ଗେଟ୍‌ଟିଏ । କାଗଜଫୁଲରେ ଅଧା ପୋତି ହୋଇପଡ଼ିଛି । ଅଫିସରୁ ସଞ୍ଜରେ ଫେରି ଦିବାକର ସ୍କୁଟିର ଷ୍ଟାର୍ଟ ବନ୍ଦ୍ କରେ, କେଇ ମିନିଟ୍ ଚାହେଁ କାଗଜଫୁଲ ମଣ୍ଡିତ ଗେଟ୍ ଆଉ କିଛି ଦୂରରେ ସାରା ଘରର ପବିତ୍ରତା, ପରମ୍ପରାକୁ ଜାବୁଡ଼ି ଧରିଥିବା ସିମେଂଟ୍ ତିଆରି ମୋବାଇଲ ତୁଳସୀ ଚଉରାକୁ । ଜଗାବୋଉ ଧୂପଟିଏ ଲଗେଇ ଦେଇଥାନ୍ତି, ସେଇଟା ଅଧା ଜଳି ଅଧା ବାକି ଥାଏ । ସୋରିଷ ତେଲର ସଞ୍ଜୀବତୀ ଲିଭି ସାରିଥାଏ ସେତେବେଳକୁ ।

ତୃତୀୟ ଶ୍ରେଣୀ ସରକାରୀ କର୍ମଚାରୀଙ୍କ କଲୋନି ଏଇଟା । ଧାଡ଼ିକିଧାଡ଼ି ଆଜ୍‌ବେଷ୍ଟସ୍ ଘର । ବହୁ ପୁରୁଣା । ହେଲେ, ଏହିସବୁ ଘର ଭିତରେ ସ୍ୱପ୍ନ ଆଉ ବାସ୍ତବତାର ଅହରହ ଯୁଦ୍ଧ ଭିତରୁ ବାହାରି ଆସେ ଗୋଟେ ଚଳନୀୟ ଜୀବନ !

ପିଲାଏ ପ୍ଲାଷ୍ଟିକ୍ ବଲ୍ ଆଉ ବ୍ୟାଟ୍ ଧରି ରାସ୍ତାରେ କ୍ରିକେଟ୍ ଖେଳୁଥିବେ, ରାସ୍ତାରେ ଯାଉଥିବା ଗାଡ଼ିଚାଳକମାନେ ଟିକିଏ ରାଗିକି ଅନେଇବେ ଏବଂ ତା ପରେ ସତର୍କତାର ସହିତ ପାର୍ ହୋଇଯିବେ ! ଛକ୍କାମରା ପ୍ଲାଷ୍ଟିକ୍ ବଲ୍ ବରାବର କାହାର କଖାରୁଗଛ କି ବାଇଗଣ ଗଛ ଉପରେ ପଡୁଥିବ, ସେ ଘରୁ ଗୋଟାଏ ବୁଢ଼ା କି ବୁଢ଼ୀ ବଅଁଶବୁଡ଼ା କି ଅଳପେଇସା ଗାଳିଦେଇ ଗେଟ୍ ପର୍ଯ୍ୟନ୍ତ ଚାଲି ଆସୁଥିବେ ! ଡାହାଣ ହାତ ଆଙ୍ଗୁଳିରେ ଉକୁଣୀ ଭର୍ତି ମୁଣ୍ଡ କୁଣ୍ଡଉକୁଣ୍ଡଉ ଝିଅଟାଏ ଟିପରେ ନିଖ କି ଗଜି ଭିଡ଼ିଆଣି ବୁଢ଼ା ଆଙ୍ଗୁଠି ନଖ ଉପରେ ରଖି ବାମ ହାତ ଆଙ୍ଗୁଠିରେ ଫୁଟେଇଲା ବେଳେ ଟକ୍ କରି ଶବ୍ଦ ହେଉଥିବ । ଚାରି କି ପାଂଚ କୁଆଁରୀ ଘର ଆଗ କଲ୍‌ଭର୍ଟ ଉପରେ ବସିଥିବେ ଏବଂ ବାମହାତ କାଣୀ ଆଙ୍ଗୁଠିର ନଖ ବଢ଼େଇ ସେଥିରେ ନାଲି ନଖପାଲିସମରା ଟୋକାଟିଏ ଗୋଟିଏ ପାଦ ସାଇକେଲ ପ୍ୟାଡ଼େଲ ଉପରେ ରଖି ଆରଟିକୁ କଲଭର୍ଟ ଉପରେ ରଖିଥିବ ।

ସହରରେ ସଞ୍ଜ ନଇଁ ଆସୁଥିବ । କେତୋଟି କଲୋନୀର ବୁଲା କୁକୁର କୌଣସି ଗାଡ଼ି ପଛରେ ଭୁକିଭୁକି ଧାଇଁଥିବେ ଓ ହଠାତ୍ ଗୋଟିଏ ଜାଗାରେ ଅଟକି ଯାଇଥିବେ । ଘର କବାଟରେ ଜଗନ୍ନାଥଙ୍କ ଆଖି ଛବି ଥିବା ପତଳା ପର୍ଦ୍ଦା ସାମାନ୍ୟ ପବନରେ ଦୋହଲୁଥିବ । ସନ୍ଧ୍ୟା ଛଅଟାର ନିଉଜ୍‌ରେ ସାରା ରାଜ୍ୟର ଖବର ଆସୁଥିବ ଓ ଯେତେବେଳ ବି ସରକାରୀ କର୍ମଚାରୀଙ୍କ ଦରମାକୁ ନେଇ କିଛି ଖବର ଆସିବ ମା'ମାନେ ସତର୍କତାର ସହିତ କାନ ଡେରୁଥିବେ ।

ଖୋର୍ଦ୍ଧା ଗାମୁଛା ପିନ୍ଧି, ହାତରେ ଟେଳାଏ ଗୁଡ଼ାଖୁ ନେଇ ଘଷୁଘଷୁ ଅମୁକବାବୁ ସମୁକବାବୁ ବିଷୟରେ କିଛି ନା କିଛି ପଚାରୁଥିବେ । ଗେଟ୍ ପାଖ ନଳାରେ ପଚା ପାଣି କରୁଥିବ କୁଳୁକୁଳୁ । ଅନତି ଦୂରରେ ଭଙ୍ଗା ଇଲେକ୍ଟ୍ରି ଖୁଂଟରେ ଝୁଲୁଥିବା ମର୍କ୍ୟୁରୀ ଲାଇଟ୍ ଯାହା ଅଧା କଳା ହୋଇସାରିଥିବ ଓ ଆଉ ଅଧାକୁ କବଳିତ କରିଥିବେ ପୋକ ଓ ପତଙ୍ଗ, ସେଥିରେ ମଥାନ ଉପରେ ଶୋଇଥିବା ପାଣି କଖାରୁର ମୁହଁ ଆଦୌ ଦିଶୁନଥିବ !

ଦିବାକର ଠିଆ ହେଉଥିବ ପ୍ରତିଦିନ, ଘଡ଼ିଏ ହେଉ ଘର ଆଗରେ । ଚତୁର୍ଥ ଶ୍ରେଣୀ କର୍ମଚାରୀରୁ ସେ ତୃତୀୟ ଶ୍ରେଣୀ ଯାଏ ପହଂଚି ପାରିଛି । କିଛିମାସ ଭିତରେ ସିନିୟର୍ ଗ୍ରେଡ୍ ହୋଇଯିବ ।

ପୁଅ ବଡ଼ । ବାଙ୍ଗାଲୋର୍‌ରେ ସଫ୍ଟଓ୍ୟାର୍ କମ୍ପାନିରେ କାମ କରେ । ତିନିବର୍ଷ ତଳେ ବାହାଘର କାମ ବି ସାରିଦେଇଛି । ପୁଅବୋହୂ ଗୋଟେ କମ୍ପାନିରେ କାମ କରନ୍ତି । ପୁଅ ବହୁ ଆଗରୁ ଜଣେଇ ଦେଇଥିଲା- "ବାପା ! ଆମ ଜାତିର ନୁହେଁ । ହେଲେ, ମୋର ସେଇଠି ବିଭାହେବା ନିର୍ଧାର୍ଯ୍ୟ ।" ଦିବାକର କେବଳ ଲୋକାଚାର ପାଇଁ ଏଇଠି ଭୋଜି ଦେଇଥିଲା । ଝିଅ ଅନୁର ବାହାଘର ସରିଛି । ଘରସଂସାର ନେଇ ସେ ରହୁଛି ରାୟପୁରରେ । ତଥାପି, ଦିବାକର ଖୁସି ହୋଇପାରି ନଥିଲା । ତାକୁ କେମିତି କେମିତି ଖଟ୍‌କା ଲାଗୁଥିଲା । ପ୍ରତିଦିନ ସଞ୍ଜରେ ଦୁଆରବନ୍ଧ ଟପିବା ବେଳକୁ ଜଗାବୋଉର କୁନ୍ଥ ଏବଂ ବିରକ୍ତି ତାକୁ ଭାଙ୍ଗି ପକାଉଥିଲା ।

ଜଗନ୍ନାଥ ସହିତ ସେ କଥା ହୋଇଥିଲା । ବାଙ୍ଗାଲୋର୍ ନେଇଗଲେ ସେଠି ବଡ଼ବଡ଼ ଡାକ୍ତର, କାଳେ ଗୋଟେ ନିଦାନ ମିଳିଯିବ । ପୁଅବୋହୂଙ୍କ ସାଙ୍ଗରେ ରହିଲେ ଜଗାବୋଉର ମନ କାଳେ ଖୁସି ରହିବ ! ଏଠି ଦିବାକର ତା'ର ଯତ୍ନ ନେଇପାରୁନି । ଦିନେ ଜଗାବୋଉକୁ ଧରି ପୁଅ ପାଖରେ ପହଂଚି ଯାଇଥିଲା ସେ । ପ୍ରଥମ ପ୍ରଥମ କେଇଦିନ ଭଲରେ କଟିଥିଲା । ପୁଅବୋହୂ ଅଫିସ୍ ଯିବେ, ଜଗାବୋଉ ବଡ଼ି ଭୋର୍‌ରୁ ଉଠି ରୋଷେଇ ଘରେ ପଶିବ । ସନ୍ଧ୍ୟାରେ ଥକ୍କି ଫେରିବେ ସେମାନେ, ସଅଳ ଖାଇ ବିଛଣାକୁ ଯିବେ । ଜଗାବୋଉ ଅଧରାତିଯାଏ ରୋଷେଇ ଘର ଭିତରେ ଖୁଡ଼୍‌ଖାଡ଼୍ କରୁଥିବ । ଦିବାକର ବୁଝି ପାରେନା ଯେ ଏହି ଜଗାବୋଉ ଜଗନ୍ନାଥ ଛୋଟ ହୋଇଥିଲା ବେଳେ କେତେକେତେ ରାତି ଉଜାଗର ରହିଛି, ଗୁହମୂତ ଘାଂଟି ହୋଇଛି, କାହିଁ ସେତେବେଳେ ତ ଦିବାକର ଅସନ୍ତୁଷ୍ଟ ହୋଇନଥିଲା । ଆଜି କାହିଁକି ! ପୁଅ ବଡ଼ ହୋଇଯାଇଛି ବୋଲି ନା ବାହାହୋଇ ବୋହୂ ଆଣି ସାରିଛି ବୋଲି ! ନିଜ ପୁଅବୋହୂଙ୍କ ଉପରେ ତାହାର ଈର୍ଷା ଆସୁନି ତ !

ଦିନେ, ଡାକ୍ତର ପାଖରେ ଜଗାବୋଉକୁ ଦେଖେଇ ଆଣିଲା ଜଗନ୍ନାଥ । ଫେରିଲା ଗୁଡ଼ାଏ ଟେଷ୍ଟ୍ ରିପୋର୍ଟ ଆଉ ଔଷଧ ଧରି । କହିଲା, ବାପା ! ରୋଗ ଛାଡ଼ିବାକୁ ବହୁଦିନ ଲାଗିବ ! ଏମିତି ପ୍ରତିଦିନ ଔଷଧ ଖାଇବାକୁ ହେବ । ଦିବାକର ଭାବିଥିଲା ଜଗାବୋଉକୁ ଛାଡ଼ି ଫେରିଯିବ । ପାଂଚ କି ଛଅମାସ ରହୁ ସେ ପୁଅବୋହୂ ପାଖରେ । ଟିକେ ଭଲ ହୋଇଗଲେ ନେଇଯିବ ସେ । ପୁଅକୁ କହିଲା- "ଜଗା, ମୋ ପାଇଁ ଟିକେଟ୍ କରିଦେ । ଇଏଲ୍‌ରେ ଆଉ କେତେଦିନ ରହିବି !"

ଯିବା ଆଗଦିନ ପୁଅ ବାପା ହାତରେ ଟିକେଟ୍ ଧରେଇଦେଲା । ଦିବାକର ଟିକେଟ୍‌ଟିକୁ ଦେଖି ଚମକି ପଡ଼ିଲେ । ଟିକେଟ୍‌ରେ କେବଳ ତା ନାମ ନଥିଲା, ଥିଲା ଜଗାବୋଉର ନାମ । ସେ ଟିକେ ଆଘାତ ପାଇଲା । ପ୍ରତି-ଆଘାତପ୍ରାପ୍ତ ବାପା ପରି ପ୍ରଥମେ ସେ ଆଘାତର ପକ୍ଷ ଛେଦନ କଲା ଓ ତାକୁ ହୃଦୟ ଭିତରେ ଛପେଇ ନେଲା । ପ୍ରତି ମଧ୍ୟବିତ୍ତଉ ବାପା ପରି ପ୍ରତିଟି ନକାରାତ୍ମକ ଜିନିଷ ଭିତରେ ସେ ସକାରାତ୍ମକ ଚିନ୍ତାଧାରାଟିକୁ ଖୋଜିଲା । ହୋଇଥିବ, ପୁଅ ଏୟା ଭାବିଛି ଯେ ସେମାନେ ତ ଦୁଇଜଣ ଚାକିରିଆ, ବୋଉର ଯତ୍ନ ନେଇ ପାରିବେ ନାହିଁ । ପ୍ରତି ଗାଁ କି ଛୋଟ ସହରରେ ରହିଥିବା ବାପା ପରି ସେ ଭାବିଲା ଆମ ଗାଁ କି ଛୋଟ ସହର ଭଲ, ଏଠି ଏ ଦକ୍ଷିଣୀ ଚାଲିଚଳଣି ଆମ ଦେହରେ ଯିବ ନାହିଁ । ପ୍ରତିଟି ଶିକ୍ଷିତ ପିଲାଙ୍କ ବାପା ପରି ସେ ଭାବିଲା, ଏ ବୟସରେ ପୁଅବୋହୂଙ୍କୁ ସ୍ୱାଧୀନ ଭାବରେ ଜୀବନ ଜିଇଁବାକୁ ଦେବା ଉଚିତ୍ ।

ଜଗାବୋଉକୁ ଧରି ଫେରିଲା ବେଳେ ପୁଅ ତା ବୋଉ ହାତରେ ଗୋଟେ ବଡ଼ ମୋବାଇଲ୍ ଫୋନ୍ ଧରେଇ କହିଲା- "ବୋଉଲୋ, ଏଇଟା ସ୍ମାର୍ଟ ଫୋନ୍ । ପ୍ରତିଦିନ ତୋ ସାଙ୍ଗରେ ଫ୍ରିରେ କଥା ହେବୁ ଆମେ !"

ଜଗାବୋଉ କାକୁସ୍ଥ ଦିଶିଲା- "ବାପାରେ, ମୁଁ କଣ ଏ ଫୋନୋ ଚଳେଇ ପାରିବି !"

ଜଗନ୍ନାଥ ବୋଉକୁ ଭିଡ଼ିଧରି ତା ଗାଲରେ ବୋକଟିଏ ଦେଲା- "ମୋ ସୁନା ବୋଉଟା ।"

ଏହି କଥା ପଦିଏରେ ଜଗାବୋଉ ଆଖିରୁ ଦୁଇଟୋପା ଲୁହ ଝରିପଡ଼ିଲା ।

ଜଗନ୍ନାଥ ବାପାଙ୍କ ଉଦ୍ଦେଶ୍ୟରେ କହିଲା- "ବାପା ! ଏଥିରେ ଗୋଟେ ଜିଓ ସିମ୍ ପକେଇ ଦେବ । କଥାକୁହା ବି ମାଗଣା ଆଉ ଆମେ ଭିଡ଼ିଓରେ ବି କଥା ହୋଇପାରିବା ।" ଦିବାକର କିଛି କହିନଥିଲେ ।

ଜିଓ ସମ୍ପର୍କରେ ଶିଳାନ୍ୟାସ ପଡ଼ି ସାରିଥିଲା । ଆଉ ପୁଅବୋହୂ କି ଝିଅଜ୍ୱାଇଁଙ୍କୁ ଘରକୁ ଆସିବାକୁ ପଡ଼େନା । ପ୍ରଥମେ ପ୍ରଥମେ ପ୍ରାୟ ପ୍ରତିଦିନ ଫୋନ୍, ଏପଟେ ଜଗାବୋଉ ମାତୃତ୍ୱରେ ଉବୁଟୁବୁ । ରୋଗରାଗ ଭୁଲି ସେ ସଞ୍ଜକୁ ଅପେକ୍ଷା କରୁଥିଲା । ତା'ର ଖୁସି ଦେଖି ଦିବାକର ବି ଖୁସି ହେଉଥିଲା । କିଛିଦିନ ଭିଡ଼ିଓ କଲିଙ୍ଗ୍ । ଖାଲି ଜଗାବୋଉ ନୁହେଁ ଦିବାକର ବି ଚାତକ ପ୍ରାୟ ଚାହିଁ ରହୁଥିଲା ଇପ୍‌ସିତ ସମୟକୁ । ପୁଅବୋହୂ କୋଉ

ହୋଟେଲ୍‌ରେ ଖାଇଲେ, ହୋଟେଲ୍‌ରୁ ଭିଡ଼ିଓ କଲ୍ । ଝିଅ ଜ୍ୱାଇଁ କୋଉ ମନ୍ଦିରରେ ପୂଜା କଲେ, ତାକୁ ଘରେ ବସି ଦେଖି ପାରିଲେ ବାପାମା ।

ଦୂରତା କମିଗଲା ପରି ଲାଗିଲା । ତିନିମାସକୁ ମାତ୍ର ପାଁଶ ଟଙ୍କା ! ଏତକ ଟଙ୍କା ଶହ ଶହ କିଲୋମିଟର ଦୂରତାକୁ ଏକଦମ୍ ଶେଷ କରିଦେଲ !

ଗାଁ ଗହଳିର ମିଞ୍ଜିମିଞ୍ଜି ଜଳୁଥିବା ଇଲେକ୍ଟ୍ରି ବତୀରେ ଯେଉଁଠି ଜୀବନ ଗୋଟାଏ ଅନ୍ଧାରୁଆ କଳେବର ଧାରଣ କରୁଥିଲା, ଯେଉଁଠି ଅଧପା' ଦୁଧ କନିଶୀରା ଶାଗ ଆଉ ଅଭାବ ଅନଟନ ଭିତରେ ସରୁନଥିବା ସମୟ ଦୁର୍ବିସହ ଜଣା ପଡୁଥିଲା, ସେଠି ନୂଆ ଉନ୍ମାଦନା ସୃଷ୍ଟି ହେଲା । ବୋଉମାନେ ଯେତେବେଳେ ଦୁରାରୋଗ୍ୟ ରୋଗରେ ପଡ଼ି ବି ପୁଅବୋହୂଙ୍କୁ ସୂଚନା ଦେଉନଥିଲେ, ସେମାନେ ଏବେ ଥଣ୍ଡା ଛିଙ୍କରେ ବି ଭିଡ଼ିଓରେ କୁନ୍ଥେଇବା ଆରମ୍ଭ କଲେ । ବାପାବୋଉ ସେହି ଭିଡ଼ିଓରେ ନାତିନାତୁଣୀ, ପୁଅଝିଅଙ୍କୁ ଜନ୍ମଦିନରେ ଆଶୀର୍ବାଦ କଲେ । ସତ୍ୟନାରାୟଣ ପୂଜା ଦେଖିଲେ !

ସାରା ଦୁନିଆ ଏକ୍‌ଦମ୍ ଛୋଟ ହୋଇ ଗୋଟିଏ ଦିଆସିଲି ଖୋଳ ପାଲଟିଗଲା !

ଦିବାକର କ୍ୟାରିୟର୍ ଆଡଭାନ୍ସମେଂଟ୍ ଆଉ ପିଛିଲା ଏରିୟର୍ ମିଶେଇ ଭଲ ରକମ ପାଇଲେ । ଜିପିଏଫ୍‌ରୁ ପର୍ମାନେଂଟ୍ ଉଠେଇଲେ କିଛି । ଧୀରେ ଧୀରେ ଚାକିରିକାଳ ସରିସରି ଆସୁଛି । ଜଗାବୋଉ ଦିନକୁ ଦିନ ରୋଗୀଣା ହୋଇପଡ଼ିଲାଣି । ଦିବାକର ସ୍ଥିର କଲେ ଗାଁରେ ଭାଙ୍ଗି ପଡ଼ିଥିବା ଘରଟିକୁ ବନେଇବେ । ସେ ପ୍ରସଙ୍ଗ କ୍ରମେ ଦିନେ ପୁଅକୁ ଏ କଥା କହିଲେ ଭିଡ଼ିଓ କଲିଙ୍ଗ୍‌ରେ । ପୁଅ ତାଙ୍କୁ ତ ସିଧାସଳଖ କିଛି କହିଲା ନାହିଁ, ହେଲେ ବୋଉ ଆଗରେ ସଂଶୟଟି ପ୍ରକାଶ କଲା । ଜଗବନ୍ଧୁ ଅବଶ୍ୟ ତା ବୋଉକୁ ବୋଉର ବୋହୂ କହିଛି ବୋଲି କହୁଥିଲା ।

– ବୋଉଲୋ ୟେ କହୁଛି ଗାଁରେ ରହିବ କିଏ ! ଗାଁରେ ହସ୍ପିଟାଲ ନାହିଁ, ଭଲ ସ୍କୁଲ୍‌କଲେଜ୍ ନାହିଁ, ବଡ଼ ମାର୍କେଟ ନାହିଁ । ଆମେ ପ୍ରଥମେ ଭୁବନେଶ୍ୱରକୁ ଯିବୁ ଫ୍ଲାଇଟ୍‌ରେ, ସେଠୁ ବସ୍ କି କାର୍ କରି ଗାଁକୁ ଯାଇ ତମକୁ ଦେଖା କରିବାକୁ କେତେ ସମୟ ଲାଗିବ ଜାଣିଛୁ ! ଆମ ହାତରେ ସମୟ କାହିଁ ! ବରଂ ଭଲ ବାପା ରିଟାୟାର୍ କଲା ପରେ ତମେମାନେ ଏଠାକୁ ପଳେଇ ଆସିବ !

ଦିବାକର ମନେମନେ ହସିଥିଲେ । କିଛିଦିନ ତଳର ଟ୍ରେନ୍ ଟିକେଟ୍ ତାଙ୍କର ମନେପଡ଼ିଯାଇଥିଲା ।

ପରିଶେଷରେ ବାଙ୍ଗାଲୋର, ବମ୍ବେ କି ଦିଲ୍ଲୀରେ ରହୁଥିବା ପୁଅବୋହୂମାନେ ଯାହା କରନ୍ତି ସେୟା କରିଥିଲା ଜଗନ୍ନାଥ । ଦିବାକର ଆକାଉଂଟ୍‌ରେ କ୍ରେଡିଟ୍ ହେଲା ଲକ୍ଷେ ଟଙ୍କା ।

ଛୁଟି ନେଇ, ଧାଁଦଉଡ଼ କରି ଦିବାକର ଦୁଇ କୋଠରୀ ବିଶିଷ୍ଟ ଘରଟିଏ ତୋଳିଦେଲା ଗାଁରେ । ଜଗନ୍ନାଥ ସହରରେ ଜାଗାଟିଏ କିଣି ଘର କରିବାକୁ ପରାମର୍ଶ ଦେଇଥିଲା । ଦିବାକର ଜାଣିଥିଲା ଏସବୁ ସେ କରିପାରିବ ନାହିଁ । ଏଠି ଔପଚାରିକତାର ଏ ସହରରେ ସେ ତିଷ୍ଠି ପାରିବ ନାହିଁ । ପୁଅର ବାହାଘର ପରେ ବୋହୂ ଥରେ ଆସିଛି ଏ ସରକାରୀ କ୍ୱାଟର୍ସକୁ । ଏଠି ଭଲ ପାଇଖାନା, ଗାଧୁଆ ଘର ନାହିଁ ! ସେ ଯେ କେବେ ଗାଁକୁ ଯିବନି ଏକଥା ଦିବାକର ପ୍ରଥମରୁ ଜାଣିଥିଲା । ହେଲେ, ଘର ପ୍ରତିଷ୍ଠା ଦିନ ସେ ଭାବିଥିଲା ଜଗନ୍ନାଥ ନିଶ୍ଚୟ ଆସିବ ! କିନ୍ତୁ ତାହା ହୋଇପାରିଲା ନାହିଁ । ସେପଟର ପୁଅବୋହୂ ଘରପ୍ରତିଷ୍ଠାର ପୂଜା, ଖିଆପିଆ ସବୁ ଭିଡ଼ିଓ କଲ୍‌ରେ ଦେଖିଲେ । ବୋହୂ ଆଶ୍ଚର୍ଯ୍ୟଚକିତ ହୋଇ ଗାଁ, ଗାଁଲୋକଙ୍କୁ ଦେଖୁଥିଲା । ପଚାରୁଥିଲା ବୋଉ ଏଇଟା କଣ ? ଜଗାବୋଉ କହୁଥିଲା– ଟୁବ ଗଡ଼ିଆ । ବୋହୂ ପୁଣି ପଚାରୁଥିଲା– ସେଇଟା କଣ ବୋଉ ! ଜଗାବୋଉ ହସିକି ଗଡ଼ି ଯାଉଥିଲା । ମନେମନେ ଭାବୁଥିଲା ହାୟରେ ମୋ ବୋଉଟା କେଡ଼େ ସରଳ ! ବୋହୂକୁ ଲାଗୁଥିଲା ସେ ଯେମିତ ଗୋଟାଏ ପ୍ରାଗ୍ ଐତିହାସିକ ଯୁଗର ସଭ୍ୟତାକୁ ଦେଖୁଛି ।

ଜଗାବୋଉ କହୁଥିଲା– "ପୂର୍ଣ୍ଣ ଆଳତୀ ମା ଜୁହାର ହଅ ।" ବୋହୂ ଦୁଇହାତ ଯୋଡ଼ି ଜୁହାର ହେଉଥିଲା । ଗାଁ ମାଇପିଙ୍କୁ ଜଗାବୋଉ କହୁଥିଲା– "ଦେଖିଲଟି ମୋ ବୋହୂକୁ, କେତେ ସଂସ୍କାରୀ ! ମୋ ପାଦରେ ମୁଣ୍ଡରଖି ମୁଣ୍ଡିଆ ମାରେ ! ପ୍ରତିଦିନ ଠାକୁରଘରେ ଅଧଘଂଟାଏ ବିତାଏ । ନାରୀର ନୀତି, ପତ୍ନୀର ଧର୍ମ ବିଷୟରେ ପଢ଼େ ।"

ଦିବାକର ଆଜି ବି ଗେଟ୍ ପାଖରେ ଅଟକିଗଲା । କାଗଜଫୁଲର ବାସ୍ନା ନଥାଏ ଅଥଚ ସେ ଖୁବ୍ ସୁନ୍ଦର ଦିଶେ । ଜଗାବୋଉ ଶେଷରେ ପକ୍ଷାଘାତରେ ପଡ଼ିଗଲା । ଝିଅଜ୍ୱାଇଁ ଆସିଥିଲେ ଦିଦିନ ପାଇଁ । ଝିଅ ଦିବାକର ହାତରେ କିଛି ଟଙ୍କା ଗୁଞ୍ଜିଦେଇ କହିଥିଲା– "ମୋତେ ତ ପରଘରୀ କରିଦେଇଛ । ସେଠି ମୋର ସଂସାର । ମୁଁ କଣ ରହିପାରିବି ବୋଉ ପାଖରେ ! ତମେ ତମ ସହରୀ ବୋହୂକୁ ଡକେଇ ଆଣ, ନହେଲେ



ବୋଉକୁ ନେଇ ସେଠି ଛାଡ଼ିଦେଇଆସ । ସେ ବୋହୂ ହୋଇ ଆସିଥିଲା କଣ ଶାଶୁଶ୍ୱଶୁରର କିଛି କରିବ ନାହିଁ ! ତମେମାନେ ତାକୁ ମୁହଁ ଦେଇଛ !"

ଝିଅ ଓ ଜ୍ୱାଇଁ ଫେରି ଯାଇଥିଲେ । ପ୍ରାୟ ପ୍ରତି ଚାରି କି ପାଂଚ ଦିନରେ ସେ ଜଗାବୋଉ ସହ ଭିଡ଼ିଓରେ କଥା ହୁଏ । ଜଗାବୋଉର ବାଁ ପାଖ ପକ୍ଷାଘାତ । ସେ ଚାଲି କି ବସି ପାରେନା । ମୁହଁଟା ବଙ୍କା ହୋଇଯାଇଛି । କଥା ସ୍ପଷ୍ଟ କହିପାରେନା । ତା ମୁହଁ ସାମ୍ନାରେ ଫୋନ୍ ଧରିଲେ ସେ ଗୁଁ ଗୁଁ ହୋଇ କଣ୍ କହେ !

କିଛି ମାସ ତଳେ ବୋହୂକୁ ଜଗାବୋଉକୁ କହିବାର ଶୁଣିଥିଲା– "ବୋଉ ୟାଙ୍କର ଜଣେ ସାଙ୍ଗଙ୍କ ବାପାମା ବାଙ୍ଗାଲୋର ଆସିଥିଲେ । ପୁଅବୋହୂ ତାଙ୍କୁ ଘରେ ପୂରେଇ ଦେଲେନି । ଟଙ୍କାଟେ ବି ସେମାନେ ସେମାନଙ୍କୁ ଦଉନାହାଁନ୍ତି !"

ମାମୁଘର ଗାଁରୁ ଜଣେ ସମ୍ପର୍କୀୟା ବିଧବା ଭାଣିଜୀକୁ ଆଣି ସେ ଘରେ ରଖିଛି ଜଗାବୋଉର ଦେଖାଶୁଣା କରିବା ପାଇଁ । ହେଲେ, ଅଫିସ୍‌ରେ ସେ ଶାନ୍ତିରେ ବସିପାରୁ ନାହିଁ । କାଳେ କିଛି ଅଘଟଣ ଘଟିଯିବ !

ଫ୍ରି ଭିଡ଼ିଓ କଲ୍ ପ୍ରାୟ ପ୍ରତିଦିନ ଚାଲିଛି । ବୋହୂର ଲୁହ, ଜଗନ୍ନାଥର କୋହକୁ ସେ ଦେଖିପାରୁଛି । ଏମିତି କି ବାଙ୍ଗାଲୋରରେ ପୁଅବୋହୂ ରହୁଥିବା ଘରେ ଗୋଟାଏ ରୁମ୍‌କୁ ବାପାବୋଉଙ୍କ ରୁମ୍ ନାମରେ ନାମିତ କରାଯାଇଛି ।

ବୋହୂ କହୁଥିବ– "ମୋ କୁନ୍ନି ବୋଉ । ମୋ ଜୀବନ । କିଛି ହେବନି ମୋ ବୋଉର । ସେ ଠିକ୍ ହୋଇଯିବେ ।" କହୁକହୁ ସେ ଟିସ୍ୟୁରେ ଲୁହ ପୋଛୁଥିବ । ପୁଅ ବ୍ୟସ୍ତତା ଦେଖାଉଥିବ– "ଛୁଟି ମିଳୁନି ବାପା । ତମେ ବୋଉକୁ ଜଣେ ଭଲ ନ୍ୟୁରୋଲୋଜିଷ୍ଟ୍‌କୁ ଦେଖାଅ । ଫିଜିଓଥେରାପି କରାଅ । ମୁଁ କିଛି ଟଙ୍କା ପଠାଉଛି ।"

ପ୍ରତିଦିନ ଗେଟ୍ ପାଖରେ କିଛି ସମୟ ଅଟକି ଭିତରକୁ ଯାଉଥିବ ଦିବାକର । ଗୁଡ଼ାଖୁ ଘଷି ଜଗାବୋଉ ପାଖରେ ବସୁଥିବ । ଏଣୁତେଣୁ କଣ ଗାରୁଡୁଗାରୁଡୁ ହେଉଥିବ ଜଗାବୋଉ । ଭିଡ଼ିଓ କଲ୍ ସମୟରେ ମୋବାଇଲ୍ ଫୋନ୍ ଉପରେ ହାତ ରଖି ପୁଅବୋହୂ, ଝିଅଜ୍ୱାଇଁଙ୍କୁ ଛୁଇଁବାକୁ ଚେଷ୍ଟା କରୁଥିବ !

ଜିଓ ସିନା ଛବିକୁ ନିକଟତର କରେଇ ଦେଲା, ହେଲେ ସ୍ପର୍ଶ ! କିଏ ଜାଣେ ଏହି ଅକ୍ଷମ ପିତାମାତାମାନଙ୍କ ପାଇଁ କେବେ କେଉଁ ବିଜ୍ଞାନ ସ୍ପର୍ଶକୁ ନିକଟତର କରିପାରିବ କି ନା !

ଦିବାକର ଘର ଭିତରେ ପାଦ ଦେଲା । ନାଇଁ, ଜଗାବୋଉ ଠିକ୍ ଅଛି । ସେ ଟେଳାଏ ଗୁଡ଼ାଖୁ ଧରି ବାହାରକୁ ବାହାରିଲା । କଲ୍‌ଭର୍ଟ ଉପରେ ଗୁଡ଼ାଖୁ ଘଷୁଘଷୁ ସେ ଗୋଟାଏ ଭୟଙ୍କର ସ୍ୱପ୍ନ ଦେଖିଲା– ଜଗାବୋଉ ଆଖି ବୁଜି ଦେଇଛି । ଶେଷକୃତ୍ୟ ପାଇଁ ଆସି ପାରୁନି ଜଗନ୍ନାଥ । ଏବଂ ସେଇଠୁ ଭିଡ଼ିଓ ମାଧ୍ୟମରେ ଚାଲିଛି ଶେଷକର୍ମ । ମୁଖାଗ୍ନି ଦେବା ବେଳେ ପୁଅ ସେପଟୁ ଗୋଟାଏ ଜଳୁଥିବା ମହମବତୀକୁ ସ୍କ୍ରିନ୍ ପାଖକୁ ଆଣିଛି ଆଉ ଏପଟେ ଠିକ ସେହି ସମୟରେ ଦିବାକର ଜଗାବୋଉ ମୁହଁରେ ଦେଉଛି ନିଆଁ !!



# ନାରୀ ମୂର୍ତ୍ତି




**ସୃଷ୍ଟିଶ୍ରୀ ନାଏକ**

ଫ୍ଲାଟ୍ ନଂ- ୩୦୫, ବି-୧
ଶ୍ରୀକ୍ଷେତ୍ର ରେସିଡ଼େନ୍ସୀ
ପାତ୍ରପଡ଼ା, ଭୁବନେଶ୍ୱର
ଫୋନ୍ : ୭୦୭୭୯୭୫୨୧୨


ଗତଥର ନାନୀମାନେ ରାଉରକେଲା ଆସିଥିବା ବେଳେ ମୁଁ ଖିମ୍‌ଜୀ ଦୋକାନରେ ସେଇ ହାରଟି ଦେଖିଥିଲି । ସରୁ ସୁନାରେ ଷୋହଳଟା ହୀରା ବସିଛି । ଦେଖିବା ମାତ୍ରେ ସେଇଠି ଆଖି ଲାଖି ଯାଇଥିଲା ମୋର । ହେଲେ ଦାମ୍ ଦେଖି ଚମକି ପଡ଼ିଥିଲି । ନାନୀ ଦୁହିଁଙ୍କୁ ଆଡ଼େଇ ଯାଇ ସେଇ ହାରଟିକୁ ବାରମ୍ବାର ଚାହିଁବା ଆଉ ସେଲ୍‌ସ୍‌ଗାର୍ଲକୁ ତାର ମୂଲ୍ୟ ପଚାରିବା ବୋଧେ ମନୋଜଙ୍କ ଦୃଷ୍ଟିରେ ପଡ଼ିଥିଲା । ଆଜି ମୋ ଜନ୍ମଦିନରେ ଏଇ ହାରଟିକୁ ସେ ବାର୍ଥଡେ ପ୍ରେଜେଂଟ୍ ଦେଲେ । ସକାଳୁ ଗାଧୋଇ ଠାକୁର ପୂଜା ସାରି ଯେତେବେଳେ ମନୋଜଙ୍କ ପାଦରେ ମୁଣ୍ଡ ଲଗାଇଲି ମତେ ତଳୁ ଉଠାଇ ନେଇ ଗୋଟିଏ ମିନିଟ୍ ଆଖି ବୁଜିବା ପାଇଁ କହିଲେ । ମୁଁ ଆଖି ଖୋଲିଲା ବେଳକୁ ଡବା ଖୋଲି ହୀରାହାରକୁ ମୋ ହାତରେ ରଖି ସାରିଥିଲେ । ଷୋହଳଟା ହୀରା ବସିଥିବା ସେଇ ହାର ଦେଖି ସେମିତି ଆଖି ବଡ଼ବଡ଼ ରହିଗଲା ମୋର । "ଏମିତି କଣ ଦେଖୁଛ" କହି ମନୋଜ ହଲାଇ ଦେଲେ ମତେ । "କିଛି ନୁହେଁ..." କହି ମୁଁ ଲାଜେଇଗଲି । କେବେ କିଛି ନଦେଖିଲା ପରି ମୁଁ ଏମିତି ସତରେ ଜଳକା ହୋଇଯାଏ କାହିଁକି ? ଅବଶ୍ୟ ପ୍ରଥମଥର ପାଇଁ ମତେ ହୀରାହାର ଦେଲେ ମନୋଜ ।

ଏଇ କିଛିବର୍ଷ ହେଲା ମନୋଜ ମୋ ଜନ୍ମଦିନରେ ପାର୍ଟି ବି ରଖୁଛନ୍ତି ବଡ଼ବଡ଼ ହୋଟେଲ୍‌ମାନଙ୍କରେ । ଆଜି ସନ୍ଧ୍ୟାବେଳେ ହୋଟେଲ୍ ରାଧିକାରେ ପାର୍ଟି ଅଛି । ଗତବର୍ଷ ପାର୍ଟି ଥିଲା ମେ ଫେଆର୍‌ରେ । ପୂର୍ବରୁ ଆମେ ଯେତେବେଳେ ଛେଣ୍ଡ୍‌ରେ ରହୁଥିଲୁ ଜଏଂଟ୍ ଫେମିଲିରେ, ମୁଁ ତ ମୋ ଜନ୍ମଦିନ କେବେ ଆସି ଚାଲି ଯାଉଥିଲା ଜାଣି ପାରୁନଥିଲି । ବାହାହେବା ପୂର୍ବରୁ ଜନ୍ମଦିନରେ ମାଁ ଠାକୁର ଘରେ ନଡ଼ିଆଟିଏ ଭାଙ୍ଗୁଥିଲେ ଆଉ ପୁରି, ଆଳୁଦମ୍ ପାଏସ୍ କରୁଥିଲେ । ମୁଁ ମୋର ଦୁଇ/ତିନିଜଣ ସାଙ୍ଗକୁ ଡାକୁଥିଲି ଖାଇବା ପାଇଁ । ହେଲେ ଶାଶୁଘରେ ତା' ବି ହେଉନଥିଲା । ମନୋଜ ଗୋଟେ ସାପ୍ତାହିକ ଖବରକାଗଜ 'ସତ୍ୟବାଦୀ'ରେ ରିପୋର୍ଟର୍ ଥିଲେ । ତାଙ୍କର ନିୟମିତ ଦରମା ନଥିଲା । ଘରର ସବୁ ଖର୍ଚ୍ଚ ଚଳୁଥିଲା ବଡ଼ ଦୁଇ ଜଣ ଦେଢ଼ଶୁରଙ୍କ ରୋଜଗାରରୁ । ସେତେବେଳେ ମୁଁ ମୋ ବଡ଼ଯାଆ ଦୁଇଜଣଙ୍କର ମୁଣ୍ଡ ବାନ୍ଧିବା ଠୁ ଗୋଡ଼ ଘଷିବା ଯାଏଁ ସବୁ କରିଛି ।

ଜନ୍ମଦିନ କଥା ଛାଡ଼, ସେତେବେଳେ ସାବିତ୍ରୀରେ ଶାଢ଼ି ଖଣ୍ଡେ ଆଣି ଦେଉଥିଲେ ଶ୍ୱଶୁର ତାଙ୍କ ପେନ୍‌ସନ ଟଙ୍କାରୁ । ସେଇ ସମୟରେ ପୁଣି ମୋର ବଡ଼ଝିଅ ପୂଜାର ଜନ୍ମ । ଝିଅର ଜନ୍ମରେ କେହି ଖୁସି ହୋଇ ନଥିଲେ । ମନୋଜଙ୍କର ଦରମା କେବେ ମିଳୁଥିଲା କେବେ ମିଳୁ ନଥିଲା, ସେଥିରେ ପୁଣି ଝିଅଟେ ଜନ୍ମ ହେଲା । ବଡ଼ ଦୁଇ ଯା'ଙ୍କର ଗୋଟିଏ ଗୋଟିଏ ପୁଅ, ନାତି ଦୁଇଜଣ ଯାନି ଯଉତୁକରେ ଘର ଭରିଦେବେ, ଶାଶୁ କହୁଥିଲେ । ସେତେବେଳେ ଝିଅ ପାଇଁ ରୋଷେଇ ଘରୁ କ୍ଷୀର ଟୋପାଏ ନେଲେ ବି ଥତମତ ଲାଗେ, କାଳେ ଯାଆମାନେ କିଛି କହିଦେବେ.... ।

ହେଲେ ମନୋଜ ଗୋଟେ ଏନ୍‌ଜିଓ କରିବା ଦିନ ଠୁ ଧୀରେ ଧୀରେ ଭାଗ୍ୟ ବଦଳିଲା ଆମର । ବଦଳିଲା କ'ଣ ଚମକିଲା କହିଲେ ଠିକ୍ ହେବ । ଘରେ ବଡ଼ଭାଇ ଦୁଇଜଣଙ୍କ ବିରୁଦ୍ଧରେ ଯାଇ ମନୋଜ୍ ଏଇ କାମ ଆରମ୍ଭ କରିଥିବାରୁ କେମିତି ଡର ଥିଲା ମନରେ । ରେଜିଷ୍ଟ୍ରେସନ୍ କରିବା, ଅଫିସ୍ ଭଡ଼ାରେ ନେବା, ଫଣ୍ଡ୍ ପାଇଁ ଅମଲା ଅଫିସର୍‌ଙ୍କ ଗୋଡ଼ହାତ ଧରିବା, ସେମାନଙ୍କୁ ନାନା ପ୍ରକାର ଉପହାର ପଠାଇବା, ବ୍ୟକ୍ତିଗତ ଉଦ୍ୟମରେ ଗଢ଼ା କୌଣସି ସଂସ୍ଥା ତ ପ୍ରଥମେ ପ୍ରଥମେ ଗୁଡ଼ାଏ ପଇସା ଟାଣେ । ସେ ସମୟରେ ମୁଁ ମୋ ବାହାଘର ବେଳେ ପାଇଥିବା ସବୁ ଗହଣା ବି ବନ୍ଧା ପକାଇବାକୁ ହେଲା ବ୍ୟାଙ୍କ୍‌ରେ । ପ୍ରାୟ ତିନିବର୍ଷ ଲାଗିଥିଲା ଛୋଟମୋଟ ଅନୁଦାନ ପାଇବା ପାଇଁ । ଅବଶ୍ୟ ତା ପରେ ପରେ ହିଁ ଗୁଡ଼ାଏ ପ୍ରୋଜେକ୍ଟ ଆସିଲା ବିଦେଶରୁ । ଧୀରେ ଧୀରେ କାମ ଏତେ ବଢ଼ିଗଲା ଯେ, ମନୋଜ ପାନପୋଷ ଛକରେ ଗୋଟେ ଦୁଇ ତାଲା ଘର ଭଡ଼ା ନେଲେ ଅଫିସ୍ କରିବା ପାଇଁ । ଆଦିବାସୀ ଜନଜାତିଙ୍କ ପାଇଁ କାମ କରୁଥିବାରୁ ମନୋଜଙ୍କୁ ଗୁଡ଼ାଏ ଦୁର୍ଗମ ଜାଗାକୁ ଟ୍ରାଭେଲ୍ କରିବାକୁ ପଡ଼େ, ଗୋଟେ ଗୋଟେ ଜାଗାରେ ଦିନଦିନ ଧରି ଟେଂଟ୍ ପକାଇ ରହିବାକୁ ବି ପଡ଼େ । ସେତେବେଳେ ମନୋଜ୍ ଏତେ ବ୍ୟସ୍ତ ଯେ ଦିନକୁ ଦିନ ଭାବିନାହାନ୍ତି, ରାତିକୁ ରାତି କହିନାହାନ୍ତି । ବେଳେବେଳେ ଫିଲ୍‌ଡ୍ କାମ ସାରି ରାତିରେ ଆସି କାଗଜପତ୍ର କାମ ଦେଖିବାକୁ ପଡ଼େ । ଅଫିସ୍‌ରେ କର୍ମଚାରୀଙ୍କ ସଂଖ୍ୟା ବଢ଼ିବାରୁ ଅଫିସ୍‌ର ଉପର ମହଲାରେ କେତେଜଣଙ୍କୁ ରହିବା ପାଇଁ ଛୋଟ ଛୋଟ ରୁମ୍ ଦିଆଗଲା । ମନୋଜ ବି ଅଫିସ୍‌ରେ ନିଜ କ୍ୟାବିନ୍‌କୁ ଆଟେଚ୍ କରି ରୁମ୍‌ଟେ ରଖିଲେ ନିଜ ପାଇଁ । ଦିନେ ଦିନେ କାମ ସାରୁ ସାରୁ ରାତି ଗୋଟେ/ଦୁଇଟା ହୋଇଯାଏ । ସେଦିନ ମାନଙ୍କରେ ସେ ଘରକୁ ନଫେରି ଅଫିସ୍‌ରେ ହିଁ ରହି ଯାଉଥିଲେ ।

ଇନ୍‌କମ୍ ବଢ଼ି ଯାଇଥିବାରୁ ଘରେ ମନୋଜଙ୍କର ଖାତିର୍ ବଢ଼ି ଯାଇଥିଲା । ଦୁଇ ପୁତୁରାଙ୍କର ସିମ୍‌ଲାର ବୋର୍ଡ଼ିଂ ସ୍କୁଲ୍‌ରେ ଆଡ୍‌ମିଶନ୍ ଆଉ ରହିବା ଖର୍ଚ୍ଚ ସବୁ ମନୋଜ ଦେଲେ । ଶ୍ୱଶୁରଙ୍କର ବାଇପାସ୍ ସର୍ଜରୀ ହେଲା । ତା'ର ସବୁ ଖର୍ଚ୍ଚ ବି ସେ ବହନ କଲେ । ହେଲେ ଅଫିସ୍ ଘରେ ଯାଙ୍କର ରହିବା, ମୂଳରୁ ବଡ଼ ଦେଢ଼ଶୁରଙ୍କୁ ପସନ୍ଦ ନଥିଲା । ବଡ଼ଯାଆ ମତେ ବାରମ୍ବାର କହୁଥିଲେ, "ପାନପୋଷ ଛକରୁ ଛେଣ୍ଡ ଏରିଆ କେତେ ବା ଦୂର..... । ତୁ ମନୋଜକୁ ସବୁଦିନ ରାତିରେ ଘରକୁ ଫେରିବାକୁ କହ ।"

ଥରେ ଦି ଥର ଏକଥା କହିବାରୁ ମନୋଜ ବିଗିଡ଼ିଲେ । ତା ପରଠୁ ମୁଁ ଚୁପ୍ ରହୁଥିଲି । ଏମିତିରେ ମୁଁ ବେଶୀ ପାଠ ପଢ଼ିନି । ସାଧାରଣ ଭାବେ +୨ ପାସ୍ କରିଛି । ହେଲେ ମନୋଜଙ୍କ ଠୁ ଶୁଣି ଯାହା ଜାଣିଛି, ଏନଜିଓକୁ ଠିକ୍ ଭାବେ ଚଳାଇବା ଆଉ ଆଗେଇ ନେବା

**କାହାଣୀ ପଛର କାହାଣୀ**

**ଏ କାହାଣୀ ପଛର କାହାଣୀରେ କୌଣସି ନୂତନତା ନାହିଁ । ଏହା ସମାଜର ଯେକୌଣସି ବର୍ଗର ଜଣେ ସାଧାରଣ ସ୍ତ୍ରୀ ଲୋକର କାହାଣୀ ହୋଇପାରେ । ବିଷୟବସ୍ତୁ ଅତି ସାଧାରଣ, ତେଣୁ ଲେଖିବାର ଶୈଳୀ ଉପରେ ଗୁରୁତ୍ୱ ଦେଇଛି । ଖୋଲା ଆକାଶ ତଳେ ଖରା, ବର୍ଷା, ଶୀତ, କାକର ସହି ସହି ଗୋଟିଏ ସ୍ଥାନରେ ଠିଆ ହୋଇ ରହିଥିବା ଅବା ନିଜ ସ୍ଥାନରୁ ତିଳେ ବି ଘୁଞ୍ଚୁନଥିବା ଗୋଟିଏ କଳା ମୁଗୁନି ପଥରରେ ତିଆରି ନାରୀମୂର୍ତ୍ତି ସହ ମୋ ଚାରିପାଖର କେତେ କେତେ ସ୍ତ୍ରୀଲୋକଙ୍କର ଜୀବନ ଅବିକଳ ଭାବେ ମିଶିଯାଏ । ଏହା ସେମାନଙ୍କ ମଧ୍ୟରୁ ଜଣଙ୍କର କାହାଣୀ । ସହିଷ୍ଣୁତା କି ପ୍ରତିବାଦ ନୁହେଁ । ନଦୀ ପରି ବହିଯାଉଥିବା ଜଣେ ସାଧାରଣ ସ୍ତ୍ରୀଲୋକର ସରଳ ଓ ତରଳ ଜୀବନର କାହାଣୀ 'ନାରୀମୂର୍ତ୍ତି' ।**

ସୃଷ୍ଟିଶ୍ରୀ ନାଏକ





ଏଇ କିଛିବର୍ଷ ହେଲା ମନୋଜ ମୋ ଜନ୍ମଦିନରେ ପାର୍ଟି ବି ରଖୁଛନ୍ତି ବଡ଼ବଡ଼ ହୋଟେଲ୍‌ମାନଙ୍କରେ । ଆଜି ସନ୍ଧ୍ୟାବେଳେ ହୋଟେଲ୍ ରାଧିକାରେ ପାର୍ଟି ଅଛି । ଗତବର୍ଷ ପାର୍ଟି ଥିଲା ମେ ଫେଆର୍‌ରେ । ପୂର୍ବରୁ ଆମେ ଯେତେବେଳେ ଛେଣ୍ଡରେ ରହୁଥିଲୁ ଜୟେଂଟ୍ ଫେମିଲିରେ, ମୁଁ ତ ମୋ ଜନ୍ମଦିନ କେବେ ଆସି ଚାଲି ଯାଉଥିଲା ଜାଣି ପାରୁନଥିଲି । ବାହାହେବା ପୂର୍ବରୁ ଜନ୍ମଦିନରେ ମାଁ ଠାକୁର ଘରେ ନଡ଼ିଆଟିଏ ଭାଙ୍ଗୁଥିଲେ ଆଉ ପୁରି ଆଳୁଦମ୍ ପାଏସ୍ କରୁଥିଲେ । ମୁଁ ମୋର ଦୁଇ/ତିନିଜଣ ସାଙ୍ଗକୁ ଡାକୁଥିଲି ଖାଇବା ପାଇଁ । ହେଲେ ଶାଶୁଘରେ ତା' ବି ହେଉନଥିଲା । ମନୋଜ ଗୋଟେ ସାପ୍ତାହିକ ଖବରକାଗଜ 'ସତ୍ୟବାଦୀ'ରେ ରିପୋର୍ଟର୍ ଥିଲେ ।

ବଡ଼ ଜଞ୍ଜାଳର କାମ । ଯେଉଁ କାମ ପାଇଁ ଫଣ୍ଡ ଆସିଥାଏ, ସେଇ କାମଟି ଠିକ୍ ଭାବେ ସମ୍ପାଦନ କରିବା, ସେଇ ନିର୍ଦ୍ଧାରିତ ପରିମାଣର ଫଣ୍ଡରୁ ଅଫିସ୍ ଷ୍ଟାଫ୍‌ଙ୍କ ଦରମା ଦେବା, ତା ଭିତରୁ ନିଜର ଏକ ନିର୍ଦ୍ଦିଷ୍ଟ ଆୟର ମଧ୍ୟ ସୁନିଶ୍ଚିତ ବନ୍ଦୋବସ୍ତ କରିବା, ଏତେ ସହଜ ନୁହେଁ । ଅଡିଟ୍ ସମୟରେ ରାତିରାତି ଚେଇଁ ରହି କାମ କରିବାକୁ ପଡ଼େ ବୋଲି ମନୋଜ ମତେ କେତେଥର କହିଥିଲେ । ସେତିକିବେଳେ ଜଗଦା ଏରିଆରେ ଦୁଇ ଏକର ଜମି କିଣା ହେଲା ମୋ ନାଁରେ । ସେଠି ତିନି ତାଲା ଘର ହେବ, ତଳେ ଅଫିସ୍ ଚାଲିବ । ମଝିରେ ଆମର ରହିବା ପାଇଁ ଘର, ଉପରେ ଷ୍ଟାଫ୍‌ମାନଙ୍କ ପାଇଁ ଛୋଟ ଛୋଟ ଦୁଇ ବଖୁରିଆ ଫ୍ଲାଟ୍ ତିଆରି ହେବ । ଏତେ ସବୁ କାମ ଭିତରେ ଯଦି ଅଫିସ୍‌ରେ ଡେରି ରାତିଯାଏଁ ବ୍ୟସ୍ତ ରହିବାକୁ ପଡ଼େ ମୁଁ ତାଙ୍କୁ ରାତିରେ ଯେମିତି ହେଲେ ଘରକୁ ଫେରିବ ବୋଲି କହିବା କ'ଣ ଠିକ୍ ହୋଇ ଥାଆନ୍ତା ? ସେଠି ମନୋଜଙ୍କର ଆଉ ଅନ୍ୟ ଷ୍ଟାଫ୍‌ମାନଙ୍କର ଖାଇବା କଥା ବୁଝିବା ପାଇଁ ଜଣେ ରୋଷେଇଆ ବି ଥିଲା, ତେଣୁ ବଡ଼ଯାଆଙ୍କ କଥାକୁ ମୁଁ ଗୁରୁତ୍ୱ ଦେଇନଥିଲି ।

ଏଇ ସମୟରେ ପୁଣିଥରେ ପିଲା ଆସି ପେଟରେ ରହିଲା ଆଉ ଗର୍ଜି ଉଠି ଏକଥା କହିବା ବେଳେ, ବଡ଼ଯାଆ ମତେ ଆସୁଥିବା ହଠାତ୍ ଦେଖି ପକାଇ ଦେଢ଼ଶୁରଙ୍କ ମୁହଁରେ ଆଙ୍ଗୁଠି ଦେଇ ଚୁପ୍ ରହିବା ପାଇଁ କହିଲେ । ମୁଁ ବି ଶୁଣି ନଶୁଣିଲା ପରି ଚୁପ୍‌ଚାପ୍ ମୋ ଶୋଇବା ଘରେ ପଶିଗଲି । ସୁହାସିନୀ ମାଡାମ୍ ମନୋଜଙ୍କ ଏନ୍‌ଜିଓର ଚିଫ୍ କୋ-ଅର୍ଡ଼ିନେଟର୍ । ଯେତେବେଳେ ମନୋଜ ପହିଲେ ପହିଲେ କାମ ଆରମ୍ଭ କରିଥିଲେ କେତେଜଣ ଲେଡିଜ୍ ଷ୍ଟାଫ୍‌ଙ୍କ ସହ ସୁହାସିନୀ ମାଡାମ୍ ବି ରହନ୍ତି । ବଡ଼ ଦେଢ଼ଶୁରଙ୍କ କେଉଁ ଜଣେ ସାଙ୍ଗ, କେଉଁ ଏକ ରେଷ୍ଟୁରେଂଟ୍‌ରେ ମନୋଜଙ୍କ ସହ ସୁହାସିନୀ ମାଡାମ୍‌ଙ୍କୁ ଦେଖି ବଡ଼ ଦେଢ଼ଶୁରଙ୍କ ଆଗେ ବନେଇ ଚୁନେଇ କେତେ କଥା କହିଥିଲେ । ବଡ଼ ଦେଢ଼ଶୁରଙ୍କର ମନୋଜଙ୍କ ଉପରେ ସେଇଦିନ ଠାରୁ ରାଗ । ହେଲେ ମୁଁ ଜାଣିଛି, ମନୋଜଙ୍କ ନାଁରେ ଲଗେଇ ଜୁଟେଇ କହିବା ଲୋକ ବହୁତ । ତାଙ୍କ ପରି ରାତାରାତି ବଡ଼ଲୋକ ହୋଇଯିବା ତ ସମସ୍ତଙ୍କ ଭାଗ୍ୟରେ ନଥାଏ । କିଛିଲୋକ ବହୁତ ଚେଷ୍ଟା କରି ବି ଉଧେଇ ପାରନ୍ତିନି, ସେମାନଙ୍କ ଭିତରୁ କେତେଜଣ ଅନ୍ୟର ଉପରକୁ ଉଠିବା ଦେଖି ବି ସହ୍ୟ କରିପାରନ୍ତିନି । ସେଇମାନେ ହିଁ ତିଳକୁ ତାଳ କରି ଏପରି କଥା ସବୁ କୁହନ୍ତି ।



ସତ କହିଲେ ସନ୍ଦେହ ଭଳି ନୀଚକଥା ମୋ ମନରେ ସହଜରେ ପଶି ପାରେନି । ଆଉ ମନୋଜ ଯଦି ମତେ ଭଲ ପାଉନଥାନ୍ତେ ମୋ ନାଁରେ ଜମି କିଣି ଥାଆନ୍ତେ କାହିଁକି ? ମୋ ବାପାଙ୍କର ଯୌତୁକ ଦେବାର ସାମର୍ଥ୍ୟ ନଥିଲା ବୋଲି ମୋ ପାଇଁ କୌଣସି ସରକାରୀ ଚାକିରିଆର ପ୍ରସ୍ତାବ ଆସି ନଥିଲା ।

ସବୁ କଥାରୁ ଧ୍ୟାନ ହଟିଯାଇ ସେଇ କଥା ଉପରେ କେନ୍ଦ୍ରିତ ହୋଇ ରହିଗଲା । କେତେ ଗୁଡ଼ିଏ ଅସୁବିଧା ଯୋଗୁଁ ଡାକ୍ତର ସଂପୂର୍ଣ୍ଣ ବେଡ୍‌ରେଷ୍ଟ୍ କହିଥିଲେ । ଏଥର ଘରେ ବି ସମସ୍ତେ ମୋର ସଂପୂର୍ଣ୍ଣ ଯତ୍ନ ନେଉଥିଲେ । ଯା ହେଉ ପୁଅଟିଏ ହେଲା ଆଉ ଶାଶୁ ଖୁସି ହୋଇ ଯାଇ କହିଲେ, "ଝିଅ ଥରେ ଘର ଖାଲି କରିଦେଲେ ବି ପୁଅ ଅଛି, ପୁଣିଥରେ ଘର ଭରିଦେବା ପାଇଁ ।" ପୁଅର ଏକୋଇଶା ବଡ଼ ଜାକଜମକରେ ହେଲା ହୋଟେଲ୍ ଦୀପ୍ତିରେ । ଷ୍ଟିଲ୍ ପ୍ଲାଂଟ୍‌ର ବଡ଼ ବଡ଼ ଅଫିସର୍, ସହରର ବଡ଼ବଡ଼ ବ୍ୟବସାୟୀ, ସରକାରୀ ଅଫିସର୍‌ମାନେ ସମସ୍ତେ ନିମନ୍ତ୍ରିତ ହୋଇ ଆସିଥିଲେ । ଏ ଭିତରେ ମନୋଜଙ୍କ ଚିହ୍ନା ପରିଚୟ ଯେ ଏତେ ବଡ଼ ବଡ଼ ଲୋକଙ୍କ ସାଙ୍ଗେ ହେଲାଣି ମୋର ଧାରଣା ନଥିଲା ।

ପୁଅର ଏକୋଇଶା ଉତ୍ସବ ପରଦିନ ହିଁ ମନୋଜ ଗୋଟେ ୱାର୍କସପ୍ ଆଟେଣ୍ଡ୍ କରିବା ପାଇଁ ଦିଲ୍ଲୀ ଗଲେ । ଘରେ ସପ୍ତାହେ ପାଇଁ ଯାଉଛି ବୋଲି କହିକି ଯାଇଥିଲେ, ଫେରିଲେ ଦୁଇ ସପ୍ତାହ ପରେ । ତାଙ୍କ ସାଙ୍ଗେ ଅଫିସ୍‌ର ସୁହାସିନୀ ମାଡାମ୍ ଆଉ ଦୁଇଜଣ ଷ୍ଟାଫ୍ ବି ଯାଇଥିଲେ । ସେମାନେ ଦିଲ୍ଲୀ ୱାର୍କସପ୍ ଆଟେଣ୍ଡ୍ କରିବା ପରେ ଜୟପୁର, ଆଗ୍ରା, ମଥୁରା ବୃନ୍ଦାବନ ସବୁଆଡ଼େ ବୁଲାବୁଲି କଲେ । ମନୋଜ ବି ସେମାନଙ୍କ ସାଙ୍ଗେ ରହିଗଲେ ଜାଗାସବୁ ବୁଲାଇ ଦେଖାଇ ଦେବା ପାଇଁ । ଏକଥା ବଡ଼ ଦେଢ଼ଶୁର ବାହାରୁ ଶୁଣି ଆସି ଘରେ ତାଙ୍କର ରାଗ ଦେଖେ କିଏ ? "ସେ ଛତରୀ ସ୍ତ୍ରୀ ଲୋକକୁ ତ ଧରି ବୁଲିଲା ସବୁଆଡ଼େ । ଆଜି ଚାରିପଇସା ରୋଜଗାର କଲା ବୋଲି ଏତେ ସାହସ, ଘରର ମାନ ଇଜ୍ଜତ କିଛି ବି ରଖିଲାନି ! ବାହାର ଲୋକ କିଏ କେତେ କଥା କହୁଛନ୍ତି, କାହା ସାଙ୍ଗେ ଭରସିକି ପଦେ କଥା ହୋଇପାରୁନି... ।" ତାଙ୍କ ଶୋଇବା ଘରେ ବଡ଼ଯାଆଙ୍କୁ

ସତ କହିଲେ ସନ୍ଦେହ ଭଳି ନୀଚକଥା ମୋ ମନରେ ସହଜରେ ପଶି ପାରେନି । ଆଉ ମନୋଜ ଯଦି ମତେ ଭଲ ପାଉନଥାନ୍ତେ ମୋ ନାଁରେ ଜମି କିଣି ଥାଆନ୍ତେ କାହିଁକି ? ମୋ ବାପାଙ୍କର ଯୌତୁକ ଦେବାର ସାମର୍ଥ୍ୟ ନଥିଲା ବୋଲି ମୋ ପାଇଁ କୌଣସି ସରକାରୀ ଚାକିରିଆର ପ୍ରସ୍ତାବ ଆସି ନଥିଲା । ଶ୍ୱଶୁର ପେନ୍‌ସନ୍ ଟଙ୍କା ପାଉଥିବାରୁ, ନାନୀ ଦୁଇଜଣଙ୍କର ବାହାଘର ସରି ଯାଇଥିବାରୁ, ବଡ଼ଭାଇ ଦୁଇଜଣ ସରକରୀ ଚାକିରି କରୁଥିବାରୁ ଆଉ ସେମାନେ, ସାନଭାଇର ଭଲମନ୍ଦ କଥା ବୁଝିବୁ ବୋଲି ପ୍ରତିଶ୍ରୁତି ଦେବାରୁ ଅନ୍ତତଃ ମୋର ଖାଇବା ପିଇବାରେ ଅଭାବ ହେବନି ଭାବି ମନୋଜଙ୍କ ସହ ମତେ ବାହା ଦେଇଥିଲେ, ବାପା । କିନ୍ତୁ ଏବେ ମୁଁ ଯେବେବି ବାପାଙ୍କ ଘରକୁ ଯାଏ, ମା'ଙ୍କ ହାତରେ ପନ୍ଦର କୋଡ଼ିଏ ହଜାର ଟଙ୍କା ଦେଇ ଆସେ । ମୋ ସାନଭାଇର ଇଞ୍ଜିନିୟରିଂରେ ଆଡ୍‌ମିଶନ୍‌ର ଖର୍ଚ୍ଚ ବି ମନୋଜ ଦେଇଛନ୍ତି । ଯୁଆଡ଼େ ବାହାରକୁ ଗଲେ ବି ମୋ ପାଇଁ କିଛି ନା କିଛି ଦାମୀ ଉପହାର ଆଣନ୍ତି । ଏଥର ବି ଦୁଇଟି ଜୟପୁରୀ ସିଲ୍‌କ୍ ଶାଢ଼ି ଆଣିଦେଇ କହିଲେ, "ସୁହାସିନୀ ମାଡାମ୍ ବାଛି ଦେଇଛନ୍ତି ।"

କିଛିଦିନ ପରେ ମତେ ଏନ୍‌ଜିଓ ମ୍ୟାନେଜ୍‌ମେଂଟ୍ କମିଟିର ମେମ୍ବର ବି କରିଦେଲେ ମନୋଜ୍ । ମୁଁ ଆବାକାବା ରହିଗଲି । ଏକେ ତ ମୋର ପାଠପଢ଼ା କମ୍, ପୁଣି ଚଉକିରେ ବସିବାର ଅଭିଜ୍ଞତା ବି ନାହିଁ । ମନୋଜ୍ କିନ୍ତୁ ମାନିଲେନି । କହିଲେ, "କାମ ବଢ଼ି ବଢ଼ି ଯାଉଛି । ଏଣିକି ତୁମକୁ ବି କିଛି ଦାୟିତ୍ୱ ନେବାକୁ ପଡ଼ିବ । ଏବେ ମିଟିଂମାନଙ୍କରେ ମତେ ଅଫିସ୍ ଯିବାକୁ ପଡ଼େ ସଜବାଜ ହୋଇ । ଖାଲି ଚଉକିରେ ବସି ରହିବା ପାଇଁ ମତେ ମାଡ଼ିମାଡ଼ି ପଡ଼େ । ଅବଶ୍ୟ ସେଠି ମତେ ମାଡାମ୍ ମାଡାମ୍ କହି ସମସ୍ତେ ସମ୍ମାନ ଦିଅନ୍ତି । ମୁଁ

ଗଲେ ସୁହାସିନୀ ମାଡାମ୍ ବି ଚଉକି ଛାଡ଼ି ଛିଡ଼ା ହୋଇ ପଡ଼ନ୍ତି । କେତେଥର ମତେ ତାଙ୍କ କ୍ୟାବିନ୍‌ରେ ବସି ଚା' ପିଆଇଛନ୍ତି । ଥରଟେ ମୁଁ ଉପରକୁ ତାଙ୍କ ରୁମ୍‌କୁ ବି ଯାଇଛି । ସେଠି ତାଙ୍କ ରୁମ୍‌ରେ ସେ ତାଙ୍କର ଆଉ ତାଙ୍କ ସ୍ୱାମୀଙ୍କର ବାହାଘର ବେଳର ଗୋଟେ ବଡ଼ ଫଟୋ ଲଗାଇଥିଲେ ତାଙ୍କ ବିଛଣା ସାମ୍ନାରେ । ତାଙ୍କ ସ୍ୱାମୀ ଅହମଦାବାଦ୍‌ରେ ଚାକିରି କରୁଥିଲେ ଆଉ ତିନିମାସରେ ଥରେ ରାଉରକେଲା ଆସୁଥିଲେ । ସେ ବିବାହିତା ଆଉ ତାଙ୍କ ସ୍ୱାମୀଙ୍କର ତାଙ୍କ ସହ ଅପଡ଼ ନାହିଁ ଜାଣି ମତେ ଟିକେ ଆଶ୍ୱସ୍ତ ଲାଗିଲା । ଏମିତିରେ ମୁଁ ପାଠ କମ୍ ପଢ଼ିଛି ଆଉ ଦେଖିବା ପାଇଁ ଚଳନୀୟ । ଅବଶ୍ୟ ସୁହାସିନୀ ମାଡାମ୍ ବି ସ୍ୱର୍ଗର ଉର୍ବଶୀ ନୁହଁନ୍ତି । ହେଲେ ସେ ବେଶୀ ପାଠ ପଢ଼ିଛନ୍ତି ଆଉ କଥା କହିବା ବେଳେ ତାଙ୍କ ପାଟିରେ ବାଟୁଳି ବାଜେନି । ସେ ଭାଷଣ ଦେବା ବେଳେ ମନୋଜ୍ ତାଙ୍କ ମୁହଁକୁ ଏକ ଲୟରେ ଚାହିଁ ରୁହନ୍ତି ଯେ ମତେ ଲାଜ ମାଡ଼େ । ମିଟିଂମାନଙ୍କରେ ଏତେ ଲୋକ ଥାଆନ୍ତି ସେମାନେ କଣ ଭାବୁଥିବେ ଭାବି ମୋର ମୁଣ୍ଡ ନଇଁଯାଏ.... ।

ଦିନେ ଉପରଓଳି ମନୋଜ ଶୀଘ୍ର ଘରକୁ ଫେରିଆସି କହିଲେ, "ଚାଲ ପ୍ରିୟା ସିନେମାହଲ୍‌ରେ ଗୋଟେ ଭଲ ସିନେମା ପଡ଼ିଛି । ଇଭ୍‌ନିଂ ସୋ ଦେଖି ଆସିବା ।" ମତେ ଟିକେ ଆଶ୍ଚର୍ଯ୍ୟ ଲାଗିଲା । କାରଣ ସିନେମା ହଲ୍ ଆଗରେ ଯେଉଁ ଭିଡ଼ ସେଠି ପିଲାମାନେ କୌଣସି ସିନ୍‌ରେ ସୁସୁରି ମାରିବା, ଏସବୁ ପାଇଁ ମତେ ହଲ୍‌କୁ ନେଇଯିବା ପାଇଁ ଆଦୌ ପସନ୍ଦ କରନ୍ତିନି ମନୋଜ୍ । ବାହାଘର ପରେ ମୁଁ କେବେ ବି ହଲ୍‌କୁ ସିନେମା ଦେଖିବା ପାଇଁ ଯାଇନଥିଲି । ଯାହାବି ହେଉ ପୁଅଝିଅଙ୍କୁ ବଡ଼ଯାଆଙ୍କ ଜିମାରେ ଛାଡ଼ି ମୁଁ ରେଡି ହୋଇ ମନୋଜଙ୍କ ସାଙ୍ଗେ ସିନେମା ଦେଖିବାକୁ ବାହାରିଲି । ଥରେ ମନୋଜ ବମ୍ବେ ଯାଇଥିବା ବେଳେ ମୋ ପାଇଁ ଗାଢ଼ ସବୁଜ ରଙ୍ଗର ଶାଢ଼ିଟେ ଆଣିଥିଲେ, ସେଇଟା ପିନ୍ଧିଥିଲି । ବାହା ହେବାର ଏତେ ବର୍ଷ ପରେ ଆମେ ଦୁହେଁ ଏମିତି ଏକୁଟିଆ ବୁଲି ବାହାରି ଥିବାରୁ ମୋର ପାଦ ତଳେ ଲାଗୁ ନଥାଏ । ଭାବୁଥିଲି ମନୋଜ କେତେବେଳେ କହିବେ, "ଏଇ ଶାଢ଼ିଟି ଖୁବ୍ ସୁନ୍ଦର ମାନୁଛି ତୁମକୁ ।" ହେଲେ ମନୋଜ ତାଙ୍କ ସ୍ମାର୍ଟ୍ ଫୋନ୍‌ର ହ୍ୱାଟ୍‌ସ୍-ଆପ୍‌ରେ ବ୍ୟସ୍ତ ଥିଲେ ।

ସିନେମା ହଲ୍‌ରେ ପହଂଚି ସେଠି ଦେଖିଲି ଆମକୁ ଅପେକ୍ଷା କରିଥିଲେ ସୁହାସିନୀ ମାଡାମ୍ ଓ ତାଙ୍କ ସ୍ୱାମୀ । ମୋ ମନ ଟିକେ ଖରାପ ହୋଇଗଲା । କାରଣ ମୁଁ ଭାବୁଥିଲି, ଆମେ ଦୁହେଁ ହିଁ କେବଳ ସିନେମା ଦେଖିବା ପାଇଁ ଆସିଛୁ । ସିନେମା ପରେ ପୁଣି ଡିନର୍ । ଡିନର୍ ସମୟରେ ସୁହାସିନୀ ମାଡାମ୍‌ଙ୍କ ସ୍ୱାମୀ ମନୋଜଙ୍କୁ କହିଲେ, "ସୁହାସ୍ ଭାରି ପ୍ରଶଂସା କରେ ଆପଣଙ୍କର । ଆପଣ କୁଆଡ଼େ ମାଟି ଛୁଇଁ ଦେଲେ ତାହା ସୁନା ହୋଇଯାଏ । କେଉଁଠୁ ଆରମ୍ଭ କରି କେଉଁଠି ପହଂଚାଇ ଦେଲେଣି ସଂସ୍ଥାକୁ.... ।"

– "ମାଡାମ୍‌ଙ୍କର ବି ଏଥିରେ କିଛି କମ୍ ଅବଦାନ ନାହିଁ । ମୋ ଠୁ ବେଶୀ ଖଟିଛନ୍ତି ସେ । ଆମ ଏନ୍‌ଜିଓ ପାଇଁ ମୋ ଠୁ ଅଧିକ ଯତ୍ନବାନ ସେ ।" ସୁହାସିନୀ ମାଡାମ୍‌ଙ୍କୁ ଚାହିଁ ମନୋଜ ଏକଥା କହିବା ବେଳେ ସୁହାସିନୀ ମାଡାମ୍ ମୁରୁକି ମୁରୁକି ହସୁଥାଆନ୍ତି ଆଉ ଲାଜ ଲାଜ ହୋଇ ଚାହୁଁଥାଆନ୍ତି ମନୋଜ ଆଡ଼କୁ ।

ମତେ ଭାରି ଅସହଜ ଲାଗୁଥିଲା । ସୁହାସିନୀ ମାଡାମ୍‌ଙ୍କ ସ୍ୱାମୀ ଆଉ ମୋ ସାମ୍ନାରେ ମୋ ସ୍ୱାମୀ ଆଉ ତାଙ୍କ ସ୍ତ୍ରୀଙ୍କର ଏମିତି ଚୋରା ଚାହାଣୀରେ ଭାବ-ବିନିମୟ । ମୁଁ କିନ୍ତୁ ମନୋଜଙ୍କୁ ବେଶୀ ଦୋଷ ଦେଇ ପାରେନି । ମନେମନେ ଭାବେ, ଯାଙ୍କ ଦୃଷ୍ଟିରେ ମୁଁ କେଉଁଠି କମ୍ ପଡ଼ି ଯାଇଛି ବୋଧେ । କିନ୍ତୁ ସୁହାସିନୀ ମାଡାମ୍‌ଙ୍କ ସ୍ୱାମୀ ବି କଣ ମୋ ପରି ଭାବୁଥିବେ ? ମୋର ମନେହେଲା ସେ ତାଙ୍କ ସ୍ତ୍ରୀଙ୍କର ତାଙ୍କ ବସ୍‌ଙ୍କ ସହ ଅତ୍ୟଧିକ ମିଳାମିଶା ବିଷୟରେ ଜାଣୁଛନ୍ତି ଆଉ ତାକୁ ଅନୁମୋଦନ ବି କରୁଛନ୍ତି ।

ଘରକୁ ଫେରିବା ପରେ ମୋ ବଡ଼ଯାଆ ପଚାରିଲେ, "ସିନେମା ଦେଖା ପରେ ଡିନର୍ ବି ହେଲା । ଖାଲି ତୁମେ ଦୁଇଜଣ ଥିଲ ନା ଆଉ ବି କିଏ ଥିଲେ ?" ମୁଁ ତାଙ୍କୁ ଲୁଚାଇ ଦେଲି ଓ ଧୀର ସ୍ୱରରେ କହିଲି, "ଆଉ କିଏ ଥିବ ! ଖାଲି ମୁଁ ଆଉ ଇଏ, କ୍ୟାଣ୍ଡାଲ୍ ଲାଇଟ୍ ଡିନର୍ ।" ବଡ଼ମାଆ ଆଉ କିଛି ନପଚାରି ପୁଅକୁ ମୋ କୋଳକୁ ବଢ଼ାଇ ଦେଲେ । ମତେ କାହିଁକି ଲାଗିଲା, ମୋର ମିଛ କହିବା ସେ ଧରି ନେଇଥିଲେ ।

କିଛିଦିନ ପରେ ଜଗ୍‌ଦାରେ ବିଲ୍‌ଡିଂ ତିଆରି କାମ ଶେଷ ହୋଇଗଲା । ମନୋଜ ସେଠିକି ଅଫିସ୍ ଉଠାଇ ନେଲେ । ଷ୍ଟାଫ୍‌ମାନଙ୍କ ପାଇଁ ତିଆରି ହୋଇଥିବା କ୍ୱାର୍ଟରମାନଙ୍କରୁ ଗୋଟିଏରେ ଆସି ସୁହାସିନୀ ମାଡାମ୍ ରହୁଥିଲେ । ଏଇଠି ବି ଆମ ପାଇଁ ତିଆରି ହୋଇଥିବା ଘରେ ଦିନେ ଦିନେ ରାତିରେ ରହି ଯାଉଥିଲେ ମନୋଜ୍ । ସୁତରାଂ ମୋ ଦେଢ଼ଶୁର ମନୋଜଙ୍କୁ କହିଲେ ଆମମାନଙ୍କୁ ସେଇଠି ନେଇଯିବାକୁ । ବଡ଼ଯାଆ ମତେ ଶୁଣାଇ ଶୁଣାଇ କହୁଥିଲେ : ସ୍ୱାମୀଙ୍କୁ ଏମିତି ଡିଲା ଛାଡ଼ିବା ମୋଟେ ଠିକ୍ ନୁହେଁ । ହେଲେ ମୋର ବା ଉପାୟ କଣ ? ଶେଷରେ ବଡ଼ ଦେଢ଼ଶୁର ବହୁତ କହିବା ପରେ ପାଖାପାଖି ଦୁଇବର୍ଷ ପରେ ଆମକୁ ଜଗ୍‌ଦା ଅଫିସ୍ ଘରକୁ ନେଇ ଆସିଲେ ମନୋଜ୍ ।

ମତେ ସୁହାସିନୀ ମାଡାମ୍‌ଙ୍କ ପାଖାପାଖି ରହିବା କଥା ଭାବି କେମିତି ଡରଡର ଲାଗୁଥାଏ । କିନ୍ତୁ ବଡ଼ଯାଆ ମତେ ଖାଲି ଶୁଣାଇବାକୁ ଲାଗିଥିଲେ: ସ୍ୱାମୀଙ୍କୁ ବାଟକୁ ଆଣିବାକୁ ପଡ଼ିବ । ମୁଁ ସେଠି ରହିଲେ କିଛି ବଦଳାଇ ଦେଇ ପାରିବି । ମୋର ବିଶ୍ୱାସ ଆସୁନଥାଏ ନିଜ ଉପରେ । ତାହା ହିଁ ହେଲା । ସୁହାସିନୀ ଆମ ସଂସ୍ଥା ସହ ନିଜକୁ ଏପରି ମିଶାଇ ଦେଇଥିଲେ ଯେ ତାଙ୍କ ସହ ମତେ ନିଜକୁ ଚଳାଇବାକୁ ହେଲା । ଆଶ୍ଚର୍ଯ୍ୟ, ସୁହାସିନୀ ମାଡାମ୍ ସହ ସହଜ ଓ ସ୍ୱାଭାବିକ ହୋଇଗଲା ମୋର ସମ୍ପର୍କ । ସବୁଦିନ କରିଡର୍‌ରେ ଚେଆର୍ ପକାଇ ସୁହାସିନୀ ମାଡାମ୍ ଓ ମନୋଜଙ୍କର ଗପସପ ଚାଲିଥାଏ ଅନେକ ରାତିଯାଏଁ । ମୁଁ ପିଲା ଦୁହିଁଙ୍କୁ ନେଇ ଶୋଇବା ଘରେ ଶୋଇଯାଏ । ମତେ ବଡ଼ି ଭୋର୍‌ରୁ ଉଠି ଦୁଇଜଣଙ୍କୁ ସ୍କୁଲ୍ ପାଇଁ ରେଡି କରିବାକୁ ପଡ଼େ । ସୁହାସିନୀ ମାଡାମ୍ ଏନ୍‌ଜିଓ ପାଇଁ ସକାଳ ଆଠଟାରୁ ରାତି ଆଠଟା ଯାଏଁ କାମ କରନ୍ତି, ରୋଷେଇ କରିବା ପାଇଁ ସମୟ ପାଆନ୍ତିନି । ତେଣୁ ବ୍ରେକ୍‌ଫାଷ୍ଟ, ଲଂଚ୍, ଡିନର୍ ଆମ ସାଙ୍ଗେ କରନ୍ତି । ଧୀରେ ଧୀରେ ମୁଁ ଆଉ ସୁହାସିନୀ ମାଡାମ୍ ସାଙ୍ଗ ହୋଇ ମନ୍ଦିର, ମାର୍କେଟ୍, ବିଉଟିପାର୍ଲର ଯିବାକୁ ଲାଗିଲୁ । ମଝି ମଝିରେ ସେ ମୋ ପାଇଁ କିଛି ଉପହାର ନେଇ ଆସନ୍ତି । ମୁଁ ବି ତାଙ୍କ ପାଇଁ କିଛି ଉପହାର ଆଣେ । ମନୋଜଙ୍କ ସହ ସୁହାସିନୀ ମାଡାମ୍ କାର୍‌ରେ ବସି ଟୁର୍‌ରେ ଯାଆନ୍ତି । ମୁଁ ସେତେବେଳେ ନିଃସଂକୋଚରେ ହସି ହସି ତାଙ୍କୁ ହାତ ହଲାଇ ବିଦାୟ ଜଣାଏ, ପୁଣି ଫେରିବା ଯାଏଁ ଅପେକ୍ଷା ବି କରେ । ବଡ଼ଯାଆ ଯେତେବେଳେ ବି ଫୋନ୍ କରୁଥିଲେ ସୁହାସିନୀ ମାଡାମ୍‌ଙ୍କ କଥା ପଚାରୁଥିଲେ ଆଉ ମୋ ଉପରେ ବିରକ୍ତ ହୋଇ କହୁଥିଲେ, "ସେ ବଜାତ୍ ମାଇକିନାକୁ ଏଯାଏଁ ଗଳା ଧକ୍କା ଦେଇ ବାହାର କରିନୁ ଓଲଟି ରାନ୍ଧିବାଢ଼ି ଖାଇବା



କେକ୍ କାଟିବା ବେଳେ ସମସ୍ତେ ମତେ ଘେରିଯାଇ 'ହାପି ବାର୍ଥ ଡେ ଟୁ ୟୁ' ଗୀତ ଗାଇ ଉଠିଲେ । ମୋର ମନେ ପଡ଼ିଗଲା ଗତବର୍ଷ କେକ୍ କାଟିବା ବେଳେ ମନୋଜ ମୋ ଡାହାଣ ପାଖରେ ଠିଆ ହୋଇଥିଲେ ଓ ବାଁ ପାଖରେ ଠିଆ ହୋଇଥିଲେ ସୁହାସିନୀ ମାଡାମ୍ । ଆଜି ବି ମୋ ଡାହାଣ ପାଖରେ ମନୋଜ ଠିଆ ହୋଇଛନ୍ତି, ହେଲେ ବାଁ ପାଖରେ ସୁହାସିନୀ ମାଡାମଙ୍କ ସ୍ଥାନରେ ଅଛନ୍ତି ଜାଗୃତି ମାଡାମ୍ । ମୁଁ କିନ୍ତୁ ମୋ ସ୍ଥାନରେ ଅପରିବର୍ତ୍ତନୀୟ, ଅଚଳ, ଠିକ୍ ବିଲ୍‌ଡିଂ ସାମ୍ନାରେ ଠିଆ ହୋଇଥିବା, କଳାମୁଗୁନି ପଥରର ନାରୀମୂର୍ତ୍ତି ଭଳି ।



ପାଇଁ ଦେଉଛୁ !" ମୁଁ କିଛି ଉତ୍ତର ଦେଇନଥିଲି । ହେଲେ ସେତେବେଳେ କଣ ମୁଁ ଜାଣିଥିଲି ଯେ ମନୋଜଙ୍କର ସୁହାସିନୀ ମାଡାମ୍‌ଙ୍କ ସହ ଦିନେ ଏତେବଡ଼ ଗୋଳମାଳ ହେବ ଯେ ସେ ଚାକିରି ଛାଡ଼ିବା ଯାଏଁ କଥା ଯିବ । ସିଭିଲ୍ ଟାଉନ୍‌ସିପ୍‌ର ଭଡ଼ାଘରକୁ ଯିବାଦିନ ମୋ ହାତରେ ଘରର ଚାବି ଦେଇ ମତେ କୁଣ୍ଢେଇ ଧରି ବହୁତ କାନ୍ଦିଲେ ସୁହାସିନୀ ମାଡାମ୍ । ମୋ ଦୁଇ ଆଖିରେ ବି ଲୁହ ଜକେଇ ଆସିଲା ସେତେବେଳେ । "ମୁଁ ଆପଣଙ୍କୁ ବହୁତ ମିସ୍ କରିବି ।" ସୁହାସିନୀ ମାଡାମ୍ କାନ୍ଦି କାନ୍ଦି କହିଲେ । "ମଝିରେ ମଝିରେ ମୋ ପାଖକୁ ଆସୁଥିବେ, ଫୋନ୍ କରୁଥିବେ..." ମୁଁ ତାଙ୍କୁ ବଳେଇ ଦେଇ ଆସିବା ବେଳେ କହିଲି ।

ମ୍ୟାନେଜ୍‌ମେଂଟ୍ କମିଟି ସୁହାସିନୀ ମାଡାମ୍‌ଙ୍କର ଇସ୍ତଫା ଗ୍ରହଣ ନକଲେ ବି ସୁହାସିନୀ ମାଡାମ୍ ଆଉ ଅଫିସ୍ ଆସିନଥିଲେ । ମାତ୍ର ସେ ରାଉରକେଲା ଛାଡ଼ି ନାହାନ୍ତି । ତାଙ୍କ ସ୍ୱାମୀ କୁଆଡ଼େ ଅହମଦାବାଦ୍‌ରୁ ରାଉରକେଲା ଫେରି ଆସିଛନ୍ତି, ଆଉ ସେମାନେ ନିଜର ଗୋଟିଏ ଏନ୍‌ଜିଓ ଆରମ୍ଭ କରିଛନ୍ତି ।

ବର୍ତ୍ତମାନ ଆମ ଏନ୍‌ଜିଓର ନୂଆ ଚିଫ୍ କୋ-ଅର୍ଡ଼ିନେଟର୍ ହେଉଛନ୍ତି ଜାଗୃତି ମାଡାମ୍ । ସେ ହ୍ୟୁମାନ୍ ରିସୋର୍ସରେ ଏମ୍‌ବିଏ କରିଛନ୍ତି । ଆଉ କଣ କଣ ମ୍ୟାନେଜ୍‌ମେଂଟ୍ କୋର୍ସ ସବୁ କରିଛନ୍ତି । ପୂର୍ବରୁ ଦୁଇଟି ନାମୀ ଏନ୍‌ଜିଓରେ ଦୁଇ ଦୁଇ ବର୍ଷ କାମ କରିବାର ଅଭିଜ୍ଞତା ବି ତାଙ୍କର ରହିଛି । ସେ ସୁନ୍ଦର ଇଂରାଜୀ କହିପାରନ୍ତି, ଆଉ ଦେଖିବା ପାଇଁ ସ୍ୱର୍ଗର ରମ୍ଭା, ମେନକା ଆଉ ଉର୍ବଶୀଙ୍କ ଠାରୁ ବଳି । ଜାଗୃତି ମାଡାମ୍ ବର୍ଷେ ପୂର୍ବରୁ ଏଇ ଅଫିସ୍‌ରେ ଜଏନ୍ କରିଥିଲେ, ଉପରେ ଲେଡିଜ୍ ଷ୍ଟାଫ୍‌ମାନଙ୍କ ସହ ରହୁଥିଲେ । ସୁହାସିନୀ ମାଡାମ୍ ଯିବା ପରେ ମଝିତାଲାରେ ତାଙ୍କ ଦୁଇ ବେଡ୍‌ରୁମ୍ ବାଲା ଫ୍ଲାଟ୍ ଖାଲି ପଡ଼ିଥିଲା । ସେଇଠିକୁ ସେ ରହିବା ପାଇଁ ଆସିଲେ ।

ଆଜି 'ରାଧିକା'ରେ ମୋ ବାର୍ଥଡେ ପାର୍ଟିକୁ ସମସ୍ତେ ଆସିଥିଲେ, ସୁହାସିନୀ ମାଡାମ୍‌ଙ୍କ ବ୍ୟତୀତ । ସେ ମତେ ଫୋନ୍ କରି ଉଇସ୍ ଜଣାଇଥିଲେ, ଆଉ ଗୋଟେ ଫୁଲତୋଡ଼ା ବି ପଠାଇଥିଲେ ମୋ ପାଇଁ । ଘରୁ ମୋର ଦୁଇଯାଆ, ଶାଶୁ, ଶ୍ୱଶୁର, ବଡ଼ ଦେଢ଼ଶୁର ଦୁଇଜଣ ଛୁଟି ସମସ୍ତଙ୍କୁ ମନୋଜ ଅଣାଇଲେ ଗାଡ଼ି ପଠେଇ । କେତେଦିନ ପରେ ଶାଶୁ ଶ୍ୱଶୁରଙ୍କୁ ଦେଖି ମୁଣ୍ଡ ଉପରକୁ ଓଢ଼ଣା ଟାଣିନେଲି । ଶାଶୁ ବଡ଼ ଦୁର୍ବଳ ଜଣା ପଡୁଥିଲେ । କିଏ ଜାଣେ ବଡ଼ଯାଆ ତାଙ୍କୁ ମନେପକାଇ ତାଙ୍କୁ ଶୋଇବାବେଳେ ବର୍ନଭିଟା ଦେଉଛନ୍ତି ନା ନାହିଁ । ସେଠି ମୁଁ ଥିବାବେଳେ ରାତିରେ ନିୟମିତ ବର୍ନଭିଟା ଗୋଳେଇ ତାଙ୍କୁ ଦେଉଥିଲି ପିଇବା ପାଇଁ, ଶ୍ୱଶୁରଙ୍କୁ ବି ଔଷଧ ଦେଉଥିଲି । ବଡ଼ ଯାଆଙ୍କ ଆଣ୍ଠୁଯନ୍ତ୍ରଣା । ଦିନେ ଦିନେ ତାଙ୍କର ବି ଗୋଡ଼ ଘଷି ଦେଉଥିଲି । କେତେଦିନ ହେଲା ଛେଣ୍ଡ ଘରକୁ ଯାଇନି ଭାବି ମୋ ଦୁଇ ଆଖିରେ ଲୁହ ଜକେଇ ଆସିଲା । କେକ୍ କାଟିବା ବେଳେ ସମସ୍ତେ ମତେ ଘେରିଯାଇ 'ହାପି ବାର୍ଥ ଡେ ଟୁ ୟୁ' ଗୀତ ଗାଇ ଉଠିଲେ । ମୋର ମନେ ପଡ଼ିଗଲା ଗତବର୍ଷ କେକ୍ କାଟିବା ବେଳେ ମନୋଜ ମୋ ଡାହାଣ ପାଖରେ ଠିଆ ହୋଇଥିଲେ ଓ ବାଁ ପାଖରେ ଠିଆ ହୋଇଥିଲେ ସୁହାସିନୀ ମାଡାମ୍ । ଆଜି ବି ମୋ ଡାହାଣ ପାଖରେ ମନୋଜ ଠିଆ ହୋଇଛନ୍ତି, ହେଲେ ବାଁ ପାଖରେ ସୁହାସିନୀ ମାଡାମଙ୍କ ସ୍ଥାନରେ ଅଛନ୍ତି ଜାଗୃତି ମାଡାମ୍ । ମୁଁ କିନ୍ତୁ ମୋ ସ୍ଥାନରେ ଅପରିବର୍ତ୍ତନୀୟ, ଅବିଚଳ, ଠିକ୍ ବିଲ୍‌ଡିଂ ସାମ୍ନାରେ ଠିଆ ହୋଇଥିବା, କଳାମୁଗୁନି ପଥରର ନାରୀମୂର୍ତ୍ତି ଭଳି । କେକ୍ କାଟିବା ପରେ ବଡ଼ ଖଣ୍ଡେଟେ ମୁଁ ମନୋଜଙ୍କୁ ଖୁଆଇ ଦେବା ପରେ, ଆଉ ଖଣ୍ଡେ ଜାଗୃତି ମାଡାମ୍‌ଙ୍କୁ ଖୁଆଇ ଦେଲି । ତାହାପରେ ପୂଜା ପୂରା କେକ୍‌ଟି ନେଇଯାଇ ସମସ୍ତଙ୍କୁ ଖଣ୍ଡେ ଖଣ୍ଡେ ଖୁଆଇଦେଲା । ଜନ୍ମଦିନ ହେଲେ ବି ନିମନ୍ତ୍ରିତ ଅତିଥିଙ୍କୁ ଚର୍ଚ୍ଚା କରିବା ଦାୟିତ୍ୱ ତ ମୋର । ତେଣୁ ଜଣ ଜଣ କରି ସମସ୍ତଙ୍କ ପାଖକୁ ଯାଇ ଖାଇଲେଣି ନା ନାଇଁ, ଖାଇବା କେମିତି ହୋଇଛି, ଏସବୁ କଥା ପଚାରିଲି ।

ଅତିଥିମାନଙ୍କୁ ଶଙ୍ଖୋଳିବାରେ ପ୍ରାୟ ପଇଁଚାଳିଶ୍ ମିନିଟ୍ ସମୟ ବିତି ଯାଇଥିଲା । ଶାଶୁଙ୍କୁ ଲନ୍‌ରେ ଗୋଟିଏ କଣପଟିଆ ଚେଆର୍‌ରେ ବସାଇ ଦେଇ ତାଙ୍କୁ ନିଜ ହାତରେ ଖୋଇ ଦେବା ପାଇଁ ପ୍ଲେଟ୍‌ରେ ଖାଇବା ଆଣିବା ପାଇଁ ଗଲି । ଆଜିକାଲି ତାଙ୍କ ହାତ ଥରେ ବୋଲି ଖୁଆଇ ଦେବାକୁ ପଡ଼େ । ତାଙ୍କ ପାଇଁ ଖାଇବା ଥାଳି ନେଇ ଆସିବା ବେଳେ ଦେଖିଲି, ଝାଉଁଗଛ ଡାହାଡ଼ରେ ମନୋଜ୍ ହାତରେ ହ୍ୱିସ୍କି ଗ୍ଲାସ ଧରି ଜାଗୃତି ମାଡାମ୍‌ଙ୍କ ସହ କଥା ହେଉ ହେଉ ହସି ହସି ଗଡ଼ି ଯାଉଛନ୍ତି । ଆଉ ଜାଗୃତି ମାଡାମ୍ ତାଙ୍କ ଅଂଟା ଯାଏ ଛାଡ଼ିଥିବା ସାମ୍ପୁକରା କେଶକୁ ବାରମ୍ୱାର ହାତରେ ସାଉଁଳି ଆଣୁଛନ୍ତି ଏକ ବିଶେଷ ଭଙ୍ଗୀରେ । ଭାବିଲି ଯାଇ ଜାଗୃତି ମାଡାମ୍‌ଙ୍କୁ ପଚାରିବି, ଆପଣ ଖାଇଲେଣି ନା ନାଇଁ ! ହେଲେ ତା କଣ ଠିକ୍ ହୋଇ ଥାଆନ୍ତା ! ବୁଲିପଡ଼ି ଶାଶୁଙ୍କ ପାଖକୁ ଫେରିଆସିଲି । ସବୁ ଆଇଟମ୍‌ରୁ ଟିକିଏ ଟିକିଏ ବଳେଇ ବଳେଇ ଖୁଆଇଲି ତାଙ୍କୁ । ସେଇ ସମୟରେ ବଡ଼ଯାଆ ମୋ ପାଖକୁ ଆସି ସୁହାସିନୀ ମାଡାମ୍‌ଙ୍କ ଉଦ୍ଦେଶ୍ୟରେ ପଚାରିଲେ, ସେ ସ୍ତ୍ରୀ ଲୋକକୁ ଦେଖୁନାହିଁ ତ, ଆସିନାହିଁ କି ? "ସେ ଏଠୁ ଚାକିରି ଛାଡ଼ି ଦେଇଛନ୍ତି", ମୁଁ କହିଲି । ମୋ ବଡ଼ଯାଆଙ୍କ ଛାତିରୁ ପର୍ବତ ପ୍ରମାଣେ ବୋଝ ଓହ୍ଲେଇଗଲା ଯେପରି । "ଯାହା ହେଉ କଂଟା ଗଲା ।" ସେ ମତେ ଆଲିଙ୍ଗନ କରି କହିଲେ । ସାନଯାଆ ମୋର ଗହଣା ଗାଣ୍ଠି ଦେଖି ମତେ ଟିକେ ଈର୍ଷା ବି କରନ୍ତି । ବେକରେ ପିନ୍ଧିଥିବା ହୀରାହାର ଦେଖି କହିଲେ, "ଆଉ ବୋଧେ ଖାଲି ହୀରାର ଚେନ୍ ପିନ୍ଧିବା ବାକି ରହିଲା ତୋର ।" ମୁଁ କେବଳ ମୁରୁକି ହସି ଦେଲି ତାଙ୍କ କଥାରେ । ମୋ ପୁଅ ବାବୁ ଯାଇ ଡ୍ୟାନ୍‌ସିଂ ଫ୍ଲୋର୍‌ରେ ଡାନ୍ସ କରୁଥିଲା, ଆଉ ଝିଅ ପୂଜା ମୋ ମୋବାଇଲରେ ଡାନ୍ସର ଭିଡ଼ିଓ ରେକର୍ଡ଼ିଂ କରୁଥିଲା । ସେଠି ଚେଆର୍ ପକାଇ ବସିଲି କିଛି ସମୟ । ପାର୍ଟି ସରିବା ପରେ ଘରକୁ ଫେରି ହୀରାହାର ଗହଣା ବାକ୍ସରେ ରଖିଦେଇ ଭାବିଲି, ଏଥର ପିଲାମାନଙ୍କର ଛୁଟି ହେଲେ ଦୁହିଁଙ୍କୁ ନେଇ କିଛିଦିନ ଯାଇ ଶାଶୁଶ୍ୱଶୁର, ଯାଆମାନଙ୍କ ପାଖରେ ରହି ଆସିବି । ଏମିତିରେ ସେମାନେ ହିଁ ମୋର ପରିବାର, କେଉଁ ଏକ ମୋହରେ ସେମାନଙ୍କୁ ଛାଡ଼ି ଏଇଠି ପଡ଼ିଛି ଭାବି ନିଜ ଉପରେ ମୋର ଧିକ୍‌କାର ଆସିଲା ।



# ଗୋଦାବରୀର ଗାଥା

# ଓଡ଼ିଶାର ଗୋଦାବରୀ

# ଗୋବରୀ



**ପାର୍ଥ ସାରଥୀ ରାଉତ**

ଫଟୋ ସୌଜନ୍ୟ : ଲେଖକ

ଦୀର୍ଘ ପ୍ରାୟ ମାସେ ଦି' ମାସର ବ୍ୟସ୍ତବହୁଳ ଜୀବନ ଭିତରେ ମୋତେ ଯଦି କୁହାଯାଏ କୌଣସି ବିଷୟ ଉପରେ କିଛି ଲେଖିବାକୁ, ତାହେଲେ ନିଶ୍ଚୟ ଗୋବରୀ ନଈ ଉପରେ ହିଁ ଲେଖିବି । ଅନେକ ବର୍ଷ ପରେ ତା ସହ ଦେଖାହେଲା ବୋଲି ନୁହଁ, ବା ତା କୂଳରେ ମୋ ପିଲାଦିନ କଟିଛି ବୋଲି ବି ନୁହଁ । ଏଥିପାଇଁ ଯେ ଓଡ଼ିଶାରେ ନଈମାନଙ୍କ କଥା ପଡ଼ିଲେ କେହି ଗୋବରୀ କଥା ମନେପକାନ୍ତି ନାହିଁ । କଥାଟିକୁ ଟିକେ ବଙ୍କେଇ କହିଲେ ଏମିତି ହେବ ଯେ, ଗୋବରୀ ରାଜ୍ୟର ପ୍ରମୁଖ ନଈର ମାନ୍ୟତା ପାଇନାହିଁ । ପ୍ରତିଭାଧାରୀ ଛାତ୍ରୀ ପରି ପଛବେଞ୍ଚରେ ହିଁ ରହିଯାଇଛି ସେ । ଅଥଚ ଦୈର୍ଘ୍ୟରେ, ପ୍ରସ୍ଥରେ, ଗର୍ଭରେ, ସର୍ବୋପରି ସାଧାରଣ ଲୋକଙ୍କ ପାଇଁ ଅବଦାନରେ ଏହା ଅନେକ ବଡ଼ ନଈଙ୍କୁ ପଛରେ ପକାଇଦେବ ।

ଓଡ଼ିଶାର ଗୋଦାବରୀ ଭାବେ ପରିଚିତ ଗୋବରୀ । ମୁଖ୍ୟତଃ କେନ୍ଦ୍ରାପଡ଼ା ଜିଲ୍ଲା ଦେଇ ଏହା ବହି ଯାଇଥିଲେ ବି ଜଗତସିଂହପୁର ଜିଲ୍ଲା ଓ ଯାଜପୁର ଜିଲ୍ଲାର ଅଳ୍ପ କିଛି ଅଂଶ ଦେଇ ବହିଯାଇଛି ଗୋବରୀ । କେନ୍ଦ୍ରାପଡ଼ା, ମର୍ଶାଘାଇ, ମହାକାଳପଡ଼ା, ଡେରାବିଶ ଆଦି ବ୍ଲକ ଦେଇ ଶେଷରେ ଜମ୍ବୁ ଦ୍ୱୀପ ନିକଟରେ ବଙ୍ଗୋପସାଗରରେ ପଡ଼ିଛି । ଗୋବରୀ କେନ୍ଦ୍ରାପଡ଼ା ପାଇଁ ବରଦାନ ପାଲଟିଛି । ଗୋବରୀର ମୁଖ୍ୟ ଶଯ୍ୟାର ଦୈର୍ଘ୍ୟ ପ୍ରାୟ ୧୧୫ କିଲୋମିଟର, ମାତ୍ର ଶାଖା ପ୍ରଶାଖାକୁ ମିଶାଇଥଲେ ଏହା ୩୫୦ କିଲୋମିଟରରୁ ଅଧିକ ହେବ । ମହାନଦୀର ଶାଖା ନଦୀ ଭାବେ ଏହା ବିବେଚିତ । ଏହାସତ୍ତ୍ୱେ ନିଜ ପରିଚୟରେ ସମୃଦ୍ଧ ଗୋବରୀ । କାରଣ ପାଠ୍ୟପୁସ୍ତକରେ ଭୂଗୋଳ ବହିରେ ମହାନଦୀର ଶାଖା ନଦୀ ତାଲିକାରେ ଅଙ୍ଗ, ଇବ, ତେଲ, ପାଇକା, ବିରୂପା, ଗେଙ୍ଗୁଟି, ଲୁଣି ଆଦି ଭିତରେ ବି ଏହାର ନାଁ ନାହିଁ । ତେବେ ଭୂଗୋଳ ସମ୍ମତ କାରଣ ଯାହା ହେଉନା କାହିଁକି ଗୋବରୀ କେନ୍ଦ୍ରାପଡ଼ା ପାଇଁ ରତ୍ନଗର୍ଭା । ପ୍ରାୟ ୧୫୦ ଗାଁର ପାଖାପାଖି ସାଢ଼େ ୬ଲକ୍ଷ ଲୋକ ଏହି ଚିରସ୍ରୋତା ଉପରେ ନିର୍ଭର କରନ୍ତି ।

ଗୋବରୀପଠା ପାଖେ ପାଖେ ଗଲେ ପେଟ ପୂରିଯାଏ । ନଈର ଉଭୟ କୂଳରେ ଫସଲର ଚମତ୍କାର ସମ୍ଭାର । ବିରି, ମୁଗ, ବାଦାମ ଠୁ ନେଇ ଆଖୁ ଓ ଆଖି ପାଉନଥିବା ଧାନ କିଆରୀ । ଚିରସ୍ରୋତା ନଈର ପାଣି ଯୋଗୁଁ ଭଳିକି ଭଳି ଫସଲ କରି ହଜାର ହଜାର ଚାଷୀ ଗୁଜୁରାଣ ମେଣ୍ଟାଇଥାନ୍ତି । ଆଉ ଇଟାଭାଟି ଶ୍ରମିକଙ୍କ ପାଇଁ ତ ଗୋବରୀ ଯେମିତି ସ୍ୱର୍ଗ । ଗୋବରୀ କୂଳର ଚିକିଟା ମାଟି ସାଙ୍ଗକୁ ପର୍ଯ୍ୟାପ୍ତ ପାଣି କାରଣରୁ ଅନେକ ଇଟାଭାଟି ଗଢ଼ିଉଠେ । ପଶ୍ଚିମବଙ୍ଗ ଓ ବିହାରର ଶ୍ରମିକମାନେ ଏହି ଇଟାଭାଟିରେ କାମ କରିଥାନ୍ତି ।

ତେବେ ଗୋବରୀକୁ ସବୁଠି ବେଶୀ ଭଲ ପାଆନ୍ତି ମତ୍ସ୍ୟଜୀବୀ । କହିବାକୁ ଗଲେ ଗୋବରୀ ନଈଟା ମାଛଧରାଳୀଙ୍କର । ନଈରେ ବିଭିନ୍ନ ପ୍ରକାର ମାଛ ଭର୍ତ୍ତି । ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ମତ୍ସ୍ୟଜୀବୀମାନେ ଏହାର ଅତଳ ପାଣିରେ ଅହରହ ଡଙ୍ଗା ଚଳାଉଥାନ୍ତି । ରାତି ନପାହୁଣୁ ହୁଲି ଡଙ୍ଗା ନେଇ ଜମ୍ବୁଦେଇ ସମୁଦ୍ର ମୁହାଣକୁ ବାହାରି ଯାଉଥିବା ବେଳେ ଗୋବରୀକୁ ମୁଣ୍ଡିଆ ମାରିଥାନ୍ତି । ସନ୍ଧ୍ୟା ହେଲେ ଖରନାସି ବତୀଘରର ଆଲୁଅ ଦେଖି ଘରମୁହାଁ ହୁଅନ୍ତି । ଘରକୁ ଫେରିବା ବେଳେ ଚିତୁଅ କଙ୍କଡ଼ା ଠୁ ନେଇ ମାଡୁଆ କଙ୍କଡ଼ା, ଖାସୁଲି, ଖଅଙ୍ଗା, କଣ୍ଟିଆ ପରି ମାଛ ଓ ଭଳିକି ଭଳି ଚିଙ୍ଗୁଡ଼ି ଧରି ଫେରନ୍ତି । କେନ୍ଦ୍ରାପଡ଼ାର ଅନେକ ଲୋକ ବାହାରକୁ ଦାଦନ ଖଟିବାକୁ ଯାଇଥାନ୍ତି । ମାତ୍ର ଗୋବରୀ ଅବବାହିକାରେ ରହୁଥିବା ଲୋକେ ଚାକିରିବାକିରୀ ନପାଇଲେ ଡଙ୍ଗାଟିଏ କରିଦେଲେ ଗୋଟେ ପିଢ଼ି ପାଇଁ ଅନ୍ତତଃ ଚିନ୍ତା ରହେନି ।

ଗୋବରୀର ଇତିହାସ ମଧ୍ୟ ଖୁବ୍ ପୁରୁଣା । କିମ୍ବଦନ୍ତୀ ଅନୁଯାୟୀ, ବ୍ରିଟିଶମାନେ ନିଜ ଶାସନ ବେଳେ ଗୋବରୀର ଗୁରୁତ୍ୱ ଅନୁଭବ କରିବା ପରେ ଏହା ଉପରେ ସଂପୂର୍ଣ୍ଣ ଭାବେ ନିର୍ଭର କରୁଥିଲେ । ପୋତ ଯୋଗେ ବର୍ମା ପରି ବିଦେଶ ରାଷ୍ଟ୍ର ଓ



ପଶ୍ଚିମବଙ୍ଗ ପରି ପଡ଼ୋଶୀ ରାଜ୍ୟରୁ ମାଲ ପରିବହନ କରୁଥିଲେ । ବିଶେଷ କରି ବାତ୍ୟା ବନ୍ୟା ପ୍ରପୀଡ଼ିତ କେନ୍ଦ୍ରାପଡ଼ାକୁ ଧାନ, ଚାଉଳ, ଗହମ ଆଦି ଖାଦ୍ୟଶସ୍ୟ ଓଡ଼ିଶାକୁ ଯୋଗାଉଥିଲେ । ଗବେଷକମାନଙ୍କ ମତ ଅନୁଯାୟୀ, ଓଡ଼ିଶାର ଦୂରବସ୍ଥା ଦେଖି ୧୮୬୭ ମସିହାରେ ତତ୍କାଳୀନ ବ୍ରିଟିଶ ପ୍ରଶାସକ ସମୁଦ୍ର ମଧ୍ୟରେ ଥିବା ହୁକିଟୋଲା ଦ୍ୱୀପରେ ଏକ ବିଶାଳ ଦୁର୍ଗ ନିର୍ମାଣ କରିଥିଲେ । ୭ ହଜାର ବର୍ଗ ଫୁଟର ଏହି ବିଶାଳ ଦୁର୍ଗକୁ ନେଇ ଭିନ୍ନ ଭିନ୍ନ ରହସ୍ୟଜନକ ସମ୍ପର୍କ ଆଲୋଚନା ହୋଇଥାଏ । ଦୁଇଟି ବଡ଼ବଡ଼ ସୁଡ଼ଙ୍ଗ ଥିବାରୁ ଇଂରେଜ ଅସ୍ତ୍ରଶସ୍ତ୍ର ରଖିବା ନେଇ ବିଭିନ୍ନ କଥା ଶୁଣିବାକୁ ମିଳିଥାଏ । ମାତ୍ର ବାସ୍ତବରେ ନଅଙ୍କ ଦୁର୍ଭିକ୍ଷ ସମୟରେ ବିଦେଶରୁ ଓଡ଼ିଶାକୁ ଖାଦ୍ୟ ଶସ୍ୟ ଯୋଗାଇବା ବେଳେ ଡିପୋ ବା ଗୋଦାମ ଉଦ୍ଦେଶ୍ୟରେ ଏହା ନିର୍ମିତ ହୋଇଥିଲା । ହୁକିଟୋଲା ଦ୍ୱୀପ ଭାବେ ପରିଚିତ ଏହି ନିର୍ଜନ ଦ୍ୱୀପରୁ ନଅଙ୍କ ଦୁର୍ଭିକ୍ଷରେ ବ୍ରିଟିଶ ଶାସକ ଓଡ଼ିଶା ପାଇଁ ବର୍ମାରୁ ଖାଦ୍ୟ ଶସ୍ୟ ଆମଦାନୀ କରିଥିଲେ । ବର୍ମାରୁ ଯେଉଁଶସ୍ୟ ଆସୁଥିଲା, ସେସବୁ ସେପଟେ ପାରାଦୀପ ଓ ଏପଟେ ଗୋବରୀ ନଈ ଦେଇ ଅବିଭକ୍ତ କଟକ ସମେତ ସମଗ୍ର ରାଜ୍ୟକୁ ଯାଉଥିଲା ।

ଗୋବରୀ କୂଳରେ ଅନେକ ପକ୍କା ଚଉତରା । ଏହି ପକ୍କା ତୁଠରେ ସାଥୀହୋଇ ସ୍ତ୍ରୀଲୋକମାନେ ଦଳଦଳ ହୋଇ ଗାଧୋଉଥାନ୍ତି । ଏପରି ଏକ ଚଉତରା ପାଖରେ ବୁଲୁବୁଲୁ ଦେଖାହେଲେ ଜଣେ ମାଉସୀ । ବୁଝିଲି ତାଙ୍କ ଗାଁ ବାଙ୍କିଛନ୍ଦାରେ । ମୋତେ ଦେଖି ପଚାରିଲେ କଣ ଦେଖୁଛୁ ପୁଅ ? ମୋ ଠାରୁ ଗୋବରୀ କଥା ଶୁଣି ସେ ହସିଲେ କହିଲେ, ଛୋଟବେଳୁ ଆମେ ଏଇ ତୁଠରେ ଗାଧୋଇଆସୁଛୁ । ପଚାରିଲି, ମାଉସୀ ନଈରେ କୁଆଡ଼େ କୁମ୍ଭୀର ଅଛନ୍ତି । କହିଲେ, "ଭିତରକନିକାର ଡାଙ୍ଗମାଳ ଆଉ କେତେବାଟ କି ? କେତେ କୁମ୍ଭୀର ଆସନ୍ତି, କେତେ ମାଇପ, ମଣିଷଙ୍କୁ ଟାଣିନେଇଛନ୍ତି । ହେଲେ ଆମର ସେନେଇ କିଛି ଯାଏଆସେ ନାହିଁ । ତୁ ବୋଧେ ଜାଣିନୁ ଏ ହେଉଛି ଗୁପ୍ତଗଙ୍ଗା । ଆମର କେହି କିଛି କରିପାରିବେ ନାହିଁ ।" ମାଉସୀର କଥାରୁ ଜାଣିଲି ଗୋବରୀ ମୋହରୁ ସେମାନେ ଏବେବି ମୁକୁଳି ପାରିନାହାନ୍ତି ।

ତେବେ ସବୁ ନଈ ପରି ଗୋବରୀର ଏବେ ସେ ଜ୍ୟୋତି ନାହିଁ, ଏହା ଏବେ ନିଷ୍ପ୍ରଭ । କ୍ରମବର୍ଦ୍ଧିଷ୍ଣୁ ପ୍ରଦୂଷଣରୁ ନିଜକୁ ମୁକ୍ତ ରଖିପାରିନି ଗୋବରୀ । ଗୋବରୀର କାଚକେନ୍ଦୁ ପରି ପାଣି ଏବେ ଆବର୍ଜନା ଓ ଗୋଳିଆରେ ଭର୍ତ୍ତି । ଦୂଷିତ ପାଣି କାରଣରୁ ମାଛ ମଧ୍ୟ କମିଯାଉଛନ୍ତି । ଜବରଦଖଲ କାରଣରୁ ବିଭିନ୍ନ ସ୍ଥାନରେ ସଂକୁଚିତ ହୋଇ ଯାହା କେବଳ ସ୍ଥିତି ବଞ୍ଚାଇଚାଲିଛି । ବିଶେଷକରି ଜିଲ୍ଲା ସଦର ମହକୁମାରେ ଏହା ଖୁବ୍ ଅଣଓସାରିଆ ହୋଇଗଲାଣି । ଘର କରିବା ନିଶାରେ ଗୋବରୀ ପୀଠକୁ ଅକ୍ତିଆର କରିଚାଲିଛନ୍ତି । ବିଶେଷକରି ଜିଲ୍ଲା ସଦର ମହକୁମାରେ ଥିବା କଂସେଇଖାନା କାରଣରୁ ଗୋବରୀ ପାଣି ଅଧିକ ଦୂଷିତ ହେଉଥିବା ଅଭିଯୋଗ





ହେଉଛି ।

ଏଥିପାଇଁ ଅବଶ୍ୟ ଗୋବରୀ ସୁରକ୍ଷା ମଞ୍ଚ ଅଣ୍ଟା ଭିଡ଼ିଛି । ସଙ୍ଗଠନ ପକ୍ଷରୁ କେନ୍ଦ୍ରାପଡ଼ାରେ ଏକାଧିକ ଥର ସମୂହ ଆରତୀ କରାଯାଇ ସାଧାରଣ ଲୋକଙ୍କୁ ଏନେଇ ସଚେତନ କରାଯାଉଛି । ତାଛଡ଼ା ବିଭିନ୍ନ ଅବବାହିକା ଅଞ୍ଚଳରେ ସଚେତନତା ମଧ୍ୟ କରାଯାଉଛି ।

ଅନେକ ଦିନ ପରେ ଗୋବରୀକୁ ଭେଟୁଥିବା ବେଳେ କାହିଁକି କେଜାଣି ସେଲଫିଟିଏ ନେବାକୁ ଇଚ୍ଛା ହେଲା । ଗାଡ଼ି ଅଟକାଇ ସେଲଫି ନେଉନେଉ ମୋତେ ଦେଖି ଅଟକିଯାଇଥିଲା ଜଣେ ବୟୋଜ୍ୟୋଷ୍ଠ ବ୍ୟକ୍ତି । ତାଙ୍କ ପରିଚୟରୁ ବୁଝିଲି, ସେ ଜଣେ ଅବସରପ୍ରାପ୍ତ ଶିକ୍ଷକ । ମୋ ଉତ୍ସୁକତା ଦେଖି ପୁରୁଖା ଲୋକଭାବେ ସେ କହିବସିଥିଲେ ଗୋବରୀ ବିଷୟରେ ଦିପଦ । ପୁଅରେ ଗୋବରୀ ହେଉଛି ଓଡ଼ିଶାର ଗୋଦାବରୀ । ଏହା ଗୁପ୍ତ ଗଙ୍ଗା ନାମରେ ପରିଚିତ । ଏହା ଜଗତସିଂହପୁରର ଗୋବର୍ଦ୍ଧନ ପୀଠରେ ଦେବୀ ନଈ ସହ ମିଶିଥିବାରୁ ଏହାର ମୂଳନାମ ଗୋବର୍ଦ୍ଧନ । ମାତ୍ର କାଳକ୍ରମେ ଏହା ଅପଭ୍ରଂଶ ହୋଇ ଗୋବରୀ ନାମରେ ପରିଚିତ ହୋଇପାରିଛି । ଗୋବରୀ ହେଉଛି ଆମ ଜିଲ୍ଲାର ଲାଇଫଲାଇନ୍ । ଏବେସିନା ବହୁ ଚାକିରୀ, ବାକିରୀ, କମ୍ପାନୀ...ଯାହା ଆପଣମାନଙ୍କ ଭାଷାରେ କର୍ପୋରେଟ୍... । ମାତ୍ର ଆମ ଛୋଟବେଳେ ଏତେ ସୁବିଧା ସୁଯୋଗ ନଥିଲା । ଏହି ନଈ ହିଁ ଥିଲା ଏ ସମଗ୍ର ଅଞ୍ଚଳର ଜୀବନଧାରା । ଏମିତି କୋଉ କାମ ନାହିଁ, ଯେଉଁଥିପାଇଁ ଆମେ ଗୋବରୀ ଉପରେ ନିର୍ଭର ନକରିଛୁ । ମାତ୍ର ଆମର ଏ ଛୋଟିଆ ନଈର ଏତେବଡ଼ ଅବଦାନ ବିଷୟରେ କେହି ବିଶେଷ ଜାଣିନାହାନ୍ତି । ଗୋବରୀ ବୋଲି ନଈଟିଏ ଅଛି ବୋଲି ଆମ ରାଜ୍ୟର ବହୁ ଲୋକଙ୍କୁ ବି ଅବଗତି ନଥିବ । ଆପଣ ତ ଭୁବନେଶ୍ୱରରେ ରହୁଛନ୍ତି । କେତେବେଳେ ସୁଯୋଗ ମିଳିଲେ ଟିକେ ରାଜ୍ୟବାସୀଙ୍କୁ ଆଜ୍ଞା ଜଣେଇଦେବେ ।

ମାତ୍ର ଅଜବ ସଂଯୋଗ, ଗୋବରୀ ନଈ ସହ କିଛି ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋଟିଏ ସୋସିଆଲ ମିଡ଼ିଆରେ ପୋଷ୍ଟ କରିଥିଲି । ଫେସବୁକରୁ ଦେଖି ଅଫିସ୍‌ରୁ ଫୋନ୍ ଆସିବାରୁ ସାର୍‌ଙ୍କ କଥାଟା ମନେ ପଡ଼ିଗଲା । ଭାବିନେଲି ଏହା ଏକ ଅପୂର୍ବ ସଂଯୋଗ । ତେବେ ସୁଯୋଗ ହେଉ ଅଥବା ସଂଯୋଗ, ଗୋବରୀ ନଈକୁ ନେଇ ଦୀର୍ଘଦିନରୁ ଥିବା ଅବଶୋଷଟା ଏଇମିତି କଲମ ଦେଇ ଉତୁରିଯିବାରୁ ଖୁବ୍ ହାଲକା ଲାଗିଲା । ଭାବିଲି ଛୋଟବେଳରୁ ମୁଣ୍ଡ ଉପରେ ଥିବା ଉତ୍ତରଦାୟିତ୍ୱଟା ଯେମିତି ଆଜି ହିଁ ଓହ୍ଲାଇଗଲା ।

ଶୈଳଶ୍ରୀବିହାର
ଭୁବନେଶ୍ୱର
ଫୋନ-୯୪୩୮୨୯୦୪୯୧

ଅନୁଶୀଳନ-୧

# କାଉଲ୍ କେଉଁଠି



ଚିତ୍ର : ଶିବଶଙ୍କର ଦାସ

# କାଉଲ




**କ୍ଷୀରୋଦ ଚନ୍ଦ୍ର ବେହେରା**

ଫଟୋ ସୌଜନ୍ୟ : ଲେଖକ


**କାଉଲ୍ କିଏ ! କ'ଣ ତା'ର ଜନ୍ମଜାତକ । କେମିତି ପ୍ରତିଷ୍ଠା ପାଇଲା ଏ ଚରିତ୍ରଟି ଓଡ଼ିଆ ସାହିତ୍ୟରେ । ସେ କ'ଣ ଫେରିବନି ?**




ପଙ୍କରୁ ପଦ୍ମ ।
ଶାମୁକା ଗର୍ଭରୁ ମୁକ୍ତା ।
ବମ୍ବେର ଫୁଟ୍‌ପାଥ୍‌ରୁ କାଉଲ୍ ସାହେବ ।
ଗଣିକାରୁ ଏକ ମହନୀୟ ନାରୀ ।

କାଉଲ୍ ଏକ ପରଶମଣି । ଯାହାକୁ ସେ ଛୁଇଁଛନ୍ତି, ତାହାର ହୋଇଛି ଗୁଣଯୁକ୍ତ ପରିବର୍ତ୍ତନ । ନୀରା, ନମିତା ଅଥବା ମନୀଷା । ଜୀବନକୁ ରେସ୍‌କୋର୍ସ କରି ବାରମ୍ବାର ପରାଜିତ ହେଉଥିବାର ମାନସିକ ସଂଘାତ ମଧ୍ୟରେ ସେ ପାଆନ୍ତି ଆଦିମ ଆନନ୍ଦ । ଜୟ ନୁହେଁ ପରାଜୟରେ ସେ ଫେରି ପାଆନ୍ତି ଜୀବନ । ଚିର ରହସ୍ୟମୟ କାଉଲ୍ ଖିଆଲ୍‌ରେ ହିଁ ବଞ୍ଚନ୍ତି ଜୀବନ ।

ଅର୍ଥ ଆସେ ଯାଏ ।

ପ୍ରତିପତ୍ତି ଆସେ ଓ ଚାଲିଯାଏ ।

ଯଶ ଓ କ୍ଷମତା ସବୁବେଳେ ପଛରେ ଗୋଡ଼ାଇଥିବା ସମୟରେ ତାକୁ ଆଡ଼େଇ ଦେଇ ସେ ଖୋଜନ୍ତି ନିରୁତା ମଣିଷଟିଏ ।

କାରଣ ସେ ଫୁଟ୍‌ପାଥ୍‌ର ମଣିଷ- ନା ବଞ୍ଚନ୍ତି ଅତୀତରେ ନା ଭବିଷ୍ୟତରେ ? ବର୍ତ୍ତମାନ ସର୍ବସ୍ୱ ସେ ।

ରହିମ୍ ଚାଚା ତାଙ୍କୁ ଯେତେବେଳେ ଖବର କାଗଜ ବିକିବା ଶିଖିଲେ, ଶିଖାଇଲେ ମଣିଷ କଣ, ଜୀବନ କଣ- ତା'ର ଅର୍ଥ ବୁଝୁବୁଝୁ ସେ ବୁଝିଥିଲେ ପାପ ଓ ପୁଣ୍ୟର ଅର୍ଥ କଣ ?

ଏଣୁ ସେ ଜାଣିଥିଲେ, "ରାତ୍ରୀରେ ଯେଉଁଠି ଆଶ୍ରୟ ନିଆଯାଏ, ସେଇଠି ଯାତ୍ରାର ଶେଷ ସ୍ଥାନ ନୁହେଁ ।" ଏଣୁ ନା ସେ ଅଟକିଥିଲେ ରହିମ୍ ପାଖରେ ନା ନୀରା ଅଥବା ମନୀଷା । ସେମାନେ ଥିଲେ କେବଳ ରାତ୍ରିର ରହଣି ସ୍ଥଳ । ତଥାପି ଏକ ସୁରକ୍ଷିତ ରାତ୍ରିଟିଏ ସେମାନେ ଦେଉଥିବାରୁ ତାଙ୍କ ନିକଟରେ ସେ ଥିଲେ କୃତଜ୍ଞ । ଅର୍ଥ ପ୍ରାୟତଃ ନଷ୍ଟ କରି ଦେଇଥାଏ ମାନବୀୟ ସମ୍ବେଦନା । କ୍ରୟବିକ୍ରୟର ବାଣିଜ୍ୟିକ ସମ୍ପର୍କରେ ଜୀବନକୁ ଧନୀ ଲୋକଟିଏ ଭାବିନିଏ କେବଳ ହାଟସଉଦା । ସେପରି ସୌଦାଗର ନଥିଲେ ରମେଶ୍ କାଉଲ୍ । ନୀରା ଅଥବା ମନୀଷା, ଯେ କି ଦେଇଛନ୍ତି ନିରାପତ୍ତା- ସେମାନଙ୍କୁ ସବୁକିଛି ଅର୍ପଣ କରିଛନ୍ତି କାଉଲ୍ ।

କାରଣ ସେ ଜାଣିଥିଲେ ଜୀବନ ଅଳୀକ । ଯେଉଁ ଜୀବନଟା ସେ ଜିଉଁଛନ୍ତି- ତାହା ତାଙ୍କୁ କିଏ ପ୍ରଦାନ କରିଛି ବା ଫେରେଇ ଦେଇଛି ସେ ଜାଣି ନାହାଁନ୍ତି । କାରଣ ତାଙ୍କୁ ପଠାଇ ଦିଆ ଯାଇଥିଲା- ବମ୍ବେ । "ବିନା ଅସ୍ତ୍ର ପ୍ରୟୋଗରେ କୌଣସି ଟ୍ରାମ୍ ବା ବସ୍ ତଳେ କାଉଲ୍ ମୃତ୍ୟୁବରଣ କରିବେ ।" ପୂର୍ବ ପୁରୁ ଉପାର୍ଜିତ ଅମାପ ସମ୍ପତ୍ତିର ସେ ଥିଲେ ଶେଷ ଧୂଳିକଣା । ପ୍ରାଚୁର୍ଯ୍ୟରୁ ସୃଷ୍ଟି ହୋଇଥିବା ବିପର୍ଯ୍ୟୟର ସେ ଶେଷ ଦଲିଲ୍ । ତେଣୁ ବମ୍ବେ ରାଜରାସ୍ତାର ଟ୍ରାମ୍ ଚକତଳୁ ଫେରି ପାଇଥିବା ଜୀବନର ଭବିଷ୍ୟତ ସମ୍ପର୍କରେ ସେ ଥିଲେ ଉଦାସୀନ ।

ନୀରା, ମନୀଷା ଓ ରହିମ୍ ହିଁ ଥିଲେ ତାଙ୍କ ଜୀବନର ପାନ୍ଥଶାଳା- ସେ ଥିଲେ ଆଜୀବନ ପାନ୍ଥ । ଘର ନାମରେ ସେ ଯେଉଁ ସୁଦୃଶ୍ୟ ବହୁତଳ ପ୍ରାସାଦରେ ଖଞ୍ଜିଥିଲେ ଦାମୀ ଆସବାବପତ୍ର, କେବେ ବି ତାଙ୍କୁ ଫେରେଇ ପାରିନଥିଲା ମମତ୍ୱ, ଯାହାକୁ ସେ ଖୋଜୁଥିଲେ ଆଜୀବନ । ଏଣୁ ପ୍ରତ୍ୟେକ ରାତ୍ରୀର ସାଥୀ ପାଖରେ ସେ ରହୁଥିଲେ କୃତଜ୍ଞ ।

ନୀରା ହିଁ ତାକୁ ଶିଖାଇଥିଲା ନାରୀ ଗଣିକା ହୋଇ ଜନ୍ମ ହୋଇ ନଥାଏ ।

ଏବଂ ଗଣିକା ହେଲେ ବି ନାରୀତ୍ୱ ନଷ୍ଟ ହୋଇ ଯାଏନା । କାରଣ ଗଣିକା ବି ପ୍ରେମ କରେ- "ଅନ୍ତତଃ ପ୍ରେମ କରିବାର ଛଳନା କରୁ । କେବଳ ପ୍ରେମିକ ଭିନ୍ନ । ପରିସର ଭିନ୍ନ । ସମୟ ଭିନ୍ନ । କିନ୍ତୁ ପ୍ରେମ ଆମର ଅବିଚଳିତ ।" ଗଣିକା ଅଭିଶପ୍ତା ନୁହେଁ- ବ୍ୟବସାୟୀ- ଯିଏ ପ୍ରେମର ବ୍ୟବସାୟ କରେ । କିଛି ଆନନ୍ଦ ଦେହ ଭିତରେ ବୁଣିଦିଏ ।

ଯୀଶୁଙ୍କ ପାଖରେ ମାଡିଲୋନା, ବୁଦ୍ଧଙ୍କ ପାଖରେ ଅମ୍ବାପଲୀ କେଉଁ ରୂପରେ ଥିଲେ- ଦେହୀ ନା ବିଦେହୀ । ଈଶ୍ୱରଙ୍କ ସହ ଗଣିକାର କି ସମ୍ପର୍କ ? ନୀରା ତାହାର ଉଦାହରଣ- ବିମଳ ନାରୀଟିଏ ସବୁ ଗଣିକା ଭିତରେ ସର୍ବଦା ଜୀବିତ ଥାଏ ଏବଂ ମୁକ୍ତି ପାଇଁ ଅପେକ୍ଷା କରିଥାଏ- ଗଣିକାମାନଙ୍କୁ ମୁକ୍ତି ଦେବା ପାଇଁ ସତେ ଯେପରି କାଉଲ୍ ମାନଙ୍କର ଜନ୍ମ ।

ବ୍ୟବସ୍ଥା ଓ କ୍ଷମତା ତେଣୁ କାଉଲ୍‌ମାନଙ୍କୁ ବାନ୍ଧି ପାରେନା ।

ଫ୍ଲାସ୍ ଖେଳର ବାଜିରେ ରାତାରାତି ନିର୍ବାଚନ ଜିଣିବା- ତାହା ପୁଣି ଜଣେ ସ୍ୱାଧୀନତା ସଂଗ୍ରାମୀକୁ ହରାଇ- କେବଳ ମିଷ୍ଟର୍ ମୁଖାର୍ଜୀଙ୍କୁ ଭୁଲ୍ ପ୍ରମାଣିତ କରିବା ପାଇଁ ନୁହେଁ- ଅର୍ଥର ଔଦ୍ଧତ୍ୟ ଓ ମାନବିକତାର ସୀମାବଦ୍ଧତା ଦେଖେଇ ଦେବା ପାଇଁ- କାଉଲ୍ ଲଢ଼ନ୍ତି ନିର୍ବାଚନ- ଜିତନ୍ତି ବି- ମାତ୍ର କ୍ଷମତାର ସିଂହାସନରେ ବସିବା ପୂର୍ବରୁ ପରିତ୍ୟାଗ କରନ୍ତି କ୍ଷମତା । ଦୁଇଟି ଦିଗ ଉଦ୍‌ଭାସିତ ହୁଏ- କାଉଲ୍ ଅପରାଜେୟ ମାତ୍ର ଅମାନବୀୟ ନୁହେଁ । ଏଣୁ ପଣ୍ଡିତଜୀଙ୍କୁ କ୍ଷମତା ଅର୍ପଣ ସମୟରେ ସେ କହିଲେ- "ମୋ ଜୀବନ ପାପର ଏକ ସୁଦୀର୍ଘ ଗାଥା । ମୁଁ ମଦ୍ୟପ । ମୁଁ ବେଶ୍ୟାସକ୍ତ । ମୁଁ ଜୁଆଡ଼ି । ମୁଁ କଳାବଜାରୀ । ମୁଁ ଅସାଧୁ ।"

"ଏହାର ପ୍ରତିବାଦ ଆବଶ୍ୟକ । ନଚେତ ସମାଜ ନଷ୍ଟ ହେବ, ଭାଙ୍ଗି ପଡ଼ିବ ମଣିଷ, ଧ୍ୱଂସ ପାଇବ ମଣିଷର ବିଶ୍ୱାସ । ଯାହା ପୂଜ୍ୟ, ତା'ର ପ୍ରତିଷ୍ଠା ବିଧେୟ ।"

ନିଜର ସୀମାବଦ୍ଧ ପୃଥିବୀ ମଧ୍ୟରେ ସେ ଚାହିଁଛନ୍ତି ସତ୍ୟର ପ୍ରତିଷ୍ଠା । ଅସତ୍ୟ ଜୀବନ ସତ୍ୟର ପ୍ରତିଷ୍ଠାରେ ଉତ୍ସର୍ଗ ହେବା ପରି ବିରଳ ବ୍ୟକ୍ତିତ୍ୱର ଅଧିକାରୀ ରମେଶ କାଉଲ୍ । ସେଥିପାଇଁ ନୀନା କାଉଲଙ୍କୁ କୁଣ୍ଢାଇ ପକାଇ କହିଲା- "ଗ୍ରେଟ୍ ! କାଉଲ, ତୁମେ ରିଏଲି ଗ୍ରେଟ୍ !"


ଅନେକ ସମୟରେ କାଉଲ୍ ବୁଦ୍ଧ ବୁଦ୍ଧ ଲାଗନ୍ତି । ସତ୍ୟ, ପ୍ରେମ ଓ ନ୍ୟାୟ ପାଇଁ କାଉଲ୍‌ର ପ୍ରତିଟି ରକ୍ତ ବିନ୍ଦୁରେ ବିସ୍ଫୋରଣ । ନୀରା, ନୀନା ବା ମନୀଷା- ସବୁଠି ପାଇଛି ସେ ପ୍ରେମ । ପ୍ରେମକୁ ବାନ୍ଧି ପାରିନି ବନ୍ଧନରେ, ଦାମ୍ପତ୍ୟରେ । ମନୀଷା ଜୀବନକାଳ ଅପେକ୍ଷା କଲା- କାଉଲ୍ କେତେବେଳେ ପ୍ରେମ ନିବେଦନ କରିବେ, କେତେବେଳେ ପାଛୋଟି ନେବେ ଗୃହାଙ୍ଗନକୁ ଗୃହବଧୂ ଭାବରେ ।

କାଉଲ୍ ନିଖୋଜ ହୋଇଗଲେ- ପ୍ରେମରୁ ମୁକୁଳିବା ନିମିତ୍ତ । ଆସକ୍ତିରୁ ମୁକ୍ତି ପାଇଲେ ସେ । ମାତ୍ର ମନୀଷା, ନୀନା, ନୀରା ଓ ଅଗଣିତ ପାଠକ ତାଙ୍କୁ ଏବେ ବି ଅପେକ୍ଷା କରେ । ସତେ ଯେପରି ଯେ କୌଣସି ମୁହୂର୍ତ୍ତରେ କାଉଲ୍ ଆସିଯିବେ- ଏକ ବାସ୍ନାଯୁକ୍ତ ମଳୟ ପବନ ପରି ।

ଏଣୁ "କାଉଲ୍, ଯଦି କେବେ ସମୟ ପାଅ, ଯିବ ମନୀଷାର କୋଠରୀକୁ । ସେ ସ୍ଥାନ ଯେ କୌଣସି ମନ୍ଦିର, ମସଜିଦ୍ ଠାରୁ ଆହୁରି ପବିତ୍ର । ଆହୁରି ମହିୟାନ୍ । ହୁଏତ ସନ୍ଧାନ ପାଇବ ଗୋଟିଏ କ୍ଷୁବ୍‌ଧ ଅଶାନ୍ତ ଆତ୍ମା ଘୁରି ବୁଲୁଛି ତୁମର ଟିକେ ଦର୍ଶନ ପାଇଁ, ଟିକେ ପରଶ ଲାଗି ।"

ଅଗଣିତ ପାଠକ ହୃଦୟ ମଧ୍ୟ ସେହିପରି ଅଣନିଃଶ୍ୱାସୀ ହୋଇ ଅପେକ୍ଷା କରନ୍ତି- କାଉଲ୍‌ର ଫେରିବା ବାଟକୁ ।

କିନ୍ତୁ- କାଉଲ ଶେଷ ପର୍ଯ୍ୟନ୍ତ ଫେରନ୍ତିନି- ସେମାନେ ଉଜାଣି ଚାଲନ୍ତି ।



▲ଚିତ୍ର : ସଂଜୟ କୁମାର ରାଉଳ

# ମୂର୍ଖ ପଣ୍ଡିତ କଥା

**ପଞ୍ଚତନ୍ତ୍ର କାହାଣୀମାଳା ବିଶ୍ୱର ଶ୍ରେଷ୍ଠ ଗ୍ରନ୍ଥ କହିଲେ ଅତ୍ୟୁକ୍ତି ହେବ ନାହିଁ । ତୃତୀୟ ଶତାବ୍ଦୀରେ ଲେଖା ଯାଇଥିବା ପଞ୍ଚତନ୍ତ୍ର କାହାଣୀମାଳା ଅନୁବାଦ ଆକାରରେ ଉପଲବ୍ଧ । ପଣ୍ଡିତ ବିଷ୍ଣୁ ଶର୍ମାଙ୍କ ରଚିତ ଏ କାହାଣୀମାଳା ଭିତରେ ଥାଏ ଜୀବନ ଗଠନର ସଦାଚାର ଓ ନୀତିଶିକ୍ଷାର ପଥ । ଆମେ ପ୍ରତିଥର ପରଷି ଦେବୁ ପଞ୍ଚତନ୍ତ୍ରର କାହାଣୀରୁ ଗୋଟିଏ ।**

ଦିନକର କଥା । ଭୋଜପୁର ଶାସନର ଆନନ୍ଦ ଶର୍ମା ଯେଜେମାନି କାର୍ଯ୍ୟରେ ଦୂର ଗ୍ରାମକୁ ଯାଇଥିଲେ । ସେଠାରେ ରାମ ଥାଟୋଇ ନାମକ ଜଣେ ଦିନ ମଜୁରିଆର ଶ୍ରାଦ୍ଧ କର୍ମ ସାରି ଫେରିବା ସମୟରେ ସେ ଦକ୍ଷିଣା ସ୍ୱରୂପ ବ୍ରାହ୍ମଣଙ୍କୁ ଛେଳି ଗୋଟିଏ ଦେଲେ । ବ୍ରାହ୍ମଣ ଛେଳିଟିକୁ ପାଇ ଆନନ୍ଦିତ ହୋଇଗଲା । କାରଣ ସେ ଜଣେ କର୍ମାଙ୍ଗ ସିଦ୍ଧିପୂତ ବ୍ରାହ୍ମଣ ହୋଇଥିବା କାରଣରୁ ମାଛମାଂସ ଭକ୍ଷଣ କରନ୍ତି ନାହିଁ । ସେଥିପାଇଁ ଭାବିଲେ ସାଧାରଣ ଦକ୍ଷିଣା ଠାରୁ ଏ ଛେଳିର ମୂଲ୍ୟ ନିଶ୍ଚିତ ଭାବରେ ଅଧିକ ହେବ । ତେଣୁ ଛେଳିକୁ ନିଜ ଗ୍ରାମରେ ନ ବିକି ଯାକୁ ନେଇ ହାଟରେ ବିକିବାକୁ ହେବ ।

ବ୍ରାହ୍ମଣ ଏହିପରି ଭାବନା ଚିତ୍ରରେ ମାର୍ଗ ଗମନ କରୁଥାନ୍ତି । ସେତେବେଳେ ସେହି ମାର୍ଗ ଦେଇ ତିନିଜଣ ଯୁବକ ମଧ୍ୟ ଯାଉଥିଲେ । ସେମାନେ ଦୂରରୁ ଏହି ଛେଳିକୁ ଦେଖି ଲୋଭ କଲେ । ସେମାନଙ୍କର ଠକିବା ହେଉଛି ବୃତ୍ତି ଏବଂ ପ୍ରକୃତି । ତେଣୁ ସେମାନେ ଛେଳିଟିକୁ କିପରି କରଛଡ଼ା କରାଇ ନେବେ ସେହି ଚିନ୍ତାରେ ରହିଲେ । ଏହାପରେ ସେମାନେ ବସି ବସି କିଛି ଯୋଜନା ମଧ୍ୟ ପ୍ରସ୍ତୁତ କରିଲେ । ଏହି ଯୋଜନା ମଧ୍ୟରେ ଠକ ତିନିଜଣ ଯାକ ସେହିଠାରୁ ପୃଥକ୍ ପୃଥକ୍ ହୋଇ ଚାଲିଗଲେ ।

ବ୍ରାହ୍ମଣ କାହିଁକି ଏକଥା ଜାଣିବେ । ସେ ମନ ଖୁସିରେ ତାଙ୍କ ମାର୍ଗ ଲକ୍ଷ୍ୟରେ ଚାଲିଥାଆନ୍ତି । ଏହି ଯିବା ମାର୍ଗରେ ପ୍ରଥମ ଠକ ସାଥିରେ ବ୍ରାହ୍ମଣଙ୍କର ଦେଖାହେଲା । ସେ ବ୍ରାହ୍ମଣଙ୍କୁ ଦେଖୁ ଦେଖୁ ହସି ପକାଇ କହିଲା– "କିହୋ ପଣ୍ଡିତେ କେଉଁଆଡ଼େ ଯିବାର ହୋଇଥିଲା । ଆଜି କ'ଣ କେଉଁ ଯଜମାନର କାର୍ଯ୍ୟ ଥିଲା ନା କ'ଣ ? ହଁ ଗଣ୍ଠିଲିତ ଖୁବ୍ ବଡ଼ ଦେଖାଯାଉଛି । ଆଜି କାହା ମୁହଁ ଚାହିଁ ଯାଇଥିଲେ କେଜାଣି ଗୋସାଇଁ ରୋଜଗାର ଭଲ ହୋଇଛି ।'' ଠିକ୍ କଥା ଶୁଣି ବ୍ରାହ୍ମଣ ମନରେ ଆନନ୍ଦ କହିଲେ ନସରେ । ସେ ମନେମନେ ଭାବୁଥିଲେ ଦକ୍ଷିଣା ଠାରୁ ଛେଳି ଗୋଟିକ ବହୁ ଗୁଣରେ ଦାମ୍ ଅଧିକ ହେବ । ଠକ ଜଣଙ୍କ ଠାରୁ ସେହି କଥା ଶୁଣିବା ମାତ୍ରେ ବ୍ରାହ୍ମଣଙ୍କର ମନଟା ଆହୁରି ଅଧିକ ଆନନ୍ଦ ହୋଇଗଲା । ବ୍ରାହ୍ମଣ କହିଲେ– "ହଁରେ ପୁଅ । ତୁ ଯୋଉ ବାକ୍ୟ କହିଲୁ ତାହାକୁ ନିନ୍ଦା କରିବା ଆମ୍ଭର ଧର୍ମ ନୁହେଁ ।"


ଏଥର ଠକ ଜାଣିଲା ତୋଷାମଦିଆ କଥାଶୁଣି ବ୍ରାହ୍ମଣ ଖୁସି ହୋଇଗଲା । ଏହିବେଳେ ବ୍ରାହ୍ମଣଙ୍କର ଖୁସି ମିଜାଜର ମୁଖକୁ ଚାହିଁ ଠକ କହିଲା– "ହେଲେ ଗୋସେଇଁ, ଏ କୁକୁରଟି ଖୁବ୍ ଡଉଲଡାଉଲ ହୋଇଛି, କ'ଣ କେଉଁ ଯଜମାନ ଘରୁ ମାଗି ଆଣିଛନ୍ତି । ଭଲ ହୋଇଛି ଗୋସେଇଁ । ବର୍ତ୍ତମାନ ସବୁଆଡ଼େ ଚୋର ଗୋଳ । ଏ କୁକୁର ନିଶ୍ଚୟ ମହାପୁରୁଷଙ୍କର କାମରେ ଲାଗିବ । ହେଲେ ପଣ୍ଡିତ ମୋ ବାପା ଗୋସାପ ତ କୁହନ୍ତି ଗଧ, ଓଟ, କୁକୁର ଗୁଡ଼ାକ ତ ଚାରିଜାତିଙ୍କ ମଧ୍ୟରେ ଶ୍ରେଷ୍ଠ ଜାତି ବ୍ରାହ୍ମଣ । ସେମାନେ ସେ ସବୁ ଜନ୍ତୁଜନ୍ତା ରଖିବା ତ ଦୂରର କଥା, ସେମାନଙ୍କୁ ସ୍ପର୍ଶ କଲେ ସ୍ନାନ କରିବାକୁ ହୋଇଥାଏ । ହେଲେ ଆପଣ ଯେ କୁକୁରଟାକୁ ସାଥିରେ ଧରି ଯାଉଛନ୍ତି । ଏହା ଦେଖିଲେ ଅନ୍ୟଜାତିମାନେ ଆପଣଙ୍କୁ କ'ଣ ଭାବିବେ ?''

ଠକ ଠାରୁ ଏକଥା ଶୁଣିବା ମାତ୍ରେ ବ୍ରାହ୍ମଣ ରାଗି କୋପ ହୋଇଯାଇ କହିଲେ– "କିରେ ତୁ ଅନ୍ଧ କିରେ ? ନା ଅନ୍ଧାରକଣା । ତୋତେ ମୋ ଛେଳିଟା କୁକୁର ପରି ଦେଖାଯାଉଛି ।''

ପଣ୍ଡିତଙ୍କର ଏପରି କ୍ରୋଧବାଣୀ ଶୁଣି ଠକଟି ହାତଯୋଡ଼ି ପାଦତଳେ ପଡ଼ିଯାଇ କହିଲା, "ଗୋସେଇଁ ଆଜ୍ଞା, ଆପଣଙ୍କର ସେହି ଜୀବଟା କୁକୁର ନୁହେଁ ଛେଳି । ସତକଥାରେ ଆପଣ ଯଦି ରାଗି କ୍ରୋଧ ହୋଇଗଲେ ତାହା ହେଲେ ମୋତେ କ୍ଷମା କରିଦିଅନ୍ତୁ ।'' ଠକ ଏହାକହି ଆଗରେ ଥିବା ବଟବୃକ୍ଷ ମୂଳକୁ ଯାଇ ବସିପଡ଼ିଲା ।

ଏହାପରେ ବ୍ରାହ୍ମଣ ନିଜ ମାର୍ଗରେ ଗମନ କଲେ । ଏହିପରି କିଛିବାଟ ଯାଇଛନ୍ତି ଆଗରେ ବସିଥିଲା ଦ୍ୱିତୀୟ ଠକ । ସେ ହସହସ ହୋଇ ବ୍ରାହ୍ମଣଙ୍କ ପାଖକୁ ଚାଲିଆସି କହିଲା– "ଓଳଗି ଗୋସାଇଁ । ଖରାଟା ଆଜି ଟିକେ ବେଶି ହୋଇଯାଇଛି । ସେଇଥିଲାଗି କୁକୁରଟାକୁ କାନ୍ଧରେ ପକାଇ ଯାଉଛ । ଭଲ କଥା । ନିରୀହ ଜୀବଟା ତ । ତାକୁ ବହୁତ କଷ୍ଟ ହେଉଥିବ । ହଁ କୁକୁରଟା ତ ବେଶି କୋଉ ଓଜନ ହୋଇଥିବ ଯେ !"

ଠକର ଏକଥା ଶୁଣି ବ୍ରାହ୍ମଣ ଖୁବ୍ ରାଗିଗଲେ । "ଆରେ ମୁର୍ଖ ତୋର ସେଇଟା ଆଖି ନା ଗାଡ଼ିଆ । ଆରେ ମୁଁ ବର୍ଣ୍ଣ ଶ୍ରେଷ୍ଠ ବ୍ରାହ୍ମଣ । ମୁଁ କୁକୁରଟାକୁ କାନ୍ଧରେ ପକେଇ ଯିବା କଥା ତୋର ସେହି ମୁର୍ଖ ଆଖିକୁ ଦେଖାଗଲା ?"



ଠକ କହିଲା– "ଆହେ ଗୋସେଁଇ ମାପୁରୁ । ଆପଣ ତ ବେଶ୍ ଚିତା କାଟିଛନ୍ତି । ନିଜ ମଣିଷଟିଏ ପରି ଦିଶୁଛନ୍ତି । ଆପଣମାନେ ବେଦଜ୍ଞ ବ୍ରାହ୍ମଣ ସହିବାର ଶକ୍ତି ଆପଣଙ୍କ ଠାରେ ବେଶି । ସେଥିପାଇଁ ଆମେ ସବୁ ଛୋଟ ଜାତି ଆପଣଙ୍କୁ ପଣ୍ଡିତ ଠାକୁର କହି ମାନିଆ ଦେଉଛୁ । ଆପଣ କ'ଣ ମୋର ଶତ୍ରୁ ଯେ ମୁଁ ଆପଣଙ୍କୁ ଛେଳିକୁ କୁକୁର କହୁଛି । ଯାହା ସତ୍ୟ ତାହା ତ କହିଲି ଏଥିରେ ମୋତେ କ୍ଷମା କରିଦେବେ ଆଉ ଏଇଟା ଯଦି ସତରେ କୁକୁର ହୋଇ ନଥିବ ଆପଣ ଗାଁରେ ପହଂଚିଲେ ଲୋକେ ପୁଣି କ'ଣ କହିବେ ସେତେବେଳେ ମୋ କଥା ମନେ ପକାଇବେ ।

ଏହା କହି ଠକ ସେହିଠାରେ ରହିଗଲା । ବ୍ରାହ୍ମଣଙ୍କର ମନ ମଧ୍ୟରେ ଏଥର ସନ୍ଦେହ ଆସିଲା । ସତରେ କ'ଣ ଯଜମାନ ମୋତେ ଠକାଇଦେଲା । ଯଦି ଏଇଟା ଛେଳି ନହୋଇ କୁକୁର ହୋଇଥାଏ ତାହାହେଲେ ଯେଜମାନଙ୍କୁ ବ୍ରହ୍ମଶପ୍ୟ ଲାଗିବ । ଏହାପରେ ବ୍ରାହ୍ମଣ ପୁଣି ନିଜ ମାର୍ଗରେ ଗମନ କରିବାକୁ ଲାଗିଲେ ।

ନିଜ ଗ୍ରାମରେ ପହଞ୍ଚିବାକୁ ଅଳ୍ପ ରାସ୍ତା ଅଛି । ତୃତୀୟ ଠକଟି ପଣ୍ଡିତଙ୍କୁ ପଥରେ ଦେଖି ଓଳଗି ହୋଇ ହସହସ ହୋଇ କହିଲା– "ହେ ପଣ୍ଡିତ ଆପଣଙ୍କର ଆଜି ବହୁତ ଭାଗ୍ୟ ନା, ଆଜି ରୋଜଗାରଟା ଭଲ ହୋଇଛି । ଗଣ୍ଠିଲି ତ ପୁରା ଓଜନିଆ ଅଛି ।"

ଠକ କଥା ଶୁଣି ବ୍ରାହ୍ମଣଙ୍କର ମନରେ ଆନନ୍ଦ ଆସିଲା । ସେ ଖୁସି ହୋଇ ହସିଦେଇ କହିଲେ– "ହଁରେ ପୁଅ । ଆଜି ଅନୁକୂଳଟା ଭଲ ଥିଲା । ଯଜମାନଟି ମୋର ମନର ମଣିଷଟିଏ । ମନ ଭରି ଭୋଜନ । ମନ ଭରି ଦକ୍ଷିଣା ଦେବା ସହିତ କହିଲା, ଗୋସେଇଁ ମହାପ୍ରଭୁ ମୋର ଗୋଟାଏ ମାନସିକ ଥିଲା । ଆଜି ଏଇ ଛେଳିଟିକୁ ଆପଣଙ୍କୁ ଦାନ ଦେଇ ମାନସିକରୁ ମୁକ୍ତି ପାଇବି ।"

ବ୍ରାହ୍ମଣ ମୁଖରୁ ଆନନ୍ଦର କଥାଟି ଶୁଣି ପକାଇ ଠକ କହିଲା, "ଆପଣଙ୍କ ଯେଜେମାନଟା କେଡ଼େ ଠକ ଦେଖିଲ । ଶଳା ଠକେଇବାକୁ ଆଉ କାହାକୁ ପାଇଲା ନାହିଁ । କିରେ ଚାରିବର୍ଣ୍ଣରେ ଶ୍ରେଷ୍ଠ ବ୍ରାହ୍ମଣ । ଆମ ଛତିଶ ପାଟକରେ ବ୍ରାହ୍ମଣଙ୍କୁ ଦେବତା ମାନି ପୂଜା କରନ୍ତି । ସେ ପୁଣି ନିଜର କୁଳ ପୁରୋହିତ । ତାଙ୍କୁ ପୁଣି ଠକେଇ ଦେଲା । କି ହୋ ଗୋସାଇଁ ଆପଣଙ୍କ ଯଜମାନ ନା ମୋଚି କିହୋ । ଜାଣିଜାଣି ଡାକି ଡାକି ଅଭିଶାପ ନେଉଛି । କିହୋ ଗୋସେଇଁ କ'ଣ ଆପଣଙ୍କୁ ଏତେ ଛୋଟ ହୋଇ ମାଗୁଥିଲେ ଯେ ତାଙ୍କୁ ଛେଳି କହି କାଳିଆ କୁକୁରଟାକୁ ଦାନ କରିଛ । ଛି ଛି ଆଜିକାଲି ଦୁନିଆରୁ ଧର୍ମ ଛାଡ଼ିଗଲା ଗୋସେଇଁ ।''

ତୃତୀୟ ଠକର କଥା ଶୁଣି ବ୍ରାହ୍ମଣ ବିସ୍ମିତ ହୋଇଗଲା । ବାଟରେ ତ ଗୋଟିଏ କଥା ତିନିଜଣ କହିଲେଣି । ପୁଣି ଗ୍ରାମରେ ପହଞ୍ଚିଗଲେ କିଏ ବା କ'ଣ ମୋତେ ନକହିବ । ଛି ଛି ଯେ ମୋ ଯେଜମାନ ନା ମୋର ଶତ୍ରୁ । ନିଜର କୁଳ ପୁରୋହିତ ସାଥିରେ ଅଧର୍ମର ବିଚାର କଲା । ଆରେ ତୋର କୁଳରେ କେହି ରହିବେନି ? ଏହା କହି ଛେଳିଟାକୁ କାନ୍ଧରୁ ଓହ୍ଲାଇ ଫିଙ୍ଗିଦେଲେ ।

ଠକ କହିଲେ– "ସତରେ ଦୁନିଆଁରେ ପୁଣି ଇମିତି ଠକ ଥାଆନ୍ତି ନିଜର କୁଳ ପୁରୋହିତ ! ତାଙ୍କୁ ପୁଣି ଠକିଦେଇଛି । ସତରେ ବ୍ରାହ୍ମଣମାନଙ୍କର ଅଭିଶାପ ଏ କଳି ଯୁଗରେ ତ ସଙ୍ଗେ ସଙ୍ଗେ ଫଳିବ । କୁଳ ପୁରୋହିତଙ୍କ କାନ୍ଧରେ ତୁମେ କୁକୁରଟାକୁ ବୁହାଇଲ ।'' ଏହାକହି ଠକ ଓଳଗିଟିଏ ହୋଇ ଛେଳିର ଦୌଡ଼ି ଯାଉଥିବା ରାସ୍ତାକୁ ଚାହିଁଥାଏ । ଏଥର ବ୍ରାହ୍ମଣଙ୍କର କାନ୍ଧ ହାଲୁକା ହୋଇଗଲା ସିନା ହେଲେ ମନଟା ରାଗ କ୍ରୋଧରେ ପୂରିଗଲା । ସେହିକଥା ଭାବିଭାବି ବ୍ରାହ୍ମଣ ପୁଣି ନିଜ ମାର୍ଗରେ ଚାଲିଲେ । ଏହାପରେ ଛେଳିଟିକୁ ଗୋଡ଼େଇ ଗୋଡ଼େଇ ତିନି ଠକ ଆନନ୍ଦରେ ଚାଲିଗଲେ ।

କଥାରେ କହନ୍ତି ତିନି ତୁଣ୍ଡରେ ଛେଳି କୁକୁର, ତିନି ଠକ ତାହା ପ୍ରମାଣ କରିଦେଲେ ।

(ସଂଗୃହୀତ)

କବି-କବିତା-୧

# ସୁହାସିନୀ କିଏ ?

୧ ୯ ୯ ୦ ମସିହାର କଥା । ସେ ବର୍ଷାଦିନ ଥିଲା । ଦିନ, ଠିକ୍ ରାତି ଭଳି ମନେ ହେଉଥିଲା । ସାଇଁ ସାଇଁ ପବନ ସହିତ ପାଣିଛିଟା ଆଉ କଦାଚିତ୍ ବିଜୁଳିର ଚମକ୍ ଏବଂ ମେଘ ଗର୍ଜିବା ଶୁଣା ଯାଉଥିଲା । ସୁହାସିନୀ ସେଦିନ ଗୋଟେ ଆଟାଚି ଧରି ଶାଶୁଘରୁ ଫେରି ଆସିଥିଲା ବରଂ ଏମିତି କହିହେବ, ଆଉ ସେଠାକୁ ଯିବିନି- ଏଭଳି ଗୋଟେ ଜିଦ୍‌ରେ ମୋ ଆଗରେ ଛିଡ଼ା ହୋଇଥିଲା । ମୁଁ ତାକୁ ଭାରି ଗୋଟେ ଖୁସିରେ ପଚାରିଦେଲି, "ଡାକ୍ତରୀ ରିପୋର୍ଟ କଣ କହିଲା ?" ସେ ଉତ୍ତର ଦେଇଥିଲା, "ମୁଁ ଆବୋର୍‌ସନ୍ କରେଇ ନେବି ।" ତାର ଖୋଲା କେଶ ଉଡୁଥିଲା ପବନରେ । ସେ ତାର ଆଞ୍ଚଳକୁ ଭିଡ଼ି ଧରିଥିଲା ଦେହରେ ତଥାପି ପବନ ତାକୁ ଯେମିତି ଠେଲିଦେବ, ମୋତେ ଲାଗୁଥିଲା । ମୁଁ ତା' ହାତ ଧରି ପକେଇଲି । ଆଉ ପ୍ରଥମ କରି ଅନୁଭବ କଲି ମୋ ନିଜର ହସ ପଛରେ ବି କାଳାନ୍ତରର ପୀଡ଼ା ସ୍ତୁପିକୃତ ହୋଇଛି । ପିଲାଦିନରୁ ପରିବାର ଭିତରେ ପୁଅଝିଅର ପ୍ରଭେଦ ମୋତେ ମୋର ମାଆ-ବାପା ଜାଣିବାକୁ ଦେଇନଥିଲେ । ସେ ଫରକ୍ ମୋତେ ମୋର ଜ୍ଞାତି ଓ ସମାଜ ଜଣେଇଥିଲେ । ମୋର ସ୍କୁଲ୍ ଜୀବନ, କଲେଜ୍ ଜୀବନ, ଚାକିରି ଜୀବନ- ସବୁଠି ଗୋଟେ ଅଦୃଶ୍ୟ ପନ୍‌ଝା ମୋତେ ପଛକୁ ଭିଡ଼ିବାକୁ ଚାହିଁଛି ଆଉ ମୁଁ ଖାତିର୍ କରିନି । ପିଲାଦିନରୁ ସାଇତା ହୋଇ ରହିଥିବା କ୍ଷୋଭ ସେଦିନ ହଠାତ୍ କେମିତି ଫୁଲି ଉଠିଲା ଲାଭା ଭଳି, ମୋ ଭିତରେ, ଜାଣେନି । ସେହି ସମୟ ଭିତରେ କେଉଁ ଗୋଟେ ମୁହୂର୍ତ୍ତରେ ମୋର ପ୍ରଥମ କବିତା 'ସୁହାସିନୀ ପାଇଁ- ସୁହାସିନୀ ସମ୍ବାଦ' ।

ସେଠି, ସେଇ ଗୋଟିଏ କବିତାରେ ଚୁପ୍ ବସିଯାଇ ଥାଆନ୍ତି ଯଦି ପରିବାର ଏବଂ ସମାଜରେ ଆତଯାତ ସବୁ ନାରୀଙ୍କ ଭିତରେ ମୋତେ ସୁହାସିନୀର କଙ୍କାଳ ଦୁଶି ନଥାନ୍ତା । ଅଦ୍ଭୁତ ! ମୁଁ ଏକ୍ସରେ ନା ସୋନୋଗ୍ରାଫି, କଣ କରୁଛି ? ରକ୍ତ ମାଂସ ନୁହେଁ ସତେ ଯେମିତି ହାଡ଼ମାନେ ଶୋଷି ନେଇଛନ୍ତି ଅକୁହା ଅବ୍ୟକ୍ତ ଯନ୍ତ୍ରଣା । ପରିବାରର ସବୁ ସଦସ୍ୟଙ୍କର ଗୋଟିଏ ଗୋଟିଏ ମନ ପୁଣି ଭିନ୍ନମନ ଅଛି ବୋଲି ବିଚାରୁଥିବା ସୁହାସିନୀ, ତା ନିଜର ଗୋଟିଏ ମନ ଅଛି ବୋଲି କାହିଁକି କହିପାରେନି ପରିବାରରେ ? ସମର୍ପଣ ଓ ସହିଷ୍ଣୁତାର କୋଉ କୀର୍ତ୍ତିସ୍ତମ୍ଭଟିଏ ଗଢ଼ି ସେ ଅମର ହୋଇଯିବ ଯେ...ମାତେ ଏଇ ଚିନ୍ତା ପାଗଳ କରିଦେଲା । ସେଇଠାରୁ ହିଁ ଜନ୍ମ ହେଲା ଧାରାବାହିକ ସୁହାସିନୀ କବିତା । ଉଦଣ୍ଡୀ, ଅସହିଷ୍ଣୁ, ପ୍ରତିଶୋଧ ପରାୟଣା ହୋଇ ନାହିଁ ମୋ ସୁହାସିନୀ, କେବଳ ସତ କହିଛି । ତାର ସୁନ୍ଦର ହସର ପ୍ରଶଂସା କରୁକରୁ ତାକୁ ଏକ ଦ୍ରବ୍ୟ ଭଳି ବ୍ୟବହାର କରିବାକୁ ଯାଉଥିବା ପୁରୁଷ, ପରିବାର ଓ ସମାଜର କଥା କହିଛି । କହିବା ଭିତରେ ସେ କେବଳ ଏତିକି କହିଛି ଯେ କେବେ ଦିନେ ତମେ, ମୋତେ



◀ କବି ସୁଚେତା ମିଶ୍ର

## ସୁହାସିନୀର ଘର ନାହିଁ

### ସୁଚେତା ମିଶ୍ର

ପତି ପରିବାର ପୁରୋହିତଙ୍କୁ
ଅସ୍ୱୀକାର କରି ବାହାରି ଆସିଛି ସୁହାସିନୀ
ଗୋଟେ ସୁଦୀର୍ଘ ସଫେଦ କାନ୍ଥର ପଛରେ
ଲୁଚି ଚାହୁଁଚି ସମାଜ
ଉଲଗ୍ନ ସମାଜ
ସାମ୍ନା କରିପାରିବନି ସୁହାସିନୀର ।

ପବନରେ ଭାସି ଆସିବ ନିର୍ମୋହୀ ବାକ୍ୟ
ସୁହାସିନୀ ହତଭାଗିନୀ
ସୁହାସିନୀ ଅହଂକାରୀ
ସୁହାସିନୀ ଅଶ୍ରୁତ କାହାଣୀ
କେଉଁ ଧାତୁରେ ଗଢା ସେ କେଜାଣି( ? )

ପତି ପରିବାର ପୁରୋହିତଙ୍କୁ
ଅସ୍ୱୀକାର କରି ବାହାରି ଆସିଛି ସୁହାସିନୀ
ଷୋହଳ କଳାରୁ ଗୋଟେ କଳା ହଜୁଛି
ମେଘ ବର୍ଷା ନଦେଇ ଗୁମ୍ଫାରେ ଲୁଚୁଛି
ଜହ୍ନ ଦେହରୁ ଫାଳେ ରଶ୍ମୀ
ପ୍ରୀତିପର୍ଣ୍ଣା ଭୂଇଁକୁ ବିଦାରି ପକଉଛି ।

ଦର ଆଉଜା ଦୁଆର
ଯାହା ଖୋଲା ଯାଇନି ଏତେକାଳ
ସୁହାସିନୀ ତାକୁ ଛୁଉଁଚି
ଶବ୍ଦ ଯାହା ଉଚ୍ଚାରିତ ହୋଇନି
ତାକୁ ଦୋହରଉଛି
ପ୍ରସ୍ତାବ ଯାହା ବିଚାରକୁ ନିଆ ଯାଇନି
ତାକୁ ସ୍ଥାପନ କରୁଛି
ଅସ୍ମିତାକୁ ଖୋଜୁଛି ।

ଅସ୍ମିତା ସୁହାସିନୀର ଶତ୍ରୁ
ତାର ବନ୍ଧକ
ଗୋଟେ କଣ୍ଟାବାଡ଼
ଚକଡ଼ା ପୋକ ଲାଗିଥିବା କ୍ଷେତ ହେଉଛି
ସୁହାସିନୀର ଅସ୍ମିତା
ଯାହାକୁ ଜାଳିଦେବା ପରେ ବି ବଞ୍ଚ ହୁଏନି ।

ପତି ପରିବାର ପୁରୋହିତଙ୍କୁ
ଅସ୍ୱୀକାର କରି ବାହାରି ଆସିଛି ସୁହାସିନୀ
ତା ନିଜ ବିରୁଦ୍ଧରେ ଛିଡ଼ା କରଉଛି ପଞ୍ଚାୟତ
ପ୍ରତିପକ୍ଷ କହୁଛି ସେ ଅଲଗା ବର୍ଗ
ସେ କହୁଛି- ମୁଁ ମଣିଷ
ତାକୁ ଦେବୀ ଡାଆଣୀ

ମୋର ଦୃଷ୍ଟିରେ ଦେଖ । ସେହି ସମୟରେ ମୋତେ ତିନି ପିଢ଼ିର ନାରୀଙ୍କୁ ତନ୍ନ ତନ୍ନ ଅନୁଶୀଳନ କରିବାକୁ ହୋଇଛି । କବିତା ଲେଖିବି ବୋଲି ନୁହେଁ ବରଂ ନିଜ କଙ୍କାଳର ମାପ ଆଉ କେବେ ଶେଯ ତଳେ, ମାଟି କୁମ୍ଭି ଭିତରେ, ପୁରୁଣା ଲୁଗା ଗଣ୍ଡିଲି କି ଅଳିଆ ଡବା ଭିତରେ ଲୁଚେଇ ଦେଉଥିବା ସେଇ ଓଦା ଓଦା ପୀଡ଼ା ଟିକକ ଧରି ପାରିବି ବୋଲି ।

କାହାର ବାନ୍ଧବୀ, କାହାର ପ୍ରେମିକା, କାହାର ପତ୍ନୀ ପୁଣି କାହା ମାଆ ହେବା ଏକ ପ୍ରୀତିଭରା ବନ୍ଧନ ନା ସମାଜ ସ୍ୱୀକୃତ ଦାସତ୍ୱ- ତାହା ମୋତେ ଆଜିବି ବିଚଳିତ ରଖିଛି । ମୁଁ ଜାଣେ, ଏ ଲେଖାଟି ପଢ଼ିବା ପରେ ମୋର ଶୁଭଚିନ୍ତକ ପୁରୁଷ ଗଣ ମୋତେ ପୁଣିଥରେ ବୁଝେଇବେ ଯେ ପୃଥିବୀର ସବୁ ପୁରୁଷ ଏକାଭଳି ନୁହନ୍ତି । ମୋ ଭିତରେ ସୁହାସିନୀ ଚୁପଚାପ୍ ହସିବ ଆଉ ପୂର୍ବଭଳି ଉତ୍ତର ନଫେରେଇ ନୀରବ ରହିବ ।

ଏ ଏକ ବିରୋଧାଭାସ ହୋଇପାରେ । ମୋତେ ସୁହାସିନୀ କହିଥିଲା ଯେ ସେ ପୁରୁଷର ଛାତି ଭିତରେ ଅଛି । ମୁଁ ତାକୁ ପଚାରିଥିଲି । ବାଆଁ ପାଖ ଛାତି ପକେଟ୍‌ରେ ରୁମାଲ୍ ଭଳି ତ...ଯିଏ ପ୍ରାୟ ପକେଟ୍‌ରୁ ବାହାରିଲେ ହାତମୁଠାରେ ଚାପି ହୋଇଯାଏ । ନହେଲେ ଖୁଚୁରା ଟଙ୍କା ହେଇଥିବ ତ ଟଙ୍କା ଭଳି ଖର୍ଚ୍ଚ ହେଇ ଯାଉଥିବ । ଖଟ ଉପରେ ହାତ ତକିଆ ଆଉ ଥାଳିରେ ଅନ୍ନର ବାସ୍ନା ହେଇ ଯାଉଥିବ । ସୁହାସିନୀ, କେବେ ବିକ୍ରି, କେବେ ବିଜ୍ଞପିତ, କେବେ ବଳାତ୍କାରର ଶିକାର । ବେରୋଜଗାରିଆ ଅବିବାହିତା ସୁହାସିନୀ ପରିବାରର ଆପେଣ୍ଡିକ୍ସ, ବିବାହିତା ସୁହାସିନୀ ବନ୍ଦିନୀ, ଚାକିରି କରୁଥିବା ସୁହାସିନୀ ଶୋଷିତା । ବେପରୁଆ ବଞ୍ଚୁଥିବା ସୁହାସିନୀ, ବ୍ୟଭିଚାରିଣୀ, ସୁହାସିନୀ ସେଦିନ ମୋ ସହିତ ବିଲ୍‌କୁଲ୍ ଯୁକ୍ତି କରିନି । ନୀରବରେ ମୋତେ କହିଛି, "କିଛି ନିୟମକୁ ମାନି ନେବାକୁ ହୁଏ ।" ମୁଁ ବି ନୀରବରେ ଉଚ୍ଚାରିଛି, "କାହିଁକି ?" ଆଉ ତାର ଉତ୍ତର ପାଇନି ।

କେଇ ବର୍ଷ ତଳର କଥା । ଆତ୍ମହତ୍ୟା କରିବାକୁ ଯାଉଥିବା ଜଣେ ବିବାହିତା, ଯିଏ ଗୁଡ଼ାଏ ନିଦ ବଟିକା ଗିଳିଥିଲେ । ତାଙ୍କୁ ଡାକ୍ତରଖାନାରେ ପହଞ୍ଚେଇ ବଞ୍ଚେଇ ଦେଇ ପାରିଲି । ସାରାରାତିର ସଂଘର୍ଷ ପରେ ସେ ତା' ପରଦିନ ସକାଳେ ଆଖି ଖୋଲିଲେ ଆଉ ମୋତେ ଚାହିଁ ହସିଲେ । ବରଫ ଫାଟି ଧାରେ ପାଣି ବୋହିଗଲା ଯେମିତି- ଲାଗିଥିଲା ମୋତେ । ଏତେ ସୁନ୍ଦର ହୋଇପାରେ ସୁହାସିନୀର ହସ । ପାରିବାରିକ ଅଶାନ୍ତି କି କଳହ ହୋଇପାରେ ମୁଁ ତାଙ୍କୁ କିଛି ପଚାରି ନଥିଲି । ସେ କିନ୍ତୁ ସେଦିନ ଗୋଟେ ବିଚିତ୍ର କଥା କହିଥିଲେ ମୋତେ । କହିଥିଲେ, "ମୁଁ ତୁମକୁ କାହିଁକି ବାହା ହେଲିନି ।" ଏ ଧାଡ଼ିଟି ମୋ ଭିତରେ ଗୋଟେ ହାହାକାର ଆଣିବା ସ୍ୱାଭାବିକ ଥିଲା ।

ମନେ ପଡ଼ିଥିଲା ଜଗନ୍ନାଥ ମନ୍ଦିରରେ, ଲକ୍ଷ୍ମୀ ଠାକୁରାଣୀଙ୍କ ଆଗରେ ଦୁଇ ବାହୁ ଟେକି "ମା...ଆ...ଗୋ" କହୁଥିବା ସେ ଲୋକ, ଘରେ ସ୍ତ୍ରୀକୁ ଗୋଇଠା ମାରିବାକୁ ପଛାଏନି ।

୧୯୯୦ ମସିହାରୁ ୨୦୧୮ ମସିହା ଭିତରେ ସମୟ ବଦଳିଛି । ପରିବେଶ ଓ ପରିସ୍ଥିତିର ବି ପରିବର୍ତ୍ତନ ହୋଇଛି । କେହି କେହି କହିଲେଣି ନାରୀ ଉଗ୍ର ହେବାକୁ ଆରମ୍ଭ କଲାଣି, ଅସ୍ୱୀକାର କଲାଣି, ବୁଝାମଣା ପାଇଁ ରାଜି ନୁହେଁ, ସେ ବି ପୁରୁଷକୁ ନିର୍ଯାତନା ଦେଲାଣି, ବ୍ୟବହାର କଲାଣି । ସେ ଏମିତି କାହିଁକି ହେଇଗଲା ? ତାର ଏମିତି ହେବା ଆବଶ୍ୟକ ଥିଲା କି ? ସତ କହିବାରେ ଦ୍ୱିଧା ନାହିଁ, ଆଜି ମୁଁ ମୋ ସୁହାସିନୀକୁ ଖୋଜିବା ବେଳେ ମୋତେ ଜଣେ ବେପରୁଆ, ନିଃସମ୍ପର୍କ ଆଉ ପ୍ରଶ୍ନ ପଚାରୁଥିବା ସୁହାସିନୀକୁ ଖୋଜିବା ବେଳେ ମୋତେ ଜଣେ ବେପରୁଆ, ନିଃସମ୍ପର୍କ ଆଉ ପ୍ରଶ୍ନ ପଚାରୁଥିବା ସୁହାସିନୀ ହିଁ ମିଳୁଛି । ମୋର ତା ସହିତ କଥା ହେବାର ଅଛି । ତାର ସୁନ୍ଦର ମେକ୍‌ଅପ୍ କରା ଚେହେରା ଆଉ ଖିଲ୍‌ଖିଲ୍ ହସ ତଳେ ଦବି ରହିଥିବା ରକ୍ତକ୍ଷରା ଘାଆଟିକୁ ମୋତେ ସାମ୍ନା କରିବାକୁ ହେବ ।

ତେବେ, ଆପଣଙ୍କୁ ଯାହା ଗପ ଭଳି ଲାଗୁଥିଲା ଯେ ସୁହାସିନୀ ଆସି କହିଲା ଗର୍ଭପାତ କରେଇ ନେବ ସେଇ କଥାଟି କହି ରଖେ । ଗପ ଭଳି ଲାଗୁଥିଲେ ବି ତାହା ଗପ ନୁହେଁ । ତାପରେ ସୁହାସିନୀ ଅଶେଷ କଷ୍ଟ ସହିଲା, ଶାରୀରିକ ଓ ମାନସିକ । ପୁଅଟିଏକୁ ଜନ୍ମଦେଲା ନିଜ ଜୀବନର ସବୁ ପୁଞ୍ଜି, ସ୍ୱପ୍ନ, ମାଧୁର୍ଯ୍ୟ ଆଉ ସାମର୍ଥ୍ୟ ସେଇ ପୁଅ ପାଇଁ ସାରିଦେଲା । ସେ ପୁଅଟି ଏବେ ଯୋଗ୍ୟ, ବିଦେଶରେ ଅଛି । କହିବାର କଥାଟି ହେଉଛି ସୁହାସିନୀ ଆଜିବି କେଉଁଠି ନା କେଉଁଠି ନିଜକୁ କ୍ଷୟକରି ସାରା ସଂସାରକୁ ପୂଜାଫୁଲ ଭଳି ଟେକି ଧରିଛି । ମୋର ଭୟ- ସେ ଦିନେ କେବେ ସତରେ 'ନା' ବୋଲି କହି ନଦେଉ । ପ୍ରକୃତିର ସୃଷ୍ଟି, ଲାଳନ ଏବଂ ଧାରଣର ସବୁ ଉର୍ଜାକୁ ଯଦି ସେ ଦିନେ ନିର୍ବାପିତ କରିଦିଏ, ତାହେଲେ... ? ସୁହାସିନୀ ଘର ଗଢ଼େ । ହୋଇପାରେ ତାକୁ ଘରର ସାମ୍ରାଜ୍ଞୀ ବୋଲି ବି ଗ୍ରହଣ କରାଯାଉଥାଏ, ହୋଇପାରେ ତାର ଅଭାବ ବୋଲି କିଛି ନଥାଇପାରେ, ତା କାନିରେ ଘରକଯାକର ଚାବି ପେନ୍ଥା ବନ୍ଧାଯାଇ ଥାଇପାରେ ହେଲେ ଏମିତି ମୁହୂର୍ତ୍ତଟିଏ ତ ନିଶ୍ଚୟ ଆସେ ଯେତେବେଳେ ଘରର ଗୋଟିଏ କୋଣ ବି ସର୍ବାନ୍ତକରଣରେ ତା'ର ବୋଲି ସେ କହିପାରେନି ।

ଦେଖିଛି, ସୁହାସିନୀ ନବେ ପ୍ରତିଶତ ପୋଡ଼ିଯାଇ ଡାକ୍ତରଖାନାର ଖଟରେ ଉଲଗ୍ନ ପଡ଼ିଥିବା ଆଉ ଶେଷ ଜମାନବନ୍ଦୀରେ, ଏହା ଏକ ଦୁର୍ଘଟଣା କହି ପତି, ପରିବାର ଓ ସମାଜକୁ କ୍ଷମା କରିଦେବା । ସତ ଜାଣିବି ମୁଁ କିଛି କରିପାରିନି । ଆଜି ମୋ ଭିତରେ ମୋ ଅସ୍ମିତା ମୋତେ ଧିକ୍କାର କରେ ଯେ ସୁହାସିନୀ ପାଇଁ ମୁଁ ଜୀବନୋନ୍ମୁଖୀ କବିତାଟିଏ ଲେଖି ପାରିଲିନି ।

ଲିଡ୍‌ବ୍ୟାଙ୍କ ଲେନ୍ (ପୁରୁଣା), ପୁଲିସ ଲାଇନ, ପୁରୀ-୭୫୨୦୦୧, ଫୋନ:୯୯୩୭୧୫୯୮୯୧


ପେଣ୍ଟିଂ : କନିନିକା ଦେ ଶଙ୍କର

ସର୍ବଂସହା କି ବାୟାଣୀ କହିବାର
ଅଧିକାର ସେ ଦେଇନି କାହାରିକୁ ।

ସାରା ସମ୍ବନ୍ଧ ଯାହା ତାର ହେଇ ପାରିଲେନି
ସବୁ ସାକ୍ଷାତ ଯାହା ଫଳପ୍ରସୂ ହେଲାନି
ତାର ଜନ୍ମଜାତ ରାସ୍ତା
ଯାହା ତିଆରି ହେଲା ଅନ୍ୟର ପାଦଚିହ୍ନରେ
ସେମାନେ ସମସ୍ତେ ଏବେ କରୁଛନ୍ତି
ତାର ଅପବାଦ
ଦିନେ ତାକୁ ଯିଏ ଚରେଇବାକୁ ନେଉଥିଲା
ମୁହଁରେ ଚାରା ଫିଙ୍ଗୁଥିଲା
ଏବେ ପାଲଟିଛି ଅସହାୟ ହିଂସୁକ ।

ପତି ପରିବାର ପୁରୋହିତଙ୍କୁ
ଅସ୍ୱୀକାର କରି ବାହାରି ଆସିଛି ସୁହାସିନୀ
ଗୋଟେ ନିଶ୍ଚଳ ବିଶ୍ୱାସ
ଗମ୍ଭୀର ସନ୍ତାପର ଗଭୀରତା ସେ
ଏଇନା ଆଉ କୌଣସି ବିମ୍ବ ଭିତରେ
ବାନ୍ଧି ହେଉନି
ପିନ୍ଧାଲୁଗା ସହ ନିଜ ଇଚ୍ଛାକୁ
ଓହ୍ଲେଇ ଦଉନି
ଲୁହରେ ବୋହିଯାଇ
ଅନ୍ୟର ଶରଣାଗତ ହେଉନି ।

ଏମିତି କଣ ଥିଲା ସୁହାସିନୀ
ଜୀବନର ଅର୍ଜିତ ଆତ୍ମସତ୍ୟକୁ ଖର୍ଚ୍ଚ କରି
ସେ କେତେବାର ସଜାଡ଼ିଛି
ପରିବାରର ଭଙ୍ଗାଘର
ଘରର ସବୁ କୋଣ ବାଣ୍ଟି ଦେଇ
ସେଇ ଏକାଘରେ
ନିଜ ପାଇଁ ଆଦରିଛି ବନବାସ
ଆଜି ଘରଟେ ଖୋଜୁଛି ସୁହାସିନୀ
ପୃଥିବୀର କେଉଁ କୋଣରେ କେଜାଣି
ତା ଲାଗି ଉଦ୍ଦିଷ୍ଟ ଘରଟିଏ
ଏଇମାତ୍ର ଧ୍ୱସ୍ତ ହେଉଛି
କାହାର ଲୋଲୁପତା
କାହା ଅହଙ୍କାର କାହାର କୁତ୍ସିତ ଚକ୍ରାନ୍ତରେ । ♥

# ଶାଢ଼ି କାହିଁକି ?

ଆମ ଭିତରୁ ଅନେକ ନିଶ୍ଚୟ ଅକ୍ଷୟ ମହାନ୍ତିଙ୍କର ଏଇ ପ୍ରସିଦ୍ଧ ଗୀତଟିକୁ ଶୁଣିଥିବେ ଯାହାର ମୁଖଡ଼ାଟି ଏହିପରି- ଟେସନ୍‌ରୁ ଗାଡ଼ି ଦେଲା ଛାଡ଼ି / ପିନ୍ଧିଲୁ ଯେବେ ମାଣିଆବନ୍ଧି ଶାଢ଼ି...

ଓଡ଼ିଆଣୀର ମାଣିଆବନ୍ଧି ଶାଢ଼ି ପିନ୍ଧିବାଟା ଏଇ କବିତାର କଥା ହୋଇପାରେ । କିନ୍ତୁ ସମଗ୍ର ଭାରତୀୟ ଉପମହାଦେଶରେ ମହିଳାମାନଙ୍କର ଶାଢ଼ି ପିନ୍ଧିବା ଶତାବ୍ଦୀ ଶତାବ୍ଦୀର ପୁରୁଣା କଥା । ଗତ ଅକ୍ଟୋବର ୨୦୧୭ରେ ଯେବେ ପରିବାର ସହ ଗୁଜୁରାଟର ଲୋଥାଲ୍ ଯାଇଥିଲି ସେଠି ମୋର ସ୍ୱାମୀ ପ୍ରଶାନ୍ତ, ଯିଏ କି ଜଣେ ଇତିହାସ ଅଧ୍ୟାପକ ଶାଢ଼ି ବାବଦରେ ମୋତେ ଗୋଟେ ଚମତ୍କାର କଥା କହିଥିଲେ । ସିନ୍ଧୁ ସଭ୍ୟତାର (୨୮୦୦ BC ରୁ ୧୮୦୦ BC) ଧ୍ୱଂସାବଶେଷ ଭିତରୁ ମିଳିଛି ଶାଢ଼ି ପିନ୍ଧିବା ନେଇ ସବୁଠାରୁ ପୁରୁଣା ପ୍ରମାଣ । ଜଣେ ପୂଜକ ଶାଢ଼ି ଭଳି ବସ୍ତ୍ର ପିନ୍ଧିଥିବାର ମୂର୍ତ୍ତି ମିଳିଛି ସେଠୁ ।

ଖ୍ରୀ.ପୂ. ୫୦୦୦ରେ ତୁଳାରୁ ସୂତା ବୁଣିବା ଆରମ୍ଭ କରିଥିଲେ ଭାରତୀୟ ଉପମହାଦେଶର ଅଧିବାସୀମାନେ । ଲାଖ, ହଳଦୀ, ନୀଳ (Indigo), ମେହେନ୍ଦି, ନାଲି ମଞ୍ଜୁଆଡି ଇତ୍ୟାଦି ବ୍ୟବହାର କରି ପରେ ପରେ ସୂତାକୁ ରଙ୍ଗ କରାଗଲା । ସୂତା ଓ ରଙ୍ଗ ଆସିଗଲା ମାନେ ଓସାରିଆ କପଡ଼ା ରଙ୍ଗବେରଙ୍ଗ ଶାଢ଼ି ହୋଇ ଆସି ଯାଇଥିବ । ବିଭିନ୍ନ ସମୟରେ ବିଭିନ୍ନ ଅଞ୍ଚଳରେ ଭିନ୍ନ ଭିନ୍ନ ଲମ୍ବ ଓ ଓସାରର (ସାଧାରଣତଃ ଲମ୍ବା ୪.୫ ରୁ ୮ ମିଟର ଓ ଓସାର ୬୦ ସେ.ମିରୁ ୧.୨୦ମିଟର) ଶାଢ଼ି ଆବଶ୍ୟକତା, ସୌନ୍ଦର୍ଯ୍ୟବୋଧ, ଭୌଗୋଳିକତା ଓ ବିଶେଷତା ଅନୁଯାୟୀ ତିଆରି ହୋଇଛି । ଶାଢ଼ିକୁ ପିନ୍ଧିବାର ଶୈଳି ମଧ୍ୟ ଅଞ୍ଚଳ ଓ ସୋସିଆଲ୍ ହାଇରାର୍‌କିରେ ନିଜର ସ୍ଥାନ ଭେଦରେ ଭିନ୍ନ ଭିନ୍ନ । ସେସବୁ ବାବଦରେ ଲମ୍ବା ତାଲିକା ଦେବାର ସୁଯୋଗ ଓ ଆବଶ୍ୟକତା ଏହି ଆଲେଖ୍ୟରେ ନାହିଁ ।

ଶାଢ଼ିକୁ ନେଇ କବିତା ଲେଖିବା ଓଡ଼ିଆ କବି ଓ ଓଡ଼ିଆ ଭାଷା ପାଇଁ ନୂଆ କଥା ନୁହେଁ । ମନେ ପକାନ୍ତୁ ଏ ପଦ : "କଉଁ ଅରଣ୍ୟରେ କଉଁ ଗୋପୀ ଠାରେ, ନୋହିଛି ଡକାଇତ ପଣ / କେବଳ ଆଜ ପରିଯନ୍ତେ ନଥିଲା, ପିନ୍ଧିଲା ବସନ ହରଣ / କୃଷ୍ଣ ହେ କଲ ଏବେ ଭଲ ଉପାୟ / କେମନ୍ତ ହୋଇ ଗୋପେ ଆଉ ରହିବା / ସ୍ନାନ ଠାବରେ ଚୋର ଭୟ... !" କିମ୍ବା "ଲୀଳାନିଧି ହେ, ଲାଜେ ମୁଁ ଗଲିଣି ସଢ଼ି (କିଶୋର ଚନ୍ଦ୍ରାନନ ଚମ୍ପୂ) ଲୁଚାଇଛ କାହିଁ ଶ୍ୟାମ ହେ, ଦିଅ ମୋ ଲାଗି ଶାଢ଼ି"(ବଳଦେବ ରଥ)

ଉଦାହରଣ ଅଗଣନ । ମହାକାବ୍ୟମାନଙ୍କରେ ନାରୀର କଥା କହିଲା ବେଳେ ଶାଢ଼ି ଆସିଛି ହିଁ ଆସିଛି । କୁରୁସଭାରେ



କବି ଚିରଶ୍ରୀ ଇନ୍ଦ୍ରସିଂ

## ଶାଢ଼ି-୨୦

**ଚିରଶ୍ରୀ ଇନ୍ଦ୍ରସିଂ**

ଗୋଟିଏ ଶାଢ଼ିକୁ ପିନ୍ଧିଥାଉ
ଏକାବେଳକେ ଆମେ ଦୁଇଜଣ ।

ଏକ ହିଁ ପେଟ ଏକ ହିଁ ଯୋନି
ସମାନ ନାଭି ସମାନ ସ୍ତନ ବେନି
ଛାତିର ପିଞ୍ଜରାରେ ଅଭିନ୍ନ କମଳ
ଗୋଟିଏ ତଡ଼ାଗରେ ରକତ ଟଳମଳ

ରକତ ଟଳମଳ ଖଇର ପାଞ୍ଚପଳ
ସାଧବାଣୀକୁ ଜଣା ଦୁଇ ପ୍ରକାର ଫଳ
ଦୁଇଟି ଫଳ ଘେନି ଦୁଇ ପ୍ରକାର ବୀଜ
ସିଏ କହିଲେ ପର, ମୁଁ ବୋଲୁଥାଏ ନିଜ

ମୁଁ ଖୋଜେ ପ୍ରାଚୀତାରା
ସେ ମାଗେ ଅସ୍ତରାଗ
ମଧୁରେ ମୋର ରୁଚି
ସେ ଭୋଗେ ତିକ୍ତ ଭୋଗ ।

ଗୋଟିଏ ଦେହରେ ଚାରୋଟି ନୟନ
ଦୁଇଟି ଜିହ୍ୱା ଦୁଇଟି ତିଳ ଚିହ୍ନ
ଦୁଇ ନାସିକା ପରେ, ଦୁଇଟି କପାଳ
ଦୁଇଟି ମନ, ଦୁଇ ହଳ କପୋଳ
ଗୋଟିଏ ଶାଢ଼ିକୁ ପିନ୍ଧିଥାଉ
ଆମେ ଦୁଇ ଜଣ ନାରୀ
ଯମଜ ଆମେ, କେହି ନୋହୁଁ କାହା ପରି ।

କେତେ ଏକାପରି ଆମେ
ଜାଣେ ଆମ ଶାଢ଼ି
ଆମ ଶାଢ଼ି କୁହୁକିନୀ ବନ୍ଦ ସାପ ପେଡ଼ି ।
ଗୋଟିଏ ପେଡ଼ି ସିନା ଦୁଇଗୋଟି ସାପ
କିଛି ନାହିଁ ପୁଣ୍ୟ ସେଠି କିଛି ନାହିଁ ପାପ ।

କେବେ ଜଣେ ଶୋଇଥିଲେ ଜଣେ ଥାଏ ଚେଇଁ
କେବେ ଚେତା ଦୁହେଁ
ପୁଣି କେବେ ଚେତା ନାହିଁ ।

ଗୋଟିଏ ଶାଢ଼ିକୁ ପିନ୍ଧିଥାଉ
ଆମେ ଦୁଇଜଣ ନାରୀ
ଶାଢ଼ି ଗୋଟେ ନାଗଫାଶ
ପାହାଡ଼ରୁ ଭାରି ।

ପିନ୍ଧିଥାଉ ଯାହାକୁ ଚାହୁଁ ତାକୁ ଛିଣ୍ଡାଇବୁ
ଏକ ବୋଲି କାହିଁକି ଜଗତ ଭଣ୍ଡାଇବୁ
ସଂଯୋଗୀ ଦେବୁ ନିଆଁ
ଶାଢ଼ି ଖଣ୍ଡ ଖଣ୍ଡ କରି
ପାଉଁଶରେ କଳା ହେବେ ନଦୀ ଆଉ ନାରୀ !

ଗୋଟଏ ଶାଢ଼ିକୁ ପିନ୍ଧିଥାଉ ଆମେ ଦୁଇଜଣ ନାରୀ
ଗୋଟିଏ ଶାଢ଼ି ପିନ୍ଧିବା ନିୟତି ଆମରି !

ଦ୍ରୌପଦୀଙ୍କର ବସ୍ତ୍ର ହରଣ, ଲଙ୍କାରେ ଅବସ୍ଥାନ କରିବା କାଳରେ ସୀତାଙ୍କର ଅମ୍ଳାନ ବସ୍ତ୍ର, ଭାଗବତରେ ଯମୁନା କୂଳରେ ଗୋପୀମାନଙ୍କର ବସ୍ତ୍ର ଉଡ଼େଇ ନେଇଥିବା କୃଷ୍ଣଙ୍କର ଚପଳ ଦୁଷ୍ଟାମୀ...ଏତକ କଥା ନଥାଇ ମହତୀ ମହାକାବ୍ୟମାନଙ୍କର ବିସ୍ତୃତି ଓ ବିଶେଷଣ ସାର୍ଥକ ଓ ସମର୍ଥ ଭାବେ ସମ୍ଭବ ହୋଇପାରି ଥାଆନ୍ତା କି ?

ଶାଢ଼ି ଓ ନାରୀସତ୍ତାକୁ ଏଭଳି ଅଭିନ୍ନ ବୋଲି ଆମର ଏଠି କଳ୍ପନା କରାଯାଇଛି । ଆମର ଏଠି ଯେ, ମନ୍ଦିରରେ ମୂର୍ତ୍ତିମାନଙ୍କୁ ଶାଢ଼ି ପିନ୍ଧାଇବା ପରି ନଦୀକୁ ବି ଶାଢ଼ି ଅର୍ପଣ କରାଯିବାର ପରମ୍ପରା ଚଳି ଆସୁଛି କେଉଁଠି କେଉଁଠି । ବର୍ତ୍ତମାନ ପ୍ରାୟତଃ ଆମେ ସମସ୍ତେ(ଏବଂ ତାହା ମଧ୍ୟ ବହୁଳ ପ୍ରଚଳିତ) ଅନୁକରଣ ଓ ଗ୍ରହଣ କରିଥିବା ଶାଢ଼ିପିନ୍ଧାର ଶୈଳୀଟି 'ନିବି' ଶୈଳୀର ଯାହାର ଆରମ୍ଭ ଆନ୍ଧ୍ରପ୍ରଦେଶରେ ହୋଇଥିଲା । ଦୁଇତିନି ବର୍ଷ ତଳେ ସେଇ ଆନ୍ଧ୍ରପ୍ରଦେଶରେ ଗୋଦାବରୀ ନଦୀକୁ ମୁମ୍ବାଇରେ ରହୁଥିବା ଜଣେ ଦିଗ୍‌ଗଜ ବ୍ୟବସାୟୀ ଶାଢ଼ି ଅର୍ପଣ କରୁଥିବାର ଏକ ଖବର Times of India ଖବର କାଗଜରେ ସଚିତ୍ର ଭାବେ ପ୍ରକାଶ ପାଇଛି । ପ୍ରକାଶିତ ଖବର ଓ ଫଟୋଚିତ୍ର ଅନୁଯାୟୀ ଶହେରୁ ଊର୍ଦ୍ଧ୍ୱ (ଠିକ୍ ମନେପଡୁନି ବୋଧହୁଏ ଦେଢ଼ଶହ) ଶାଢ଼ିକୁ ସେମିତି ୩୫/୪୦ ଜଣ ସ୍ତ୍ରୀଲୋକ ଏକାଠି ଲମ୍ବା କରି ଧରି ପାଣିକୁ ଓହ୍ଲେଇଥିଲେ । ସତେ ଯେମିତି ସେମାନେ ନଦୀକୁ ଶାଢ଼ିଟି ପିନ୍ଧିବାରେ ସହଯୋଗ କରୁଥିଲେ । ପୂଜା ପରେ ଅବଶ୍ୟ ଶାଢ଼ିଗୁଡ଼ିକୁ ପାଖରେ ଉପସ୍ଥିତ ଗରୀବ ସ୍ତ୍ରୀଲୋକମାନଙ୍କୁ ବାଣ୍ଟି ଦିଆ ଯାଇଥିଲା ।

ମୁଁ ଏଥର ମୋ କଥା କହେ । 'ଶାଢ଼ି' ଶୀର୍ଷକ କବିତା ଲେଖା ଆରମ୍ଭ କରିଥିଲି ୨୦୦୮ ମସିହାରେ । ପ୍ରଥମ କବିତାଟି ଲେଖିଲା ବେଳେ କୌଣସି ଯୋଜନା କି ଧାରଣା ନଥିଲା ମନରେ ଯେ ଶାଢ଼ିକୁ ଆଧାର କରି ଏତେଦିନ ଧରି ଏତେ କବିତା ଓ ଅନୁଭବ ରହିଛି ମୋ ପାଇଁ ଜୀବନରେ । ଆଶା କରିନଥିଲି ମୁଁ ରତିଏ ବୋଲି ଯେ ୨୦୧୮ରେ ବି ଏ କବିତା ଲେଖିବା ମୋର ସରିନଥିବ । 'ଶାଢ଼ି-୧'ର ପ୍ରଥମ ଦୁଇ ଧାଡ଼ି ଥିଲା ଏହିପରି : "କିଏ କେମିତି ଉତାରି / ଖୋଲି ପାରେ ଶାଢ଼ି/ ସେଇଥିରୁ ଜଣାପଡ଼େ କିଏ ପ୍ରେମିକ କିଏ ପାମର ।"

କୁହାଯାଇ ପାରେ ଯେ ବେଶ୍ ହାଲୁକା ଭାବେ ଆରମ୍ଭ ହୋଇଥିଲା କବିତାଟି । ଦ୍ୱିତୀୟ କବିତାଟିର କିଛି ଅଂଶ ଏହିପରି, ଯାହାକୁ ମୁଁ ଅଳ୍ପଦିନର ବ୍ୟବଧାନ ପରେ ଲେଖିଥିଲି : "ଯୋଉଠି ଲୋଭ ଯୋଉଠି ଭୟ / ଯୋଉଠି ଯୁଦ୍ଧ ଯୋଉଠି କ୍ଷୟ / ଯୋଉଠି ତନ୍ତ୍ର ଯୋଉଠି ତରବାରୀ / ଯୋଉଠି ଦଙ୍ଗା ଯୋଉଠି ଦରବାରୀ । / ସବୁଠି ତୁମେ ଦେଖିପାରିବ ଟୁକୁରା ଟୁକୁରା ଚିରା ଶାଢ଼ି ।"


ପେଣ୍ଟିଂ : ସୁଧାକର କ୍ରିଷାନ୍

ନାରୀ ଜଣେ ବଜାର ଯାଇ ଶାଢ଼ି ବାଛିବା ବେଳେ ଶାଢ଼ିର ରଙ୍ଗ, ଗନ୍ଧ, ସ୍ପର୍ଶ, ସୂତାର ମୋଟେଇ, ଚିତ୍ରର ଚମକ, ଏମିତିକି ଶାଢ଼ିର ଏକ ପ୍ରକାର ସୁଆଦ ତା' ମନକୁ ମାନିବା ଯାଏଁ ଅପେକ୍ଷା କରେ; ତେବେ ଯାଇ ଶାଢ଼ିଟି କିଣେ । କବିତାର ଭାଷାରେ : "ଗୋଟିଏ ଶାଢ଼ିକୁ ହଁ କରିବାକୁ ଯେ ବିଚାରୀ ଚଉଦବ୍ରହ୍ମାଣ୍ଡ ଘୂରି ଯାଇଥାଏ ।" କିନ୍ତୁ ତିନି ନମ୍ବର ଶାଢ଼ି କବିତାରେ ବଜାର ଫେରନ୍ତା ରାସ୍ତାରେ ଶାଢ଼ି ନୂଆ ଜରି ଖୋଳରୁ ଉହୁଙ୍କି ମାରି ପ୍ରଶ୍ନ କରେ : "ମତେ ପରଖିଲା ପରି / କେବେ ପରଖିଛ କି ନିଜକୁ ବୁଝିଛ କି / ତୁମ ଶାଢ଼ି ପିନ୍ଧା ଦେହଟି ଉପରେ ତୁମ ନିଜର / ମାଲିକାନା ବୋଲି କିଛି ଥାଏ କି ନଥାଏ ?"

ଲିଭ୍-ଇନ୍-ରିଲେସନ୍ ପାଇଁ ଯଦିଓ ଅଛି, ବିବାହିତ ଦମ୍ପତିଙ୍କ କ୍ଷେତ୍ରରେ ଧର୍ଷଣ / ଦୁଷ୍କର୍ମ ଏବେ ମଧ୍ୟ ଏକ କ୍ରିମିନାଲ୍ ଅଫେନ୍ସ ନୁହେଁ । ହେବା ଉଚିତ କି ନୁହେଁ ଅଲଗା କଥା, କିନ୍ତୁ ବିବାହିତା ନାରୀମାନେ ଯେ ଯୌନ ଉତ୍ପୀଡ଼ନର ଶୀକାର ହୁଅନ୍ତି ଅନେକତ୍ର, ଏକଥା ସମସ୍ତେ ସ୍ୱୀକାର କରିବେ ।

ନାରୀର ସ୍ଥିତି, ଅସ୍ମିତା, ଅଭିମାନ, ଅସହାୟତା, ଆସ୍ପୃହା, ଶକ୍ତି, ସାମର୍ଥ୍ୟ ଓ ସଂଗ୍ରାମର କଥା ଶାଢ଼ିକୁ ଆଳ କରି ବା ଆଶ୍ରା କରି ଲେଖା ହୋଇଛି ଏ କବିତା ସବୁରେ ।

ମୁଁ ଦେଖିଛି ଓ ଆପଣମାନେ ବି ଦେଖିଥିବେ ନିଶ୍ଚୟ ଯେ ବଡ଼ବଡ଼ ଯୌଥ ପରିବାରରେ ଘରର ସବୁ ସଦସ୍ୟ ନିଜର ସଫା ଲୁଗାପଟା ଗାଧୋଇବା ପରେ ଝାଡ଼ିଝୁଡ଼ି ଶୁଖେଇ ଦିଅନ୍ତି ଖରାରେ । ଘରର ବୁଢ଼ୀମା'ଟି ନିଜର ଓଦାଲୁଗାଟି ଶୁଖେଇବା ପାଇଁ ଜାଗା ନପାଇ ଓଳିତଳେ ବା ଅରମା ବଣରେ ଛାଇରେ ଶୁଖେଇ ଦିଏ । ଦିନ ଦିନ ଧରି ସୂର୍ଯ୍ୟାଲୋକ ନପାଇ ସେ ଲୁଗା ଓଦାଳିଆ, ଅନ୍ଧାରିଆ ଓ ଗମରା ଲାଗେ । ଏଇ କଥାଟି ବିଶେଷ କରି ବର୍ଷା ଋତୁରେ । ତାଙ୍କର ପିନ୍ଧା ଶାଢ଼ିଟି ହିଁ ପ୍ରମାଣ ଦିଏ ଗହଳି ଭିତରେ ତାଙ୍କର ଅବହେଳିତ ଓ ଅପମାନିତ ଅସ୍ତିତ୍ୱର । ବାସିତାରାଙ୍କର ବୋଝରେ ନଇଁ ପଡୁଥିବା ସେଇ ବୁଢ଼ୀମା'ଙ୍କ ପାଇଁ ମୋର ଗୋଟିଏ କବିତା ଅଛି ।

ଘରେ ଅନୁପସ୍ଥିତ ମାଆର ଶାଢ଼ିକୁ ଜାକିଧରି ଶୋଇପଡ଼ିଥିବା ଛୁଆର ଲୁହବତୁରା ମୁହଁ ଦେଖିଥିବେ ଆପଣ, ଆଲୁଅ ବାଟବଣା ହୋଇଯାଇଥିବ ସେ ନିର୍ଜନ ଘରେ ଶାବକ-ଚଢ଼େଇର କାରୁଣ୍ୟକୁ ବୁଝିବାକୁ ଯାଇ ମୁଁ ପହଞ୍ଚି ଯାଏ ମାଟି ତଳେ, ଚେର ଭିତରେ ସକାଳ ପହରୁ ରହିଯାଇଥିବା ଥର୍ଥର କାନ୍ଦଣା ପାଖରେ । ବୋଧହୁଏ ଏଇ କବିତା ସହ ମିଶି ଯାଇଛି ସେଇ ଅନୁଭବ, ଯେବେ କଲେଜରେ ତରତରରେ ପହଞ୍ଚି ଗୋଟାଏ କ୍ଲାସ୍ ନେବା ପରେ କମନ୍‌ରୁମ୍‌ରେ ବସିପଡ଼ି ମୁଁ ହଠାତ୍ ଜାଣି ପାରୁଥିଲି ଯେ କଲେଜ ନ ଛାଡ଼ିଦେବାକୁ ମୋ ଝିଅର ବିକଳ ଓ ଅସଫଳ କାନ୍ଦଣା ଗୋଡ଼େଇ ଗୋଡ଼େଇ ଆସିଛି ମୋ ପଛେ ପଛେ ।

ସବୁଥର ଭାବିଛି ଏଇ ସରିଯିବ । ଦେବୀଙ୍କର ଶାଢ଼ି, ବୋଉର ଶାଢ଼ି, ପ୍ରେମିକାର ଶାଢ଼ି, କିନ୍ନରର ଶାଢ଼ି । ଶାଢ଼ିକୁ ନେଇ, ନାରୀକୁ ନେଇ 'ପୁରୁଷତାନ୍ତ୍ରିକତା' ଓଜନ ମୁଣ୍ଡେଇ ଧଇଁସଇଁ ହେଇ ଯାଉଥିବା ସମାଜ ଭିତରେ କେତେ ପ୍ରକାରେ ଦେଖାଯାଏ ପାରେ ଶାଢ଼ିକୁ । କନ୍ୟାଭ୍ରୁଣକୁ ହତ୍ୟା କରି ଫେରିଥିବା ମାଆର ଶାଢ଼ିରେ ଲାଗିଥିବା ରକ୍ତ ଦେଖିହୁଏ ଶାଢ଼ିର କଥା କହୁ କହୁ । ଯୋଉ ବୋହୂର ଦେହରେ ନିଆଁ ଲଗାଇ ଦିଆ ଯାଇଥିଲା, ଅଥଚ ସେ ବଞ୍ଚି ଯାଇଛି ଦରପୋଡ଼ା ଶାଢ଼ିଟିଏ ପିନ୍ଧି ସିଏ ବି ଆସି କବିତାରେ ନିଜ ପାଇଁ ଥାନଟିଏ ମାଗେ ।

'ଶାଢ଼ି' ପାଇଁ ଶାଢ଼ିକୁ ନେଇ ଲେଖିବା ଏଇଥର ସରିଗଲା ଭାବିଲା ବେଳକୁ ପୁଣି ନୂଆ ପ୍ରକାରେ ନୂଆ କଥାଟିଏ ଦିଶିଛି । ଏ ପର୍ଯ୍ୟନ୍ତ ତ ସାରିନାହିଁ । ତେବେ ଏଇ ଲେଖାଟି ଏଇଠି ସାରୁଛି, ଶାଢ଼ି କବିତାର ଗୋଟିଏ ପଦ ସହ : "କେବଳ ତୁମର ଶାଢ଼ି ହିଁ / ଘୋଡ଼େଇ ଦେଇପାରେ / ପୂରା ଗୋଟାଏ ନଈର ବହୁଥିବା ଦେହ / ତୁମ ଦେହ ଡାକ ଦିଏ / ନିଦ ଭାଙ୍ଗେ ମୋ ଦେହର / ମୋ ଦେହରେ ଅଣାୟତ୍ତ ସାତନଈ ସୁଅ ।"


ୟୁ.ଏନ. କଲେଜ, ଅଡ଼ଶପୁର
କଟକ-୭୫୪୦୧୧, ଫୋନ :୯୪୩୯୭୨୫୯୦୮



## ବିଘଟଣ

**ପ୍ରତିଭା ଶତପଥୀ**

ବର୍ଷାବୁଡ଼ା - ପାଚିଲା ଧାନ କିଆରୀ
ମଝିରେ ଚାଷୀ - ଛାତି ତାର ଚିରି ଯାଉଛି
ସର୍ପ ଘେରିଥିବା ବହଳ ପତ୍ରର କୁଳାୟ ଭିତରେ
ଉପାସରେ ଥଣ୍ଟ ମେଲିଥିବା ଚଢ଼େଇ ଛୁଆ-
ବାପାମାଆଙ୍କ ସକଳ ଶ୍ରମ ଓ ସମ୍ପଦ
ଲୁଟିନେଲା ପରେ (ଶରୀର ଯେ ଏକ ବିଶାଳ ଆତ୍ମସତ୍ତା, ତାହା ନବୁଝି)
ସେମାନଙ୍କୁ ଦାଣ୍ଡପିଣ୍ଡାକୁ
ଠେଲି ଦେଇଥିବା ପୁଅଝିଅ

ସାଇକେଲ୍ ଚଢ଼ି ନୂଆ ନୂଆ କଲେଜ ପଢ଼ାଳି ବାଳିକା,
ନିଛାଟିଆ ବେଳେ ଜୀଅନ୍ତା ବାଘଦଳଙ୍କ ହାବୁଡ଼େ ପଡ଼ି
ବିବସ୍ତ୍ର ହେବା-
ଏସବୁକୁ ଭୋଗି
କେତେ ଅତୀତ, କେତେ ଭବିଷ୍ୟତକୁ
ଆମେ ଅନେଇବା-
ନିର୍ଧନଟି ପୋକଟେ ପାଦତଳେ ଦଳି ହୋଇଯିବା ପରି
ପ୍ରଚଣ୍ଡ ଜିଜୀବିଷାରେ ଘୁଷୁରିବା-
ହାତମୁଠାରେ ପୃଥ୍ୱୀଟାକୁ ଚାପି ଧରିଥିବା ଉଦ୍ଧତ
ଦିନେ ଯେ ପିମ୍ପୁଡ଼ିର ପାଦତଳେ ମନ୍ଥି ହୋଇଯିବ
ଏ କଥାକୁ ଭୁଲିଯିବା-

କାକରଭିଜା ଛନଛନ ଘାସ ଅରାକ ଉପରେ
ଜ୍ୱଳନ୍ତ ଅଙ୍ଗାର ପୁଳାଏ ଅଜାଡ଼ି ଦେବା
ଏସବୁ କରେ କିଏ ? ସହେ କିଏ ?
ସେ ହିଁ ହେଉଛି ଜୀବନ
ଯାହା ଆପଣାର ସୌନ୍ଦର୍ଯ୍ୟ ବିଷୟରେ
ଅସଚେତନ !
ଅଥଚ, ଜୀବନ ଅଗ୍ରଗତିର ଏକି ପ୍ରକାର ଗୋପନୀୟତା ?

ଝରଣା ନଈ ଆଡ଼କୁ ଆଗେଇ ଯିବା
ନଈ ସମୁଦ୍ରରେ ହଜିବା
ସମୁଦ୍ର ଉଲଂଘ ହେବା
ଏସବୁ ତ ଅହରହ ମୁଖର
ହେଲେ
କି ପ୍ରକାର ପ୍ରବୃତ୍ତି ଏ ମଣିଷର ?

♥ ମାର୍ଫତ : ଡକ୍ଟର ଦେବାଶିଷ ପଟ୍ଟନାୟକ, ୧-ଗ୍ରୀନପାର୍କ,
ପଟିଆ ଷ୍ଟେସନ ରୋଡ଼, ପୋଷ୍ଟ : କିଟ୍, ଭୁବନେଶ୍ୱର-୭୫୧୦୨୪
ଫୋନ : ୯୪୩୮୩୦୫୨୨୪

## ନଜରବନ୍ଦୀ

**ଭାରତ ମାଝୀ**

ଗୋଟେ ବେଡ୍, ଅସଜଡ଼ା ବହି, ଦଳେ ଛିଣ୍ଡା ଖାତା, ଡାଏରି
ଆଠ ଦଶଟା ପେନ୍, ପେନ୍‌ସିଲ୍
ଗୋଟେ ଟେବୁଲ୍ ଲ୍ୟାମ୍ପ, ଦି'ଟା ପାଣି ବଟଲ୍
ଏସବୁ ଭିତରେ ଜମାଟ ବାନ୍ଧି ଯାଇଚି ମୁଁ
କିଛିଦିନ ହେଲା,
କବାଟ ମେଲା ଚବିଶ ଘଣ୍ଟା
ହେଲେ ଲାଗୁଚି, ମୁଁ ଇ ବାହାରେ ଠୁଙ୍କି ଦେଇ ଆସିଚି ତାଲା ।

ଏ କୋଠରି ବାହାରେ ଗୋଟେ ପୃଥିବୀ ଅଛି
ମୁଁ ଜାଣେନା,
ଏ କୋଠରି ବାହାରେ କେହିକେହି କଥା ହେବାର ଶୁଣୁଚି
ବୁଝାପଡୁନି ସେ ଭାଷା,
ଝରକା ଦାଢ଼ରେ ବସିଥିବା ଏ ପକ୍ଷୀର ନାଁ ବି ଜଣାନାଇଁ,
କହିପାରିବିନି କେଉଁ ରଙ୍ଗର ଆକାଶ,
ପାଚେରିରେ ନଟେଇଥିବା ଲତା କ'ଣ,
ପବନ ଓ ପାଣି ଛୁଇଁଲେ ବି ଲାଗୁଚି
ମୋ ବିରୋଧରେ ଏମାନେ ରଚୁଥିବେ ସନ୍ତ୍ରାସ ।

ମୋତେ ଜଣାନାଇଁ ମୋବାଇଲ୍ କି ଆଧାର ନମ୍ବର,
ବୁଥ୍, ବ୍ୟାଙ୍କ୍ ଖାତା କି ପ୍ଲଟ୍ ନମ୍ବର,
ଜଣାନାଇଁ ବାର, ତାରିଖ, ନକ୍ଷତ୍ର କି ତିଥି,
ଜଣାନାଇଁ ମୋ ଇତିହାସ
ମୋ ଗାଁର ଭୂଗୋଳ କି ପୋଥି ।
ଋତୁ, ମାସ, ସମ୍ବତ୍ସର
ସବୁ ଗୋଳିଆ ଓ ଏକାକାର ।

ଏସବୁ ଭିତରେ ଏତିକି ଜାଣେ
କିଏ ଜଣେ ଅପେକ୍ଷା କରିଚି କେଉଁଠି,
ଡାକୁଚି ଦିନସାରା, ରାତିସାରା,
ତା ଆଙ୍ଗୁଠି ଟିପ ବାଜିଲେ
ମୁଁ ତରଳି ଯାଇପାରିବି
ସସାଗରା ଧରା ।

♥ ପ୍ଲଟ୍-୨୯୯
ସେକ୍ଟର-୧
ନୀଳାଦ୍ରି ବିହାର
ଭୁବନେଶ୍ୱର-୨୧,
ଫୋନ :
୭୦୦୮୬୧୬୦୪୬


ଫଟୋ ଭାରତ ମାଝୀ

# ଗିଲାସେ ଗୀତ; ଓ ଖରାଖୁରା

**ଶ୍ରୀଦେବ**

**॥୧॥ ଖରାଖୁରା**

ବେଳ ବୁଡ଼ିବା ଆଗରୁ
ଆମେ ପହଞ୍ଚିଯାଇଥିଲୁ ସେଠାରେ
ସିତାଂଶୁ-ଉତ୍ପଳ, କୃଷ୍ଣ-ବିମଳ; ଓ ମୁଁ ପାଞ୍ଚଜଣ

ସେଠି ପହଞ୍ଚିଲା ବେଳକୁ
ଛାଡ଼ି ଯାଇଥିଲା ଖରା

ମାଛି ଅନ୍ଧାର ମାଟିର ଓଠରେ ଫୁଲାଫୁଲା ଦାଗ, ପିଠିରେ
ନଖ-ନାମାଙ୍କନ, ରାମ୍ପୁଡ଼ା ଦରଶୁଖା ରକ୍ତ
ପବନ ଉଡ଼େଇ ନେଇଥିଲା ତା'
ଶାୟା-ଶାଢ଼ି ପରି ବସ୍ତ୍ର କେଇଖଣ୍ଡ
ଭିଜି ଯାଇଥିଲା ଭୂଇଁ କିଛି ଧୂଳିର ପୁରୁଣା ରଙ୍ଗରେ
ଯାହାକୁ ନେଇ ସୃଷ୍ଟି ହେଇଚି କେତେଥର କଳହ
ନବେଲ୍ ପୁରସ୍କାର ଚୟନ ବେଳେ
ବିଶ୍ୱଶାନ୍ତି ପାଇଁ ଜାତିସଂଘରେ

ବିମଳଙ୍କ ଥରିଉଠିଲା ଆକ୍ୱାରିୟମ୍‌ରେ ସଞ୍ଚିତ କେତେଦିନିକା ଲୁହ
ଉତ୍ପଳ ନିର୍ଦ୍ଦୟ ହେଇ କଲମ ମୁନକୁ ଭାଙ୍ଗି କରିଦେଲା କୁତବ୍‌ମୀନାର
ଛିଣ୍ଡେଇ ଉଡ଼େଇଦେଲା ସଧବା ଆକାଶକୁ କବିତା ଲେଖିବାର ବଣ୍ଡଲ୍, କୃଷ୍ଣ
ସିତାଂଶୁ ପିଠିରେ ଜୋର୍ ବିଧାଟେ ମାରି ଇଙ୍ଗିତ କଲି ମୁଁ,
ସେ ଦୌଡ଼ିଲା ମୋ ପଛରେ ଲମ୍ବା ଲମ୍ବା ପାହୁଣ୍ଡରେ
କେବଳ ସେ ନୁହଁ, ସମସ୍ତେ; ରକ୍ତ-ସର୍ପର ସୂର୍ଯ୍ୟାସ୍ତ କିରଣର
ଉଠାଣ-ଗଡ଼ାଣରେ

ଲୁଚି ଯାଉଥାଏ ଖର୍ବକାୟ ଖରା ପାହାଡ଼ ସେପଟେ
କିଛି ନକଲା ପରି । ଆମେ କିନ୍ତୁ ଖୁରାଚିହ୍ନ ଦେଖି ଦେଖି ଦୌଡ଼ିଲୁ ଆଉରି
ଜୋର୍‌ରେ ।

ପଶିଗଲୁ ଯେ କିଟିକିଟିଆ ବ୍ୟୂହକୁ
ଏଯାଏଁ ଜାଣିନୁ ଆମେ ପାଞ୍ଚଜଣ
ଫେରିଚୁ କି ନାହିଁ ସେଠୁ !

**॥୨॥ ଗିଲାସେ ଗୀତ**

ରାତି ପାହିଲା ବେଳକୁ
ମୁଁ ବାହାରି ଆସିଥିଲି ସେଇ ଅନ୍ଧାରର ଟ୍ରାପିଜିୟମ୍ ଭିତରୁ
ପୂର୍ଣ୍ଣେନ୍ଦୁ, ବିର୍ଜା- ଜଣେ ଏକୋର୍ଡ଼ିୟାନ୍, ଆଉ ଜଣେ ଟ୍ରମ୍ପେଟ୍ ଧରି
ଠିଆ ହେଇଥାଆନ୍ତି ପୂର୍ବ ଚକ୍ରବାଳ ଅଗରେ
ଦିଶୁଥା'ନ୍ତି ଦି'ଜଣ
ନଚିକେତା, ବବ୍ ଡାଇଲନ୍ ପରି ସିଲ୍‌ହଟ୍‌ରେ

ଦି'ହାତ ବିଶିଆଙ୍ଗୁଳିକୁ କ୍ୟାମେରା ଫ୍ରେମ୍ କରି
ନିର୍ଦ୍ଦେଶନା ଦେବା ପ୍ରକାରେ ବାହାରି ଆସୁଥାଏ କୃଷ୍ଣ
ରଘୁରାୟଙ୍କ ପରି । ଉତ୍ପଳ ଦିଶୁଥାଏ ରତନ୍ ଥିୟାମ୍ ତ
ସିତାଂଶୁ କେଜାଣେ କାହିଁକି ଇଲିଆରାଜା
ସି-ସାର୍ପ ସାଉଥ୍ ଷ୍ଟ୍ରିଙ୍ଗ୍ ସ୍ପେନିଶ୍ ଗିଟାର୍‌ଟେ ଧରି
ଗଳାକୁ ଝାମ୍ପୁଥାଏ
ବିମଳ ଉଭବ ହେଉଥାନ୍ତି ଲଣ୍ଡିତ
ସାରଳା ଭାବରେ ଗିଲାସେ ଗୀତ ହେଇ;

ଅବଶ୍ୟ ଖରାର ରଙ୍ଗ ବଦଳି ବଦଳି ଯାଉଥାଏ, କ୍ରମଶଃ
ଖୁରାର ଚିହ୍ନ ଇତିହାସ ହେଉଥାଏ ଯେତେବେଳେ ।

♥ ସମ୍ପାଦକ: ଚନ୍ଦ୍ରଭାଗା
ବାଲେଶ୍ୱର-୭୫୬୦୦୩



କବି ଶ୍ରୀଦେବ ▶



# ମତେ କରନାହିଁ ହତ୍ୟା

## ନିରାକାର ଦାସ

ସାବଧାନ୍
ଅସଂହତିର ଗତିରେ ଧାଉଁଥିବା
ମତାନ୍ଧ ମଣିଷ !
ଅସହିଷ୍ଣୁତାର ଶକ୍ତିରେ ସଂସ୍କାରକୁ ହତ୍ୟା କରୁଥିବା
ଧର୍ମାନ୍ଧ ସୈନିକ !
ମିଛ ଭଗବାନଙ୍କ ବଗିଚାରେ
ଈଶ୍ୱର ଠିକାଦାରମାନଙ୍କୁ ମାଳା କରି ପିନ୍ଧୁଥିବା
କ୍ଷମତାନ୍ଧ ପୌରୁଷ ।

ଏବେ ମାନବତାର ଗାଣ୍ଡିବକୁ
ଶମିବୃକ୍ଷମୂଳେ ଲୁଚେଇ
ବୃହନ୍ନଳା ସାଜିଥିବା ଅର୍ଜୁନମାନଙ୍କ ସରିଲାଣି
ଅଜ୍ଞାତବାସ ।


ବନବାସରେ ବାସହୀନ ହୋଇ
ବୁଲୁଥିବା ପାଣ୍ଡବମାନେ କାନପାତି ଶୁଣିଲେଣି
ଚାରିଆଡ଼େ ବାଜୁଥିବା ସାମ୍ୟବାଦର ଶଙ୍ଖ ।
ମାନବବାଦର ସୁରକ୍ଷା ପାଇଁ ଘୁରିଲାଣି
ସମୟର ସୁଦର୍ଶନ ଚକ୍ର ।

ତୁମ ତ୍ରିନେତ୍ର ଖୋଲି ଦେଖ ।
ସିଂହାସନ ଜଗି ବସିଥିବା
ବିବଶ ପିତାମହମାନେ କ୍ଷତାକ୍ତ,
ଋଣ ଭାରରେ ଦ୍ରୋଣ
ପରମ୍ପରାର ପାହାରରେ ହୀନବୀର୍ଯ୍ୟ କୃପାଚାର୍ଯ୍ୟ ।
ଦେଖ ! ଏବେ ଭାରତବର୍ଷର ଭବିଷ୍ୟତମାନେ
ଭଜିଲେଣି ମହାମୁକ୍ତିର ମନ୍ତ୍ର ।
ଛାତିରେ ହାତିପିଟି କହୁଛନ୍ତି
ବାସ୍ ବହୁତ ହେଲା ତୁମ ଗଣତନ୍ତ୍ର ।
ବହୁତ ଦେଖିଲୁ, ତୁମ ବିଫଳ ବିକାଶର ଚିତ୍ର
ବହୁତ ଉଠାଇଲୁ
ମାନବିକତାକୁ ନିତି ଖୁନ୍ କରୁଥିବା
ତୁମ ଛଦ୍ମବେଶୀ ଛତ୍ରପତିଙ୍କ ଫଟୋ ।
ବହୁତ ଖାଇଲୁ ଗୋଳାମିଆ ଭାତ,
ମନ-ଚୈତନ୍ୟରେ ନିତି ବସୁଥିବା ଅପସଂସ୍କାରର ଲାତ,
ତୁମ ସେବା, ତ୍ୟାଗର କୁହୁକ ବାଡ଼ିରେ
ହିଟ୍‌ଲରୀୟ ଛାଟ ।
ବହୁତ ଶୁଣିଲୁ
ତୁମ ଚହଟ, ଚିକ୍କଣ, ଚାତୁରୀ ଭରା ଶବ୍ଦର କୁହାଟ
ନିରୋଳା ବିଭେଦ ବେଦନାଭରା ସଂହତି ସଂଗୀତ ।
ବହୁତ କଷିଲୁ
ଜରାଗ୍ରସ୍ତ ଗଣତନ୍ତ୍ର ସିଲଟ ଖଡ଼ିରେ
ରାଜକୀୟ ପୁଞ୍ଜିବାଦୀ ଅଙ୍କ ।
ବହୁତ ମାଖିଲୁ
ପ୍ରଜାତନ୍ତ୍ରରେ ଫେଣ୍ଟାଫେଣ୍ଟି ସୀମାନ୍ତବାଦର
ଅଗରୁ ଚନ୍ଦନ ।
ବହୁତ ଦେଖିଲୁ
ତୁମ ଅହିଂସା ପୁଟ ବୋଳା ହିଂସାର ତରବାରୀ
ଆମ କାଟୁଥିବା ମଥା ।
ବହୁତ ଶୁଣିଲୁ
ପ୍ରଥା-ପରମ୍ପରାର ନାଗଫାଶରେ ବାନ୍ଧି
ଆମକୁ ନିର୍ଜୀବ ବନେଇବା ଗାଥା,
ମାଲିକାନାର ମହୀରେ ମୂଲିଆ ସଜେଇବା କଥା ।
ବହୁତ ଶୁଣିଲୁ
ଆମ ଚେତନ ଅବଚେତନ ମନକୁ କାବୁକରି
ଈଶ୍ୱର, କୁସଂସ୍କାର ଜୁଆରରେ
ଆମ ଭାବନାକୁ ମାରି ଭସେଇ ଦେବା କଥା ।

ବାସ୍ ବହୁତ ହେଲା
ଏବେ ଏ ସତୁରୀବର୍ଷର ବୃଦ୍ଧାକୁ ଶୁଣାଇବ
କେଉଁ ପ୍ରେମ ପ୍ରଣୟର କଥା,
କେଉଁ ଚେତନାର ଗନ୍ଧମାର୍ଦ୍ଦନରୁ ଆଣିବ
କେଉଁ ଦର୍ଶନର ବିଶଲ୍ୟକରଣୀ
କିଏ ବାର୍ଦ୍ଧକ୍ୟକୁ ଫେରେଇ ଦେବ ଯୌବନାବସ୍ଥା ?

ହେ ଉଦ୍‌ଭ୍ରାନ୍ତ ମଣିଷ !
ମାଟିର ନବକଳେବର ଯାଏ
ମୋତେ ଟିକେ ଶାନ୍ତିରେ ବଂଚିବାକୁ ଦିଅ,
ଏମିତି ଫାଶୀବାଦୀ ଫାଶ ଫିଙ୍ଗିବାରୁ କ୍ଷାନ୍ତ ହୁଅ ।
ବିକ ନାହିଁ ମାଟି
କାଟ ନାହିଁ ଶାନ୍ତି-ମୈତ୍ରୀର ମଥା
ମୋ ଦେଶକୁ ସୁରକ୍ଷିତ ଦେଖିବା ପୂର୍ବରୁ
ମୋତେ କର ନାହିଁ ହତ୍ୟା ।

♥ ଜେ/୨, ରେଳକୁଞ୍ଜ, ଭୁବନେଶ୍ୱର-୭୫୧୦୧୭
ଫୋନ୍ :୮୪୫୫୮୮୫୦୧୩



◀କବି ନିରାକାର ଦାସ



କବି ଉତ୍ପଳ ମହାନ୍ତି ▶

# ସୁଯୋଗ

## ଉତ୍ପଳ ମହାନ୍ତି

ବେଳେବେଳେ ସୁଯୋଗ ମିଳେ
ସ୍ତ୍ରୀ ପାଇଁ ଚୂଡ଼ି କିଣିବାକୁ ଯାଇ
ଦୁଇ-ଚାରି ନା ଦୁଇ-ଛଅ
ମାପ ନଜାଣି ପାରି, ନିଜ ହାତରେ
ଚୂଡ଼ି ପୂରେଇ ଦୋକାନ ଭିତରେ
ସ୍ତ୍ରୀକୁ ଅନୁଭବ କରିବାର ।

ବେଳେବେଳେ ସୁଯୋଗ ଆସେ
ନିଷ୍ପତ୍ତି ବଦଳାଇ ଜଙ୍ଗଲ ରାସ୍ତା ଦେଇ
ଗାଡ଼ିରେ ସ୍ତ୍ରୀ ସହ ଘରକୁ ଫେରିଲାବେଳେ
ହାତୀ ପଲଙ୍କ ସହ ସାମ୍ନା ହେବାର ।

କେତେବେଳେ ଏଇମିତି ବି ହୋଇଯାଏ
ବ୍ୟାଙ୍କ୍ ଡକାୟତଙ୍କ ବନ୍ଧୁକ ଦେଖାରେ
ଆଣ୍ଠୁମାଡ଼ି ସ୍ତ୍ରୀ ସାମ୍ନାରେ ପରାସ୍ତ ନାୟକ
ହେବାରେ ।

ସୁଯୋଗ ବାରବାର ଆସେନା
ଉପଯୋଗ ନକରି ପାରିଲେ
ସ୍ତ୍ରୀର ସନ୍ଦେହ
ଆଉ ଧିକ୍କାର କରି କହିବ :
ତୁମ ଭଳି ଅଯୋଗ୍ୟ
ସ୍ୱାମୀ ଆଉ ମୁଁ କେଉଁଠି ଦେଖିନି ।

କବି କଣ ସବୁ ଠିକ୍‌ଠାକ୍ କରିପାରେ ?

♥ 'ସଂକେତ',
ବିବେକାନନ୍ଦ ମାର୍ଗ, ବାଲେଶ୍ୱର-୧
ଫୋନ:୯୮୬୧୩୫୧୬୬୬



## SHAKTIMAYEE FOUNDATION: NURTURING DREAMS OF RURAL WOMEN AT LANJIGARH

In today's world when collective efforts like SHG's and Cooperatives and are at times foundering due to a complex set of problems emerging out of governance issues and social complexities, the emergence of Shaktimayee Foundation in a remote area like Lanjigarh with a sustainable membership base of nearly 3000 women has reassured the conviction that collective effort pays. A path where empowerment is the only milestone and discovering new opportunities is the only script engraved in the heart, the journey so far has no looking back. Taking every step ahead with confidence and utmost focus towards the goal have encouraged the women members to run "Shaktimayee Foundation" and strive forward for a progressive life.

The federation has come up under the aegis of an innovative and unique model coined 'PROJECT SAKHI' Under the CSR initiatives of Vedanta Limited, Lanjigarh. With an aim to provide sustainable livelihoods solutions to the poor communities who have been a part of this plant's establishment process, the project was started with the technical support of Mahashakti Foundation in 2015. Being implemented in 40 villages of Lanjigarh, covering 2976 members in 275 SHGs (Self Help Groups), it is going to be one of the largest SHG model in the region which shows its real fragrance of operation.

With the inclusion of various schemes and projects, the level of empowerment among the women in the surrounding region increased tremendously and with each step, the women are striving for progressive success. Support in the forms of technical assistance, exposure to new skills and activities, as well as field exposure and field experts brought in immense productive levels in the women.

The federation also provides various capacity building supports, business development services (BDS) as well as financial services to its members for augmenting their diversified livelihoods. This has resulted in the formation of group- and individual-based entrepreneurial activities for the SHG members. Income-generating activities such as phenyl making, turmeric processor, Papad and vadi making, dairy farming, vegetable cultivation etc.; individually, income-generating activities include Kirana stores, tea stalls, Xerox shops etc. are being promoted to empower rural women in partnership with partnering NGO Mahashakti Foundation. Through these livelihood and income-generating activities, the SHG members can earn a good amount of money to support their families. In addition to this, Vedanta has also provided a system of bringing awareness and supporting the SHG members through SHG bank linkage, further to bring sustainability to the federation and its livelihoods programs. With the support from Vedanta, 'Shakteemayee Foundation" is gaining its strength day by day. As a result of this intervention by Vedanta's livelihood promotion program, the women have understood the concept of self-governance and self-sustained institution, sensed the leadership traits, engaged in different productive micro enterprises and increased their income levels for a better standard of living.

Along with this, Tribal painting is another activity which has been initiated to train young girls in their diminishing traditional art and adapt to the contemporary market and enable them to earn for their livelihood. Around thirty tribal girls are being trained into tribal painting. The skill building and the processing is helping them in learning how to draw and paint on fabric, pots, walls, clothes. With the completion of training, artisan cards and registration in government records as artisans, along with presenting them in exhibitions and fairs, will bring these girls recognition. Such interventions have gained the trust among the rural women who have transformed their life from homemaker to entrepreneurs. The synergy co-existing between the community and the company has brought smiles on so many faces in the community at large. Dream of a developed rural-India is steadily becoming a reality for the women in this region. Through collective social integration, true sense of empowerment and development can be heart-felt in the days to come.

vedanta
transforming elements

ସା-ରେ-ଗା-ମା

# ପ୍ରଣବଙ୍କ ପୃଥିବୀ



# ପ୍ରଣମ୍ୟ ପ୍ରଣବ



**ବିଜୟ କୁମାର ମହାନ୍ତି**

ଫଟୋ ସୌଜନ୍ୟ : ଲେଖକ ଓ ଗୁଗୁଲ୍

**ଓଡ଼ିଆ ସଂଗୀତର ସୁନାପୁଅ ସେ । ସ୍ୱରରେ ଥାଏ ସମ୍ମୋହନ । ତିନି ଦଶନ୍ଧିର ସଂଗୀତ ସାଧନା । ରାଶି ରାଶି ମୁଗ୍ଧ ଶ୍ରୋତା । ସେ ପ୍ରଣବ ପଟ୍ଟନାୟକ । ସଂଗୀତର ସୁପୁରୁଷ । ବାପାଙ୍କ ପ୍ରେରଣାରେ ବାଲ୍ୟକାଳୁ ସଙ୍ଗୀତ ପ୍ରତି ଆକୃଷ୍ଟ ହୋଇଥିବା ଏଇ କିମ୍ବଦନ୍ତୀୟ କଳାକାର ଜଣକ ବୟସର ସାୟାହ୍ନରେ ଆଜି ବି ମୁଖର । କ୍ଳାନ୍ତ ହୋଇନି କଣ୍ଠ । ମଉଳି ଯାଇନି ମନ । ସେ ପ୍ରଣବ ପଟ୍ଟନାୟକ ।**

ଷାଠିଏ ବର୍ଷରୁ ଅଧିକ ସଙ୍ଗୀତ ସାଧନା । ଗାଇଛନ୍ତି ୨୦୦ରୁ ଅଧିକ ଚଳଚ୍ଚିତ୍ରରେ । ତାଙ୍କ ସଙ୍ଗୀତର ମିଠାପଣ ଛୁଇଁଯାଏ ମନ । ସ୍ୱରରେ ଝୁମି ଯା'ନ୍ତି ଶ୍ରୋତା । 'ଶେଷ ଶ୍ରାବଣ'ର ସେଇ 'ମାଝିରେ...' ଗୀତଟି ଆଜି ଗୁଣୁଗୁଣାନ୍ତି ଶ୍ରୋତା । ସେଇ ବର୍ଷିଆନ କଣ୍ଠଶିଳ୍ପୀ ହେଲେ ପ୍ରଣବ ପଟ୍ଟନାୟକ । ଜନ୍ମ-୧୯୩୮ ମସିହା ଜୁନଆରୀ ୨୦ ତାରିଖ । ପିତା ଲାଲମୋହନ ପଟ୍ଟନାୟକଙ୍କ ଠାରୁ ପ୍ରେରଣା ପାଇ, ସେ ବାଲ୍ୟକାଳରୁ ହିଁ ସଙ୍ଗୀତ ପ୍ରତି ଆକୃଷ୍ଟ ହୋଇଥିଲେ । ପରବର୍ତ୍ତି ସମୟରେ ଗୁରୁ କୁନାଲ ଆଦି ନାରାୟଣ ରାଓଙ୍କ ଠାରୁ ସଙ୍ଗୀତ ଶିକ୍ଷା ନେଇଥିଲେ ।

୧୯୫୮ ମସିହା । ଭୁବନେଶ୍ୱର ମିଶ୍ରଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ନିର୍ମାଣ ହେଉଥିଲା- ଚଳଚ୍ଚିତ୍ର ଥିଲା ମା' । ଏଥିରେ ସେ ପ୍ରଥମ ଥର ପାଇଁ ଗାଇବାର ସୁଯୋଗ ପାଇଲେ । ପ୍ରଥମ ଗୀତର ଅନୁଭବ ଥିଲା ଖୁବ୍ ଅଭୁଲା । ପୁଣି ଷ୍ଟୁଡ଼ିଓରେ ବି ଦିନଟି ଥିଲା ପ୍ରଥମ । ସେଦିନ ସେ ଗୀତଟି ଭଲ ବି ଗାଇଲେ । ମ୍ୟୁଜିକ ଡାଇରେକ୍ଟର କହିଲେ ଇଟସ୍ ଓକେ...ଫାଇନ୍ । ଏଥର ପ୍ରଣବଙ୍କ ମନୋବଳ ବଢ଼ିଲା । ସେ ସାହସର ସହ କହିଲେ ଆଉ ଗୋଟେ ନିଅନ୍ତୁ । ମ୍ୟୁଜିକ ଡାଇରେକ୍ଟର ପ୍ରଣବଙ୍କୁ କହିଲେ- ଓକେ ଯିବା...ସେକେଣ୍ଡ ଗୀତ । ଜଣେ ପ୍ରଚ୍ଛଦପଟ୍ଟ ଗାୟକ ହେବାର ପ୍ରଥମ ପାହାଚରେ ପାଦ ଥାପିଲେ ପ୍ରଣବ । ଥରକେ ଗୀତ ଓକେ ହେଇଗଲା । ସ୍ୱର, ଲୟ ଓ ତାଳରେ ଖୁସ୍ ମିଜାଜରେ ସେ ଗାଇଲେ । ପୁଣି ଫିଲିଂସ ବି ଦେଲେ । ଏମିତିରେ ମ୍ୟୁଜିକ ଡାଇରେକ୍ଟର ତ ଖୁସି ହେବେ ନିଶ୍ଚୟ । କିନ୍ତୁ ତା'ରି ଭିତରେ ରହିଛି ଅନେକ କଥା । ପ୍ରକୃତରେ ଯିଏ ଗାଏ, ସିଏ ଜାଣିପାରେ, ଏଥିରେ କ'ଣ ଭୁଲ ରହିଛି ବା ନାହିଁ ? ଆଉ କ'ଣ ଅଧିକ କରି ହୋଇଥା'ନ୍ତା । ପ୍ରଣବ କହନ୍ତି, ଆମେ ଗୋଟେ ଝିଅକୁ ସାଲୁଆର କମିଜ ପିନ୍ଧେଇ ଦେଉ । ମୁଣ୍ଡରେ ଟିପା ଲଗେଇ ଦେଇ ତା'କୁ ଆଭୂଷଣରେ ସଜେଇଦେଉ । ସେମିତି ଗୀତଟିକୁ ମ୍ୟୁଜିକ ଡାଇରେକ୍ଟର ନିଜ ଢଙ୍ଗରେ ସଜାନ୍ତି । ସ୍ୱର ଦିଅନ୍ତି । ସେଇ ସ୍ୱରଟାକୁ ଶିଳ୍ପୀକୁ ପିଆଇ ଦିଅନ୍ତି ସର୍ବତ ଭଳିଆ । ଗୀତଟା ସାରିଲାପରେ ଜଣାପଡ଼ିଥାଏ, ଏହା ସମାଜକୁ କ'ଣ କହୁଛି ? ଆମେ ସବୁ creative line ରେ ଅଛୁ । ତେଣୁ ଯାହା ଆମେ ସୃଷ୍ଟି କରୁ ତାହା ସର୍ବକାଳୀନ ।

ନିଜର ସଙ୍ଗୀତ ସାଧନା ସମ୍ପର୍କରେ ପ୍ରଣବ କହନ୍ତି- ସଙ୍ଗୀତ ପାଇଁ ଅଭ୍ୟାସ





ଜରୁରୀ । ନିୟମିତ ରିଆଜ୍ କରିବାକୁ ପଡ଼ିବ । ଏହା ଭାବିବା ଠିକ ନୁହେଁ ଯେ, ଗାଇବା ଛାଡ଼ିଦେଇ କିଏ ନମ୍ବର୍ ୱାନ୍ ସିଙ୍ଗର୍ ହୋଇଯିବ । ଏସବୁ ମୁଣ୍ଡ ଭିତରେ ରଖିବା ଅନୁଚିତ । ବହୁ ସଙ୍ଗୀତ ନିର୍ଦ୍ଦେଶକଙ୍କ ସହିତ ମିଶିଛନ୍ତି । ହେଲେ ତାଙ୍କ ଭିତରୁ ତିନି/ଚାରି ଜଣ ବ୍ରିଲିଆଣ୍ଟ ବୋଲି ସେ ଭାବନ୍ତି । ପ୍ରଫୁଲ କର, ବାସୁଦେବ ରଥ, ଶାନ୍ତନୁ ମହାପାତ୍ର ଓ ସରୋଜ ପଟ୍ଟନାୟକ...ଏମିତି ।

ଯେତେବେଳେ ମାର୍କେଟକୁ ବିଭିନ୍ନ ପ୍ରକାର ଗୀତ ଆସୁଛି, କାହାକୁ କ'ଣ ଭଲ ଲାଗିଲା, ତାହା ଶ୍ରୋତାଙ୍କ ଇଚ୍ଛା ଉପରେ ନିର୍ଭର କରେ । ବାସୁଦେବ ରଥଙ୍କ ଗୀତ ହେଉଥାଏ । ତାଙ୍କୁ ସ୍ୱର ଜଣାଇ ଦିଆଗଲା । ସେ ଆଉ ଟିକେ ଭଲ ହେବାକୁ କିଛିଟା ମନକୁ ଯୋଡ଼ିଲେ । ସଙ୍ଗୀତ ନିର୍ଦ୍ଦେଶକ ମଧ୍ୟ ତାଙ୍କୁ ଅନୁମତି ଦେଲେ । ଯେତେବେଳେ ଗୀତ ପୁରା ହେଇଗଲା ପ୍ରଡ୍ୟୁସର୍ ଶୁଣି ଖୁବ୍ ଖୁସି । ଗୀତର ଆରମ୍ଭ ଆଉ ଶେଷ ଭଲ ହେବା ଦରକାର । ଶିଳ୍ପୀ ଭିତରେ ସେ ବିଶାଳ ମନୋବଳ ରହିବା ଉଚିତ୍ ବୋଲି କହନ୍ତି ପ୍ରଣବ । ଶ୍ରୀଲୋକନାଥ, ସୂର୍ଯ୍ୟମୁଖୀ, ସିନ୍ଦୂରବିନ୍ଦୁ, ଶେଷ ଶ୍ରାବଣ, ଚିହ୍ନାଅଚିହ୍ନା, ବତୀଘର ଆଦି ଚଳଚ୍ଚିତ୍ର ତାଙ୍କୁ ଲୋକପ୍ରିୟତାର ଶିଖରରେ ପହଞ୍ଚାଇ ପାରିଥିଲା । 'ଶେଷ ଶ୍ରାବଣ'ର 'ମାଝିରେ'...ଗୀତରେ ପ୍ରଫୁଲ କର ଗୋଟେ ଖୁବ ସୁନ୍ଦର ସ୍ୱରଟେ କରିଥିଲେ । ତା' ଭିତରେ କିଛି ନାହିଁ, ଅଛି କେବଳ ଅନୁଭବର ଛିଟା । Expression ସବୁଠୁ ବଡ଼ କଥା । ଏହା ତ ଗୀତକୁ ସୁନ୍ଦର କରିଦେବ । ଆଉ ଗୋଟିଏ କଥା ହେଲା- ସଂପୃକ୍ତି । ତୁମେ କିପରି ଗୀତ ସହ ଯୋଡ଼ି ହୋଇ ଅଛ ? ଗୀତ ସାଙ୍ଗରେ ବୁଡ଼ି କି ଅଛ ନା ଉପରେ ଭାସୁଛ । ଯେତେବେଳେ ସେ ଗୀତ ବୋଲନ୍ତି, ସେତେବେଳେ ସେ ଘର ପରିବାର ସବୁ କିଛି ଭୁଲି ଯାନ୍ତି । ସ୍ୱର, ଲୟ ଆଉ ସଙ୍ଗୀତ ଭିତରେ ହଜିଯାନ୍ତି । କାରଣ ସେ ବୁଝିଥିଲେ- ଭଲ ଗୀତ କରିବାକୁ ହେଲେ ତାଙ୍କୁ ଗୀତ ଭିତରେ ମଜ୍ଜି ଆଉ ହଜିଯିବାକୁ ପଡ଼ିବ । ପ୍ରାୟ ୨୦୦ ଓଡ଼ିଆ ଚଳଚ୍ଚିତ୍ରରେ ସେ କଣ୍ଠଦାନ କରିସାରିଛନ୍ତି । ଏକଦା ଲତାଙ୍କ ସାନଭଉଣୀ ଉଷା ମଙ୍ଗେସ୍‌କରଙ୍କ 'ଏଇ ଛୋଟ କଥାଟି ଭୁଲନା' ଗାଇଥିଲେ । ଏହାଥିଲା- ଶାନ୍ତନୁ ମହାପାତ୍ରଙ୍କ 'ଅରୁନ୍ଧତୀ'ର । ଏହାକୁ ଶ୍ରୋତାଙ୍କୁ ଖୁବ ଭଲ ଲାଗିଥିଲା ।


ପିଲାଦିନେ ଏଇ ଗୀତ ବୋଲିବାକୁ ନେଇ ମାଆଙ୍କ ଠାରୁ ସେ କେତେ ଗାଳି ଖାଇଛନ୍ତି । ବାପା ତ ମହାବଳ ବାଘ । ସେ ଅବଶ୍ୟ ଗୀତକୁ ଭଲପାନ୍ତି । ସେ ମଧ୍ୟ ଜଣେ କବି । ଗୀତ ଲେଖନ୍ତି । ବହୁ ଭଜନ, ଜଣାଣ ଓ ଚମ୍ପୁ ଲେଖିଛନ୍ତି । ତେବେ ପରିବାରରୁ ସଙ୍ଗୀତ ସାଧନା ଲାଗି ଏତେଟା ସହଯୋଗ ପାଇନଥିଲେ ପ୍ରଣବ । କାରଣ ଓଡ଼ିଆ ପରିବାରର ସଂସ୍କାର ଥିଲା- ପିଲା ପାଠ ପଢ଼ିବ । ସନ୍ଧ୍ୟା ହେଲେ ଘରକୁ ଫେରିବ । ଯାହା ଆଜି ବି ଅନେକ ଘରେ ଅଛି । ଆଗକୁ ବଢ଼ିବାରେ ପରିବାରର ପ୍ରେରଣା ତ ନିଶ୍ଚୟ ଦରକାର । ପରିବାରର ସପୋର୍ଟ ଓ ଭଲପାଇବା ନଥିଲେ କିଛି ବି କରିହବନି । ଘରେ ପାଞ୍ଚ ଭଉଣୀଙ୍କ ପରେ ଦୁଇ ଭାଇ । ଯାହାଙ୍କ ଭିତରେ ପ୍ରଣବ ଥିଲେ ସବା ସାନ । ବହୁ ଆକଟ ଭିତରେ ରହୁଥିଲେ । ସନ୍ଧ୍ୟା ୬ଟା ବାଜିଲେ ମା' କହିବେ- "କୁନିବାବୁ ଘରକୁ ଆସିଲଣି ନା ନାହିଁ ।" ତାଙ୍କ ଡାକ ନାଁ କୁନିବାବୁ । ସେ ତାଙ୍କର ସବୁ ଅସୁବିଧା ମା'ଙ୍କୁ ଜଣାନ୍ତି । ହେଲେ ବାପା ଖୁବ୍ ସିରିୟସ୍ ମଣିଷ । ଅବଶ୍ୟ ସଙ୍ଗୀତକୁ ଭଲପା'ନ୍ତି । ବାପାଙ୍କ ଲେଖା ଉପରେ ଯେ କିଛିଟା କାମ ହେବ, ଏକଦା ପ୍ରଣବ ଏନେଇ ପ୍ରଚେଷ୍ଟା କରିଛନ୍ତି । ବାପାଙ୍କ ସୃଷ୍ଟିକୁ ସଙ୍ଗୀତରେ ସଜାଇଛନ୍ତି । ପ୍ରାଚୀନ ଗୀତ, ଭଲ ନହେଲେ ନୂଆ ପିଢ଼ିଙ୍କୁ ଛୁଇଁବନି । ଭଲ ଗୀତ ପ୍ରସ୍ତୁତ ହେବା ଦରକାର । ଯେଉଁଥିରେ ନଗ୍ନତା ନଥିବ କି ନଥିବ ଅଶ୍ଳୀଳତା । ଆମ ଭାଷା, ସଂସ୍କୃତି, ପରମ୍ପରାକୁ ନଷ୍ଟ କରିବାର ଅଧିକାର କାହାର ନାହିଁ ।

ଅନ୍ୟପଟେ ତାଙ୍କର ବାପା ରାଜନୀତି କରୁଥିଲେ । କିନ୍ତୁ ପିଲାଙ୍କୁ ସେଥିରୁ ଦୂରେଇ ରଖୁଥିଲେ । ଓଡ଼ିଶାର ବହୁ ପ୍ରତିଷ୍ଠିତ ପଲିଟିସିଆନ ଘରକୁ ଆସନ୍ତି । ରାଜନୀତି ଚର୍ଚ୍ଚା କରନ୍ତି । ସେମାନଙ୍କ କଥାବାର୍ତ୍ତା ପ୍ରଣବଙ୍କୁ ଖୁବ୍ ପ୍ରଭାବିତ କରିଛି । ସେମାନେ ତ ଚାଲିଯା'ନ୍ତି । ତାଙ୍କ ଗଲା ପରେ ମା'ଙ୍କୁ ପ୍ରଣବ ପଚାରନ୍ତି- ମା' ଏମାନେ କିଏ ସବୁ ଆସିଥିଲେ ? ମା' କହନ୍ତି- ହରେକୃଷ୍ଣ ମହତାବ, ବିଶ୍ୱନାଥ ଦାଶ, ରାଜକୃଷ୍ଣ ବୋଷ । ଏମାନେ ବାପାଙ୍କ ସହ ରାଜନୀତି ଚର୍ଚ୍ଚା କରନ୍ତି । ଆଗରୁ ଚାଲୁ ଗୀତ ନଥିଲା, ତା' ନୁହେଁ । ହେଲେ ବଜାରୀ ଗୀତ ନଥିଲା ।

କଥା କଥାରେ ପ୍ରଣବ କହନ୍ତି- ଆଜିକାଲି ପ୍ରଡ୍ୟୁସର ଯେମିତି ଗୀତ ଚାହୁଁଛନ୍ତି, ସେମିତି ଗୀତ ପ୍ରସ୍ତୁତ ହେଉଛି । କାରଣ ସେମାନେ ଟଙ୍କା ଖଟାଉଛନ୍ତି । ଆଜିକାଲି କେହି ବି ଗୁଣାତ୍ମକ ମାନ ଉପରେ ବିଶ୍ୱାସ ରଖୁନାହାଁନ୍ତି । କେତେ ସଂଖ୍ୟାରେ ଗୀତ ହେବ, ସେ ଦିଗରେ ଧ୍ୟାନ ଦେଉଛନ୍ତି । ଗୀତ ଏମିତି ହେବା ଦରକାର, ଯାହା ଶ୍ରୋତା ସାରା ଜୀବନ ଗୁଣୁଗୁଣାଇବ । ଅରୁଣ ମହାନ୍ତିଙ୍କ ପାହାଡ଼ର ସେପାଖେ, "ଆମ ଛୋଟ ଗାଁ ।" ଗୀତଟି ଖୁବ ଶ୍ରୁତିମଧୁର ଥିଲା । ସେ ଭଳିଆ ଫିଲିଂସ୍ ଆଜି କାହିଁ । ବିଭିନ୍ନ ପ୍ରକାର ଗୀତ ସେ ଗାଇଛନ୍ତି । ତେବେ ଗାଇବା ବେଳେ ସର୍ବଦା ସେ ମସ୍ତିଷ୍କ ଓ ହୃଦୟକୁ ଖୋଲା ରଖନ୍ତି । ସେ କହନ୍ତି- ସବୁ ପ୍ରକାର ଗୀତ ଗାଇପାରିଲେ, ଜଣେ ସଫଳ ଶିଳ୍ପୀ ହୋଇପାରିବ ।

ଅଣ-ଚଳଚ୍ଚିତ୍ର ସଙ୍ଗୀତରେ ମଧ୍ୟ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଛି । ବେତାର, ଦୂରଦର୍ଶନ ଓ ଆଲ୍‌ବମ୍ ମାଧ୍ୟମରେ ସେ ବହୁ ଭଜନ ଓ ଆଧୁନିକ ସଙ୍ଗୀତ ଓଡ଼ିଆ ଶ୍ରୋତାଙ୍କୁ ଭେଟି ଦେଇଛନ୍ତି । ୧୯୯୨ ମସିହାରେ ତାଙ୍କର ପ୍ରଥମ ଗଜଲ୍ ଆଲ୍‌ବମ୍ ମୁକ୍ତିଲାଭ କରିଥିଲା । ଏହି ଆଲବମ୍‌ରେ ପଣ୍ଡିତ ହରିପ୍ରସାଦ ଚୌରାଶିଆ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ ଓ ଶ୍ରୀମତୀ ଦେବକୀ ପଣ୍ଡିତ, ପ୍ରଣବ ପଟ୍ଟନାୟକଙ୍କ ସହିତ କଣ୍ଠଦାନ କରିଥିଲେ । ପ୍ରଣବ ପ୍ରଥମ ଓଡ଼ିଆ ଯିଏ କି ଗଜଲ୍ ଶିଳ୍ପୀର ମାନ୍ୟତା ପାଇଛନ୍ତି । ଯାହାଙ୍କ ଗୀତ ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରିଛି । ନୂଆଦିଲ୍ଲୀର ସେଣ୍ଟ୍ରାଲ୍ ଅଡିସନ୍ ବୋର୍ଡ଼ରେ ସେ ଏ ନେଇ ଅଡିଶନ୍ ଦେଇଥିଲେ । ପାସ୍ ବି ହେଲେ । ଏଥିରେ ଉର୍ଦ୍ଦୁ ଭାଷାର ବ୍ୟବହାର ହୁଏ । ମାତ୍ର ଏନେଇ କିଛି ବି ଅସୁବିଧା ହୁଏନା । ମାଟ୍ରିକ୍ୟୁଲେସନ୍ ଓ ଇଣ୍ଟର୍‌ମିଡ଼ିଏଟ୍‌ରେ ତାଙ୍କର ଉର୍ଦ୍ଦୁ ବାଧ୍ୟତାମୂଳକ ବିଷୟ ଥିଲା । ତେଣୁ ଏହାକୁ ଆୟତ୍ତ କରିବାକୁ ମାତ୍ର ଦୁଇ ମାସ ଲାଗିଥିଲା । ହିନ୍ଦୀ ଆଉ ଉର୍ଦ୍ଦୁରେ ଗାଇବା ଭିନ୍ନ । ଉର୍ଦ୍ଦୁରେ ଟିକେ ଏପଟ ସେପଟ ହେଲେ ଅର୍ଥ ଭିନ୍ନ ହେଇଯାଏ । କିନ୍ତୁ ପ୍ରଣବ କହନ୍ତି- "ତେବେ ଏହା ଏକ ସୁନ୍ଦର, ମିଠା ଭାଷା ।"

ଦେଶ ବିଦେଶରେ ବହୁ ସ୍ଥାନରେ ସଙ୍ଗୀତ ପରିବେଷଣ କରି ସେ ବହୁ ପ୍ରଶଂସା ସାଉଂଟିଛନ୍ତି ପ୍ରଣବ । ଚଳଚ୍ଚିତ୍ର ଜୀବନରେ ସେ ବହୁ ଜାତୀୟସ୍ତରର କଳାକାରଙ୍କ ସହ କାମ କରିବାର ସୁଯୋଗ ପାଇଛନ୍ତି । ସେମାନଙ୍କ ମଧ୍ୟରେ ଭୂପିନ୍ଦର ସିଂହ, ନିର୍ମଳା ମିଶ୍ର, ଉଷା ମଙ୍ଗେସକର, ବାଣିଜୟରାମ ଓ ଏସ.ଜାନକୀ ପ୍ରମୁଖ ଅନ୍ୟତମ ।



ଚେନେଇର ପ୍ରଚ୍ଛଦପଟ କଣ୍ଠଶିଳ୍ପୀ ପି.ସୁଶିଲା, ପି.ଲୀଲା, ବାଣୀ ଜେନା ଓ ବଙ୍ଗଳାର ହେମନ୍ତ ଶୁକ୍ଲା, ଆରତି ମୁଖାର୍ଜୀ- ଏମିତି ଅନେକ ଶିଳ୍ପୀଙ୍କ ସହ ସେ କାମ କରିଛନ୍ତି । ହେଲେ କେବେ ବି ତାଙ୍କ ମନକୁ ଆସିନି କି ସେ ବମ୍ବେର ଶିଳ୍ପୀ ଓ ସେ ଓଡ଼ିଶାର ! ଆସିଲେ ବି ସେ ତାହା ମନରୁ ବାହାର କରିଦିଅନ୍ତି । ଈଶ୍ୱରଙ୍କ ଦ୍ୱାରା ସୃଷ୍ଟି ଏହି ସୁନ୍ଦର ମସ୍ତିସ୍କଟିରେ ଏସବୁ ଚିନ୍ତା କରାଯାଇ ନପାରେ । ପ୍ରଣବଙ୍କ ଅନେକ ଗୀତରେ ବିଷାଦ ଭାବ ରହିଛି । ଏହି ସ୍ୟାଡ୍ ଗୀତ ଗାଇବା ପାଇଁ ମନଦୁଃଖ ହେବା ଦରକାର ନାହିଁ । ଏଇଟା ଗୋଟେ କଳାକାରର ମୁଡ୍ ଉପରେ ନିର୍ଭର କରେ । ଏଥିରୁ ଭାବିବାକୁ ପଡ଼ିବ ଯେ, ପ୍ରଣବ ପଟ୍ଟନାୟକ କିଭଳି କଳାକାରଟିଏ ।

ଏକଦା ବାଣୀବିହାରରେ ଗୋଟେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ତାଙ୍କୁ ଡକାଯାଇଥିଲା । ଏଠାରେ ସେ କ୍ରମାଗତ ୮ଟା ଗୀତ ଗାଇଥିଲେ । ତା' ଭିତରୁ ଗୋଟିଏ ଗୀତ ସେ ଗାଇଥିଲେ- 'ସୁଚରିତା ଗୋ ତୁମେ ଏତେ ନିରବ କାହିଁକି ।' ଏହା ଗାଇଲା ପରେ ଗ୍ରିନ୍‌ରୁମ୍ ପାଖରେ ସେ ଦେଖନ୍ତି ତ ଗୋଟେ ସୁନ୍ଦରୀ ଝିଅଟେ ଛିଡ଼ା ହୋଇଛି । ତା' ନାଁ ସୁଚରିତା ମିଶ୍ର । ତାଙ୍କୁ ନମସ୍କାର କଲା । ଆଉ କହିଲା- "ଟିକେ ଆପଣଙ୍କ ଡାଏରୀଟା ଦିଅନ୍ତୁ ।" ସେ କହିଲେ- "ମୁଁ ମୋ ଡାଏରି କାହାକୁ ଦିଏନି । ଗୀତ ଖାତା କାହିଁକି ମାଗୁଛ ?" ସେ ପୁଣି କହିଲା- "ଆପଣଙ୍କ ଗୀତଟା ଭଲ ଲାଗିଲା । ମୁଁ ଆପଣଙ୍କ ଘରକୁ ଆସିପାରେ କି ?" ପ୍ରଣବ କହିଲେ- "ହଁ, ନିଶ୍ଚୟ, ତୁମେ ଆସିପାର ।" ତା'ପରଦନ ସେ ଆସି ଘରେ ହାଜର । ଆଉ ନିଜର ପରିଚୟ ଦେଇ କହିଲା- "ମୋ ନାଁ ସୁଚରିତା ମିଶ୍ର, ମୁଁ ପଲିଟିକାଲ୍ ସାଇନ୍‌ସ୍‌ର ଶେଷବର୍ଷ ଛାତ୍ରୀ ଆଉ ମୁଁ ଆପଣଙ୍କର ଖୁବ ବଡ଼ ଫ୍ୟାନ ।

ଏହାର ୧୦ଦିନ ପରେ ତାଙ୍କ ପାଖକୁ ଗୋଟେ ଚିଠି ଆସିଲା । ପତ୍ନୀ କହିଲେ, "ଇଏ କ'ଣ, କିଏ ଚିଠି ଦେଇଛି ?" ପ୍ରଣବ କହିଲେ- "ତୁମେ କିଛି ଭାବନି, ସେ କେବଳ ମୋର ଫ୍ୟାନ୍ ।" ତେଣୁ ଏସବୁ ନେଇ ଘରେ କେବେବି ଝଗଡ଼ା ହୁଏନି । ହେଲେ ଆମେମାନେ ବହୁତ ଚିଡ଼ା ଚିଡ଼ି ହଉ । ମୁଁ ତାଙ୍କୁ ଚିଡ଼ାଇବାକୁ କହେ- 'ଝୁମ୍‌କା ଟିକେ ତୁ ତ ହଲେଇ ଦେ' । ମୋ ସ୍ତ୍ରୀ ଜଣେ ଖୁବ୍ ଡେଂଜରିୟସ କ୍ରିଟିକ ।


ତାଙ୍କର ଖାଇବା ତାଙ୍କ ପତ୍ନୀ ତିଆରି କରନ୍ତି । ସେ କେବେ ଯଦି କହନ୍ତି- ଆଜି ମାଛରେ ଲୁଣ ଟିକେ ଅଧିକା ହୋଇଛି ତ ସେ କହନ୍ତି ଆଉ ଟିକେ ଲୁଣ ପକେଇ ଦଉନ । ଏତେ କାମ କିଏ କରିବ ? ପ୍ରଣବ କହନ୍ତି- ତମ ଛଡ଼ା ମୋ ପାଇଁ ଆଉ କିଏ କରିବ । ଏସବୁ କଥା ଆମ ଓଡ଼ିଆ ଫ୍ୟାମିଲିରେ ଶୁଣିବାକୁ ଭାରି ଭଲ ଲାଗେ । ଆଜିକାଲି ଏତେ ସ୍ନେହରେ କିଏ ଏମିତି କଥା କହୁଛି କାହାକୁ । କଟକ ଟିମରୁ ଲେଫ୍ଟଆଉଟ ପୋଜିସନରେ କ୍ରିକେଟ ଖେଳୁଥିଲେ ପ୍ରଣବ । ତାଙ୍କର ପ୍ରିୟଥିଲା ଫୁଟବଲ୍ ଓ ଟେନିସ୍ । ଠିକ୍ ଅପରାହ୍ନ ୪ଟାରେ ସେ ଓ ତାଙ୍କ ସାଙ୍ଗମାନେ ଖେଳିବାକୁ ବାରବାଟି ପଡ଼ିଆକୁ ଯାଉଥିଲେ । ସେ ଏମିତି ଖେଳରେ ମଜି ଯାଉଥିଲେ ଯେ, ଏକଦା ତାଙ୍କର ଗୁରୁ କୁଣ୍ଡା ଲାଦେ ନାରାୟଣ ରାଓ ତାଙ୍କୁ ଡାକି କହିଲେ ଆଉ ବେଶି ଖେଳାଖେଳି କରନି । ତୁମ ଗଳା ଖରାପ ହେଇଯିବ । ସେଇ ଏକା କଥା ମଧ୍ୟ ତାଙ୍କୁ ପଣ୍ଡିତ ଭୁବନେଶ୍ୱର ମିଶ୍ର ତାଙ୍କୁ କହିଥିଲେ । ହେଲେ ପ୍ରଣବ କହନ୍ତି, ଖେଳାଖେଳି କଲେ ତାଙ୍କୁ ମଞ୍ଚରେ ଚାରି/ପାଞ୍ଚ ଘଣ୍ଟା ଗୀତ ଗାଇଲେ ବି ହାଲିଆ ଲାଗେନି । ବରଂ ଖାଲି ବସିଲେ ହାଲିଆ ଲାଗେ ।

ପ୍ରଣବ ଯୁବପିଢ଼ିଙ୍କୁ ସର୍ବଦା ଏହା ହିଁ କହନ୍ତି ଯେ, ଜଣେ ପ୍ରଚ୍ଛଦପଟ ଗାୟକ ବା ଗାୟିକା ହେବା ସହଜ କଥା ନୁହେଁ । ଫିଲ୍ମ ଇଣ୍ଡଷ୍ଟ୍ରିରେ ଗୀତ ଗାଇବାକୁ ହେଲେ ଭଲ ସ୍ୱର ଥିବା ଦରକାର । ଭଲ ଭାବେ ମାଜିମୁଜି ରିଆଜ୍ କଲେ ଗୀତ ଭଲହୁଏ । ସେ ଏବେ ବି ଏ ବୟସରେ ରିଆଜ୍ କରୁଛନ୍ତି । ରାତିରେ ସୁଫି ଗଜଲ୍ ଶୁଣୁଛନ୍ତି । ଗୁଲାମ ଅଲ୍ଲି, ଜଗଜିତ ସିଙ୍ଗ୍ ଓ ଅରିଜିତ୍ ସିଙ୍ଗଙ୍କ ଗଜଲଙ୍କ ବାଜିଲେ କାନ ଡେରି ଶୁଣୁଛନ୍ତି । ନୂଆ ପିଢ଼ିର ପିଲାଙ୍କୁ-ସିନିୟର ମାନଙ୍କ ଗୀତ ଶୁଣିବାକୁ ସେ ପରାମର୍ଶ ଦିଅନ୍ତି । ଯେତେ ଶୁଣିବ କାନ ସେତିକି ତିଆରି ହବ ବୋଲି କହନ୍ତି । ପ୍ରଣବ ଓଡ଼ିଆ ସଂଗୀତରେ ଜଣେ କିମ୍ବଦନ୍ତି କଳାକାର । ଓଡ଼ିଆ ସିନେମା ସଙ୍ଗୀତକୁ ତାଙ୍କର ଅବଦାନ ସର୍ବକାଳୀନ ।

**କସର୍ଦା, କଟକ, ଫୋନ-୭୦୭୭୭୦୫୩୬୦**

ଏଇ ପାଠାଗାର କହେ

# ମେଲ୍‌ବର୍ନ୍‌ର ମହକ



# ଭିକ୍ଟୋରିଆ ଷ୍ଟେଟ୍ ଲାଇବ୍ରେରୀ



**ଡକ୍ଟର ଲକ୍ଷ୍ମୀକାନ୍ତ ତ୍ରିପାଠୀ**

ଫଟୋ ସୌଜନ୍ୟ : ଲେଖକ

**ଅଷ୍ଟ୍ରେଲିଆ ଭ୍ରମଣ ବେଳେ ପୃଥିବୀର ଶ୍ରେଷ୍ଠ ପାଠାଗାର ମେଲ୍‌ବର୍ଣ୍ଣ ସହରସ୍ଥ 'ଭିକ୍ଟୋରିଆ ଷ୍ଟେଟ୍ ଲାଇବ୍ରେରୀ' ଯିବାକୁ ଭୁଲି ନଥିଲେ ଲେଖକ ଡକ୍ଟର ତ୍ରିପାଠୀ । ଆମ ଅନୁରୋଧ କ୍ରମେ ପୃଥିବୀର ଶ୍ରେଷ୍ଠ ପାଠାଗାର ପଛର କାହାଣୀକୁ ଏଠାରେ ତୋଳି ଧରିଛନ୍ତି ସେ । ରାଜ୍ୟ ଓ ଦେଶର ଭିନ୍ନ ଭିନ୍ନ ପାଠାଗାରର କଥା ଆମେ ପରଷି ଦେବୁ ଆପଣମାନଙ୍କୁ, କେବେ କେବେ ।**

ଏଇ କିଛିଦିନ ତଳେ ଏକ ସମ୍ବାଦପତ୍ର ପୃଷ୍ଠାରେ ଉଲ୍ଲିଖିତ ହୋଇଥିଲା ଯେ ପୃଥିବୀର ଶ୍ରେଷ୍ଠ ଲାଇବ୍ରେରୀ ହେଲା ଅଷ୍ଟ୍ରେଲିଆର ମେଲ୍‌ବୋର୍ଣ୍ଣ ସହରରେ ଅବସ୍ଥିତ ଭିକ୍ଟୋରିଆ ଷ୍ଟେଟ୍ ଲାଇବ୍ରେରୀ । ଏହା ପଢ଼ି ମୁଁ ଉଲ୍ଲସିତ ହୋଇଥିଲି, କାରଣ ସମ୍ବାଦଟି ପ୍ରକାଶ ପାଇବାର ଅଳ୍ପକିଛି ଦିନ ପୂର୍ବରୁ ତ ମୁଁ ଯାଇଥିଲି ସେହି ଭିକ୍ଟୋରିଆ ଷ୍ଟେଟ୍ ଲାଇବ୍ରେରୀକୁ । ବହି ଓ କମ୍ପ୍ୟୁଟର ମଧ୍ୟରେ ଲୁଚିଯାଇଥିବା ପାଠକ ପାଠିକାମାନଙ୍କୁ ଦେଖି ଭାବ ବିହ୍ୱଳ ହୋଇପଡ଼ିଥିଲି । ହାତ ପାଆନ୍ତାରେ ଥିବା ବହିଗୁଡ଼ିକୁ ଓଲଟାଉଥିଲି । ଗ୍ରନ୍ଥାଗାରିକଙ୍କ ସହ ମୁଁ ଭାରତରୁ ଆସିଛି ବୋଲି କହି କରମର୍ଦ୍ଦନ କରୁଥିଲି, ମୋ ମୋବାଇଲରେ ଛବି ତୋଲୁଥିଲି । ଗ୍ରନ୍ଥାଗାରର ସବୁସ୍ଥାନକୁ ଏକାଥରକେ ବୁଲି ନପାରିବାରୁ ଅବସୋସରେ ଘାଣ୍ଟି ହୋଇ ମନଦୁଃଖ କରୁଥିଲି ।

ପ୍ରକୃତରେ ଭିକ୍ଟୋରିଆ ଷ୍ଟେଟଲାଇବ୍ରେରୀକୁ ଶ୍ରେଷ୍ଠ ଲାଇବ୍ରେରୀ ବୋଲି କୁହାଯାଇପାରିବ ନାହିଁ, ମାତ୍ର ଏହାକୁ ଶ୍ରେଷ୍ଠ ଲାଇବ୍ରେରୀମାନଙ୍କ ମଧ୍ୟରେ ଅନ୍ୟତମ ବୋଲି କୁହାଯାଇପାରିବ । ବିଶେଷଭାବରେ ଓ୍ୱାସିଂଟନରେ ଥିବା ଲାଇବ୍ରେରୀ ଅଫ୍ କଂଗ୍ରେସ, ଅକ୍ସଫୋର୍ଡର ବଡ୍‌ଲିଆନ ଲାଇବେରୀ, ଲଣ୍ଡନର ବ୍ରିଟିଶ୍ ମ୍ୟୁଜିଅମ୍‌ର ରିଡିଂରୁମ୍ ବା ରୋମ୍‌ର ଭେଟିକାନ୍‌ସିଟିରେ ଥିବା ଭେଟିକାନ୍ ଲାଇବ୍ରେରୀ ମାନ ଲାଇବ୍ରେରୀ ଆକାଶର ସୂର୍ଯ୍ୟପରି ଦାଉ ଦାଉ ହୋଇ ଜଳୁଛନ୍ତି । ଭିକ୍ଟୋରିଆ ଷ୍ଟେଟ୍ ଲାଇବ୍ରେରୀ ଆଉ ଗୋଟିଏ ସୂର୍ଯ୍ୟ ଯାହା କେବଳ ବହି ନୁହେଁ, ବରଂ ନୃତ୍ୟ, ଗୀତ, କ୍ରୀଡ଼ା, ସାହିତ୍ୟ ସବୁଗୁଡ଼ିକୁ ଏକ ସାଂଗରେ ଧରି ଡକ୍‌ଲାଣ୍ଡର ମାଟି ଉପରେ ଛିଡ଼ା ହୋଇରହିଛି ।

ପୂର୍ବରୁ କିଛି ଭାରତୀୟ ଗନ୍ଥାଗାର ଦେଖିବାର ସୁଯୋଗ ପାଇଥିଲି । ଭୁବନେଶ୍ୱରର ହରେକୃଷ୍ଣ ଲାଇବ୍ରେରୀ, ଶାନ୍ତି ନିକେତନର ସେଣ୍ଟ୍ରାଲ ଲାଇବ୍ରେରୀ, କୋଲକାତାର ନେସନାଲ ଲାଇବ୍ରେରୀମଧ୍ୟକୁ ଯାଇ ବହି ଅଣ୍ଡାଳିବାର ସୌଭାଗ୍ୟ ପାଇଥିଲି । ସେହି ଲାଇବ୍ରେରୀ ଗୁଡ଼ିକ ଦେଖି ଭାବୁଥିଲି, କିଏ ଯେମିତି ରତ୍ନମାନ ସଂଗ୍ରହ କରି ସେଠାରେ ସାଇତି ରଖିଛନ୍ତି । ବିଦେଶମାଟିରେ ଭିକ୍ଟୋରିଆ ଷ୍ଟେଟ୍‌ଲାଇବ୍ରେରୀ ଦେଖିଲା ପରେ ମୋର ମନେହେଲା କେବଳ ରତ୍ନ ନୁହେଁ ମଣିମାଣିକ୍ୟ ମୁକ୍ତା ହୀରା ବିମଣ୍ଡିତ ତାହା ଗୋଟିଏ ରତ୍ନାକର । କ୍ଷୁଧା ଲାଗୁଥିଲେ ବି ତାର ଭିତରକୁ ପଶିଗଲେ କ୍ଷୁଧା ମେଣ୍ଟିଯାଏ, ତୃଷା ଲାଗୁଥିଲେ ବି ଭିତରକୁ ଚାଲିଗଲେ ତୃଷା ନିବୃତ୍ତ ହୋଇଯାଏ ।

ମେଲବୋର୍ଣ୍ଣରେ ପହଞ୍ଚିବା ଦିନଠାରୁ ହିଁ ମୋ ଝିଅକୁ ମୁଁ କହିଦେଇଥିଲି ଦେବଦର୍ଶନ କରିବା ପରି ଷ୍ଟେଟ୍‌ଲାଇବ୍ରେରୀକୁ ଯାଇ ବୁଲି ଦେଖିଆସିବା ପାଇଁ । ମେଲବୋର୍ଣ୍ଣର ଡକ୍‌ଲ୍ୟାଣ୍ଡରେ ମାଇଲିଏ ଲେଖାଏଁ ବ୍ୟବଧାନରେ ତିନିଗୋଟି ଗ୍ରନ୍ଥାଗାର ରହିଛି । ଗୋଟିଏ ହେଲା ଭିକ୍ଟୋରିଆ ଷ୍ଟେଟ୍‌ଲାଇବ୍ରେରୀ, ଆଉ ଗୋଟିଏ ମେଲବୋର୍ଣ୍ଣର ଜିଲ୍ଲା ଗ୍ରନ୍ଥାଗାର ଏବଂ ଆଉ ଗୋଟିଏ ହେଲା ଡକ୍‌ଲ୍ୟାଣ୍ଡର ନଗର





ପାଠାଗାର । ତିନିଗୋଟିଯାକ ଦେଖିବାପାଇଁ ମୋର ପ୍ରବଳ ଇଚ୍ଛାଥିଲେ ମଧ୍ୟ ଷ୍ଟେଟ୍‌ଲାଇବ୍ରେରୀ ଦେଖିବା ପାଇଁ ମୋର ଆଗ୍ରହଥିଲା ସର୍ବାଧିକ । ସେଇଥିପାଇଁ ମେଲବୋର୍ଣ୍ଣରେ ପାଦ ଥୋଇବା ବେଳଠାରୁ ମୁଁ ଝିଅକୁ କହିଦେଇଥିଲି ଲାଇବ୍ରେରୀ ଯିବାକୁ ସମୟ ଠିକ୍ କରି ନେବାପାଇଁ ।

ସମୟ ଠିକ୍ କରିବାର ବି ଆବଶ୍ୟକତା ପଡ଼ିଲା ନାହିଁ । ଝିଅର କାର୍ଯ୍ୟାଳୟ ଷ୍ଟେଟ ଲାଇବ୍ରେରୀର ଅତି ନିକଟରେ, ଏଇ ଡାକେ ବାଟ ହେବ । ଦିନେ ହଠାତ୍ ସବୁକାମକୁ ପଛକୁ ପକାଇ ମୋର ପଟୁଆର ଧରି ଦର୍ଶନରେ ବାହାରି ପଡ଼ିଲି । ପଟୁଆର କହିଲେ ମୋ ସାଥୀରେ ଥିଲେ ମୋର ସ୍ତ୍ରୀ ଆଉ ପୁଅ । ଝିଅ ଓ ଜ୍ୱାଇଁଙ୍କର ଅଲଗା ଅଲଗା ଅଫିସ୍ । ଝିଅର ଅଫିସ୍ ପାଖରେ ଥିବା ଯୋଗୁଁ ଏବଂ ବିଦେଶରେ ଆମ ପରି ଅନ୍ଧଲୋକର ସେ ବାଡ଼ି ହୋଇଥିବା ଯୋଗୁଁ ମଧ୍ୟ ସେ ଆମଗହଣରେ ରହିବା ସ୍ୱାଭାବିକ ଥିଲା ।

ରସେଲ ଷ୍ଟ୍ରିଟ୍‌କୁ ଲାଗିକରି ଛିଡ଼ା ହୋଇଥିଲା ଭିକ୍ଟୋରିଆ ଷ୍ଟେଟ୍‌ଲାଇବ୍ରେରୀ । ଅଦୂରରେ ୟାରା ନଦୀ ପେଟ ପୂରିଯାଇଥିବା ଅଜଗରଟିଏ ପରି ନିଶ୍ଚଳ ହୋଇ ପଡ଼ି ରହିଥିଲା । ୟାରା ନଦୀ ଓ ଷ୍ଟେଟ୍‌ଲାଇବ୍ରେରୀ ମଧ୍ୟରେ ଦୂରତା କମ୍ ହେଲେ ମଧ୍ୟ ତା ମଝିରେ ଥିଲା ଅସଂଖ୍ୟ ଅଟ୍ଟାଳିକା, ଚର୍ଚ୍ଚ ଓ ଅନେକ ସାଂସ୍କୃତିକ ପୀଠ । ମୁଖ୍ୟଦ୍ୱାରର ସମ୍ମୁଖ ଭାଗରେ ଟ୍ରାମ୍, ବସ୍, କାର, ସାଇକେଲ ଓ ଚଲାରାସ୍ତା । ସେଇଠୁ ଦେଖାଯାଉଥିଲା ବର୍କଷ୍ଟ୍ରିଟ୍ । ବର୍କଷ୍ଟ୍ରିଟ୍ ଉପରେ ସବୁବେଳେ ଲାଗିରହିଥାଏ ସଙ୍ଗୀତର ମାହୋଲ । ଏକାକୀ ଏକାକୀନୀ ଗାୟକ ଓ ଗାୟିକାମାନେ ସେମାନଙ୍କର ବିଦ୍ୟୁତଚାଳିତ ବାଦ୍ୟଯନ୍ତ୍ର ଧରି ଷ୍ଟ୍ରିଟ୍ ସମୀପସ୍ଥ ଗୋଟିଏ ଗୋଟିଏ ସ୍ଥାନକୁ କବଳିତ କରିନେଇ ଥାଆନ୍ତି । ପୂର୍ବାହ୍ନରୁ ରାତି ପହରକ ଯାଏ ଚାଲିଥାଏ ସଂଗୀତର ଧୂମ୍ । ସେ ସଙ୍ଗୀତମାନ ଉତ୍ସର୍ଗୀକୃତ ହୋଇଥାଏ ପଥଚଲା ବ୍ୟକ୍ତିମାନଙ୍କ ପାଇଁ । ଯାଉଥିବା ଲୋକ ସମୟ ପାଇଲେ ଗୀତ ଶୁଣିଦେଇ ଚାଲିଯାଆନ୍ତି । କେହି କେହି ଠିଆ ହୋଇ ଗୀତକୁ ଉପଭୋଗ କରନ୍ତି, ମାତ୍ର ଗହଳି କରନ୍ତି ନାହିଁ । ଗୀତଗାଇବା ପଛରେ ଗାୟକର ଯେ କିଛି ସ୍ୱାର୍ଥନାହିଁ ସେ କଥା କହି ହେବନାହିଁ । ଅନୁରାଗୀ ପଥଚାରୀଙ୍କଠାରୁ କିଛି ଡଲାର ମଧ୍ୟ ସଂଗୃହୀତ ହୋଇଯାଏ । ସେମାନେ ଭିକାରି ନୁହନ୍ତି, କଳାକାର କାହାରିକୁ ମୁହଁ ଖୋଲି ବା ହାତପାତି ମାଗନ୍ତି ନାହିଁ । ମାତ୍ର ସମ୍ମାନର ସହିତ ଯଦି କେହିକିଛି ଦାନ କରି ଦେଲାତ ନେବାକୁ କୁଣ୍ଠାପ୍ରକାଶ କରନ୍ତି ନାହିଁ ।

ବର୍କଷ୍ଟ୍ରିଟ୍‌ରେ ସେଇ ସଂଗୀତର ବର୍ଷା ବେଳେବେଳେ ବୋଧହୁଏ ଛିଟିକି ଆସେ ଷ୍ଟେଟ୍ ଲାଇବ୍ରେରୀର ସମ୍ମୁଖ ରାସ୍ତାକୁ । କାରଣ ଆମେ ଯାଇ ଷ୍ଟେଟ୍ ଲାଇବ୍ରେରୀ ସମ୍ମୁଖରେ ପହଞ୍ଚିବା ବେଳକୁ ସଂଗୀତଜ୍ଞଟିଏ ତାଙ୍କର କାର୍ଯ୍ୟକ୍ରମ ଆରମ୍ଭ କରି ଦେଇଥାଆନ୍ତି । ନିଜର ଠିଆହୋଇ ପାରୁଥିବା ମାଇକ୍ରୋଫୋନ୍ , କାନ୍ଧରେ ଫିତାଦ୍ୱାରା ଆଗକୁ ଓହଳି ପଡ଼ିଥିବା ଗିଟାର, ଆହୁରି ଅନେକ ସଂଗୀତଯନ୍ତ୍ର ସହ ଜଣେ ଗୀତଗାଇବା ଆରମ୍ଭ କରିଦେଇଥିଲେ । ପଥଚାରୀ ତ ଶୁଣିଶୁଣି ପଥ ଅତିକ୍ରମ କରୁଥିଲେ । ଏହା ବ୍ୟତୀତ ଷ୍ଟେଟ୍‌ଲାଇବ୍ରେରୀ ସମ୍ମୁଖ ଭାଗରେ ପଡ଼ିଥିବା ବେଞ୍ଚରେ କିଛି ସଂଗୀତାନୁରାଗୀ ବସି ସଂଗୀତକୁ ଉପଭୋଗ କରୁଥିଲେ । ଅଳ୍ପ ସମୟ ପାଇଁ ସଂଗୀତର ମଜା ନେଇ ଆମେ ଲାଇବ୍ରେରୀ ଭିତରକୁ ଆଡ଼କୁ ଆଗେଇଲୁ ।

ମୁଖ୍ୟଦ୍ୱାରର ସମ୍ମୁଖ ଭାଗରେ ଥିବା ପ୍ରଶସ୍ତ ସ୍ଥାନଟିକୁ ଦୁଇଭାଗରେ ବିଭକ୍ତ କରିଛନ୍ତି ଚିତ୍ରାଙ୍କିତ ହୋଇଥିବା ଦୁଇଗୋଟି ପୂର୍ଣ୍ଣାଙ୍ଗ ଚେସ୍ ବୋର୍ଡ଼ ।ରାଜା, ମନ୍ତ୍ରୀ, ଘୋଡ଼ା, ହାତୀ, ଜାହାଜ ଓ କଟୁଆଳ ଗଣ ନିଜ ନିଜର ବୋର୍ଡ଼କୁ ଆବୋରି ବସିଥାଆନ୍ତି । ସେମାନଙ୍କର ଉଚ୍ଚତା ଓ ଗୋଲେଇ ଦର୍ଶନୀୟ । କଟୁଆଳ ମାନଙ୍କର ଉଚ୍ଚତା ତିନିଫୁଟ୍ ହୋଇଯିବ । ସେହି ଅନୁସାରେ ରଜା, ମନ୍ତ୍ରୀମାନଙ୍କର ଉଚ୍ଚତା ପାଠକେ କଳନା କରନ୍ତୁ । ଗୋଟି ଚଳାଇବା ବେଳେ ଖେଳାଳୀକୁ ପରିଶ୍ରମ କରି ଗୋଟିକୁ ଗୋଟିଏ ଘରୁ ଆଉ ଗୋଟିଏ ଘରକୁ ଟେକି ଟେକି ନେବାକୁ ପଡ଼େ । ଯେଉଁମାନେ ଚେସ୍‌କୁ କେବଳ ମାନସିକ କ୍ରୀଡ଼ା ବୋଲି କହିଥାଆନ୍ତି ସେମାନେ ଯାଇ ଭିକ୍ଟୋରିଆ ଷ୍ଟେଟ୍‌ଲାଇବ୍ରେରୀ ସମ୍ମୁଖରେ ହେଉଥିବା ଚେସ୍ ଖେଳକୁ ଦେଖନ୍ତୁ । ଜାଣିପାରିବେ ଯେ ଚେସ୍ ଖେଳରେ ଶାରୀରିକ ଶ୍ରମ ବି କରିବାକୁ ପଡ଼େ ।

ମୋ ପୁଅ ଜଣେ ରେଟେଡ୍ ଚେସ୍ ଖେଳାଳୀ ହୋଇଥିବାରୁ ତାର ମନଟା ସେଇ ଯାଗାରେ ଅଟକି ଯାଉଥିଲା । ମୁଁ କିନ୍ତୁ ତା ହାତକୁ ଟାଣିଟାଣି ମୁଖ୍ୟଦ୍ୱାରକୁ ଅତିକ୍ରମ କରିଗଲି । ମୁଖ୍ୟଦ୍ୱାର ଅତିକ୍ରମ କରିଯିବା କ୍ଷଣି ହିଁ ଗୋଟେ ହଲ ଭିତରେ ପ୍ରବେଶ କରିଗଲୁ । ସହାୟତା ପ୍ରଦାନ କରିବା ପାଇଁ ଦୁଇଜଣ ମହିଳା ସେଠାରେ କାର୍ଯ୍ୟରତ । କେବଳ ସେଇଠି ନୁହେଁ, ସମଗ୍ର ଲାଇବ୍ରେରୀର ଯେଉଁ ହଲକୁ ଯିବେ ସେଠାରେ ଆପଣଙ୍କୁ ସାହାଯ୍ୟକାରୀ କର୍ମଚାରୀ ମିଳିଯିବେ । ପ୍ରଥମ ହଲରେ ବହିପତ୍ର ଖୋଜିଲେ ମିଳିବ ନାହିଁ । ଆମ ଭାରତରେ ମନ୍ଦିରର ଯେମିତି ମୁଖଶାଳା ଥାଏ, ଏହା ସେହି ଶ୍ରେଣୀୟ । ଆଗନ୍ତୁକମାନଙ୍କର ବସିବା ପାଇଁ କିଛି ଚେୟାର ମଧ୍ୟ ପଡ଼ିଛି । ମୋର ପତ୍ନୀ ଘରର ଗୋଟିଏ କଣକୁ ଚେୟାରଟିଏ ଦେଖି ବସିପଡ଼ିଲେ । ଲାଇବ୍ରେରୀ ବୁଲିବାରେ ତାଙ୍କର ବେଶୀ ଆଗ୍ରହ ନଥାଏ । ଅନ୍ୟାନ୍ୟ ଦର୍ଶନୀୟ ସ୍ଥାନ ବୁଲି ଦେଖିବାକୁ ଯେମିତି ଆଗତୁରା ହୋଇ ବାହାରି ପଡ଼ନ୍ତି, ଲାଇବ୍ରେରୀ ବୁଲିବା କାଳରେ ଠିକ୍ ତାହାର ବିପରୀତ । ତାଙ୍କର ବସିପଡ଼ିବା ଦେଖି ମୋ କାନ୍ଧରେ ଥିବା ବେଗ୍‌ଟିକୁ ତାଙ୍କ ଡାହାଣ ପାଖରେ ଥୋଇଦେଲି । ଝିଅବି ତା ବେଗ୍‌କୁ ସେଇଠି ରଖିଦେଲା । ପୁଅର କିଛି ବ୍ୟାଗ୍ ନଥାଏ । ସେ ତାର ଜାକେଟ୍‌ଟିକୁ ବାହାରକରି ମାଆଙ୍କ କୋଳ ଉପରେ ରଖିଦେଲା । ତାର ଦେଖାଦେଖି ମୁଁ ମଧ୍ୟ ମୋର ଜ୍ୟାକେଟ୍‌ଟି ବାହାରକରି ସେହି କୋଳକୁ ମଣ୍ଡନ କରାଇଲି । ତାହାର ଅର୍ଥହେଲା- ଆମେ ସବୁ ଭିତରକୁ ଯିବୁ ଓ ପତ୍ନୀ ମୁଖଶାଳାରେ ବସି ଆମ ଜିନିଷପତ୍ରକୁ ଜଗି ବସିଥିବେ । ଏ ପ୍ରସ୍ତାବରେ ପତ୍ନୀ ଅସୁଖୀ ଜଣା ପଡ଼ିଲେ ନାହିଁ । ଘର ଜଗିବା ଦାୟିତ୍ୱ ଯେ ତାଙ୍କର । ଦେଶରେ ଜଗୁଥିଲେ, ନହେଲେ ବିଦେଶରେ ଜଗିଲେ । ଫରକ କିଛି ପଡ଼ିଲା ନାହିଁ ।


ଷ୍ଟେଟ୍ ଲାଇବ୍ରେରୀର ଅତି ନିକଟରେ ଚାକିରୀ କରୁଥିଲେ ମଧ୍ୟ ଝିଅ କେବେ ଲାଇବ୍ରେରୀ କାର୍ଡ଼ କରିନଥିଲା । ଆମେ ଲାଇବ୍ରେରୀ ଯାଇଥିବାରୁ ସେ କାର୍ଡଟିଏ କରିବାର ଇଚ୍ଛାପ୍ରକାଶ କଲା । ଲାଇବ୍ରେରୀ କାର୍ଡ଼ କରିବାରେ ଯେତେ କଷ୍ଟ ମୁଁ ଆମ ଓଡ଼ିଶା ଓ ପଶ୍ଚିମ ବଙ୍ଗରେ ଅନୁଭବ କରିଛି । ଦିନ ଦିନ ତ ଲାଗିଯାଏ, ବେଳେ ବେଳେ ମାସ ମାସ ବିତିଗଲେ ବି କାର୍ଡ଼ ମିଳିପାରେ ନାହିଁ । କିଛି ସରକାରୀ ଗ୍ରନ୍ଥାଗାରର କଥା ଏଠି କହିଲି, କହିଲି ପୁଣି ନିଜ ଅନୁଭୂତିରୁ । ମୁଁ ଭାବିଥିଲି ଷ୍ଟେଟ୍‌ଲାଇବ୍ରେରୀର କାର୍ଡ଼ କରିବା ପାଇଁ ଅନ୍ତତଃ ଦିନଟିଏ ଲାଗିଯିବ ।

ଭିତର ହଲ୍‌ରେ ସହଗ୍ରାନ୍ଥାଗାରିକଙ୍କ ନିକଟରେ ପହଞ୍ଚିବା କ୍ଷଣି ସେ ହସି ହସି ସ୍ୱାଗତ କଲେ । ମେଲ୍‌ବୋର୍ଣ୍ଣରେ ମୁଁ ଦେଖିଛି ସମସ୍ତେ ଟହ ଟହ ହୋଇ ହସନ୍ତି ଓ ସ୍ୱାଗତ କରନ୍ତି । ଲାଗେ ଯେମିତି ସେ ଆପଣଙ୍କୁ ହିଁ ଅପେକ୍ଷା କରିଥିଲେ । ଝିଅର ଲାଇବ୍ରେରୀ କାର୍ଡ଼ କରିବାର ଇଚ୍ଛାଶୁଣି ସହଗ୍ରାନ୍ଥାଗାରିକ ପ୍ରୀତ ହେଲେ । ସେଠିକାର ବାସିନ୍ଦାହିଁ କେବଳ ଲାଇବ୍ରେରୀ କାର୍ଡ଼ କରିପାରିବେ । ଝିଅ ସେଠିକାର ବାସିନ୍ଦା

ହୋଇଥିବା ଯୋଗୁଁ ଆବଶ୍ୟକୀୟ କାଗଜପତ୍ର ଦେଖାଇ କାର୍ଡ଼ ପାଇଗଲା । ସେ କାର୍ଡ଼ପୁଣି କମ୍ପ୍ୟୁଟରରୁ ବାହାରିଥିଲା । ପ୍ଲାଷ୍ଟିକ୍ ନିର୍ମିତ । ପାଞ୍ଚମିନିଟ୍‌ରୁ କମ୍ ସମୟ ମଧ୍ୟରେ କାର୍ଡ଼ ଆମର ହସ୍ତଗତ ହୋଇଗଲା । ଏବେ ଝିଅ ସେଠାରୁ ନିୟମ ଅନୁସାରେ ବହି ଆଣି ପଢ଼ିପାରିବ । ଝିଅ ଗ୍ରନ୍ଥାଗାରିକଙ୍କ ସହ ମୋର ପରିଚୟ କରାଇଦେଲା । ଏ ମୋ ବାପା, ଭାରତରୁ ଆସିଛନ୍ତି । ମୋ ବାପା ମଧ୍ୟ ଜଣେ ଲେଖକ । ତାଙ୍କର ମଧ୍ୟ ଅନେକ ଲେଖାବହି ରହିଛି । ଗ୍ରାନ୍ଥାଗାରିକ ମହୋଦୟ ଆଗରୁ କୌଣସି ବିଦେଶୀ ଲେଖକଙ୍କୁ ଭେଟିଥିଲେ କି ନାହିଁ ମୋତେ ଜଣାନାହିଁ । ମାତ୍ର ମୋ ସହିତ କରମର୍ଦ୍ଦନକରି ସେ ମୋତେ ଭେଟି ଖୁସି ହୋଇଛନ୍ତି ବୋଲି ପ୍ରକାଶ କରିଦେଲେ । ତାଙ୍କର ଅନୁମତି ନେଇ ତାଙ୍କ ସହିତ ବାର୍ତ୍ତାଳପ କରୁଥିବାର ଛବିଟିଏ ଝିଅ ଉଠାଇଦେଲା ।

ସେଦିନ ଲାଇବ୍ରେରୀ କାର୍ଡ଼ ମାଧ୍ୟମରେ ବହି ଆଣିବାର ଉଦ୍ଦେଶ୍ୟ ଆମର ନଥିଲା, ଉଦ୍ଦେଶ୍ୟଥିଲା କେବଳ ଦେଖି ଦେଖି ଆଖି ପବିତ୍ର କରିବାର । ଲାଇବ୍ରେରୀ ଭିତରେ ତିନି ତାଲାକୁ ମିଶାଇ ଥିଲା ସାତଗୋଟି ପଠନଗୃହ, ଯାହାର ନାମ ଡୋମ୍ । ଡୋମ୍‌ର ଅର୍ଥ ହେଲା ଅର୍ଦ୍ଧଗୋଲାକୃତ ଗମ୍ବୁଜ । ମଧ୍ୟସ୍ଥଳରେ ସର୍ବବୃହତ୍ ପଠନଗୃହ । ଗୋଟିଏ ଫୁଟ୍‌ବଲ୍‌କୁ ମଝିରୁ ଦୁଇଫାଳ କରିଦେଲେ ଫାଳକ ଯେଉଁପରି ଦେଖାଯିବ ପଠନଗୃହ ଡୋମ୍‌ର ଉପରି ଭାଗ ସେହିପରି ହିଁ ଥିଲା । ଗୃହର ମଧ୍ୟସ୍ଥଳ ହିଁ ତାର କେନ୍ଦ୍ର ବିନ୍ଦୁ ।

ଡୋମ୍ ପଠନଗୃହଟି ସଂପ୍ରତି ପୃଥିବୀର ସର୍ବବୃହତ ପଠନଗୃହ । ବେଟ୍‌ସ୍ ସ୍ମାର୍ଟର ନର୍‌ମାନ ଜି ପିବ୍‌ଲ୍‌ସ୍ ଏହାର ନକ୍ସା ପ୍ରସ୍ତୁତ କରିଥିଲେ ଓ ଏହା ୧୯୧୩ ମସିହାରେ ଉଦ୍‌ଘାଟିତ ହୋଇଥିଲା । ଏହି ଅଷ୍ଟକୋଣାକୃତି ପଠନଗୃହରେ ଦଶଲକ୍ଷରୁ ଉର୍ଦ୍ଧ୍ୱ ଗ୍ରନ୍ଥ ରହିବାର ବ୍ୟବସ୍ଥା କରାଯାଇଛି ଓ ଏଥିରେ ଛଅଶହ ପାଠକ ଏକ ସଙ୍ଗେ ପାଠ କରିବାର ବ୍ୟବସ୍ଥା ରହିଛି । ମଧ୍ୟବିନ୍ଦୁର କୋଣପର୍ଯ୍ୟନ୍ତ ଗୋଟିଏ ଲମ୍ବା ଟେବୁଲ, ଟେବୁଲ



ଦୁଇପାଖରେ ଦୁଇଜଣ ପାଠକ/ପାଠିକା, ଦୁଇ ପାଖକୁ ମିଶାଇ ଅନ୍ୟୂନ ୭୫ଟି ଚେୟାର ପ୍ରତ୍ୟେକ ଚେୟାର ସମ୍ମୁଖରେ ଗୋଟିଏ ଗୋଟିଏ କମ୍ପ୍ୟୁଟର । ଏହିଭଳି ଆଠଗୋଟି ଟେବୁଲ ଡୋମ୍‌ର ଶୋଭାବର୍ଦ୍ଧନ କରୁଛି । ଏବେ ବହିପଢ଼ିବା ପାଠକ କମ୍ । ସିଧାସଳଖ କମ୍ପ୍ୟୁଟରରେ ମନୋନିବେଶ କରାଯାଉଛି । ୨୦୦୩ ମସିହାରୁ ଡୋମ୍ ରିଡିଂରୁମ୍‌ର ନାମ ପରିବର୍ତ୍ତନ ହୋଇ ଲାଟ୍ରୋବ୍ ରିଡିଂରୁମ୍ ଭାବରେ ଖ୍ୟାତ ହୋଇଛି ।

ଉପର ମହଲାକୁ ଉଠିଗଲେ ଚେସ୍ ରିଡିଂରୁମ୍ । ଏହାମଧ୍ୟ ଏକ ଐତିହାସିକ ପଠନଗୃହ । ପୃଥିବୀର ଯେଉଁ ତିନିଗୋଟି ଶ୍ରେଷ୍ଠ ଚେସ୍ ସଂପର୍କିତ ଗ୍ରନ୍ଥାଗାର ରହିଛି ଏହି ଗୃହଟି ତନ୍ମଧ୍ୟରୁ ଅନ୍ୟତମ । ଚେସ୍‌ର ଇତିହାସ, ଚେସ୍ ସଂପର୍କିତ ସହସ୍ରାଧିକ ଗ୍ରନ୍ଥ ସହ ଆଣ୍ଡରସନ ଚେସ୍ ସଂଗ୍ରହର ବହୁଦ୍ରବ୍ୟମାନ ଏଠାରେ ସଂରକ୍ଷିତ ହୋଇ ରହିଛି । ଏହି ଗୃହରେ ପଢ଼ିବା ଓ ଖେଳିବା ଉଭୟର ବ୍ୟବସ୍ଥା ରହିଛି । ଆମେ ତଳେ ପ୍ରବେଶ ପଥରେ ବିରାଟକାୟ ଚେସ୍ ଗୋଟିକୁଦେଖି ଆମୋଦିତ ହୋଇଥିଲୁ । ସଂପ୍ରତି ଖେଳିବାର ସୁଯୋଗ ପାଇ ଆହ୍ଲାଦିତ ହୋଇପଡ଼ିଲୁ । ପ୍ରଥମେ ଗୋଟିଏ ଚେସ୍ ବୋର୍ଡ଼ ସାମ୍ନାରେ ମୁଁ ଓ ମୋ ଝିଅ ଚେସ୍ ଖେଳିବା ପାଇଁ ବସି ପଡ଼ିଲୁ । ଶୀଘ୍ର ହାରି ଯିବାର ଭୟ ପାଇ ଆସିବାରୁ ମୋ ଚେୟାରରେ ମୋ ପୁଅକୁ ବସାଇଦେଇ ଫଟୋ ଉଠାଇବାରେ ମନୋନିବେଶ କଲି । କମ୍ ସମୟ ମଧ୍ୟରେ ଝିଅକୁ ହରାଇ ପୁଅ ସଗର୍ବ ଠିଆହୋଇପଡ଼ିଲା । ଆମେ ଆଉ ଗୋଟିଏ ପଠନଗୃହ ଦିଗକୁ ଗମନୋଦ୍ୟତ ହେଲୁ ।

ଗ୍ରନ୍ଥାଗାରର ପୂର୍ବପ୍ରାନ୍ତରେ ରେଡ୍‌ମଣ୍ଡ ବେରି ପଠନଗୃହ ଫାଷ୍ଟଫୁଡ୍ ବିକ୍ରୀ ହେଉଥିବା ରେଷ୍ଟୁରାଣ୍ଟ ଭଳି ସଦା ଚଞ୍ଚଳ । କାରଣ ଏହି ପଠନଗୃହରେ ସମସାମୟିକ ପୁସ୍ତକାବଳୀ, ପତ୍ରପତ୍ରିକା ଆଦି ରହିଛି ଇଣ୍ଟରନେଟ୍‌ର ସୁବିଧା ଥିବା ଯୋଗୁଁ ଏଠାରେ ଛାତ୍ରଛାତ୍ରୀ ମାନଙ୍କର ଭିଡ଼ ଲାଗିଥାଏ । ବିଶେଷ କରି ପରୀକ୍ଷା ପୂର୍ବ ସମୟରେ ଏଠାରେ ପଠନାଗ୍ରହୀ ଅଧିକ ସଂଖ୍ୟାରେ ଯୋଗ ଦେଇଥାଆନ୍ତି ।

ଗ୍ରନ୍ଥାଗାରର ଏକ ସ୍ଥାନରେ ଥିବା ହେରିଟେଜ୍ କଲେକ୍‌ସନ୍ ରିଡ଼ିଂରୁମ୍ ମଧ୍ୟକୁ ଯିବାପାଇଁ ପୂର୍ବରୁ ଅନୁମତି ନେବାକୁ ପଡ଼ିଥାଏ । ଏଥିରେ ପରଂପରା ଓ ଐତିହ୍ୟର କୀର୍ତ୍ତିରାଜି ସ୍ଥାନିତ ହୋଇଛି । ବିଶେଷ କରି ମେଲବୋର୍ଣ୍ଣର ୧୮୦୦ ମସିହାରୁ ୧୯୦୦ ମସିହା ପର୍ଯ୍ୟନ୍ତ ଇତିହାସ ଏଥିରେ ପ୍ରଦର୍ଶିତ ହୋଇ ପାରିଛି । ଆମ ନିକଟରେ ଅନୁମତି ନଥିବା ଯୋଗୁଁ ଆମେ ଏହି ପଠନ ଗୃହରେ ପ୍ରବେଶ କରିବାକୁ ସକ୍ଷମ ହୋଇପାରିଲୁ ନାହିଁ ।

ଚିତ୍ର, ସଂଗୀତ ଓ ନାଟ୍ୟକଳା ଉପରେ ଅଧ୍ୟୟନ କରିବାକୁ ଇଚ୍ଛୁକ ବିଦ୍ୟାର୍ଥୀମାନେ ଆର୍ଟସ୍ କଲେକ୍‌ସନ ରିଡ଼ିଂରୁମ୍‌ର ସହାୟତା ନେଇପାରିବେ । ଏଥିରେ କେବଳ ଏ ସଂପର୍କିତ ଗ୍ରନ୍ଥ ନୁହେଁ, ସଂଗୀତକୁ ଶୁଣିବାର ମଧ୍ୟ ବ୍ୟବସ୍ଥା ରହିଛି । ପ୍ରିଣ୍ଟର ଓ ଫଟୋ କପିର ସହାୟତାରେ ବିଦ୍ୟାର୍ଥୀମାନେ ଆକାଂକ୍ଷିତ ଛବିଗୁଡ଼ିକୁ ମଧ୍ୟ ସଂଗ୍ରହ କରିପାରିବେ । ସେହିପରି ଜିନିଓଲୋଜିଂ ରିଡ଼ିଂ ରୁମ୍‌ରେ ମୁଦ୍ରଣ ଯନ୍ତ୍ର ଓ ଚଳଚ୍ଚିତ୍ର ନିର୍ମାଣର ଇତିହାସ ସଂପର୍କରେ ତଥ୍ୟ ସଂଗ୍ରହ କରିହେବ । ନିଉଜ୍ ପେପର ରିଡିଂ ରୁମ୍‌ରେ ପ୍ରାଚୀନଠାରୁ ସାଂପ୍ରତିକ ପର୍ଯ୍ୟନ୍ତ ସମ୍ବାଦପତ୍ର ସଂଗୃହୀତ ହୋଇ ରହିଛି । ସମ୍ବାଦପତ୍ର ଉପରେ ଗବେଷଣା କରୁଥିବା ଗବେଷକମାନଙ୍କ ପାଇଁ ଏହି ପଠନ ଗୃହଟି ଏକାନ୍ତ ଜ୍ଞାନବର୍ଦ୍ଧକ । ଏହି ଗୃହରେ ମାଇକ୍ରୋଫିଲ୍ମ ଓ ସ୍କେନର ମାଧ୍ୟମରେ ଛବି ସଂଗ୍ରହ କରିବାର ବ୍ୟବସ୍ଥା ମଧ୍ୟ ରହିଛି ।

ଆଉଜଣେ ଗ୍ରାନ୍ଥାଗାରିକଙ୍କ ନିକଟରେ ପହଞ୍ଚିଲୁ । ସେ ମହିଳା ବି ଆମକୁ ହସି ହସି ସ୍ୱାଗତ ଜଣାଇଲେ । କହିଲି- ଏହି ଷ୍ଟେଟ୍‌ଲାଇବ୍ରେରୀର ଯଦି କିଛି ଇତିହାସ ଗ୍ରନ୍ଥଥାଏ, ତାହାହେଲେ ଆମକୁ ଦିଅନ୍ତୁ । ସେ ଆମକୁ କୌଣସି ଗ୍ରନ୍ଥ ଦେଇପାରିଲେ ନାହିଁ, ମାତ୍ର ଇଂରାଜୀରେ ଲିଖିତ ଏକ ପ୍ରବନ୍ଧ ଆମକୁ ବଢ଼ାଇଦେଲେ ଓ ଜଣାଇଦେଲେ ଯେ ଏନ୍‌ଏଲଏ ଡଟ୍ ଜିଓଭି ଡଟ୍ ଏୟୁରେ ଖୋଜିଲେ ଷ୍ଟେଟ୍ ଲାଇବ୍ରେରୀ ସଂପର୍କରେ ବହୁତଥ୍ୟ ମିଳିଯାଇପାରିବ ।

୧୮୫୩ ମସିହାରେ ତତ୍‌କାଳୀନ ଲେଫ୍‌ଟନାଣ୍ଟ ଗଭର୍ଣ୍ଣର ଚାଲିସ୍ ଲା ଟ୍ରୋବ୍ ଓ



ବିଚାରପତି ରେଡମଣ୍ଡ ବେରି ମେଲବୋର୍ଣ୍ଣ ଠାରେ ମିଳିତ ଗ୍ରନ୍ଥାଗାର, ସଂଗ୍ରହାଳୟ ଓ ନାଟ୍ୟଶାଳା ନିର୍ମାଣ କରିବାର ଉଦ୍ୟମ କରିଥିଲେ । ନକ୍ସା ନିର୍ମାଣ ପାଇଁ କେଉଁ ପ୍ରତିଯୋଗିତା ହୋଇଥିଲା ସେଥିରେ ଜୋସେଫ୍ ରିଡ୍‌ଙ୍କର ନକ୍ସାକୁ ଶ୍ରେଷ୍ଠ ବିବେଚନା କରାଯାଇଥିଲା । ୧୮୫୪ ମସିହା ଜୁଲାଇ ତିନି ତାରିଖରେ ରାଜ୍ୟପାଳ ସାର୍ ଚାର୍ଲସ୍ ହୋଥାମ୍ ଏହାର ଆଧାରଶୀଳା ସ୍ଥାପନ କରିଥିଲେ । ୩୮୦୦ ଖଣ୍ଡ ଗ୍ରନ୍ଥକୁ ନେଇ ୧୮୫୬ ମସିହାରେ ଗ୍ରନ୍ଥାଗାରର ଏକଅଂଶ ସାଧାରଣ ପାଠକଙ୍କପାଇଁ ସମର୍ପିତ ହୋଇଥିଲା । ଉଦ୍ୟମ କରିଥିବା ଦୁଇ ବନ୍ଧୁଙ୍କୁ ସମ୍ମାନ ଜଣାଇବା ପାଇଁ ଡୋମ୍ ରିଡିଂରୁମ୍‌କୁ ଲା ଟ୍ରୋବ୍ ରିଡିଂ ରୁମ୍ ଭାବରେ ନାମିତ କରାଗଲା ଓ ଅନ୍ୟଏକ ପଠନଗୃହ ରେଡମଣ୍ଡ ବେରି ରିଡିଂ ରୁମ୍ ନାମରେ ନାମିତ ହେଲା । ଗ୍ରନ୍ଥାଗାର ସମ୍ପର୍କରେ ପାଠକମାନଙ୍କୁ ନିତ୍ୟନୂତନ ତଥ୍ୟ ପ୍ରଦାନ କରିବା ପାଇଁ ତଥା ବିଭିନ୍ନ ପ୍ରବନ୍ଧ ଉପସ୍ଥାପନ କିରବାପାଇଁ ବର୍ଷକୁ ଦୁଇଗୋଟି ପତ୍ରିକା ମଧ୍ୟ ଲା ଟ୍ରୋବ୍ ଜର୍ଣ୍ଣାଲ ନାମରେ ଏଠାରୁ ପ୍ରକାଶିତ ହୋଇଥାଏ । ଲା ଟ୍ରୋବ୍‌ଙ୍କୁ ସ୍ମରଣୀୟ କରି ରଖିବା ପାଇଁ ଏହାଠାରୁ ଆଉ ସାଧୁ ଉଦ୍ୟମ କ'ଣ ହୋଇପାରେ ।


ଭିକ୍ଟୋରିଆ ଷ୍ଟେଟ୍ ଲାଇବ୍ରେରୀର ଇତିହାସକୁ ବିସ୍ତୃତ ଭାବରେ ବର୍ଣ୍ଣନା କରିବା ଅନାବଶ୍ୟକ । କାରଣ ତାହା ଇଣ୍ଟରନେଟ୍‌ରେ ଉପଲବ୍ଧ ହୋଇପାରୁଛି । ଏହି ଗ୍ରନ୍ଥାଗାରଟି ପ୍ରାୟ କୋଡ଼ିଏ ଲକ୍ଷ ଗ୍ରନ୍ଥ, ସାଢ଼େ ତିନିଲକ୍ଷ ଛବି, ପାଣ୍ଡୁଲିପି, ମ୍ୟାପ୍, ସମ୍ବାଦପତ୍ର ଇତ୍ୟାଦିରେ ସମୃଦ୍ଧ । ଏଠାରେ ଓଡ଼ିଆରେ ବହି ରହିଥିବାର ସନ୍ଧାନ ପାଇଲି ନାହିଁ । ମାତ୍ର ହିନ୍ଦୀ ଭାଷାର ବହି ସଂରକ୍ଷିତ ହୋଇ ରହିଛି ।

ଗ୍ରନ୍ଥାଗାର ମଧ୍ୟରେ 'ଇନ୍‌ସାଇଡ୍ ଏ ଡଗ୍' ଶବ୍ଦଟି ଶୁଣି ଚମକି ପଡ଼ିଲି । କେଉଁଠାରେ କୁକୁର ଅଛି ବୋଲି ଜାଣିବାକୁ ଇଚ୍ଛାମଧ୍ୟ ଜାଗ୍ରତ ହେଲା । ମାତ୍ର କ୍ଷଣକ ମଧ୍ୟରେ ମୁଁ ମୋର ଭୁଲ ବୁଝିପାରିଲି । ଜାଣିବାକୁ ପାଇଲି ଯେ ୨୦୧୧ ମସିହାରେ ଗ୍ରନ୍ଥାଗାର ତରଫରୁ "ଇନ୍‌ସାଇଡ୍ ଏ ଡଗ୍" ନାମରେ ଏକ ୱେବସାଇଟ୍ ପ୍ରତିଷ୍ଠା କରାଯାଇଛି । ଏଥିରେ ସ୍ଥାନିତ ବହିଗୁଡ଼ିକ କିଶୋରମାନଙ୍କ ଦ୍ୱାରା ଓ କିଶୋରମାନଙ୍କ ପାଇଁ ଉଦ୍ଦିଷ୍ଟ । ଏହି ୱେବ୍‌ସାଇଟ୍ ମାଧ୍ୟମରେ ଇଙ୍କି ଏୱାର୍ଡ ନାମରେ ଏକ ପୁରସ୍କାର ମଧ୍ୟ ପ୍ରଦାନ କରାଯାଏ । "ଇନ୍ ସାଇଡ୍ ଏ ଡଗ୍" ପାଇଁ ଯେଉଁ ମାସ୍କଟ୍‌ଟି ପ୍ରସ୍ତୁତ କରାଯାଇଛି ତାହା ଏକ କୁକୁର ଏବଂ ସେହି କୁକୁରର ନାମ ଇଙ୍କି । ସେଇଥିପାଇଁ ପୁରସ୍କାର ନାମ ବି ଇଙ୍କି ଏୱାଡ୍ ରଖାଯାଇଛି । ପୁରସ୍କାର ପାଇଁ ବିଚାରକ ହେବାକୁ କିଶୋରୀ ମାନଙ୍କଠାରୁ ଆବେଦନ ଆହ୍ୱାନ କରାଯାଏ । ଚଳିତ ବର୍ଷ ଫେବୃଆରୀ ମାସରେ ସମଗ୍ର ବିଶ୍ୱରୁ ବିଚାରକ ହେବାକୁ ଆବେଦନ କରିବା ପାଇଁ ନାମ ଆହ୍ୱାନ କରାଯାଇଥିଲା । ମାର୍ଚ୍ଚମାସ ବେଳକୁ ଏକ ସମ୍ଭାବିତ ତାଲିକା ପ୍ରକାଶ ପାଇଥିଲା । ସେଥିରେ ୧୦ଜଣ ଅଷ୍ଟ୍ରେଲିଆର ଓ ଅନ୍ୟ ୧୦ଜଣ ଅନ୍ୟ ଦେଶର କିଶୋର କିଶୋରୀ ଥିଲେ । ସଂପ୍ରତି ୯ଜଣ ବିଚାରକଙ୍କର ନାମ ମଧ୍ୟ ପ୍ରକାଶ ପାଇସାରିଛି । ସମସ୍ତଙ୍କର ବୟସ ୧୨ବର୍ଷରୁ ୧୫ବର୍ଷ ମଧ୍ୟରେ । ବିଚାରକ ମାନଙ୍କର ସବିଶେଷ ବିବରଣୀ ଭିଡିଓ ସହିତ ୱେବ୍‌ସାଇଟ୍‌ରେ ପ୍ରକାଶିତ ହୋଇଯାଇଛି ।

ଗ୍ରନ୍ଥାଗାର ଭ୍ରମଣ କରି ଫେରିଆସିବା ବେଳକୁ ମୁଖଶାଳାରେ ପତ୍ନୀ ଅପେକ୍ଷା କରିଥିଲେ । ତାଙ୍କ କୋଳରେ ମୋର ବ୍ୟାଗ, ଝିଅର ବ୍ୟାଗ୍, ପୁଅର ଜ୍ୟାକେଟ୍‌ମାନ କଙ୍ଗାରୁ ପେଟ ଭିତରେ ଥିବା ପିଲା ପରି ଲାଳିତ ହେଉଥିଲେ । ବାହାରେ ବଡ଼ ବଡ଼ ଚେସ୍ ଗୋଟିରେ ଚେସ୍‌ଖେଳ ଚାଲି ରହିଥିଲା ଓ ସାମ୍ନାରେ ପଥସଙ୍ଗୀତକାର କିଛି ଶ୍ରୋତାଙ୍କୁ ଆବିଷ୍ଟକରି ରଖଥିଲେ । ପୃଥିବୀର ଶ୍ରେଷ୍ଠ ଗ୍ରନ୍ଥାଗାର ମଧ୍ୟରୁଗୋଟିଏ ଦେଖିବାର ସୁଯୋଗ ପାଇଥିବାରୁ ମୋ ମୁହଁରେ ସ୍ମିତ ହସର ରେଖା ଉକୁଟି ଉଠୁଥିଲା ।


**ଅମୃତାୟନ, ନାଗେଶ୍ୱରୀପଲ୍ଲୀ**
**ଆଳୁପୁର, ବାଲେଶ୍ୱର - ୭୫୬୦୦୧**
**ଫୋନ୍ : ୯୪୩୭୨୯୪୮୬୯**


## ବହି ବଟାର




- ପୁସ୍ତକର ନାମ: **ଶରାରତ୍**
- ସ୍ରଷ୍ଟାଙ୍କ ନାମ : **କବିତା ରାଜ୍ ପଦ୍ମଜ୍**
- ପ୍ରକାଶକଙ୍କ ନାମ : **ରଶ୍ମି ପ୍ରକାଶନ, କୃଷ୍ଣ ନଗର, ଲକ୍ଷ୍ନୌ-୨୨୬୦୨୩**
- ମୂଲ୍ୟ : **୨୦୦/-**



ନୂଆପିଢ଼ି ହିନ୍ଦୀଭାଷୀ ଲେଖିକାଙ୍କ ଭିତରେ କବିତା ରାଜ୍ ପଦ୍ମଜ ଜଣେ ସମ୍ବେଦନଶୀଳ କଥୟିତ୍ରୀ । ମୁଖ୍ୟତଃ ପ୍ରେମ ଓ ଅନୁରାଗର ମିଶ୍ରିତ ଝଙ୍କାର ଶୁଭେ ତାଙ୍କ କାହାଣୀମାଳାରୁ । ରଶ୍ମି ପ୍ରକାଶନ, ଲକ୍ଷ୍ନୌ ଦ୍ୱାରା ପ୍ରକାଶିତ ତାଙ୍କର ପ୍ରଥମ ସଂକଳନ 'ଶରାରତ୍' ଏବେ ଆମର ହସ୍ତଗତ ହୋଇଛି । ଲେଖିକାଙ୍କ ବୟସ କମ୍, କିନ୍ତୁ ଏଥିରେ ସ୍ଥାନିତ ହୋଇଥିବା ବେଶ୍ କିଛି ଗଳ୍ପର ଗଭୀରତାରେ ମିଳେ ଶାମୁକା ଭିତରର ମୁକ୍ତା ସମ କିଛି କିଛି 'ପରିପକ୍ୱତା' । ମୁଖ୍ୟତଃ ଏ ଲେଖିକା ଯୁବପିଢ଼ିଙ୍କ ଭିତରେ ଥିବା ପ୍ରେମକୁ ପରଖିଛନ୍ତି ଭିନ୍ନ ଭିନ୍ନ ଦୃଷ୍ଟିକୋଣରୁ । ସ୍ଥାନିତ କାହାଣୀଗୁଡ଼ିକରେ ଯୁବ ସୁଲଭ ଜୀବନର ଉଲ୍ଲାସ, ସ୍ୱପ୍ନ ଏବଂ ପ୍ରେମପଣକୁ ସେ ଚିତ୍ରିତ କରିଥିବା ବେଳେ ଏହାକୁ ନେଇ ଉତ୍ପନ୍ନ ସମସ୍ୟାକୁ ମଧ୍ୟ ସେ ଗଳ୍ପାୟନ ବେଳେ ପ୍ରମୁଖତା ଦେଇଛନ୍ତି । ସମୁଦାୟ ଏଗାରଟି ଗଳ୍ପ ମଧ୍ୟରୁ 'ଦୋସ୍ତ୍ ବନୋଗୀ ମେରୀ', 'କ୍ୟା ଜାନେ କିସ୍‌କା ଇନ୍ତେଜାର୍', 'କହାଁ ଯାଉଁ ଅବ୍ ମୈଁ', 'ଆଇ ଲଭ୍ ୟୁ' ଏବଂ ଶୀର୍ଷକ ଗଳ୍ପ 'ଶରାରତ୍' (ଦୁଷ୍ଟାମୀ) ଭିତରେ ପାଠକମାନେ ଯୁବାବସ୍ଥାର ନାନା ସୋପାନକୁ ଭେଟିବା ସହ ଏକ ରୋମାଣ୍ଟିକ୍ ଆବେଶ ଭିତରେ ମଜ୍ଜିଯିବାର ଉପଲବ୍ଧି ପାଇବେ । ଲେଖିକାଙ୍କ ଭାଷାରେ, "ଜୀବନରେ ପ୍ରେମ, ରୋମାନ୍ସ ଓ ଭଲପାଇବା ବ୍ୟତୀତ ଆଉ କ'ଣ ଥାଏ ଯେ? କେବେ ପ୍ରଥମ ଦେଖାରେ ପ୍ରେମ ତ କେବେ ସାରା ଆୟୁଷ୍କାଳ ପ୍ରେମ ଟିକେ ପାଇଁ ସଂଘର୍ଷ । କେବେ ପୁଣି ବିଚ୍ଛେଦରେ ଥାଇ ବି ପ୍ରେମକୁ ଝୁରିବାକୁ ପଡ଼େ । ଏସବୁ ହିଁ ତ ଜୀବନ ପାଇଁ ବଞ୍ଚିବାର ଏକ ଏକ ବାଟ । ସୁତରାଂ ମୋ ଗଳ୍ପରେ ମୁଁ ସେଇସବୁ କଥାକୁ ଆଣିଛି ।"

କବିତା ରାଜ୍ ପଦ୍ମଜଙ୍କୁ ଆମର ଶୁଭେଚ୍ଛା । ତାଙ୍କର ଏ ଗଳ୍ପଗୁଡ଼ିକ ଯୁବବର୍ଗ ପାଠକଙ୍କୁ ଆକର୍ଷିତ କରିବ ଏବଂ ଜୀବନକୁ ପ୍ରେମମୟ କରିବାରେ ସହାୟକ ହେବ ବୋଲି ଆମେ ଆଶା କରିବା । ଆଗାମୀ ଦିନରେ କବିତା ରାଜ୍ ଆଉରି କିଛି ସିରିୟସ୍ ଗଳ୍ପ ଲେଖନ୍ତୁ ।

# ମାନସିଂହଙ୍କ ମାନସାଙ୍କ



ଆଧୁନିକ ଓଡ଼ିଆ ସାହିତ୍ୟର ସମୃଦ୍ଧିରେ ଡକ୍ଟର ମାୟାଧର ମାନସିଂହ ଜଣେ ଗୁରୁତ୍ୱପୂର୍ଣ୍ଣ ସୃଜନ ବ୍ୟକ୍ତିତ୍ୱ । ଲୋଡ଼ିବାପଣର କବିତା ରଚନା କରି ସେ ଯେପରି ପ୍ରଣୟର ଦୀପ ପ୍ରଜ୍ୱଳିତ କରିଛନ୍ତି, ଅନୁରୂପ ଭାବରେ ମାନବିକତାର ମନ୍ତ୍ରଗାନରେ ତାଙ୍କ କବିତା ଜଗତ ଭାବ ଛଳଛଳ ହୋଇଉଠିଛି । ଜଣେ ସଫଳ କାବ୍ୟସ୍ରଷ୍ଟା ଭାବରେ ମାନସିଂହଙ୍କର ରହିଛି ପ୍ରଚୁର ପାଠକୀୟ ପ୍ରଶସ୍ତି । ଓଡ଼ିଆ ପାଠକ ମାନସିଂହଙ୍କୁ ଜଣେ ପ୍ରେମିକ କବି ଭାବରେ ଜାଣନ୍ତି । ପରନ୍ତୁ ଏହି କବି ମଣିଷର ମୌଳିକ ଦୁଃଖ ପାଖରେ କେତେ ପ୍ରତିବଦ୍ଧ, କେତେ ପ୍ରତିକ୍ରିୟାଶୀଳ ଓ କେତେ ଛଳଛଳ ବାତ୍ସଲ୍ୟର ବନ୍ଦୀଶାଳାରେ, ଏହି ସୃଜନ ଆଲେଖ୍ୟ ତା'ର ଉଦାହରଣ । ଓଡ଼ିଆ ସାହିତ୍ୟର ଏହି ସ୍ମରଣୀୟ ପ୍ରବାଦ ପୁରୁଷଙ୍କୁ ଜାତିନୈବେଦ୍ୟ ଅର୍ପଣ କରୁଛି 'ରେବତୀ' ।

# ପାପୁଲିଏ ପ୍ରଣୟ ପାଖରୁ ଆଖିଏ ଲୁହର ନୀରବତା : ମାୟାଧର ମାନସିଂହଙ୍କ କବିତା




**ଡକ୍ଟର ଦିଲ୍ଲୀପ କୁମାର ସ୍ୱାଇଁ**

ସ୍ନାତକୋତ୍ତର ଓଡ଼ିଆ ବିଭାଗ
ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ, ପୁରୀ
ଫୋନ:୯୮୬୧୪୧୧୧୪୮


ଯେଉଁଠି ଆକାଶର ରଙ୍ଗ ନୀଳ ସେଇଠି ମାୟାଧର ମାନସିଂହଙ୍କ କବିତାର ଷଠୀଘର । ଚିଲିକାର ତରଙ୍ଗାୟିତ ନୀଳପାଣି କୂଳରେ ଗଢ଼ି ଉଠିଛି ମାନସିଂହଙ୍କ ଶୈଶବ । ପ୍ରକୃତିର ପ୍ରେମମୟ ସତ୍ତା କିପରି କବିତାର ନୀଳରକ୍ତ ହୋଇ ମିଶିଯାଇଛି ମାନସିଂହଙ୍କ ଛାତିରେ ତାହା ହିଁ ବିଦଗ୍ଧ ପାଠକ ଜାଣେ । ମାନସିଂହ ଦେଖିଛନ୍ତି ଚିଲିକାରେ ଜହ୍ନରାତି । କାଶତଣ୍ଡୀର କାରୁକାର୍ଯ୍ୟ । ନଳବଣରେ ପକ୍ଷୀମାନଙ୍କର ନୃତ୍ୟ । ଏଠି ପକ୍ଷୀର ଚଞ୍ଚୁରୁ ଝରିପଡ଼େ କବିତା । ଜହ୍ନରାତି ଭିଡ଼ିଧରେ ପ୍ରେୟସୀ ଚିଲିକାର ଛାତି । କୁନିକୁନି ଢେଉଙ୍କ ଚୁମାରେ ଚିତ୍ରମୟ ହୋଇଯାଏ ଚିଲିକାର କୂଳ । ଭଙ୍ଗା ଡଙ୍ଗାର ମଙ୍ଗରେ ବୋହୂ ସାଜି ବର୍ଷିଯାଏ ବର୍ଷାରାଣୀ । ବସନ୍ତ ଆସୁଆସୁ ପୋଲାଙ୍ଗ ବଣରୁ ଫୁଲର ପସରା ମୁଣ୍ଡେଇ ଠିଆ ହୁଏ ନୀଳପରୀ । କିଏ ସେ ? କବିତା ! ରସଲେଖା ? ଚିତ୍ରକଳା ? ଲାବଣ୍ୟବତୀ ! କାହାର ଅଧାଚାଳର ଅଧର ତଳୁ ଜଳିଉଠେ କବିତା । କିଏ ସେ ଡାକେ ମାମୁଁଭଣଜା ପାହାଡ଼ ଛାଇରେ ବସି, ଆସ ପ୍ରିୟତମ ସଜେଇ ଦେବି ତମ ମଥାରେ ମୟୂରଚନ୍ଦ୍ରିକା । ଚିଲିକା- ଏଠି ସବୁଲାଗେ ପ୍ରେମିକା ପ୍ରେମିକା । ଚିଲିକା- ଏଠି ପାଣି ନୁହେଁ ନୀଳରକ୍ତର ରଙ୍ଗଖେଳ ପ୍ରତିଦିନ । ଚିଲିକା- ଏଠି ପ୍ରଶ୍ୱାସରେ ଜଳିଯାଏ ପାପୁଲିଏ ପ୍ରେମର ରଙ୍ଖାତା । ଚିଲିକା- ଯିଏ ଜାଳିଦିଏ ଛାତିରେ ଅନିର୍ବାଣ ପ୍ରେମର ଦୀପଶିଖା । ଚିଲିକା- ଯାହା ଜଳୁଥାଏ ଦୀପ ହୋଇ, ବାସୁଥାଏ ଧୂପ ହୋଇ- ଏ କୂଳର ସବୁ ଲାଗେ କବିତା, କବିତା । କବି ମାୟାଧର ମାନସିଂହ ନୀଳପାଣି ଘେରା ଏହି ଜହ୍ନରାଇଜରେ ଜନ୍ମିଥିଲେ ୧୯୦୫ ମସିହାରେ, ନନ୍ଦଳା ଗ୍ରାମରେ ।

ମାୟାଧର ମାନସିଂହ ପ୍ରେମ, ପ୍ରତିରୋଧ ଓ ପାରତ୍ରିକ ଅବବୋଧର ଜଣେ ସ୍ୱର୍ଣକାତର କବି । ପ୍ରେମକୁ ନେଇ କବିତା ରଚନା କରିବା ବଡ଼କଥା ନୁହେଁ ବରଂ ସେହି ପ୍ରେମରେ ନିମଜ୍ଜିତ ହୋଇ ପ୍ରୀତି ପାଳିବା ବଡ଼କଥା । ମାନସିଂହ ପ୍ରେମର କଥା ଲେଖନ୍ତି ରକ୍ତରେ, ଯାହା କିଛି ଦୀର୍ଘଶ୍ୱାସ ହୋଇ ମିଶିଯାଏ ପାଠକ ଛାତିରେ ତ ଆଉ କିଛି ଲୁହ ହୋଇ ଝରିପଡ଼େ ପ୍ରେମିକା ଓଠରେ, ପ୍ରିୟତମାକୁ ପାଇବା ପାଇଁ ଏତେ ଅଭିସାର, ଏତେ ଆତିଥ୍ୟ, ଏତେ ଅନୁରାଗକୁ କଣ ବୁଝିପାରେ ସଖୀ ? ଜହ୍ନ ଜଳିଯାଏ ସହକାର ପତ୍ରର ଓଠରେ । ସଖୀ ଆସେନା । ବର୍ଷା ଧୋଇଦିଏ ପ୍ରେମିକାର ପାଦଚିହ୍ନ । ଆସେନା ଅଭିମାନିନୀ । ଦିଗ୍‌ବଳୟ ବଂଶୀ ବଜାଏ- ଦେହର ଦର୍ଜା ବନ୍ଦ୍ କରି ବସିଥାଏ ଅଭିସାରିକା । ପ୍ରିୟତମା ସହ ଟିକିଏ ସଖ୍ୟ ପାଇଁ କେତେ ଆୟୋଜନ । କେତେ ନୀରବ ନିଶୀଥରେ ରଙ୍ଗ ସଭା କେତେ ଚୋରା ଚଇତ୍ରର ଚିତ୍ରଖାତା । ମାନସୀ ଆସନ୍ତା ହଲେଇ ବେଣୀ ଓଠରେ ଭର୍ତ୍ତି କରି  ରସର କବିତା, ବର୍ଷା ଝରନ୍ତା ଅଜ୍ରଅଜ୍ର । ଆମ୍ବଗଛର ପତ୍ର ଫାଙ୍କରୁ ଜହ୍ନ ଜଳନ୍ତା ଦୀପ ପରି । କେଉଁ ଯୋଗୀ ଜଣେ ବଂଶୀ ବଜାନ୍ତା ପାହାଡ଼ ଚୂଡ଼ାରେ । ପ୍ରିୟତମା ଆସନ୍ତା ହାତରେ ଦୀପ ଧରି । ପାଉଁଝିର ନିନାଦରେ ଫାଟି ଯାଆନ୍ତା ଅପ୍ରେମ ପୃଥିବୀର ଛାତି । କଇଁର ଓଠ ପାଖକୁ ଆସି ଖସି ପଡ଼ନ୍ତା ଜହ୍ନ । ରାତିର ବିରହ ଭୁଲି ଫୁଟି ଉଠନ୍ତେ ସୂର୍ଯ୍ୟମୁଖୀ । ସତରେ କଣ ଆସେ ପ୍ରେୟସୀ ? କବି ଦୀପ ଧରି ବସିଥାଏ ହାତରେ । ଦୀପ ଲିଭି ଯାଇଥାଏ କେତେବେଳୁ । ଅଥଚ  ହାତ ଜଳୁଥାଏ ଦୀପ ତଳୁ । ପ୍ରେମିକ ପାଏନା କିଛି । ପାଏନା ବୋଲି ତ ତାର ପ୍ରିୟତମାକୁ ଈଶ୍ୱରୀ କରିଦିଏ କବିତାରେ । ଛାତିଚିରି ଜନ୍ମଦିଏ ଶବ୍ଦମାନଙ୍କୁ । ସେହି ଶବ୍ଦରେ ଟିକିଏ ସିନ୍ଦୂର ମାରିଦେଲେ ସେମାନେ ପାଲଟି ଯାଆନ୍ତି ଶାଳଗ୍ରାମ । ମାନସିଂହ ପ୍ରେମକୁ ଶାଳଗ୍ରାମରେ ପରିଣତ କରିପାରନ୍ତି । କାହା ମଥାରେ ସିନ୍ଦୂର କି ପ୍ରୀତିର ଅକ୍ଷର ନହୁଅନ୍ତୁ ପଛେ ସଚ୍ଚୋଟ ପ୍ରେମିକ ପରି ଧୂପ ହୋଇ ଅବିରତ ଜଳନ୍ତି । କବିଙ୍କ ‘ସାଧବଝିଅ’ (୧୯୨୯), ‘ଧୂପ’ (୧୯୩୧), ‘ହେମଶସ୍ୟ’ (୧୯୩୩), ‘ହେମପୁଷ୍ପ’(୧୯୩୫), ‘ଜେମା’(୧୯୪୨), ‘ପ୍ରେମଶସ୍ୟ’(୧୯୪୫) ଆଦି କବିତା ସଙ୍କଳନରେ ପାଠକ ଜଣେ ନୀରବ ପ୍ରେମର ଲୁହାର୍ଦ୍ର କବିଙ୍କୁ ଭେଟେ । ସତରେ ପ୍ରେମିକ କେଡ଼େ ନିଃସର୍ତ୍ତ ଯୋଗୀଟିଏ । କେତେବଡ଼ ନିର୍ଭେଜାଲ୍ ବ୍ୟକ୍ତିସତ୍ତାଟିଏ । ନପାଇବାର ବିଫଳତା ଭିତରେ କିପରି ସେ ବହ୍ନିମାନ ବିଜୟର ସ୍ୱପ୍ନ ଦେଖେ । ପ୍ରେମିକ ଶତେବାର ପାଏ ଅଥଚ ଥରେ ନପାଇବାକୁ ସେ ଝୁରେ । ମାନସିଂହଙ୍କ କ୍ଷେତ୍ରରେ ଏହା ହିଁ ଘଟିଛି । ମାନସିଂହଙ୍କ ପ୍ରେମରେ ପ୍ରାପ୍ତି ଅପେକ୍ଷା ଅପ୍ରାପ୍ତିର ଆୟୁଷ ଖୁବ୍ ବେଶୀ । ପାଇବାର କୋଳାହଳ ଅପେକ୍ଷା ନପାଇବାର ନୀରବ ସମର୍ପଣ ଢେର୍ ଅଧିକ । ମାନସିଂହ ଜହ୍ନରାତିର ଯୁଇରେ ଜଳୁଥିବା ଏକ ଅନିର୍ବାଣ କାବ୍ୟସତ୍ତା । ପୂର୍ବ ଦିଗକୁ ମୁହଁ କରି ପ୍ରେମିକା ପାଇଁ ଶଙ୍ଖ ଫୁଙ୍କୁଥିବା ଏକ ନୀରବ ନାୟକ । ମାନସିଂହଙ୍କ ପ୍ରେମକବିତାର ପ୍ରାଣ ଏତେ ସାନ୍ଦ୍ର ଓ ଛଳଛଳ ଯେ ଏହାକୁ ଧରୁ ଧରୁ ହାତରୁ ଖସିଯିବ । ଷୋଳବୟସୀ ପ୍ରିୟତମାର ଅଧରରେ ପ୍ରଥମ ଚୁମ୍ବନର ଛାୟାଘନ ସଲ୍ଲଜତା ହିଁ ମାନସିଂହଙ୍କ କବିତା । ଯେଉଁଠି ସବୁ ଅପ୍ରାପ୍ତି


ଯେଉଁଠି ଆକାଶର ରଙ୍ଗ ନୀଳ ସେଇଠି ମାୟାଧର ମାନସିଂହଙ୍କ କବିତାର ଷଠୀଘର । ଚିଲିକାର ତରଙ୍ଗାୟିତ ନୀଳପାଣି କୂଳରେ ଗଢ଼ି ଉଠିଛି ମାନସିଂହଙ୍କ ଶୈଶବ । ପ୍ରକୃତିର ପ୍ରେମମୟ ସତ୍ତା କିପରି କବିତାର ନୀଳରକ୍ତ ହୋଇ ମିଶିଯାଇଛି ମାନସିଂହଙ୍କ ଛାତିରେ ତାହା ହିଁ ବିଦଗ୍ଧ ପାଠକ ଜାଣେ ।




ମାୟାଧର ମାନସିଂହଙ୍କ କାବ୍ୟଯାତ୍ରାର ଦସ୍ତାବିଜ୍

ହିଁ ପ୍ରାପ୍ତି ଓ ତମାମ୍ ପ୍ରାପ୍ତି ହିଁ ଅପ୍ରାପ୍ତିର ସ୍ୱର୍ଗ । ଓଃ ! ଗୋଟିଏ ଚୁମ୍ବନ ପାଇଁ କେତେ ନୀଳ ପ୍ରାର୍ଥନା । ଜହ୍ନ ପରେ ଜହ୍ନ ବାରମାସର ଜହ୍ନ ପରେ ପୁଣି ଏକ ପୂର୍ଣ୍ଣମୀ ପାଇଁ କାତର କାମନା । ହେ ସମବୟସୀ ! ତମେ କେହି ଯଦି ହୋଇପାରିଥାଆନ୍ତ ମାନସିଂହଙ୍କ ପ୍ରେୟସୀ, ତେବେ ତମେ ଜାଣିଥାନ୍ତ କେମିତି ଜଳେ ଛାତିରେ କବିତା । ଜାଣିଥାନ୍ତ ଗୋଟିଏ ଚୁମାରେ କେମିତି ଚିତ୍ରମୟ ହୋଇଯାଏ ଜୀବନର ରଫ୍‌ଖାତା । ତମେ ଜଳିଥାନ୍ତ ଥରେ- ଅଥଚ ଲିଭିଥାନ୍ତ ବାରମ୍ବାର ! ଭାଲେରୀ ପାହାଡ଼ ଚୂଡ଼ାରେ ଠିଆ ହୋଇ ତୁମେ କହିଥାନ୍ତ, 'ହେ ପ୍ରିୟ ଆସ। ମୁଁ କେବଳ ତୁମର ।' ସତରେ କେହି କଣ ଫେରେ- ଫେରେ ଲୁହର ଗୀତଖାତା । ଯାହା ବାସେ ଧୂପ ପରି- ଯାହା ପାଲଟି ଯାଏ ମାନସିଂହଙ୍କ କବିତା ।

ଭାବପ୍ରବଣ କବି ମାନସିଂହଙ୍କ କାବ୍ୟଯାତ୍ରାର ଦ୍ୱିତୀୟ ପର୍ବରେ ପାଠକ ସାମ୍ନା କରେ ଜଣେ ଦରଦୀ, ସମ୍ବେଦନଶୀଳ କାବ୍ୟସ୍ରଷ୍ଟାଙ୍କୁ । ଯିଏ ପାପୁଲିଏ ପ୍ରଣୟ ନୁହେଁ ପରନ୍ତୁ ଆଖିଏ ଲୁହ ନେଇ ଠିଆ ହୁଅନ୍ତି, ପାଠକ ସାମ୍ନାରେ । 'ମାଟିବର୍ଣ୍ଣା'(୧୯୪୭), 'ଜୀବନଚିତା' (୧୯୪୭), 'ବାପୁତର୍ପଣ' (୧୯୪୮), 'ସ୍ୱରାଜ୍ୟଶ୍ରମ' (୧୯୫୨) ସଙ୍କଳନର କବିତାମାନଙ୍କରେ ବାସ୍ତବବାଦୀ କବି ମାନସିଂହ ସାମାଜିକ-ଆର୍ଥନୀତିକ ପାଣିପାଗରେ ଓଡ଼ିଆ ଘରର ଦୁର୍ଦ୍ଦଶା ଆଙ୍କିଛନ୍ତି କବିତାରେ । ଦାଦନ ଖଟିବାକୁ ଯାଇଥିବା ଓଡ଼ିଆ ପୁଅ ଫେରିପାରିନି ରେଙ୍ଗୁନ୍‌ରୁ । ଯୁବତୀ ପତ୍ନୀ ଠାରୁ ଅନ୍ଧାରରେ ସୁଧ ଆଦାୟ କରିବାକୁ ସାହୁକାରର ଶୋଷ ଲମ୍ବି ଆସୁଛି ଘର ଅଗଣା ଯାଏଁ । ପାଚିଲା ଧାନ କିଆରୀରେ ମହାଜନର ଦୌରାତ୍ମ୍ୟ । କଲିକତାର ମାଟିଆ ବୁରୁଜରେ ଓଡ଼ିଆମାନଙ୍କ ଜୀବନ ବଞ୍ଚିବାର ସଂଘର୍ଷ । ଶ୍ରୀହୀନ ଗାଆଁ, ଭାଙ୍ଗି ଯାଉଥିବା ଭାତହାଣ୍ଡି, ତୁଟି ଯାଉଥିବା ସମ୍ପର୍କ, ଭାଗଚାଷୀଙ୍କ ଦୁର୍ଦ୍ଦଶା, ରାଜନୀତିର ସନ୍ତ୍ରାସ, ଗାନ୍ଧୀବାଦୀଙ୍କ କ୍ଷମତା ପ୍ରମତ୍ତତାର ବ୍ୟୂହମାନ ଚିତ୍ର ପ୍ରକାଶ ପାଇଛି ମାନସିଂହଙ୍କ ଦ୍ୱିତୀୟ ପର୍ଯ୍ୟାୟର କବିତାରେ । ମହାନଦୀରେ ଜ୍ୟୋସ୍ନାବିହାର କରୁଥିବା କବି ଦିନେ ଭଙ୍ଗା ଚାଳଘରୁ ଜହ୍ନର ଦୃଶ୍ୟ ଦେଖି ଯେ ଲୁହମୟ ହୋଇପଡ଼ିବେ- ଏକଥା କଣ ସତରେ ଭାବିହୁଏ । କେତେ ବିରହ, ପ୍ରତୀକ୍ଷା, ପ୍ରବାସ, ପ୍ରଣୟ, ଚୁମ୍ବନ, ବାସରାତି ମଉଳି ଯାଏ ଭୋକିଲା ପେଟ ପାଖରେ । ପ୍ରେମ ଠାରୁ ଜୀବନ ବଡ଼-ମାନସିଂହ ବାରମ୍ବାର ଘୋଷଣା କରନ୍ତି କବିତାରେ । ହୀରାକୁଦର ବନ୍ଧ ଶ୍ରମିକଙ୍କ ଦୁଃଖ ପାଖରୁ ମାଟିଆ ବୁରୁଜରେ ଓଡ଼ିଆଙ୍କ ଦୁର୍ଦ୍ଦଶା ପର୍ଯ୍ୟନ୍ତ ମାନସିଂହ ଜଣେ ସମ୍ବେଦନଶୀଳ କବି ଭାବରେ ସାଧାରଣ ମଣିଷ ପାଖରେ ଠିଆ ହୁଅନ୍ତି । 'ଧୂପ'ର ତରୁଣ ପ୍ରାଣର କବି ବଦଳି ଯାଆନ୍ତି ସମ୍ବେଦନଶୀଳ ମାନବାତ୍ମାର ପ୍ରତିଭୂ । କବି ମାନସିଂହ ନମସ୍କାର କରନ୍ତିନି ଈଶ୍ୱରଙ୍କୁ । ମନେ ପକାନ୍ତିନି ପ୍ରିୟତମାଙ୍କୁ । ଛି କରି ଦିଅନ୍ତି ଜହ୍ନରାତିକୁ । ଟୋପାଏ ଲୁହ ହୋଇ ଲିପିବଦ୍ଧ ହୋଇ ଯାଆନ୍ତି ସକାଳର ଓଠରେ । କବିତାରେ ।

ଓଡ଼ିଆ କାବ୍ୟଧାରାରେ କବି ମାୟାଧର ମାନସିଂହ ଜଣେ ଅଶ୍ରୁସ୍ନିଗ୍ଧ ବିଦଗ୍ଧପଣର ନିରୋଳା କାବ୍ୟସତ୍ତା । ମାନସିଂହଙ୍କ କବିତାରେ ଯେତିକି ବିରହର ଦୀପ ଜଳେ- ସେତିକି ଲୁହର ଦ୍ରୋହ ତାତି ଉଠୁଥାଏ ଅକ୍ଷର ଫାଙ୍କରେ । କେତେବେଳେ ବାତ୍ସଲ୍ୟର ପିନ୍ଧାକାନିରେ କବିତା ମୁହଁ ଘଷୁ ଘଷୁ ଖସି ଆସେ ତନ୍ୱୀ ତରୁଣୀର ତତଲା ଓଠ ପାଖକୁ । କବିତା ଶତ କଦମ୍ବର ରୋମାଞ୍ଚରେ ଗୁମ୍ଫିତ ହୋଇ ଚାଲିଯାଏ ଜୀବନ ସହ ସଂଗ୍ରାମ କରୁଥିବା ମଣିଷମାନଙ୍କ ପାଖକୁ । ସାଧବଝିଅ ହଜିଯାଏ ସମୁଦ୍ର ପଠାରେ । ଧୂପ ମ୍ଳାନ ପଡ଼ିଯାଏ ଓଡ଼ିଆ ପୁଅର ଭୋକ ପାଖରେ । ମାନସିଂହ କବିତା ଲେଖନ୍ତିନି- ବୋଇତେ ଲୁହ ପଠାନ୍ତି ତାଙ୍କ ପାଠକ ପାଖକୁ । ବିରହ-ବାସରାତି-ବାତ୍ସଲ୍ୟ ଭରା କବିଙ୍କ କେତୋଟି ସ୍ମରଣୀୟ କବିତାକୁ ଆସନ୍ତୁ ଭେଟିବା ନିମ୍ନରେ ।

## ତରୁଣ କବିର ଆଶା : ଏକ କଳ୍ପିତ ବୈକୁଣ୍ଠର ବିରଚନା

ଏଡ଼େ ବିରାଟ ସେ, ପାଏ କି ଭାଷା,
ହାୟରେ ତରୁଣ କବିର ଆଶା !
ଭାବିଥିଲି ଯିବି ଅସୀମ ପଥେ
ସୁରଭି-ଶୀତଳ-ମଳୟ ରଥେ
କୁସୁମ-ଫଗୁଳ ଫଗୁଣ-ପୁରେ
ବାହି ଗୋ ଦୂରେ !
ଅଶୋକକଳିକା ଶ୍ରବଣେ ଗୁଞ୍ଜି
ଚରମେ ଝୁଲାଇ ବଉଳ-ପୁଞ୍ଜି
ମୁଁ ଦଶଦିଶି !
ପରିମଳ ସମ ଗଗନେ ଭାସି
ପାଗଳ କରନ୍ତି ଜୋଛନାରାଶି;
ଜୋଛନା ଡାକନ୍ତା 'ଆସ ହେ ପ୍ରିୟ
ଚୁମ୍ବନ ନିଅ !
ଚଇତି-ପବନ ସଙ୍ଗୀତ ଧରି
ସେପାର ଆକାଶେ ଯାଆନ୍ତି ଚଳି,
ମୁକତି ଲଭନ୍ତା ପରାଣ ମମ
ବିହଗ ସମ !
କୋକିଳ ଡାକନ୍ତା, 'ଆସହେ ଭାଇ'
ତରୁଣ ସେ କବି ହୁଅନ୍ତା ବାଇ,
ଗୋଲାପ କହନ୍ତା, 'ଆସିଲ ସତେ,
ଏତେ ଦିନକେ ?'
ଭାବିଥିଲି ଦୂରି ମଣିଷ-ପ୍ରାସ
ମଧୁର କରିବି ଧରଣୀ-ବାସ
ଏକଇ ଆଦେଶେ, ଜୀବର ହିତେ
ପୃଥିବୀ ପୀଠେ ।
ଦେଶରୁ ଦେଶକୁ ଯାଆନ୍ତି ଉଡ଼ି
ନିଖିଳ ଜାତିର ହୃଦୟ ଜୁରି
ପ୍ରେମର, ଜ୍ଞାନର ପ୍ରଚାର କରି
ପରାଣ ଭରି ।
ଭାବିଥିଲି ଅବା ବକୁଳ ତଳେ
ସୁରଭି କୁସୁମ ଶୟନ ପରେ
ଯାପିବି ଜୀବନ ପ୍ରେୟସୀ ଧରି
ସ୍ୱପନ ପରି ।
ବାଛି ନେଇଥିଲି ମୋର ପ୍ରେୟସୀ
ଲାବଣ୍ୟ ପ୍ରତିମା, ସମବୟସୀ
ଭାବିଥିଲି ତାରେ କରିବି ସାଥି
ପରାଣ ପାତି ।
ଭାବିଥିଲି ଛାଡ଼ି ପୃଥିବୀ ବାଧା
ପୂଜିବି ସେ ମୋର ହୃଦୟ-ରାଧା
ବଜାଇ ମୁରଲୀ ମୁଁ ଅହରହ
କାହିଁ ବିରହ ?
ଅସର ଚାନ୍ଦିନୀ ଯାମିନୀ ତଳେ
ସେ ରାଧା କୋମଳ ଜଘନ ପରେ
ଜୀବନ ମରଣ ଯାଆନ୍ତି ଭୁଲି
ସପନ ପରି !
ବିଜନ ତଟିନୀ ବେତସ ଗେହେ
ଢାଳି ଦେଇଥାନ୍ତି ଅଳସ ଦେହେ
ଚମକନ୍ତି ଶୁଣି ନୂପୁର ଧ୍ୱନି
ପ୍ରେୟସୀ ମଣି !
ମାନସୀ ଆସନ୍ତା ହଲାଇ ବେଣୀ
ଚତୁରେ ଚଳାଇ ନୟନ ବେନି,
ଲଗାଇ ଦିଅନ୍ତା ପ୍ରିୟର ତାର
କୁସୁମ-ହାର ।
ପାଶରେ ଥାଆନ୍ତା ରସ କବିତା,

ଚିର-ଯଉବନ ପ୍ରଣୟ-ଗୀତା
ପ୍ରେୟସୀ ଗାଆନ୍ତା, ଚୁମ୍ବନ୍ତି ମୁଖ
ପୂରନ୍ତା ବୁକ !
ହାଇରେ ତରୁଣ କବିର ଆଶା
ଏଡ଼େ ବିରାଟ ସେ, ପାଏ କି ଭାଷା,
ଆକାଶ ବସୁଧା କେତେ ସେ କରେ
ନିମିଷକରେ ।
କାହିଁ କଳପନା କାହିଁ ଜୀବନ
ତରୁଣ କବିର ଜଳଇ ମନ,
ଚାରିଆଡୁ ବାଜେ ଦାରୁଣ ବାଧା
କାହିଁ ତା ରାଧା !
ନାହିଁ ରାଧା, ନାହିଁ ବେତସ-ଲୀଳା
ନାହିଁ ପାଶେ ବେଣୀହଲା ଛଇଳା,
ପ୍ରଣୟରେ ମାତି ହେବାକୁ ଗେଲ
କାହିଁ ତା ବେଳ !
ବାଲୁତର ସାଥୀ ନାହିଁ ତା ପାଶେ
ବାଳିକା ସେ ଗଲା ଆନର ଆଶେ,
କାହା ଗଳେ ସୁଖେ ଛନ୍ଦିବ ବାହୁ
କହ ସେ ଆଉ ?
ପ୍ରଣୟୀ ହେବାର ଛାଡ଼ିଛି ଆଶ
କେ ବାଳା ବାନ୍ଧଇ ପ୍ରଣୟ-ପାଶ
କେବଳ ହିଁ ପ୍ରାଣ-ପୀରତି-ଲଭି
ଗରିବ କବି !
ଗରିବ କବିରେ ସଂସାର ପୀଡ଼େ
କବିତାକୁ ବେଳ ନାହିଁ ଏ ଭିଡ଼େ,
ଫଗୁଣ ଚଳଇ ଚଇତ ଆସେ
କି ଯାଏ ଆସେ !
ପ୍ରଣୟ-କବିତା-ସ୍ୱପନ ନାହିଁ
ନିମିଷେ ନିମିଷେ ଗଲେ ଉଭାଇ,
ମଣିଷ ବେଭାରେ ଯାଉଛି ଦ୍ରବି
ତରୁଣ କବି !
ଘୁଞ୍ଚାଇ ନେବାର ଜଗତ ବ୍ୟଥା
ସୁଦୂର ସ୍ୱପନ । ନିଜର କଥା ।
ନପାରେ ତୁଲାଇ ଗରିବ କବି
କରୁଣ ଛବି ।
ମଣିଷ ହୋଇ ତା ଏଡ଼େ ବିଚାର
ଧରାରେ ସରଗ ସୃଜନା ତାର
ଏ କଳପନାକୁ ପାଏ କି ଭାଷା,
ହାଇରେ ତରୁଣ କବିର ଆଶା ।

ପ୍ରେମିକ ମାତ୍ରେ ହିଁ କବି । ସେ ପ୍ରେମିକ ତରୁଣ ହେଲେ କଥା ସରିଲା । କେତେ ନିବିଡ଼ ସେ ଅନୁରାଗ । ନିଜ ଯୁଇରେ ନିଜେ ଜଳିବାର ମନ୍ତ୍ରପାଠ । କେତେ ବିରାଟ ସେ ଆଶା । କେତେ ଉଜ୍ଜ୍ୱଳ ସେ ସ୍ୱପ୍ନ । ସୁରଭି ଶୀତଳ ମଳୟରଥରେ ବସି ପ୍ରିୟତମାକୁ ପାଇବାର ଆକାଶମୁଖୀ ପିପାସା । ଏ ପ୍ରେମ ଦେହଦହନର ଇନ୍ଦ୍ରପୁରୀରୁ ବାହାରି ମିଶି ଯାଇଛି ପାଣି, ପବନ, ମାଟି, ଆକାଶ, ଅଗ୍ନି ଆଦି ପଞ୍ଚଭୂତ ସହ । ଏ ପ୍ରେମ ପ୍ରେମିକାର ହାତ ଧରି ପହଞ୍ଚି ଯାଇଛି ପରମେଶ୍ୱରଙ୍କ ସାନ୍ନିଧ୍ୟରେ । ଏମିତି ପ୍ରେମ କଣ ମର୍ତ୍ତ୍ୟରେ ସମ୍ଭବ ? କେଉଁ ଅମରାବତୀର କଥା ଇଏ ? 'କୋକିଳ ଡାକନ୍ତା ଆସ ହେ ଭାଇ- ତରୁଣ କବି ଯେ ହୁଅନ୍ତା ବାଇ' । କବି ପକ୍ଷୀଟିଏ ସାଜି ଉଡ଼ିଯାଆନ୍ତା ଦେଶରୁ ଦେଶକୁ । ନିଖିଳର ଛାତିଚିରି କାହିଁ କେତେଦୂର । ମାନସିଂହଙ୍କ ପୂର୍ବ ରାଗର ପରିବେଶଟି କେଡ଼େ ବିସ୍ତୃତ ଓ ବିସ୍ମୟକର ସତରେ ! କଳ୍ପନାର କି ଉତ୍ତୁଙ୍ଗ ଆରୋହଣ ! ରୋମାଣ୍ଟିକ୍ ବିଳାସର ବିରଳ ଉପଲବ୍ଧି । ପ୍ରେମିକପଣର କେତେ ବ୍ୟାପକ ବିଳାସ । କେତେ ଉଚ୍ଚତମ ନିମଜ୍ଜନ ? କେତେ ଆହ୍ଲାଦ ପୂରି ରହିଛି ଏସବୁ ଧାଡ଼ିମାନଙ୍କରେ । ଲାବଣ୍ୟ ପ୍ରତିମା ସମବୟସୀ ପ୍ରତି କି ଅନୂଢ଼ା ଅନୁରାଗ ! ମାନସିଂହଙ୍କ ଧୂପ ପଢ଼ିଲେ ଲାଗେ ମହଣେ ମଲ୍ଲୀ ଫୁଲର ଓଠରେ ନିଆଁ ଲାଗିଛି । ନରେନ୍ଦ୍ର ପୋଖରୀରେ ମଦନମୋହନ ଚାପ ଖେଳୁଛନ୍ତି । ଦୋଳ ପୁନେଇଁର ରାତି ଲମ୍ବି ଲମ୍ବି ଚାଲିଛି । ପ୍ରିୟାକୁ ନିକଟରେ ପାଇବାକୁ କି ଦୁଃସାହସ ତରୁଣ କବିର । ଏ ଉଦ୍ଦୀପନାଟି କେଡ଼େ ରାଜକୀୟ ଓ ନିରହଙ୍କର ସତରେ ! ସକାଳର ଦୁବଘାସର ଓଠରେ ରାତିର କାକର ବୁନ୍ଦା ପରି ମାନସିଂହଙ୍କ ପ୍ରେମ କବିତା । ସେ କଣ କର୍କଶ ଖରାକୁ ମୁହଁକରି ଠିଆ ହୋଇ ପାରିବ । ଜହ୍ନରାତିର ଚାନ୍ଦୁଆ ତଳେ, 'ମାନସୀ ଆସନ୍ତା ହଲାଇ ବେଣୀ- ଚତୁରେ ଚଳାଇ ନୟନ ବେନି ।' କବିର ପ୍ରେମିକା ହବା କଣ ସହଜ କଥା ? ସେ କବି ଯଦି ମାନସିଂହ ହୁଅନ୍ତି ତେବେ କଥା ସରିଲା । କବି କହନ୍ତି:

୧. ଚମକନ୍ତି ଶୁଣି ନୂପୁର ଧ୍ୱନି ।
୨. ମାନସୀ ଆସନ୍ତା ହଲାଇ ବେଣୀ ।
୩. ଚତୁରେ ଚଳାଇ ନୟନବେନି ।
୪. ପ୍ରେୟସୀ ଗାଆନ୍ତା ରସକବିତା ।

୧ +୨+୩ + ୪ = ଚୁମ୍ବନ୍ତି ମୁଖ ପୁରନ୍ତାବୁକ ।

ଏତେସବୁ ଯୋଗ୍ୟତା ଯାହାର ଅଛି ସେ ହିଁ କବିର ପ୍ରେମିକା । ସେ ପ୍ରେୟସୀ, ମାନସୀ, ରସବତୀ, କଳ୍ପଲତା, ଚାରୁଶୀଳେ, ଭଦ୍ରେ, ପ୍ରିୟତମା, ସଖୀ, ହୃଦୟେଶ୍ୱରୀ । ଏପରି ପ୍ରେମ କଣ କାହାକୁ ମିଳେ ?

ତରୁଣ କବିର ଆଶା ଭାଙ୍ଗିଯାଏ । ମଣିଷ ହୋଇ ସେ ଧରାରେ ସରଗର ପରିକଳ୍ପନା କରେ । ସ୍ୱର୍ଗୀୟ ପ୍ରେମର ପରିଭାଷା ତୋଳେ । ଓଃ ! କେଡ଼େ ପ୍ରଖର ଏ କବିତାର ଆବେଗ ପ୍ରବାହ । ଏବେ ବି 'ଧୂପ' ପଢୁପଢୁ ଆପଣଙ୍କ ଓଠ ପୋଡ଼ିଯିବ । ଆଖିକୋଣରେ ଲୁହ ଜମିଯିବ କେଉଁ ଗ୍ରାମ୍ୟ କିଶୋରୀ ବା କଲେଜ କ୍ୟାମ୍ପସ୍‌ର ପ୍ରଥମ ପ୍ରେମିକା ପ୍ରତି । ଇତିହାସରୁ ଧୂଳି ଝାଡ଼ି ଠିଆ ହେବ ପ୍ରିୟତମା । ଛାତି ଭିତର ଆଲ୍‌ବମ୍‌ରୁ ଡେଇଁ ପଡ଼ିବ ନିଶ ଗଜରୁଥିବା ଯୌବନ । ରାସ୍ତାରେ ଯାଉଥିବା ସବୁ ଝିଅ ଲାଗିବେ ପ୍ରେମିକା ପ୍ରେମିକା । ଆଜି ବର୍ଷା ଋତୁ ଆରମ୍ଭ ହେବ ସହରରେ । କଦମ୍ବ ଫୁଲ ଫୁଟିବ ଟ୍ରାଫିକ୍ ଛକରେ । ଦୁଃଖ ଡେଇଁ ପଡ଼ିବ ଛାତି ଭିତରୁ । ଲୁହ ବୁନ୍ଦାଏ ଲାଗିଯିବ ଚଷମା କାଚରେ । 'ଧୂପ' ସେମିତି ବାସୁଥିବ ଆମେ ଧୂଳିରେ ମିଶିବା ପର୍ଯ୍ୟନ୍ତ ।

## ପ୍ରେମର ଭାଷା :

## ଜଳନ୍ତା ଯୁଇରେ ମିଳନର ମଧୁଶଯ୍ୟା

ସକଳେ ଡାକନ୍ତି 'ତମେ' 'ତମେ' ବୋଲି
ସେ 'ତମେ'ର ମୂଳ ନାହିଁ,
ତମେ ଯେବେ ମତେ 'ତମେ' ବୋଲି କହ
ଏତେ ମିଠା କାହିଁ ପାଇଁ ?
ଦୁଇଟି ଅକ୍ଷରେ କିଣି ନେଲା ପରି
କାନକୁ ମୋହର ଲାଗେ,
ଓଠ ତବ ସଖି ଭରିଦିଏ ତାକୁ
କି ଗଭୀର ଅନୁରାଗେ ?
କେତେ ତ ଡାକନ୍ତି ଦିନରାତି ସଦା
'ଶୁଣ' 'ଶୁଣ' ବୋଲି ମତେ,
ତମେ ଯେବେ ଆଖି ଠାରି 'ଶୁଣ' କହ
କେ ଜାଣି କି ପ୍ରାଣେ ଘଟେ !
କେତେ ନ ଶୁଣୁଛି ଦିନରାତି କହ
'ହଇକିଓ' 'ହଇକିଓ'
ତମେ ଯଦି ପଚ୍ଛୁ ଡାକ 'ହଇକିଓ'
ସୁଧା ଧାରା ଢାଳ କିଓ ?
ହେ ପ୍ରେମ-ଦେବତା ଏ ପ୍ରେମୀ-ଯୁଗଳେ
କରୁଣା ତମର ଥାଉ
'ତମେ'- 'ଶୁଣ' ତଳେ ଦୁଇଟି ଛାତିର
ଡାକ ଦୁହେଁ ଯେହ୍ନେ ପାଉ ।

ଏତେ ସବୁ ଆଡ଼ମ୍ବର ପରେ ପ୍ରିୟତମା 'ତମେ' ବୋଲି ଡାକେ । ପ୍ରିୟତମାର ଓଠରେ ପଳାଶ ସବୁ ରଙ୍ଗ ଢାଳିଦିଏ । ଓଠରେ ଲୁଗାକାନିକୁ କାମୁଡ଼ି ସେ ଅପାଙ୍ଗ ଦୃଷ୍ଟିରେ ଅପେକ୍ଷା କରେ ପ୍ରିୟତମକୁ । ତା' ପାଦ ପଡ଼ିଲେ ପାତାଳରୁ ପଦ୍ମ ଫୁଟେ । ଜବାଫୁଲ ପରି ଓଠରେ ସେ ତମେ ବୋଲି ଡାକିଦେଲେ ଅମୃତର ନଈ ବହିଯାଏ । ସେ ଓଠରେ କି ଅନୁରାଗ ଅଛି କେଜାଣି ସେଇଠି ପୁରୁଷତ୍ୱ ନିବିଡ଼େଇଯାଏ । ହେ ସମବୟସୀ ! ତମ ଓଠର ଗୋଟିଏ ଚୁମ୍ବନ କଳଙ୍କକୁ କଳାଜାଇରେ ବଦଳେଇ ଦେଇପାରେ । ତମର ଗୋଟିଏ କଟାକ୍ଷରେ ଜଙ୍ଗଲରେ ନିଆଁ ଲାଗିଯାଏ । ତମ ଚିତ୍ରଚୁମାରେ ଅସୁର ଈଶ୍ୱର ହୋଇଯାଏ । ଥରଟିଏ ତୁମେ ମୋତେ 'ତୁମେ' ବୋଲି ଡାକି ଦିଅନା । କବିର କି ଗଭୀର ଅନୁରାଗ ପ୍ରିୟତମା ପାଖରୁ ପ୍ରାଣର ସମ୍ବୋଧନ ଟିକେ ଶୁଣିବା ପାଇଁ । କେତେ ନିବିଡ଼ତା, ଆତ୍ମୀୟତା ଭରି ରହିଛି ଏହି 'ତମେ' ଡାକରେ । ପ୍ରେମରେ ନିକଟତର ହେବାର କି ଅନାବିଳ, ପ୍ରତିଶ୍ରୁତି

ସତରେ ! କବି ଯେପରି ଦିନରାତି ଅପେକ୍ଷା କରିଥାଆନ୍ତି କେବଳ ପ୍ରେମିକାର ଡାକ ଶୁଣିବା ପାଇଁ । ଏତେ କୋଳାହଳ ଭିତରେ କି ସ୍ତବ୍ଧ ନୀରବତା ! ଏ ପୃଥିବୀ ପ୍ରିୟତମା । ବିନା କେତେ ନିସ୍ପନ୍ଦ ! କେଉଁଠି ନା କେଉଁଠି ପ୍ରେମିକାଟେ ଅଛି ବୋଲି ତ ବଞ୍ଚିବାରେ ଏତେ ଆକର୍ଷଣ । ସ୍ୱପ୍ନଭଙ୍ଗର ପୃଥିବୀ ଭିତରେ ବଞ୍ଚିବାର ବିକଳ୍ପ ଉପାସନା 'ତମେ' । କିଏ 'ତମେ' ? ପତ୍ରର ପୀତାମ୍ବରୀ ନା ପାଣିର ଜଳପରୀ ? ମୁଁ ଜଳି ଯାଉଥିବା ଗ୍ରୀଷ୍ମର ଶୁଷ୍କତା– ତମେ ମେଘ ମେଘ ଆକାଶର ଶ୍ରାବଣୀ ନାୟିକା । ଏ ଅନୁରାଗ କେବଳ ପାଇବା ଭିତରେ ସୀମାବଦ୍ଧ ନୁହେଁ । ପ୍ରେମିକା ସହ ସଖ୍ୟ ହେବାର ଏହା ଏକ ଅମର୍ତ୍ତ୍ୟ ସମ୍ପର୍କ । ଏ ଭଲ ପାଇବା କେବଳ ହୃଦୟ ଯୋଗର ଅନୁରାଗ । ଏ ପ୍ରେମ ଯେତିକି ଦିଶେ ଆଲୁଅରେ ତା ଠାରୁ ବେଶୀ ବୁଡ଼ି ରହିଥାଏ ଅନ୍ଧାରରେ । ସେଥିପାଇଁ ତ କବି ଘୋଷଣା କରେ:

'ଶୁଣିବ ଯେବେ ପ୍ରିୟାଗୋ ମୋର
ପ୍ରଣୟୀ ତବ ଜଗତେ ନାହିଁ
ଆସିବ ମୋର ଭସ୍ମ ପାଶେ
ଦେବ ହେ ତାରେ ଦେହରେ ଛାଇ ।
ପାରିବ ଯଦି ଭସ୍ମ ପରେ
ପଦ୍ମପାଦ ଚାଳିବ ଧୀରେ
ଜୀବନ ପୁଣି ଲଭିବି ସଖି
ନିଶ୍ଚୟ ମୁଁ ମରଣ-ତୀରେ ।

(ପ୍ରେମ ଓ ମୃତ୍ୟୁ: ଧୂପ)

ତମେ ଆସିଲେ ନିଆଁର ଦଂଶନ ମୋତେ ଫୁଲ ପରି ଲାଗିବ । ତମେ ଆସିଲେ ମଡ଼ାଭାଇଙ୍କ କୋଳାହଳରୁ ମୁହଁ କାଢ଼ି ଦେଖିବି ତୁମରି ମୁହଁ । ତମେ ଆସିଲେ ଯୁଇର ନିଆଁରୁ ବାହାରି କହିଦେବି ତମକୁ ସେ ଗୋପ୍ୟ କଥା– ଯାହା କହିପାରିନି କାହାକୁ ଆଜି ଯାଏଁ । ତମେ ଆସିଲେ ଦେଖିବ ମୁଁ ମରି ଯାଇଥିବି ସମସ୍ତଙ୍କ ପାଇଁ । କେବଳ ତମର ହୋଇ ବଞ୍ଚିଥିବି ଯୁଇର ନିଆଁରେ ତମକୁ ଦେଖିବା ପାଇଁ । 'ତମେ' ଆସିବ ତ ? ସତରେ କଣ ପ୍ରେମିକା ଫେରେ ! ପ୍ରିୟର ଯୁଇ କଡ଼ରେ ଠିଆ ହୋଇ ପ୍ରେମର ଲୁହରେ ଶୀତଳତା ଭରିଦିଏ । ମାନସିଂହ ଯେତିକି ପ୍ରେମର– ତତୋଽଧିକ ଯନ୍ତ୍ରଣାର । ମାନସିଂହ ଯେତିକି ପ୍ରାପ୍ତିର– ତତୋଽଧିକ ଅପ୍ରାପ୍ତିର କବି । ତମାମ୍ ଜୀବନ ମାଟିଦୀପଟି ଜାଳି ଜହ୍ନରାତିରେ କେହି ଜଣେ ପ୍ରେମିକ ଠିଆ ହୋଇଛି ଗହଳିଆ ଆମ୍ବତୋଟା ତଳେ । ଧୂପ ବି ବାସୁଛି ପୂର୍ବ ପରି । ପାଉଁଜି ଶୁଭୁଛି ରୁଣୁଝୁଣୁ । ବର୍ଷା ବି ଝରୁଛି ଅଝଅଝ । କୋଇଲିର ଓଠରେ ବିରହର ନିମନ୍ତ୍ରଣ । କାହିଁ କିଏ ତ କେଉଁଠି ନାହିଁ ? ନୀରବ ହୋଇଯାଉଛି ବଂଶୀର ସ୍ୱର । କେହି ତ ଭାବୁନି 'ତମେ' ବୋଲି । କିଏ ସେଠି ଠିଆ ହୋଇଛି ଜହ୍ନ ଅନ୍ଧାରରେ ! ମାୟାଧର ମାନସିଂହ ନା ଆପଣ ?

## କଣ୍ଟ-କାଚ :
## ବାତ୍ସଲ୍ୟର ବନ୍ଦୀଶାଳାରେ ବୁନ୍ଦାଏ ଲୁହର ଠିକଣା

ପ୍ରଥମେ ଯେବେ କଲେଜ ଧରିବାକୁ
ଆସିଲି କଟକ,
କହିଲା ଅପା ହାତରୁ କାଚ କାଢ଼ି
'ନେଏ ଏ ପଟକ' ।
କହିଲି ମୁହିଁ 'ଏ କିସ ନୂଆ କଥା,
ଦେଉଛୁ କିପାଁ ମତେ,
କଲେଜ ଯିବି ସାଥିରେ ନେଇ ପୁଣି
ମାଇପି କାଚ ଅଟେ ?
କହିବେ ପିଲେ ଗାଉଁଲିଟାଏ ପରା
ଆସିଛି ପଢ଼ିବାକୁ;
ଟିକକେ ମୋ ଯିବ ଯେ ଭଦ୍ରତା,
ଦେଖିବେ ଯଦି ଯାକୁ ।'
କହିଲା ଅପା– 'କିଏ ବା କିପାଁ କହ
ଦେଖିବ ମୋର କାଚ,
ଲଗାଇ ଯାକୁ କରିବୁ କିରେ ତୁହି
ପିଲାଙ୍କ ଆଗେ ନାଚ ?
ଟ୍ରଙ୍କ୍‌ରେ କି ପାରିବୁ ନାହିଁ ତୁହି
ଯାକୁରେ ଲୁଚାଇ,
ସାଧିଲୁ ଏତେ ବିଦ୍ୟା କିପାଁ କହ
ଏ ଟିକ ବୁଦ୍ଧି ନାହିଁ !'
ନିଜର ଯହୁଁ ବୁଦ୍ଧି ନିନ୍ଦା ହେଲା
ଲାଗିଲା ମନେ ରାଗ,
କହିଲି ଟାଣେ, 'କାଚଟା ଦେବୁ କିପାଁ
ସେ କଥା କହ ଆଗ ।'
କହିଲା– 'ମୂଳରୁ ତୁ ତ ନାହିଁ–
କରୁଛୁ ଏକା ନାହିଁ–
କେମିତି ତତେ କହିବି କହ କାଚ
ଦେଉଛି କାହିଁ ପାଇଁ ?'
କୋମଳ ତା'ର ବଚନ ତହୁଁ ଅପା
କୋମଳତର କରି,
କହିଲା ତା'ର ହାତର କାଚ କିପାଁ
କଟକ ଯିବ ଚଳି ।
କହିଲା ଅପା– 'କଟକ ଯିବୁ ପରା
କରିବୁ ରୋଜଗାର,
ମୋ ପାଇଁ କିଛି ଆଣିବୁ ନାହିଁ କିରେ
କଟକୀ ଅଳଙ୍କାର ?
କେତେ ସେ କଥା ଜାଣନ୍ତି ମୁହିଁ ଶୁଣେ
କଟକୀ ମାଇକିନା,
ସବୁରି ଘରେ ରୂପାର ଦରପଣ
ରୂପାର ତେଲ ଗିନା ।
ସବୁରି ହାତେ ରୁଣୁଝୁଣୁ ଝୁଣୁ
ଦୋଳଇ ସୁନା କାଚ,
ବଙ୍ଗାଳୁ ଫେସନ ପରା ସବୁ
ବଙ୍ଗାଳୁଣୀ ଢାଁଚା ?
ଦେଖିବୁ ତୁ ତ କହିବି କିସ ମୁହିଁ
ଗାଁଆରେ ଥିବା ଜନ,
ଗୋଟିଏ କଥା କହୁଛି ଖାଲି ମୁଁରେ
ରଖିବୁ ମୋର ଧନ–
କଣ୍ଟ କାଚ ଦେଲି ମୁଁ ତତେ ଏହି
ହାତରୁ ମୋର କାଢ଼ି,
ଦି ଦି ପଟ ସୁନାର କାଚ ଦେଖି
ଆଣିବୁ ପଟ ଚାରି ।'
କହିଲା ଅପା ହୃଦୟ କଥା ତା'ର
ଏକଇ ନିଶ୍ୱାସେ,
ଥିରଟି ହୋଇ ଶୁଣିଲା ଭାଇ ମନେ–
ହସି ତା ବିଶ୍ୱାସେ ।
ବିଦ୍ୟା ଛଡ଼ା କଟକ କଲେଜରେ
ନାହିଁ ଯେ ରୋଜଗାର,
ସେ କଥା ତା'ରେ କହି ନ ଭାଙ୍ଗିଲି
ସ୍ୱର୍ଣ୍ଣ–ଆଶା ତା'ର ।
ନିଜର ପୁଣି ରହିବ ଗଉରବ
ତାହାର ଆଖି ଆଗେ,
'ଆଚ୍ଛା ଆଣ୍, ଦେଖିବି' ବୋଲି କାଚ
ଧଇଲି ଅନୁରାଗେ ।

॥୨॥

ଜାଣିବ କିପାଁ ସରଳା ଅପା ମୋର
କଲେଜ୍–ପଢ଼ା କିସ ?
ଖାଇବା ଠାରୁ ଖେଳିବା ଯାଏ ସବୁ
କଥାରେ ପଡ଼େ ଫିସ ।
ତା'ପରେ ଅଛି କଟକ ନଗର ତ,
ପଇସା ନିଏ ଟାଣି,
ପୀରତି ସାଥି ଅଛି ତ ଆହୁରି ଯେ
କିଣିବା ମନ ଜାଣି ।
ସର୍କାରଙ୍କ ବୃତ୍ତିକି ମିଶାଇ
ଟଙ୍କା ଅଣ୍ଟେ ନାହିଁ,
ସୁନାର କାଚ କିଣିବି କେହ୍ନେ କହ
ପ୍ରାଣର ଅପା ପାଇଁ ?
କଟକ ପଥେ ସ୍ୱର୍ଣ୍ଣ କିଣାବିକା
ଦେଖେଇ ଆଖି ନିତି,
ଅପାର କଥା ପଡ଼ଇ ମନେ ମୋର
ପରାଣ ହୁଏ ପିଟି ।

॥ ୩ ॥

ଗ୍ରୀଷ୍ମ–ଛୁଟି ଘରକୁ ଗଲି ଫେରି
ଅପାର ବଡ଼ ସୁଖ,
ଦେଖିଲେ ମୋର ଚନ୍ଦ୍ର ମୁଖ ପୁଣି
ପାଶୋରେ ସେହୁ ଦୁଃଖ ।
ଖାଇଲାବେଳେ ବିଛଣା ଧରି ଅପା

କହିଲା ଧୀରେ ଧୀରେ-
'କହିଥିଲି ଯା ଗଲାବେଳେ ମୁଁ ତତେ
ମନରେ ଥିଲାଟି ରେ ?'
ଅନ୍ନ-ଥାଳେ ମୁହଁ ପୋତି ଲଜ୍ଜାରେ
କହିଲା ସାନଭାଇ,
'ଟଙ୍କା ପରା ପାଇଲା ନାହିଁ ମତେ
କାଚ ମୁଁ ଆଣି ନାହିଁ ।'
ଭାଙ୍ଗିଲାନି ଭରସା ତେବେ ହେଲେ
ସାନ ଏ ଭାଇ ପରେ,
କହିଲା, 'ତେବେ ଆଣିବୁ ତୁରେ ନିଚେ
ଆସିଲେ ଆଉ ଥରେ ।'

॥ ୪ ॥

ବର୍ଷକରେ ତିନିଟା ଛୁଟି ହେଲା
ଗଲି ମୁଁ ତିନିଥର,
ହେଲା ଯେ ନାହିଁ କନକ-କାଚ କିଣା
ଏ ଚିର ଦରିଦ୍ରର ।
ତିନି ଥରରେ ବୁଝିଲା ପରା ଅପା
ମୋହର ଦରିଦ୍ରତା,
ଚାରିଥରକୁ କହିଲା ନାହିଁ ଆଉ
କନକ-କାଚ କଥା ।
ତା'ପରେ ଏବେ ଗଲାଣି ବହି ଧୀରେ
ବରଷ ଗୋଟି ଚାରି,
ବିଦାୟ ମତେ ଦେଲା ସେ କେତେଥର
ନୟନ ଲୁହ ଢାଳି ।
କେବେ ସେ ମତେ କହିଲା ନାହିଁ ଆଉ
କନକ-କାଚ କଥା,
ରହିଲା ତୁନି ମରମେ ଜାଣି ଅପା
ମୋହର ଦରିଦ୍ରତା ।

॥ ୫ ॥

କଲେଜ ଛାଡ଼ିଯିବାର ବେଳ ଏବେ
ଜୀବନ-ଯୁଦ୍ଧ ପାଇଁ,
ବିଦ୍ୟାବଳେ ପାରିବି ଯହିଁ କାହିଁ
ଦାରିଦ୍ର୍ୟ ଘୁଞ୍ଚାଇ
ସଜାଡୁ ମୋର ଟ୍ରଙ୍କ୍ ଲୁଗାପଟା
ପଡ଼ିଲା ଆଖି ଆଗେ
'କଣ୍ଟ-କାଚ'- ଦେଇଥିଲା ଯା' ଅପା
ସେଦିନୁ ଅନୁରାଗେ ।
ଦରିଦ୍ର ମୁଁ ଧଇଲି କାଚ ଗୋଟି
ବାକ୍ସ ତଳୁ ତୋଳି,
ନୟନ-ଜଳ ଅଙ୍ଗେ ତା'ର ଢାଳି
ବକ୍ଷେ ହେଲି ବୋଳି ।
ଜୀବନେ ତା'ର ଗୋଟିଏ ଅନୁରୋଧ
ରଖିଲି ନାହିଁ ପାରି,
ଅଧମ ମତେ କିପାଇଁ ଦିଏ ସେ ଗୋ
ସେନେହ ତାର ଢାଳି ?
ରିକ୍ତତାରେ ପରାଣ ଗଲା ପୂରି
ଭାବିଲି ମନେ ମନେ,
ଲାଞ୍ଛନା କି ଏଥୁ ଗୋ ବଳିଥାଏ
ଦରିଦ୍ର ଜୀବନେ ?

ପୁରୀଜିଲ୍ଲାର ପାରିକୁଦ ଗଡ଼ରେ ନନ୍ଦଳା ଗାଆଁ । ପାଣିର ପାଚେରୀ ଭିତରେ ବଞ୍ଚିବାର ପ୍ରାକୃତିକ ସଂଘର୍ଷ । ପାଣିକୂଳିଆ ମଣିଷମାନେ ବାତ୍ସଲ୍ୟପଣରେ ବନ୍ଧା । 'ମା'-ମାମୁ-ମାଉସୀ-ପିତା-ପୁତ୍ର-ପିଉସୀ' ନେଇ ବନ୍ଧୁବାନ୍ଧବର ବିରାଟ ସଂସାର । ପ୍ରେମିକ ମାନସିଂହ ଯେ ବାତ୍ସଲ୍ୟବୋଧକୁ ନେଇ ଅଶ୍ଳୀଳ କବିତା ରଚନା କରିପାରନ୍ତି 'ମାଟିବାଣୀ' ସଙ୍କଳନରେ ଥିବା 'କଣ୍ଟକାଚ' ତାର ଅନନ୍ୟ ଉଦାହରଣ । ଶୈଶବରୁ ଯେଉଁ ଜୀବନ ପ୍ରବାହ ଆରମ୍ଭ ହୁଏ ଘର ମଣିଷଙ୍କ ଭଲ ପାଇବା ପାଇଁ ତାହା ବଙ୍କେଇ ଯାଏ । କଖାରୁ ଲତାଟେ ଚାଳକୁ ମାଡ଼ିବା ପରି ଜୀବନ ଲତେଇ ଯାଏ । କିଶୋରୀ ଲତାରେ ଫୁଲ ଫୁଟେ, କଷି ଧରେ- ମାଳିକ ଖୁସି ହୁଏ । ଗଛଟି ଗଜେଇବା ବେଳେ ଯେଉଁମାନେ କଣି ବାଉଁଶ ସାଜି କାନ୍ଧେଇ ତାକୁ ମଥାନକୁ ଟେକି ଦେଲେ, ଆଜି ସେମାନେ କୁଆଡ଼େ ଗଲେ ? 'କଣ୍ଟକାଚ' ପ୍ରିୟ ମଣିଷମାନଙ୍କୁ ମନେପକେଇ ଦେବାର ଏକ ବିରଳ ଉପଲବ୍ଧି । ମାନସିଂହ କଲେଜ ପାଠ ପଢ଼ିବାକୁ କଟକ ଆସିବା ବେଳେ ପିଉସୀ ନାନୀ ହାତରୁ ପଟେ କାଚ କାଢ଼ି ତାଙ୍କୁ ଦେଇଛନ୍ତି । ସେହି କାଚ ମାପରେ ଚାରିପଟ ସୁନାକାଚ କଟକରୁ ଆଣିବାକୁ କହିଛନ୍ତି । ଏହି କଣ୍ଟକାଚକୁ ଧରି ମାନସିଂହ କଟକ ଆସିଛନ୍ତି । ପ୍ରତିଥର ଛୁଟିରେ ଅପା ପଚାରେ, ମାନସିଂହ ଆରଥରକୁ କହି ରହିଯାଆନ୍ତି । ପାଠ ସରିଯାଏ- କାଚ କିଣା ହୋଇ ପାରେନା । ଛାତିରେ ଛାତିଏ ଅସହାୟତା ଧରି ମାନସିଂହ ବଡ଼ ହୁଅନ୍ତି । ନଦେଇ ପାରିବାର ଅସହାୟତା କ୍ଷତାକ୍ତ କରେ କବିପ୍ରାଣକୁ । ପୁରୁଣା ବାକ୍ସ ତଳୁ କଣ୍ଟାକାଚକୁ ଛାତିରେ ତୋଳି କବି କାନ୍ଦେ । ଅପା ତୋ କଥା ମୁଁ ରଖି ପାରିଲି ନାହିଁ । ଅପା ମୁଁ ଦରିଦ୍ର । ତୋ' ମମତାର ମୂଲ ମୁଁ ଦେଇପାରିଲି ନାହିଁ । ଓଡ଼ିଆ ଘରର ପୁଅ ନିଅଣ୍ଟିଆ ପରିବେଶ ସହ ସଂଘର୍ଷ କରି ବଢ଼େ । ରାକ୍ଷୀ ବାନ୍ଧି ଦେଇଥିବା ଭଉଣୀକୁ କାନଫୁଲ ହଲେ ଦେବ ବୋଲି କହେ । ସେ ବଡ଼ ହୁଏ- ବାହା ହୁଏ । ଫି'ସନ୍ ଧାନ ଚାଷକରେ । କେବେ ମରୁଡ଼ି ଖାଏ- କେବେ ଅଦିନିଆ ବର୍ଷା ଖାଏ- କେବେ ପାଚିଲା ଧାନ ହାତୀ ଖାଇଯାଏ । ସେ ଭଣଜାକୁ ପୋରୁହାଁ କରିବାକୁ ଯାଇ କହେ, ନାନୀଲୋ ଏଇଥର ଧାନ ବିକି ତୋତେ କାନଫୁଲ ହଲେ ଦେବି । ପ୍ରତିବର୍ଷ ଧାନ ପେଟକୁ ପାଏନା । ନାନୀ ହସିଦିଏ । ତା' ଲୁହରେ ଭାଇର ମୁହଁ ଦିଶେ । ସେ ଲୁହ ହୀରାର ଫୁଲ ପାଲଟି ଯାଏ । ଓଡ଼ିଆ ଘରର ଏହି ବାତ୍ସଲ୍ୟ ବିଧୂରତା 'କଣ୍ଟକାଚ' କବିତାକୁ ପ୍ରକାଶ ପାଇଛି । ଆପଣଙ୍କର ଏ କବିତା ପଢ଼ି ମନେ ପଡୁଛି କି ଅପାକଥା । ରାକ୍ଷୀ ବଦଳରେ କଣ୍ଟେଇ କୋଳିକଥା । କେମିତି ଅଛନ୍ତି ଅପା-ମା-ମାଉସୀ ଓ ପିଉସୀମାନେ । ଏ ଜୀବନ ସରିବା ପୂର୍ବରୁ କଣ ହଲେ କଣ୍ଟକାଚ ତିଆରି କରିପାରିବାନି ଆମେ ?

## ରେଙ୍ଗୁନ୍ ଚିଠି : ଚିଠି ନୁହଁ ଲୁହର ନିର୍ମାଲ୍ୟ

॥୧॥

ଆଗତ ପଉଷେ ଧାନ ମଳିଦେଇ
ରାମି ଯେ ଛାଡ଼ିଛି ଘର,
ସନ୍ଧାନ ତା'ର ଆଉ ମିଳି ନାହିଁ
ନାହିଁ ତା'ର ସମାଚାର ।
ଯାଇଥିଲେ ଯେତେ ସାଥୀ
ମିସ୍ତ୍ରୀ ବଚନେ ମାତି
ଖବର ଆସିଛି- ସକଳ ବୀରର
ମୁଠି-ଭରା କାରବାର,
ପଇସାକୁ ଛାଡ଼ ଭାଷା ବି ନଆସେ
ରାମି-ମା'ର ହାହାକାର ।
ତିନିମାସେ ଥରେ ଶୁଭ ଆଗମନ
କରିଲେ ପୋଷ୍ଟମାନ,
ଚଞ୍ଚଳ ଉଠେ ବିରହିଣୀ-ବଧୂ-
ଜନନୀର ଅନୁମାନ
କରାଟରୁ ପଡ଼େ ଖସି ମୁଦ୍ରା ଗହଳ-ମସୀ
ଗାଆଁର ମାଷ୍ଟ୍ର-ହାତେ
ଗୁଞ୍ଜି ଝରକା ବାଟେ
ବେରିଂ ପତ୍ର ଅଣା ହୋଇ ଶୁଣା
ହୁଏ ଅତି ସାବଧାନ,
ପତ୍ର ନସରୁ ପିଅନ-ଉଦର
ମାଗେ ତା'ର ସମାଧାନ ।
ହାରିକେ ହାରିକେ ଜଣକୁ ଜଣକୁ
ରେଙ୍ଗୁମ ଦେଶୁ ଭାଷା,
ଦେଖୁ ଦେଖୁ ଏବେ ବରଷ ପୂରିଲା
ପୂରେ ନା' ରାମିମା' ଆଶା,
ଭାବନା ଏ ତା'ର ମାଷ୍ଟ ନଷ୍ଟ କରୁଛି ରାଷ୍ଟ୍ର
ନପାଇବା କିଛି ହାତେ
ମିଳାଇ ପିଅନ ସାଥେ,
ବନ୍ଦ ରଖିଛି ପିଲାର ବାର୍ତ୍ତା
ଲୁଚାଇ ରଖିଛି ଭାଷା,
ସକଳର ଆସେ, ଆସିବନି ତା'ର
ସେ କ'ଣ କର୍ମନାଶା ?
ତିନିମାସ ତଳେ ଅପେକ୍ଷା କରି
ଲଗାଇ ଚାରଣା ପଦ,
ରେଜିଷ୍ଟ୍ରି ଚିଠି ପଠାଇଲା, ରଖି
ମାଷ୍ଟର ଅନୁରୋଧ ।
ପ୍ରତ୍ୟେକ ସୋମବାର, ଗାଆଁର ଚୌକିଦାର
ଆସିଲେ ପଚାରେ ତା'ରେ

‘ଆସିଛି କି କିଛି କିରେ,
ଥରଥର ସେ ତ    ନାହିଁ ନାହିଁ କଲା
ହାୟରେ ଏ ପରମାଦ,
ମାଷ୍ଟର କଥାରେ    ପଡ଼ିଯା କାଢ଼ିଲା
କରାଟୁ ଚାରଣା ପଦ !
ଆଗତ ପଉଷୁଁ    ଧାନ ମଳି ଦେଇ
ରାମି ଯେ ଛାଡ଼ିଲା ଦେଶ,
କହି ଯାଇଥିଲା    ପହଁଚିଲା କ୍ଷଣି
ପଠାଇବ ସନ୍ଦେଶ ।
ମିସ୍ତ୍ରୀର ଧନ ଶୁଝି,    ଆପଣା ଖରଚ ବୁଝି
ମାସ ଦୁଇ ତିନି ପରେ
ଟଙ୍କା ଠାଇ ଘରେ
କରିବ ନିଶ୍ଚେ    ବୁଢ଼ୀ ମାଆଟିର
ଦୁଃଖର ଅବଶେଷ,
ମାଆ ଭାବିଥିଲା    ଫେରିଲେ ପୁଅର
ଦେଖିବ ବା, ବରବେଶ !
ପଉଷୁ ପଉଷେ    ବରଷ ପୂରିଲା
ଖବର ତ କିଛି ନାହିଁ,
ଦରିଆ ପାରେ ସେ    ରେଙ୍ଗାମ ଦେଶେ
ରହିଲା ସେ କାହିଁ ଯାଇ !
ବଡ଼ ଦୁର୍ଗୁଣ ଭୂଇଁ,    ସ୍ତିରିଏ ଶରୀର ଛୁଇଁ
ପୁରୁଷେ କରଁତି ବଶ
ପାଶୋରାଇ ଜାତି ଦେଶ !
ମୋ ପିଲା ତ ଆହା    ବେଳ ତରାସ ଗୋ
ଡାହାଣୀ ଯୋଗିନୀ ଖାଇ
ହାବୁଡ଼େ ବା କାର    ପଡ଼ିଗଲା ବୋଲି
ବୁଢ଼ୀ କରେ ହାଇ ହାଇ ।
ମିସ୍ତ୍ରୀ ଯୋଗିନୀ–    ଖିଆ ଅବା ତାକୁ
ବିକି ଦେଲା କାହାଘରେ,
ଭାବିଲେ ଏ କଥା    ବୁଢ଼ୀର ନୟନୁ
ଝରଝର ପାଣି ଝରେ ।
ବୋଇତେ ମଣିଷ–ଖିଆ, ସାଇବ ପେଟରେ ନିଆଁ
ଲଗାଇବାକୁ ବା, ପିଲା–
ମୋହର, ମାଉଁସ ହେଲା,
ମରଣ ହେଉ ଗୋ    ବୋଲି ରାମ ବୋଉ
ରୋଦଇ ଆକୁଳ ସ୍ୱରେ,
ତଥାପି ନଆସେ    ରେଙ୍ଗାମ୍ ଚିଠି
କେଉଁ ଦିନ ତା’ର କରେ ।

॥୨॥

ଚୈତ୍ରେ ପଡ଼ିଛି    ଦୋଳ–ପୂର୍ଣ୍ଣିମା
ଦୁଇକୋଶ ଦୂରେ ମେଳା
ମେଳାରୁ ବାହୁଡ଼ି    ଚିଠି ଖଣ୍ଡେ କେ’
ରାମ–ବୋଉ ହାତେ ଦେଲା ।
ନାନା ଚିନ୍ତାରେ ବୁଢ଼ୀ–    ହୃଦୟ ଯାଉଛି ବୁଡ଼ି,
କହିଲା ପଢ଼ ଗୋ ହାଁକି
ସତେ ବାପଧନ    ବଁଚିଛି ମୋହର
ସବୁ ଠାକୁରାଣୀ– ଖେଳା,
ଚଉରାକୁ ବୁଢ଼ୀ    ଜୁହାରି ଜୁହାରି
ଯାଚିଲା ତ୍ରିନାଥ–ମେଳା ।
ପଢ଼ିଲେ ମାଷ୍ଟ୍ରେ    ରାମ ସାଥୀ ନଟ
ଲେଖିଛି ପ୍ରଣତି ବିହି,
“ମାଉସୀ ଜାଣିବା    କାରଣେ ରାମର
ଚରିତ୍ର ଦେଲି ଲିହି ।
ଆସିଲା ଦିନରୁ ରାମ    କର୍ମ ତାହାର ବାମ,
ଅତିସାର ସହ ଜ୍ୱର
ସଂଶୟ ଜୀବନର,
ବରଷରୁ ଏବେ    ଛଅମାସ କାଳ
ପରାଣ ରହିଛି    ଭାଗ୍ୟର କଥା
ଗରିବକୁ ସାହା ବିହି ।
ଆସିବାର ମାସ    ଦୁଇତିନି ପରେ
ମିସ୍ତ୍ରୀର ଦେଲା ଶୁଝି,
ତିନିଟାର କାମ    ଏକାକୀ କରିଲା
ଘରର ଗରଜ ବୁଝି ।
ଶରମେ ସରିଲା ଦେହ    ପଥ୍ୟରେ ସଞ୍ଚୟ
ସରିଛି, ଦେଶକୁ ଫେରି
ଯିବ ଏବେ ନାହିଁ ଡେରି ।
ଦେଇ ନାହୁଁ ଆମେ    ଖବର ତୁମରେ
ମାତ, ଆଗପଛ ବୁଝି,
ବଡ଼ ହୀନିମାନେ    ଫେରିବ ଏବେ ସେ
ହାତେ ତା’ର ନାହିଁ ପୁଁଜି ।’
ପତ୍ର ସରିଲା    ମାଷ୍ଟ୍ରେ ଚାହିଁଲେ
ରାମିମା’ ବୁଢ଼ୀର ମୁହେଁ
ବୁଢ଼ୀ ବି ଚାହିଁଲା    ମାଷ୍ଟର ମୁଖେ
ଚାହିଁଲେ ଦୁହିଁଙ୍କୁ ଦୁହେଁ ।

ନଅଙ୍କ ଦୁଃର୍ଭିକ୍ଷ ଓଡ଼ିଆଙ୍କ ଭାତହାଣ୍ଡି ଭାଙ୍ଗିଦେଲା । ଚାଷକୁ ନିର୍ଭର କରି ବଞ୍ଚୁଥିବା ଖଣ୍ଡାୟତ ଲୋକ ଚାଷ ବୁଡ଼ିଯିବା ପରେ ଦାଦନ ଖଟିବାକୁ ରେଙ୍ଗାମ, କଲିକତା ଓ ଆସାମ ଚାଲିଗଲେ । ଚାଷଜମି ବନ୍ଧା ପଡ଼ିଲା ସାହୁକାର ଘରେ । ବୁଢ଼ାବାପ, ମାଆ ପୁଅକୁ ଝୁରିଝୁରି ମଲେ । ତାଟିକବାଟ ଦେଇ ଶୋଇଥିବା ସ୍ତ୍ରୀ ଅନ୍ଧାରକୁ ଝୁଣ୍ଟିଲା । ସ୍ୱାମୀ ବିଦେଶରେ । ଦେହରେ ଭରା ଯୌବନ । ସୁଧ ହିସାବ କରିବାକୁ ସାହୁକାର ରାତିରେ ଆସିଲା । ଗଲାପୁଅ ବିଦେଶରୁ ବାହୁଡ଼ି ନଇଲା । କୂଅକୁ ଡେଇଁ, କନିଅର ମଞ୍ଜି ଖାଇ ଆତ୍ମହତ୍ୟା କଲେ କେତେ କୁଳନାରୀ । ଅନ୍ଧାରରେ ପୁଅକୁ ଅଣ୍ଡାଳି ଅଣ୍ଡାଳି ବାପା, ମା’ ମଲେ । କୋଳପୁଅ କାନ୍ଦିଲା ବା’, ବା’ । ବାପା ମୋତେ ଦୋଳ ଦେଖଇ ନେ’ । ମୋତେ ବେଲୁନ୍ କିଣି ଦେ’ । ବାପା ମୋତେ କାନ୍ଧରେ ବସେଇ ‘ଆ ଜହ୍ନ ମାମୁ ଗୀତ ଗାଇଦେ’ । ବାପା କାହିଁ ? ପୁଅ କାହିଁ ? ସ୍ୱାମୀ କାହିଁ ? ଭାଇ କାହିଁ ? ଗାଆଁ–ମାଆ–ମାଟିଛାଡ଼ି ଭେଣ୍ଡିଆ ପୁଅ ଦାଦନ ଖଟିବାର ଯନ୍ତ୍ରଣା ଲେଖାହେଲା ଓଡ଼ିଆ କବିତାରେ । ପ୍ରେମର କବି ମାନସିଂହ ଯେ ଜଣେ ତୃଣମୂଳୀୟ ସମ୍ବେଦନୀ ମଣିଷ ଏ କବିତା ତାର ଇସ୍ତାହାର । ନଅଙ୍କର କାରୁଣ୍ୟ ଓଡ଼ିଆମାନଙ୍କୁ ବିସ୍ଥାପିତ କରିଛି । ଓଡ଼ିଆଣୀଙ୍କ ଇଜ୍ଜତକୁ ନିଲାମ୍ କରିଛି । ଭୋକରୁ ଭାଇବାଣ୍ଟ ଓ ଭଜନଜଣାଣ ଦେଇ ଓଡ଼ିଆ ଜାତି, ବୀର୍ଯ୍ୟହୀନ ହୋଇ ପଡ଼ିଛି । ମାନସିଂହଙ୍କ ‘ରେଙ୍ଗୁନ୍ ଚିଠି’ ବିଦେଶରେ ଓଡ଼ିଆ ପୁଅଙ୍କ ଦୁର୍ଦ୍ଦଶା ଆଲେଖ୍ୟର ଏକ କାରୁଣ୍ୟ କଥାକଣ୍ଠ । ଏବେ ଏବେ ଗାଆଁରୁ କେହି ସାଉଦି ଆରବ, କି ସୁରଟ୍ କାମ କରିବାକୁ ଗଲେ ମନେପଡ଼େ ମାନସିଂହଙ୍କ ‘ରେଙ୍ଗୁନ୍ ଚିଠି’ । ପ୍ରାଣ କହେ ଧନ ଫେରିବୁ ତ ?

## ଶାମୁକା ପେଟରେ ମୁକ୍ତା

କବି ମାୟାଧର ମାନସିଂହ ଆଧୁନିକ ଓଡ଼ିଆ କାବ୍ୟ ପ୍ରବାହରେ ଜଣେ ସ୍ୱର୍ଣକାତର ପ୍ରାଣ ସମ୍ବେଦୀ କବି । ତାଙ୍କର କବିତ୍ୱ ପ୍ରେମରୁ ଆରମ୍ଭ ହୋଇ ଜଠର ଯନ୍ତ୍ରଣା ପୀଡ଼ିତ ଓଡ଼ିଆଙ୍କ ପ୍ରତି ସମ୍ବେଦନଶୀଳ ହେବା ସହ ପାରତ୍ରିକ ପ୍ରଗତିରେ ତଲ୍ଲୀନ ହୋଇଯାଇଛି । ମାନସିଂହଙ୍କୁ ଆପଣ ଯଦି ମନେ ପକେଇବେ ସେ ପ୍ରେମ କି କଳ୍ପନାର ନୁହଁନ୍ତି, କାରୁଣ୍ୟର କବି । କାରୁଣ୍ୟ ତାଙ୍କ କବିତାର ପ୍ରାଣ । ‘ସାଧବ ଝିଅ’ର ବିୟୋଗାନ୍ତକ ବିରହ, ଜେମାର ବିପ୍ରଲବ୍ଧ ରୂପକ ‘ଧୂପ’ର ଜହ୍ନ ଆଲୁଅରେ ଜଳିଯିବାର ସମ୍ମୋହନ ବଡ଼ ବିଚିତ୍ର । ‘ମହାନଦୀରେ ଜ୍ୟୋତ୍ସ୍ନା ବିହାର’ କରୁ କରୁ ଓଡ଼ିଆ ଜାତିର ଦୁର୍ଦ୍ଦଶା ଓ ପ୍ରକୃତିର ଅପୂର୍ବ ସମ୍ମୋହନରେ ତାଙ୍କ କାବ୍ୟସତ୍ତା ଦୋହଲି ଯାଇଛି । ‘ବାରବାଟୀ’ କି ‘କୋଣାର୍କ’ର କଥା କହିବା ବେଳେ ଜାତିପ୍ରେମ ବହ୍ନିରେ କବି ଛଳଛଳ ହୋଇ ଯାଆନ୍ତି । ମାନସିଂହ ବୁଝନ୍ତି ପ୍ରେମ ହେଉ କି ଜୀବନ ଏହାର ଭାଗଫଳ ହିଁ କାରୁଣ୍ୟ ।

ସତରେ ପ୍ରେମିକଟିଏ ହେବାରେ କେତେ ବିଧୂର ଯନ୍ତ୍ରଣା । କେତେ ସମ୍ମୋହନରୁ ନିଜକୁ ଫେଡ଼ି ପାରିଲେ ଜଣେ ହୋଇପାରିବ ନିରୁତା ପ୍ରେମିକ । ଏ ଯନ୍ତ୍ରଣାର ଶେଷ କେଉଁଠି ? କେଉଁଠି ସାଇତି ରଖିବ କବିତାର ଗୋପନ ଇଚ୍ଛା । ହୁଏତ ଆଉ ଏକ ଜନ୍ମକୁ ତା’ ସହ ଦେଖା ହୋଇପାରେ । ଦୁନିଆର ସବୁ ମଣିଷ ପ୍ରେମିକ ପାଲଟି ଯାଆନ୍ତୁ । ନିଜ ନିଜ ପ୍ରେମର ଉପାସନାରେ ଯୋଗୀଟିଏ ହୋଇଯାଆନ୍ତୁ ପ୍ରତିକ୍ଷଣ । ଯନ୍ତ୍ରଣାର ଦୁଆର ଟପି କେବେ ଆସିପାରେ ପ୍ରିୟତମା । କେବେ ବର୍ଷାବିନ୍ଦୁ ହୋଇ ତ ପୁଣି କେବେ ଆଖିର ଲୁହ ହୋଇ । ତମେ ତାକୁ ଚିହ୍ନିଲେ ହେଲା । ସେ ଥିବ ନିଆଁରେ, ଦ୍ରୋହରେ, ଦୀପରେ । ଅରୁନ୍ଧତୀ ତାରା ହୋଇ ଆକାଶରେ ଶାମୁକା ପେଟରେ ମୁକ୍ତା ହୋଇ ତମ ଅପେକ୍ଷାରେ ।

# ଶକ୍ତିଙ୍କ ସୃଜନାଙ୍କ

ଶକ୍ତିଙ୍କ ସୃଜନାଙ୍କ



ଆଲୋଚକ ଶକ୍ତି ମହାନ୍ତି

ମଣିଷ ଗପ କହେ । କହି ଆସୁଛି କାଇଁ କେଉଁ କାଳରୁ । ଗପ କହିବା ହିଁ ତା'ର ଆଦିମତା । ସେ ଶୁଆ ନୁହେଁ କି ଶାରୀ । ଯାହା ଶୁଣିବ, କହିବ ! ନିଷ୍ଠୁର ବାସ୍ତବତା ଏବଂ ନିରୁତା କଳ୍ପନା, ଦି' ନାଆରେ ଗାଳ୍ପିକଟେ ଏକାବେଳକେ ଗୋଡ଼ ଦିଏ । କେବେ ସିଏ ମଝି ନଈରେ ବୁଡ଼େ, ଆଉ କେବେ ଠିପି ବନ୍ଦ ସେଇ ବୋତଲ ପାଏ, ଯେଉଁଥିରୁ କୁହୁଳି କୁହୁଳି ପିଶାଚ ବାହାରେ । ତାକୁ ଭୟରେ ବନ୍ଦ କରି ଫିଙ୍ଗେ, ପୁଣି ଖୋଜେ ଗୋଟାଏ ଭଲ ଗପ । ସେଇ ଆଦିମ ଅନ୍ୱେଷାରେ ସାମିଲ ପ୍ରତ୍ୟେକ ଗାଳ୍ପିକ ଏବଂ ନୂଆ ଗପର ତଲାସରେ ଆମ ନୂଆପିଢ଼ି । ଗପଲେଖାର କିଛି ଉଜ୍ଜ୍ୱଳ ଦିଗ ଏବଂ ସମ୍ଭାବନାଙ୍କୁ ନେଇ ଏ ଆକଳନ ।

# ଆସନ୍ତା କାଲିର ଗପ




**ଶକ୍ତି ମହାନ୍ତି**

**ଜୟବଡ଼, ଜଗତସିଂହପୁର**
**ଫୋନ୍ : ୯୪୩୭୧୪୨୬୯୪**


କେହି ଜଣେ କହିଥିଲେ, "ଗୋଡ଼ ଥିଲେ ମଣିଷ ଚାଲିପାରେ, ହେଲେ ହାତ ଥିଲେ ଜଣେ ଲେଖି ପାରିବ, ଏମିତି କିଛି ମାନେ ନାହିଁ।"

ଆମେ ପ୍ରତିଦିନ ହେଉ ଅବା କିଛିଦିନ ଅନ୍ତରାଳରେ ହେଉ, କିଛି ନା କିଛି ଲେଖାଲେଖି କରୁ । ଯେମିତିକି ଦରଖାସ୍ତ, ସଉଦା ଚିଠା, ଏସ୍‌ଏମ୍‌ଏସ୍, ଚିଠି ପତ୍ର, ଫେସ୍‌ବୁକ୍‌ରେ କମେଣ୍ଟ, ହ୍ୱାଟ୍‌ସ୍ ଆପ୍ ଅବା ମେସେଞ୍ଜର୍‌ରେ ଅନ୍‌ଲାଇନ୍ ଚାଟିଂ ଇତ୍ୟାଦି ।

ଏଠି କହିରଖେ ଯେ କମ୍ପ୍ୟୁଟର୍‌ରେ ମେଲ୍ ଟାଇପ୍ କରିବା ତଥା କି-ବୋର୍ଡ଼ରେ ଟାଇପ୍ କରିବା ମଧ୍ୟ ଏହି ଲେଖାଲେଖି ପ୍ରକ୍ରିୟାର ଅନ୍ତର୍ଭୁକ୍ତ । ନିହାତି କହୁନାହିଁ ଯେ ଲେଖିବା ଅର୍ଥ କାଗଜ, କଲମ, ପେନ୍‌ସିଲ୍ ସହିତ ବ୍ୟସ୍ତ ରହିବ ।

ଏହି ଲେଖାଲେଖି ପ୍ରକ୍ରିୟା ଏକ ମାନସିକ ବ୍ୟାୟାମ । କାହିଁକି ନା ଆମେ ଅକ୍ଷର, ଶବ୍ଦ, ବାକ୍ୟ, ପାରାଗ୍ରାଫ୍‌ରେ ଯାହା ବି ଲେଖୁ, ସେସବୁ ଲେଖିବା ପୂର୍ବରୁ ମନରେ ଗୁଡ଼ାଏ କଥା ଭାବୁ । ମନେ ପକଉ, ଗୁଡ଼ାଏ ଚିତ୍ର ଅବା ଦୃଶ୍ୟ ଆମର କେଉଁଠି ଗୋଟେ ପରଦାରେ ଦିଶେ । ସେହି ଦୃଶ୍ୟଗୁଡ଼ିକୁ ଆମେ ଭାଷାରେ କାଣ୍ଟଛାଣ୍ଟ କରି ବର୍ଣ୍ଣନା କରୁ । ଏସବୁ ଘଟୁଥିବା ଅବା ଭବିଷ୍ୟତରେ ଘଟିବାର ସମ୍ଭାବନା ଥିବା ଆଶଙ୍କା ଥିବାର ବିବରଣୀ ଅବା ଖବର ।

ହେଲେ ଏସବୁ ଲେଖିବା କ'ଣ ଗପ ଲେଖିବା ! ହୁଏତ ନା । ଏହା ସହିତ ଅନ୍ୟାନ୍ୟ ପ୍ରଶ୍ନ ସବୁ ଆସିପାରେ । ଯେମିତି କି, ଆସନ୍ତାକାଲି ଗପ ଲେଖାଯିବ ନା ନାହିଁ ?

## ଯୁବପିଢ଼ିର ଗାଳ୍ପିକମାନଙ୍କର ମତ ଓ ମନ୍ତବ୍ୟ




### ▸ନିଖିଳେଶ ମିଶ୍ର

**ରୁମ ନଂ ୧୬୫, ଫେଜ୍-୨, ତାପ୍ତି ହଷ୍ଟେଲ, ଜେ.ଏନ.ୟୁ., ନୂଆଦିଲ୍ଲୀ-୧୧୦୦୬୭**
**ଫୋନ୍ : ୮୯୧୭୫୮୭୯୬୮**


ଓଡ଼ିଆ ଗାଳ୍ପିକମାନଙ୍କ ଭିତରେ ଶ୍ୟାମାପ୍ରସାଦ ଚୌଧୁରୀ, ତରୁଣକାନ୍ତି ମିଶ୍ର, ଅଜୟ ସ୍ୱାଇଁ ପ୍ରଭୃତି ମୋ'ର ଖୁବ୍ ପ୍ରିୟ । ଏଇଥିପାଇଁ ଯେ ଏମାନଙ୍କ ପ୍ରାୟ ଗପରେ ଗୋଟେ ମ୍ୟାଜିକ୍ ଥାଏ, ଗୋଟେ ଚମକେଇ ଦେଲା ପରି କଥା ଥାଏ, ଆଉ ଗୋଟେ ବିରଳ ସମ୍ବେଦନଶୀଳତା ବି ଥାଏ । ମଣିଷକୁ ବୁଝିବାକୁ, ମଣିଷପଣିଆର ଜିନ୍ଦାବାଦ ଚାହୁଁଥିବା ସ୍ୱରଟିଏ ଥାଏ । ତେବେ ଆମେ ଯେଉଁମାନେ ଏବେ ଗପ ଲେଖୁଛୁ ବା ଲେଖିବୁ ବୋଲି ସ୍ୱପ୍ନ ଦେଖୁଛୁ, ଗପର ସେଇ ମ୍ୟାଜିକ୍ ଉପାଦାନକୁ ନେଇ ଆହୁରି କାମ କରିବାକୁ ପଡ଼ିବ ଆମ ସମସ୍ତଙ୍କୁ । ଆଗକୁ ଏମିତି ଗପ ଲେଖିବାକୁ ହେବ ଯାହାକୁ ସାମାନ୍ୟ କଥନ କରି ସଂକ୍ଷିପ୍ତ ଭାବେ କାହା ସାମ୍ନାରେ ଉପସ୍ଥାପନା କଲେ ମନ ବୁଝିବନି, ଲାଗିବ କିଛି ଗୋଟେ ରହିଗଲା ଯେମିତି ! ଗପରେ ଅବାସ୍ତବ କଥା କୁହାହେବ ବୋଲି ମୁଁ କହୁନି ।

ଧରାଯାଉ, ସାଧାରଣ ଲୋକଟିର କଥା କୁହାଯିବ, କିନ୍ତୁ ଗପଟିକୁ ଅସାଧାରଣ ହେବାକୁ ପଡ଼ିବ, ଅଭୁଲା ହେବାକୁ ପଡ଼ିବ । ମୋଟାମୋଟି କହିଲେ ଗପଟି ଆପଣ ପଢ଼ି କାହାକୁ ନା କାହାକୁ (ନିଜକୁ ହଉ ପଛେ) ଶୁଣେଇବାକୁ ବାଧ୍ୟ ହେବେ । ଆଉ, ଶୁଣେଇଲା ବେଳେ ଆପଣଙ୍କ ଆଖି ଉଜ୍ଜ୍ୱଳ ଦିଶିବ ହିଁ ଦିଶିବ । ଜାଣିନି କାଇଁକି, କିନ୍ତୁ ମତେ ଲାଗୁଛି ଯେ ଏମିତି ଗପ ଆମ ଭାଷାରେ ନିଶ୍ଚେ ଲେଖାହେବ ।

- ଆସନ୍ତାକାଲି ଗପର ଗଢ଼ଣ କେମିତି ହେବ ?
- ଭଲ ଗପ ଲେଖାଯିବ ନା ନାହିଁ ?
- ଗପର ପାଠକୀୟତା ବଢ଼ିବ କି ନାହିଁ ? ଇତ୍ୟାଦି ।

ଏସବୁ ପ୍ରଶ୍ନର ଯଥାର୍ଥ ଉତ୍ତର ନଦେଲେ ମଧ୍ୟ, କିଛି ପ୍ରତିକ୍ରିୟା ରଖାଯାଇ ପାରେ ଅସହାୟତା ଛଳରେ, କଳ୍ପନା ପ୍ରବଣତା ଛଳରେ, ନିଜକୁ ବିଭିନ୍ନ ଚରିତ୍ରରେ ରୂପାନ୍ତର କରିବା ଛଳରେ ଅବା ଇନ୍ଦ୍ରିୟସୁଖ ଛଳରେ ।

## ଭାଷାର ଅସହାୟତା

ପୃଥିବୀର ସମସ୍ତ ଭାଷା ପ୍ରତି ଯଥେଷ୍ଟ ସମ୍ମାନ ଜଣାଇ, ମୁଁ କହି ରଖୁଛି ଯେ, ଆମର ଅନୁଭବର ଅଭିବ୍ୟକ୍ତି ପାଇଁ ଭାଷା ହେଉଛି ସବୁଠାରୁ ଦୁର୍ବଳତମ ମାଧ୍ୟମ (Language is the weakest way of communication.)

ଯେଉଁ ଭାଷାରେ ଆମେ କଥାହେଉ, ଲେଖାଲେଖି କରୁ ତାହା ଆମକୁ ସମ୍ପୂର୍ଣ୍ଣ ରୂପେ ବ୍ୟକ୍ତ କରିବାକୁ ଅକ୍ଷମ । ଏଇଠି କିଛି ଉଦାହରଣର ଉଲ୍ଲେଖ କରାଯାଇପାରେ:

- ଶେଷଶଯ୍ୟାରେ ଥିବା ମୋର ବାପା, ସବୁଯାକ ଚିକ୍‌ଚିକ୍ ଧୋଇ ଯାଇଥିବା ତାଙ୍କ ଆଖିରେ ଇସାରା କଲେ । ମୁଁ ତାଙ୍କ ବିଛଣା ଦାଢ଼ରେ ବସିଲି । ସେ ମୋ ପାପୁଲିକୁ ଖୁବ୍ ଜୋର୍‌ରେ ଭିଡ଼ି ଧରିଲେ । ଯାତ୍ରା ଅବା ମେଳା ମଉଛବରେ ଛୋଟବେଳେ ମୁଁ କାଳେ ତାଙ୍କ ଠୁ ଅଲଗା ହେଇଯିବି ସେ ମୋ ହାତକୁ ଏମିତି ଭିଡ଼ି ଧରୁଥିଲେ । ଉଁ ଚୁଁ କିଛି ନକହି ସେ ମତେ ବଲବଲ କି ଚାହିଁ ରହିଲେ । ତା'ପରେ ଆଖିପତା ବୁଜିଲେ ଏବଂ କିଛି କ୍ଷଣ ପରେ ଗୋଟେ ଅନିର୍ଦ୍ଦିଷ୍ଟ ଦିଗକୁ ଚାହିଁ ରହିଲେ ।
- ସନ୍ତ୍ରାସବାଦୀମାନେ ସୈନିକଟିର ହାତଗୋଡ଼ ବାନ୍ଧି ତାକୁ ମାଟି ଉପରେ ଆଣ୍ଠେଇ ଦେଲେ ଏବଂ ତା' ଗଳାକୁ ଛୁରିରେ କାଟି କାଟି ମୁଣ୍ଡରୁ ବେକ ଅଲଗା କରିଦେଲେ । ସୈନିକଟିର ଗଁ ଗଁ ଚିତ୍କାର ଓ ତା'ପରର ନିଶ୍ଚଳତାରେ କିଛି ବି ଭାଷା ନଥିଲା ।
- ମଲାପିଲାଟିକୁ ଜନ୍ମ ଦେଇଥିବା ମା'ଟି, ରକ୍ତ ଜୁଡୁବୁଡୁ ହୋଇ ପଡ଼ି ରହିଲା କେବଳ । ପଦୁଟିଏ ବି କହିଲା ନାଇଁ ।
- ପ୍ରେମିକ ପ୍ରେମିକା ପରସ୍ପରକୁ ଜାବୁଡ଼ି ଧରିଲେ, ନିଃଶ୍ୱାସର ସାଇଁ ସାଇଁରେ ଖାଲି ଯାହା ଆଖିବୁଜି ଦେଲେ ।

ଏସବୁକୁ ଶବ୍ଦରେ ବର୍ଣ୍ଣନା କରି ନପାରିବାର ଅସହାୟତା ଅବା ଭାଷା ନପାଇବାର ଅସହାୟତା ହୁଏତ ବର୍ଣ୍ଣନାର ପ୍ରଥମ ପ୍ରେରଣା । ଯେଉଁଠି ଗାଳ୍ପିକଟେ ଏସବୁ ଅନୁଭବର ପାଖାପାଖି ପହଞ୍ଚିବାର ଚେଷ୍ଟାରେ ଗପ ଲେଖିବାର ପ୍ରୟାସ କରେ । ଆମର 'ଆସନ୍ତାକାଲି' ମୋର ବିଶ୍ୱାସ, ଏସବୁ ଅସହାୟତାକୁ ଅତିକ୍ରମ କରିପାରିବ ନାହିଁ ଓ ଗପଲେଖା ଜାରି ରହିବ ।

## କଳ୍ପନା ପ୍ରବଣତା

ଯଦିଓ ଆମର କଳ୍ପନା, ନିଷ୍ଠୁର ବାସ୍ତବତା ଦ୍ୱାରା ଖୁବ୍ ମାତ୍ରାରେ ଆକ୍ରାନ୍ତ, ତଥାପି ପ୍ରସିଦ୍ଧ ଚିତ୍ରକର ଭାନ୍ ଗଗ୍ (Van Gogh) ଯେତେବେଳେ ସମୁଦ୍ର କୂଳରେ ବସି, ସମୁଦ୍ର ଅବା ଲହଡ଼ି ଅବା ଦିଗ୍‌ବଳୟର ଚିତ୍ର ଆଙ୍କୁଥିଲେ, ସେଠି ଯାତ୍ରୀମାନଙ୍କର ଅଧିକ ଭିଡ଼ ଜମୁଥିଲା । ଏବେବି ତ' ସମୁଦ୍ରକୂଳରେ ମତ୍ସ୍ୟକନ୍ୟାର ବାଲୁକା ମୂର୍ତ୍ତି ଦେଖି ଆମେ ସ୍ୱପ୍ନାବିଷ୍ଟ ହେଲୁ ।

'ମୁଁ କାହିଁକି ଲେଖେ'- ଏହାର ଉତ୍ତରରେ ଗାଳ୍ପିକଟେ କହିପାରେ ସେ କଳ୍ପନା କରିବାକୁ ଭଲପାଏ । ଏ କଥାକୁ ମଧ୍ୟ ଅସ୍ୱୀକାର କରାଯାଇ ନପାରେ ଯେ, ଗୋଟେ ଭଲଗପ, ବାସ୍ତବତା ଆଉ କଳ୍ପନା ଭିତରେ ଗୋଟାଏ ଗଳା ବାଟ ।

ଏହି କଳ୍ପନା ତ ଆମକୁ ବିଜ୍ଞାନ, କାରିଗରୀ ଓ ମହାକାଶ ଗବେଷଣା ଦେଇଛି ।

ଆମ ଅଲକ୍ଷ୍ୟରେ ହେଉ ଅବା ଜାଣତରେ ହେଉ, ସର୍ବଦା କଳ୍ପନାରେ ଆମର ଅନୁସନ୍ଧିତ୍ସା ଅଧିକ । ବାସ୍ତବତା ଅପେକ୍ଷା ଆମେ କଳ୍ପନାକୁ ଅଧିକ ଭଲପାଉ ।

ଆଇନ୍‌ଷ୍ଟାଇନ (Einstein) ମତରେ, ବାସ୍ତବତା ଅପେକ୍ଷା କଳ୍ପନା ଅଧିକ ବାସ୍ତବ । ପ୍ଲାଟୋ (Plato)ଙ୍କ କହିବା ଅନୁସାରେ, What we


### ▶ସୂର୍ଯ୍ୟସ୍ନାତ ତ୍ରିପାଠୀ

**ଲ୍ୟାବ୍ ନଂ- ୫୨୨, ଏକାଡେମିକ୍ ବ୍ଲକ୍-ଏ, ଆଇଆଇଟି, ହାଇଦ୍ରାବାଦ୍-୫୦୨୨୮୫**

**ଫୋନ : ୯୯୬୩୦୨୮୪୯୨**




ଏକଥା ଅନସ୍ୱୀକାର୍ଯ୍ୟ ଯେ ସାହିତ୍ୟରେ ପ୍ରେମ-ମନସ୍କତା ଯେତିକି ଜରୁରୀ, ସାହିତ୍ୟରେ ଆମର ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ଜୀବନର ଚିତ୍ରକଳ୍ପ ରହିବା ସେତିକି ହିଁ ଜରୁରୀ । ଗଳ୍ପର ନାୟକ/ନାୟିକା ଯେ ସବୁବେଳେ କଳ୍ପନା-ସମ୍ଭୂତ ହେବ, ତାହା ଜରୁରୀ ନୁହେଁ । ସାଧାରଣ ଜୀବନରୁ ପ୍ରେରଣା ନେଇ ଗଳ୍ପ ରଚନାର ହେଲେ ତାହା ସମାଜର ଦର୍ପଣ ଭଳି କାମ କରେ, ତାହା ସମାଜ ସଂସ୍କାରରେ ଗୁରୁ ଦାୟିତ୍ୱ ନିର୍ବାହ କରେ । ମୋ ମତରେ, ସମସାମୟିକ ଓଡ଼ିଆ କ୍ଷୁଦ୍ରଗଳ୍ପରେ ପ୍ରେମର ସୂକ୍ଷ୍ମ ଆଲୋଚନା ଓ ଜୀବନ-ଦର୍ଶନ ସହ ଦେଖିବାକୁ ମିଳେ ପ୍ରଚୁର ସାମାଜିକ ପ୍ରତିବଦ୍ଧତା । ଏହା ନିଃସନ୍ଦେହରେ ସ୍ୱାଗତଯୋଗ୍ୟ । ଓଡ଼ିଆ କ୍ଷୁଦ୍ରଗଳ୍ପରେ ଏବେ ବହୁ ପୁରୁଖା ଗାଳ୍ପିକଙ୍କ ଶାଣିତ ଓ ମାର୍ଜିତ ସ୍ୱର ସହ ଅନେକ ନୂଆ ଲେଖକଙ୍କ ସ୍ୱର ଶୁଣିବାକୁ ମିଳେ । ଖୁସିର କଥା ଯେ, ଆମ ସାହିତ୍ୟର ବହୁ ବରିଷ୍ଠ ଲେଖକଲେଖିକା ଏଯାବତ୍ ନିୟମିତ ଭାବେ କ୍ଷୁଦ୍ରଗଳ୍ପ ରଚନା ଜାରି ରଖିଛନ୍ତି, ଯାହା ଆମ ଗଳ୍ପ ସାହିତ୍ୟକୁ ଅଧିକ ଋଦ୍ଧିମନ୍ତ କରୁଛି । ଗୌରହରି ଦାସ, ବୀଣାପାଣି ମହାନ୍ତି ଓ ଗାୟତ୍ରୀ ସରାଫଙ୍କ ଭଳି ଗାଳ୍ପିକଙ୍କ ଲେଖନୀ ଏଯାଏଁ ବିଶ୍ରାମ ଲୋଡ଼ି ନାହିଁ । ବିଶିଷ୍ଟ ଗାଳ୍ପିକ ଅଜୟ ସ୍ୱାଇଁ, ଅମରେଶ ବିଶ୍ୱାଳ, ଆଦିତ୍ୟେଶ୍ୱର ମିଶ୍ର, ନେତାଜୀ ଅଭିନନ୍ଦନ ଓ ଶକ୍ତି ମହାନ୍ତିଙ୍କ କ୍ଷୁଦ୍ରଗଳ୍ପ ଆମ ସାହିତ୍ୟକୁ ଚମକେଇ ଚାଲିଛି ଓ ଏମାନଙ୍କ ପଛେ ପଛେ ତାଳରେ ତାଳ ମିଶେଇ ଚାଲିଛନ୍ତି ନୂଆପିଢ଼ିର ବହୁ ଶକ୍ତିଶାଳୀ ଗାଳ୍ପିକ । ଏବର ନୂଆପିଢ଼ିଙ୍କ ଗଳ୍ପରେ ପ୍ରେମ ଦିଶେ, ସ୍ୱପ୍ନ ଦିଶେ, ପ୍ରତାରଣା ଦିଶେ ଓ ସ୍ୱପ୍ନଭଙ୍ଗ ବି ଦିଶେ । ଆହୁରି ବି ନୂଆପିଢ଼ିର କ୍ଷୁଦ୍ରଗଳ୍ପରେ ଦେଖାଯାଏ ପ୍ରତିଶ୍ରୁତି ଓ ଆଶାବାଦ । ସାଧାରଣ ଜୀବନର ଛୋଟବଡ଼ ଘଟଣା ଠୁ ଆରମ୍ଭ କରି ସେମାନଙ୍କ ଗଳ୍ପର ପରିସର ଲମ୍ୱିଥାଏ ଦେଶ ଦେଶାନ୍ତର । ଗଳ୍ପର ପ୍ରେରଣା ଖୋଜିଖୋଜି ସେମାନେ ବୁଲୁଥାନ୍ତି କୁନ୍ଦୁଲିରୁ ସିରିଆ ଯାଏଁ, କଳାହାଣ୍ଡିରୁ କାଶ୍ମୀର ଯାଏଁ । ଗଳ୍ପରେ ଏଭଳି ବ୍ୟାପକତା ବି ସ୍ୱାଗତଯୋଗ୍ୟ ।

## ▶ସୌରଭ ରଂଜନ ମହାପାତ୍ର

**ବାଭେରିଆ, ଜର୍ମାନୀ**




ଗଳ୍ପଟିଏ ଲେଖିବା ପାଇଁ ମୋର କେବଳ ଗୋଟିଏ କଞ୍ଚାମାଲ୍ ଆବଶ୍ୟକ ହେଇଥାଏ । ସେ ହେଉଛି 'ଘଟଣା' । ତେବେ ସେଥିରୁ କିଛି ବାସ୍ତବ ଓ କିଛି ଅବାସ୍ତବ । ଯଦିଓ ଅବାସ୍ତବ ବୋଲି ଗୋଟେ ଶବ୍ଦକୁ ମୁଁ ଜାଣେନା କି ଜାଣିବାକୁ ଚାହେଁନା । ସମ୍ପୂର୍ଣ୍ଣ ଗଳ୍ପଟିଏ ଭାବି ମୁଁ କେବେ ଲେଖିବା ଆରମ୍ଭ କରିନଥାଏ । ପ୍ରଥମ ପୃଷ୍ଠା ପରେ ଗଳ୍ପ ତାର ନିଜ ଆବଶ୍ୟକତାକୁ ମତେ ମାଗେ । ତେବେ, କିଛି ଗଳ୍ପ ମୁଣ୍ଡ ଭିତରକୁ କେମିତି ପଶିଯାଏ ମୋର ଧାରଣା ନଥାଏ । ଠିକ୍ ବାଇକ୍ ଚଳେଇଲା ବେଳେ ହେଲ୍‌ମେଟ୍ ଦେଇ ପଶିଯାନ୍ତି କିଛି । ଆଉ କିଛି କିଚେନ୍ କିମ୍ବା ବାଥ୍‌ରୁମ୍‌ରେ । ଗଳ୍ପ ଚାରିଆଡ଼େ ଥାଏ, ସେ ମନ୍ଦିର ହେଉ କି ମାଛ ଦୋକାନ । ମୋର ସମସ୍ତ ଲେଖା ଯେ ପ୍ରକାଶଯୋଗ୍ୟ ହେବ ଏବଂ ବିପୁଳ ପାଠକୀୟତା ହାସଲ କରିବ, ସେମିତି କିଛି ମାନେ ନାହିଁ । କିନ୍ତୁ ସେଇ ଲେଖାଟି ମୋର ଆଗାମୀ ଦିନ ପାଇଁ ଏକ ଅଭିଜ୍ଞତା ହୋଇ ରହିବ । ଆଧୁନିକ ସାହିତ୍ୟର ମୁଁ ଜଣେ ଦୃଢ଼ ପ୍ରଶଂସକ । ମୁଁ ପ୍ରଥମ କରି କିଣିଥିବା ଆଉ ପଢ଼ିଥିବା ବହିର ଲଖକମାନେ ହେଲେ ସରୋଜ ବଳ, ଶକ୍ତି ମହାନ୍ତି ଓ ବାଦଲ ମହାନ୍ତି । ସେଇ ମୁହୂର୍ତ୍ତରୁ ଆଜିଯାଏଁ ସେମାନେ ମୋର ପ୍ରିୟ ଲେଖକ ଓ ମୋ ପ୍ରେରଣାର ଉତ୍ସ ।

## ▶ଅମୀୟ ବେଜ୍

**ଘଟଗାଁ, କେନ୍ଦୁଝର, ଫୋନ : ୯୪୩୭୬୩୧୭୧୯**

ଅନୁଭବ ଆଉ ଅନୁଭୂତି ଭିତରୁ, ମୁଁ ସବୁବେଳେ ପାଠକ ହିସାବରେ ଅନୁଭବର କଥାସବୁ ପଢ଼ିବାକୁ ଭଲପାଏ । ଅନୁଭବର କଥା ଏମିତି ବାଗରେ ହୋଇଥିଲେ ଭଲ ଯେ, ପାଠକକୁ ଅନୁଭୂତି ଉପରେ ପକାଇବାକୁ ବାଧ୍ୟ କରିଦେବ ଯେପରି । 'କାହାଣୀ' ଆଉ 'ଗପ' ଭିତରର ପ୍ରଭେଦଟି ସବୁବେଳେ ଗପ ଭିତରେ ରହିବା ଉଚିତ୍ । ଗପରେ ସବୁବେଳେ ଅକୁହା କିଛିଟିଏ ରହିଲେ ଭଲ ।

ଏବର ଗପମାନଙ୍କରେ, ଢେର୍ ବାସ୍ତବତାର ଛାପ ରହୁଛି । ଗାଳ୍ପିକମାନେ ସମୟକ୍ରମେ ନିର୍ଭୀକ ହେଉଛନ୍ତି । ଉଚ୍ଚାଙ୍ଗ ସାହିତ୍ୟ ରଚନା ପଛରେ ନ ଗୋଡ଼ାଇ, ଏବେ ଅନେକ କେବଳ ସାହିତ୍ୟ ପଛରେ ସମୟ ଦେଉଛନ୍ତି । ଯା'କି ଖୁବ୍ ଭଲ ସଙ୍କେତ । ସବୁଠାରୁ ବଡ଼କଥା ଗପମାନଙ୍କର ଆକାର କମୁଛି । ପାଠକର ଧୈର୍ଯ୍ୟକୁ ଏଇଟା ସବୁଠାରୁ ବଡ଼ ସମ୍ମାନ କହିହେବ ।



ମୁଁ ଲେଖିଲା ବେଳେ ସବୁବେଳେ ଚେଷ୍ଟାରେ ଥାଏ, କେମିତି ଅଳ୍ପରେ ସାରିଦେବି । ଯେ ମୋର ଅଳସୁଆପଣ ବୋଲି ବିଚାର କରାଯାଇ ନପାରେ । ସ୍ୱପ୍ନଟିଏ ତ ଅଛି, ଗୋଟାଏ ଫର୍ଦ୍ଦ ଭିତରେ ଏକ ବୃହତ୍ ଉପନ୍ୟାସଟିଏ ଲେଖି ପାରନ୍ତି କି ? ?

imagine is real.

ଯେହେତୁ କଳ୍ପନାର ସୀମା ସରହଦ ନାହିଁ, ଆଉ ବାସ୍ତବତା ଗୋଟିଏ ବନ୍ଧେଇ ଫଟୋ, ଯାହାର ଫ୍ରେମ୍ ବାହାରକୁ ଯିବାକୁ ହେଲେ ମଣିଷ ସର୍ଜ୍ଜନାର ସାହାରା ନିଏ । ସଙ୍ଗୀତ, ନୃତ୍ୟ, ଚିତ୍ର ପରି ଗପଲେଖା ଏକ କଳା । ଗାଳ୍ପିକ ଗୋଟାଏ କଳାକାର । ନିଜ ଚାରିପାଖେ ଏବଂ ପାଠକମାନଙ୍କ ଚାରିପାଖରେ ଏକ କାଳ୍ପନିକ ଏବଂ ଆଧିଭୌତିକ ପରିବେଶ ସୃଷ୍ଟି କରିବା ଗାଳ୍ପିକର ଲକ୍ଷ୍ୟ ହୋଇପାରେ ।

ଏହା ଥୟ ଯେ, ଆମର 'ଆସନ୍ତାକାଲି' ମଧ୍ୟ କଳ୍ପନାପ୍ରବଣ ହେବ । ଓଡ଼ିଆ ଗପର 'ଆସନ୍ତା କାଲି'କୁ ଯାଉଥିବା ଗାଳ୍ପିକମାନେ କଳ୍ପନା ଓ ବାସ୍ତବତାକୁ ସିଇଁବାକୁ ଚେଷ୍ଟା କରିବେ ନିଜର ଗଳ୍ପ ମାଧ୍ୟମରେ । ତେଣୁ କଳ୍ପନା ଓ ବାସ୍ତବତାର Cocktailରୁ 'ଆସନ୍ତାକାଲି'ର ଗପର ମୁକ୍ତି ନାହିଁ ।

## ପ୍ଲଟ୍ ଓ ଚରିତ୍ର

ଏମିତି ଦିନେ ସ୍ୱପ୍ନ ଦେଖେଇଲା ପରି ଯିଏ ମତେ କହିଲା, "ଆଚ୍ଛା ତମେ ଗପ ଲେଖୁନ ।"

ମୁଁ : "ହେଃସ୍...ତମ ସାଙ୍ଗେ ତିନିଚାରି ଧାଡ଼ି କଥା ହେଲା ପରେ ମୋର କଥା ସବୁ ସରିଯାଉଛି । ନିରବ ପ୍ରାର୍ଥନା କଲା ପରି ଲାଗୁଛି । ଆଉ ଲେଖିବି କ'ଣ, ପଢ଼ିବି କିଏ..."

ସେ : "ମୁଁ ପଢ଼ିବି..."

ମୁଁ: "ଗପ ତ ଲେଖିବି, ହେଲେ ପ୍ଲଟ୍ ? ଗପ ପାଇଁ ପ୍ଲଟ୍ ଦରକାର ନା... ।"

ସେ : "ମତେ ତମ ଗପର ପ୍ଲଟ୍ କର, ମୁଁ ରାଜି... ।"

ତେଣୁ ଗପ ଲେଖିବାକୁ ହେଲେ, ପ୍ରେମ କରିବାକୁ ପଡ଼େ । ଏହା ଗପଲେଖାର ନ୍ୟୁନତମ ଆବଶ୍ୟକତା । ଆପଣଙ୍କର ଗୋଟେ ପ୍ରେମିକା ଅବା ପ୍ରେମିକ ଥିବ, ଯିଏ କେବେ ଆପଣଙ୍କ ଗପକୁ ସତ ଭାବୁଥିବ ଓ ସତକୁ ଗପ !

ସତକଥାକୁ ଗପ ଭାବି ହସି ଉଡ଼େଇ ଦବ ଓ ଗପକୁ ନେଇ ସିରିଅସ୍ ହେଇଯିବ ।

ତେଣୁ ପ୍ରତ୍ୟେକଟି ସମ୍ପର୍କର ରହସ୍ୟମୟତା, ଗପ ପାଇଁ ପ୍ଲଟ୍ ତିଆରି କରିପାରନ୍ତି । ତେଣୁ ପ୍ରତ୍ୟେକ ସମ୍ପର୍କରୁ ଗପର ଉନ୍ମେଷ । ସେ ନାଁ ଥିବା, ଅବା ନାଁ ନଥିବା ସମ୍ପର୍କ, ଯାହା ବି ହେଉ, ସବୁଠି ଗପ ।

ସେ ସମ୍ପର୍କମାନଙ୍କର ଆୟୁଷ, ସେମାନଙ୍କର ସ୍ଥାୟିତ୍ୱ, ସେମାନଙ୍କର ଭଙ୍ଗୁରତା, ଆମ ଉପରେ ସେମାନଙ୍କର ମିଠା ମିଠା ଉପଦ୍ରବ । ଆମକୁ ଏକ୍‌ଲା କରି ଛାଡ଼ିଯିବାର ଧମକ, ସବୁଯାକ ତ' ଗପ ।

ପ୍ଲଟ୍ ପରେ ରହିଲା ଚରିତ୍ର, ଆମ ଚାରି ପାଖେ ତ ଭର୍ତ୍ତି ଚରିତ୍ର । ପ୍ରତ୍ୟେକ ମଣିଷ ସିନା ଦିଶେ ଏକୁଟିଆ । ହେଲେ ତା' ଭିତରେ ଥାକ ଥାକ ଚରିତ୍ର । ଆମ ଭିତରେ ସେମାନେ ସବୁ ଏକାଠି ବସି ଖଟି କରନ୍ତି ଆଉ ଯୁଦ୍ଧ ବି' କରନ୍ତି, ଛାତିତଳ ନିବୁଜ ବଖରାରେ । ସେମାନଙ୍କୁ ଗପକୁ ଆଣି ପାରିଲେ ହେଲା । କୁହାଯାଏ, ଗାଳ୍ପିକ ଯେମିତି ଚରିତ୍ର ସନ୍ଧାନରେ ଥାଆନ୍ତି, ଚରିତ୍ରମାନେ ବି ତାଙ୍କ ପସନ୍ଦର ଗାଳ୍ପିକ ଖୋଜୁ ଥାଆନ୍ତି,ଯିଏ ତାଙ୍କ କଥା କହିପାରିବ ।

ମହାଭାରତର ସବୁଯାକ ଚରିତ୍ର ତ' ଜଣଙ୍କ ଭିତରେ ଥାକ ଥାକ ହେଇ ରହିଛି । ନିଜ ଚରିତ୍ର ବାଆଦେ, ଅନେକ ବାହ୍ୟ ଚରିତ୍ର, କାଳ୍ପନିକ ଚରିତ୍ର, କିଛି ଚରିତ୍ରମାନଙ୍କୁ ଫେଣ୍ଟାଫେଣ୍ଟି କରି ନୂଆ ଏକ ଚରିତ୍ର ତିଆରି କରିବା ତ ଆମର ସହଜାତ ପ୍ରବୃତ୍ତି । ନା ଏ ଚରିତ୍ରମାନଙ୍କ ମାୟାରୁ ମୁକ୍ତି ଅଛି ନା ଗପଲେଖାରୁ !

## ଇନ୍ଦ୍ରିୟ ସୁଖ

ମୋର ଆଦ୍ୟ ତାରୁଣ୍ୟରେ, ନବେ ପଞ୍ଚାନବେ ମସିହା ପରେ ଯେଉଁ ଗପ ସବୁ ପଢ଼ିଲି, ସେଥିରେ ଯଥେଷ୍ଟ ପରୀକ୍ଷାନିରୀକ୍ଷା କରାଗଲା । ଗପର ଶୈଳୀ ବଦଳିଲା । ଗପ କହିବାର ଢଙ୍ଗ ବଦଳିଲା, ଭାଷା ବଦଳିଲା ।

**▶ସୁମନ ଦାଶ**
**ମା- ଅନିଲ କୁମାର ଦାଶ**
**ବହୁଗ୍ରାମ, କଟକ-୭୫୪୨୦୦**
**ଫୋନ : ୮୭୬୩୪୯୬୮୯୨**



**ଭଲଗପ:**

ଭଲଗପ କହିଲେ ସେୟା, ଯାହା ଥରୁଟେ ପଢ଼ିଲେ ପଠନଜନିତ କ୍ଲାନ୍ତି ଆସେ ନାହିଁ, ଥରେ ଅଧେ ନୁହେଁ ଯାହାକୁ ବାରମ୍ବାର ପଢ଼ିବାକୁ ଇଚ୍ଛା ହୁଏ । ଭଲଗପ ସିଧା ଛାତି ଓ ମୁଣ୍ଡରେ ଚଢ଼େ, ଅନ୍ୟମନସ୍କ କରାଏ, ରାସ୍ତାଘାଟରେ ଗଲାବେଳେ, କାମଧନ୍ଦା କଲାବେଳେ ସେ ଗପର ଧାଡ଼ିମାନ ମୁଣ୍ଡକୁ ଆସେ । ବହୁ ସମୟ ସାଙ୍ଗସାଥୀଙ୍କୁ ପଢ଼ିବା ପାଇଁ ଉସ୍କାଏ । ଭଲଗପ ସେୟା ଯାହାର ଗଠନ, ତୀକ୍ଷ୍ଣତା, ପ୍ରବହମାନତା, କାହାଣୀର ବଳିଷ୍ଠତା, ବର୍ଣ୍ଣନା, ଆବେଗ ଏତେ ଟଟକା ଥାଏ ଯେ ସମୟକୁ ଖାତିର୍ ନକରି ପାଠକ ବାରମ୍ବାର ଗପକୁ ଫେରେ କୋଉଠି ନା କୋଉଠି ।

**ଆମ ଓଡ଼ିଆ ଭଲଗପ:**

ଆମ ଓଡ଼ିଆରେ ଭଲଗପ ସଂଖ୍ୟା ପ୍ରଚୁର, ସୋରି ସୋରି । 'କମ୍ବଳ ଯାକ ବାଳ' କହିଲେ ଟିକେ ଅତିଶୟୋକ୍ତି ହେଲେ ବି ଚଳେଇ ନେଲେ ଚଳିବ । ମହାପାତ୍ର ନୀଳମଣି ସାହୁଙ୍କ 'ଅଭିଶପ୍ତ ଗନ୍ଧର୍ବ'ଠୁ ଆରମ୍ଭ କରି ଜଗଦୀଶ ମହାନ୍ତିଙ୍କ 'ଆଲ୍‌ବମର କେତୋଟି ମୁହଁ', ମନୋଜ ଦାସଙ୍କ 'ଆବୁପୁରୁଷ' ଠୁ ଅଜୟ ସ୍ୱାଇଁଙ୍କ 'କଥକ', ଶକ୍ତି ମହାନ୍ତିଙ୍କ 'କ୍ୟାସିନୋ' ଠୁ ଦେବବ୍ରତ ଦାସଙ୍କ 'ସ୍ପର୍ଶ' ଓ ପରେଶ ପଟ୍ଟନାୟକଙ୍କ 'ପାପ' ଠୁ ଆରମ୍ଭ କରି ନିଖିଳେଶ ମିଶ୍ରଙ୍କ 'ରୀନା ଓ ଭୂତଗପ' ପର୍ଯ୍ୟନ୍ତ ଭଲଗପର ଧାଡ଼ି ଓଡ଼ିଆରେ ହାତ ଧରାଧରି ହୋଇ ଲମ୍ବିଛନ୍ତି । ସେଥିକୁ ପୁଣି ମନୋଜ ଦାସ, ଚନ୍ଦ୍ର ଶେଖର, କିଶୋରୀ ଚରଣ, କମଳାକାନ୍ତ, ପ୍ରକାଶ ମହାପାତ୍ର, ବିଜୟ ମହାପାତ୍ର, ଦେବ୍ରାଜ ଲେଙ୍କା, ଅକ୍ଷୟ ମହାନ୍ତିଙ୍କ ଗଳ୍ପ ସାମ୍ରାଜ୍ୟ...ଗଳ୍ପକଳା, କାହାଣୀ ବିନ୍ୟାସ, ମୁଗ୍ଧ କଲା ପରି ଭାଷା ଓ ଭାବ । ଆମ ସମୟରେ, ଏଇ ଦିଲ୍‌ଦାର୍ ଅଠରରେ ଏଇ କଥା ଲେଖିଲା ବେଳକୁ ମନ ହଉଛି ଆମ ସମୟରେ ଓଡ଼ିଆରେ ଲେଖୁଥିବା ସବୁ ଲେଖକଙ୍କୁ ମୁଣ୍ଡିଆଟିଏ ମାରିବାକୁ । ଏଇ ପ୍ରଚୁର ପରିବର୍ତ୍ତନଶୀଳ ସମୟରେ, ଏତେ ସାମାଜିକ ଅନିଶ୍ଚିତତାରେ, ଏତେ କୋଳାହଳ ଭିତରେ, ବ୍ୟସ୍ତବହୁଳ ପେଟପାଟଣା ଭିତରେ, ପ୍ରଚୁର ପାଠକୀୟ ଅନାଗ୍ରହ ଭିତରେ, 'ଲେଖକ ଭାବେ ଯେ ପ୍ରସିଦ୍ଧ' ଏମିତିଆ ଦରମଲା (ମରିବାକୁ ସୁକୁସୁକୁ ହଉଥିବା ବି କୁହାଯାଉ !) ଆଶା ଭିତରେ, ମାଗଣାରେ, ହାତରୁ ଖାଇ ଯଦି କେହି ଘୋଡ଼ା ଆଗରେ ନାଚୁଥାଏ ସେ ହେଉଛି ଓଡ଼ିଆ ଲେଖକ । ଏଇ ପରିବର୍ତ୍ତନ ସମୟରେ ଆମେ ନିଜସ୍ୱ ଦୁଃଖ, ପ୍ରେମ, ଆବେଗ, ଉଲ୍ଲାସ, ଉଦ୍‌ବିଗ୍ନତାକୁ ଯେଉଁମାନେ ନିର୍ବିକାର ହେଇ ବା ନହେଇ କାଗଜ କଲମରେ ଲେଖୁଛନ୍ତି, ସେମାନଙ୍କୁ ମୋର ଦଣ୍ଡବତ, ପ୍ରଣାମ, ଶୁଭେଚ୍ଛା ।

**ଆମ ଗପର ପାଠକ:**

ଏଇ ଓଡ଼ିଆ ପାଠକଙ୍କ କଥା କହିବା ବେଳେ କାଇଁ କେଜାଣି ଜିଭ ଶୁଖି ଯାଉଛି । ତଣ୍ଟି ଅଠା ଅଠା, ମୁଣ୍ଡ ବିନ୍ଧୁଛି ଓ ଛାତି ଘୋଳାବିନ୍ଧା କରୁଛି । ମାଗଣା ଇଣ୍ଟରନେଟ୍, ଶତାଧିକ ଚ୍ୟାନେଲ୍ ସକାଳୁ ହ୍ୱାଟ୍‌ସ୍‌ଆପ୍‌ରେ ଶହେ ସରିକି ଇନ୍‌ବକ୍ସ ଭିତରେ...(ଛୁଆ ନଖାଇବାକୁ କାନ୍ଦିଲେ ମାଆ ମୋବାଇଲ୍‌ରେ କାର୍ଟୁନ ଲଗେଇ ଖୁଏଇ ଦେଉଛି !) ଓଡ଼ିଆ ଗପ /ବା ଓଡ଼ିଆ ସାହିତ୍ୟ ପଢୁଥିବା ଲୋକ ବିରଳ । (ଆଉ କିଛି ବର୍ଷ ଗଲେ ନିଶ୍ଚିହ୍ନ ହେଇଯିବେ କି କଣ) କେବେ କେବେ ଏମିତି ଦୁଃସ୍ୱପ୍ନ ବି ଆସିଛି ଓଡ଼ିଆ ବହିର ପାହାଡ଼ ଉପରେ ଲେଖକଟେ ବସିଛି ରାସ୍ତାକଡ଼ରେ କଂକାଳସାର ହେଇ....ମୁହଁରେ ରୁଢ଼ ଭର୍ତ୍ତି...ମୋ ନିଦ ଭାଙ୍ଗି ଯାଇଛି । ଆଉ ଏମିତି ଦୁଃସ୍ୱପ୍ନକୁ ବି ଫୁଃ କରି କେବେ କିଏ ଉଡ଼େଇ ଦେଇଛି । ଯେ ପର୍ଯ୍ୟନ୍ତ ଲେଖକଟିକୁ ପାଠକଟେ ଖୋଜିବା ଲୋଡ଼ିବା ଅଛି ସେଯାଏଁ ଓଡ଼ିଆ ଗପ ଅଛି । ହଉ ପଛେ ଗୋଛାଏ ଲେଖକଙ୍କୁ ହାତଗଣତି ପାଠକ !

**ଆମ ଗପର କାଲି:**

ଯେହେତୁ ଆଜି କଥା କାଲିକୁ ନାହିଁ, ଆଜିର ଜୀବନରେ ଗତକାଲିର ସୁଆଦ ନାହିଁ, ନା ପ୍ରେମରେ, ନା ଘୃଣାରେ, ନା ଉଲ୍ଲାସରେ ନା ଶୋକରେ ଯେହେତୁ ନିଷ୍ଠା ନାହିଁ ତେଣୁ ଆମ ଗପର 'କାଲି' କହିବା ଦୁସାଧ୍ୟ, ଦୁରୂହ ଓ ଅସମ୍ଭବ ମଧ୍ୟ । ହୁଏତ ଭାଷା ବିଲୋପ ହେଇ ଯାଇପାରେ...ଲୋକେ ଠାରାଠାରିରେ କାମ ଚଳୋଉଥିବେ କିମ୍ବା ହେଇପାରେ ଦୁର୍ଭିକ୍ଷ କି ଦଙ୍ଗା କି ଯୁଦ୍ଧ ଯାହା ଲୋକଙ୍କ ଚେତନାରେ ନୂଆ ଭାଷା ଭରିଦେବ । ଫଳରେ ପ୍ରଚୁର ଗପ, ସାହିତ୍ୟ ଲେଖାଯିବ...ସେ କଥା କିଏ କହିବ ? ଆଜି ଖାଲି ଏତିକି କହିହେବ ଆମ ଗପର ମୂଳଦୁଆ ପକେଇଥିବା ଶିଳ୍ପୀମାନେ ନିର୍ବିବାଦୀୟ ଭାବେ ଶକ୍ତିଶାଳୀ, ସାମର୍ଥ୍ୟବାନ, ନିଷ୍ଠାପର । ତେଣୁ ଆସନ୍ତାକାଲି ଏତେ ଦି ଅନୁଜ୍ଜ୍ୱଳ ନୁହେଁ ।

ତା'ପରେ ଗପ ଅଙ୍କା ହେଲା । ଗପକୁ ସଙ୍କେତରେ କୁହାଗଲା । ଗପ ଖୋଦେଇ ହେଲା ।


ଲାଗିଲା, ଖାଲି କାହାଣୀଟେ କହିଦେବାରେ ନୁହେଁ, କହିବାର ବାଗଟି ହେଲା ଗପ । ଘଟଣା ଏକ୍ । ତାକୁ ଦେଖିବାର ନଜର ହେଲା ଗପ, ଅତି ସାଧାରଣ ଭିତରେ ଅସାଧାରଣ କିଛି ଆବିଷ୍କାର କରିବା ହେଲା ଗପ । ବାସ୍ତବତା ମଧ୍ୟରେ ସମାନ୍ତରାଳ ଅଲୌକିକତା ଖୋଜିବା ହେଲା ଗପ ।

ତେଣୁ ଆମର 'ଆସନ୍ତାକାଲି'ରେ ପ୍ରଚୁର ଘଟଣା, ଦୁର୍ଘଟଣା, ଆଉ ଗାଳ୍ପିକମାନଙ୍କ ହାତରେ କ୍ୟାମେରା । କ୍ୟାମେରା କେଉଁଠି ରଖିଲେ ଘଟଣା ନୂଆ ଦିଶିବ । ସେଇଟା ଗାଳ୍ପିକମାନଙ୍କ କାମ । ଏଥିରେ ବୟସ, ଯୌବନ, ପିଢ଼ି – ଏସବୁର କାମ କିଛି ନାହିଁ । ଚରିତ୍ରଙ୍କ ଭାବଭଙ୍ଗୀ ଏବଂ ଦେଖିବାର ନୂଆ ବାଗ ପାଇଁ କ୍ୟାମେରା ହେଲିକପ୍ଟର୍‌ରେ ହେଉ, ଡ୍ରୋନ୍‌ରେ ହେଉ, କେଉଁଠି ମଞ୍ଚାବାନ୍ଧି ବସିବା ହେଉ, ଗାଡ଼ିର ରିଅର୍ ଭିୟୁ ମିରର୍‌ରେ ହେଉ, ଏହି ନୂଆ ପ୍ରୟାସ ହିଁ ଆମ ଗପର 'ଆସନ୍ତାକାଲି' ।

ଏତେ କଥା କହିଲା ପରେ ମୁଁ କହିବି ଯେ ଗପ ଲେଖିବା ଓ ଗପ ପଢ଼ିବାର ଇନ୍ଦ୍ରିୟ ସୁଖରୁ ମଣିଷର ମୁକ୍ତି ନାହିଁ, ଆମମାନଙ୍କର 'ଆସନ୍ତାକାଲି'ର ମୁକ୍ତି ନାହିଁ ।

ଶେଷରେ କହିବି, ଈଶ୍ୱର, ଯଦି କେହି ଥାଆନ୍ତି, ବୋଲି ବିଶ୍ୱାସ ଥାଏ, ତେବେ ତାଙ୍କର ସୃଷ୍ଟି ବି ଗୋଟାଏ ଗପ । ସେହି ଈଶ୍ୱରଙ୍କ ବିଷୟରେ କୁହାଯାଇଛି, GOD NEVER PLAYS DICE. (ଈଶ୍ୱର ପଶା ଖେଳନ୍ତି ନାହିଁ) ।

ତେବେ ଗାଳ୍ପିକଟେ କ'ଣ ପଶା ଖେଳେ ? ଏହାର ଉତ୍ତର 'ହଁ' କି 'ନା', ମୁଁ ଜାଣେନା । ମୁଁ ଏତିକି ଜାଣେ ସବାଶେଷରେ ଆମେ ସମସ୍ତେ ଗୋଟେ ଗୋଟେ ଗପ ।



# ରାଣୀପୁର ଝରିଆଲ୍

# ରାଣୀପୁର-ଝରିଆଲ୍




**ଡକ୍ଟର ସଂଜୟ କୁମାର ମିଶ୍ର**

ଫଟୋ ସୌଜନ୍ୟ : ଲେଖକ


**ବଲାଙ୍ଗିର ଜିଲ୍ଲାର ଦୁଇଟି ଗ୍ରାମ : ରାଣୀପୁର ଓ ଝରିଆଲ୍ । ପ୍ରାଚୀନ କୀର୍ତ୍ତିରାଜିର ଅପୂର୍ବ ଗନ୍ତାଘର । ଦୁଇ ବର୍ଗକିଲୋମିଟର ପରିବ୍ୟାପ୍ତଶିଳା ଶଯ୍ୟା ଉପରେ ଶୋଭା ପାଉଛି ଏଠି ଅର୍ଦ୍ଧଶତାଧିକ ଦେଉଳ । ବିଭିନ୍ନ ଆକୃତି ଓ ଉଚ୍ଚତାର । ରାଣୀପୁର-ଝରିଆଲ୍‌ରୁ ଆମର କ୍ଷେତ୍ର-ପ୍ରତିଫଳନ ।**

ରାଣୀପୁର ଝରିଆଲ୍ ହେଉଛି ସମଗ୍ର ଭାରତବର୍ଷ ପାଇଁ ଏକ ବିରଳ ଓ ବୈଶିଷ୍ଟ୍ୟମୟ କୀର୍ତ୍ତିପୀଠ । ସପ୍ତମ-ଅଷ୍ଟମ ଶତାବ୍ଦୀ ସମୟର ଏ ପୀଠ ଆଜି ମଧ୍ୟ ଐତିହାସିକ, ଗବେଷକ, ପର୍ଯ୍ୟଟକ ଓ ଅନ୍ୟ ସମସ୍ତଙ୍କୁ ଆକୃଷ୍ଟ କରେ । ବଲାଙ୍ଗୀର ଜିଲ୍ଲା ଟିଟିଲାଗଡ଼ ସବ୍ ଡିଭିଜନ ଅନ୍ତର୍ଗତ ବଙ୍ଗୋମୁଣ୍ଡା ବ୍ଲକର ଝରିଏଲ୍ ପଞ୍ଚାୟତ ଅନ୍ତର୍ଗତ ଏ ବିରଳ ପୀଠ ବଲାଙ୍ଗୀର ଜିଲ୍ଲା ସଦର ମହକୁମା ଠାରୁ ୧୧୦ କି.ମି. ଦୂର । ରାନୀପୁର-ଝରିଆଲ୍‌ରେ କ'ଣ ସବୁ ଅଛି ସେ ସ୍ଥାନ କାହିଁକି ପ୍ରସିଦ୍ଧି- ତାର ଐତିହାସିକ ବିଶେଷତାକୁ ନେଇ ଏ ଆଲୋଚନା । ଚାଲନ୍ତୁ ଜଣେ ଜିଜ୍ଞାସୁ ପର୍ଯ୍ୟଟକର ଆଖିରେ ଆମେ ବୁଲି ଆସିବା ରାଣୀପୁର-ଝରିଆଲ୍‌କୁ ।

## ରାଣୀପୁର-ଝରିଆଲ

ବଲାଙ୍ଗୀର ଜିଲ୍ଲାର ଏ ଦୁଇଟି ରାଜସ୍ୱ ଗ୍ରାମ । ପରସ୍ପର ଠାରୁ ଏକ କି.ମି. ଦୂର । ଉଭୟ ଗ୍ରାମର ସୀମାରେ ଥିବା ଏକ ବୃହଦାକାୟ ପଥର ଚଟାଣ ଉପରେ ଏ ପୀଠଟି ଅବସ୍ଥିତ । ଇତିହାସ ଅନୁସାରେ ଏ ପଥର ଚଟାଣ ଚାରିପାଖରେ ଥିବା ପାଞ୍ଚଟି ଗ୍ରାମକୁ ନେଇ ଏକ ଜନପଦ ଗଢ଼ି ଉଠିଥିଲା । କିଛି କାଳ ଏହା ଦକ୍ଷିଣ କୋଶଳ ରାଜ୍ୟର ରାଜଧାନୀ ମଧ୍ୟ ଥିଲା । ପ୍ରାଚୀନ ପାଟଣା ରାଜ୍ୟର ରାଜଧାନୀ ମଧ୍ୟ ଥିଲା ଏ ପୀଠ । ସେ ଗାଁଗୁଡ଼ିକ ହେଲେ- ରାଣୀପୁର, ଝରିଏଲ୍, କଅଁଶିଲ୍, ବାଲିଖମାର ଓ ବାହାବଲ୍ । ରାଣୀପୁରଠାରେ ରାଜଉଆସ ଓ କଅଁଶିଲ୍‌ଠାରେ ଏକ ବୃହଦାକାୟ ବିଶ୍ୱବିଦ୍ୟାଳୟ, ମାଗଣାରେ, ହାତରୁ ଖାଇ ଯଦି କେହି ଘୋଡ଼ା ଆଗରେ ନାଚୁଥାଏ ସେ ହେଉଛି ଓଡ଼ିଆ ଲେଖକ । ଏଇ ପରିବର୍ତ୍ତନ ସମୟରେ ଆମେ ନିଜସ୍ୱ ଦୁଃଖ, ପ୍ରେମ, ଆବେଗ, ଉଲ୍ଲାସ, ଉଦ୍‌ବିଗ୍ନତାକୁ ଯେଉଁମାନେ ନିର୍ବିକାର ହେଇ ବା ନହେଇ କାଗଜ କଲମରେ ଲେଖୁଛନ୍ତି, ସେମାନଙ୍କୁ ମୋର ଦଣ୍ଡବତ, ପ୍ରଣାମ, ଶୁଭେଚ୍ଛା ।

ବାହାବଲ୍‌ଠାରେ ସୈନ୍ୟସାମନ୍ତଙ୍କ ରହଣି କେନ୍ଦ୍ର ଓ ବାଲିଖମାରରେ ଥିଲା ଶସ୍ୟାଗାର । ରାଣୀପୁର ଠାରେ ରାଜଉଆସ ଓ କଅଁଶିଲ୍ ଠାରେ ବିଶ୍ୱବିଦ୍ୟାଳୟର ଭଗ୍ନସ୍ତୁପ ଏବେ ମଧ୍ୟ ଦୃଶ୍ୟମାନ । ଏ ବିଶ୍ୱବିଦ୍ୟାଳୟକୁ ତିବ୍‌ବତ, ଚୀନ, ଶ୍ରୀଲଙ୍କା ଓ ଭାରତର ବହୁ ଅଞ୍ଚଳରୁ ଛାତ୍ରମାନେ ପାଠ ପଢ଼ି ଆସୁଥିଲେ । ଏହା ଶୈବ, ଶାକ୍ତ ଓ ବୌଦ୍ଧ ଧର୍ମର ଏକ ମିଳିତ ପୀଠ । ମତ୍ତମୟୂର ସମ୍ପ୍ରଦାୟ, ସୋମବଂଶୀ ରାଜା ଓ ବୌଦ୍ଧ ଧର୍ମାବଲମ୍ବୀମାନେ ଏ ପୀଠ ନିର୍ମାଣ ଭିନ୍ନ ଭିନ୍ନ ସମୟରେ କରିବା ସହ ଭିନ୍ନ ଭିନ୍ନ କୀର୍ତ୍ତିରାଜି ଛାଡ଼ି ଯାଇଛନ୍ତି । ଏହା ସୋମତୀର୍ଥ ବୋଲି ମଧ୍ୟ ପ୍ରସିଦ୍ଧ ।

## ଯୋଗିନୀ ମନ୍ଦିର

ରାଣୀପୁର ଝରିଆଲ ପୀଠଟି ଯୋଗିନୀ ମନ୍ଦିର ପାଇଁ ପ୍ରସିଦ୍ଧ । ସାରା ଭାରତରେ



ଆଉ ଅନ୍ୟ ତିନୋଟି ସ୍ଥାନରେ ଏଭଳି ମନ୍ଦିର ଦେଖିବାକୁ ମିଳେ । ସେଗୁଡ଼ିକ ହେଲେ ଭୁବନେଶ୍ୱର ନିକଟସ୍ଥ ହୀରାପୁର, ଖଜୁରାହୋ ଓ ଭେରାଘାଟ ।

ଏ ଯୋଗିନୀ ମନ୍ଦିରକୁ ୮୫୦ ଖ୍ରୀଷ୍ଟାବ୍ଦରେ ଗଗନ ଶିବାଚାର୍ଯ୍ୟ ତିଆରି କରିଥିଲେ । ହିନ୍ଦୁତନ୍ତ୍ରରେ ଉଗ୍ରଚଣ୍ଡୀ, ଭଦ୍ରକାଳି, ଦୁର୍ଗା, ଉଗ୍ରତାରା, କୌଶିକ, କାଳି, ଶିବଦୂତୀ ଓ ଚଣ୍ଡିକା- ଏଭଳି ଆଠଟି ଦେବୀ ଅଛନ୍ତି । ତାଙ୍କ ପାଖରୁ ଜିଉଙ୍କ ଠାରୁ ଆଠଟା ଲେଖାଏଁ ଦେବୀ ଜନ୍ମିଛନ୍ତି । ମୋଟ ହେଲେ ଚଉଷଠି । ସଂସାରକୁ ଦୁଃଖ କଷ୍ଟରୁ ମୁକୁଳାଇ ସୁଖ ଓ ଜ୍ଞାନ ପ୍ରଦାନ କରୁଥିବା ଯୋଗୁଁ ଏମାନେ ସଭିଏଁ ଯୋଗିନୀ । ରାଣୀପୁର-ଝରିଆଲ୍ ପଥର ଚଟାଣରେ ଗୋଲାକୃତି ହୋଇ ପଥରରେ ନିର୍ମିତ ହୋଇଛି ଏ ମନ୍ଦିର । ମଧ୍ୟ ଭାଗରେ ଅଛନ୍ତି ଶିବ । ଏଠିକାର ଯୋଗିନୀମାନଙ୍କ ମୁହଁ ଭୟଙ୍କର ନୁହେଁ, ସୁନ୍ଦର ।



## ଇନ୍ଦ୍ରଲାଟ ମନ୍ଦିର

ଯୋଗିନୀ ମନ୍ଦିର ଠୁ ଏକ କି.ମି. ଦୂରରେ ଅବସ୍ଥିତ ଇନ୍ଦ୍ରଲାଟ ମନ୍ଦିର । ଏ ମନ୍ଦିରଟି ୭୫ଫୁଟ ଓ ପୋଡ଼ାଇଟାରେ ତିଆରି । ସୋମବଂଶୀ ରାଜାମାନଙ୍କ ରାଜତ୍ୱ ସମୟରେ ଏହା ନିର୍ମିତ । ଏ ମନ୍ଦିରର କାରୁକାର୍ଯ୍ୟ ଅତୁଳନୀୟ । ମନ୍ଦିରଟି ଖଣ୍ଡଖଣ୍ଡ କରାଯାଇଥିବା ଏକ ପ୍ରସ୍ତର ଉପରେ ନିର୍ମିତ ।

## ବ୍ୟୂହ

ରାଣୀପୁର-ଝରିଆଲ୍‌ର ବିଶାଳକାୟ ପ୍ରସ୍ତର ଚଟାଣ ଉପରେ ଗୋଡ଼ିପଥରରେ ଗୋଡ଼ିକୁ ଗୋଡ଼ି ବିଛାଇ ତିଆରି ହୋଇଛି ମହାଭାରତ ଯୁଗରେ ବର୍ଣ୍ଣିତ ଚକ୍ରବ୍ୟୂହ, ପଦ୍ମବ୍ୟୂହ ଏବଂ ଶଙ୍ଖବ୍ୟୂହ । କାହିଁ କେଉଁ କାଳରୁ ସେ ବ୍ୟୂହଗୁଡ଼ିକ ପଥର ଛାତିରେ ସଜ୍ଜିତ ହୋଇ ଆସୁଛନ୍ତି ।

## ମନ୍ଦିର ସମୂହ

ପଥର ନିର୍ମିତ ଶତାଧିକ ମନ୍ଦିର ସମୂହ ମଧ୍ୟ ଅଛନ୍ତି ପଥର ଚଟାଣ ଉପରେ । ସେଗୁଡ଼ିକ ଭିତରେ ବୌଦ୍ଧ ସିଦ୍ଧାଚାର୍ଯ୍ୟମାନେ ବସି ସାଧନା କରୁଥିଲେ ଓ ଚର୍ଯ୍ୟାଗୀତିକା ସବୁକୁ ସାଂଧ୍ୟ ଭାଷାରେ ଲେଖୁଥିଲେ । ଏ ପାଇଁ ଏ ସ୍ଥାନଙ୍କୁ ଓଡ଼ିଆ, ବଙ୍ଗଳା, ଅହମିୟା ଓ କୋଶଳୀ ଭାଷାର ଜନ୍ମସ୍ଥାନ ବୋଲି ମଧ୍ୟ କୁହାଯାଏ । ସୂଚନାଯୋଗ୍ୟ ଯେ ବୌଦ୍ଧ ଚର୍ଯ୍ୟାଗାନ ଭାରତୀୟ ଭାଷା ଓ ସାହିତ୍ୟ ପରମ୍ପରାର ଏକ ଅମୂଲ୍ୟ ସମ୍ପଦ ।

## ଚାମୁଣ୍ଡା ମନ୍ଦିର

ବୃହତ୍ ପଥର ଚଟାଣର ଡାହାଣପଟକୁ ଏକ ଛୋଟ ପଥର ଉପରେ ଚାମୁଣ୍ଡାଙ୍କ ପଥର ଖୋଦେଇ ଚିତ୍ର ରହିଛି । ସେ ଚିତ୍ରର ପେଟଭାଗ ଖୁବ୍ ଖାଲୁଆ । ସେ ପଥରର ପଛପଟରେ ମଧ୍ୟ ଏକାଧିକ ମୂର୍ତ୍ତିଙ୍କ ଚିତ୍ର ଖୋଦେଇ ହୋଇ ଅଛନ୍ତି । ସେ ମନ୍ଦିର ସାମ୍ନାରେ ଅନ୍ୟଏକ ପଥରରେ ଶିଶୁପାରା ଓ ମାଗୁର ମାଛ (ସ୍ଥାନୀୟ ଭାଷାରେ ପିଲ୍ ପରୁଆ ମାଗୁର୍ ମାଛ) ଚିତ୍ର ମଧ୍ୟ ଅଛି । ତାନ୍ତ୍ରିକ ଦୃଷ୍ଟିକୋଣରୁ ଏ ମନ୍ଦିର ଓ ଚିତ୍ରର ଖୁବ୍ ମହତ୍ତ୍ୱ ଅଛି ବୋଲି ସ୍ଥାନୀୟ ଲୋକ କହନ୍ତି ।

## ଲକ୍ଷ୍ମୀ ମନ୍ଦିର

ପଥର ଚଟାଣ ତଳକୁ ଗଲେ ପଡ଼େ ଲକ୍ଷ୍ମୀ





ମନ୍ଦିର । ସ୍ଥାନୀୟ ଭାଷାରେ ଲିଆହାରି ମନ୍ଦିର । ପଥରରେ ନିର୍ମିତ ଏ ମୂର୍ତ୍ତିଟି ଦୁଇତାଲା ବିଶିଷ୍ଟ । ବିଶ୍ୱାସ ଅଛି ଏ ମନ୍ଦିରକୁ ଅମାର ଘର ଭାବେ ବ୍ୟବହାର କରି କିଛି ଭୋଜି ଓ ପ୍ରସାଦର ଆୟୋଜନ କଲେ ତାହା କେବେ ବି ନିଅଣ୍ଟ ହୁଏ ନାହିଁ । ଲକ୍ଷ୍ମୀ ମନ୍ଦିର ସାମ୍ନାରେ ପଥରରେ ଅଙ୍କା ହୋଇ ରହିଛି ଲକ୍ଷ୍ମୀପାଦ, ଯାହାକି ଦେଖିବାକୁ ବେଶ୍ ସୁନ୍ଦର ଓ ଆକର୍ଷଣୀୟ ।

## ସୋମେଶ୍ୱର ଶିବମନ୍ଦିର

ଲକ୍ଷ୍ମୀ ମନ୍ଦିର ପରେ ପରେ ପଥର ଚଟାଣରେ ଆଉ ଟିକେ ତଳେ ଅବସ୍ଥିତ ସୋମେଶ୍ୱର ଶିବ ମନ୍ଦିର । ସୋମବଂଶୀ ରାଜାମାନଙ୍କ ଦ୍ୱାରା ଏ ମନ୍ଦିରଟି ତିଆରି ।



କାରୁକାର୍ଯ୍ୟରେ ଅଦ୍ୱିତୀୟ ଏ ମନ୍ଦିରଟି ।

## ରାମସୀତା ପାଦ

ପଥର ଚଟାଣରେ ଅଳ୍ପଦୂରକୁ ଗଲେ ପଡ଼େ ରାମସୀତା ପାଦ । ଯାହାକି ପଥରରେ ଚିତ୍ରିତ ହୋଇଛି । ଏହା ଏକ ତାନ୍ତ୍ରିକ ଚିତ୍ର ।

## ନବଗ୍ରହ ଓ ବରଦା

ଚଟାଣରେ ଶେଷ ଭାଗକୁ ପଥରରେ ଖୋଦେଇ ହୋଇ ରହିଛନ୍ତି ନବଗ୍ରହ ଗଣେଶ ଓ ବରଦା ।

## ଭାଗ୍ୟଶୀଳା ପଥର

ରାଣୀପୁର ଗାଁ ମୁଣ୍ଡରେ ରହିଛି ଏକ ଲମ୍ବା ପଥର, ଯାହାକୁ କି ଭାଗ୍ୟଶୀଳା ପଥର ବୋଲି କୁହାଯାଏ । ପଥରର ବୈଶିଷ୍ଟ୍ୟ ଏହି ଯେ ଏହାର ଗୋଟିଏ ପାଖରୁ ହାତ ସାହାଯ୍ୟରେ ଆର ପାଖକୁ ମାପିଲେ ଯେତିକି ହୁଏ, ଲେଟେଇ ମାପ କଲେ ଅଧିକ ହୁଏ । ଲୋକଙ୍କ ଭାଗ୍ୟଗଣନା-ସଫଳତା-ବିଫଳତା ଏ ପଥର ମାଧ୍ୟମରେ ପୂର୍ବରୁ କରା ଯାଉଥିଲା ଓ ଏବେ ମଧ୍ୟ ବଳବତ୍ତର ଅଛି ।

## ତୀର୍ଥରାଜ୍ ଚିତ୍ର

ପଥରର ଗୋଟିଏ ଅଂଶରେ ଏକ ବପୁବନ୍ତ ପୁରୁଷର ଶୟନ ମୁଦ୍ରାର ଚିତ୍ର ଅଛି । ତାକୁ ତୀର୍ଥରାଜ୍ ଚିତ୍ର ବୋଲି ଚିହ୍ନଟ କରାଯାଏ । ଏହା ତନ୍ତ୍ରର ଯନ୍ତ୍ର ସମ୍ୱଳିତ ଏକ ଚିତ୍ର ବୋଲି କୁହାଯାଏ ।

## ସୁନା ମୁଦ୍ରା

ପୂର୍ବରୁ ବହୁତ ସୁନା ମୁଦ୍ରା ମିଳୁଥିଲା ପଥର ଚଟାଣର ବିଭିନ୍ନ ମୂର୍ତ୍ତିମାନଙ୍କର ଭଙ୍ଗା ଖଣ୍ଡମାନଙ୍କରୁ । ପ୍ରତ୍ୟେକ ମୁଦ୍ରା ଛଅ ଗ୍ରାମ ବିଶିଷ୍ଟ ଓ ତା' ଉପରେ ପାଲି ଭାଷାରେ କିଛି ଲେଖାଯାଇଅଛି ।

## ଗବେଷକ ଦର୍ଶକମାନଙ୍କୁ ଅନୁରୋଧ

ରାଣୀପୁର-ଝରିଆଲ୍‌ର ଐତିହାସିକ, ପ୍ରତ୍ନତାତ୍ତ୍ୱିକ ଓ ସାଂସ୍କୃତିକ ଦିଗ ଉପରେ ଏକାଧିକ ଆଲୋଚନା-ପ୍ରବନ୍ଧ ରହିଛି । ଡକ୍ଟର ରାମ ପ୍ରସାଦ ମିଶ୍ର, ଡକ୍ଟର ଦଧିବାମନ ମିଶ୍ର, ୪ ଡକ୍ଟର ସଦାନନ୍ଦ ଅଗ୍ରୱାଲ୍ ଓ ଡକ୍ଟର ନାରାୟଣ ପ୍ରଷ୍ଟେ ଏ ଉପରେ ଅନେକ ଗବେଷଣା କରି ନିବନ୍ଧ ସବୁ ପ୍ରସ୍ତୁତ କରିଛନ୍ତି ।



ଦୟାକରି ସେସବୁକୁ ପାଠ କରିବାର ଆଗ୍ରହ ରଖନ୍ତୁ ଓ ଏ ସ୍ଥାନକୁ ବୁଲିବା ପାଇଁ ଆସନ୍ତୁ ।

## ଗମନାଗମନରେ ଅସୁବିଧା

ଏତେ ବଡ଼ ଐତିହାସିକ କ୍ଷେତ୍ର ହୋଇଥିଲେ ହେଁ ଏଠାକୁ ସିଧାସଳଖ ବସ୍ ଯୋଗାଯୋଗ ନାହିଁ । ଶ୍ରଦ୍ଧାଳୁମାନେ ବଲାଙ୍ଗୀର ଟିଟିଲାଗଡ଼ କିମ୍ବା କଣ୍ଟାବାଞ୍ଜିରୁ ଏଠାକୁ ଟ୍ୟାକ୍ସି ଯୋଗେ ଆସି ପାରିବେ ।



ପ୍ରକୃତରେ ରାଣୀପୁର ଝରିଆଲ୍ ଏକ ଅନନ୍ୟ କ୍ଷେତ୍ର । ବିଶେଷ ସରକାରୀ ଦୃଷ୍ଟି ପାଇ ନଥିବା ଏ କ୍ଷେତ୍ରଟି ଶୈବ, ଶାକ୍ତ ଓ ବୌଦ୍ଧ ଧର୍ମାବଲମ୍ବୀ ମାନଙ୍କର ଏକ ଅଦ୍ୱିତୀୟ କ୍ଷେତ୍ର । ବୌଦ୍ଧ ଧର୍ମରେ ତନ୍ତ୍ର ପ୍ରବେଶ କଲା ବେଳେ ଏ କ୍ଷେତ୍ରଟି ବିଶେଷ ଦୃଷ୍ଟିକୁ ଆସି ପୂର୍ବ ଭାରତର ଏକ ବିଶିଷ୍ଟ କେନ୍ଦ୍ର ହୋଇ ପାରିଥିଲା । କାଳର କରାଳ ସୁଅରେ ପଥର ଦେହରେ ମୂର୍ତ୍ତିମାନେ କ୍ରମଶଃ ଅଚିହ୍ନା ହେବା ଆରମ୍ଭ କରୁଛନ୍ତି । କେହିକେହି ହୋଇଗଲେଣି ବି ଅଚିହ୍ନା । ଏସବୁର ସଂରକ୍ଷଣ ଜରୁରୀ । ସରକାରୀ ସ୍ତରରେ ଆଉରି ସକ୍ରିୟତା ଓ ସହୃଦୟତାର ଆବଶ୍ୟକତା ଅଛି । ଆଗ୍ରହୀ ଇତିହାସ, ସଂସ୍କୃତି, ଭାଷା ଓ କାରୁକାର୍ଯ୍ୟ ପ୍ରେମୀ ଦର୍ଶକଙ୍କୁ ଅନୁରୋଧ ଥରେ ବୁଲି ଆସନ୍ତୁ ଏପୀଠକୁ ଓ ଉପଭୋଗ କରନ୍ତୁ ମନଭରି ।

କବି ଲେଖକଙ୍କ ପାଇଁ ଉନ୍ମାଦନା ଆଣେ ପଥର ଚଟାଣ ରାଣୀପୁର ଝରିଆଲ୍‌ର । ବିଶେଷତଃ ପୂର୍ଣ୍ଣିମା ରାତିରେ ଯାର ମଜା ନିଆରା । ପାଖରେ ଥିବା ପୋଖରୀରେ ବୋଟିଂର ମଧ୍ୟ ସୁବିଧା ଅଛି ।

**ବ୍ରାହ୍ମଣପଡ଼ା, ବଲାଙ୍ଗୀର-୧,**
**ଫୋନ : ୯୪୩୭୧୨୪୧୮୭**

ଏଇ ମୋର ଗାଁ



# ରାମେଶ୍ୱରପୁରର ରମଣୀୟତା





# ଭିଜା ଭିଜା ସ୍ମୃତି



**ଶୈଳବାଳା ମହାପାତ୍ର**

ଇନ୍ଦ୍ରଦ୍ୟୁମ୍ନ ଛକ, ପୁରୀ, ଫୋନ୍ : ୭୦୦୮୫୮୬୫୦୧

ଫଟୋ ସୌଜନ୍ୟ : ଲେଖିକା

**ପୁରୀ ଠୁ ମାତ୍ର ଅଠତିରିଶ କି ଚାଳିଶି କି.ମି. ଦୂରରେ ଆମ ଗାଁ । ରାମେଶ୍ୱରପୁର । ଥାନା ବ୍ରହ୍ମଗିରି । ଭାୟା ସୁନାମୁହଁ । ଅରଖକୁଦା ଠୁଁ ଅଳ୍ପ ଦୂର । କିନ୍ତୁ ସେତେବେଳେ ତାହା ଏକ ଅନ୍ଧାରି ମୂଳକ ।**

ଗୋଟେ ଅଧାଭଙ୍ଗା ପଥର ପିଣ୍ଡା । ପିଣ୍ଡା ତଳକୁ ବଳଦ ବନ୍ଧା କାଠର ଖୁଣ୍ଟି ଦୁଇଟା । ସେଇ ଖୁଣ୍ଟି ଦୁଇଟା ମଝିରେ ଠିଆ ହୋଇଥାଉ- ମୁଁ ଓ ପଦିଆ । ମୋ ପିଇସୀ ପୁଅ ଭାଇ । ଦୁହେଁ ସମାନ ବୟସର । ସେ ମୋ ଠୁଁ ମାତ୍ର ଚାରି ପାଞ୍ଚ ମାସ ବଡ଼ । ସେତେବେଳକୁ ଆମ ବୟସ ବୋଧହୁଏ ନଅ ହେବ କି କ'ଣ । ମୁଁ ଚତୁର୍ଥରେ ପଢୁଥାଏ । ମାର୍ଗଶୀରର କଅଁଳ ଶୀତ । ମୋ ଦେହରେ ଥାଏ ଗୋଟେ ଛୋଟ ସ୍କାର୍ଫ । ପଦିଆ ଦେହ ଫୁଙ୍ଗୁଳା । ଗାମୁଛାଟେ ଘୋଡ଼ି ହେଇଥାଏ କି କ'ଣ । କୁଙ୍କୁରି ହଉଥାଏ । ତା' ମୁହଁରେ ଥାଏ କିନ୍ତୁ ଗୋଟେ ନିର୍ମଳ ନିରୀହ ହସ ।

ସେଦିନ ମହେଶ୍ୱର ବଡ଼ପା'ଙ୍କ ଅଧାଭଙ୍ଗା ପଥର ପିଣ୍ଡା ତଳେ ଠିଆ ହୋଇ କ'ଣ ଗପିଥିଲୁ ଆମେ ଭାଇଭଉଣୀ, ମନେନାଇଁ । ଖାଲି ମନେ ଅଛି ମୁଁ କହିଲି, "ପ୍ରଦୀପ, ତୁ ଭଲ କ'ଣ ଗୋଟେ ଘୋଡ଼େଇ ହଉନୁ ! ତୋର ଏତେ କାଛୁ କେମିତି ହେଲା କିରେ ?" ମୁଁ ତାକୁ ପ୍ରଦୀପ ଡାକେ । ସେ କହିଥିଲା, "ହେକ୍, ତମେ ସବୁ ସହରିଆ ନା । ସହରିଆଙ୍କ ଭଳି ଚଳିବ । ଆମର ଚାଦର ଦରକାର ନାଇଁ ।" ତଥାପି ଦେହ ତା'ର କୁଙ୍କୁରି କାଙ୍କୁରି ହେଇ ଯାଉଥିଲା । ଆଉ ସେ ହସୁଥିଲା ।

ବୋଉ ମତେ ଡାକିଦେଲା । କାରଣ ତା' ଦେହର କାଛୁ କାଳେ ମତେ ଡେଇଁଯିବ ! ପଦିଆକୁ ମୁଁ କିନ୍ତୁ ବହୁତ ଭଲ ପାଉଥିଲି ।

ମାଣବସା ସାରି ଆମେ ଫେରି ଆସିଥିଲୁ ପୁରୀ । ଅଳ୍ପଦିନ ପରେ ଖବର ପହଞ୍ଚିଲା ପଦିଆ ଆଉ ନାହିଁ । ସେଦିନ ମୁଁ କାନ୍ଦି ନଥିଲି । ମରଣ କ'ଣ ମତେ ଜଣା ନଥିଲା ।

ତା'ପରେ ବର୍ଷ ପରେ ବର୍ଷ ବିତି ଯାଇଛି । ପଦିଆ ଦେଖା ମିଳିନି । ଧିରେ ଧିରେ ମୁଁ ବି ଜାଣିଗଲି ସେ ଆଉ ମିଳିବନି । ମୋ ଛାତି ଭିତରେ କ'ଣ ଗୋଟେ ଶୂନ୍ୟ ହୋଇଗଲା ପରି ଲାଗେ । ରୁନ୍ଧି ହୋଇଯାଏ କୋହ ।

ସେ ପଥର ପିଣ୍ଡା ସେମିତି ଥିବା ପର୍ଯ୍ୟନ୍ତ ମୁଁ ସେଠି ଆଉ କେବେ ଛିଡ଼ା ହେଇନି । ପିଣ୍ଡାକୁ ଚାହିଁଦେଲେ ତା ନିରୀହ ମୁହଁ ନିରୀହ ହସ ମତେ ଦିଶିଯାଏ । କୁଆଡ଼େ ମାଟିରେ ମିଶି ଯିବଣି ସେ ! ତା' କଥା ମନେ ପଡ଼ିଲେ ଏବେ ବି ଲୁହରେ ଅନ୍ଧ ହୋଇଯାଏ ମୁଁ ।

କାହିଁକି କେଜାଣି ଗାଁ କଥା ମନେ ପଡ଼ିଲେ, ମନେ ପଡ଼ନ୍ତି କେତେ ମୁହଁ । କେତେ ଜେଜେବାପା, ଜେଜିମାଆ, ଦାଦା, ପିଇସୀ, ଭଉଣୀମାନେ । କେତେ କିଏ ମରିହଜି ଗଲେଣି । ଗାଁ କଥା ମନେ ପଡ଼ିଲେ ପଛଦିନ କଥାସବୁ ମନେ



ପଡ଼ିଯାଏ । ମନ ପଡ଼ିଗଲେ ଲୁହ ଆଉ ଆଖିରେ ରହେନି ।

ପୁରୀ ଠୁ ମାତ୍ର ଅଠତିରିଶ କି ଚାଳିଶି କି.ମି. ଦୂରରେ ଆମ ଗାଁ । ରାମେଶ୍ୱରପୁର । ଥାନା ବ୍ରହ୍ମଗିରି । ଭାୟା ସୁନାମୁହଁ । ଅରଖକୁଦା ଠୁଁ ଅଳ୍ପ ଦୂର । କିନ୍ତୁ ସେତେବେଳେ ତାହା ଏକ ଅନ୍ଧାରି ମୂଳକ ।

ପ୍ରତି ମାଣବସାରେ ବୋଉ ଗାଁକୁ ଯାଏ । ଆମେ ବି କୋଉ କୋଉ ବର୍ଷ ଯାଉ । କିନ୍ତୁ ପ୍ରତି ଖରାଛୁଟିରେ ଗାଁକୁ ଯିବାଟା ନିଶ୍ଚିତ । ପୁରା ଦେଢ଼ମାସ ରହିକି ଆସୁ ଗାଁରେ । କେବେ କେବେ ରଜ ସେଇଠି ପାଳୁ ।

ଗାଁରେ ଆମ ବଂଶର ଘର ପ୍ରଥମରୁ । ମଝିରେ ବାଡ଼ । କିନ୍ତୁ ଗୋଟେ ଦାଣ୍ଡରେ ଲମ୍ବିଥାଏ । ପ୍ରଥମରୁ ବଡ଼ ବଡ଼ପା'ଙ୍କ ଘର । ମୋ ପିଲାଦିନୁ ସେ ସେଠା ଛାଡ଼ି ଆର ମୁଣ୍ଡେ ଛାତ ଘର କରି ରହିଥିଲେ । ତେଣୁ ମୋ ପିଲାଦିନୁ ଆମ ଘର ହିଁ ଗାଁର ପ୍ରଥମରୁ ।

ସେଇ ଚତୁର୍ଥ କି ପଞ୍ଚମ ପଢ଼ିବା ବେଳେ ଆମର ମଝି ତିନି ବଖରା ଘର ଛାତ ପଡ଼ିଲା । ଗାଁର ପ୍ରଥମ ଛାତ ଆମର । ବଡ଼ ବଡ଼ପା' ତାପରେ କରିଥିଲେ । କିନ୍ତୁ ପଛପଟ ରୋଷେଇ, ଅଗଣା, ଆଗ ଦାଣ୍ଡଘରଟି ସେମିତି ପୁରୁଣା ଅବସ୍ଥାରେ ଥାଏ । ସେଇ ପୁରୁଣା ଘର, ସେ ଘରର ଭଙ୍ଗା ଦୁଆରେ ମୁଁ ଓ ପଦିଆ କେନ୍ଦୁଅ ଠାରେ 'ଚକ', 'କଳ', 'ଅଖ'ର ଲେଖା ଓ ଚିତ୍ର ପ୍ରଥମ ଶ୍ରେଣୀ ବହିରୁ କାଟି ଲଗେଇଥିଲୁ । ମୁଁ କଲେଜ୍‌ରେ ପଢ଼ିବା ଯାଏଁ ସେ ଚିତ୍ର ସେମିତି ଥିଲା । ସେମିତି ସତେଜ ଥିଲା ପଦିଆର ସ୍ମୃତି !

ବଡ଼ପା'ଙ୍କ ଘର ଭାଙ୍ଗିରୁଜି ଡିହ ହେଇ ସାରିଥିଲା । ତା ପାଖକୁ ଆମର 'ବରକୋଳି ବାରି' । ବାଡ଼ିକୁ ଗାଁରେ 'ବାରି' ବୋଲି ଏବେ ମଧ୍ୟ କହନ୍ତି । ବରକୋଳି ବାରିକୁ ଲାଗି 'ଭୀମେଶ୍ୱର'ଙ୍କ ମନ୍ଦିର । ମନ୍ଦିରଟି କେବଳ ଥାଏ । ଏବେ ସେଠାରେ ଚଉତରା ଗେଟ୍ କେତେ କ'ଣ ହେଇଗଲାଣି । ମନ୍ଦିରର ଡାହାଣ ପଟକୁ ମାନେ ଦକ୍ଷିଣକୁ ରାସ୍ତା ଓ ତାପରେ ସ୍କୁଲ୍ । ଭୀମେଶ୍ୱର ନୋଡ଼ାଲ ଉ.ପ୍ରା. ବିଦ୍ୟାଳୟ । ସେଦିନର ଦୁଇ ବଖୁରିଆ ଚାଳଘର ସ୍କୁଲ ଆଜି ସର୍ବଶିକ୍ଷା ଅନୁଦାନରେ କୋଠାଘର ! ମୁଁ ସେ ସ୍କୁଲ୍‌ରେ ପଢ଼ିନି । ଜେଜେ ମତେ ନେଇ ସେଠି ବସେଇ ଦେଇ ଆସନ୍ତି ବୋଲି ଶୁଣିଛି । ମୁଁ ତ ତିନିବର୍ଷ ବୟସରୁ ପୁରୀରେ ! ତଥାପି ସେ ପୁରୁଣା ଘର ଥିବା



ଯାଏଁ ସ୍କୁଲ୍ ହତା ମାଡ଼ିଲେ ଇ ଗୋଟେ ମିଠା ମହକ ମତେ ଆବୋରି ଯାଏ ।

ସେଇ ସ୍କୁଲ୍ ଘରେ ଯାତ୍ରାପାର୍ଟି ଆସି ରହୁଥିଲେ । ବୈଶାଖ ମାସ ମୋହିନୀ ଏକାଦଶୀ ଠୁ ବୋଧେ ମେଳା ହୁଏ । ଯାତ୍ରାପାର୍ଟି ଆସନ୍ତି । କୀର୍ତ୍ତନ ହୁଏ । ଦିଅଁ ଗାଁ ବୁଲନ୍ତି । କେତେ କ'ଣ । ନଥିଲା ଡିସ୍‌କୋ ନାଚ ବା ଡିଜେ । ନଥିଲା ମାଇକ୍ । ନଥିଲା ବିଜୁଳିବତୀ । ସେଇ ପେଟ୍ରୋମାକ୍ସ ଲାଇଟ୍‌ରେ ଯାତ୍ରା, ଆଖଡ଼ା, ଧୁଡୁକି ନାଚ, ଗୋଟିପୁଅ ନାଚ ଇତ୍ୟାଦିର ନିରାଡ଼ମ୍ବର ଅନୁଭବ ଟିକକ ମନରେ ଛାପି ହେଇ ଯାଇଛି; ତା' କେବେ ଲିଭିବାର ନୁହେଁ ।

ଆମ ଗାଁର ଏଇ ବୈଶାଖ ମାସ ମେଳାରେ ହେଉଥିବା ଯାତ ଓ ପୁରୀରେ ଆମେ ଭଡ଼ା ଥିବା ବେଳେ ମାର୍କଣ୍ଡେଶ୍ୱର ସାହିର ରାମଲୀଳା ମୋ ମନରେ କଳା ଓ ଅଭିନୟ ପ୍ରତି ଗୋଟେ ମୋହ ଆଣି ଦେଇଥିଲା ।

କଳା ଓ କବିତା ପ୍ରତି ଏଇ ମୋହର ମୂଳଦୁଆ ପକେଇଛି ମୋ ଗାଁ ରାମେଶ୍ୱରପୁର । ଗୋଟେ ପଟେ ସମୁଦ୍ର । ଗୋଟେ ପଟେ ଚିଲିକା । ବାକିତକ ଘଞ୍ଚ ଜଙ୍ଗଲ । ତାରି ମଝିରେ ମୋ ଗାଁ । ପିଲାଦିନେ ଶୁଣିଛି ଜେଜେ କହନ୍ତି ଗାଁକୁ କାଳେ ରାତି ହେଲେ ବାଘ ଗଡ଼ି ଆସନ୍ତି । ଝାଉଁ, ଜଝାଙ୍ଗ, ପୋଲାଙ୍ଗ, କଇଁଆ, ଆମ୍ବ, ପଣସ, ନିମ, ଲଙ୍କା ଆମ୍ବ, ପଟାସ, ଆକାଶୀ, କଇଁଥ, କେନ୍ଦୁ, ଜାମୁକୋଳି, ଖଜୁରୀ କୋଳି ଏଇମିତି କେତେ ଗଛରେ ପରିପୂର୍ଣ୍ଣ ମୋ ଗାଆଁ ଜଙ୍ଗଲ । ଗାଆଁର ତୋଟା, ବାଡ଼ି, ନନ୍ଦିଆଖାଲ ପୋଖରୀ, ସକାଳ, ସଂଜ, ଖରାବେଳ ସବୁ ସ୍ମୃତିମୟ । ସେଇ ସ୍ମୃତି ସେଇ ପରିବେଶ ପ୍ରକୃତିର ସେଇ ମଧୁର ଅନୁଭବ ମୋତେ କବିତା ପାଇଁ ଆକୁଳିତ କରିଛି ।

ଆମ ଗାଁ ସ୍କୁଲ୍ ଘରକୁ ଲାଗି କଇଁଆ ଗଛମୂଳେ ବୁଢ଼ୀମାଆ ଅଛନ୍ତି । ବୋଉ କହେ ସେ କାଳେ ମୋ ଦେହରେ ଥରେ ଲାଗିଥିଲେ ଯେ ମୁଁ ଖାଲି ଅଳତା ସିନ୍ଦୁର ମାଗିଲି । ଭୀମେଶ୍ୱରଙ୍କ ସାମ୍ନା ବରଗଛ ମୂଳେ ଚଉତରାଟିଏ ଏବେ କରା ହୋଇଛି । ତା'ପାଖ ବରଗଛ ମୂଳେ ହରଚଣ୍ଡୀ ଅଛନ୍ତି । ଏବେ ହରଚଣ୍ଡୀଙ୍କ ପାଇଁ ଛୋଟ ମନ୍ଦିରଟିଏ କରାହୋଇଛି ।

କାହିଁ କୋଉ ଯୁଗରୁ ସ୍ଥାପିତ ଏଇ ସିନ୍ଦୁରବୋଳା ପଥର ଖଣ୍ଡମାନ ମୋ ଗାଆଁର ଅନନ୍ତ ବିଶ୍ୱାସର ପ୍ରତୀକ !

ଗାଆଁରେ ବାହାଘର ଭୋଜି ଖାଇଛି । ମେଳାର ଚୁଡ଼ାଘଷା କ୍ଷିରୀ ଖାଇଛି । କିନ୍ତୁ ଜନ୍ତାଳ ବେଳକୁ ମୁଁ କେତେବେଳେ ବି ଗାଆଁରେ ନାହିଁ । ଭାବିଛି ଏଇଥର ଜନ୍ତାଳରେ ମୁଁ ବି ମଉଜ କରିବି । କିଏ ଜାଣେ କେତେବେଳେ ମରିଯିବି !

ଭୋଜି ଭାତ ହେଲେ ଏବେ ବି ଆମେ ଗାଁ ଦାଣ୍ଡରେ ଦୁଇପଟେ ଧାଡ଼ି ହୋଇ ବସି ଖାଉ । ସବୁ ତ ଲିଭି ଗଲାଣି । ଏଇ ପଂକ୍ତି ଭୋଜନର ଧାରା ଟିକକ ହେଲେ ଅବ୍ୟାହତ ଥାଉ ।

ଗାଁ ମଝିରେ ଥିଲା 'ଭଗତ ଘର' (ଭାଗବତ ଘର) । ନିତି ସଂଜରେ ସେଠି ଭାଗବତ ସହିତ ରାମାୟଣ ମଧ୍ୟ ପାଠ ହେଉଥିଲା । ଏବେ ଗାଁ ମଝିର ସେଇ 'ଭଗତ ଘର' ଆଉ ନାହିଁ । ସରକାରୀ ପଇସାରେ କୋଠାଘର ତିଆରି ହୋଇଛି । ସେଇଠି ଗୋଟେ ଛୋଟ ଚାଳଘରେ (ଏବେ କ'ଣ ହୋଇଛି କହି ପାରିବିନି) ଭାଗବତ ଅବଶ୍ୟ ବୋଲା ହେଉଥିଲା । ମୋ ବାପା ତାଙ୍କ ସମୟରେ ଭଗତ ଘରେ ରାମାୟଣ ଗାୟନ କରି ଶୁଣାଉଥିଲେ ।

ଖରାଛୁଟିରେ ଗାଁକୁ ଗଲେ ନନ୍ଦିଆଖାଲ ବୁଡ଼ା, ଖରାବେଳ ତୋଟା ବୁଲା, ଆମ୍ବ କଇଁଥ କଇଁଆ ଚଟଣି, ଅପାମାନଙ୍କ ସହ ଭୋଜି ରନ୍ଧା...ଆଃ ! ଅଭୁଲା ସେ ଦିନସବୁ । ଅଭୁଲା ସେ କାନ୍ଦଣା ଶିଖା । ଅଭୁଲା ସଂଜବେଳେ ଚଉରା ଉପରେ ବସି ଗିନିଅପା ସହ କଥାବାର୍ତ୍ତା !

କୁଆଡ଼େ ହଜିଗଲା ମୋ ଗିନି ଅପା– ମୋ ପିଇସୀ । ମାତ୍ର ଅଠର ବର୍ଷ ବୟସରେ ତା ସ୍ୱପ୍ନ ଝୁଲି ପଡ଼ିଲା ବାଡ଼ିପଟର ଗୋଟେ ଏତେସରୁ ନହକା ଡାଳରେ !

ମୋ ବାପା ଓ ବିଚିଅପା ଦୁଇ ଭାଇଭଉଣୀ । ଆଉ ସମସ୍ତେ ଥିଲେ ଆମ କୁଟୁମ୍ବର ଦାଦା, ପିଇସୀ ଇତ୍ୟାଦି । କିନ୍ତୁ ସେତେବେଳର ସେଇ ଆତ୍ମୀୟତା ଆଉ କାହିଁ ? ଗିନିଅପା, ରମାଅପା, ବିବିଅପା, ବିଚି ଅପାମାନେ ମୋ କଲମ ଦେଇ ଓହ୍ଲେଇ



ଆସିଛନ୍ତି ବିଭିନ୍ନ ସମୟରେ । ସତ କହିବାକୁ ଗଲେ ମୋ ଗାଁ ହିଁ ମୋ କବିତାର ମୂଳାଧାର ।

ଆମ ଗାଁ ରାମେଶ୍ୱରପୁରର ଉଭୟ ପୌରାଣିକ ତଥା ଐତିହାସିକ ପ୍ରସିଦ୍ଧି ରହିଛି ଯଦିଓ ଏହା ପ୍ରଥମରୁ ଏକ ଅନ୍ଧାରୀ ମୂଳକ ଭାବେ ପରିଚିତ । ତେବେ ଏଇ ଅନ୍ଧାରୀ ମୂଳକରେ ହିଁ ପଞ୍ଚୁ ପାଣ୍ଡବ ଅଜ୍ଞାତବାସ କରିଥିଲେ । ପ୍ରଥମରୁ କହିଛି ମୋ ଗାଁ ଜଙ୍ଗଲ ପରିବେଷ୍ଟିତ ଏକ ଅଞ୍ଚଳ । ସେଇ ଜଙ୍ଗଲ ଭିତରେ ଏବେବି ପୂଜା ପାଉଛନ୍ତି ସହଦେବ, ପଞ୍ଚୁ ପାଣ୍ଡବଙ୍କ ଅନ୍ୟତମ ଭାଇ !

ଆମ ଗାଁର ଇଷ୍ଟଦେବ ଭୀମେଶ୍ୱରଙ୍କ ସମ୍ପର୍କରେ ମଧ୍ୟ କିମ୍ବଦନ୍ତୀଟିଏ ଅଛି । ଜଙ୍ଗଲର ବାଲୁପ୍ରାନ୍ତର ଘେରା ଏଇ ଅଞ୍ଚଳରେ ଗାଁର କାଳିଗାଈଟିଏ ସବୁଦିନ ଏକ ଉଇହୁଙ୍କା ଉପରେ କ୍ଷୀର ଦେଇ ଆସେ । ଘରେ ଆଉ କ୍ଷୀର ଦିଏ ନାହିଁ । ତେଣୁ ଘର ମାଲିକ ଦିନେ ଲୁଚି ଲୁଚି ଯାଇ ହୁଙ୍କା ଉପରେ କ୍ଷୀର ଦେବା କଥା ଦେଖିଲେ ଏବଂ ହୁଙ୍କାକୁ ଅଳ୍ପ ଆଡ଼େଇବା ପରେ ଶିବଲିଙ୍ଗର କିଛି ଅଂଶ ଦେଖାଗଲା । ତେଣୁ ସେଇଠାରେ ଲୋକମାନେ ପଥର ଘେର କରି ରଖିଲେ ଏବଂ ପରବର୍ତ୍ତୀ ସମୟରେ ଏକ ଛୋଟ ମନ୍ଦିରଟିଏ ତିଆରି କଲେ । ଏବେ ତାହା ସୁନ୍ଦର ଏକ ମନ୍ଦିରରେ ପରିଣତ ହୋଇଛି । ଅନେକ ଆଗେ ଆମ ଗାଁରେ ଏକ କୁମୁଟି ଦମ୍ପତି ବାସ କରୁଥିଲେ । ସେମାନଙ୍କର ସନ୍ତାନସନ୍ତତି ନଥିଲେ । କାଳକ୍ରମେ ପୁରୁଷ ଜଣକ ମରି ଯାଇଥିଲେ । ବିଧବା ସ୍ତ୍ରୀ ଲୋକ ଜଣକ ଅପତ୍ୟ ସ୍ନେହର ବଶବର୍ତ୍ତୀ ହୋଇ ଭୀମେଶ୍ୱରଙ୍କୁ ପୁଅ ଭାବରେ ଦେଖିବାକୁ ଲାଗିଲା । ଭୀମେଶ୍ୱରଙ୍କୁ ଖାଇବାକୁ ଦେଲେ ଯାଇ ନିଜେ ବୁଢ଼ୀ ଖାଏ । ଏଇମିତି କିଛିଦିନ ପରେ ବୁଢ଼ୀ ଭୀମେଶ୍ୱରଙ୍କୁ ତା'ର ତିନିବାଟି ଦଶମାଣ ଜମି ସମର୍ପଣ /ଦତ୍ତପତ୍ର କରିଦେଲା । ସେହି ଜମିର ଅର୍ଜନରେ ଏବେ ଠାକୁରଙ୍କ ସମସ୍ତ ଖର୍ଚ୍ଚ ସମାପନ ହୁଏ ।

ଗାଁ ମଝିରେ ଥିବା 'ଭଗତ ଘର' କଥା କହିଛି । ଗାଁ ଦାଣ୍ଡ ଚଉଡ଼ା କରିବା ପାଇଁ 'ଭଗତ ଘର' ଭଙ୍ଗା ହେଇଗଲା । ତେବେ ଯେଉଁ ଛୋଟ ଚାଳ ଘରଟି ଏବେ 'ଭଗତ ଘର' ନାମରେ ପରିଚିତ ଏବଂ ଯେଉଁଠାରେ ଏବେ ପ୍ରତିଦିନ ଭାଗବତ ବୋଲାଯାଏ ତାହା ସେହି ଭୀମେଶ୍ୱରଙ୍କୁ ପୁଅ କରିଥିବା ବୁଢ଼ୀର ଜାଗା । କେତେ ପୁଣ୍ୟବତୀ ସେ ନାରୀ ହେଇଥିବ; ଯାହାର କଷ୍ଟାର୍ଜିତ ଜମି ଉପରେ ପୁରୁଷ ପୁରୁଷ ଧରି ଭାଗବତ ପାରାୟଣ ହେଇ ଚାଲିଛି !


ରମେଶ ଦାଦାଙ୍କୁ ଆମ ଗାଁ ଠାକୁର ଠାକୁରାଣୀଙ୍କର କିଛି ଅଲୌକିକ କାହାଣୀ ଅଛି କି ବୋଲି ପଚାରିଥିଲି । ସେ ମତେ କହିଥିଲେ, "ମାଆରେ ! ଆମର ଇଷ୍ଟଦେବ ଭୀମେଶ୍ୱର ଏବଂ ଇଷ୍ଟଦେବୀ ହରଚଣ୍ଡୀ । ତାଙ୍କରି ଆଶୀର୍ବାଦର ଛତ୍ର ଛାୟା ତଳେ ତ ଏ ଗାଁର ଜୀବନ ! ଆମର ବାପା ହେଲେ ଭୀମେଶ୍ୱର ମାଆ ହେଲେ ହରଚଣ୍ଡୀ । ତାଙ୍କରି ଆରାଧନା କରି ଆମେ ଦିନ ଆରମ୍ଭ କରୁ । ଆତ୍ମତୃପ୍ତି ପାଇଁ ତାଙ୍କର ନାମ ନେଇଥାଉ । ଆମ ଗାଁକୁ ଘଣ୍ଟ ଘୋଡ଼େଇ ରଖିଛନ୍ତି । ଏଇ ତାଙ୍କର ଅଲୌକିକତା !"

ସତକଥା । ମୋ ଜାଣିବା ଠାରୁ କେତେ କେତେ ଝଡ଼ ବତାସ ବନ୍ୟା ବିପତ୍ତି ହେଲାଣି । ସମୁଦ୍ର ଠାରୁ ମାତ୍ର ଦେଢ଼ କିଲୋମିଟର ଦୂର ମୋ ଗାଁ କିନ୍ତୁ ସେଇମିତି ଅକ୍ଷତ ଅନାହତ !

ସମୁଦ୍ର କଥାରୁ ମନେପଡୁଛି କାଞ୍ଚି ଅଭିଯାନ କଥା । ପ୍ରଥମଥର କାଞ୍ଚିଯୁଦ୍ଧରେ ପରାଜୟ ଲାଭ କରି ପୁରୁଷୋତ୍ତମ ଯେତେବେଳେ ଦ୍ୱିତୀୟବାର ଯୁଦ୍ଧ ପ୍ରସ୍ତୁତି କରିଥିଲେ; କଳାଧଳା ଘୋଡ଼ାରେ ଚଢ଼ି ପ୍ରଭୁ ଜଗନ୍ନାଥ ବଳଭଦ୍ର ମୋ ଗାଁ ସମୁଦ୍ର କୂଳ ଦେଇ କାଞ୍ଚି ଅଭିଯାନ କରିଥିଲେ । ରାସ୍ତାରେ ଶୋଷ କଲା । ମାଣିକ ଗଉଡୁଣୀ ଠୁ ଦହି ଖାଇ ପଇସା ଅଭାବରେ ହାତର 'ମୁଦି' ଦେଇ ଯାଇଥିଲେ । ରାଜା ପୁରୁଷୋତ୍ତମ ସେହି ଜାଗାର ନାମ ରଖିଦେଲେ 'ଦହିଖିଆ'- ଯାହା ମୋ ଗାଁର ଅନ୍ୟ ଏକ ପରିଚୟ । ମାଣିକ ଗଉଡୁଣୀ ନାମରେ ଆମ ଗାଁ ପ୍ରଗଣାର ନାମ 'ମାଣିକପାଟଣା' ପ୍ରଗଣା । ପିଲାଦିନେ ଶୁଣିଛି ଜେଜେ ବାହାର ଲୋକଙ୍କୁ ଆମ ଗାଁ ନାଁ ମାଣିକ ପାଟଣା କହନ୍ତି । କହନ୍ତି: "ରାମେଶ୍ୱରପୁର କହିଲେ ସେ ଜାଣି ପାରିବେନି ତ ସେଇଥିପାଇଁ ମାଣିକପାଟଣା କହିଲି ।"

ବଡ଼ ହେଲା ପରେ ମାଣିକପାଟଣା ନାଁର ଐତିହାସିକ ସଙ୍ଗତି କଥା ଅବଗତ ହୋଇଥିଲି । ଆମ ଗାଁ ଠୁ ଏକ/ଦେଢ଼ କିଲୋମିଟର ଦୂରରେ ମାଣିକ ପାଟଣା ଗାଁ ରହିଛି ଏବଂ ମାଣିକ ଗଉଡୁଣୀର ସ୍ମୃତିମାନ 'ଭାବକୁଣ୍ଡଳେଶ୍ୱର'ଙ୍କ ନିକଟବର୍ତ୍ତୀ ଆସ୍ଥାନରେ ରହିଛି ।

ରାମଚନ୍ଦ୍ର ନିଜର ବନବାସ ସମୟରେ ପ୍ରତିଦିନ ବାଲିରେ ଶିବଲିଙ୍ଗ କରି ପୂଜା କରୁଥିଲେ । ସମୁଦ୍ର କୂଳ ପର୍ଯ୍ୟନ୍ତ ଆସିବା ପାଇଁ ତାଙ୍କୁ ଏକ ଛୋଟ ନଦୀ ପାର୍ ହେବାକୁ ପଡ଼ିଥିଲା । ସେଇଠାରେ ପ୍ରଥମଦିନ ସେ ଯେଉଁ ଲିଙ୍ଗ ସ୍ଥାପନା କରିଥିଲେ ତାହା 'ପାଳେଶ୍ୱର' ନାମରେ ଏବେ ବି ପୂଜିତ । ଦ୍ୱିତୀୟ ଦିନ ଯେଉଁ ଲିଙ୍ଗ ସ୍ଥାପନା କରିଥିଲେ ସେଠାରେ ଭାବରେ ଅଭିଭୂତ ହୋଇ ନିଜର କୁଣ୍ଡଳ ରଖି ଆସିଥିଲେ । ସେହି ସ୍ଥାନ 'ଭାବ କୁଣ୍ଡଳେଶ୍ୱର' ନାମରେ ଚର୍ଚ୍ଚିତ । ଯେଉଁଠାରେ ସେ ନଦୀଟି ପାର୍ ହୋଇଥିଲେ ତାହା 'ରାମଘାଟ' ନାମରେ ପରିଚିତ, ସେହିଠାରେ ନଦୀ ଓ ସମୁଦ୍ର ମିଳିତ ହୋଇଛନ୍ତି । ପ୍ରତିବର୍ଷ ଯେଉଁ ଭାବକୁଣ୍ଡଳେଶ୍ୱର ବୁଡ଼ ହୁଏ ତାହା ବାରୁଣୀ ସ୍ନାନ ନାମରେ ପ୍ରସିଦ୍ଧ ଏବଂ ସେହି ଯାତ୍ରାକୁ ବାରୁଣୀ ଯାତ୍ରା କହନ୍ତି । ଏବେ ବି ଲୋକେ କୁହନ୍ତି ଯେ ବାରୁଣୀ ବୁଡ଼ ସମୟରେ ମାତ୍ର ଦଶ ପନ୍ଦର ମିନିଟ୍ ପାଇଁ



ରାମଘାଟର ପାଣି ଅତି ମଧୁର (ମିଠା) ହୋଇଯାଏ ।

ଭାବ କୁଣ୍ଡଳେଶ୍ୱରଙ୍କ ବାରୁଣୀ ଯାତ୍ରାରେ ବାଇଶି ଖଣ୍ଡ ଗାଁରୁ ଠାକୁର ଯାଇ ଜମା ହୁଅନ୍ତି । ଆମ ଗାଁ 'ଭୀମେଶ୍ୱର' ମଧ୍ୟ ଚଉଦୋଳରେ ବସି ବାରୁଣୀ ଯାତ୍ରାକୁ ଯାଇଥାନ୍ତି ।

ଆମ ଗାଁ ଦୋଳଯାତରେ ବି ସାତଖଣ୍ଡ ଗାଁରୁ ଠାକୁର ଆସି 'ଭୀମେଶ୍ୱର'ଙ୍କ ପ୍ରାଙ୍ଗଣରେ ଜମା ହୁଅନ୍ତି । ସେମାନଙ୍କ ଭିତରୁ ସେବକପୁରରୁ 'ଗୋପୀନାଥେ', ପିରିଜିପୁରରୁ 'ଚୈତନ୍ୟଦେବ', ସିଏରାରୁ'ରାଧାମାଧବ', ଭଗବାନପୁରର 'ନୀଳକଣ୍ଠେଶ୍ୱର', ପଣସପଦାରୁ 'ବୃନ୍ଦାବନ ଦେବ', ଗୋରାପୁରରୁ 'ତୃତୀୟାଦେବ' ଏବଂ ନିଜେ 'ଭୀମେଶ୍ୱର' । ଆମ ଗାଁର ଏଇ ଦୋଳ ମେଳଣରେ 'ହରି' ଏବଂ 'ହର'ଙ୍କର ଏକ ପବିତ୍ର ଅନନ୍ୟ ସମ୍ମେଳନ ହୁଏ ।

ଭୀମେଶ୍ୱରଙ୍କ ଜାଗର ମେଳଣ ମଧ୍ୟ ଖୁବ୍ ସମାରୋହରେ ପାଳିତ ହୁଏ । ବହୁ ପୂର୍ବରୁ ଜାଗର ବେଳେ କେବଳ 'ମହାଦୀପ' ଉଠୁଥିଲା । ଏବେ ୨୦୦୫ ମସିହାରୁ ଜାଗର ସମୟରେ ଭୀମେଶ୍ୱରଙ୍କ ପାଖରେ ଏକ ବିରାଟ ହୋମ ଯଜ୍ଞ ଗାଁ ଲୋକେ କରନ୍ତି ।

ହରଚଣ୍ଡୀଙ୍କ ପାଖେ ମହାଷ୍ଟମୀ ଯନ୍ତାଳ ରୀତିନୀତି ପୂର୍ବକ ହୋଇଥାଏ । ଚୈତ୍ରମାସ ଯନ୍ତାଳ ମଧ୍ୟ ମନ ମଉଜିଆ ପରିବେଶରେ ଅତି ସୁନ୍ଦର ଭାବେ ହୋଇଥାଏ ବୋଲି ବୋଉ କହୁଥିଲା । ବୋଉ ମୁହଁରୁ ଦିନେ 'ଚାଚିରି ଭୋଗ' କଥା ଶୁଣି ଏଇଟା ପୁଣି କ'ଣ ବୋଲି ପଚାରିଥିଲି । ବୋଉ କହିଥିଲା, "ଆମ ଗାଁ ଦୋଳ ଭୋଗକୁ 'ଚାଚିରି ଭୋଗ' ବୋଲି କହନ୍ତି ।"

ବୋଉ 'କୁମ୍ଭଓଷା' ଓ 'ଧାନଗଛ ଓଷା' କଥା କହେ । ମୁଁ ଆମ ଗାଁର ବୁଧେଇ ଓଷା ଓ ଖୁଦରକୁଣୀ ଓଷାବ୍ରତ କଥା ଦେଖିଛି । ସେତେବେଳେ ସାରା ଗାଁର ଝିଅମାନେ ଏକାଠି ଗୋଟିଏ ଜାଗାରେ; ତାହା ପୁଣି ଆମ ବଂଶର 'ସଭାଘରେ' ପାଳନ କରନ୍ତି । ସାରା ଗାଁର ଝିଅମାନେ ଆମେ ସେଠି ଏକାଠି ହୋଇଥାଉ । ବହୁତ ଭଲ ଲାଗୁଥିଲା ସେଦିନ ସବୁ । ଏବେ ଗାଁର ଦୁଇପଟେ ଦୁଇ ଜାଗାରେ ଏଇ ଓଷା ପାଳନ ହେଉଛି । ଖୁଦରକୁଣୀଙ୍କ ମୂର୍ତ୍ତିକୁ ଶେଷ ପାଳି ପରେ ବିସର୍ଜନ କରି ସେଇଆଡୁ ଧାନଗଛ





ଉପାଡ଼ି ଆଣିଥାନ୍ତି ଝିଅମାନେ । ଆଶ୍ୱିନ ମାସରେ ଧାନଗଛ ଓଷା ପାଳନ୍ତି । ଧାନଗଛ ଓଷା ଓ କୁମ୍ଭଓଷା ବା ନେତ ଓଷାର ଗୀତଗୁଡ଼ିକ ଖୁବ୍ ମଧୁର । କୁମ୍ଭଓଷାରେ ଝିଅମାନେ ଏଇ ମନଲୋଭା ଗୀତଗୁଡ଼ିକ ଗାୟନ କରି ଚଉରା ଚାରିପଟେ ବୁଲିଥାନ୍ତି । ବେତରେ ନାଲି ସାଲୁକନା ଗୁଡ଼ା ହୋଇଥାଏ । ପ୍ରତିବର୍ଷର ଗୋଟିଏ ଗୋଟିଏ ବେତ ବନ୍ଧା ହୋଇ ତାହା ଏକ ବିରାଟ ଗଣ୍ଡିରେ ପରିଣତ ହୁଏ । ଏଇ କୁମ୍ଭ ଓଷାକୁ ଗାଁରେ କେହି କେହି ଘଡ଼ି ପୂଜା ବୋଲି କହନ୍ତି । କାରଣ 'ଘଡ଼ି' ବା କଳସରେ ପାଣି ଭରି ଝିଅମାନେ ଆଣିଥାନ୍ତି ଓ ପୂଜା କରନ୍ତି ।

ମୋ ଗାଆଁର 'କୁମାର ପୂର୍ଣ୍ଣିମା' ଅପୂର୍ବ । 'ରଜ' ତ ଆହୁରି ଆକର୍ଷଣୀୟ । ନୂଆମାନଙ୍କର ମଉଜ ଗାଆଁରେ ଏବଂ ବାପା ଦାଦା ଭାଇମାନଙ୍କର ମଉଜ ସମୁଦ୍ର କୂଳରେ ବାଲିବନ୍ତ ଉପରେ ଆସ୍ଥାନିତ ମାଆ ହରଚଣ୍ଡୀଙ୍କ ପୀଠରେ । ବ୍ରହ୍ମଗିରି ଗଲା ବେଳେ କାଠୁଆରେଡି ଛକ ପାଖରୁ ବାମପଟକୁ ଯିବାକୁ ପଡ଼େ- ହରଚଣ୍ଡୀଙ୍କ ପୀଠକୁ । ସେଇଠି ହୁଏ ରଜ ମଉଜ । ତେର ମୌଜାର ଲୋକ ଯାଆନ୍ତି । ଆମ ଗାଁର 'ଛାପା' (ତମ୍ବୁଘର) ମଧ୍ୟ ଯାଏ । ପଞ୍ଚୁ ପାଣ୍ଡବଙ୍କ ଅଜ୍ଞାତବାସ ସମୟରୁ ଦ୍ରୌପଦୀ ସେଠାରେ ଅଛନ୍ତି ବୋଲି ଲୋକମୁଖରେ ଶୁଣାଯାଏ ।

ମୋ ଗାଆଁର ମୁଁ ପ୍ରଥମ ଗ୍ରାଜୁଏଟ୍ । ଦ୍ୱିତୀୟ ଗ୍ରାଜୁଏଟ୍ ବଡ଼ ବଡ଼ପା'ଙ୍କ ସାନ ପୁଅ ପର୍ଣ୍ଣିମା । ସେ ଏବେ ପିଏନ୍‌ବିରେ ବହୁତ ବଡ଼ ପୋଷ୍ଟରେ । ତା'ପରକୁ ତା'ପରକୁ ଅନେକ ଗ୍ରାଜୁଏଟ୍ ବାହାରିଲେଣି । କିନ୍ତୁ ଗାଁ ଆମ ଦୁହିଁଙ୍କୁ ହିଁ ମନେ ରଖିଛି ।

ସମୟ ବହି ଚାଲିଛି । ଗାଆଁର ଧୂଳିଆ ରାସ୍ତା ପିଚୁ ସଡ଼କ ହେଇଗଲାଣି । ଚାଳଘର କଦବା କୋଉଠି ଗୋଟେ ଅଛି । ଚଉରା ପୋତି ହୋଇ ଆସିଲାଣି । ମହେଶ୍ୱର ବଡ଼ ପା'ଙ୍କ ଅଧାଭଙ୍ଗା ପଥର ପିଣ୍ଡା ସିମେଣ୍ଟ ପିଣ୍ଡାରେ ପରିଣତ ହେଇସାରିଛି ।

ଗାଁକୁ ଗଲେ ମୁଁ କିନ୍ତୁ ଖୋଜୁଛି ସେଇ ଅଧା ଭଙ୍ଗା ପଥର ପିଣ୍ଡା । ପଦିଆ । ତା'ର ନିରୀହ ହସ ଟିକକକୁ... ।

# ଦକ୍ଷିଣ ଓଡ଼ିଶାର ଚାରୁ

**ଦକ୍ଷିଣ ଓଡ଼ିଶାର ପାରମ୍ପରିକ ଚାରୁ-ଚହ୍ଲା-ଚଟଣିର ଆଦର ସମଗ୍ର ରାଜ୍ୟରେ ରହିଆସିଛି । ଏଥିରୁ ତିନି ପ୍ରକାର ପୃଥକ ଚାରୁର ଚର୍ଚ୍ଚା 'ରେବତୀ' ପାଇଁ ବାଢ଼ି ଦିଅନ୍ତି ମୀନା ସାଇଁ ।**

ଲେଖିକା ମୀନା ସାଇଁ





## ଟମାଟୋ ଚାରୁ

**ଆବଶ୍ୟକୀୟ ସାମଗ୍ରୀ:** ତିନିଟା ମଧ୍ୟମ ଆକାରର ଟମାଟୋ, ପତଳା ଗୋଲଗୋଲ କଟା ଗୋଟିଏ ମୂଳା, କଞ୍ଚାଲଙ୍କା ।


**ମସଲା :** ଫୁଟଣ ପାଇଁ ସୋରିଶ, ଜୀରା, ମେଥି, ପାନ ମହୁରୀ, ଶୁଖିଲା ଲଙ୍କା, ଭୃଷଙ୍ଗ ପତ୍ର, ହେଙ୍ଗୁ, ଲୁଣ, ହଳଦୀ, ଚିନି ଗୋଟେ ଚାମଚ, ଲୁଣ ଆବଶ୍ୟକୀୟ ମୁତାବକ, ୧/୪ ଚା ଚାମଚ ଦର ରଗଡ଼ା ସୋରିଶ ।

**ପ୍ରସ୍ତୁତ ପ୍ରଣାଳୀ :** କଡ଼େଇରେ କଟା ଟମାଟୋ, ମୂଳା, କଞ୍ଚାଲଙ୍କା, ଦୁଇକପ୍ ପାଣି, ଲୁଣ, ହଳଦୀ ମିଶାଇ ସିଝାନ୍ତୁ । ଟମାଟୋ ମିଳାଇ ଆସିଲେ ଓ ପରିବା ସିଝିଗଲେ ୧/୪ଚାମଚ ଦର ରଗଡ଼ା ସୋରିଷ ଗୁଣ୍ଡ ପକାଇ ଦୁଇ ମିନିଟ୍ ଫୁଟାନ୍ତୁ ଗୋଟେ ଚାମଚ ଚିନି ପକାନ୍ତୁ ଓ ଓହ୍ଲାଇ ଦିଅନ୍ତୁ ।

କଡ଼େଇରେ ଗୋଟେ ଚାମଚ ତେଲ ପକାଇ, ହେଙ୍ଗୁ, ସୋରିଶ, ଜୀରା, ମେଥି, ପାନମହୁରୀ, ଶୁଖିଲା ଲଙ୍କା, ଦରଛେଦା ରସୁଣ, ଭୃଷଙ୍ଗ ପତ୍ର ପକାଇ ଛୁଙ୍କ କରନ୍ତୁ ଓ ଟମାଟୋ ରସ ଉପରେ ଅଜାଡ଼ି ଦିଅନ୍ତୁ । ବର୍ତ୍ତମାନ ସରୁସରୁ କଟଶ ମୂଳା, ଧନିଆପତ୍ରରେ ସଜାଇ ଭାତ ସହ ପରଷନ୍ତୁ ।

ଅବିଭକ୍ତ କୋରାପୁଟ ଜିଲ୍ଲା, ଆନ୍ଧ୍ରପ୍ରଦେଶର ସୀମାନ୍ତକୁ ଲାଗିରହିଛି । ତେଣୁ ଏଠାକାର ଖାଦ୍ୟ ପଦାର୍ଥ ଉପରେ ଆନ୍ଧ୍ରପ୍ରଦେଶର ଖାଦ୍ୟର ଅନେକଟା ପ୍ରଭାବ ଦେଖାଯାଏ । ସେଗୁଡ଼ିକ ମଧ୍ୟରୁ ପ୍ରତ୍ୟେକ ଦିନ ଭାତ ସହିତ ଗୋଳେଇ ଖାଇବାରେ ବ୍ୟବହୃତ ହେଉଥିବା ଚାରୁ ଅଧିକ ଜନପ୍ରିୟ । ଚାରୁ ଜନପ୍ରିୟ ହେବା ପଛରେ ମୁଖ୍ୟ ଦୁଇଟି କାରଣ ହୋଇପାରେ । ପ୍ରଥମତଃ ବହୁତ କମ୍ ଖର୍ଚ୍ଚରେ ପ୍ରସ୍ତୁତ ହେଉଥିବା ଏହା ଡାଲିର ଏକ ବିକଳ୍ପ । ଦ୍ୱିତୀୟତଃ ଏଥିରେ ଖଟା, ମିଠା, ରାଗ ସବୁ ସ୍ୱାଦ ଏକାଠି ଥାଏ ଓ ଏହାର ବାସ୍ନା ଏତେ ତୀବ୍ର ଓ ଲୋଭନୀୟ ଯେ ଖାଇବାର ଆଗ୍ରହକୁ ବହୁଗୁଣିତ କରିଥାଏ । ତେଣୁ ଖାଦ୍ୟ ହଜମ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏଲ । ବିଭିନ୍ନ ଖଟା ଫଳରୁ ଚାରୁ ପ୍ରସ୍ତୁତ କରାଯାଇଥାଏ ।

• ଘରେ ତିଆରି •



## ଦହି ଚାରୁ :

କପ୍ ଦହି, ପତଳା ଗୋଲ୍ ଗୋଲ କଟା ହୋଇଥିବା ଗୋଟିଏ ଭେଣ୍ଡି, ଲମ୍ବା ସରୁ ଫିତା ଭଳି କଟା ହୋଇଥିବା (ଆଠ/ଦଶଟି ଫିତା) ଗାଜର, କଞ୍ଚା ଲଙ୍କା, ଫୁଟଣ, ଶୁଖିଲା ଲଙ୍କା, ଭୃଷଙ୍ଗ ପତ୍ର, ଦର ଛେଚା ରସୁଣ ଛଅ କୋଲା ।

**ପ୍ରସ୍ତୁତ ପ୍ରଣାଳୀ :** ଭେଣ୍ଡି ଓ ଗାଜରକୁ ନନ୍ଷ୍ଟିକ ତାୱାରେ ଲୁଣ ଓ ଦୁଇଟୋପା ତେଲରେ ଗୋଟିଏ ମିନିଟ୍ ପାଇଁ ଭାଜି ନିଅନ୍ତୁ । ଗୋଟିଏ ପାତ୍ରରେ ଗୋଟେ କପ୍ ଦହି ଓ ଦୁଇକପ୍ ପାଣି ସହ ଆବଶ୍ୟକ ମୁତାବକ ଲୁଣ ମିଶାଇ ରଖନ୍ତୁ । ସେଥିରେ ଭଜା ଭେଣ୍ଡି ଓ ଗାଜରକୁ ମିଶାନ୍ତୁ ।

ଫୁଟଣ ଫୁଟେଇ ସେଥିରେ, ଶୁଖିଲା ଲଙ୍କା, କଞ୍ଚା ଲଙ୍କା ଦର ଛେଚା ରସୁଣ, ଭୃଷଙ୍ଗ ପତ୍ର ପକାଇ ଭାଜି ଦହି ଉପରେ ଢାଳି ଦିଅନ୍ତୁ । ସରୁ କଟା ଗାଜର ଓ ଡେମ୍ଫଥିବା ଭୃଷଙ୍ଗ ପତ୍ରରେ ସଜାଇ ଭାତ ସହ ପରଷନ୍ତୁ ।

## ତେନ୍ତୁଳି ଚାରୁ


**ଆବଶ୍ୟକୀୟ ସାମଗ୍ରୀ:** ଗୋଟିଏ ବାଟି ଆକାରର ମଞ୍ଜିଛଡ଼ା ତେନ୍ତୁଳି, ଦୁଇଟି ଭେଣ୍ଡି, ଫାଳେ ମୂଳା, ଗୋଟେ ସଜନା ଛୁଇଁ, ଦେଢ଼ ଚାମଚ ଚିନି, ଆବଶ୍ୟକ ମୁତାବକ ଲୁଣ, ହଳଦୀ ।

**ଆବଶ୍ୟକ ମସଲା :** ସୋରିଶ, ଜୀରା, ମେଥି, ପାନମହି ଫୁଟଣ ଘାଇଁ । ଦରଛେଚା ରସୁଣ ଛଅକୋଲା, ଭୃଷଙ୍ଗ ପତ୍ର, କଞ୍ଚା ଲଙ୍କା, ଶୁଖିଲା ଲଙ୍କା, ଦରରଗଡ଼ା ସୋରିଷ ଗୁଣ୍ଡ, ୧/୪ ଚାମଚ, ଟିପେ ହେଙ୍ଗୁ ।

ପ୍ରସ୍ତୁତ ପ୍ରଣାଳୀ- ଗୋଟେ କପ୍ ଉଷୁମ୍ ପାଣିରେ ତେନ୍ତୁଳିକୁ ପାଞ୍ଚମିନିଟ୍ ବତୁରାଇ, ଚକଟି ତାର ରସ ବାହାର କରି ନିଅନ୍ତୁ । ସେହି ରସରେ ଅ । ଉ ଦୁଇ କପ୍ ପାଣି ମିଶାଇ ଚୁଲିରେ କଡ଼େଇ ବସାନ୍ତୁ । ସେଥିରେ ହଳଦୀ ଗୁଣ୍ଡ, ଲୁଣ, ବଡ଼ବଡ଼ କଟା ଭେଣ୍ଡି, ପତଳା ଗୋଲଗୋଲ କଟା ହୋଇଥିବ । ମୂଳା, କଟା ସଜନା ଛୁଇଁ, ଲୁଣ ଓ ଲମ୍ବା କଟା ହୋଇଥିବା କଞ୍ଚାଲଙ୍କା ପକାଇ ସିଝାନ୍ତୁ । ପରିବା ସିଟି ଆସିଲା ବେଳକୁ ଦର ରଗଡ଼ା ସୋରିଷ ଗୁଣ୍ଡ ୧/୪ ଚା ଚାମଚ ପକାଇ ଆଉ ଟିକେ ସିଝାନ୍ତୁ । ଦେଢ଼ ଚାମଚ ଚିନି ମିଶାନ୍ତୁ ।

ଛୁଙ୍କ ପାଇଁ କଡ଼େଇରେ ଗୋଟେ ଚାମଚ ତେଲ ଦେଇ ହେଙ୍ଗୁ ଓ ଫୁଟଣ ପକାନ୍ତୁ । ଫୁଟଣ ଫୁଟିଗଲେ ଦରଛେଚା ରସୁଣ କୋଲା, ଶୁଖିଲା ଲଙ୍କା, ଭୃଷଙ୍ଗ ପତ୍ର ପକାନ୍ତୁ । ସାଙ୍ଗେ ସାଙ୍ଗେ ଛୁଙ୍କକୁ ଫୁଟା ତେନ୍ତୁଳିରସ ଉପରେ ଢାଳନ୍ତୁ । ଚାରୁ ପ୍ରସ୍ତୁତ ହୋଇଗଲା । ବର୍ତ୍ତମାନ ଲମ୍ବା କଟା କଞ୍ଚାଲଙ୍କାରେ ସଜାଇ ଗଭୀର ଗିନାରେ ପରଷନ୍ତୁ ଗରମ୍ ଗରମ୍ ଭାତ ସହ । ଏହି ପଦ୍ଧତିରେ କଞ୍ଚା କୟାଁରୁ ମଧ୍ୟ ଚାରୁ ପ୍ରସ୍ତୁତ କରାଯାଇପାରେ । କିନ୍ତୁ କଞ୍ଚା କୟାଁରୁ ରସ ବାହାର କରିବା ପାଇଁ ତାକୁ ସିଝାଇ, ଚକଟିବାକୁ ପଡ଼େ ।

ଆମ୍ବୁଲକୁ ସିଧାସଳଖ ଉପରୋକ୍ତ ପରିବା ସହ ସିଝାଇ ଛୁଙ୍କ ଦେଇ ଆମ୍ବୁଲ ଚାରୁ ମଧ୍ୟ ପ୍ରସ୍ତୁତ କରାଯାଇପାରେ ।



କୋରାପୁଟ, ଫୋନ : ୭୯୭୮୩୬୫୦୩୧

# ସରୋଜିନୀଙ୍କ ସ୍ୱାସ୍ଥ୍ୟଶାଳା

**ଶରୀର ହେଉଛି ନାନାଦି ରୋଗର ଘର । ଶରୀର ଅଛି ମାନେ ରୋଗ ଆସିବ । କିନ୍ତୁ ଉପଯୁକ୍ତ ସଚେତନତା ଏବଂ ଉଚିତ୍ ସମୟରେ ଡାକ୍ତରୀ ପରାମର୍ଶ ଓ ଚିକିତ୍ସା, ଏଥିରୁ ଆମକୁ ନିରାମୟତା ଆଡ଼କୁ ଘେନିଯାଏ । ସୁଖ୍ୟାତ ଚିକିତ୍ସାବିଜ୍ଞାନୀ ଡାକ୍ତର ସରୋଜିନୀ ଷଡ଼ଙ୍ଗୀ 'ରେବତୀ' ପାଇଁ ତାର ସ୍ୱାସ୍ଥ୍ୟଶାଳାରେ ପରଷିଦିଅନ୍ତି ନାରୀ ରୋଗର ବିବିଧ ଉପଚାର ।**



ଡାକ୍ତର ସରୋଜିନୀ ଷଡ଼ଙ୍ଗୀ

# ଗର୍ଭବତୀ ନାରୀର ସୌନ୍ଦର୍ଯ୍ୟ




**ଡାକ୍ତର ସରୋଜିନୀ ଷଡ଼ଙ୍ଗୀ**

ସ୍ତ୍ରୀରୋଗ ଓ ପ୍ରସୂତି ବିଶେଷଜ୍ଞା
ଲିଙ୍କ୍ ରୋଡ୍, କଟକ - ୧୨
ଫୋନ : ୯୪୩୭୦୫୫୦୦୭


ଫଟୋ ସୌଜନ୍ୟ : ଲେଖିକା

ମାତୃତ୍ୱ ନାରୀଟିକୁ ଏକ ସୁକୋମଳ ସୌନ୍ଦର୍ଯ୍ୟରେ ସୌନ୍ଦର୍ଯ୍ୟମୟୀ କରିଦିଏ । ଗର୍ଭଧାରଣ କରିବା ମାତ୍ରେ ଏକ ଅପୂର୍ବ ତେଜ ଓ ଲାବଣ୍ୟରେ ତା'ର ଅଙ୍ଗ ପ୍ରତ୍ୟଙ୍ଗ ଉଜ୍ଜ୍ୱଳ ହୋଇଯାଏ ଏବଂ କିଛି ମାସ ଭିତରେ ନାରୀର ଆବରଣ ଖୋଲି ପ୍ରଜାପତି ଭଳି ମା'ଟିଏ ଏ' ଧରାରେ ଜନ୍ମ ନେଇଥାଏ ।

ତେବେ ମୁହଁର ଏ' ଉଜ୍ଜ୍ୱଳତା, ଚର୍ମର ଏ ଚିକ୍କଣତା ତଥା ଦେହର ଏ ଅଖଣ୍ଡ ଲାବଣ୍ୟର ରହସ୍ୟ କଣ ? କେଉଁଠୁ ଆରମ୍ଭ ହୁଏ ଏ ଅଖଣ୍ଡ ଆଭାର ଉତ୍ସ ? ଏହା ହେଉଛି ଗର୍ଭାବସ୍ଥାରେ ଝରୁଥିବା କରିତ୍‌କର୍ମା ହର୍‌ମୋନ୍ ଇଷ୍ଟ୍ରୋଜେନ୍ ଓ ପ୍ରୋଜେଷ୍ଟେରୋନ୍‌ର କରାମତି । ତେବେ ଚନ୍ଦ୍ରମାରେ କଳଙ୍କ ଭଳି ଗର୍ଭାବସ୍ଥାରେ ମଧ୍ୟ ଗର୍ଭବତୀ ନାରୀଙ୍କର ଚର୍ମରେ କେତେଗୁଡିଏ ପରିବର୍ତ୍ତନ ହୋଇଥାଏ । ସେଗୁଡିକ କଣ, କିପରି ହୋଇଥାଏ ଏବଂ କେଉଁ ଉପାୟରେ ତାର ଚିକିତ୍ସା କରାଯାଇପାରିବ ଏହା ଜାଣିବା ପ୍ରତ୍ୟେକ ନାରୀ ପାଇଁ ଜରୁରୀ । କାରଣ ଠିକ୍ ସମୟରେ ତାର ଯତ୍ନ ନନେଲେ ଏ'ଦାଗ ପ୍ରସବ ପରେ ମଧ୍ୟ ରହିଯାଏ ଏବଂ ସୌନ୍ଦର୍ଯ୍ୟକୁ ମଳିନ କରିଦିଏ । ଆମ ଦେଶରେ ଅନେକେ ପ୍ରସବ ପରେ ନବଜାତ ଶିଶୁଟିର ଯତ୍ନ ନେଉ ନେଉ ନିଜ ଦେହ କଥା ଭୁଲିଯାନ୍ତି । ସେମାନେ ଭାବନ୍ତି ଶିଶୁଟିଏ ଜନ୍ମ ହେବା ପରେ ମା'ଟିର ଲାଳିତ୍ୟମୟ ଜୀବନ ବୋଧେ ଶେଷ ହୋଇଗଲା । ବିଶେଷକରି ସେମାନେ ନିଜକୁ ହିଁ ଅବହେଳା କରିଥାନ୍ତି । ତେଣୁ ଗର୍ଭବତୀ ନାରୀଟିଏ ନିଜ ଗର୍ଭସ୍ଥ ଶିଶୁ ସହ ନିଜ ଶରୀରର ତଥା ନିଜ ସୌନ୍ଦର୍ଯ୍ୟର ମଧ୍ୟ ଉପଯୁକ୍ତ ଯତ୍ନ ନେବା ଜରୁରୀ ।

ସୌନ୍ଦର୍ଯ୍ୟ ବେଳେବେଳେ ଜଣକୁ ଯେ ଆକର୍ଷଣୀୟ କରି ଗଢିତୋଳେ ତାହା ନୁହେଁ, ନିଜ ବେଶ, ପୋଷାକ ତଥା କେଶବିନ୍ୟାସ ଏବଂ ପରିପାଟୀରେ ଠିକ୍ ରହିଲେ ଏହା ଅଶେଷ ଆତ୍ମବିଶ୍ୱାସ ମଧ୍ୟ ଆଣି ଦେଇଥାଏ । ନିଜ ଘରେ ତଥା କାର୍ଯ୍ୟ କ୍ଷେତ୍ରରେ ମଧ କର୍ମଦକ୍ଷତା ବଢାଇ ଦେଇଥାଏ । ବିଶେଷକରି ଭାରତବର୍ଷ ତଥା ଓଡ଼ିଶାରେ ବହୁନାରୀ ଖୁବ୍ କମ୍ ବୟସରେ ଗର୍ଭଧାରଣ କରିଥାନ୍ତି । ୨୦୦୯ ମସିହା ସୁଦ୍ଧା ମିଳିଥିବା ତଥ୍ୟ ଅନୁଯାୟୀ ବିହାରରେ ଶତକଡା ୩୮ ରୁ ୪୦ ଭାଗ ୧୮ ବର୍ଷରୁ କମ୍ ବୟସର କିଶୋରୀମାନେ ଗର୍ଭଧାରଣ କରିଥାନ୍ତି । ୟୁନିସେଫ୍ ତଥ୍ୟ ଅନୁଯାୟୀ ଓଡ଼ିଶାର ସମସ୍ତ ଗର୍ଭବତୀ ମହିଳାଙ୍କ ମଧ୍ୟରୁ ଶତକଡା ୧୪ଭାଗ ମହିଳାଙ୍କ ବୟସ ୧୫-୧୯ ବର୍ଷ ମଧ୍ୟରେ । ଏତେ ଅଳ୍ପ ବୟସର କିଶୋରୀମାନେ ମା' ହେବାପରେ ନିଜକୁ ବିଶେଷ ଭାବେ ଅବହେଳା କରିଥାନ୍ତି ଏବଂ ଖୁବ୍ ଶୀଘ୍ର ବାର୍ଦ୍ଧକ୍ୟର ଶିକାର ହୋଇଥାନ୍ତି । ତେଣୁ ଗର୍ଭବତୀ ମହିଳାମାନେ ନିଜ ଶରୀରର ଯତ୍ନ ନେବା ଉଚିତ୍ ।



ଗର୍ଭଧାରଣ କରିବା ସମୟରେ ନିଜ ଚର୍ମର ଯତ୍ନ ନେବା ଖୁବ୍ ଜରୁରୀ, ବିଶେଷ ଭାବେ ମୁହଁ ଓ ଦେହର ଯତ୍ନନେବା ଆବଶ୍ୟକ । ନିଜ ଚର୍ମରେ ଲାଗିଥିବା ଧୂଳି ମଳି ତଥା ମୃତ ଚର୍ମକୁ ପ୍ରତିଦିନ ଘସି ସଫା କରିବା ଉଚିତ୍ (ଏକ୍‌ସଫୋଲିଏସନ୍) କାରଣ ତୈଳଯୁକ୍ତ ଚର୍ମରେ ହିଁ ବ୍ରଣ ହୋଇଥାଏ । ଉଜ୍ଜ୍ୱଳ ଚର୍ମ ଉପଯୁକ୍ତ ଖାଦ୍ୟ ଓ ନିୟମିତ ପରିଷ୍କାର, ପରିଚ୍ଛନ୍ନତା ଉପରେ ନିର୍ଭର କରିଥାଏ ।

**ଡାଏଟ୍**

ସନ୍ତୁଳିତ ସୁଷମ ଖାଦ୍ୟ, ତଟକା ଫଳ ଓ ପନିପରିବା ଖାଇବା ଭଲ । ଏହାଛଡା ଗଜାମୁଗ, ଗଜାବୁଟ ଖାଇଲେ ଏହା ଫ୍ରିରାଡିକାଲ୍ କମାଇ ଆଣ୍ଟି ଅକ୍ସିଡେଣ୍ଟ ଭଳି

କାମ ଦେଇଥାଏ । ଗର୍ଭାବସ୍ଥାରେ ଚା’ ଓ କଫି ପିଇବା ମନା । ଅତିରିକ୍ତ ଚା’ ଓ କଫି ପିଇଲେ ଦେହରୁ ଜଳୀୟବାଷ୍ପ କମିଯାଏ ଏବଂ କଫି ପିଇଲେ ଗର୍ଭସ୍ଥ ଶିଶୁର ବିକଳାଙ୍ଗତା ହୋଇଥାଏ । ଏହାଛଡା ଗର୍ଭାବସ୍ଥାରେ ଧୂମପାନ ଦେହର ଚର୍ମକୁ ନଷ୍ଟ କରି ଦେଇଥାଏ ଏବଂ ଶିଶୁ ପାଇଁ ମଧ କ୍ଷତିକାରକ ହୋଇଥାଏ ଗର୍ଭସ୍ଥ ଶିଶୁ ବଢ଼ି ପାରିନଥାଏ, ଏହା ଦେହରୁ ଭିଟାମିନ୍ ‘ସି’ ଅଂଶ ନଷ୍ଟ କରିଦିଏ ଏବଂ ମା’ର ଶରୀରରୁ ଅମ୍ଳଜାନ କମାଇଦିଏ । କେବଳ ସକ୍ରିୟ ଧୂମପାନ ନୁହେଁ, ନିଷ୍କ୍ରିୟ ଧୂମପାନ ମଧ୍ୟ ଏହିଭଳି ଅସୁବିଧା କରିଥାଏ । ଗର୍ଭାବସ୍ଥାରେ ଅନ୍ତଃସ୍ରାବୀ ରସର ଅସନ୍ତୁଳନ ହେଲେ ତଥା କମ୍ ପାଣି ପିଇଲେ ଦେହ ଶୁଖିଲା ହୋଇଯାଏ । ଚର୍ମ ଶୁଖିଯାଇ ଦେହ ଧଳା ହୋଇଯାଏ । ତେଣୁ ଗର୍ଭାବସ୍ଥାରେ ବେଶୀ ପାଣି ପିଇବା ଜରୁରୀ । ଏହା ଛଡ଼ା ଗାଧୋଇବା ବେଳେ ସାବୁନ୍ ବ୍ୟବହାର କଲେ ଚର୍ମ ଶୁଖିଲା ହୋଇଯାଏ । ତେଣୁ ଗାଧୋଇବା ଆଗରୁ ତେଲ ମାଲିସ୍ କରିବା ଏବଂ ଗାଧୋଇଲା ପରେ ମଏଶ୍ଚରାଇଜର୍ ଲଗାଇବା ଉଚିତ୍ ।

ହରମୋନ୍‌ର ଅସନ୍ତୁଳନ ଯୋଗୁଁ ଗର୍ଭାବସ୍ଥାରେ ଦୁଇଟିଯାକ ସ୍ତନ ଫୁଲିଯାଇ ଦରଜ ହୋଇଯାଏ ଏବଂ ସ୍ତନ ତଳେ ନୀଳ ନୀଳ ଶୀରା ଦେଖାଯାଏ । ଏଥିରେ ନିପଲ୍‌ର ଚାରିପଟେ କଳାଦାଗ ହୋଇଯାଏ (ପ୍ରାଇମେରୀ ଏରିଓଲା ଓ ସେକେଣ୍ଡାରୀ ଏରିଓଲା) । ତେଣୁ ଗାଧୋଇ ସାରିବା ପରେ ସ୍ତନକୁ ଭଲ କ୍ରିମ୍ ଓ ଭଲ ମଏଶ୍ଚରାଇଜର୍‌ରେ ମାଲିସ୍ କରି ଭଲ ଅନ୍ତର୍ବସ୍ତ୍ର ପିନ୍ଧିବା ଭଲ ।

**କେଶର ଯତ୍ନ**

ଗର୍ଭାବସ୍ଥାରେ ହରମୋନ୍‌ର କ୍ଷରଣ ଯୋଗୁଁ ବହୁ ଗର୍ଭବତୀ ନାରୀଙ୍କର ଘନକୃଷ୍ଣ ଓ ଚିକ୍ ଚିକ୍ କେଶ ହୋଇଯାଏ । ତେବେ କେତେକଙ୍କର କେଶ ତେଲିଆ ହୋଇ ଉପୁଡି ଯାଏ । ତେଣୁ ପ୍ରତ୍ୟେକ ୨-୭ ମାସ ମଧ୍ୟରେ କେଶକୁ ଟ୍ରିମିଂ କରିବା ଉଚିତ୍ । ଗର୍ଭାବସ୍ଥାରେ ହେୟାର୍ ଡାଏ ବା କଲର୍ କରିବା ଉଚିତ୍ ନୁହେଁ କାରଣ କଲର୍ ଡାଏର୍ କେମିକାଲ୍ ଦେହ ଭିତରକୁ ଯାଇ ମା’ ଓ ଶିଶୁ ଉଭୟଙ୍କର କ୍ଷତି କରିଥାଏ । ତେଣୁ ନିୟମିତ ତେଲ ମାଲିସ୍ ସହ କେଶକୁ ସଫା ରଖିଲେ ଗର୍ଭାବସ୍ଥାରେ କେଶ ଉପୁଡେ ନାହିଁ ।

**ପାଦର ଯତ୍ନ**

ଗର୍ଭାବସ୍ଥାରେ ଜଳୀୟ ଅଂଶ ବଢିଯିବାରୁ ପାଦ ଫୁଲିଯାଏ । ଏହାକୁ ଇଡିମା କୁହାଯାଏ । ଏହା ସାଧାରଣତଃ ୫୦ ଭାଗ ନାରୀଙ୍କ କ୍ଷେତ୍ରରେ ଦେଖାଦେଇଥାଏ । କିନ୍ତୁ ଗର୍ଭାବସ୍ଥାରେ ରକ୍ତଚାପ ବଢିଗଲେ, ବେଳେବେଳେ ପାଦ ବେଶୀ ଫୁଲିଯାଏ ଏବଂ କଷ୍ଟ ହୁଏ । ସେ କ୍ଷେତ୍ରରେ ପାଦକୁ ଟେକି ରଖି ବିଶ୍ରାମ ନେବା ଉଚିତ୍ । ଏହିଭଳି ଦିନରେ ୪-୫ଥର ଗୋଡକୁ ଅଧଘଣ୍ଟା ଯାଏଁ ଟେକିରଖି ବିଶ୍ରାମ ନେବା ଉଚିତ୍ । ବହୁ ସମୟ ପାଦ ଉପରେ ଚାପରଖି ଠିଆ ହେବା ଉଚିତ୍ ନୁହେଁ । ପାଦରେ ତେଲ ମାଲିସ୍ କରି ଉଷୁମ୍ ପାଣିରେ କିଛି ଲୁଣ ମିଶାଇ ଗୋଡ ବୁଡାଇ ରଖିଲେ ଆରାମ ଦାୟକ ହୋଇଥାଏ । ଏହାଛଡା ହାଇହିଲ୍ ନ ପିନ୍ଧି ଆରାମଦାୟକ ଜୋତା ପିନ୍ଧିବା ଭଲ ।

**ଷ୍ଟ୍ରାୟା ଗ୍ରାଭିଡ଼ୋରମ୍**

ଏଥିପାଇଁ ଗର୍ଭାବସ୍ଥାରେ ନିଜ ଓଜନକୁ ସନ୍ତୁଳିତ କରି ରଖିବା ଉଚିତ୍ । ଗର୍ଭାବସ୍ଥାର ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟରେ ବର୍ଦ୍ଧନଶୀଳ ଶିଶୁ ଓ ଗର୍ଭାଶୟର ଆକାର ବୃଦ୍ଧି ପାଉଥିବାରୁ ତଳିପେଟର ଚର୍ମ ବିସ୍ତାରିତ ହୋଇ ଫାଟିଯାଏ । ଚମ ତଳେ ଥିବା କ୍ଷୁଦ୍ର ଧମନୀ ମଧ୍ୟ ପ୍ରସାରିତ ହୋଇ ଫାଟିଯାଏ, ତେଣୁ ଗର୍ଭବତୀ ନାରୀମାନଙ୍କର ତଳିପେଟରେ ଅନେକ ଗୁଡ଼ିଏ ଦାଗ ହୋଇଯାଏ । ପ୍ରଥମ ଗର୍ଭା ନାରୀମାନଙ୍କର ତଳିପେଟରେ ଗୋଲାପି ଦାଗ ଓ ବହୁ ଗର୍ଭାମାନଙ୍କର ତଳିପେଟରେ ଓ ପେଟର ପାର୍ଶ୍ୱଦେଶରେ ଧଳାଦାଗ ଦେଖାଯାଏ । ଏହାକୁ ଷ୍ଟ୍ରାୟାଗ୍ରାଭିଡ଼ୋରମ୍ କୁହାଯାଏ । ବେଳେବେଳେ ଏହି ଷ୍ଟ୍ରେଚ୍‌ମାର୍କ ହାତ, ଗୋଡ ଓ ଜଙ୍ଘରେ ମଧ୍ୟ ଦେଖାଯାଇଥାଏ । ଚର୍ମର ଏହି ପ୍ରସାରିତ ପକ୍ରିୟା ଗର୍ଭଧାରଣର ୩ ମାସରୁ ଆରମ୍ଭ ହୋଇଥାଏ । ତେଣୁ ଗର୍ଭବତୀ ନାରୀମାନେ ଏହିଦାଗ ଆରମ୍ଭ ହେବା ପୂର୍ବରୁ ପ୍ରାୟ ୩ ମାସ ବେଳୁ ଅଲିଭ୍ ଅଏଲ୍ ଲଗାଇଲେ ଚର୍ମରେ ଏତେ ଦାଗ ହୁଏ ନାହିଁ । ଏହାଛଡ଼ା ବଜାରରେ ମଧ୍ୟ ଅନେକ କ୍ରୀମ୍ ମିଳୁଛି । ଅଲିଭ୍ ଅଏଲ୍ ବା ଭିଟାମିନ୍ ‘ଇ’ ଅଏଲ୍ କ୍ରୀମ୍ ସକାଳେ ଗାଧୋଇ ସାରି ଥରେ ଏବଂ ରାତିରେ ଶୋଇବା ବେଳକୁ ଥରେ ଲଗାଇଲେ



Linea-Nigra

ଏହି ଦାଗ କମ୍ ହୁଏ । ପ୍ରସବ ପରେ କେତେକଙ୍କର ଅନେକ ଦିନ ଯାଏ ଏ’ ଦାଗ ରହିଯାଏ । ଜଣଜଣଙ୍କର ଅନେକ ବର୍ଷଯାଏଁ ଏ ଦାଗ ସ୍ପଷ୍ଟ ହୋଇ ରହିଥାଏ, ତେଣୁ ପ୍ରସବପରେ ମଧ୍ୟ କ୍ରୀମ୍ ଲଗାଇଲେ, ଆସ୍ତେ ଆସ୍ତେ ଏ ଦାଗ ମଳିନ ପଡ଼ିଯାଏ ଓ ଲିଭିଯାଏ ।

**ଲିନିଆ ନାଏଗ୍ରା**

ଗର୍ଭାବସ୍ଥାରେ ଗର୍ଭବତୀ ନାରୀର ପେଟ ଉପରେ ଗୋଟିଏ ଲମ୍ୱା କଳାଗାର ଦେଖାଯାଏ । ଏହା ତଳିପେଟରୁ ଛାତି ପର୍ଯ୍ୟନ୍ତ ଲମ୍ୱିଥାଏ । ପ୍ରସବ ପରେ ପରେ



Chloasma

ଆସ୍ତେ ଆସ୍ତେ ଅସ୍ପଷ୍ଟ ହୋଇଯାଏ ।

**କଳାତିଳ ଚିହ୍ନ**

ହରମୋନ୍ ପ୍ରଭାବରୁ ମୁହଁରେ ଓ ଦେହରେ ଅନେକ ଗୁଡ଼ିଏ କଳା ଓ ନାଲି ତିଳଚିହ୍ନ ଦେଖା ଦିଏ । ପ୍ରସବ ପରେ ଏହା ଆସ୍ତେ ଆସ୍ତ ଲିଭିଯାଏ ।

## କ୍ଲୋଆଜ୍‌ମା

ହରମୋନ୍ ପ୍ରଭାବରୁ ଗର୍ଭବତୀ ନାରୀର ଗାଲ ଓ ନାକ ତଥା ଦେହର ଅନ୍ୟ କେତେକ ସ୍ଥାନରେ କଳାଚିହ୍ନ ଦେଖାଯାଏ, ଏହାକୁ କ୍ଲୋଆଜ୍‌ମା କୁହାଯାଏ । ପ୍ରସବ ପରେ ମଧ୍ୟ ଅନେକଙ୍କର ଏହିଦାଗ ସେମିତି ରହିଯାଏ । କେତେକ କ୍ରିମ୍ ଲଗାଇବା ଦ୍ୱାରା ତାହା ଧିରେ ଧିରେ ଲିଭିଯାଇଥାଏ । ପିଗ୍‌ମେଣ୍ଟେସନ୍ ପାଇଁ ଏ ଦାଗ ବେଶୀ ହୋଇଥାଏ । ଏହା ପ୍ରସବପରେ ଆସ୍ତେ ଆସ୍ତେ ଲିଭିଯାଏ । ବେଳେବେଳେ ଶିଶୁକୁ ସ୍ତନ୍ୟପାନ କରିବା ପର୍ଯ୍ୟନ୍ତ ଏ ଦାଗ ରହିଥାଏ । ଏଥିରେ ଟାଣ ଖରାକୁ ନଯାଇ ସନ୍‌ସ୍କ୍ରିନ୍ ଲୋସନ୍ ଲଗାଇବା ଉଚିତ୍ ଏବଂ ଚର୍ମର ଉପଯୁକ୍ତ ଯତ୍ନ ନେବା ଉଚିତ୍ ।

ଗର୍ଭାବସ୍ଥାରେ ବ୍ୟାୟାମ୍ କରିବା ପାଇଁ ପ୍ରସୂତି ବିଶେଷଜ୍ଞଙ୍କର ପରାମର୍ଶ କରିବା ଉଚିତ୍ । ଗର୍ଭାବସ୍ଥାରେ ଚାଲିଲେ ଓଜନ ନିୟନ୍ତ୍ରଣରେ ରହିବା ସହ ପ୍ରସବ ସହଜ ହୁଏ ଏବଂ ପ୍ରସବ ପରେ ମଧ୍ୟ ପ୍ରସୂତି ନାରୀର ସ୍ୱାସ୍ଥ୍ୟ ଠିକ୍ ରହେ ଏବଂ ପ୍ରସବ ପରେ ନାରୀଟି ଖୁବ୍ ଶୀଘ୍ର ଆରୋଗ୍ୟଲାଭ କରିଥାଏ ତଥା ଫିଗର୍ ମଧ୍ୟ ଭଲ ରହେ ।

## ସ୍ଫିତ ଶୀରା

ଗର୍ଭବତୀ ନାରୀଙ୍କର ଗୋଡରେ ଥିବା ଶୀରାର କପାଟିକା ବା ଭଲ୍‌ଭ ଢିଲା ହୋଇ ଯିବାରୁ ମୋଟା ହୋଇଯାଏ । ଏହାକୁ 'ସ୍ଫିତ ଶୀରା' ବା 'ଭେରିକୋଜ୍ ଭେନସ' କୁହାଯାଏ । ଏଥିରେ ଗର୍ଭବତୀ ନାରୀଟିଏ ବେଶୀ ସମୟ ଠିଆହେଲେ



Vericons

ଏହି ଶିରାଗୁଡିକ ଖୁବ୍ ଫୁଲିଯାଏ ଏବଂ ବେଳେବେଳେ ଫାଟିଯାଇ ଘା' ହୋଇଯାଏ । ତେଣୁ ବେଶୀ ସମୟ ଠିଆ ନହୋଇ ବା ଚାପନପକାଇ ବସିବା ଉଚିତ୍ ଏବଂ ବସିବା ବା ଶୋଇବା ସମୟରେ ମଧ୍ୟ ଗୋଡକୁ ଉଠାଇ ରଖିବ ବା ଗୋଡତଳେ ତକିଆ ଦେଇ ଶୋଇବା ଉଚିତ୍ । ସ୍ଥଳ ବିଶେଷରେ ଗୋଡରେ କ୍ରେପ୍ ବ୍ୟାଣ୍ଡେଜ୍ ଦେଲେ, ଶିରା ଗୁଡିକର ଫୁଲିବା କମିଯାଏ ।

## ଗର୍ଭାବସ୍ଥାରେ କୁଣ୍ଡାଇହେବା

ବର୍ଦ୍ଧିତ ଜରାୟୁର ଚାପରେ ବେଳେବେଳେ 'ଗଲ୍‌ବ୍ଲାଡର୍'ବା 'ପିତ୍ତକୋଷ' ଉପରେ ଚାପ ପଡ଼ିଯାଏ । ତେଣୁ ସେଥିରେ ବାଇଲ୍ ଜମିଯାଇ (ପ୍ରେଗ୍‌ନାନ୍ସି କୋଲେଷ୍ଟେସିସ୍ ) ଦେହ ହାତ କୁଣ୍ଡାଇ ହୋଇ ଥାଏ । ଜଣଜଣଙ୍କର ଏପରି କୁଣ୍ଡାଇ ହୋଇଥାଏ ଯେ ହାତ, ପେଟ ଓ ଗୋଡରେ ଦାଗ ହୋଇ ଖଣ୍ଡିଆ ହୋଇଯାଏ । ସେ କ୍ଷେତ୍ରରେ ପ୍ରସୂତି ବିଶେଷଜ୍ଞଙ୍କ ସହ ପରାମର୍ଶ କରି ବିଲିରୁବିନ୍ ଓ ଲିଭର୍‌ଫଙ୍କସନ୍ ଟେଷ୍ଟ ଆଦି କରିବା ଜରୁରୀ ହୋଇଥାଏ । କୁଣ୍ଡାଇହେବା କମିବା ପାଇଁ ଔଷଧ ତଥା ଦେହରେ କାଲାମିନ୍ ଲୋସନ୍ ଲଗାଇବା ଦ୍ୱାରା ଏହା କମିଯାଇଥାଏ ଏବଂ ପ୍ରସବ ପରେ ପରେ ପୂରାପୁରି ଭଲ ହୋଇଯାଇଥାଏ ।



Herpes-Zoster

## ପ୍ରୋଜେଷ୍ଟେରୋନ୍ ଡର୍ମାଟାଇଟିସ୍

ଏଥିରେ ଗର୍ଭବତୀ ନାରୀ ନିଜର ଶରୀରରୁ ଝରୁଥିବା ପ୍ରୋଜେଷ୍ଟେରୋନ୍ ପାଇଁ ଆଲର୍ଜି ଏକ ହୋଇଯାଏ । ଫଳରେ ତା'ଶରୀରରେ ଅର୍ଟିକାରିଆଲ୍ ରାସ୍ ଠାରୁ ଆରମ୍ଭ ହୋଇ ଫୋଟକା ଭଳି ଘା' ମଧ୍ୟ ହୋଇଥାଏ ତଥା ବ୍ରଣ ମଧ୍ୟ ହୋଇଥାଏ । ଆଣ୍ଟିବାଇଓଟିକ୍ ଖାଇଲେ ଓ ମଲମ ଲଗାଇଲେ ଭଲ ହୋଇଥାଏ ।

## ହର୍ପିସ୍ ସିମ୍ପ୍‌ଲେକ୍ସ ଓ ଜୋଷ୍ଟର୍

ଗର୍ଭାବସ୍ଥାରେ ବାରଂବାର ଜରଷଣ୍ଢା ଭଳି ହେଲେ ତଥା ଅଣ୍ଟାର ଚାରିପଟେ ଛୋଟଛୋଟ ଦାନା ଭଳି ଉଠି ଭୀଷଣ ବ୍ୟଥା ହେଲେ ହର୍ପିସ୍ ଜୋଷ୍ଟର୍ ହୋଇଥାଏ । ଗର୍ଭାବସ୍ଥାରେ ଆଣ୍ଟିଭାଇରାଲ୍ ଔଷଧ ଖାଇବା ଉଚିତ୍ ନୁହେଁ । ତେଣୁ ଲକ୍ଷଣ ଅନୁଯାୟୀ ଔଷଧ ଓ ଆଣ୍ଟିଭାଇରାଲ୍ ମଲମ ଲଗାଇଲେ ମନକୁ ମନ ଭଲ ହୋଇଯାଏ ।

ଏହାଛଡା ଗର୍ଭାବସ୍ଥାରେ ମଧ୍ୟ ଅନେକ ଗୁଡ଼ିଏ ଆଲର୍ଜିକ୍ ଡର୍ମାଟାଇଟିସ୍ ତଥା ରାସେସ୍ ହୋଇଥାଏ । ଗର୍ଭଧାରଣ ସମୟରେ ହାଲୁକା ବ୍ୟାୟାମ କରିବା ଭଲ । ତେବେ ଏରୋବିକ୍ ବା ଅତ୍ୟଧିକ ବ୍ୟାୟାମ ନକରି ପ୍ରତିଦିନ ସକାଳେ ଓ ସଂଧ୍ୟାରେ ଚାଲିଲେ ଭଲ । ଏହାଛଡା ଡିପ୍ ବ୍ରିଦିଂ ବ୍ୟାୟାମ ଏବଂ ଅଳ୍ପ ହାତଗୋଡର ବ୍ୟାୟାମ୍ କଲେ ଶରୀରକୁ ବାୟୁ ସଂଚାଳନ ଓ ରକ୍ତ ସଂଚାଳନ ଭଲ ଭାବରେ ହୁଏ ଓ ଖାଦ୍ୟ ହଜମ ହୋଇଯାଏ । ଏହି ସମୟରେ ବେଶୀ ପରିଶ୍ରମ ନକରି ହାଲୁକା ଘରକାମ ମଧ୍ୟ କରିବା ଉଚିତ୍ । ଗର୍ଭାବସ୍ଥାରେ ସବୁଠାରୁ ବଡ଼ କଥା ହେଉଛି ଖାଦ୍ୟ । ଏ ସମୟରେ ସହଜରେ ହଜମ ହେଉଥିବା ସୁପାଚ୍ୟ ଓ ସୁଷମ ଖାଦ୍ୟ ଖାଇବା ଉଚିତ୍ । ଏ ସମୟରେ ବେଶୀ ତେଲ ମସଲାଯୁକ୍ତ ଛଣାଛଣି ଖାଦ୍ୟ ତଥା ଗୁରୁପାକ ଖାଦ୍ୟ, ଲୁଣି ମାଛଶୁଖୁଆ, ଲୁଣି ଆଚାର ଆଦି ଖାଇବା ଉଚିତ୍ ନୁହେଁ । ଏହି ସମୟରେ ପ୍ରଚୁର ପାଣି, ତଟକା ଫଳ (ଋତୁ ଅନୁଯାୟୀ ଫଳ) ଯଥା କମଳା, କଦଳୀ, ସେଓ, ନାସ୍‌ପାତି, କାକୁଡ଼ି ଓ ପିଜୁଳି ଆଦି ଖାଇବା ଉଚିତ୍ । ଏହାଛଡା ପ୍ରଚୁର ପନିପରିବା ଓ ଶାଗ ଆଦି ଖାଇବା ଉଚିତ୍ ।

ମୋଟ୍ ଉପରେ ସୁଷମ ଖାଦ୍ୟ, ଉପଯୁକ୍ତ ବ୍ୟାୟାମ୍ ଓ ସନ୍ତୁଳିତ ଜୀବନଚର୍ଯ୍ୟା ସହ ଏକ ସକାରାତ୍ମକ ମନୋଭାବ ଗର୍ଭବତୀ ନାରୀଟିକୁ ଏକ ସୌନ୍ଦର୍ଯ୍ୟମୟୀ ମା'ଟିଏ ହେବାରେ ସାହାଯ୍ୟ କରିଥାଏ । ଆପଣ ନିଜେ ଲାବଣ୍ୟମୟୀ ହୋଇ ଶୁଭଙ୍କର ମନଟିଏ ନେଇ ଆପଣଙ୍କର ପ୍ରିୟ ଅତିଥି ଶିଶୁଟିକୁ ଏ ଧରାକୁ ନିମନ୍ତ୍ରଣ କରନ୍ତୁନା, ଦେଖିବେ ଏ ପୃଥିବୀ ଆପଣଙ୍କ ପାଇଁ ଏକ ଅନନ୍ୟ ସ୍ୱର୍ଗରେ ପରିଣତ ହୋଇଯିବ ।

# ଶୀତରେ ତ୍ୱଚା ପରିଚର୍ଯ୍ୟା



ପ୍ରତ୍ୟାଶା ପ୍ରିୟମ୍ବଦା
ଫଟୋ ସୌଜନ୍ୟ : ଗୁଗୁଲ୍

**ତ୍ୱଚାକୁ ନେଇ ପ୍ରତ୍ୟେକ ନାରୀ ମନରେ ଥାଏ ନିଜସ୍ୱ ଏକ ସ୍ୱାଭିମାନ । ପୁଣି ସେଇ ତ୍ୱଚାକୁ ନେଇ ଥାଏ ବି ଅନେକାନେକ ଆଶଙ୍କା । ସୁତରାଂ ତ୍ୱଚାର ପରିଚର୍ଯ୍ୟା ପାଇଁ ବେଶ୍ ତତ୍ପର ଥାଆନ୍ତି ସେମାନେ । ଆମର ଏହି ପୃଷ୍ଠା ସେଇସବୁ ନାରୀମାନଙ୍କୁ କହିବ ତ୍ୱଚାର ନାନା ପରିଚର୍ଯ୍ୟା ଓ ଚିକିତ୍ସାର ସୂତ୍ର । ପ୍ରତ୍ୟାଶାଙ୍କ ଟିପ୍ସ୍ ।**

## ସୌନ୍ଦର୍ଯ୍ୟ ପାଇଁ ସୋରିଷ ତେଲ



ଘରେ ଘରେ ସୋରିଷ ତେଲର ବ୍ୟବହାର ନିହାତି ଏକ ସାଧାରଣ କଥା । ସୋରିଷ ତେଲକୁ ଖାଦ୍ୟ ତିଆରି ତ୍ୱଚାର ଚମକ ଓ ଦାନ୍ତ ସଫା ପାଇଁ ବ୍ୟବହାର କରାଯାଏ । ସୋରିଷ ତେଲ ପ୍ରାକୃତିକ ରୂପରେ ତ୍ୱଚା ପାଇଁ ଖୁବ୍ ଉପକାରୀ । ଶୀତଦିନେ ଗାଧୋଇବା ପୂର୍ବରୁ ସୋରିଷ ତେଲ ଲଗାନ୍ତି । ଏହା ଦ୍ୱାରା ତ୍ୱଚାରୁ ଧୂଳି-ମଳି ସହଜରେ ଛାଡ଼ିଯାଏ । ତ୍ୱଚା ମୂଳକ ଶକ୍ତ ରହେ । ଏଥିରେ ଭିଟାମିନ୍ ଇ ରହିଛି, ଯାହା ତ୍ୱଚାକୁ ଉଜ୍ୱଳ କରାଏ । ତ୍ୱଚା ଶିଥିଳତା କିମ୍ବା କୁଞ୍ଚନ ହେବାକୁ ରକ୍ଷଶପାଏ । ତ୍ୱଚାକଣ୍ଡୁ, ରୁକ୍ଷତା ଆଦି ଦୂର ପାଇଁ ଏହା ଉପକାରୀ ଅଟେ ।

ମୁହଁରେରେ ଖାଣ୍ଟି ସୋରିଷ ତେଲ ଲଗାଇ ଦଶମିନିଟ୍ ପରେ ଥଣ୍ଡା ପାଣିରେ ଧୁଅନ୍ତୁ ଫାଟିବ ନାହିଁ । ସୋରିଷ ତେଲରେ ବେସନ, ଦହି, ଲେମ୍ବୁ ରସ ଫେଣ୍ଟି ସପ୍ତାହରେ ତିନିଥର ମୁହଁରେ ଲଗାନ୍ତୁ । ତ୍ୱଚା ନରମ ହେବ । ସୋରିଷ ତେଲ ଲଗାଇଲେ କେଶ ଚମକେ । କେଶ ମୂଳକୁ ସୋରିଷ ତେଲରେ ନିୟମିତ ଘଷନ୍ତୁ । କେଶ ସୁସ୍ଥ ରହିବା ସହ ରୁପି ହେବ ନାହିଁ କି କେଶ ଝଡ଼ିବ ନାହିଁ । କେଶରେ ଉଷୁମ ସୋରିଷ ତେଲ ଲଗାଇ ଅଧଘଣ୍ଟା ପରେ ଧୁଅନ୍ତୁ, ସୌନ୍ଦର୍ଯ୍ୟ ବଢ଼ିବ । ଗହଳ କେଶ ପାଇଁ ସୋରିଷ ତେଲ ଲଗାଇ ଅଧଘଣ୍ଟା ପରେ ଧୁଅନ୍ତୁ, ସୌନ୍ଦର୍ଯ୍ୟ ବଢ଼ିବ । ଗହଳ କେଶ ପାଇଁ ସୋରିଷ ତେଲ ଲଗାଇ ଅଧଘଣ୍ଟା ପରେ ଧୁଅନ୍ତୁ, ସୌନ୍ଦର୍ଯ୍ୟ ବଢ଼ିବ । ଗହଳ କେଶ ପାଇଁ ସୋରିଷ ତେଲରେ ଅଲିଭ୍ ତେଲ ଫେଣ୍ଟି ଲଗାନ୍ତୁ । ଶୀତଦିନେ ଓଠ ଶୁଷ୍କତା ଦୂର ପାଇଁ ସୋରିଷ ତେଲ ଲଗାଇବା ଭଲ ।

## ଆସିଲାଣି ଶୀତ: ତ୍ୱଚାର ଯତ୍ନ ପାଇଁ ଆପଣାନ୍ତୁ ଏହି ଟିପ୍ସ

ଶୀତଦିନ ଆରମ୍ଭ ହେବା ମାତ୍ରେ ଚେହେରାର ବିଶେଷ ଧ୍ୟାନ ନେବାକୁ ପଡ଼ିଥାଏ । ସମସ୍ତ ଋତୁରେ ତ୍ୱଚାର ଯତ୍ନ ନେବା ଆବଶ୍ୟକ, କିନ୍ତୁ ଶୀତ ଦିନରେ ଅଧିକ ଯତ୍ନ ନେବାକୁ ପଡ଼ିଥାଏ । କାରଣ ଶୀତଦିନ ଆରମ୍ଭ ହେବା ପରେ ତ୍ୱଚା ଅଧିକ ଶୁଷ୍କ ଦେଖାଯାଇଥାଏ ଓ ସୌନ୍ଦର୍ଯ୍ୟ ଦୂର ହୋଇଯାଇଥାଏ । କିଛି ସହଜ ଉପାୟରେ ନିଜ ତ୍ୱଚାର ଯତ୍ନ ଆପଣ ନେଇପାରିବେ । ତେବେ ଶୀତଦିନରେ ମଧ୍ୟ ଚମକଦାର ଓ ସୁସ୍ଥ ତ୍ୱଚା କିପରି ପାଇପାରିବେ ସେଥିପାଇଁ ଜାଣିରଖନ୍ତୁ କିଛି ସହଜ ଟିପ୍ସ ।

୧. ଶୀତଦିନ ଆରମ୍ଭ ହେବା ମାତ୍ରେ ତ୍ୱଚା ଶୁଷ୍କ ଦେଖାଯାଇଥାଏ । ଏଥିପାଇଁ ସବୁବେଳେ ଭିଟାମିନ-ଇ ଯୁକ୍ତ ମଶ୍ଚରାଇଜର୍ ବ୍ୟବହାର କରନ୍ତୁ । ଚେହେରାକୁ ସବୁବେଳେ ସଫା ପାଣିରେ ଧୁଅନ୍ତୁ ତିନିରୁ ଚାରିଥର ଭଲ ମଶ୍ଚୁରାଇଜର ଲଗାନ୍ତୁ ।

୨. ଶୀତଦିନେ ପ୍ରାୟ ସମସ୍ତେ ଗରମ ପାଣିରେ ଗାଧୋଇବାକୁ ପସନ୍ଦ କରନ୍ତି । କିନ୍ତୁ ଗରମ ପାଣିରେ ଗାଧୋଉଥିଲେ ଧ୍ୟାନ ରଖନ୍ତୁ ଯେପରି ପାଣି ଅଧିକ ଗରମ ହୋଇନଥିବ । କାରଣ ଅଧିକ ଗରମପାଣି ଆପଣଙ୍କ ତ୍ୱଚାକୁ ଶୁଷ୍କ କରିଦିଏ ।

୩. ଶୀତଦିନେ ଚେହେରାରେ ସାବୁନର ପ୍ରୟୋଗ କରନ୍ତୁ ନାହିଁ । ଯଦି ଆପଣଙ୍କର ତ୍ୱଚା ଶୁଷ୍କ ହୋଇଥାଏ ତେବେ ସ୍କର୍ବ ମଧ୍ୟ କରନ୍ତୁ ନାହିଁ । ତେଲିଆ ତ୍ୱଚା ହୋଇଥିଲେ ମୁହଁରୁ ତେଲିଆ ଅଂଶ ଦୂର କରିବା ପାଇଁ ସ୍କର୍ବ କରିପାରିବେ ।

୪. ତ୍ୱଚାକୁ କୋମଳ କରିବା ପାଇଁ ଚାହୁଁଥିଲେ ଦହି ଓ ଚିନିର ଏକ ପେଷ୍ଟ୍ ପ୍ରସ୍ତୁତ କରନ୍ତୁ । ଏହାକୁ ଚେହେରାରେ ଲଗାଇବା ପରେ ଶୁଖିବାକୁ ଦିଅନ୍ତୁ । ଶୁଖିଯିବା ପରେ ହାଲ୍‌କା ଭାବରେ ମସାଜ୍ କରନ୍ତୁ ଓ ତାପରେ ଧୋଇ ଦିଅନ୍ତୁ ।

୫. ଲୋକମାନେ ସାଧାରଣତଃ ଖରାଦିନେ ସନ୍‌ସ୍କ୍ରିନ୍ ଲଗାଇଥାଆନ୍ତି, କିନ୍ତୁ ଶୀତଦିନରେ ଏହାର ବ୍ୟବହାର କରିଥାନ୍ତି । ଅଧିକାଂଶ ସମୟରେ ଲୋକମାନେ ଖରାରେ ମଧ୍ୟ ବସିଥାଆନ୍ତି । ଏହାଦ୍ୱାରା ତ୍ୱଚାରେ ଟାନିଙ୍ଗ୍ ହୋଇଥାଏ । ତେଣୁ ଶୀତଦିନେ ମଧ୍ୟ ଖରାରେ ବାହାରିବା ଆଗରୁ ସନ୍‌ସ୍କ୍ରିନ୍ ଲଗାନ୍ତୁ ।

୬. ପ୍ରତିଦିନ ଗାଧୋଇବାର ଏକଘଣ୍ଟା ଆଗରୁ ତ୍ୱଚାରେ ନଡ଼ିଆତେଲର ମାଲିସ କରନ୍ତୁ । ଏପରି କରିବା ଦ୍ୱାରା ଆପଣଙ୍କ ତ୍ୱଚା ରୁକ୍ଷ ଦେଖାଯିବ ନାହିଁ ।

୭. ଆଲ୍‌କୋହଲ୍ ଥିବା ପ୍ରଡକ୍ଟ ବ୍ୟବହାର କରନ୍ତୁ ନାହିଁ । ଏହା ଆପଣଙ୍କ ତ୍ୱଚାର ପୋଷଣ ଦୂର କରିଦେଇଥାଏ । ଏହାସହିତ ଓଠ ପ୍ରତି ମଧ୍ୟ ବିଶେଷ ଧ୍ୟାନ ଦେବାକୁ ପଡ଼ିବ । ନିୟମିତ ବ୍ୟବଧାନରେ ଓଠକୁ ସ୍କର୍ବ କରନ୍ତୁ ଓ ମଶ୍ଚରାଇଜ୍ ମଧ୍ୟ କରନ୍ତୁ ।

୮. ଆବଶ୍ୟକ ପରିମାଣରେ ପାଣି ପିଅନ୍ତୁ । ଏହାଦ୍ୱାରା ଶୀତଦିନରେ ଆପଣଙ୍କ ତ୍ୱଚା ଓ କେଶ ସୁସ୍ଥ ରହିବ ।

୯. ଶୀତଦିନେ ଶୀତବସ୍ତ୍ର ପରିଧାନ କରନ୍ତୁ ଓ ତ୍ୱଚାକୁ ପୋଷଣ ଯୋଗାଇବା ପାଇଁ ପେଟ୍ରୋଲିୟମ୍ ଜେଲି ଏବଂ ବଡ଼ି ବଟର୍‌ର ବ୍ୟବହାର କରନ୍ତୁ ।



JINDAL
PANTHER™
TMT REBARS
The future of construction is here!
PRESENTING JINDAL PANTHER™ 550D - THE NEW BENCHMARK IN TMT REBARS.
• Enhanced Strength
• Rich Chemistry
• Cleaner Steel
• Minimum 5% Saving On Steel*
• Superior Properties
• World Class Technology
Now buy online at
www.jindalpanther.com
*Subject to design.
A PRODUCT OF JINDAL STEEL & POWER LIMITED
Toll Free: 1800-208-2008 | www.jindalpanther.com | sales@jindalpanther.com
Fe550D


ଛାୟାଚିତ୍ର
ଅସାମାନ୍ୟା
ଅର୍ଛିତା
ଫଟୋ : ପି. ରବି ରେଡ୍ଡୀ
ମେକ୍‌ଅପ୍ : ସତ୍ୟ, କେଶସଜ୍ଜା : ମଧୁ

# କେବେବି ଭାବି ନଥିଲି ଦିନେ ମୁଁ ନାୟିକା ହେବି

# ଅର୍ଚ୍ଚିତା





ସାକ୍ଷାତ୍ :

**କୃଷ୍ଣ କୁମାର ମହାନ୍ତି**

ଫଟୋ ସୌଜନ୍ୟ : ଲେସ୍‌ଲୀ





ଏକ ଆଲୋକିତ ସକାଳ ସେ । ବିଶାଳ ଆକାଶରେ ଫିନ୍ ଫିନ୍ ହସୁଥିବା ତାରା ପରି ହସ ତାଙ୍କର । କଣ୍ଢେଇର କଥାକୁହା ଆଖି ଯୋଡ଼େରେ ସେ ସାଇତିଥାନ୍ତି ଅସରନ୍ତି ଅର୍ଚ୍ଚନା । କେବେ ମାଆର ବରାଭୟତାରେ ବନ୍ଦିନୀ ରାଜକୁମାରୀ ତ କେବେ ପୁଣି ଭଲପାଇବାର ଭୋଅର୍ ଆକାଶରେ ସେ ଏକ ନିରିମାଖୀ ନକ୍ଷତ୍ର । ସେ ହେଲେ ଓଲିଉଡ୍‌ର ନାୟିକା ଅର୍ଚ୍ଚିତା । ସଫଳତା ଛୁଇଁଛି ଯାହାଙ୍କ ମଥା । ଯାହାଙ୍କ ନାଁରେ ପଡ଼େ ଉଠେ ଓଡ଼ିଆ ଦର୍ଶକଙ୍କ ମନ ଓ ମେହେଫିଲ୍ । ସୁଶ୍ରୀ, ଶୁଭ୍ରାଙ୍ଗୀ ଓ ସୁନୟନା । ଅର୍ଚ୍ଚିତା କେବଳ ନାୟିକା ଭାବରେ ନୁହେଁ, ଜଣେ ଭର୍ସାଟାଇଲ୍ ଅଭିନେତ୍ରୀ ଭାବେ ଭିନ୍ନ ଭିନ୍ନ ଚରିତ୍ରରେ ଅଭିନୟ କରି ନିଜର ପାରଦର୍ଶିତା ଦେଖାଇଛନ୍ତି । 'ଓ ମାଇଁ ଲଭ୍' ଚଳଚ୍ଚିତ୍ର ମାଧ୍ୟମରେ ଓଲିଉଡ୍ ଫିଲ୍ମ ଇଣ୍ଡଷ୍ଟ୍ରିକୁ ପ୍ରବେଶ କରିଥିବା ସେଦିନର ସେଇ ଅଳ୍ପ ବୟସ୍କା ଝିଅ ଆଜି ନମ୍ବର ୱାନ୍ ଅଭିନେତ୍ରୀ ଭାବରେ ସଭିଙ୍କର ହୃଦୟର ରାଣୀ ବନି ପାରିଛନ୍ତି । ଦର୍ଶକଙ୍କ ସମର୍ଥନ ଓ ଭଲପାଇବା ପାଇ ସେ ଏକାଧିକ ଚଳଚ୍ଚିତ୍ରରେ ସଫଳ ଅଭିନୟ କରିଛନ୍ତି । ଅର୍ଚ୍ଚିତା ହେଉଛନ୍ତି ଏକମାତ୍ର ଓଡ଼ିଆ ଅଭିନେତ୍ରୀ ଯିଏ ତିନିଥର ଶ୍ରେଷ୍ଠ ଅଭିନେତ୍ରୀ ଭାବେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଲାଭ କରିଛନ୍ତି । ଫେମିନା ମିସ୍ ଇଣ୍ଡିଆ, ମିସ୍ ଟାଲେଣ୍ଟେଡ୍, ମିସ୍ ଷ୍ଟାଇଲିସ୍ ହେୟାର୍ ଭଳି ଅନେକ ସୁନ୍ଦରୀ ପ୍ରତିଯୋଗିତାର ଟାଇଟିଲ୍ ଜିତିଥିବା ଅର୍ଚ୍ଚିତା ନିଜର ଅସୁସ୍ଥତା ସତ୍ତ୍ୱେ 'ରେବତୀ' ପାଇଁ ସାକ୍ଷାତକାର ଦେଇଛନ୍ତି, ଖାସ୍ ତାଙ୍କର ଦର୍ଶକ ଓ ପାଠକଙ୍କୁ ଭଲପାଆନ୍ତି ବୋଲି ।

● **ପିଲାଦିନ ଆପଣଙ୍କର କେଉଁଠି କଟିଛି ଓ କେମିତି କଟିଛି ?**

▶ ଜନ୍ମ ରାଉରକେଲାରେ, ମୋର ସ୍କୁଲ୍ କଲେଜ୍ ଭୁବନେଶ୍ୱରରେ । କହିବାକୁ ଗଲେ ଭୁବନେଶ୍ୱରରେ ହିଁ ପିଲାଦିନ କଟିଛି ।

● **କେବେ ଭାବିଥିଲେ ଓଡ଼ିଆ ଚଳଚ୍ଚିତ୍ରର ନାୟିକା ହୋଇ ରାଜ୍ କରିବେ ? କେମିତି ଆରମ୍ଭ ହେଲା ଏଇ ଯାତ୍ରା ?**

▶ କେବେବି ଭାବି ନଥିଲି ନାୟିକା ହେବି କିମ୍ବା ଫିଲ୍ମ ଇଣ୍ଡଷ୍ଟ୍ରିକୁ ଆସିବି । ଖାଲି ଛୋଟବେଳେ ଓଡ଼ିଶୀ ନୃତ୍ୟ ଶିକ୍ଷା କରୁଥିଲି । କିନ୍ତୁ ଯେତେବେଳେ ମୁଁ ଦଶମରେ ପଢୁଥିଲି, ଗୋଟେ ଚ୍ୟାନେଲ୍‌ରେ ଅଭିନୟ ଓ ଆଙ୍କରିଂ କରିବାର ସୁବିଧା ମିଳିଥିଲା । ମୋର ସେହି ଆଙ୍କରିଂ ଦେଖି ବହୁତ ଲୋକ ପ୍ରଶଂସା କରିଥିଲେ । ତା'ପର ଠୁ ମୋତେ ଫିଲ୍ମରେ ଅଭିନୟ କରିବାର ସୁଯୋଗ ମିଳିଥିଲା ।

● **ପ୍ରଥମ କେଉଁ ଫିଲ୍ମ ମାଧ୍ୟମରେ ଆପଣ ପ୍ରବେଶ କରିଥିଲେ ଫିଲ୍ମ ଜଗତକୁ ? ସେ ଫିଲ୍ମର ଅଫର୍ କେମିତି ଆସିଲା ?**

▶ ପ୍ରଥମେ ସୁଯୋଗ ମିଳିଥିଲା 'ଓ ମାଇଁ ଲଭ୍' ଚଳଚ୍ଚିତ୍ରରେ । ଅଫର୍ ମିଳିଥିଲା ମୋର ସେ ଆଙ୍କରିଂ ହିଁ ଦେଖିକି ଏବଂ ଛୋଟ ଏକ ଘରୋଇ ସଂସ୍ଥା ତରଫରୁ ଗୋଟେ ବ୍ୟୁଟି କଣ୍ଟେଷ୍ଟ୍ ହୋଇଥିଲା, ଯେଉଁଥିରେ ମୁଁ ବିଜୟିନୀ ହୋଇଥିଲି ଏବଂ ତା'ପରଦିନ ସବୁ ଖବରକାଗଜରେ ପ୍ରଥମ ପୃଷ୍ଠାରେ ମୋର ଫଟୋ ଓ ଖବର ବାହାରିଥିଲା । ତାକୁ ଦେଖି ତିନି ଚାରିଟା ଫିଲ୍ମର ଅଫର୍ ମୋ ପାଖକୁ ଆସିଥିଲା । ସେତେବେଳେ ଯେହେତୁ ମୁଁ ସ୍କୁଲ୍‌ରେ ପଢୁଥିଲି; ଘରେ ବି ବାରଣ ଥିଲା । କେହି ରାଜି ନଥିଲେ ଏତେ ଛୋଟ ବୟସରୁ କେମିତି ଫିଲ୍ମ ଲାଇନ୍‌ରେ କରିବି ବୋଲି । ମୁଁ ବି ବହୁତ ଦ୍ୱନ୍ଦ୍ୱ ଭିତରେ ଥିଲି । କିନ୍ତୁ ଶେଷରେ ହଁ କରିଥିଲି ।

● **ପ୍ରଥମ ଫିଲ୍ମର ପହିଲି ଅନୁଭବ କେମିତି ଥିଲା ? ଭୟ, ନର୍ଭସ୍ ବା ଅତି ଆନନ୍ଦ- କ'ଣ ଲାଗୁଥିଲା ? ପ୍ରଥମ କ୍ୟାମେରାକୁ ସାମ୍ନା କଲାବେଳେ କେମିତି ଲାଗିଥିଲା ?**

▶ ନର୍ଭସ ତ ନଥିଲି । କିନ୍ତୁ ବହୁତ ଉତ୍ସାହିତ ଥିଲି । କେମିତି କରୁଛି, ଭଲ କରୁଛି ନା ନାହିଁ, କେମିତି ଦେଖାଯିବି ସ୍କ୍ରିନ୍‌ରେ- ଏହାକୁ ନେଇ ମନ ଭିତରେ ଉତ୍କଣ୍ଠା ଥିଲା । ଦୁଇ ତିନିଦିନ ପର୍ଯ୍ୟନ୍ତ ଠିକ୍‌ଠାକ୍ କାମ କରିଥିଲି, ଭଲ ବି କରୁଥିଲି । କିନ୍ତୁ ତାପର ଠୁ ଧୈର୍ଯ୍ୟହରା ହେବାକୁ ଲାଗିଲି । କାରଣ ବହୁତ ପରିଶ୍ରମ କରିବାକୁ ପଡୁଥିଲା । ମାନସିକ ଭାବରେ ମୁଁ ପ୍ରସ୍ତୁତ ବି ହୋଇନଥିଲି ଏହି ଇଣ୍ଡଷ୍ଟ୍ରିକୁ ଆସିବା ପାଇଁ । ତା'ପରଠୁ କେବେ ସୁଟିଂ ସରିବ, କେବେ ଘରକୁ ଯିବି, କେବେ ଫିଲ୍ମ ସରିବ- ସେ ସବୁ ହିଁ ମନରେ ଘାଣ୍ଟି ଚକଟି ହେଉଥିଲା ।

● **ଆଜିର ସମୟରେ ଆପଣ ଓଡ଼ିଆ ଫିଲ୍ମ ଦୁନିଆର ଜଣେ ଲୋକପ୍ରିୟ ନାୟିକା । ସଫଳତାର ଏ ଶୀର୍ଷରେ ଥାଇ ଲାଗେ କି ଜୀବନରେ ଯାହା ପାଇବାର ଥିଲା, ପାଇଗଲେ ?**

▶ ସଫଳତା ମୁଁ ପାଇଛି କି ନାହିଁ ଜାଣେନା । କିନ୍ତୁ ହଁ, ଭଲ କାମ କରିବାର ଇଚ୍ଛା, ଭଲ ଭଲ ଚରିତ୍ରରେ ଅଭିନୟ କରିବାର ଆଗ୍ରହ, ମୋ ଭିତରେ ବରାବର ଥିଲା । ମୁଁ ବହୁତ ବେଶୀ ଉଚ୍ଚାକାଂକ୍ଷା ନୁହେଁ । କିନ୍ତୁ ଜୀବନରେ ଭଲ ମଣିଷଟେ ହେବାର ଇଚ୍ଛା ଅଛି । ଆହୁରି ଭଲ ଅଭିନୟ କରିବା ଏବଂ ଭଲ ଲୋକମାନଙ୍କର ପ୍ରଶଂସା ସାଉଁଟିବାର ନିହାତି ଭାବରେ ଇଚ୍ଛା ରହିଛି ଓ ରହିବ । ତେଣୁ ଆଗକୁ ବହୁତ କିଛି ପାଇବାର ଅଛି । ମୋତେ ଲାଗୁନି କି ମୁଁ ସବୁକିଛି ପାଇସାରିଛି ବୋଲି ।

● **ଓଡ଼ିଶାର ଚଳଚ୍ଚିତ୍ର ଜଗତ ଆପଣଙ୍କ ପାଇଁ ଦେଇଛି ଏକ ସ୍ୱତନ୍ତ୍ର ସ୍ଥାନ । ଏହାର ଶ୍ରେୟ କାହାକୁ ଦେବେ ଆପଣ ?**

▶ ପ୍ରଥମତଃ ଶ୍ରେୟ ଦେବି ମୋର ସବୁ ଦର୍ଶକ ଓ ପ୍ରଶଂସକଙ୍କୁ ଯେଉଁମାନେ ମୋ ଫିଲ୍ମ ଦେଖି ମୋତେ ଭଲ ପାଇଛନ୍ତି, ଗ୍ରହଣ କରିଛନ୍ତି, ଆହୁରି ଫିଲ୍ମ ଆସୁ ବୋଲି ଅପେକ୍ଷା କରିଥାନ୍ତି । ମୁଁ ଶ୍ରେୟ ଦେବି ସେମାନଙ୍କୁ ଯେଉଁମାନେ ମୋତେ ନିଜର କରି ନେଇଛନ୍ତି । ତା'ପରେ ମୋର ନିଜର ପରିଶ୍ରମକୁ ବି ମୁଁ ଶ୍ରେୟ ଦେବି । କାରଣ କଠିନ ପରିଶ୍ରମ ବିନା କୌଣସି କାର୍ଯ୍ୟ ସଫଳ ହୋଇ ପାରେନା । ଆଉ ମୋ ପଛରେ ମୋର ସ୍ତମ୍ଭ ବା Pillar ହୋଇ ଛିଡ଼ା ହୋଇଥିବା ମୋ ପରିବାର, ମୋ ମାଆଙ୍କୁ ମଧ୍ୟ ମୁଁ ମୋର ଶ୍ରେୟ ଦେବି ।

● **କେତୋଟି ଓଡ଼ିଆ ଫିଲ୍ମରେ ଅଭିନୟ କରିଛନ୍ତି ଓ କ'ଣ କଣ ସେସବୁ, କହିବେ କି ?**

▶ ପ୍ରାୟ ୨୦ଟିରୁ ଉର୍ଦ୍ଧ୍ୱ ଚଳଚ୍ଚିତ୍ରରେ ମୁଁ ଅଭିନୟ କରି ସାରିଛି । ଅନେକଗୁଡ଼ିଏ ସିନେମାରେ ଲୋକମାନଙ୍କର ପ୍ରଚୁର ଭଲପାଇବା ପାଇଛି । କିଛିଟା ସୁପରହିଟ୍ ହୋଇଛି, କୋଉଥିରେ ମୁଁ ଅଭିନୟ କରିଥିବା ଚରିତ୍ର ଲୋକମାନଙ୍କର ପସନ୍ଦ ଆସିଛି । ଶେଷ ଚଳଚ୍ଚିତ୍ର 'ଚମ୍ପିୟନ୍' କୁହନ୍ତୁ, 'ଜଷ୍ଟ୍ ମହବତ୍', 'ବାଏ ବାଏ ଦୁବାଇ', ମୋର ପ୍ରଥମ ଫିଲ୍ମ 'ଓ ମାଇଁ ଲଭ୍', 'ବାବୁ ଆଇ ଲଭ୍ ୟୁ', 'ଆକାଶେ କି ରଙ୍ଗ ଲାଗିଲା', 'ଚକ୍‌ଲେଟ୍', 'ମୁଁ ଏକା ତୁମର'- ଏମିତି ଅନେକ ଗୁଡ଼ିଏ ଫିଲ୍ମ ମୋତେ ପ୍ରଚୁର ସୁନାମ ଆଣି ଦେଇଛି ।

● **ଓଡ଼ିଆ ଭିନ୍ନ ଅନ୍ୟ କେଉଁ ପ୍ରାଦେଶିକ ଭାଷାର ଚଳଚ୍ଚିତ୍ରରେ କାମ କରିଛନ୍ତି ? ସୁଯୋଗ ପାଇଲେ କରିବେ କି ?**

▶ ଓଡ଼ିଆ ବ୍ୟତୀତ ମୁଁ ଦକ୍ଷିଣ ଭାରତୀୟ ଫିଲ୍ମରେ କାମ କରିବାର ସୁଯୋଗ ପାଇଛି । ମିସ୍ ଇଣ୍ଡିଆ ପରେପରେ ଯେତେବେଳେ ମୁଁ ପ୍ରଥମ ରନର୍ସଅପ୍ ହୋଇଥିଲି ଫେମିନା ମିସ୍ ଇଣ୍ଡିଆ,



ଓଡ଼ିଆ ଚଳଚ୍ଚିତ୍ରର ସଫଳ ଓ ସ୍ୱୀକୃତ ଯୋଡ଼ି ଅର୍ଚ୍ଚିତା ଓ ସବ୍ୟସାଚୀ



▲ମାଆ ଧରାଶ୍ରୀଙ୍କ ସହିତ ଅର୍ଚ୍ଚିତା ଅଫ୍‌ସ୍କ୍ରିନ୍‌ରେ




▲ଅର୍ଚ୍ଚିତାଙ୍କ ପ୍ରଥମ ପ୍ରବେଶ : ଓ ମାଇଁ ଲଭ୍



▲ଅର୍ଚ୍ଚିତାଙ୍କ ସଦ୍ୟତମ ଫିଲ୍ମ : ଚମ୍ପିୟନ୍

କୋଲକାତା, ସେତେବେଳେ ମଧ୍ୟ ବଲିଉଡ଼ରେ ପାଦ ଥାପିବାର ସୁଯୋଗ ମିଳିଥିଲା । କିନ୍ତୁ ମୋତେ ଯେହେତୁ ଓଡ଼ିଶାରେ ରହିବାର ଥିଲା ଏବଂ ମୋ ମା'ଙ୍କ ଇଚ୍ଛା ଥିଲା ମୁଁ ତାଙ୍କ ସହିତ ଓଡ଼ିଶାରେ ହିଁ ରହେ, ତେଣୁ ଅଗତ୍ୟା ମୋତେ ସେସବୁ ସୁଯୋଗ ହାତଛଡ଼ା କରିବାକୁ ପଡିଥିଲା । ଦ୍ୱିତୀୟତଃ ଓଡ଼ିଶାର ଲୋକମାନଙ୍କର ଏତେ ବେଶୀ ଭଲପାଇବା ମୋତେ ମିଳିଛି ଯେ, ମୁଁ କେବେବି ଚିନ୍ତା କରିନାହିଁ ଓଡ଼ିଶା ଛାଡ଼ି ବାହାରକୁ ଯିବି ଅଭିନୟ ପାଇଁ । ତେଣୁ ମୁଁ କେବଳ ଓଡ଼ିଶାରେ ହିଁ କାମ କରିଛି ଓ କରୁଥିବି ।

● **ବଲିଉଡ୍‌ରେ ଅଭିନୟ କରିବାକୁ ଅଫର୍ ଆସିଲେ, କରିବେ ?**

▶ ମୋତେ ଲାଗୁନି ଯେ ବଲିଉଡ଼ର ଅଫର୍ ଆସିଲେ ମୁଁ କରିବି । କାରଣ କରିବାର ଥିଲେ ବହୁ ଆଗରୁ ମୁଁ ବଲିଉଡ୍‌କୁ ପ୍ରବେଶ କରି ସାରିଥାନ୍ତି । ପ୍ରକୃତରେ ବଲିଉଡ୍‌ରେ କାମ କରିବାର ମାଇଣ୍ଡ ସେଟ୍‌ଅପ୍ ମୋର ଆରମ୍ଭରୁ ହିଁ ନଥିଲା । ମୋତେ ଓଡ଼ିଶାରେ ହିଁ କାମ କରିବାର ଅଛି ଏବଂ ଓଡ଼ିଶା ଛାଡ଼ି ବାହାରକୁ ଯିବାର ନାହିଁ ।

● **ଅଭିନୟ ଜଗତକୁ ଆସିବା ପୂର୍ବରୁ ଆପଣ ନାଚ ଶିଖୁଥିଲେ । ତାହା ଜାରି ଅଛି କି ?**

▶ ନିହାତି ଭାବରେ ତାହା ଜାରି ଅଛି । ମୋର ନୃତ୍ୟଗୁରୁ ଶ୍ରୀ ପିତାମ୍ବର ମିଶ୍ର, ଯାହାଙ୍କ ଠାରୁ ମୁଁ ପିଲାଦିନୁ ଓଡ଼ିଶୀ ନୃତ୍ୟ ଶିକ୍ଷା କରୁଥିଲି । ଆଜି ପର୍ଯ୍ୟନ୍ତ ବି ମୁଁ ତାଙ୍କରି ପାଖରେ ଅଭ୍ୟାସ ଜାରି ରଖିଛି । ମୋ ଗୁରୁଙ୍କ ପାଇଁ ହିଁ ମୁଁ ଓଡ଼ିଶୀ ଅଭ୍ୟାସ କରି ପାରୁଛି । ଯେବେ ଯେବେ ଗ୍ୟାପ୍ ହୋଇଯାଏ ବା ସୁଟିଂ କାରଣରୁ ଅଭ୍ୟାସ କରିପାରେ ନାହିଁ ସେତିକି ବେଳେ ମୋ ଗୁରୁଙ୍କ ଠାରୁ ଫୋନ୍ ଆସିଯାଏ ଯେ, ପ୍ରାକ୍ଟିସ୍ ଚାଲିଛି କି ନାହିଁ । ମୁଁ କିନ୍ତୁ ଅଭ୍ୟାସ ଜାରି ରଖିଥାଏ ଓ ରଖିଛି ମଧ୍ୟ ।

● **ଜଣେ ଭର୍ସାଟାଇଲ୍ ଅଭିନେତ୍ରୀ ହେବାକୁ ଇଚ୍ଛା ଅଛି ନା କେବଳ Heroin ଭାବେ ଆତ୍ମସନ୍ତୋଷ ପାଉଛନ୍ତି ?**

▶ ନିହାତି ଭାବରେ ଭର୍ସାଟାଇଲ୍ ଅଭିନେତ୍ରୀର ଟ୍ୟାଗ୍ ମୁଁ ପାଇଛି ଏଇଥିପାଇଁ ଯେ, ଆରମ୍ଭରୁ ମୁଁ ଏତେ ଭାଗ୍ୟଶାଳୀ ଯେ, ମୋତେ ଭିନ୍ନ ଭିନ୍ନ ଚରିତ୍ରରେ ଅଭିନୟ କରିବାର ସୁଯୋଗ ମିଳିଛି । ସେହି କାରଣରୁ ମୁଁ ଭର୍ସାଟାଇଲ୍ ଅଭିନେତ୍ରୀ ଭାବରେ ନିଜକୁ ଦେଖେ । ଅନେକ ଗୁଡ଼ିଏ ଚଳଚ୍ଚିତ୍ରରେ, ସେ 'ଏସିପି ସାଗରିକା'ର ଏସିପି ସାଗରିକା ହେଉ କି 'ଆଲୋ ମୋର କଣ୍ଢେଇ'ର ଗୋଟେ ଓକିଲ ହେଉ, 'ମୁଁ ଏକା ତୁମର'ର ଗୋଟିଏ ଷ୍ଟ୍ରଙ୍ଗ୍ ରୋଲ୍ ହେଉ, 'ବାଏ ବାଏ ଦୁବାଇ'ର ଡବଲ୍ ରୋଲ୍ ହେଉ ବା 'ଚାମ୍ପିୟନ'ର କେରେକ୍ଟର ହେଉ- ଅନେକ ଗୁଡ଼ିଏ ଚ୍ୟାଲେଞ୍ଜିଂ ରୋଲ୍ କରିଛି । ତେଣୁ ହିରୋଇନ୍ ଠାରୁ ଉପରେ ରହି ଅନେକ ରୋଲ୍‌ରେ ମୁଁ ଅଭିନୟ





| ବର୍ଷ | | ଅଭିନୀତ ଚଳଚ୍ଚିତ୍ର |
|---|---|---|
| ୨୦୦୫ | : | ଓ ମାଇଁ ଲଭ୍ |
| ୨୦୦୬ | : | ବାବୁ ଆଇ ଲଭ୍ ୟୁ, ଦେ ମା' ଶକ୍ତି ଦେ |
| ୨୦୦୭ | : | ତୋ ବିନା ମୋ କାହାଣୀ ଅଧା, ତୋ ପାଇଁ ନେବି ମୁଁ ଶହେ ଜନମ ଧନରେ ରଖିବୁ ଶପଥ ମୋର |
| ୨୦୦୮ | : | ମୋ ସପନର ସୌଦାଗର, ମତେ ଆଣି ଦେଲ ଲକ୍ଷେ ଫଗୁଣ |
| ୨୦୦୯ | : | ଆକାଶେ କି ରଙ୍ଗ ଲାଗିଲା, କେଉଁ ଦୁନିଆରୁ ଆସିଲ ବନ୍ଧୁ ପାଗଳ କରିଛି ପାଉଁଜି ତୋର |
| ୨୦୧୦ | : | ଆଲୋ ମୋର କଣ୍ଢେଇ, ତୋର ମୋର ଯୋଡ଼ି ସୁନ୍ଦର |
| ୨୦୧୧ | : | ଲୋଫର୍, ଚକୋଲେଟ୍ |
| ୨୦୧୨ | : | ଥୁକୁଲ୍, କେବେ ତୁମେ ନାହଁ କେବେ ମୁଁ ନାହିଁ, ଶପଥ, ରାଜା ଝିଅ ସଙ୍ଗେ ହୋଇଗଲା ଭାବ |
| ୨୦୧୩ | : | ଏସିପି ସାଗରିକା, ଦି ଲାଇଟ୍ ସ୍ୱାମୀ ବିବେକାନନ୍ଦ, ମୁଁ ଏକା ତୁମର |
| ୨୦୧୪ | : | ସ୍ମାଇଲ୍ ପ୍ଲିଜ୍ |
| ୨୦୧୫ | : | ପିଲାଟା ବିଗିଡ଼ିଗଲା |
| ୨୦୧୬ | : | ହେଲା ମୋତେ ପ୍ରେମ ଜ୍ୱର, ବାଏ ବାଏ ଦୁବାଇ, ଛାତି ତଳେ ଡିଙ୍ଗ୍ ଡଙ୍ଗ୍ |
| ୨୦୧୭ | : | ଜଷ୍ଟ ମହବତ୍, ଶିବ ନଟ୍ ଆଉଟ୍ |
| ୨୦୧୮ | : | ଚମ୍ପିୟନ୍ |

କରିଛି ଏବଂ ଲୋକମାନେ ତାହା ଗ୍ରହଣ କରିଛନ୍ତି ।

**● ଆପଣଙ୍କ ଅଭିନୟ ଜଗତରେ ମାଆଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ବୋଲି ଆମେ ଜାଣୁ । କ'ଣ କହିବେ ?**

▶ ନିହାତି ଭାବରେ ପୁରା ଠିକ୍ କଥା । ମା'ଙ୍କ ଉପରେ ଆଜି ବି ମୁଁ ନିର୍ଭରଶୀଳ । ଛୋଟବେଳେ ଯେମିତି ନିର୍ଭର କରୁଥିଲି ଏବେବି ସେମିତି । ମା' ନିଜେ ଜଣେ କର୍ମଜୀବୀ ମହିଳା ହୋଇ ମଧ୍ୟ ମୋର କାମକୁ ବି ସେ ହିଁ ଚଳାଇଛନ୍ତି । କହିବାକୁ ଗଲେ ସେ ମୋର ପିଲାର୍ (Pillar) ହୋଇ ମୋ ପଛେ ପଛେ ସର୍ବଦା ଥାଆନ୍ତି । ନିଜର ମୂଲ୍ୟବୋଧ ଓ ନୈତିକତାକୁ ବଜାୟ ରଖି ସ୍ୱାଧୀନ ଭାବେ ନିଜ ଗୋଡ଼ରେ ନିଜେ ଛିଡ଼ା ହୋଇ କର୍ମ କ୍ଷେତ୍ରରେ ଆଗକୁ ବଢ଼ିବା, ତା ସହିତ ଜୀବନରେ ଆସୁଥିବା ବିଭିନ୍ନ ଆହ୍ୱାନକୁ ସାମ୍ନା କରିବାର ସାହସ, ସବୁ ମା'ଙ୍କ ଠାରୁ ହିଁ ଶିଖିଛି ।

**● ଆଜିର ସମୟରେ ଜଣେ ଅଭିନେତା ବା ଅଭିନେତ୍ରୀ ନିଜର ପ୍ରତିଷ୍ଠା ପାଇଁ କେଉଁ ଦିଗ ପ୍ରତି ଧ୍ୟାନ ଦେବା ଉଚିତ ବୋଲି ଆପଣ ମନେ କରନ୍ତି ?**

▶ କଠିନ ପରିଶ୍ରମର କୌଣସି ବିକଳ୍ପ ନାହିଁ । ଯଦି କଠିନ ପରିଶ୍ରମ କରିପାରିବେ ତାହାଲେ ଇଣ୍ଡଷ୍ଟ୍ରିକୁ ଆସନ୍ତୁ । ତା'ସହିତ ଅଭିନୟ ଓ ନୃତ୍ୟରେ ଦକ୍ଷତା ନିହାତି ରହିବା ଆବଶ୍ୟକ ।

**● ଆପଣଙ୍କର ପ୍ରଥମ ଫିଲ୍ମ ୨୦୦୫ରେ ମୁକ୍ତି ପାଇଥିଲା । ସେବେଠାରୁ ୨୦୧୮ର ସଦ୍ୟତମ ଫିଲ୍ମ 'ଚମ୍ପିଆନ୍' ପର୍ଯ୍ୟନ୍ତ କରିଥିବା ବିଭିନ୍ନ ଚରିତ୍ର ମଧ୍ୟରୁ କେଉଁ ଫିଲ୍ମର କେଉଁ ଚରିତ୍ରଟି ଆପଣଙ୍କୁ ସର୍ବୋଚ୍ଚ ଆତ୍ମସନ୍ତୋଷ ଦେଇଛି ? କାହିଁକି ?**

▶ ଯାହା କହିଲେ 'ଚମ୍ପିୟନ୍' ଚଳଚ୍ଚିତ୍ର କଥା, ନିହାତି ଭାବରେ 'ଚମ୍ପିୟନ୍' ଚଳଚ୍ଚିତ୍ର ମୋତେ ବହୁତ ଆତ୍ମସନ୍ତୋଷ ଦେଇଛି । ଯଦିଓ ଏହା ପୂର୍ବରୁ ମଧ୍ୟ ଅନେକ ଗୁଡ଼ିଏ ଚଳଚ୍ଚିତ୍ରରେ ଅଭିନୟ କରି ମୁଁ ଆତ୍ମସନ୍ତୋଷ ପାଇଛି, କିନ୍ତୁ 'ଚମ୍ପିୟନ୍' ଚଳଚ୍ଚିତ୍ର ମୋତେ ସବୁଠୁ ଅଧିକ ଆତ୍ମସନ୍ତୋଷ ଦେବାର



◀ଆଖିୟୋଁ ମେଁ ଗୋଲି ମାରେଁ : ଅର୍ଚ୍ଚିତା ଏକ ଭିନ୍ନ ମୁଦ୍ରାରେ

କାରଣ ହେଉଛି ଏଥିରେ ଥିବା ମୋର ଚରିତ୍ର । ଏଥିରେ ଥିବା ମୋର ଚରିତ୍ରଟି ହେଉଛି ପ୍ରଥମେ ଗୋଟିଏ ଗାଁର ସାଦାସିଧା ଝିଅ, ତାପରେ ମଞ୍ଚର ଗୋଟେ ଯାତ୍ରାର ହିରୋଇନ୍ ଏବଂ ଶେଷରେ ଜଣେ ବକ୍ସର-ଏତେଗୁଡ଼ିଏ ଶେଡ୍ସ୍ ଗୋଟିଏ ଚରିତ୍ରରେ ମିଶିକି ଅଛି, ଯାହା ଅଭିନୟ କଲାବେଳେ ମୋତେ ପ୍ରଚୁର ଭାବରେ ଆତ୍ମସନ୍ତୋଷ ଦେଇଛି ।

**● ଓଡ଼ିଆ ଚଳଚ୍ଚିତ୍ରର ନାୟିକାମାନଙ୍କ ପରିଧାନକୁ ନେଇ ଅନେକ ସମୟରେ ନଗ୍ନତା ପ୍ରଦର୍ଶନର ଅଭିଯୋଗ ଆସେ । ଏହାକୁ ନେଇ ଆପଣ କ'ଣ କହିବେ ? ଆପଣଙ୍କ କ୍ଷେତ୍ରରେ ଆପଣ ବେଶ୍ ମାର୍ଜିତ ରହିଥିବା ଦେଖାଯାଏ (ଗୋଟେଯୋଡ଼େ ଚଳଚ୍ଚିତ୍ରକୁ ଛାଡ଼ି) ।**

▶ ଦେଖନ୍ତୁ, ଆମେମାନେ ଅଭିନୟ କରୁଛୁ । ତେଣୁ ଯେକୌଣସି ଚରିତ୍ର ଯାହା ଡିମାଣ୍ଡ କରୁଛି ସେହି ଅନୁସାରେ ଆମକୁ ପୋଷାକ ପରିଧାନ କରିବାକୁ ପଡ଼ିବ, ସଂଳାପ କହିବାକୁ ପଡ଼ିବ ଏବଂ ଅଭିନୟ କରିବାକୁ ପଡ଼ିବ । ଏହାହିଁ ଆମର କାମ । ଏହା ଆମ ପ୍ରଫେସନର ଧର୍ମ । ଧରାଯାଉ ଉଦାହରଣ ସ୍ୱରୂପ, ଗୋଟେ କଥା କହିବି, ମୁଁ ବାସ୍ତବ ଜୀବନରେ ଗୋଟେ ପୋଲିସ୍ ଅଫିସର୍ ହେଲି, କିନ୍ତୁ କହିବି ମୁଁ ପୋଲିସ୍ ଅଫିସର୍ ଡ୍ରେସ୍ ପିନ୍ଧିବି ନାହିଁ । ସେମିତି ତ ହେବନାହିଁ । ମୋତେ ପୋଲିସ ଅଫିସର୍ ହେବାକୁ ହେଲେ ୟୁନିଫର୍ମ ପିନ୍ଧିବାକୁ ହିଁ ପଡ଼ିବ । ସେହିପରି ଅଭିନୟ କ୍ଷେତ୍ରରେ ମଧ୍ୟ ଆମକୁ ଯେଉଁ ଚରିତ୍ର ଦିଆଯାଇଥାଏ, ସେହି ଚରିତ୍ର ଅନୁଯାୟୀ ପୋଷାକ ପିନ୍ଧିବାକୁ ପଡ଼େ । ବେଶ୍ ଭଲଲାଗେ ଯେଉଁ ଓଡ଼ିଆ ଝିଅମାନେ ଆଗକୁ ଆସି ଅଭିନୟ କ୍ଷେତ୍ରରେ ପ୍ରବେଶ କରୁଛନ୍ତି ସେମାନେ

## ଅର୍ଚ୍ଚିତା : ଜଣାଅଜଣା

- ଜନ୍ମସ୍ଥାନ : ରାଉରକେଲା
- ଜନ୍ମ ତାରିଖ : ୨୯ ଜୁନ୍
- ପ୍ରିୟ ଖାଦ୍ୟ : ନିରାମିଷ
- ଆଦର୍ଶ ମଣିଷ : ନିହାତି ଭାବରେ ମା', ଅଜା ଓ ଆଈ ।
- ପ୍ରିୟ ହବି : ଗୀତ ଶୁଣିବା. ନାଚ ଓ ବହିପଢ଼ା
- ପ୍ରିୟ ରଙ୍ଗ : ହାଲ୍କା ରଙ୍ଗ
- ପ୍ରିୟ ପୁସ୍ତକ : ଦି ଆଲ୍କିମିଷ୍ଟ, ଓଡ଼ିଆରେ ବି ଅନେକ ବହି ପଢ଼ିଛି । ତା ଭିତରୁ ପ୍ରତିଭା ରାୟଙ୍କ ଓଡ଼ିଆରେ 'ବର୍ଷା, ବସନ୍ତ ବୈଶାଖ' ସବୁଠୁ ବେଶୀ ଭଲ ଲାଗିଛି ।
- କେଉଁ ଦେବତାଙ୍କୁ ପୂଜା କରନ୍ତି : ନିହାତି ଭାବେ ପୂଜାକରେ । ବହୁତ ମାନେ । ଶ୍ରୀଜଗନ୍ନାଥଙ୍କୁ ମାନେ, ମାଆ ତାରିଣୀଙ୍କୁ ମାନେ, ସାଇବାବାଙ୍କୁ ମାନେ, ହନୁମାନଜୀଙ୍କୁ ବହୁତ ମାତ୍ରାରେ ମାନେ । ତେଣୁ ମୋର ସବୁ ଠାକୁରଙ୍କ ଉପରେ ବିଶ୍ୱାସ ଅଛି ।
- ପ୍ରିୟ ଦେବତା : ହନୁମାନଜୀ ।
- ପ୍ରିୟ ଶବ୍ଦ : ମାଆ
- ପ୍ରିୟ ଦିବସ : ମାତୃତ୍ୱ ଦିବସ । ଏହାକୁ ଛାଡ଼ି ରଜ ମଧ୍ୟ ଭଲଲାଗେ । କାରଣ ଏହିଦିନ ଘରର ସବୁ ଭଉଣୀମାନେ, ସଦସ୍ୟମାନେ ଏକାଠି ହେଉ । ବହୁତ ଏନ୍‌ଜୟ କରୁ ।
- କେତେବେଳେ କାନ୍ଦ ଆସେ : ନିହାତି ଭାବରେ କାନ୍ଦ ଆସେ, କାରଣ ଜୀବନରେ ବହୁ ଉତ୍ଥାନ ପତନ ଥାଏ । ତ କେବେ କେବେ କାନ୍ଦ ଆସେ ।
- ସ୍ମରଣୀୟ ମୁହୂର୍ତ୍ତ : ଯେବେ ମୋର ପ୍ରଥମ ପୋଷ୍ଟର ଦେଖିଥିଲି, ଯେବେ ମୁଁ ପ୍ରଥମ ଅଟୋଗ୍ରାଫ୍ ଦେଇଥିଲି । ଯେବେ ମୁଁ ପ୍ରଥମ ପୁରସ୍କାର ପାଇଥିଲି । ସୁଟିଂ ପାଇଁ ସ୍କୁଲର ଶିକ୍ଷକଙ୍କ ଅନୁମତି ନେବା ବେଳର ମୁହୂର୍ତ୍ତ ବି ସ୍ମରଣୀୟ ।



▲'ଚମ୍ପିୟନ୍'ରେ ବକ୍ସର୍ ଭୂମିକାରେ ଅର୍ଚ୍ଚିତା



▲ଏକ ଫାଇଟିଂ ସୁଟ୍‌ରେ ଅର୍ଚ୍ଚିତା

ପ୍ରାୟତଃ ମାର୍ଜିତ ଓ ଖୁବ୍ ଶୃଙ୍ଖଳିତ ଢଙ୍ଗରେ ପୋଷାକ ପରିଧାନ କରୁଛନ୍ତି ।

**● ଆପଣ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ନାୟକଙ୍କ ବିପକ୍ଷରେ ଅଭିନୟ କରିଥିଲେ ମଧ୍ୟ ସବ୍ୟସାଚୀଙ୍କ ସହ ବେଶି ଅଭିନୟ କରିଛନ୍ତି । ଏହା ଆପଣଙ୍କ ଡିମାଣ୍ଡ୍ ନା ନିର୍ଦ୍ଦେଶକ ନା ଦର୍ଶକଙ୍କ ଡିମାଣ୍ଡ୍ ? ଏ ଯୋଡ଼ି ସଫଳ ହେଲା କେମିତି ?**

▶ ପ୍ରଥମ କଥା ମୁଁ ମୋର ଅଭିନୟ କେବଳ କରି ଚାଲେ । ମୁଁ ଜାଣି ପାରିବି ନାହିଁ ଯେ, କାହା ସହିତ କାହାର ଯୋଡ଼ିକୁ କେତେବେଳେ ଦର୍ଶକ ସମର୍ଥନ ମିଳିଯିବ । ମୋର ଭାଗ୍ୟର କଥା, ସବ୍ୟସାଚୀଙ୍କ ସହିତ ମୋର ଯୋଡ଼ିକୁ ବହୁତ ମାତ୍ରାରେ ଲୋକମାନେ ଭଲପାଇବା ଦେଇଛନ୍ତି । ବହୁତ କମ୍ ଯୋଡ଼ିକୁ ଏତେ ବେଶି ସଫଳତା ମିଳେ, ଇଣ୍ଡଷ୍ଟ୍ରି ଆରମ୍ଭରୁ ଆଜି ପର୍ଯ୍ୟନ୍ତ ଅତି କମ୍‌ରେ ୪ରୁ ୫ ଯୋଡ଼ିଙ୍କୁ ଏତେ ଭଲପାଇବା, ଏତେ ସଫଳତା ମିଳିଛି । ଯାହାଭିତରୁ କୃତଜ୍ଞତାର ସହ ମୁଁ ସ୍ୱୀକାର କରିବି ଯେ ସବ୍ୟସାଚୀ ଓ ମୋ ଯୋଡ଼ିକୁ ଦର୍ଶକ ବହୁ ମାତ୍ରାରେ ଗ୍ରହଣ କରିଛନ୍ତି । ଆଗାମୀ ଦିନରେ ମଧ୍ୟ ମୁଁ ତାଙ୍କ ସହିତ କାମ କରିବାକୁ ଚାହିଁବି । କେବଳ ସବ୍ୟସାଚୀ ନୁହଁନ୍ତି, ଅନେକ ହିରୋଙ୍କ ସହିତ ମୁଁ କାମ କରିଛି । ତେଣୁ ମୋର ଭାଗ୍ୟର କଥା, ସବ୍ୟସାଚୀଙ୍କ ସହିତ ମୋର ଯୋଡ଼ି ସଫଳତା ଲାଭ କରିଛି । ସବ୍ୟସାଚୀଙ୍କ ସହିତ ପ୍ରାୟ ଦୁଇବର୍ଷ ହେଲା କୌଣସି ଚଳଚ୍ଚିତ୍ର ଆସିନାହିଁ । ଆଗାମୀ ଦିନରେ ଆସୁ ବୋଲି ମୁଁ ଚାହିଁବି ।

# ସାହିତ୍ୟରେ ରକ୍ଷଣଶୀଳତା

ସାହିତ୍ୟ କେଉଁ ପ୍ରକାର ହିତ ସାଧନ କରୁଥାଏ ସମାଜର,ସେକଥା ଆମେ ସମସ୍ତେ ପ୍ରାୟ ଜାଣୁ । ସାହିତ୍ୟ ପୁଣି ସମାଜର ବିକାଶ ସହିତ, କାଳଖଣ୍ଡର ପରିବର୍ତ୍ତନ ସହିତ ବଦଳୁଥାଏ କେମିତି, ତାହାବି ଆମେ ଜାଣୁ । ଆମେ ଯୋଉ କାଳଖଣ୍ଡକୁ ନେଇ ବଞ୍ଚୁ, ଆମେ ଯୋଉ ସମାଜକୁ ପ୍ରତିନିଧିତ୍ୱ କରୁ, ଆମେ ଯୋଉ ଜୀବନ ଜିଉଁ, ତା ସହିତ ସାହିତ୍ୟ ବି ଗତିଶୀଳ, ବିବର୍ତ୍ତନକ୍ଷମ ଓ ସମଭାବରେ ବିକଶିତ ।

ଜୀବନକୁ ନେଇ ତ ସାହିତ୍ୟ । ଜୀବନକୁ ବାଦ୍ ଦେଇ ନୁହେଁ । ଯଦି ଜୀବନ ଆଗୋଉଛି, ତେବେ ସାହିତ୍ୟ କାହିଁକି ନୁହେଁ ?

ସାହିତ୍ୟର ସ୍ୱରୂପରେ ପରିବର୍ତ୍ତନକୁ କେବେ କେବେ ଆମେ ଗ୍ରହଣ କରିପାରୁନା । ତେବେ ପ୍ରତ୍ୟେକ ନୂଆକଥାକୁ ଗ୍ରହଣ କରିବା ବେଳେ ଦୁଇଭାଗ ହୁଏ ସମୁଦାୟ ମଣିଷ । ସାହିତ୍ୟ ହେଉ, ଅବା ହେଉ ରାଜନୀତି କି ସଂସ୍କୃତି ଓ ପରମ୍ପରା । ନୂଆକୁ ଥୋକେ ସ୍ୱୀକାର କରିବେ ତ ଆଉ ଥୋକେ କରିବେ ନାହିଁ । ପ୍ରତ୍ୟେକ ପରିବର୍ତ୍ତନ ବି ସେମିତି ସାମ୍ନା କରେ ଗ୍ରାହ୍ୟ ଓ ଅଗ୍ରାହ୍ୟକୁ । ଏଥିରେ ଚକିତ ହେବାର କିଛି ନାହିଁ ।

ଏକ ସାହିତ୍ୟ କର୍ମଶାଳାରେ ଜଣେ ବରିଷ୍ଠ ଲେଖକ ଜଣେ ନବପିଢ଼ି ଲେଖକଙ୍କୁ ଦିଗ୍‌ଦର୍ଶନ ଦେବାବେଳେ କୌଣସି ଏକ ନିର୍ଦ୍ଦିଷ୍ଟ ଶବ୍ଦ ପ୍ରୟୋଗ ପାଖରେ ଆପତ୍ତି ଉଠାନ୍ତି । ପରାମର୍ଶ ଛଳରେ ସେ ଶବ୍ଦଟିକୁ ଲେଖାରୁ ଉଠେଇ ନେବାକୁ କହନ୍ତି । ନବପିଢ଼ି ଲେଖକ ଜଣକ ତାଙ୍କ ଲେଖାରେ ପ୍ରୟୋଗ କରିଥିବା  ଉକ୍ତ ଶବ୍ଦଟି ବାବଦରେ ବେଶ୍ ସଚେତନ ଏବଂ ସେ ଜାଣନ୍ତି ଶବ୍ଦଟିକୁ ସେ ପ୍ରତ୍ୟାହାର କରିନେଲେ ଲେଖାଟି ତାଙ୍କର କେବଳ ଅନର୍ଥ ହୋଇଯିବ ନାହିଁ, ଅନ୍ତସାରଶୂନ୍ୟ ମନେହେବ ।


ଏହା ପଶ୍ଚାତ୍‌ରେ ଥିବା କଥାଟି ହେଉଛି, ବରିଷ୍ଠ ଲେଖକ ଜଣକ ରକ୍ଷଣଶୀଳତାର ସୀମା ଭିତରେ ଥାଇ ପରାମର୍ଶ ଦେଉଥିବା ବେଳେ ଅତ୍ୟାଧୁନିକ କାଳଖଣ୍ଡରେ ଜନ୍ମିତ ନୂଆପିଢ଼ି ଲେଖକଟି ରକ୍ଷଣଶୀଳତାର ସୀମା ବାହାରେ ଥାଇ ଯୁକ୍ତି ରଖନ୍ତି ଯେ, ମୋ ଲେଖାରୁ ଶବ୍ଦଟିକୁ ଉଠାଇନେଲେ ଲେଖାଟିରେ ମୁଁ ଯାହା କହିବାକୁ ଚାହୁଁଛି, ତାହା ଫୁଟିବ ନାହିଁ । ଏହା ମୁଁ କରିବି କେମିତି ?

କଥାହେଲା, ସାହିତ୍ୟରେ ରକ୍ଷଣଶୀଳତାର ଗାରକୁ ଆମ ଲେଖକମାନେ ଅତିକ୍ରମ କରିବା ଉଚିତ ନା ତା'ରି ଭିତରେ ଥାଇ ସାହିତ୍ୟ-ସର୍ଜନାରେ ନିମଗ୍ନ ହେବା ଉଚିତ, ଏହା ବିଚାର କରିବାର ସମୟ ଉପନୀତ । ତେବେ ଏପରି ଏକ ପ୍ରଶ୍ନର ଉତ୍ତରରେ ଅନେକେ କହିବେ, ଉଚିତ । ଅନେକେ ବି କହିବେ, ନା ଉଚିତ୍ ନୁହେଁ ।

ଦେଖାଯାଏ, କିଛି ଗଳ୍ପ ଓ କବିତାରେ ଭାରାକ୍ରାନ୍ତ କରିଦେବା ଭଳି ଶବ୍ଦ ପ୍ରୟୋଗ ହୋଇଥାଏ । ସେ ସବୁ ଶବ୍ଦର ପ୍ରୟୋଗ ଲେଖାଟିକୁ ଅର୍ଥପ୍ରଦ କରିବା ପରିବର୍ତ୍ତେ ବରଂ ଲେଖାଟିକୁ ପାଠ କରୁଥିବା ପାଠକର ମନ ଓ ପରିବେଶ ଭିତରେ ସ୍ନାୟବିକ ଉତ୍ତେଜନା ସହିତ କଳୁଷତାକୁ ଭରିଦିଏ ।

ପୁନଶ୍ଚ ବେଳେବେଳେ ସେଇ ଶବ୍ଦଟିର ପ୍ରୟୋଗ ଲେଖାଟିକୁ ଭିନ୍ନତା ପ୍ରଦାନ କରିପାରେ । ଲେଖକର ମାନସିକତାକୁ ନେଇ ଏ ପ୍ରକାର ଏକ ପ୍ରୟୋଗ ଘଟିଥାଏ । କିନ୍ତୁ ଶବ୍ଦର ପ୍ରୟୋଗ ବେଳେ ପରିଣାମ ପ୍ରତି ଧ୍ୟାନ ଦେବା ଜରୁରୀ ।

ସର୍ଜନାର ଦିଗଟି ସବୁବେଳେ ଶୁଦ୍ଧ । ସାହିତ୍ୟରେ, ସୁତରାଂ, ଅନ୍ଧବିଶ୍ୱାସ କି କୁସଂସ୍କାରକୁ ପ୍ରଶ୍ରୟ ନଦେଇ ଜଣେ ଯଦି ଅର୍ଥମୟତାରେ ରକ୍ଷଣଶୀଳତାର ଗାରକୁ ଅତିକ୍ରମ କରେ ଏବଂ ତାହା ପାଠକର ମନ ଓ ମାନସିକତାରେ ଭରିଦିଏ ନବଚେତନାର ସ୍ଫୁଲିଙ୍ଗ, ତେବେ ସେ ଲେଖକଙ୍କୁ ଏବଂ ତାଙ୍କ ଲେଖାକୁ ଆମେ ଗ୍ରହଣ କରିବାରେ ଦ୍ୱିଧା ନରହିବା ଉଚିତ । ବରିଷ୍ଠଟି କଦାଚିତ୍ ନିଜର ବ୍ୟକ୍ତିଗତ ବିଚାରବୋଧ, ସଂସ୍କାର ଓ ବିଶ୍ୱାସକୁ କନିଷ୍ଠଟି ଉପରେ ଜବରଦସ୍ତ ଲଦି ନଦେଉ- ଏ ପ୍ରତି ସର୍ଜନଶୀଳ ପ୍ରାଣଟି ସଦା ସଚେତନ ରହିଲେ, ସାହିତ୍ୟ ଏକ ମଙ୍ଗଳଧ୍ୱନି ପରି ଶୁଭିବ, ଏ ବିଶ୍ୱାସ ମୋର ଅଛି ।






IFFCO
पूर्णतः सहकारी स्वामित्व
Wholly owned by Cooperatives
50
1967
2017
स्वर्ण जयंती
Golden Jubilee
50 Golden Years of IFFCO
Dedicated to
Farmer, Agriculture, Cooperative and Rural Development
Neem Coated Urea | NPK | DAP | NP | Bio Fertiliser | Water Soluble Fertiliser | Micro Nutrient Fertiliser
Follow us :
iffcolive.com
IFFCO
Wholly Owned by Cooperatives
INDIAN FARMERS FERTILISER COOPERATIVE LIMITED
IFFCO Sadan, C-1 District Centre, Saket Place, New Delhi - 110017, INDIA
Phones : 91-11-26510001, 91-11-42592626. Website : www.iffco.coop

The **REBATI AMA MATIRA SWARA** • November 2018 Vol - 1 Issue - 2 • R.N.I. Title Code : ODIODI 07916 • Rs. 30
Total Page : 108




Associate editor : **Krushna Kumar Mohanty**
Editor : **Subasini Jena**